ମିତ୍ର ସ୍ୱଳ୍ପ

ବାମାଚରଣ ମିତ୍ର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର : କଟକ-୨

ପ୍ରଥମ ସଂସ୍କରଣ
ଶ୍ରୀଗୁଣ୍ଡିଚା, ୧୯୮୧

ମୁଦ୍ରାକର
ଭାରତୀ ପ୍ରେସ୍
କଟକ

ମୂଲ୍ୟ
ବୋର୍ଡ଼ ବନ୍ଧାଇ : ୨୦ ଟଙ୍କା ମାତ୍ର
ସାଦା ବନ୍ଧାଇ : ୧୫ ଟଙ୍କା ମାତ୍ର

Mitra Swalpa

Bamacharan Mitra

Publisher
Sri Anant Misra
Cuttack Students' Store
Balubazar, Cuttack-2

First Edition
July, 1981

Price
Deluxe : Rs. 20-00
Popular : Rs. 15-00

ଉତ୍ସର୍ଗ

ପିତା ୰ କୃଷ୍ଣ ପ୍ରସାଦ ମିଶ୍ରଙ୍କ ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ

ସୂଚିପତ୍ର

ମିମିର ଭୂଗୋଳ ଶିକ୍ଷା	୧
ଚଳଚ୍ଚିତ୍ର	୭
ଗୋଟିଏ ମକଦ୍ଦମାର କଥା	୧୯
ଯାତ୍ରା ପଥେ	୨୪
ମହାତ୍ମା	୩୮
ମାନବ ଓ ଦାନବ	୪୫
ଜଳସ୍ତମ୍ଭ	୫୭
ପିତା ଓ ପୁତ୍ର	୬୧
କସ୍ମୈ ପୁତ୍ରଃ	୭୨
ଗୋଟିଏ ଇନ୍‌ଫ୍ଲୁଆଞ୍ଜା	୮୦
କଃ ପନ୍ଥା	୯୦
ନିମନ୍ତ୍ରଣ	୯୭
ଆଗନ୍ତୁକ	୧୦୭
କୁକୁଡ଼ା ବୃକ୍ଷ	୧୧୩
ଗୁଡ଼ପତ୍ର	୧୨୫
ଇଚ୍ଛା ପୂରଣ	୧୩୭
ଧ୍ୱଜ	୧୪୫
ବହୁମୁଖୀ	୧୫୦
ଧଡ଼ଖାଇ ସହିତ ଗୋଟିଏ ରାତ୍ରି	୧୬୭
ପକ୍ଷାଘାତ	୧୮୩

ମିମିର ଭୂଗୋଳ ଶିକ୍ଷା

ଜୀବନ ବାବୁ ମନସ୍ଥ କଲେ, ନା, ମିମିକୁ ଗଢ଼ିବାକୁ ହେବ... ।

ମିମି ତାଙ୍କର ଏକ ମାତ୍ର ବଂଶଧର । ବୟସ ବର୍ତ୍ତମାନ ନଅ ବର୍ଷ । ପଞ୍ଚମ ଶ୍ରେଣୀରେ ପାଠ ପଢ଼େ । ଜୀବନ ବାବୁ ଜୀବନପଣ କରି ତାଙ୍କୁ ଗଢ଼ିବାରେ ଲାଗିଛନ୍ତି । ତାଙ୍କୁ ଗଢ଼ିବାର ନାନା ଯୋଜନା ଅଛି ତାଙ୍କର । କିନ୍ତୁ ସେ ଯୋଜନା ସବୁ ସମ୍ଭାଳିବାରେ ମିମିର ବା ସାମର୍ଥ୍ୟ କେତେ ? ହେଲେ ଜୀବନ ବାବୁଙ୍କ ସେଥିପ୍ରତି ନଜର ନାହିଁ । ବ୍ୟର୍ଥତା ତାଙ୍କୁ କରିଛି ନିର୍ମମ ସ୍ୱପ୍ନବିଳାସୀ । ବ୍ୟର୍ଥତା ତାଙ୍କୁ କରିଛି ଅନ୍ଧ ଓ କ୍ରୂର ।

ସକାଳୁ ବ୍ୟାୟାମ, ତା'ପରେ ଦୁଇଟି ଅଣ୍ଡା ଓ ଗିଲାସେ ଲେମ୍ବୁ ସରବତ ପରେ ନାଚ ଓ ଗୀତ ଶିକ୍ଷା, ତା'ପରେ ପଢ଼ା, ତା'ପରେ ଚାଟିଆଏ ମାଂସ ସହ ଭାତ ଖାଇ ଇସ୍କୁଲ, ଇସ୍କୁଲରୁ ଫେରି ପୁଣି ଗୀତ, ଗୃହଶିକ୍ଷକ ଏମିତି ରାତି ଏଗାର ପର୍ଯ୍ୟନ୍ତ । ମିନିଟିଏ ବି ଫୁରୁସତ ନାହିଁ । ଗୃହିଣୀ, ଚାକର ବାକର ସମସ୍ତେ ଲାଗିଛନ୍ତି ମିମି ପଛରେ । ଟଙ୍କା ପାଣି ପରି ଖରଚ ହେଉଛି । ନ ଥିଲେ ଧାର ହେଉଛି, ଭ୍ରୂକ୍ଷେପ ନାହିଁ ସେଥିପ୍ରତି । ଚାକର ବାକରଙ୍କୁ ସୁବର୍ଣ୍ଣ ସୁଯୋଗ ପଡ଼ିଯାଇଛି, ବେଶ୍ ଦି ପଇସା ହାତପେଠ ହେଉଛି ତାଙ୍କର ।

ହେଲେ ମିମିର ବା ଶକ୍ତି କେତେ ସେ ନଅଁ ଗିଳା ଯୋଜନା ସବୁକୁ ସମ୍ଭାଳିବାକୁ । ସେ ଯୋଜନାରେ ମିମିର ମଙ୍ଗଳ ବା ଭବିଷ୍ୟତର ତ ସ୍ଥାନ ନାହିଁ, ଅଛି କେବଳ ଜୀବନ ବାବୁଙ୍କ ପ୍ରତିଷ୍ଠା ପାଇବାର ନିର୍ମମ ଅନ୍ଧ ବ୍ୟଗ୍ରତା । ସେ ଯୋଜନା ଭାରରେ ମିମି ନିଷ୍ପେଷିତ ହୋଇ ଦିନକୁ ଦିନ ଆହୁରି ଦୁର୍ବଳ ହୋଇ ପଡ଼ୁଛି ।

ମିମି ପଢ଼ାରେ ଭୁଲ କଲେ ଜୀବନ ବାବୁ ଯେତେବେଳେ ଧୈର୍ଯ୍ୟ ହରାଇ ତାଙ୍କୁ ନିର୍ମମ ଭାବରେ ପ୍ରହାର କରନ୍ତି ସେତେବେଳେ ତାଙ୍କ ବଡ଼ ଭାଇ ତାଙ୍କୁ

କହନ୍ତି, ଶାନ୍ତ ହ, ଶାନ୍ତ ହ, ଭାବିକି ସେଥିରେ ମରିଚୁ , ଅସ୍ୱାଭାବିକ ଭାବରେ ଚେଷ୍ଟା କଲେ ଫଳ ଓଲଟା ହୁଏ । ଜୀବନ ବାବୁ ଥରେ ରାଗିଯାଇ କହିଲେ ତୁମର କଅଣ ଗଲା, ମୋ ଗାଈକୁ ମୁଁ ଲକ୍ଷ୍ମୀବାଟେ ଖୋଜିବ । ତାଙ୍କ ବଡ଼ ଭାଇ ହୃଦୟ ବାବୁ ମ୍ଳାନ ହସି କହିଥିଲେ, 'ତୁ ବୁଦ୍ଧିମାନ୍ ଜୀବନ, ତୁ କେଡ଼େ ନିର୍ମମ ହୋଇ ଯାଉଚୁ । ଯେଉଁ ମିମିକୁ ତୁ...... ।' ସେ ଆଉ କହି ନ ପାରି ମୁହଁ ବୁଲାଇ ଦେଇଥିଲେ ।

ମିମିର ସଙ୍ଗେ ସେ ଦିନ ଅଉ ନାହିଁ । ସରି ଯାଇଛି ସେ ଦିନ । ତାକୁ ଯେତେବେଳେ ଏକବର୍ଷ ବୟସ ସେତେବେଳେ ଦିନେ ତା'ର ବାପା ଶୋଇଥିବା ବେଳେ ମିମି ବାପାର ନାକକୁ ଅନେକ ବେଳ ଯାଏ ଦେଖି ଶେଷରେ ସିଦ୍ଧାନ୍ତ କଲା, ନାକଟା ନିହାତି ଅଡ଼ୁଆ କରୁଥିବ ବାପାଙ୍କୁ ନିଶ୍ଚୟ । ନାକକୁ ସେ ଜାବୁଡ଼ି ଧରି ଉଠାଇ ଫିଙ୍ଗି ଦେବାକୁ ଚେଷ୍ଟା କଲା । ତାହାର ନଖରେ ବାପାଙ୍କ ନାକ ଚିରି ହୋଇଗଲା । ରକ୍ତ ବୋହିଲା । ଜୀବନ ବାବୁଙ୍କ ନିଦ ଭାଙ୍ଗିଗଲା କିନ୍ତୁ ସେ ଉଠି ପାରିଲେ ନାହିଁ କାଳେ ତାଙ୍କ ବୁକୁରେ ବସିଥିବା ମିମି ପଡ଼ିଯିବ ବୋଲି । ହାତ ରୁମାଲ କୋଣରେ ରକ୍ତ ପୋଛି ସେ ହସି ମିମିକୁ ଚୁମ୍ବନ ଦେଲେ । ତା'ପରେ ପାଣି ଲାଗି ସେ କ୍ଷତ ଘା ହୋଇ ଶୁଖିବାକୁ ଲାଗିଲା ଅନେକ ଦିନ । କିଛି ଖର୍ଚ୍ଚ ମଧ୍ୟ ହେଲା ସେଥିପାଇଁ । ସେ ଚିହ୍ନ ଅଦ୍ୟ ପର୍ଯ୍ୟନ୍ତ ଅଛି । ସେତେବେଳେ କେହି ଜୀବନ ବାବୁଙ୍କୁ କେହି ଦାଗ କଥା ପଚାରିଲେ ସେ ହସି ହସି ତା'ର ଇତିହାସ କହୁଥିଲେ ଗର୍ବର ସହିତ, ଯେପରି କେଉଁ ଯୁଦ୍ଧରେ ସେ ଖଡ଼ଗାଘାତ ଚିହ୍ନ । ସତ କହିଲେ, ଏ ବି ତ ଜୀବନସଂଗ୍ରାମର ଗୋଟାଏ ଦାଗ ।

ଜୀବନ ବାବୁଙ୍କ ବଡ଼ ଭାଇ ଶାନ୍ତ ପ୍ରକୃତିର ଲୋକ । ସାମାନ୍ୟ ଗୋଟିଏ ସ୍କୁଲର ଚାକିରି । ଯାହା ସଚୋଟ ଉପାୟରେ ରୋଜଗାର କରନ୍ତି ସେଥିରେ ଦୁଃଖରେ ଚଳୁଥିଲେ ମଧ୍ୟ କେବେହେଁ ତାଙ୍କୁ କେହି ଆପତ୍ତି କରିବାର ଶୁଣି ନାହାନ୍ତି । ସଦାବେଳେ ହସ ହସ ମୁହଁଟି । ଦପ୍ତର କାମ ସାରି ସିଧାସଳଖ ଘରକୁ ଆସି ଗୁହାଳ ସଫା, ନର୍ଦ୍ଦମା ସଫା, କହ୍ନା ସିଝେଇ, ଘଟବଟ ପଢ଼ା, ପୂଜା ଆଦି କାମରେ ସେ ଲାଗି ଯାଆନ୍ତି । ତାଙ୍କର ସ୍ତ୍ରୀ ମଝିରେ ମଝିରେ ଦୁଃଖ କଷ୍ଟ କଥା କହି ବସିଲେ ସେ କହନ୍ତି, ଭଗବାନଙ୍କ ପ୍ରତ୍ୟେକ କଥାରେ ଆମେ ଯଦି ଆପତ୍ତି କରୁ ତେବେ ସୁଖ ମିଳିବ କେଉଁଠି ? ଲକ୍ଷେ ପାଇଲେ ବି ସୁଖ ପାଇବ ନାହିଁ ।

ସେ ଯାହା ଦେଉଛନ୍ତି ବୁଝି ଶୁଝି ଦେଉଛନ୍ତି । ବେଶୀ ଦେଲେ ଆମେ ସମ୍ଭାଳି ପାରିବୁ ନାହିଁ ।

ସ୍ତ୍ରୀ କିନ୍ତୁ ଛାଡ଼ିବାର ନୁହନ୍ତି । କହିଲେ, 'ଏସବୁ ଅପାରଗ ଲୋକର କଥା । ତୁମ ଭଳି ଯଦି ସମସ୍ତେ ହୁଅନ୍ତେ ତାହାହେଲେ ଏ ଦେଶ କେବେଠୁଁ ଦରିଦ୍ର ହୁଅନ୍ତାଣି ।'

ହୃଦୟ ବାବୁ ହସି କହିଲେ, 'ତା ହୁଏତ ସତ । କିନ୍ତୁ ଧନୀ ଉଚ୍ଛୃଙ୍ଖଳ ଦେଶ ବା ଲୋକ ତାହାଠୁ ଆହୁରି ବିପଦ୍‌ଜନକ । ଅନେକ ଲୋକର କଷ୍ଟ ଓ ମୃତ୍ୟୁର କାରଣ ହୁଏ ସେ ।'

ସ୍ତ୍ରୀ ଦୀର୍ଘ ନିଶ୍ୱାସ ପକାଇ କହିଲେ, 'ତୁମର ସାଙ୍ଗର କେତେ ଲୋକ ଉପରକୁ ଉପରକୁ ଯାଇ କେଉଁଠି ଉଠିଲେଣି, ଆଉ ତୁମେ……'

ହୃଦୟ ବାବୁ ହସିଲେ । କହିଲେ, 'କେହି ସିନା ଆନନ୍ଦ କେମିତି ମିଳିବ ସେ ଚିନ୍ତା କରନ୍ତି, ନା ଖାଲି ଅନ୍ୟକୁ ଟପି ଯିବାର ଦୁଶ୍ଚିନ୍ତା ! ଜ୍ଞାନ ହେଉ, ଅର୍ଥ ହେଉ, କ୍ଷମତା ହେଉ, କ୍ରୀଡ଼ା ହେଉ ସବୁଥିରେ ମୁଁ କେମିତି ଅନ୍ୟକୁ ଟପି ଯିବି । ଗାଗାରିନ୍ ମହାଶୂନ୍ୟକୁ ଗଲେ ! ଅନେକ ଆକ୍ଷେପ କଲେ ଜଣେ ଋଷୀୟ ଏ କଥା ପାରିଲା, ଆମେ ପାରିଲୁ ନାହିଁ । କହୋ, କେତେବର୍ଷ ପରର ଇତିହାସ କଅଣ କହିବ ଋଷୀୟ ଲୋକ ଯାଇଥିଲା, ଆଉ କେହି ପାରି ନ ଥିଲେ ? ମାନବ ଜାତିର ବିକାଶର ଇତିହାସ କହିବ ଅମୁକ ଯୁଗରେ ମାନବ ଜାତିର ବୁଦ୍ଧି ଏମିତି ବିକଶିତ ହୋଇଥିଲା । ଯିଏ ବି ଯାହା କରୁଛି ସେ ଯଦି ମାନବ ଜାତିର ଚରମ ବିକାଶ ପାଇଁ କରେ ସେଥିରେ ସମସ୍ତଙ୍କର ମଙ୍ଗଳ । ନାହିଁ ତ ଗଲା ଭିଟାକଟି ଯୁଦ୍ଧ । ସେ ବିକାଶରେ କିଛି ଲାଭ ନାହିଁ, ବରଂ ମରଣ ।'
ସ୍ତ୍ରୀ ତାଙ୍କର ମୁହଁ ମୋଡ଼ି ଚାଲିଗଲେ ।

ହୃଦୟ ବାବୁ ମିମିକୁ ଖୁବ ସ୍ନେହ କରନ୍ତି । ମିମିର ମଧ୍ୟ [illegible] ବାପାଙ୍କୁ । ଜୀବନ ବାବୁ ଯେତେବେଳେ ଚଢ଼ାଉ ପଡ଼ାଉ ମିମିକୁ ପ୍ରହାର କରନ୍ତି ସେତେବେଳେ ହୃଦୟ ବାବୁ ତାଙ୍କ ଘର ଭିତରେ ଆଖି ବୁଜିଦେଇ ବସି ଲୁହ ପୋଛନ୍ତି । ନିହାତି ସହି ନ ପାରିଲେ 'ଶ୍ରୀକୃଷ୍ଣ ଶ୍ରୀକୃଷ୍ଣ' ଜପନ୍ତି ।

ସେଦିନ ରାତିରେ ଜୀବନ ବାବୁ ଭୂଗୋଳ ପଢ଼ା ଦେଇ ଚାଲିଗଲେ ବୁଲାବୁଲି ସହରକୁ । ମିମି ଭୂଗୋଳ ମୁଖସ୍ଥ କରିବାକୁ ଲାଗିଲା··କେତେଗୁଡ଼ାଏ

କେକ ମିଶି ହୁଏ ଗୋଟିଏ ପରିବାର ଓ ଘର । କେତେଗୁଡ଼ିଏ ଘର ମିଳି ଗୋଟିଏ ଗ୍ରାମ ହୁଏ । କେତେଗୁଡ଼ିଏ ଗ୍ରାମ ମିଳି ଗୋଟିଏ ଥାନା, କେତେଗୁଡ଼ିଏ ଥାନା ମିଳି ହୁଏ ସବ୍‌ଡ଼ିଭିଜନ । କେତେଗୁଡ଼ିଏ ସବ୍‌ଡ଼ିଭିଜନ ମିଳି ଗୋଟିଏ ଜିଲ୍ଲା । କେତେ-ଗୁଡ଼ିଏ ଜିଲ୍ଲା ମିଶି ଗୋଟିଏ ପ୍ରଦେଶ । କେତେଗୁଡ଼ିଏ ପ୍ରଦେଶ ମିଶି ହୁଏ ଗୋଟିଏ ଦେଶ । କେତେଗୁଡ଼ିଏ ଦେଶ ମିଶି ହୁଏ ଏକ ମହାଦେଶ । ଏପରି କେତେଗୁଡ଼ିଏ ମହାଦେଶ ମିଶି ପୃଥିବୀର ଭୂଭାଗ ।

ମିମି ମୁହଁରେ ପଢ଼ି ଯାଉଛି ସତ, ମନ କିନ୍ତୁ ତା'ର ବଡ଼ ବାପାଙ୍କଠି ଓ ନେକି ବିଲେଇଠି । ରାତି ଏଗାର ବାଜିଲାଣି । ବୋଉ ସେପେଷଇଶାଳରେ ଚୁଲ୍ଲୀ ମୂଳରେ ଶୋଇପଡ଼ିଛି । ମିମିକୁ ଖାଇବାକୁ ଡାକିବାକୁ ତାଙ୍କର ସାହସ ନାହିଁ । ଜୀବନ ବାବୁ ଏ ପର୍ଯ୍ୟନ୍ତ ଫେରି ନାହାନ୍ତି । ସେ ସେତିକିବେଳେ ବେଦ ଉପନିଷଦ୍‌ରୁ ଶ୍ଳୋକ ସବୁ ଉଦ୍ଧାର କରି କୁଳାଭିଶାଳୀଙ୍କର ସମାଜରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ଲାଗିଛନ୍ତି । ଅଭିପଠ ଘରେ ହୃଦୟ ବାବୁ ଅଧିକ୍ତ ବସିଛନ୍ତି । ମିମିର ପଢ଼ା ସରିଲେ ସେ ଓ ତା'ର ନେକି ତାଙ୍କ ସଙ୍ଗେ ନଇଁକି ଖାଆନ୍ତି । ନେକି ଏପର୍ଯ୍ୟନ୍ତ ଖାଇନାହିଁ, ମ୍ୟାଉଁ ମ୍ୟାଉଁ ରଡ଼ି ଛାଡ଼ୁଛି । ମିମି ଖାଇବାକୁ ନ ବସିଲେ ସେ ଖାଏ ନାହିଁ ।

ମିମିର ମନ ବଡ଼ ବାପାଙ୍କଠି ଆଉ ନେକିଠି । ତଥାପି ସେ ଢୁଳାଇ ଢୁଳାଇ ପଢ଼ି ଚାଲିଛି । ବାପାଙ୍କ କଡ଼ା ଆଦେଶ, ସେ ନ ଫେରିବା ପର୍ଯ୍ୟନ୍ତ ମିମି ଯେପରି ପଢ଼ା ଜାଗାରୁ ନ ଉଠେ । ସେ ଆଦେଶ ଅମାନ୍ୟ କରିବାକୁ କାହାର ସାହସ ନାହିଁ । କିନ୍ତୁ ପାଠରେ ମନ ନ ଥିବାରୁ ମିମିର ଆଖି ଢୋଳେଇ ଗଲାଣି । ସେ ଢୋଳେଇ ଢୋଳେଇ କହି ଚାଲିଛି, କେତେଗୁଡ଼ିଏ ଦେଶ ମିଶି ହୁଏ ଗୋଟିଏ ଘର । ଘରେ ବଡ଼ ବାପା ଥାଆନ୍ତି । ଯେଉଁ ଘରେ ବଡ଼ ବାପା ଥାଆନ୍ତି ତାକୁ କହନ୍ତି ମହାଦେଶ, ଯେଉଁଠି ନେକି ଅଛି, ମୋତେ ଡାକୁଛି । ତା'ପରେ ମି'ର ହଠାତ୍ ଖିଆଲ ହେଲା କଅଣ ଗୁଡ଼ାଏ ସେ ଇତ୍ୟାଦି ସିତ୍ୟାଦି କହୁଛି । ଚମକି ପଡ଼ି ସେ ଆଖି ରଗଡ଼ି ପୁଣି ପଢ଼ା ମୁଖସ୍ଥ ହୋଇଛି କି ନା ବୁଝିବାକୁ ଯାଇ ନିଜକୁ ନିଜେ ପ୍ରଶ୍ନ ପଚାରି ଉତ୍ତର ଦେବାକୁ ଲାଗିଲା···ହୁଁ···ହୁଁ···କେତେ-ଗୁଡ଼ିଏ ପୃଥିବୀ ମିଳି କଣ ହୁଏ କି ? କଅଣ ହୁଏ କି ?

ଏହାର ଉତ୍ତର ସେ ଦେଇ ପାରିଲା ନାହିଁ । ବ୍ୟସ୍ତ ହୋଇ ସେ ବହିର ପତ୍ର ଓଲଟାଇବାକୁ ଲାଗିଲା । କେଉଁଠି ତା'ର ଉତ୍ତର ପାଇଲା ନାହିଁ ।

ହୃଦୟ ବାବୁ କାନ ପାରି ସବୁ ଶୁଣୁଥାନ୍ତି । ମୁରୁକି ମୁରୁକି ହସୁ ଥାଆନ୍ତି କିନ୍ତୁ ଆଖିରେ ତାଙ୍କର ଲୁହ ।

ଏହି ସମୟରେ ଶୁଭିଲା ଗର୍ଜନ, ମିମି ଏଇ ତୋର ପଢ଼ା ? ଜୀବନ ବାବୁ କେତେବେଳୁ ଗୁପ୍ତରେ ଛିଡ଼ା ହୋଇ ମିମିକୁ ଲକ୍ଷ୍ୟ କରୁଛନ୍ତି କାହାରିକୁ ଜଣା ନାହିଁ ।

ହୃଦୟ ବାବୁ ଓ ମମିର ଛାତିରୁ ଅଚଡ଼ା ଖସିପଡ଼ିଲା । ହୃଦୟ ବାବୁ ସବୁ ବାଧା ଏଡ଼େଇ ଦୌଡ଼ି ଆସି ଛିଡ଼ା ହେଲେ ମିମି ପାଖେ ।

ଜୀବନ ବାବୁ ଥରେ ତରାଟି ତାଙ୍କୁ ଚାହିଁ ମିମି ପାଖରୁ ବହି ଛଡ଼ାଇ ଦେଇ ପଚାରିଲେ, 'କହ, ଗାଁ, ଥାନା, ସବ୍‌ଡିଭିଜନ, ଜିଲ୍ଲା, ପ୍ରଦେଶ, ଦେଶ, ମହାଦେଶ କାହାକୁ କହନ୍ତି ।'

ମିମି କେବଳ ବଲବଲ କରି ଚାହିଁଲା । ମନେ ତାରି କରୁ ନାହିଁ । ସେ ସବୁ କଅଣ ସେ ବୁଝି ବି ପାରିଲା ନାହିଁ । ମିଟିଂରେ ମଞ୍ଚରେ ସେ କେଣେଇ କେଣେଇ ବଡ଼ ବାପାଙ୍କ ଆଡ଼େ ଚାହୁଁଥାଏ । ସେ ଚାହାଣି ଜୀବନ ବାବୁଙ୍କୁ ଉତ୍କ୍ଷିପ୍ତ କରି ଦେଲା । କ୍ରୋଧରେ ସେ ବହିଟି ଫୋପାଡ଼ିଲେ ମିମି ଉପରକୁ । ଆଖିପତାରେ ବହି ବାଜିଲା । ମିମି ଯନ୍ତ୍ରଣାରେ ଚିତ୍କାର କରିଉଠିଲା । ମିମି ବୋଉ ଧଡ଼ପଡ଼ କରି ଉଠି ବସି ସ୍ୱର୍ଗ ନର୍କ [illegible]ଇଲେ । ହୃଦୟ ବାବୁ ମିମିକୁ କୋଳକୁ ଉଠାଇ ନେଇ ଚାଲିଲେ ନିଜ [illegible]କୁ । ଜୀବନ ବାବୁ ତାଙ୍କ କୋଳରୁ ମିମିକୁ ଛଡ଼ାଇ ଆଣି ତଳେ କଚାଡ଼ି ଦେଇ ଦୁଇଗୋଡ଼ ଫାଙ୍କ କରି ତା' ପାଖରେ ଛିଡ଼ା ହେଲେ ।

ହୃଦୟ ବାବୁ ହୃଦୟଙ୍ଗମ କଲେ, ବର୍ତ୍ତମାନ ବାଧା ଦେଲେ ଜୀବନ ବାବୁଙ୍କ ମିମି ଉପରେ ଅତ୍ୟାଚାର ବଢ଼ିଯିବ ସବୁ ରାଗ ଯାଇ ପଡ଼ିବ ମିମି ଉପରେ । ତେଣୁ ସେ ମିମିକୁ କୋଳକୁ ଆଉଜାଇ ନେଇ କହିଲେ, ଅଚ୍ଛା ତୁ ଦେଖେ ମୁଁ ତାକୁ ଦଶ ମିନିଟରେ ସବୁ ପଢ଼ା କରାଇ ଦେଉଛି ।

ମିମି ସାହସ ପାଇ ବହିଟି ଖୋଲି ବଡ ବାପାଙ୍କ କୋଳକୁ ଆଉଜି ବସିଲା । ଝଞ୍ଜନ ବାବୁ ଗପରେ ତନ୍ମୟ ହୋଇ ସେମିତି ଚୁପ୍ ହୋଇ ରହିଲେ ।

ହୃଦୟବାବୁ ଉଠାଇବାକୁ ଲାଗିଲେ, କିନ୍ତୁ ମିମିର କଟିରେ ଗୋଟାଏ ଖେଳ, ପୃଥିବୀର ଖେଳ । ସେ ପଚାରିଲା, 'ଆଚ୍ଛା ତେବେ, ବଡ ବାପା କହିଲ କେତେଗୁଡ଼ିଏ ପୃଥିବୀ ମିଶି କଅଣ ହୁଏ ।'

ହୃଦୟ ବାବୁ ବଲ ବଲ କରି ଗୁହାଁରିଲେ କିଛି କ୍ଷଣ । ତା'ପରେ କହିଲେ, 'ଏମିତି କେତେଗୁଡ଼ିଏ ପୃଥିବୀ ଭଳିଆ ଗ୍ରହ ମିଶି ହୁଏ ସୌର ଜଗତ । ମୋହନ ସୂର୍ଯ୍ୟ ଗ୍ରହପଟେ ଚକାଭଉଁରୀ ଖେଳୁ ଥାଆନ୍ତି ।'

ମିମି ଆନନ୍ଦରେ ତାଳିମାରି କହିଲା, 'ବାଃ ଭାରିମଜା ଅଛି, ତେବେ କେତେ-ଗୁଡ଼ିଏ ସୌର ଜଗତ ମିଶି କ'ଣ ହୁଏ ?' ପ୍ରଶ୍ନ ପଚାରି ସେ ବଡ ବାପାଙ୍କ ମୁହଁ ଉପରେ ହାତ ବୁଲାଇ କହିଲା, 'କହ ତ ଗା-ଲ-କ-ସି-ଉଁ ଅ-ଆ-ଆ-ଜ ।' କହି ସେ ବଡ ବାପାଙ୍କ ଅପାରଗତାରେ ମୁଗ୍ଧ ହୋଇ ଆନନ୍ଦରେ ବଡ ବାପାଙ୍କ କୋଳରେ ଗଡ଼ି ଗଲା ।

ହୃଦୟ ବାବୁ କିନ୍ତୁ ଉତ୍ତର ଦେଲେ । ଆଖି ତାଙ୍କର ଛଳ ଛଳ । ସେ କହିଲେ, 'ମା, କୃଷ୍ଣ ଯେତେବେଳେ ସାନ ପିଲାଟିଏ, ଯେବେ ସେ ଗୁରୁଣ୍ଡି ଗୁରୁଣ୍ଡି ବୁଲି ମାଟି ଖାଉଥିଲେ, ଯଶୋଦା କୃଷ୍ଣଙ୍କୁ ମାଟି ଖାଇବାର ଦେଖି ତାଙ୍କୁ ଧରି କହିଲେ, ଆଁ କର ପାଟି, ଆଁ କର । ଭଗବାନ ଆଁ କରି ଦେଲେ । ଯଶୋଦା ତ ଦେଖି କାବା ।' କଅଣ ଦେଖିଲେ ? ତା'ର ଉତ୍ତରରେ ହୃଦୟ ବାବୁ ଗାଇଲେ, 'କୋଇଲି ହୋଇ ଯେ ମାଉଛି ପୃଥ ତୁଣ୍ଡ, ତା ତୁଣ୍ଡ ଭିତରେ ସପତ ବ୍ରହ୍ମାଣ୍ଡ ଲେ କୋଇଲି ।' ପୁଣି ଗାଇଲେ, 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତା ପ୍ରତିଲୋମେ ବିରାଜଇ ।'

ଆଖି ପୋଛୁ ମିମିକୁ ଚୁମାଟିଏ ଦେଇ କହିଲେ, 'ମା ତୁ ଯେଉଁ ପ୍ରଶ୍ନ କଲୁ ସେ ଭୂଗୋଳ ନୁହେଁ, ତୋଳ । ଏ ଯେତେ ସବୁ ସୃଷ୍ଟି ହୋଇଛି, ପରମାଣୁଠାରୁ ଆରମ୍ଭ କରି କୋଟି କୋଟି ମହା ମହା ସୂର୍ଯ୍ୟ ପର୍ଯ୍ୟନ୍ତ, ସବୁ ମିଶି ହେଉଛନ୍ତି ସେ । ମା, କେ କହିପାରିବ ତାଙ୍କ କଥା !'

ହୃଦୟବାବୁଙ୍କ ଆଖିରୁ ପାଣି ଝରି ପଡୁଥାଏ । ମିମି କଅଣବୁଝିଲା କେ ଜାଣେ ସେ ବି କାନ୍ଦି ପକାଇଲା ଭେଁ କରି ।

ଚଳଚ୍ଚିତ୍ର

ଫେଡ଼ ଇନ୍ —

ଜମିଦାର ଭୂପେନ୍ଦ୍ର ନାରାୟଣ ଭ୍ରମରବର ରାଏ ଜଳଟିଆ ସାରି ହାତ ଧୋଇବାକୁ ବାହାରିଲେ ବାଡ଼ିପଟକୁ । ଚାକର ପାଣିଢାଳ ଗାମୁଛା ଧରି ଆଗେ ଆଗେ ଗଲା । ସେରେସ୍ତର ଖଞ୍ଜା ପାରି ହୋଇ ଖମାର ଖଞ୍ଜା ପାଖରେ ନଳାମୁହଁ ଖମାର କଣରେ ଯେଉଁଠି ବଡ଼ବଡ଼ ଘୁନ ସବୁ ରହିଚି, ସେଇଠି ଗୋଧୂଳିର ଅନ୍ଧାର ଟେଙ୍ଗାଏ ଜମି ସାରିଲାଣି । ଭୂପେନ୍ଦ୍ର ସେ କଣବାଟେ ଚାଲି ଯିବାବେଳେ ଅନ୍ଧାର ଭିତରେ ଧଳା ହୋଇ କଅଣ ଟିକିଏ ହଲିଗଲା । ଭୂପେନ୍ଦ୍ର ଦେଖି ନଦେଖିଲା ପରି ମୁହଁ ହାତ ଧୋଇ ଗାମୁଛାରେ ପୋଛି ଆଉ ଖଞ୍ଜାକୁ ନ ଫେରି ବାଡ଼ିପଟ ଦେଇ ଚାଲିଗଲେ କୁଟେରି ଘରକୁ । ଗଲାବେଳେ କହିଗଲେ, 'ମଦନା, ପାନ, ନଲଠଣ ଶୀଘ୍ର ନେଇଆ ।'

ଭୂପେନ୍ଦ୍ର ଚାଲିଯିବା ପରେ ଅନ୍ଧାର ଭିତରୁ ଗୋଟିଏ ଦୀର୍ଘ ନିଶ୍ୱାସ ଶୁଭିଲା । ସେ ଦୀର୍ଘ ନିଶ୍ୱାସରେ ଥିଲା ଗଭୀର ବେଦନାର ନିର୍ଲିପ୍ତତା ।

—କଟ୍—

ଫ୍ଲାଶ୍ ବ୍ୟାକ୍ —

ଭୂପେନ୍ଦ୍ରଙ୍କୁ ବର୍ତ୍ତମାନ ବୟସ ଛଇଁତିରିଶ । ଦଶବର୍ଷ ଆଗର କଥା । ଭୂପେନ୍ଦ୍ର କଲେଜର ପଢ଼ା ସାରି ଏମ୍ ଏ. ବି. ଏଲ୍. ପାଶ୍ କରି କଟକରୁ ନିଜ ଘରକୁ ଫେରିଚନ୍ତି । ଘରେ ବୋଉ ସତ୍ୟନାରାୟଣ ପାଲା ବସାଇଚନ୍ତି । ଠାକୁରଘର ଖଞ୍ଜାରୁ ମୃଦଙ୍ଗ ଓ ଗିନିର ତାନମାନ ଭିତରେ ଗାୟକର ପାଟି ଶୁଭୁଚି, କାଞ୍ଚନପୁର ଯୁବରାଜ କହିଲେ, 'ମୁଁ ଯଶ ଅର୍ଜିବି । ମହାକବି କାଳିଦାସ

କହୁଚନ୍ତି, ରଘୁବଂଶ ପ୍ରଥମ ସର୍ଗରେ, ଯଶ ପାଇଁ କ୍ଷତ୍ରିୟ ରାଜାମାନେ ରାଜ୍ୟ ଜୟ କରନ୍ତି । ତେଣୁ...' ଇତ୍ୟାଦି ଇତ୍ୟାଦି ।

ଭୂପେନ୍ଦ୍ର ମା'ଙ୍କୁ ପ୍ରଣାମ କରି କହିଲେ, 'ବୋଉ, ମୁଁ କଲେଜ ଯିବି । ବଡ଼ ବାରିଷ୍ଟର ହେବି । ବେଶୀ ନୁହେଁ ବର୍ଷଟିଏ ରହିବି । ତୁ ଅନୁମତି ଦେ ।'

ମା' ନିର୍ବାକ ଭାବରେ ପୁଅ ଆଡ଼େ ଚାହିଁ ରହିଲେ । ଆଖିରୁ ତାଙ୍କର ଦୁଇଧାର ଲୁହ ଅବିରାମ ଝରିବାକୁ ଲାଗିଲା । କିଛିକ୍ଷଣ ପରେ ଲୁହ ପୋଛି ସେ କହିଲେ, 'ତୋର ବାରବର୍ଷ ବୟସରେ ତୋର ବାପା ଚାଲିଗଲେ । ତୁ ଗୋଟିଏ ବୋଲି ପୁଅ । ଧନର ଅଭାବ ନାହିଁ । ବସି ଖାଇଲେ ସାତ ପୁରୁଷ ଖାଇବ । ତୋତେ ମୁଁ ଦଣ୍ଡେ ହେଲେ ଆଖି ଅଢୁଆଳ କରି ନାହିଁ । ତୁ ଚାଲିଗଲେ ମୋ ଜୀବନ ରହିବ ତ ?'

ଭୂପେନ୍ଦ୍ର ବିରକ୍ତି ଚାପିଦେଇ କହିଲେ, 'ବୋଉ, ସେଇଥି ପାଇଁ ତ...ନା, ମା, ମୁଁ ଯିବି, ଯିବାର ସବୁ ଯୋଗାଡ଼ କରି ସାରିଛି ।'

ମା' ମୁଣ୍ଡରେ ହାତ ଦେଇ ବସିପଡ଼ିଲେ । ତା ପରେ ମୂର୍ଚ୍ଛା ଗଲେ । ଘରଅଗଣେ ଚହଳ ପଡ଼ିଗଲା । ଭୂପେନ୍ଦ୍ର ମା'ଙ୍କୁ କୋଳକୁ ଟାଣିନେଇ ପାଣି ଛାଟି-ମାରି ହୋସ୍ କରାଇ ଦୀର୍ଘନିଶ୍ୱାସ ପକାଇ କହିଲେ, ମୁଁ ତୋତେ ଛାଡ଼ି କେଉଁଠାକୁ ଯିବି ନାହିଁ ।

—ଓ୍ୱାଇପ୍—

ଭୂପେନ୍ଦ୍ର ନତମସ୍ତକରେ ମାତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ପାନ ଛଙ୍ଗ ଘଙ୍ଗ ମା କହିଲେ, 'ଭୂପ, ତୋ ବାପା ମଲାବେଳେ କହିଯାଇଥିଲେ ସଜନପୁର ଜମିଦାରଙ୍କ ଝିଅ ସହିତ ତୋର ବାହା ଦେବାକୁ । ଝିଅଟିକୁ ମୁଁ ଦେଖିନାହିଁ । ଶୁଣିଛି ଦେଖିବାକୁ ମନ୍ଦ ନୁହେଁ । ଭଲ ପାଠଶାଠ ପଢ଼ିଛି, ଗାନ୍ କରେ, ବୃତ୍ତି ପାଇଛି । ବାପ ଅନ୍ତେ ସେଇ ସବୁ ସମ୍ପତ୍ତିବାଡ଼ି ପାଇବ । ଆଉ କେହି ନାହାନ୍ତି ତା ବାପର । ଝିଅଟିକୁ ଦେଖିବା ଦରକାର ନାହିଁ । ତୋ ବାପା ଆଜ୍ଞା ଦେଇ ଯାଇଛନ୍ତି । ଦେଖି ଆଉ ଲାଭ କ'ଣ । କାଲି ସଜନପୁର ଗୁମାସ୍ତା ଆସିଥିଲା । ଆର ମାସ ଦଶ ତାରିଖକୁ ଦିନ ଠିକ୍ କରିଛି । ଝିଅଟି ନା' ତୁଳସୀ... ଆହ... ।

ଭୂପେନ୍ଦ୍ରର ଆଜି ଗୋଟିଏ ସ୍ୱପ୍ନ ଭାଙ୍ଗିଗଲା । ମନଟା ତାଙ୍କର ଏଥର ଭାରି ଚିଡ଼ି ଉଠିଲା; କିନ୍ତୁ କିଛି ନ କହି ସେ ମୁହଁ ତଳକୁ ପୋତି ଛିଡ଼ାହେଲେ ।

ମା କହିଲେ, 'କରେ କହୁନୁ, ଲାଜ କଅଣ ? ହଉ ବୁଝିଲି, ଯା, ଯା' ।

ଭୂପେନ୍ଦ୍ର କିଛି ଗୋଟାଏ କଠ୍ କଥା କହିବାକୁ ଯାଉଥିଲେ; କିନ୍ତୁ କେବଳ 'ବୋଉ···' କହି ଓଠରେ ଓଠ ଚିପି ନୀରବ ରହିଲେ ।

ମା' ହସି ହସି କହିଲେ, 'କହ, କହ, ଦେଖିବାକୁ ଯିବୁ ଝିଅକୁ··· ହଉ···'

'ନା, ମୁଁ ସେ କଥା କହୁ ନ ଥିଲି, କହୁଥିଲି···ନା···ଥାଉ,' କହି ଭୂପେନ୍ଦ୍ର ଲୁଚିଗଲେ ।

—ଉପାଇପ୍—

ମଧ୍ୟାହ୍ନ ଗଡ଼ି । ବେଳ ଏଗାର ବାଜିଲାଣି । ତୁଳସୀର ସମବୟସୀ ଗୋଟିଏ ବାଳିକା ତୁଳସୀକୁ ଟାଣି ଆଣି ଘରେ ଖଟ ଉପରେ ବସାଇ ଦେଇ ତାର ଓଢ଼ଣା ଟେକି ଚାହିଁ ରହିଲା । ବାଳିକାଟି ଏଇ ଗାଁ'ର । ଏଯାଏଁ ବି ବାହା ହୋଇନାହିଁ, ନାଁ ତାର ଲବଣୀ । ଲବଣୀର ଚରିତ୍ର ତୁଳସୀର ଚରିତ୍ରର ଠିକ୍ ଓଲଟା । ତୁଳସୀ ଧୀରସ୍ଥିର, ସଂଯତବାକ୍, ବୁକୁ ଫାଟିଗଲେ ମୁହଁରୁ ପଦେ କଥା ବାହାରିବ ନାହିଁ । ଲବଣୀ ଚପଳା, ସେ ଯେଉଁଠି ଥିବ ତାର କଳହାସ୍ୟରେ ସେ ସ୍ଥାନ ଉଜ୍ଜ୍ୱଳ ହଉଥିବ । ତୁଳସୀର ଦେହର ରଙ୍ଗ ଘୋର କାଳିଆ, କପାଳ ଉଚ୍ଚ, ଦନ୍ତପଙ୍‌କ୍ତି ଈଷତ୍ ଉନ୍ନତ; କିନ୍ତୁ ଲବଣୀର ଦେହର ରଙ୍ଗ ଆଉଟା ସୁନା ପରି । ତୁଳସୀ ଲବଣୀକୁ ଦେଖି ଚମତ୍କୃତା ହେଲେ ।

ତୁଳସୀକୁ ଦେଖି ଲବଣୀ ଖିଲ ଖିଲ ହସି ଉଠିଲେ । ତୁଳସୀ ଅପ୍ରସ୍ତୁତ ହୋଇ ଓଢ଼ଣା ଟାଣି ତଳକୁ ମୁହଁ ପୋତି ବସି ରହିଲେ । ଲବଣୀ ତାର ଓଢ଼ଣା ତଳକୁ ଖସାଇ ଦେଇ ଚିବୁକ ଟେକି ଧରି କିଛିକ୍ଷଣ ଚାହିଁ ହଠାତ୍ ତୁଳସୀ ମୁହଁରେ ଗୋଟିଏ ଆମ୍ବକଷି ଚେପି ଦେଇ କହିଲେ, 'ଆଜିଠୁ ତୁମେ ମୋର ଆମ୍ବକଷି ।'

ଦୁଇ ସଖୀଙ୍କ ଭିତରେ ଅନେକକ୍ଷଣ କଥାହେଲା । ଲବଣୀ କହିଲେ, ଆମ୍ବକଷି! ଆଜିକି ଦଶ ଏତେ ଡେରିରେ କାହିଁକି ଆସିଲ । ଆଜି କେତୋଟା ଦିନ ପରେ ତ ମୁଁ ଶ୍ୱଶୁରଘର ବାହାହୋଇ ବହୁତ ଦୂର ଦେଶକୁ । ମୋତେ କିନ୍ତୁ ଭୁଲିବ ନାହିଁ, କୁନ୍ଦ ।'

ତୁଳସୀ ଲବଣୀର ହାତରେ ହାତ ରଖି କେବଳ ଅନାଇ ରହିଲେ । ଆଖି ତାଙ୍କର ଛଳ ଛଳ ହୋଇଗଲା । ଲବଣୀ ଅଧୀର ଭାବରେ କାନ୍ଦି ପକାଇଲେ ।

ଅତିଥିମାନେ ଖିଆପିଆ ସାରି ବିଦାୟ ନେଲେଣି ଜମିଦାର ଘର ପ୍ରାୟ ନୀରବ ହୋଇ ଆସିଲାଣି । କେବଳ ବାଡ଼ିପଟେ କୁକୁରମାନଙ୍କର କଜିଆ ଓ ଠାକୁର ଘଞ୍ଚାରୁ ହୁକାବାଲାମାନଙ୍କର ଗୀତ ଭାସି ଆସୁଛି ।

ଲବଣୀ କହିଲେ, 'ଆମ୍ବକଷି! ଯାଏଁ ଏଥର । ମନେ ମନେ କହୁଥିବ ପୋଡ଼ାମୁହିଁ କାହିଁକି ବସି ବକର ବକର ହେଉଛି । ମୁଁ ବୁଝିପାରୁଛି ଯେ, ନା ଯା' ଏଥର । ସାଆନ୍ତେ ଆସିବେ ଏଇକ୍ଷଣି ।

ଲବଣୀ ଚାଲିଗଲେ । ଭୟ, ଆନନ୍ଦ, ଲଜ୍ଜା, ଅନିଶ୍ଚିତତା ଆଦି ନାନା ଭାବନାରେ ତୁଳସୀଙ୍କ ନିଃଶ୍ୱାସ ରୁଦ୍ଧ ହୋଇଆସିଲା । କିଛିକ୍ଷଣ ପରେ ପ୍ରବେଶ କଲେ ଭୂପେନ୍ଦ୍ର । ତୁଳସୀ ଓଢ଼ଣା ଟାଣି ବସି ରହିଲେ । ଭୂପେନ୍ଦ୍ର ଆସି ନବ-ବଧୂର ଓଢ଼ଣା ଟେକି ଚାହିଁଲେ । ତୁଳସୀ ଦେବୀଙ୍କ ମୁଣ୍ଡରୁ ଓଢ଼ଣା ଖସି ପଡ଼ିଲା । ସେ ଜୀବନରେ ସ୍ୱାମୀସୁଖ ପାଇବେ କି ଦୁଃଖ ପାଇବେ ସ୍ୱାମୀଙ୍କର ଏଇ ଚାହିଁବାରେ ହିଁ ଜୀବନ ପାଇଁ ଗୋଟାଏ ନିଷ୍ପତ୍ତି ହୋଇଯିବ । ଭୂପେନ୍ଦ୍ର ଚାହିଁ ଓଢ଼ଣା ପକାଇ ଦେଇ ଅନ୍ୟଆଡ଼େ ମୁହଁକରି ପଡ଼ି ରହିଲେ । କ୍ରୋଧ, ଅପମାନ, ହତାଶାରେ ସେ କାନ୍ଦି ପକାଇଲେ । ତୁଳସୀ ପଥର ମୂର୍ତ୍ତି ଭଳି ସେମିତି ବସି ରହିଲେ । ଆଖିରୁ ତାଙ୍କର ଲୁହଧାର ଅବିରାମ ଝରିବାକୁ ଲାଗିଲା; କିନ୍ତୁ ମୁହଁରୁ ସାମାନ୍ୟ ଟିକିଏ ଶବ୍ଦ ବାହାରିଲା ନାହିଁ । ଥରେ ଭାବିଲେ ସ୍ୱାମୀଙ୍କ ଗୋଡ଼ଧରି କହିବେ, 'ମୋର ଆଉ କିଛି ଲୋଡ଼ାନାହିଁ, ଖାଲି ଦୂରରୁ ତୁମ ପୂଜା କରିବାକୁ ମୋତେ ଅନୁମତି ଦିଅ!' କିନ୍ତୁ ଏତିକି କହିବାକୁ ଯେଉଁ ସୌନ୍ଦର୍ଯ୍ୟ ଦରକାର ତା ମଧ୍ୟ ତାଙ୍କର ନାହିଁ ।

ଠାକୁର ଘଣ୍ଟାରୁ ପୂଜାବାଲାମାନଙ୍କର ପାଟି ଶୁଭୁଥିଲା, ମଉନକଣ୍ଠେ କହିଲେ, ନାଥ···" ଗାୟକ କହିଲେ। ପାଳିଆ କହିଲା, "ଓଁ"।

—ନାଥ, ମୁଁ କୁରୂପା। ହେଲେ କେତେ ଦାସୀ ଆପଣଙ୍କର ଅଛନ୍ତି। ମୋତେ ସେଇ ଦାସୀମାନଙ୍କ ପରି ତୁମର ପୂଜା କରିବାକୁ ଦିଅ। ଏଇଠି କହନ୍ତୁ ଜଗନ୍ନାଥ କହିଲେ—

—କଅଣ କହିଲେ···

—କହିଲେ, ଆଁ ହିଁ···ଆଁ···ଆଁ···ପରାଣେ ଭଲବାସା ହେଜ ଗୋ···ଓ···ଓ ହେଲେ···ଏ···ଏ, ରୂପ ନା ଦେଖ ମନ ଦିଅ ହେ···ଏ···ଏଏ ···ଏ। ଆଜ୍ଞା, ଦୂଜ ର ତରେ ହିପ୍ପା, ଜଠୁରି ଉନ୍ନିଳହିଁ, ପୂଜବ ଚାରେ ଟିଙ୍ଗା କ ହଏ···ଏଏଏ··ଏ।

ଝମ୍ ଝମ୍ ଝମ୍।·····କରତାଳ କହିଲା। ଗୁମୁ ଗୁମୁ ଧା ଧିନ୍ନା, ତାକଧିନନା··ମୃଦଙ୍ଗ କହିଲା।

—ଓ୍ୟାଇପ୍—

ପରଦିନ ସଞ୍ଜ। ଖାଇସାରି ଭୂପେନ୍ଦ୍ର ବାହାରିଲେ କଚେରି ଘରେ ଶୋଇବାକୁ। ମା' ପଚାରିଲେ, 'କରେ ପିଆଡ଼େ କୁଆଡ଼େ ଯାଉଚୁ ?'

—'ନା, ବୋଉ, କାଲି ସକାଳୁ ହଳପୂରକୁ ଯିବ ବାକିଆ ଖଜଣା ଆଦାୟକରିବାକୁ। ଆଜି ରାତି ଭିତରେ କାଗଜ ପତ୍ର ସଜାଡ଼ି ରଖିବାକୁ ହେବ।'

ମା' ଦୀର୍ଘ ନିଃଶ୍ୱାସ ପକାଇ ଉଠି ଛିଡ଼ାହୋଇ ଦେଖିଲେ, ବୋହୂ ଘରରେ ଛିଡ଼ା ହୋଇଛି। ବୋହୂକୁ ଦେଖି ମନେ ମନେ ସେ କହିଲେ—'ଅଲକ୍ଷଣୀଟା। କାହିଁକି ଥରେ ଦେଖିବାକୁ ଗଲିନାହିଁ ମୁଁ। ମୋ ପୁଅ କଅଣ କରିବ ଲୋ ହେ ମା' ମଙ୍ଗଳା, ନେଇଯାଅ, ନେଇଯାଅ, ଦରଭାର ନାହିଁ ଏ ବୋହୂ ମୋର —

ତୁଳସୀ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ଯାଇ ଖଟ ଉପରେ [illegible]। ଅଖିରୁ ତାଙ୍କର ପାଣି ଶୁଖି ଯାଇଥିଲା। ଖଟ ଉପରୁ ଯେତେବେଳେ ଉଠିଲା ସେତେବେଳେ ସୂଦସ୍ତ ଫାଟିଲାଣି।

ସେଇଦିନୁ ଭୂପେନ୍ଦ୍ର ଘଡ଼ିରେ ଆଉ ଶୋଇବା ଘଣ୍ଟା କୁ ଆସନ୍ତିନାହିଁ ।

—କଟ୍—

ଦୁଇବର୍ଷ ପରେ ।

ଭୂପେନ୍ଦ୍ର କଲେଜ ଘରେ କାର୍ଯ୍ୟବ୍ୟସ୍ତ; କିନ୍ତୁ ମନ ତାଙ୍କର ଉଦାସୀନ । ଦେଖୁଁ ଦେଖୁଁ କଲମ ହାତରୁ ଖସି ପଡ଼ୁଛି । କଲେଜ ଘଣ୍ଟା ଘଡ଼ିରେ ଢଂ ଢଂ କରି ଦୁଇଟା ବାଜିଲା ।

—ଓ୍ୱାଇପ୍—

ଆହୁରି ଦୁଇବର୍ଷ ପରେ । ଭୂପେନ୍ଦ୍ର ଧର୍ମାନୁରାଗୀ, ସଂସାର ପ୍ରତି ବିରାଗ । କଲେଜ ଘରେ ଗୁରୁଦେବ ବସିଛନ୍ତି ।

ଭୂପେନ୍ଦ୍ର ପଚାରିଲେ, 'ମୋତେ ବାଟ ଦେଖାଇ ଦିଅ । ଏ ଜୀବନକୁ ସବୁ ଦିଗରୁ ଉପଭୋଗ କରିବି ନା ଉପଭୋଗର ସମସ୍ତ ଦୁଆର ବନ୍ଦ କରିଦେଇ କୃଚ୍ଛ୍ର ସାଧନ କରିବି ?'

'ବତ୍ସ—ଗୁରୁଦେବ ଭୂପେନ୍ଦ୍ର ମୁଣ୍ଡ ଉପରେ ହାତ ରଖି କହିଲେ, 'ଇନ୍ଦ୍ରିୟରୋଧ କଲେ ତାର ବାହାର ପ୍ରକାଶ ସିନା ବନ୍ଦ ହୋଇପାରେ; କିନ୍ତୁ ଭିତରେ ବିକୃତି ସୃଷ୍ଟି କରେ । ସେ କୃଚ୍ଛ୍ର ସାଧନାରେ କିଛି ଲଭନାହିଁ...'

—ତେବେ ? ତେବେ କଅଣ...

—ହଁ, ହଁ । ଭୋଗଦ୍ୱାରା ତ୍ୟାଗ ଆଣିବାକୁ ହେବ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ମନରେ ଇନ୍ଦ୍ରିୟ ଲାଳସା ରଖି ଯେ କେବଳ କର୍ମେନ୍ଦ୍ରିୟ ସଂଯତ କରେ, ସେ ମିଥ୍ୟାଚାରୀ । ତେଣୁ ଭଗବାନ୍ କହୁଛନ୍ତି, ଜୀବନ ପ୍ରକୃତିର ଅନୁଗାମୀ, ନିଗ୍ରହଦ୍ୱାରା କୌଣସି ଲାଭ ନାହିଁ । ଉପଭୋଗ କର, ଉପଭୋଗ କର: ଦେଖିବ ତ୍ୟାଗ ଆପେ ଆପେ ଆସିଯିବ ।

ଭୂପେନ୍ଦ୍ର ମାନସପଟରେ ଗୋଟିଏ ସୁନ୍ଦର ମୁହଁ ଅଙ୍କିତ ହୋଇଗଲା ।

—ଓ୍ୱାଇପ୍—

ଭୂପେନ୍ଦ୍ର ପରଦିନ ବାହାରିଲେ ହରିପୁର ।

—ଓ୍ୱାଇପ୍—

କେତେଦିନ ପରେ ମା' ପୁଅର ହଠାତ୍ ଗମନରେ ବ୍ୟଥିତା । ତୁଳସୀ ତାଙ୍କପାଖେ ବସି ଦେଉଥିଲେ । ମା' କହିଲେ, 'ମରୁନାହୁଁ ବୋଉ ! ଆମ ବାଡ଼ି ପୋଖରୀରେ ଏବେ ପାଣି...'

ତୁଳସୀ ଦୀର୍ଘନିଃଶ୍ୱାସ ଛାଡ଼ି ଚୁପ୍ ହୋଇ ରହିଲେ ।

ମା' ବକି ଚାଲିଲେ, 'ପୁଅଟା ମୋର ହରିପୁରରେ ରହିଲା । ତୋର ପାଇଁଲା ବାନରଟା । ମୁଁ କାଲି ଯିବ ପୁଅକୁ ଫେରାଇ ଆଣିବ ଯେମିତି ହେଲେ ।'

ତୁଳସୀ ଦେଖି ମାଉସୀଙ୍କ ଚାଲିଗଲେ ।

—ଓ୍ୟାଇପ୍—

ଭୂପେନ୍ଦ୍ର ଫେରିଥିଲେ । କିନ୍ତୁ ଖଞ୍ଜା ଭିତରକୁ ନୁହଁ । ବାହାରେ କଚେରି ଘରେ ତାଙ୍କର ରହିବାର ସ୍ଥାୟୀ ବନ୍ଦୋବସ୍ତ କରିଛନ୍ତି ।

—ଓ୍ୟାଇପ୍—

ଭୂପେନ୍ଦ୍ର ଦିନ ରାତି ଭିତରେ ଦୁଇଥର ଖଞ୍ଜା ଭିତରକୁ ଆସନ୍ତି—ଥରେ ଦିନ ଦଶଟାବେଳେ ଖାଇବାକୁ, ଆଉଥରେ ସନ୍ଧ୍ୟାବେଳେ ଜଳଖିଆ ପାଇଁ । ରାତିର ଖାଇବା ତାଙ୍କର କଚେରି ଘରକୁ ଯାଏ । ଭୂପେନ୍ଦ୍ର ଫେରିବା ପରେ ପାଞ୍ଚବର୍ଷ ବିତି ଗଲାଣି । ନିତି ଭୂପେନ୍ଦ୍ର ଜଳଖିଆ ଖାଇ ସାରି ଯେତେବେଳେ ମୁହଁ ଧୋଇବାକୁ ଖମାର ଖଞ୍ଜାକୁ ଯାଆନ୍ତି, ସେତେବେଳେ ଘୁମ କଣ ଅନ୍ଧାରରୁ ଗୋଟିଏ ଦୀର୍ଘନିଃଶ୍ୱାସ ବାହାରି ଆସେ ଆଶା, ଆବେଦନ ନେଇ । ସେ ଦିନ ମଧ୍ୟ ସେମିତି ।

ଭୂପେନ୍ଦ୍ର ଚାଲିଯିବା ପରେ ତୁଳସୀ ଅନ୍ଧାରରୁ ବାହାରି ବାଡ଼ି କବାଟ ଯେମିତି ଖୋଲିଛନ୍ତି ଝଙ୍କାଳିଆ କାମିନୀଗଛ ତଳର ବହଳିଆ ଅନ୍ଧାର ଭିତରୁ "ଖୋଁ ଖୋଁ" ଗୋଟାଏ ଶବ୍ଦ ଶୁଭିଲା । ତୁଳସୀ ଭଲ କରି ଦୃଷ୍ଟି ଦେଖିଲେ ଅନ୍ଧାର ଭିତରେ ଧଳା ହୋଇ ମେଣ୍ଢାଏ କଅଣ ବସିଛି । ଆହୁରି ଭଲ କରି ଦୃଷ୍ଟି ଦେଲେ ସେ ଧଳା ମେଣ୍ଢାକ କୁଦି କୁଦି ତାଙ୍କରି ଆଡ଼କୁ ଆସୁଛି । ତୁଳସୀ ଏଥର ଭୟରେ ଯେମିତି 'ବୋ...' ବୋଲି ପାଟିକରି ଉଠିଲେ, ସେ ଧଳା ମେଣ୍ଢାକ ଛୁଡ଼ା ହୋଇ ହାତ ବଢ଼ାଇ ତାଙ୍କ ପାଟି ଚପିଧରି କହିଲା, 'ଆମ୍ଭକଷି, ଡରି ଗଲୁ କି ? ମୁଁ ପରି !'

ତୁଳସୀ ଆଖିରୁ ପାଣି ଝରି ପଡ଼ିଲା । ସେ କହିଲେ, 'ଅମୃତକଷି ଏତେ ଦିନକେ ମନେ ପଡ଼ିଲା ! ଶ୍ୱଶୁରଘର କଅଣ ଆଜି କେମିତି କରୁଥାଆନ୍ତି ? ବାପଘରକୁ କଅଣ ସମସ୍ତେ ତୋ ଘର ପାଶୋରି ଯାଉଛନ୍ତି ? କେବେ ଆସିଲୁ ?'

ଲବଣୀ କହିଲେ, 'ଆଜି ଆସିଲି । ଏଠାକୁ ଆସି ତୋତେ ଦେଖାଦେଲି ଯେଉଁ ଆନନ୍ଦ ତୁ ପାଇବୁ ତାର ଟିକେ ଆଟକି କିଛି କହୁନାହିଁ । ଅମୃତକଷି, ଶାଶୂ, ନଣନ୍ଦ ତ ମୋର କେହି ନାହାନ୍ତି । ବାହା ହୋଇ ଯେଉଁଦିନୁ ପଶିଛି ସବୁ ସମ୍ଭାଳିବାକୁ ହେଲା । ମରିବାକୁ ବେଳ ନାହିଁ ସେଠି ।'

ଲବଣୀ ପ୍ରଗଲ୍ଭ, ଖୁବ୍ ବୁଦ୍ଧିମତୀ । ନିଜର ସ୍ୱାମୀ ସନ୍ତାନ ସୁଖ କଥା କହିଲେ ଅମୃତକଷି ମନରେ କଷ୍ଟ ହେବ ବୋଲି ତୁଳସୀ ଯେତେ ପଚାରିଲେ ବି ସେ ସେକଥା ଏଡ଼ି ଦେଇ ଅନ୍ୟ କଥା କହେ ।

ତୁଳସୀ ହସି କହିଲେ, 'ଅମୃତକଷି, ତୁ କଅଣ ଭାବୁଚୁ ତୋ ସୁଖ କଥା ଶୁଣି ମୋ ମନରେ କଷ୍ଟ ହେବ ?'

ଲବଣୀ ଅପ୍ରସ୍ତୁତ ହୋଇ କହିଲେ, 'ନା ଲୋ ଅମୃତକଷି, ସେ ଜଞ୍ଜାଳ କଥା କେତେ କହିବି । ଆଚ୍ଛା ଅମୃତକଷି, ତୋତେ ଦିନେ ହେଲେ ସେ କଥା ବି ସେ କହି ନାହାନ୍ତି ?'

—ନା

—ତୁ କେମିତି ସହୁଚୁ ଲୋ ଅମୃତକଷି, ମୁଁ ହୋଇଥିଲେ ତ···

—କଅଣ କରିଥା'ଆନ୍ତୁ ?

—ଅଚ୍ଛା, ସେ ମାଇକିନିଆଟା ଅଛି, ନା ତାକୁ ଛାଡ଼ି ଦେଲେଣି ? ଛି, ଛି ଏଇ ସାଆନ୍ତେ ଏମିତି ହେବେ, କିଏ ଜାଣିଥିଲା ।

—'ଆଜି କଅଣ କରନ୍ତେ ସେ ସେ । ମୋର ତ ରୂପ ଦେଖୁଚୁ, ସେ କଅଣ ଏ ଯୁବା ବୟସରେ ତପସ୍ୟା କରନ୍ତେ । ପୁରୁଷଟି ପରା ।

—ପୁରୁଷ ବୋଲି କଅଣ ସାତଖୁଣ ମାଫ୍ । ଯଦି ସେ ଏମିତି ହେଲେ··· ମୁଁ ହୋଇଥିଲେ, ମୁଁ ବି···ମୋର ବି ସେ ଅଧିକାର ଅଛି···'

—ହଁ, ଛୁ କହନ୍ତି କହୁଚୁ ତୁ । ସେମାନେ ହେଲେ ପୁରୁଷ, ତାଙ୍କର ସେଥିରେ ଦୋଷ ନାହିଁ । ଆମେ ପର ସ୍ତ୍ରୀ, ଆମେ ଘର ମା'ଜାତି, ଦଶ ମାସ ପିଲା ପେଟରେ ଧରିବୁ, ପିଲା ମଣିଷ କରିବୁ । ଏ ସଂସାର ଚଳାଇବାକୁ ଭଗବାନ ଯେ ସଂସାରର ସବୁ ଦାୟିତ୍ୱ ଆମ ଉପରେ ଲଦି ଦେଇଛନ୍ତି । ଆମେ ଉଚ୍ଛୃଙ୍ଖଳ ହେଲେ ଏ ସଂସାର ଭୁଷୁଡ଼ି ପଡ଼ିବ ଯେ···

—ଅନୁକଣି, ତୁ ଏତେ ପାଠ ପଢ଼ିକି, ଆଜି କାଲିକା ଯୁଗରେ ବି ଏକଥା କହୁଚୁ । ଆଜିକାଲି ନାରୀମାନେ ସ୍ୱାଧୀନ । ପୁରୁଷର ଅଧିକାର ସଙ୍ଗେ ଆମର ଅଧିକାର ସମାନ ।

ଭୁବନେଶ୍ୱରୀ ହସି କହିଲେ, 'ସ୍ୱାଧୀନ ଆମେ ଚିରଦିନ ଥିଲୁ । ମୁଁ ତ ଜାଣେ ପୁରୁଷମାନେ ପରାଧୀନ । ଆମର ସ୍ୱାମୀ ନ ହେଲେ ଚଳିଯିବ; କିନ୍ତୁ ତାଙ୍କର ଆମେ ନ ଥିଲେ ଚଳିବ ନାହିଁ । ମୁଁ ତ ଦେଖିଚି ସ୍ତ୍ରୀମାନେ ପୁରୁଷ ଉପରେ ଯେତେ ଅତ୍ୟାଚାର କରନ୍ତି, ପୁରୁଷମାନେ ସେତେ ଅତ୍ୟାଚାର କରନ୍ତିନାହିଁ । ପୁରୁଷଙ୍କ ବାଡ଼ଆଟା ଅଳିରେ ପଡ଼େ ସିନା; କିନ୍ତୁ ତା ସତ୍ତ୍ୱେ ବି ତାଙ୍କୁ ଆମେ ବାନ୍ଧି ରଖିଥାଉ । ଗୋଟାଏ କଣୁଆ ଗାଈକୁ ବାନ୍ଧି ରଖିଲେ ସେ ଟିକଏ କାମୁଡ଼ି ଦିଏ ନାହିଁ କି ? ଏବେ ଆମେ ଯେଉଁଦିନୁ ହରାଇଚୁ, ଯେଉଁଦିନୁ ଆମେ ପୁରୁଷମାନଙ୍କ ଭଳି ଉଚ୍ଛୃଙ୍ଖଳ ହେବାକୁ ଯାଇଚୁ, ସେହିଦିନୁ ସମାନ ଅଧିକାର, ସ୍ୱାଧୀନତା କଥା ଉଠିଚି । କହ, ଆମେ ଚାକର କରିବୁ କାହିଁକି ? ଆମେ ତ ରାଣୀ, ସେମାନେ ଆମ ଚାକର ଖଟିବେ, ସେମାନେ ଭଲ ଚାକର କରୁଚନ୍ତି କି ନାହିଁ ଆମେ ନଜର ରଖିବୁ । ଆମେ ଯଦି ଦୁଆରକୁ ଯିବୁ, ଚାକର କରିବୁ, ତେବେ ତ ସଂସାର ଛାରଖାର ହୋଇଯିବ ।

—ଏତେ କଥା ତ କହୁଚୁ, ସାଆନ୍ତେ ତେବେ ଏମି[illegible]ହେଲେ କାହିଁକି ?'

—ସେଟା ମୋ ଦୋଷରୁ, ମୋ କପାଳ ଦୋଷରୁ । ପ୍ରେମ ତାଙ୍କ ମନରେ ଥିଲେ ହୁଏ ନା । ପୁରୁଷଙ୍କ ନିକଟରେ ବାଟେଇ ବୁଝାଇ ତାକୁ ପ୍ରକାଶ କରିବାକୁ ହୁଏ, ନାନା ଉପାୟରେ । ମୁଁ ତାହା କରିନାହିଁ, କରି ପାରୁନାହିଁ ।

—ପୁରୁଷେ ବୁଝନ୍ତି ଖାଲି ବାହାର ରୂପଟା । ମନ ତାଙ୍କ ପାଖରେ କିଛି ନୁହେଁ । ନ ହେଲେ ଯିଏ ସମସ୍ତଙ୍କୁ ଖାଇବାକୁ ଦେଇ ନିଜ ଭାତ ବାଢ଼ି ରଖି

ଦେଉଥାଏ କାଳେ କିଏ ଭୁଜାଗୁଣ୍ଠାଏ ମାରିଦେବ ବୋଲି, ବେଲବୁଡ଼ାକୁ ଯାଇ ଖାଏ, ତା ମନ କଥା କିଏ ବୁଝିବ, ଶାଶୁ ନା ସ୍ୱାମୀ ? ପୁରୁଷମାନେ ଭାରି ବଦମାସ୍ । ଖାଲି ଦୋଷ ଖୋଜି ବୁଲୁଥାଆନ୍ତି । ଯେଉଁଠି ଦେଖନ୍ତି ସେଠି ମାଛି ଭଳିଆ ଲାଗି ଯାଆନ୍ତି ।

—ଆମ୍ବକଷି, ଏ ଦେହ ଭିତରେ ମନ ଅଛି । କିଏ ଜଣେ ବଡ଼ ଇଂରେଜ ଲେଖକ ଲେଖିଛନ୍ତି ଯେ, ନାରୀ ହୋଉଛନ୍ତି କୋଠା । ଉପର ମହଲାକୁ ଯିବାକୁ ହେଲେ ତଳ ମହଲା ଦେଇ ଯିବାକୁ ହେବ । ଏ ତ ଭଗବାନଙ୍କ ନିୟମ । ଭଗବାନ ପୁରୁଷଙ୍କୁ ବାରବୁଲା କରି ଆମକୁ କରିଛନ୍ତି ଅନ୍ନପୂର୍ଣ୍ଣା । ଆମେ ବାରବୁଲା ହେଲେ ପୁରୁଷଙ୍କ ଘରଖୋର ହୋଇଯିବେ ଯେ ! ଆମ ପ୍ରକୃତି ବି ତା ନୁହେଁ ।

—ତୁ କଅଣ ତେବେ ତାଙ୍କ ବାରବୁଲା ସ୍ୱଭାବକୁ ଭଲ କହୁଚୁ ?

—'ନା ଯେଉଁ ପୁରୁଷ ବହୁ ସ୍ତ୍ରୀ ପାଲରେ ପଡ଼େ, ସେ ଲମ୍ପଟ ହୋଇଯାଏ, ସବୁ ଭଲ ତାର ମରିଯାଏ । ତେଣୁ ଆମର ମୁନିମାନେ ଏକ ସ୍ତ୍ରୀ ଆଦେଶ ଦେଇଛନ୍ତି । ଆମେ ଏକେଶ୍ୱରୀ । ସ୍ତ୍ରୀର କର୍ତ୍ତବ୍ୟ—ଛଳେ ବଳେ କୌଶଳେ ସ୍ୱାମୀକୁ ବଶୀଭୂତ କରିବା, ତାହେଲେ ଯାଇ ପୁରୁଷ ଏ ସଂସାରରେ କର୍ତ୍ତବ୍ୟ କରି ପାରିବ, ନ ହେଲେ ବାରବୁଲା ହୋଇ ବୁଲୁଥିବ ।

—ତେବେ ଏ ରୂପ ତୁ ଏମିତି କରି ରଖିଚୁ କାହିଁକି ? ଟିକିଏ ସାଜସୁଜ ରହ । ତୁଳସୀ ହସିଲେ । ଲବଣୀ କହିଲେ, 'ନା ମୁଁ ତୋତେ ଥରେ ସଜେଇ ସୁଜେଇ ଦେବି । ଦେଖିବୁ ପେର୍ ମୋର ବାହାଦୁରୀ ।'

ଝଞ୍ଜାପଟରୁ ପାଟି ଶୁଭିଲା, 'କଲେ ବୋହୂ, ଗଲୁଣି କି ଲୋ ?'

ତୁଳସୀ ତରତର ହୋଇ ଉଠି କହିଲେ, 'ଚାଲ୍ ଅମ୍ବକଷି, ମାଙ୍କ ପୂଜାବେଳ ହୋଇଗଲାଣି ।'

ଲବଣୀ ଅନ୍ୟମନସ୍କ ଭାବରେ କହିଲେ, 'ଠିକ୍ ଠିକ୍ ହୋଇଛି ।'

—କଅଣ ଠିକ୍ ? କଅଣ ହୋଇଛି ?

—କିଛି ନାହିଁ, ଚାଲ୍ ।

—ଇତି—

ପରଦିନ । ଲବଣୀଙ୍କ ଘରେ ଜଣେ କେଳୁଣୀ ପସରା ରଖି ବସିଲା ।

କେଳୁଣୀ କହୁଚି, 'ମା, ସାତଖଣ୍ଡ ଚନ୍ଦନ ଆଣ, ଟିକିଏ ସିନ୍ଦୂର ଅଣ ।'

ଲବଣୀ ଆଣି ସବୁ ଦେଲେ । କେଳୁଣୀ ସାତଖଣ୍ଡ ଚନ୍ଦନକୁ ଆଖି ସାମନାରେ ଧରି କଅଣ ବଡ଼ ବଡ଼ ହୋଇ କହିଲା । ତା ପରେ ଚନ୍ଦନକୁ କଅଣ ବାହାର କରି ସିନ୍ଦୂର ସାଥିରେ ମିଶାଇ ଗୋଳାଇଦେଇ କହିଲା, 'କାଲିକୁ ଏ ଚନ୍ଦନ ମାଖି ଗାଧୋଇବେ । ଗାଧୋଇ ସାରି ଏଇ ସିନ୍ଦୂର ମୁଣ୍ଡରେ ପିନ୍ଧିବ । ଏମିତି ପିନ୍ଧିବ ଯେ ସ୍ୱାମୀଙ୍କ ନଜର ପଡ଼ିବ । ବାସ୍, ତା ପରେ ଦେଖିବ ।'

କେଳୁଣୀ ଚାଲିଗଲା । ଲବଣୀଙ୍କ ଆଖି ଆନନ୍ଦରେ ଉଦ୍ଭାସିତ ହେଲା ।

କିଛିଦିନ ପରେ ଗାଧୋଇବା ବେଳ ।

ଅଜ ସକାଳେ ଲବଣୀ ଆସି କହିଲେ, 'ଆମ୍ଭକଷି ଅଜ କଣ ଗାଧୋଇ ଯିବୁ ନାହିଁ କି ? ଚାଲ, ଅଜ ଚନ୍ଦନ ମାଖି ପୋଖରୀରେ ଗାଧୋଇବା ।'

ଦୁଇ ସଖି ଗଲେ ପୋଖରୀକୁ ଗାଧୋଇବାକୁ । ଲବଣୀ ଦେଇ ଚନ୍ଦନ ତୁଳସୀ ଦେହରେ ମଖାଇଦେଇ ଗାଧୋଇବାକୁ ଲାଗିଲେ ।

ସେଇଦିନ ଖରାବେଳେ ଲବଣୀ କାର୍ଯ୍ୟଉପଲକ୍ଷରେ ଭୂପେନ୍ଦ୍ରଙ୍କ କଚେରି ଘରକୁ ଆସିଚନ୍ତି, ସାଜସୁଜ ସେ ଆସିଚନ୍ତି । ଭୂପେନ୍ଦ୍ର ତାଙ୍କ ରୂପ ଦେଖି ମୁଗ୍ଧ ଭାବରେ ଅନାଇଁ ରହିଚନ୍ତି ।

—'ହଇ ସାଆନ୍ତେ ଏମିତି କଅଣ ଅନାଇ ଦେଖୁଚନ୍ତି···'

—'ତୁମକୁ ଲବଣୀ, କି ସୁନ୍ଦର ତୁମେ···'

—ଏ ଗୁଣ ଏ ପର୍ଯ୍ୟନ୍ତ ଯାଇନାହିଁ । ଦୁନିଆଯାକ ସ୍ତ୍ରୀ ଲୋକଙ୍କୁ ଖାଲି ଏମିତି ଆଖିରେ ଦେଖୁଥିବ । ତେବେ ଆଉ କରିବ କଅଣ ତୁମେ । ଖାଲି ଏଇଆ କରି ଦିନେ ମରିଯିବ ସିନା । କେତେ ଲୋକ ଏମିତି ମଲେଣି । କଅଣ ଲାଭ ଅଛି ସେଥିରେ ! ନିଜ ସ୍ତ୍ରୀକୁ ଟିକିଏ ଚାହିଁ, ଦେଖ ତା ମନକୁ ।'

ଭୂପେନ୍ଦ୍ର ତଳକୁ ମୁହଁ ପୋତିଲେ ।

—ତିନି—

ସେଇଦିନ ସନ୍ଧ୍ୟାବେଳେ । ଲବଣୀ ତୁଳସୀକୁ ଅଳ ସଜାଇ ମୁଣ୍ଡରେ ସିନ୍ଦୂରଟୋପା ଦେଇ ଥରେ ଅନାଇ ଦୀର୍ଘନିଃଶ୍ୱାସ ପକାଇ କହିଲେ, 'ଅମ୍ଭକଷି, ତୋତେ ମୋ ରାଣ, ଅଜ ଯେମିତି ହେଲେ ଥରେ ତୁ ତାଙ୍କୁ ଭଲ କରି ଦେଖାଦେବୁ ।'

ତୁଳସୀ ହସି କହିଲେ, 'ହଉ' ।

ତରଣୀ ଦେବୀଙ୍କୁ ଯାଇ ତୁଳସୀମଣ୍ଡପମୂଳେ ଭଗବାନଙ୍କର ପ୍ରାର୍ଥନା କରିବାରେ ଲାଗିଲେ

× × ×

ଭୂପେନ୍ଦ୍ର ବସି ଭାବୁଛନ୍ତି…

ଛି, ଛି, ଏ ଜୀବନଟାକୁ ମୁଁ କଳଙ୍କିତ କଲି ! ଯୌବନର କ୍ଷଣିକ ମୋହରେ ପଡ଼ି ମୁଁ କେତେ ଲୋକଙ୍କୁ ଭୁଲାଇଛି । ଖାଲି ଲାଳସାବହ୍ନିରେ ପୋଡ଼ି ଜଳି ଯାଇଛି ।

ଭୂପେନ୍ଦ୍ରଙ୍କ ଆଖି ଛଳ ଛଳ ହୋଇଗଲା ।

ଦୂରରୁ ଆଈ କହିଲା, ସାଆନ୍ତେ, ଠା ହେଲାଣି !

—ଓ୍ୱାଇପ୍—

ଭୂପେନ୍ଦ୍ର ଜଳଖିଆ ଖାଇସାରି ମୁହଁ ଧୋଇବାକୁ ଗଲେ ।

ଘରର ଉତ୍ତର କୋଣ ଅନ୍ଧାରରେ ଗତଦିନ ପରି ଆଜି ମଧ୍ୟ ସେହିଭଳି ଗୋଟିଏ ଦୀର୍ଘନିଃଶ୍ୱାସ ଶୁଭିଲା । ଭୂପେନ୍ଦ୍ର ଛନ୍ଦା ହୋଇଗଲେ । ତୁଳସୀ ତାଙ୍କର କୁଞ୍ଚିତ ଭ୍ରୂଧର ଟିକିଏ ଚାହିଁଦେଲେ ।

ଭୂପେନ୍ଦ୍ର କିଛି ନ କହି ମୁହଁହାତ ଧୋଇ ଖଞ୍ଜା ଭିତରକୁ ଆସି କହିଲେ, ବୋଉ, ମୋ ଦେହଟା ଆଜି ଭଲ ଲାଗୁନାହିଁ । ମୁଁ ଆଜି ପରେ ଖାଇବି ।

ମା' କିଛି ବୁଝିପାରିଲେ ନାହିଁ । ଅବାକ୍ ହୋଇ ଚାହିଁ ରହିଲେ ।

ଭୂପେନ୍ଦ୍ର ଯାଇ ଖଟ ଉପରେ ଶୋଇ ପଡ଼ିଲେ ।

ମା ପାଟିକରି କହିଲେ, ବୋହୂ, ଭୂପ ଦେହ ଖରାପ, ଶୀଘ୍ର ଔଷଧପତ୍ର କରିନେଇ ଯାଅ ।

ତୁଳସୀ ଖାଇସାରି ଦେଖିଲେ ଶୋଇବାଘର ଦୁଆର ମେଲା । ଅନ୍ଧାରର ସଙ୍କେତ ସେ ବୁଝିଲେ । ଧୀରେ ଧୀରେ ଯାଇ ସେ ଖଟ ଉପରେ ବସିଲେ ।

ଭୂପେନ୍ଦ୍ର ଉଠି ତୁଳସୀଙ୍କ ହାତ ଧରିଲେ । ଦୁହିଁଙ୍କ ମୁହଁରେ ହସ ଓ ଲୁହ !

—କ୍ଲୋଜ୍ ଅପ୍—

□□□

ଗୋଟିଏ ମକଦ୍ଦମାର କଥା

ଅନାଦି କାଳରୁ ସାରା ବିଶ୍ବବ୍ରହ୍ମାଣ୍ଡରେ ଘଟି ଯାଇଥିବା ଓ ଅନନ୍ତ କାଳ ପର୍ଯ୍ୟନ୍ତ ଭବିଷ୍ୟତରେ ଘଟିବା ଅସଂଖ୍ୟ ଘଟଣା ପ୍ରବାହରୁ ଘଟନା ବିନ୍ଦୁଟିଏ ବିଚ୍ଛିନ୍ନ କରି ଆଜି ଅଦାଲତ ତାଙ୍କର ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବାରୁ ନିମ୍ନ ଆକାର ଧାରଣ କଲା ।

× × ×

ନରହତ୍ୟା ଅଭିଯୋଗରେ ଅଭିଯୁକ୍ତ ମୁଦାଲା ହରି ମହୁରିଆ ।

୧ ନମ୍ବର ମୁଦ୍ଦଇ ସାକ୍ଷୀର ସାକ୍ଷ୍ୟ :—ମୋର ନାମ ଉଜ୍ଜଳ ଦେଈ । ମୋର ସ୍ବାମୀର ନାମ ହରି ମହୁରିଆ । ମୋର ବୟସ ପଚଶ ବର୍ଷ । ମୋର ଗ୍ରାମ ଦଇତାପୁର । ଥାନା ବାସୁଦେବପୁର, ଜିଲ୍ଲା ବାଲେଶ୍ବର । ହାଲ୍ ସାକିନ୍ କାପଡ଼ର ଗାଁ ଚନ୍ଦନପୁର । ବ୍ୟବସାୟ ମୂଲଆଣୀ ।

କାଠଗଡ଼ାରେ ଛିଡ଼ା ହୋଇଥିବା ମୁଦାଲା ମୋର ଗେରସ୍ତ । ମୁଁ ମୁଦାଲାକୁ ଆଠ ବର୍ଷ ହେବ ବାହା ହୋଇଛି । ତାକୁ ବାହା ହେବା ଆଗରୁ ମୁଁ ଯୋଜନପୁରର ରାମ ଝେଣ୍ଟିଆକୁ ବାହା ହୋଇଥିଲି । ତାକୁ ବାହା ହୋଇ ତା ପାଖରେ କଇବର୍ଷ ଥିଲି । ସେ କୁପୁରୁଷ ବୋଲି ତାକୁ ଛାଡ଼ିଦେଇ ମୁଦାଲାକୁ ବାହା ହେଲି । (ଅଦାଲତରେ ପ୍ରଶ୍ନ—କୁପୁରୁଷ ମାନେ ? ସାକ୍ଷୀ—ତା ମାନେ ଅପାରଗ, ନପୁଂସକ)

ମୁଦାଲା ମୋର ଚରିତ୍ର ସନ୍ଦେହ କରି ସବୁବେଳେ ମାରେ, ଛଟପୀ ବୋଲି ଗାଳିଦିଏ । ମୁଁ ଗୀତ ଗାଇଲେ କି ଅଳତା ନାଇଲେ ସେ ରାଗେ । ଏମିତିକି ତାର ଧରମପୁଅ ପବିତ୍ର ଅଛି ବୋଲି ସନ୍ଦେହ କରି ମୋତେ ମାରେ ।

ଗଲ ବୈଶାଖ ପୂନେଇ ଅବେଳେ ମୋ ବାପା ବୋଉ ଆମ ଘରକୁ ଆସିଥିଲେ । ମୁଁ ତାଙ୍କ ସହିତ ଯିବାକୁ ଜିଦ୍ କଲି । ମୁଦାଲ୍ ମୋତେ ଛାଡ଼ିଦେବାକୁ ମନା କଲା । କହିଲା, କୃଷିବାସ ସମୟ, ଘରେ ଗାଈଗୋରୁ ଅଛନ୍ତି, ମୁଁ ଗଲେ ଚଳିବନାହିଁ । ମୁଁ କହିଲି ସେ ସବୁରେ ମୋର କିଛି ନାହିଁ । ମନା ନ ମାନି ମୁଁ ବାପ ଘରକୁ ଚାଲିଆସିଲି ।

ତା ପରଦିନ ବୈଶାଖ ପୂନେଇଁ, ନୃସିଂହଦେବଙ୍କ ପୂଜା । ମୁଦାଲ୍ ସେଦିନ ଆମ ଘରକୁ ଆସିଲା । ଆସି ମୋତେ ସେଇଦିନ ନେଇ ଯିବାକୁ ଜିଦ୍ କଲା । ମୁଁ ତାକୁ ଗାଳିଦେଇ କହିଲି, ମୋ ବୃଷବାହ, ଗାଈଗୋରୁ ଜିନିଖସପ କରି କାହିଁକି ଆସିଲୁ ? ସେ ମୋତେ ଗାଳିଦେଇ କେଉଁ ଝୁଣିକା ନେଇ ପିଟିବାକୁ ବସିଲା । ମୋ ଭାଇ ରାଗି ମୋ ଗହଣାପତ୍ର ବନ୍ଧ କରିଦେଇ ଚାଲିଗଲା । ମୁଦାଲ୍ ନ ଯାଇ ସେଦିନ ଆମ ଘରେ ରହିଲା ।

ସେଦିନ ଗ୍ରାମନେଉଟାଣିକୁ ମୋ ଭାଇର ଶଳା କପିଳା କାମରୁ ଗୀତ ଗାଇ ଗାଇ ଫେରିଲା । ସେ ଗାଉଥାଏ, 'ତୋର ମୋର ଯେ ପୀରତି··· । (ସାକ୍ଷୀ ଗୀତଟି ଗାଇବାକୁ ଲାଗିବାରୁ ଅଦାଲତ ଆଦେଶ ଦେଲେ—ସାବଧାନ, ଗୀତ ଗାଇଲେ ଅଦାଲତ ଅବମାନନା ଦୋଷରେ ଦଣ୍ଡିତ ହେବ । ମୁଦେଇ ପକ୍ଷ ଓକିଲ ମଧ୍ୟ ସାକ୍ଷୀର ସେତକ ଉକ୍ତି ଆଇନ ଅନୁସାରେ ଅବାନ୍ତରବୋଲି ଆପତ୍ତି ଦର୍ଶାଇଲେ ଓ ଲିଖିତ ହେଲା) କପିଳା ଗୁରଠା ପାଗ ମାରି ଆଣିଥାଏ । ସନ୍ଧ୍ୟାବେଳକୁ ମୁଁ ଆଉ କପିଳା ପାଗସବୁ ବାନ୍ଧିଇ ଚୁଟିନେଇ ପୋଖରୀକୁ ନେଲୁ ଧୋଇବାକୁ । ଆମେ ଦୁହେଁ ପୋଖରୀ କୂଳରେ ବସି ଗପକଲୁ । ମୁଁ କହିଲି, କପିଳା, ମୋତେ ଆଉ ତା ଘର କରିବାକୁ ଭଲ ଲାଗୁନାହିଁ । ଏଇ ସମୟରେ ବୁଦା ପାଖରେ ଖସ ଖସ ଶବଦ ଶୁଣି ଅନେଇ ଦେଖିଲି, ମୁଦାଲ୍ ଛପିକରି ସବୁ ଶୁଣୁଛି । (ଅଦାଲତ—କପିଳା ସହିତ ଆଗରୁ କଉଣ ତୁମର ଘନିଷ୍ଠତା ବା ଭାବ ଥିଲା ? ସାକ୍ଷୀ—ନା । ଅଦାଲତ—ଘଟଣାବେଳେ ତୁମେ କଉଣ କପିଳାକୁ ଭଲ ପାଉଥିଲ ? ସାକ୍ଷୀ—ହଁ । ତାର କେହି ନାହିଁ, ସେ ନିଆଶ୍ରା । ଧର୍ମାବତାର ମୋର କଉଣ ଦୋଷ ହେଲା ସେଥିରେ ? ଅଦାଲତ—ସେ ବିଷୟରେ ମକଦ୍ଦମା ଏ ଅଦାଲତରେ ବିଚାରାଧୀନ ନାହିଁ, ତେଣୁ ସେ ବିଷୟରେ କିଛି କହିବାର ଅଧିକାର ଏ ଅଦାଲତର ନାହିଁ । ସ୍ୱାମୀ ଜୀବିତାବସ୍ଥାରେ ଓ ତା ସହିତ ବିବାହ ବଳବତ୍ତର

ଥିବା ଅବସ୍ଥାରେ ଅନ୍ୟ ବ୍ୟକ୍ତିଷ ସହିତ ଦୈହିକ ସମ୍ବନ୍ଧ ସ୍ଥାପିତ ନ ହେବା ପର୍ଯ୍ୟନ୍ତ ଏ ଅଦାଲତରେ କିଛି କହିବାର ନାହିଁ । ଖାଲି ମାନସିକ ସମ୍ବନ୍ଧ ସ୍ଥାପିତ ହେଲେ ସମାଜ ତାର ବ୍ୟବସ୍ଥା କରିପାରେ । ସାକ୍ଷୀ—ତେବେ ଅଦାଲତରେ ଛିଡ଼ା ହୋଇଥିବା ଲୋକେ କାହିଁକି ମୋତେ ମାରିବାକୁ ଧମକାଉଛନ୍ତି ? ଅଦାଲତ—(ସାବଧାନ, ସାକ୍ଷୀକୁ ନିର୍ଭୟରେ ସାକ୍ଷ୍ୟ ଦେବାରେ ଯିଏ ବାଧା ଦେବ, ସେ ଦଣ୍ଡନୀୟ ହେବ)

ସେଦିନ ରାତିରେ ମୁଁ ମାଉଁସ ରାନ୍ଧି ବସିଛି । ମୋ ପାଖରେ କପିଳା ବସି ଗୁଣୁ ଗୁଣୁ ଗୀତ ଗାଉଥାଏ, 'ଆରେ ରେ ଛଇଳା···।' ନା ହଜୁର ଦୋଷ ହେଲା । ତା ଗୀତଗୁଡ଼ାକ ଖାଲି ମନେ ପଡ଼ିଯାଉଛି । ଭାଉଜ ବି ମୋ ପାଖରେ ବସିଥାଏ । ମୁଁ ଭାଉଜକୁ କହିଲି, ମୁଁ କପିଳା ସାଙ୍ଗରେ ପଳେଇବି । ଭାଉଜ କହିଲା, ହେପ୍, ସେମିତି କହୁଛୁ, ଜାଣିଛୁ ନା, ସେ ଶୁଣିବ ଯଦି ତମ ଦି' ଜଣଙ୍କୁ ଦି' ଦି'ଗଡ଼ କରି କାଟିଦେବ । କପିଳା କହିଲା, ଦ୍ୟାପ ଭାରି କଲବଲା, ମୋ ଏକା ମୁଣ୍ଡକେ ସେ ମାଟି କାମୁଡ଼ିବ । ମୁଁ ହସି ଉଠିଲି । ଅନାଇ ଦେଖିଲି ରାମ ପଛପଟୁ ନିଆଁ ହୁଳା ପରି ଦି'ଟା ଆଖି ଦଗୁଛି । ମୁଁ ସେ ଆଖିକୁ ଚାହିଁ ଖରେଇ ହେଲି ।

ରାତିରେ ମୁଦାଲି, କପିଳା ଓ ରାଉ ଅଗଣାରେ ଖାଇ ବସିଲେ । ମୁଁ କପିଳାକୁ ଟିକଏ ବେଶି ମାଉଁସ ଦବାରୁ, ମୁଦାଲି ମୋ ହାତରୁ ସବୁ ମାଉଁସ ଛଡ଼ାଇ ଖାଇଦେଲା । ଖାଇସାରି ସେ ତିନିହେଁ ଅଗଣା ପିଣ୍ଡାରେ ଶୋଇବାକୁ ଗଲେ । ମୋ ଗେରସ୍ତ ଶୋଇବାକୁ ଗଲାବେଳେ ମୋ ପଣତ ଧରି ବାଲୁପଟ ବଖରକୁ ଟାଣିବାକୁ ଲାଗିଲା । ମୁଁ ପାଟିକରି ଉଠିବାରୁ ସେ ପଳାଇଗଲା ପୁଣି ପ୍ରାୟ ରାତିଅଧରେ ସେ ମୋ ଶୋଇବା ବଖର କବାଟରେ ଧକ୍କାମାରି ମୋତେ ଡାକିଲା । ମୁଁ ପୁଣି ପାଟି କରିବାରୁ ସେ କବାଟରେ ଖୁବ୍ ଜୋରରେ ଗୋଟିଏ ଗୋଇଠା ମାରି ପଳେଇଗଲା ।

ତାର ପ୍ରାୟ ଘଣ୍ଟାଏ ପରେ ଭଇରୁ ହାଉଳି ଶୁଣି ଆମେ ସବୁ ବାହାରକୁ ଦୌଡ଼ିଆସି ଦେଖିଲୁ, ମୁଦାଲି ହାତରେ ଛୁରୀ ଧରି ଦୌଡ଼ି ପଳେଇଗଲା । କପିଳା ତା ପଛରେ ଗୋଡ଼ାଉ ଗୋଡ଼ାଉ ଅଗଣାରେ ଦୁମ୍ କରି ପଡ଼ି ମରିଗଲା । ତାର ତୋଟି କଟା ହୋଇଥାଏ, ରକ୍ତ ପିଚୁକୁଥାଏ । ମୋ ସ୍ୱାମୀ ମଧ୍ୟ ବେହେଡ଼ୁ ହୋଇ

ପଡ଼ିଥାଏ । ଆମେ ତାକୁ ସଂସ୍ଥାପ କଲୁ, ସେ କହିଲା, ଜହ୍ନ ଆଲୁଅରେ ସେ ସଫା ଦେଖିଛି ମୁଦାଲି କପିଳା ଗୁଣ୍ଡି ଉପରେ ବସି କଟିଆରେ ବେକକୁ ଛୁରୀରେ କାଟୁଥିଲା । ସେତେବେଳେ ମୁନେଇ ଚନ୍ଦ୍ରର ରୂପେଲି କିରଣ ଅଜାଡ଼ି ପଡ଼ୁଥାଏ ।

× × ×

ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ବିବରଣୀ ।

ମୃତ କପିଳ ଦାସ । ବୟସ ୩୦ ବର୍ଷ । ହୃଷ୍ଟପୁଷ୍ଟ ଶରୀର, କୌଣସି ରୋଗର ଲକ୍ଷଣ ନାହିଁ । ମୃତବ୍ୟକ୍ତିର କଣ୍ଠନଳୀ ଛିନ୍ନ ବିଛିନ୍ନ । କୌଣସି ଅତି ତୀକ୍ଷ୍ଣ ଅସ୍ତ୍ରଦ୍ୱାରା କଟା ହୋଇଥିବାର ଜଣାଯାଏ । କ୍ଷତସ୍ଥାନର ଦୁଇ ପାଖରେ ଦାନ୍ତର ଚିହ୍ନ । କ୍ଷତସ୍ଥାନର ଚାରି ନମ୍ବରେ ଦିଆଗଲା ।

× × ×

ମୁଦାଲିର ଜବାନ୍ ବନ୍ଦୀ ।

ମୋର ଭାରିଯା ଯାହା କହିଗଲା, ସବୁ ମିଛ । ମୁଁ କଅଣ କରିଛି ଜାଣେନା । ଘଟଣା ଦିନ ରାତିରେ ମୁଁ ଟିକିଏ ଘରେ ନ ଥିଲି । ସେଦିନ ରାତିରେ ମୁଁ ଦ'ଥର ଚେଷ୍ଟା କଲି, ମୋ ଭାରିଯା ଯଦି ବାଜି ହୋଇ ଯାଇଥାଆନ୍ତା, ତେବେ ଏମିତି ଘଟି ନ ଥାନ୍ତା । କପିଳା ଯେଉଁ କଣ୍ଠରେ ମୋ ଭାରିଯା ମନ ମୋହିଲା, ସେଇ କଣ୍ଠ ଚାଲି ଗଲା । ମୁଁ କଅଣ କରିବି ? ମୁଁ କପିଳାକୁ ମାରିନାହିଁ । ଧର୍ମାବତାର ଯାହା ବିଚାର କରିବେ ।

× × ×

ଅନ୍ୟାନ୍ୟ ଘଟଣାବଳୀ ସବୁ ଅଣୁବୀକ୍ଷଣ ଯନ୍ତ୍ର ତଳେ ଥୁଆ ହେବାର ବେଳ ହୋଇଯିବାରୁ ମୁଦାଲିକୁ ହାଜତକୁ ନେଇଯିବାର ଆଦେଶ ହେଲା । ମୁଦାଲିକୁ ହାତକଡ଼ି ପକାଇ ଦୁଇଜଣ ପୁଲିସ ନେଇଗଲେ । ମୁଦାଲି ଯାଉ ଯାଉ ପ୍ରଳାପ ବକିବାକୁ ଲାଗିଲା, ତୋର ମୋର ଯେ ପିରତି···ସବୁ ସ୍ୱପ୍ନ ତ ଗଲା···କୁପାସିନ୍ଧୁ ବଦନ, କର ଅବଲୋକନ··· । ହାଜତରୁ ମୁଦାଲିର ଭଙ୍ଗକଣ୍ଠରେ ଗୀତ ଶୁଭୁଛି । ଅନ୍ୟ ମକଦ୍ଦମା ଶୁଣାଣି ଚାଲିଛି ।

× × ×

ଅଲ୍ଇଣ୍ଡିଆ ରିପୋର୍ଟର୍ ୧୯୬୨, ଏଲାହାବାଦ ୨୨୭ ପୃଷ୍ଠାରେ ମହାମାନ୍ୟ ଈଶ୍ୱରପଣ୍ଡ ଦ୍ୱିବେଦୀ କହିଛନ୍ତି—ଆଇନ୍ ଓ ଯୋଜନାର ବ୍ୟବସ୍ଥା

ନୂତ । ମନୁଷ୍ୟ-ସମାଜର ନୈତିକ ଓ ସାମାଜିକ ବେଗର ନିକଷା ହୁଏ ଆଇନ ଦ୍ୱାରା । ଏହା ଏକ ଜଟିଳ ନିକଷା । ଏ ନିକଷା-ପଦ୍ଧତି ବୁଝିବାକୁ ହେଲେ ସମାଜ ଓ ବ୍ୟକ୍ତି ବିଷୟରେ ଗଭୀର ଜ୍ଞାନ ପ୍ରୟୋଜନ ।

× × ×

ଏ ଘଟଣା ଯେଉଁଦିନ ଘଟିଥିଲା, ଠିକ୍ ତାର ୨୬୦୦ ବର୍ଷ ପୂର୍ବେ ବୁଦ୍ଧ ବୁଦ୍ଧତ୍ୱ ପ୍ରାପ୍ତ ହୋଇ ପ୍ରଚାର କରିଥିଲେ, ଏ ଜୀବନ ଦୁଃଖପୂର୍ଣ୍ଣ, ଦୁଃଖର କାରଣ କାମନା ! ତା ପୂର୍ବରୁ ବିଶ୍ୱବ୍ରହ୍ମାଣ୍ଡର ନାନା ସ୍ଥାନରେ ନାନା କାଳରେ ନାନା ଘଟଣା ଘଟିଯାଇଛି ଓ ପରେ ଘଟିଛି ଓ ଭବିଷ୍ୟତରେ ଘଟିବ । କାହାରି ସହିତ ତାହାର କଅଣ ସଂପର୍କ ନାହିଁ ! ଆପେକ୍ଷିକବାଦ (Theory of relativity) ଓ ଉପନିଷଦ୍ କୁହେ, ସ୍ଥାନ ଓ କାଳ ଅଭିନ୍ନ ଓ ନିରବଚ୍ଛିନ୍ନ, ଅନାଦି ଓ ଅନନ୍ତ । ଅସଂଖ୍ୟ ବିନ୍ଦୁର ସମଷ୍ଟିରେ ରେଖାର ସୃଷ୍ଟି ? ଅସଂଖ୍ୟ ଘଟଣାର ସମଷ୍ଟିରେ କି ଗଳ୍ପ ସୃଷ୍ଟି ହେଉଛି ? ଯଦି କେହି ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ଓ ସମସ୍ତ କାଳ ଦେଖି ପାରୁଛନ୍ତି, ତେବେ ସିଏ ନିଶ୍ଚୟ ଅନ୍ୟାନ୍ୟ ସବୁ ଘଟଣା ସହିତ ଏହାର ସମ୍ପର୍କ ଦେଖିପାରୁଛନ୍ତି ।

ତା ଯଦି ହୁଏ, ତେବେ ମୁଁ ଯେ ଏ ଘଟଣାଟି ଲେଖିଲି, ତା ସହିତ ସେ ଘଟଣାର କି ସଂପର୍କ ? ପୁଣି ବୁଦ୍ଧଙ୍କ ପ୍ରଚାରିତ ସତ୍ୟ ସହିତ କି ସମ୍ପର୍କ ? ଏ ଘଟଣା ଉଲ୍ଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଦୋଷୀ, କିଏ ନିର୍ଦ୍ଦୋଷ ? ଅଦାଲତର ବା ସମାଜର ଅଣୁବୀକ୍ଷଣ ଯନ୍ତ୍ର ଉଠାଇନେଇ ଅନ୍ୟାନ୍ୟ ସବୁ ଘଟଣା ସହିତ ସମ୍ପର୍କ ରଖି ଏହାକୁ ଦେଖିଲେ ଏହାର କି ରୂପାନ୍ତର ହେବ ?

□□□

ଯାତ୍ରା ପଥେ

କେତେକ୍ଷଣ ଶୋଇଥିଲି ଜାଣେନା । ହଠାତ୍ ଗୋଟାଏ ଯାନ୍ତ୍ରିକ ଆର୍ତ୍ତନାଦରେ ମୋର ନିଦ ଭାଙ୍ଗିଗଲା ଏବଂ ସାଙ୍ଗେ ସାଙ୍ଗେ ଗୋଟାଏ ପ୍ରଚଣ୍ଡ ଅଦୃଶ୍ୟ ଧକ୍କାରେ ମୁଁ ଦୁଇ ତିନିବାର ଅଗ୍ରପଶ୍ଚାତ୍ ହୋଇ ବର୍ଥ୍ ଉପରୁ ତଳେ ପଡ଼ିଗଲି । ଡବାଟିରେ ସମସ୍ତେ ଉଠି ବସିଲେ । ସମସ୍ତଙ୍କ ମୁହଁରେ ଫୁଟିଉଠେ ଆଶ୍ଚର୍ଯ୍ୟ ଏବଂ ପ୍ରଶ୍ନବାଚକ ଚିହ୍ନ । ଉତ୍ତର ଦେବ ବା କିଏ ? ସମସ୍ତେ ସ୍ତମ୍ଭିତ ।

ବାହାରକୁ ଅନାଇ ଦେଖିଲି ପୂର୍ଣ୍ଣିମାର ପରିଷ୍କାର କିରଣ ଚାରିଆଡ଼େ ଅଜାଡ଼ି ପଡ଼ୁଛି । ରେଳ ଲାଇନର ଦୁଇ ପାଖରେ ବିସ୍ତୀର୍ଣ୍ଣ ପ୍ରାନ୍ତର । ମଝିରେ ମଝିରେ ଗୋଟାଏ ଗୋଟାଏ ବଡ଼ ଗଛ । ଅନତି ଦୂରେ ଦେଖାଯାଉଛି ପର୍ବତର ରେଖା । ଚାରିଆଡ଼େ ନିସ୍ତବ୍ଧ ନିଶ୍ଚଳ । ସମସ୍ତେ ଯେପରି ମୁଗ୍ଧ ହୋଇ ଅପଲକ ଦୃଷ୍ଟିରେ ପୃଥିବୀର ସେଇ ଅପାର୍ଥିବ ଦୃଶ୍ୟ ଉପଭୋଗ କରୁଛନ୍ତି । ନିସ୍ତବ୍ଧତା ଭଙ୍ଗ କରି ଅପୂର୍ବ ସଙ୍ଗୀତରେ ଲାଇନ କଡ଼ରେ ବହିଯାଉଛି ଗୋଟିଏ କ୍ଷୀଣ ପାହାଡ଼ ଝରଣା କୁଳୁକୁଳୁ ହୋଇ । ତା'ର ଯେପରି ଅକ୍ଲାନ୍ତ ଗତି, ବିରାମ ନାହିଁ । ମୁଁ ମଧ୍ୟ ମୁଗ୍ଧ ଭାବରେ ଅନାଇ ରହିଲି ।

ଘଡ଼ିକୁ ଅନାଇ ଦେଖିଲି ରାତି ଦୁଇଟା । ସମସ୍ତେ ଆତଙ୍କିତ ହୋଇ ଦୌଡ଼ୁଛନ୍ତି ଗାର୍ଡ଼ ସାହେବ ପାଖକୁ, କିଛି ଦୁର୍ଘଟଣା ଘଟିଛି କି ନା ବୁଝିବାକୁ । ତାହାର ପ୍ରତି କାହାର ଭ୍ରୂକ୍ଷେପ ନାହିଁ, ମାଡ଼, ଦଳ, ଚଢ଼, ଉଠି ସମସ୍ତେ ଦୌଡ଼ୁଛନ୍ତି । ମୁଁ କିନ୍ତୁ ଅନାଇ ରହିଲି ସେଇ ଅପୂର୍ବ ସୌନ୍ଦର୍ଯ୍ୟଆଡ଼େ ।

—'ସିଗାରେଟ୍ ପ୍ଲିଜ୍ ।'

ଚମକିପଡ଼ି ଅନାଇ ଦେଖିଲି ଜଣେ ବୃଦ୍ଧ ଭଦ୍ରଲୋକ ସିଗାରେଟ୍ ବଢ଼ାଇ ଛିଡ଼ାହୋଇଛନ୍ତି । ଧନ୍ୟବାଦ ଜଣାଇ ସିଗାରେଟ୍ ନେଲି । ବୃଦ୍ଧ ଡିଆସିଲି ଲଗାଇ ଅତି ବିନମ୍ର ଭାବରେ ସିଗାରେଟ୍ ଧରାଇଦେଇ କହିଲେ, କିଛି ମନେ କରିବେ ନାହିଁ । ଏ ଥଣ୍ଡାରେ ଆପଣଙ୍କୁ ହଠାତ୍ କଷ୍ଟ ହେବାର ଦେଖି ଟିକିଏ ଧୂଆଁ ଯୋଗାଇଲି; କିନ୍ତୁ ମହାଶୟ, ଏଠି ବେଶୀକ୍ଷଣ କଷ୍ଟ ହେବନାହିଁ, କିଛିଟା ଦରକାର ହେବ ତା' ହେଲେ ।

ସଂସାରର ଯାତ୍ରା ପଥରେ ମନୁଷ୍ୟ ସ୍ୱର୍ଗେ ସାଥୀ; କିନ୍ତୁ ମନ ହେଉଥିବାବେଳେ ଅସୀମର ଉଦ୍ଦେଶ୍ୟରେ ଡଙ୍ଗା ମେଲିଦିଏ, ସେତେବେଳେ କୌଣସି ସାଥୀ ଭଲ ଲାଗେନାହିଁ । ତଥାପି ଭଦ୍ରତା ଖାତିରରେ ପଚାରିଲି, ଆପଣଙ୍କ···

ବୃଦ୍ଧ ଭଦ୍ରଲୋକ ଯେପରି ଏତିକି ପାଇଁ ଅନାଇ ବସିଥିଲେ । ମୋ କଥା ଶେଷ ନ ହେଉଣୁ କହିଲେ, ମୋ ନାମ ଶଙ୍କର ଦାସ । ପିତା ମୃତ ହରି ଦାସ । ଜାତି ତାନ୍ତି । ସାବିକ ବାସସ୍ଥାନ ମୌଜେ ବରୁଆଁ ହରିପୁର, ଥାନା ଯାଜପୁର, ଜିଲ୍ଲା କଟକ । ହାଲ୍ ସାକିନ୍ କେନ୍ଦୁଝର ଜଙ୍ଗଲ । ଏକା ନିଃଶ୍ୱାସକେ ଭଦ୍ରଲୋକ ଏତିକି କହି ଗମ୍ଭୀର ଭାବରେ ଦରବାରି କାଇଦାରେ ଦୁଇ ପାଦୁଣ୍ଡ ଛକୁ ଯାଇ ମୁଣ୍ଡ ଝୁଙ୍କାଇ ଆଦବରେ ଛିଡ଼ାହେଲେ ଏବଂ କିଛିକ୍ଷଣ ପରେ ମୁଣ୍ଡ ଟେକି ପଚାରିଲେ, ଆପଣଙ୍କର ମହାନ୍ ପରିଚୟ ଲାଭ କରି ପାରେ କି ?

କହିଲି, ମୋର ନାମ ଧନଞ୍ଜୟ ବୈଶ୍ୟ । ଦିଲ୍ଲୀ ଯାଉଛି ଗୋଟିଏ ବଡ଼ ବ୍ୟବସାୟ ଉଦ୍ଦେଶ୍ୟରେ ।

ମୋର ଦିଲ୍ଲୀ ଗୋଟିଏ ବଡ଼ ବ୍ୟବସାୟ ଉଦ୍ଦେଶ୍ୟରେ ଯିବାହିଁ ତାଙ୍କଠାରୁ ମୋର ଦୂରତ୍ୱ ବୁଝାଇବାରେ ଏବଂ ତାଙ୍କୁ ମୋର ସଙ୍ଗ ଆଶା ତ୍ୟାଗ କରିବାରେ ଯଥେଷ୍ଟ ଭାବିଥିଲି । ବସ୍ତୁତଃ ଜଣେ ବୃଦ୍ଧର ଏପରି ଚପଳ ଆଚରଣ ମୋତେ ଆଦୌ ଭଲ ଲାଗୁନଥିଲା । ଭଦ୍ରଲୋକ କିନ୍ତୁ ଉତ୍ସାହିତ ହୋଇ କହିଲେ, ବାଃ, ଚମତ୍କାର, ମୁଁ ମଧ୍ୟ ଦିଲ୍ଲୀ ଯାତ୍ରୀ । ଏଥିରେ ମୋର କୌଣସି ଉତ୍ସାହ ନଦେଖି ସେ ବିଷଣ୍ଣ ଭାବରେ କହିଲେ, ଓଃ, ଦେଖୁଛି ଆପଣଙ୍କର କଷ୍ଟ ଭାବ ଏପର୍ଯ୍ୟନ୍ତ ଯାଇ ନାହିଁ, କ୍ଷମା କରିବେ; କିନ୍ତୁ ସଙ୍ଗ ଆବଶ୍ୟକ ହେଲେ ଅଧୀନକୁ ସ୍ମରଣ କରିବେ ।

ମୁଁ ଅନ୍ୟ ସହଚରୀ ଅନୁସନ୍ଧାନରେ ଚାଲିଲି । ମନେ ରଖିବେ, ଟ୍ରେନ୍ ଏଠି କେତେକ୍ଷଣ ଛିଡ଼ା ହେବ ତା'ର ଠିକ୍ ନାହିଁ । ସାମନାରେ ଅନେକ ଦୂର ରେଳଲାଇନ କେହି କଟାଇଦେଇଛନ୍ତି । ଟ୍ରେନ୍ ଯାତ୍ରୀଙ୍କର ଜୀବନର ଆବଶ୍ୟକତାଠାରୁ କାହାର ରାଜନୈତିକ ବା ଆର୍ଥିକ ଆବଶ୍ୟକତା ବୋଧହୁଏ ଟିକିଏ ବେଶି ହେବାରୁ ଏ ଅନାବଶ୍ୟ ଦୁର୍ଘଟଣା ଘଟିଛି । ଆଚ୍ଛା, ନମସ୍କାର ।

ଉକ୍ତିଟିର ଉପଯୁକ୍ତତା ମୁଁ ନାମେଷ୍ଟେଙ୍କ ହୃଦୟଙ୍ଗମ କଲି । ନାମେଷ୍ଟଙ୍କ ମେଜ ଦାର୍ଶନିକ ଭାବ ଲୁକାଇଲା । ଏଥର ରଖିବାକୁ ମୋର ଭୟ ଲାଗିଲା । ଏ ଦୁର୍ଘଟଣାରେ ଯେଉଁ ସାର୍ଟ ଆଜି ଆମେ ଆଣିଛି, ତାହାକୁ ହରାଇବା ଭୟରେ ମୁଁ ଭଦ୍ରଲୋକଙ୍କ ହାତ ଧରି ଅଟକାଇଲି । ଭଦ୍ରଲୋକ ହସି କହିଲେ, ତେବେ ଆପଣ ଅନ୍ୟ ସାଥୀ ଖୋଜି ବାହାର କରାଯାଉ, ଦୁଇଜଣରେ ଭଲ ଜମିବ ନାହିଁ ।

ଏହି ସମୟରେ ଜଣେ ଯୁବକ ଆମ ଆଡ଼କୁ ଆସିବାର ଦେଖିଲି । ଦୀର୍ଘ, ଗୌର, ସୁନ୍ଦର । ଦେହରେ ଅତି ସାମାନ୍ୟ ବସ୍ତ୍ର ଖଦଡ଼ ଚାଦର, ଦୃଷ୍ଟି ତାଙ୍କର ଅସୀମରେ ନିବଦ୍ଧ, ସବୁ ଦେଖି ନଦେଖିଲାପରି । ଧୀର ଗତିରେ ସେ ଆମକୁ ଅତିକ୍ରମ କରି ଚାଲିଗଲେ ଏବଂ ଯାଉ ଯାଉ ନିଜ ମନରେ କହି ଚାଲିଲେ, ସ୍ୱପ୍ରକାଶ ଏବଂ ଜ୍ଞାନାତ୍ମକ ସେଇ ସର୍ବବ୍ୟାପୀ ପୁରୁଷଙ୍କୁ ମୁଁ ଜାଣେ, ମୁଁ ତାଙ୍କୁ ପାଇଛି, ତାଙ୍କଛଡ଼ା ଅନ୍ୟ ଉପାୟ ନାହିଁ । ବେଦାହମେତଂ ପୁରୁଷଂ ମହାନ୍ତମ୍, ଆଦିତ୍ୟ ବର୍ଣ୍ଣମ୍ ତମସଃ ପରସ୍ତାତ୍ । ତମେବ ବିଦିତ୍ୱାଽତି ମୃତ୍ୟୁମେତି, ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।

ଉପନିଷଦର ଋଷି ଯାଉଛନ୍ତି, ଶଙ୍କରବାବୁ ହସି କହିଲେ, ତାଙ୍କୁ ଡାକିଡାକି । ମହାଶୟ, ଆମେ ନିଃସହାୟ, ନିଃସଙ୍ଗ । ଆମକୁ ସାହାଯ୍ୟ କରିବେ ନା ?

ଭଦ୍ରଲୋକ କିଛି ଦୂର ଯାଇଥିଲେ, ସେଇଠି ଛିଡ଼ାହେଲେ । ସେହିପରି ଅସୀମରେ ଦୃଷ୍ଟି ରଖି । ଟିକିଏ ନୀରବରେ ଛିଡ଼ାହେଲା ପରେ ସେ ଫେରିଲେ ଏବଂ ନିକଟକୁ ଆସି ପଚାରିଲେ, କ'ଣ ଆପଣଙ୍କ ବିପଦ ?

କଙ୍କରବାବୁ କହିଲେ, କହନ୍ତୁ ନା, ଆମେ କୋ। ଆପଣଙ୍କର ସଙ୍ଗ ପ୍ରାର୍ଥନା କରୁଛୁ।

ଭଦ୍ରଲୋକ ଟିକିଏ ହସିଲେ। ଅଦ୍ଭୁତ ସେ ହସ। ଅତି ଶାନ୍ତ ଭାବରେ କହିଲେ, ଆପଣମାନେ ଟିକିଏ ଅପେକ୍ଷା କରନ୍ତୁ, ମୁଁ ଦେଖିଆସେ କାହାର କିଛି ବିପଦ ଘଟିଛି କି ନାଁ।

କଙ୍କରବାବୁ ବାଧା ଦେଇ କହିଲେ, ଅଜ୍ଞା ନା। ଅଳ୍ପକେ ଆମେ ସମସ୍ତେ ଗୋଟିଏ ବଡ଼ ଦୁର୍ଯୋଗ, ଅର୍ଥାତ୍ ମୃତ୍ୟୁ, ହରାଇଛୁ। କାହାର କିଛି ହୋଇନାହିଁ। ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଆପଣଙ୍କର ପରିଚୟ···

—ବ୍ରହ୍ମଦେବ ମିଶ୍ର। ବକ୍ଷୀଚୋରୀ।

—ବାଃ, ବାଃ, ଆମେ ମଧ୍ୟ ଚାଲନ୍ତୁ ସେଇ ଝରଣା ପାଖରେ ବସିବା।

ଯାତ୍ରୀମାନେ ନାନା ଭଙ୍ଗୀରେ ଯେ ଯାହାର ଡବାକୁ ଫେରୁଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ବଳିଷ୍ଠ, ଦୃଢ଼, କର୍ମଠ ଅଥଚ ରୁକ୍ଷ ଯୁବକ ହାତରେ ଥିବା ଗୋଟିଏ ଯାନ ବେତ ବାଡ଼ିରେ ସମସ୍ତଙ୍କୁ ଆଡ଼େଇ, ହଟୋ, ହଟୋ କହି କ୍ଷିପ୍ରଗତିରେ ଆଗେଇ ଆସୁଥିଲେ ଏବଂ ମଝିରେ ମଝିରେ ଫୁଲିସ୍, ନନ୍‌ସେନ୍ସ, ଡିସ୍‌ଗଷ୍ଟିଂ ଇତ୍ୟାଦି କହି ତାଙ୍କର ବିରକ୍ତି ପ୍ରକାଶ କରୁଥିଲେ।

କଙ୍କରବାବୁ ହଠାତ୍ ତାଙ୍କ ଆଗକୁ ଯାଇ ହାତ ପ୍ରସାରିତ କରି ବାଧା ଦେଇ କହିଲେ, ସିଗନାଲ୍ ଅପ୍, ଗାଡ଼ି ରୋକନ୍ତୁ।

ହ୍ୱାଟ୍ ଡସ୍ ନନ୍‌ସେନ୍ସ, କହି ଭଦ୍ରଲୋକ କଙ୍କର ବାବୁଙ୍କ ହାତକୁ ବେତରେ ବାଡ଼େଇ ଦେଲେ। କଙ୍କରବାବୁ ତାଙ୍କ କଥାର ଆଘାତରେ ପ୍ରାୟ ପଡ଼ୁପଡ଼ୁ ଗୋଟାଏ ହାସ୍ୟକର ଭଙ୍ଗି କରି ରହିଗଲେ ଏବଂ ପୁଣି ଦୌଡ଼ିଯାଇ ବାଧା ଦେଇ କହିଲେ, ମହାଶୟ, ଆମେ ତିନିହେଁ ବକ୍ଷୀଚୋରୀ କୋଠି ହୋଇଛୁ··· ଆପଣ···

—ଗ୍ଲାସ୍ସାଟ୍...ଗୁଡ୍...ମୁଁ ବି...ଚ୍ଛଳନ୍ତୁ '

—ଧନ୍ୟବାଦ, ଆପଣଙ୍କ ପରିଚୟ...

—ଧନୁର୍ଦ୍ଧର ବ୍ରହ୍ମଦେଓ

—ବାଃ, ଏକଦମ ଚଳିବଣ୍ଟି ଯୋଗ ଯେ । ଚ୍ଛଳନ୍ତୁ ହରଣା ପକ୍ଷକୁ । ଟିକିଏ ରହନ୍ତୁ..., କହି କଙ୍କରବାବୁ ନିଜ ଓଡ଼ି ପାଖକୁ ଦୌଡ଼ିଗଲେ ଏବଂ ଗୋଟିଏ ବୋତଲ ଓ ସାନ କାଚ ଗିଲାସ ଧରି ଫେରିଲେ ।

ହରଣା ସେ ପାଖରେ ଗୋଟିଏ ପରିଷ୍କାର ସ୍ଥାନ ବଛି ଆସନ ବସିଲୁ' କଙ୍କରବାବୁ ଗିଲାସରୁ ମୂଲ୍ୟବାନ୍ ପାନୀୟ ଢାଳି ବ୍ରହ୍ମଦେବ ବାବୁଙ୍କ ଆଡ଼କୁ ବଢ଼ାଇ କହିଲେ, ବ୍ରାହ୍ମଣାଃ ଫାଷ୍ଟ୍

ବ୍ରହ୍ମଦେବବାବୁ ସବିନୟରେ କହିଲେ, ନା, ମୋତେ ଭଲ ଲାଗେନାହିଁ... ତେବେ ଆପଣମାନଙ୍କର ମନ କଷ୍ଟ ହୋଇପାରେ...ଦିଅନ୍ତୁ, ନିର୍ଲିପ୍ତ ଭାବରେ ସେ ଗିଲାସରୁ ପାନୀୟ ଶେଷ କରି ସେହିପରି ଶାନ୍ତ ଭାବରେ ବସିରହିଲେ । ଧନୁର୍ଦ୍ଧରବାବୁ ତାପରେ ଗୋଟିଏ ଗିଲାସ ଶେଷକରି ମୋ ଆଡ଼କୁ ବଢ଼ାଇଦେଇ କହିଲେ; ମୋତେ ଖୁବ୍ ଭଲ ଲାଗେ । ଏହା ମାନସିକ ଓ ଶାରୀରିକ ଶକ୍ତି ଖୁବ୍ ବଢ଼ାଏ ।

ମୋର ପିଇବାର ଇଚ୍ଛା ଥିଲେ ମଧ୍ୟ ବାହାରେ ତାହା ପ୍ରକାଶ ନ କରି ମଦର ଅକାରିତା ବିଷୟରେ ବୁଝାଇବାକୁ ଆରମ୍ଭ କଲି । ବ୍ରହ୍ମଦେବବାବୁ ହସି କହିଲେ, ମଦର ଅପକାରିତା ବିଷୟରେ ଆପଣ ଯେବେ ଏତେ ଜାଣନ୍ତି, ତେବେ ପିଅନ୍ତୁ, କୌଣସି ଅପକାର ହେବନାହିଁ ।

କଙ୍କରବାବୁ ବାଧାଦେଇ କହିଲେ; ସେ ସବୁ ମୁଁ ବି ଜାଣେ । ନିଅନ୍ତୁ; ପିଅନ୍ତୁ ଆଗେ ।

ତଥାପି ଅନିଚ୍ଛାର ଅଭିନୟ କରି ମୁଁ ଗିଲାସଟି ଶେଷକରି କଙ୍କରବାବୁଙ୍କ ଆଡ଼କୁ ବଢ଼ାଇଦେଲି । କଙ୍କରବାବୁ କହିଲେ; ଆଉ ଦରକାର ? ମୁଁ ମାରିବବେ

ଟିକ୍‌ସଟି ତନ୍ଦ୍ରାଭ ରଖିଲ। କଙ୍କରବାବୁ ହସି ପୁଣି ଗିଲାସଟି ପୂର୍ଣ୍ଣ କରିଦେଲେ ଯେତେକ ଶେଷକରି ଟିକେଟି ଚଳେ ଥୋଇଦେଲି। କଙ୍କରବାବୁ ବୋତଲଟ ବାକିତକ ବୋତଲରେ ମୁହଁ ଲଗାଇ ଶେଷକରି କହିଲେ, ବେଶ୍ ଜମିବ, ଏଥର କହନ୍ତୁ, ଏଥର କାହାର କ'ଣ କହିବାର ଅଛି।

କଥା କଥାରେ ଅଳ୍ପ ସମୟ ଭିତରେ ଆଡ୍ଡାଟି ବେଶ୍ ଜମି ଉଠିଲା। କଙ୍କରବାବୁ କହିଲେ, ମୋର୍ ପ୍ରସ୍ତାବ, ଏଥର ପ୍ରତ୍ୟେକେ ନିଜ ନିଜ ଜୀବନର ପ୍ରେମର ଅନୁଭୂତି ପ୍ରକାଶ କରନ୍ତୁ···ପ୍ରଥମେ ବ୍ରହ୍ମଦେବବାବୁ ଆପଣ···ବ୍ରାହ୍ମଣାଃ ଫାର୍ଷ୍ଟ୍।

ବ୍ରହ୍ମଦେବବାବୁ ଯେହିପରି ନିର୍ଲିପ୍ତ ଭାବରେ କହିଲେ, ବେଶ୍! ମୁଁ ଭଲ ପାଉଥିଲି ତାଙ୍କୁ ମୋର ସମସ୍ତ ପ୍ରାଣ ଦେଇ। କେତେ ରାତି ଏମିତି କଟାଇଚି ତା ସହିତ··· ! ହଠାତ୍ ଗମ୍ଭୀର ହୋଇ ସେ କିଛିକ୍ଷଣ ନୀରବ ରହିଲେ, ତା'ପରେ ଧୀରେ ଧୀରେ କହିଲେ, ନା, ମୋତେ ବାଦ୍ ଦିଅନ୍ତୁ। ସେ ଆଜି ଅନ୍ୟର ଧର୍ମପତ୍ନୀ! ତା ବିଷୟରେ ମୋର କୌଣସି ଭାବନା ଚରମ ବିଶୃଙ୍ଖଳତା···

ଆଗ୍ରହର ସହିତ ପଚାରିଲି, ତେବେ କ'ଣ ପ୍ରତାରଣା ?

—ନା, ପ୍ରତାରଣା କାହିଁକି ଦେବ। ମୋତେ ସେ ଭଲ ଲାଗିଲା ନାହିଁ

···ଏଥିରେ ପ୍ରତାରଣା କିଛି ନାହିଁ···

—ଆପଣ କ'ଣ ଅବିବାହିତ ? ଧନଞ୍ଜୟବାବୁ ପଚାରିଲେ।

—ହଁ

—ବୟସ କେତେ ଆପଣଙ୍କର ?

—ଚାଳିଶ

—ଆପଣ ଆଉ ବିବାହ କରିବେନାହିଁ ?

—ନା

—ତା'ର ପାଇଁ, ମୁଁ ପଚାରିଲି।

—ନା, ତାହାଁ ନୁହେଁ, ଦୁନିଆରେ ଅନେକ କାମ ହେଉଛି। ମନୁଷ୍ୟର କେତେ ଦୁଃଖ ! କରିବ କାହିଁକି ?···ବୁଦ୍ଧଦେବ କହିଛନ୍ତି, କାମନାର ବିନାଶରେ ଦୁଃଖର ବିନାଶ. ଏହା କ'ଣ ଚରମ କଥା ? କାମନା ଥିବ ଅଥଚ ଦୁଃଖ ନ ଥିବ, ଏମିତି କ'ଣ ହୋଇ ପାରେନା ! କାମନାର ବିନାଶ ହେଲେ ମନ ଶକ୍ତିର ବିନାଶ ହେବ । ଏ ଦୁଇର ଦ୍ୱନ୍ଦ୍ୱ ସମନ୍ୱୟ କିପରି ହୋଇ ପାରେ ? କିପରି ହୋଇ ପାରେ ? କିପରି ହୋଇ ପାରେ ?

ଏହି ପ୍ରଶ୍ନଟି ସେ ଦୁଇ ତିନିଥର ଧୀରେ ଧୀରେ ନିଜକୁ ନିଜେ ପଚାରି ସେହିପରି ଅସୀମତାକୁ ଚାହିଁରହିଲେ । କିଛିକ୍ଷଣ ପରେ ତାଙ୍କର ମୁହଁ ଆଶାରେ କିପରି ଉଜ୍ଜ୍ୱଳ ହୋଇ ଉଠିଲା । ସେ ଆମ୍ଭଙ୍କୁ ଦୃଷ୍ଟି ଫେରାଇ କହିଲେ; ହୋଇପାରେ, ହୋଇପାରେ । ପାତଞ୍ଜଳି ତା'ର ଯୋଗ ମନ୍ତ୍ର ଦେଇ ଯାଇଛନ୍ତି 'ବୃତ୍ତିସାରୂପ୍ୟମ୍ ଇତରତ୍ର' । ନିଜକୁ ସବୁର ସବୁ ବସ୍ତୁରେ ଦେଖିବ, ଅର୍ଥାତ୍ ସେବା, ଜଗତର କଲ୍ୟାଣ ସାଧନ । ଗୀତାରେ ଭଗବାନ ମଧ୍ୟ କହିଛନ୍ତି; ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯଃ··· ନିଜର କାମନା ବା ଦାବି ଚରିତାର୍ଥ ହେବା ଯେମିତି ଦରକାର, ଅନ୍ୟର ମଧ୍ୟ ସେହିପରି ଦରକାର ।

ଧନୁର୍ଦ୍ଧରବାବୁ ବିରକ୍ତି ଆଉ ରଖି ନ ପାରି କହିଲେ; କିନ୍ତୁ ଆପଣ ଜାଣନ୍ତି କି, ଏ ବୈରାଗ୍ୟ ଆପଣଙ୍କର ପ୍ରେମିକାର ପ୍ରତାରଣା ପାଇଁ ?

—ତା'ର ପାଇଁ, ସ୍ୱୀକାର କରୁଛି । ଏ ବିଷୟରେ ସେ ମୋର ଗୁରୁ । ସେଠୁ ଫେରି ନ ଥିଲେ ମୁଁ ଏ ଆନନ୍ଦର ସନ୍ଧାନ ପାଇନଥାନ୍ତି; କିନ୍ତୁ ଏ ତା'ର ପ୍ରତାରଣା ନୁହେଁ ।

ଧନୁର୍ଦ୍ଧରବାବୁ ଉତ୍‌କ୍ଷିପ୍ତ ଭାବରେ କହିଲେ, ସେ, ପ୍ରତାରଣା ନୁହେଁ ଆଉ କ'ଣ ? ଆପଣମାନଙ୍କ ଭଳି ନରମା ଲୋକେ ତାଙ୍କ ମୁହଁ ବଢ଼ାଇଛନ୍ତି । ନ ହେଲେ ସ୍ତ୍ରୀ ସ୍ୱାଧୀନତା କଥା ପୃଥିବୀରେ କୌଣସି ସ୍ତ୍ରୀ ସାହସ କରି ମୁହଁରେ ଧରନ୍ତା ଆଜି ? ପ୍ରେମ·· ମୋହବନ୍ଧ···ଫୁଃ···ସବୁ ନଷ୍ଟ ଦମନ । ସେମାନଙ୍କୁ ଦରକାର ପ୍ରେମ ନୁହେଁ, କଠିନ ଶାସନ । ପୁରୁଷର ପୌରୁଷ ହେଉଛି ନାରୀକୁ

ହାଣି ନିଜ ପାଦ ଉପରକୁ ଆଣିବା ! କିଏ ଜାଣିଥିଲା ନା କେମିତି ? ସେସବୁ ସବୁ··· ବାଜେ କଥା···ମାକ୍‌ସିଆ ବନ୍ଧୁମାନଙ୍କ ବକ୍ତୃତା··· ନାରୀ ଚେତନା ଦୟା ମାୟା ଘୃଣା···ବିଶ୍ୱାସଘାତିନୀ··· ମୁଁ ବି ଦିନେ ଭଲ ପାଉଥିଲି, ଜାଣନ୍ତି ? ···ଆପଣଙ୍କ ଭଳି ଭଲ ପାଉଥିଲି···କିନ୍ତୁ ମୋର ପ୍ରେମର ପୁରସ୍କାର ପାଇଲି ପ୍ରତାରଣା··· ସେ ଆଜି ଜଣେ ଧନୀର ଅଙ୍କଶାୟିନୀ···ମୁଁ ଦରିଦ୍ର, ତେଣୁ··· ଭୁଲନ୍ତୁ ସେ କଥା ···ପ୍ରେମ ପ୍ରେମ ସବୁ ମିଛ··· ଦୁନିଆରେ ଏକମାତ୍ର ସତ୍ୟ ନିଜର ଦକ୍ଷତା ବିସ୍ତାର ···ଯେ କୌଣସି ପ୍ରକାରରେ ନିଜର ଦାବୀ ହାସଲ କରିବାକୁ ପଡ଼ିବ, ନ ହେଲେ ରସାତଳକୁ ଯିବ । ଏ ଜୀବନ ସଂଗ୍ରାମ ··ଷ୍ଟ୍ରଗଲ୍ ଫର୍ ଏକ୍‌ଜିଷ୍ଟେନ୍ସ···

ବ୍ରହ୍ମଦେବବାବୁ ଧନୁର୍ଦ୍ଧରବାବୁଙ୍କ କାନ୍ଧରେ ଧୀରେ ହାତ ରଖି କହିଲେ, ଶାନ୍ତ ହୁଅନ୍ତୁ, ଶାନ୍ତ ହୁଅନ୍ତୁ । ଏଇ ସାମାନ୍ୟ ଘଟଣା ପାଇଁ ଆପଣ ନିଜର ଦୃଷ୍ଟିଭଙ୍ଗିକୁ ବିକୃତ କରନ୍ତୁ ନାହିଁ । ସଂଗ୍ରାମ, ଷ୍ଟ୍ରଗଲ୍ ଏସବୁ ଭ୍ରମାଦ୍ୟପୂର୍ଣ୍ଣ ତଥ୍ୟ । ଜୀବନ ହେଉଛି ଆନନ୍ଦ, ଆନନ୍ଦ ।

ଧନୁର୍ଦ୍ଧରବାବୁ ଅଧିକ ଉତ୍କ୍ଷିପ୍ତ ହୋଇ କହିଲେ, ଯାହାକୁ ଆପଣ-ବିକୃତ କହୁଛନ୍ତି, ମୁଁ ବୁଝେ ସେଇଟା ହିଁ ଚରମ ସତ୍ୟ । ମୋର ଦର୍ଶନ ଗ୍ରହଣ ଦର୍ଶନ···ଯାହା ଘଟୁଛି ।

ବ୍ରହ୍ମଦେବବାବୁ ତାଙ୍କୁ କୋଳକୁ ଆଉଜାଇ କହିଲେ, ଥାଉ ସେ କଥା । ଧନଞ୍ଜୟବାବୁ, ଆପଣଙ୍କ ଅଭିଜ୍ଞତା କୁହନ୍ତୁ ।

ମନ ଖୋଲି କହିବାକୁ ମୋର ସବୁବେଳେ କୁଣ୍ଠା ବୋଧ ହୁଏ । ବନ୍ଧୁମାନେ ଏଥିପାଇଁ ମୋତେ କହନ୍ତି, ବ୍ୟବସାୟ କରି କରି ମୋର ମନ ବି ବ୍ୟବସାୟୀ ହୋଇଯାଇଛି । ତଥାପି ବାଧ୍ୟ ହୋଇ କହିବି, ଦେଖନ୍ତୁ, ଧନୁର୍ଦ୍ଧରବାବୁ ଯାହା କହିଲେ, ତାହା ପ୍ରାୟ ଠିକ୍ । ମୋ ଜୀବନରେ ମୁଁ ମଧ୍ୟ ପ୍ରତାରିତ ହୋଇଛି; କିନ୍ତୁ ଉପାୟ କ'ଣ ? ବଞ୍ଚିବାକୁ ହେଲେ ପୁରୁଷକୁ ନାରୀ ଦରକାର । ସେମାନେ ପୁରୁଷ ଛଡ଼ା ଚଳିପାରନ୍ତି; କିନ୍ତୁ ପୁରୁଷର ନାରୀ ନ ହେଲେ ଚଳିବା ଅସମ୍ଭବ । କିଏ ଜଣେ କୁଆଡ଼େ କହିଛନ୍ତି, ନିରାଶ୍ରୟେ ନ ଶୋଭନ୍ତେ ବନିତା,

କରିବା ଭଲ ଯେପରି ଭୋଗ କରିବାର ଭୁଲ ଧାରଣା । ତେବେ ସେଥିରେ ଏତିକି ସତ୍ୟ ଅଛି ଯେ, ସେମାନଙ୍କର ଚେଷ୍ଟା ଆମର ଶକ୍ତି; କାରଣ ସେମାନଙ୍କର ଚଳନ କରିବା ପ୍ରବୃତ୍ତି ବେଶି; କିନ୍ତୁ ଆମର ଚେଷ୍ଟା ସେମାନଙ୍କର ପ୍ରେମ, ମନ, କାରଣ ଆମର ସୃଷ୍ଟି କରିବାର ପ୍ରବୃତ୍ତି ବେଶି । ତେଣୁ ଆମେ ବେଶି ଆକର୍ଷିତ ହେଉ । ନାରୀ ନହେଲେ ଆମର ଚଳେନା । ପାଳନ କରିବାର ପ୍ରବୃତ୍ତି ବେଶି ବୋଲି ସେମାନଙ୍କୁ ଅନେକ ସମୟରେ ନାନା କୂଟନୀତି ଅବଲମ୍ବନ କରିବାକୁ ପଡ଼ିଥାଏ । ସେଥିପାଇଁ ସେମାନେ ଅନେକ ସମୟରେ ନିର୍ଦ୍ଦୟ ମଧ୍ୟ ହୁଅନ୍ତି । ଅନେକ ସମୟରେ ନୀଚ ମଧ୍ୟ ହେବାକୁ ପଡ଼େ; କାରଣ ତାଙ୍କର ପରିସର ଅନେକ ଛୋଟ ହୋଇଯାଏ । ଅତଏବ ମୁଁ ବୁଝି ବାଛିବାରେ ନାରୀ ପ୍ରତାରଣା କରିବାକୁ ଅନେକ ସମୟରେ ବାଧ୍ୟ ହୋଇପଡ଼େ । କିନ୍ତୁ ଏଥିରେ ଉତ୍କ୍ଷିପ୍ତ ହେଲେ ଚଳିବ ନାହିଁ । ଜୀବନ ଗୋଟାଏ ବ୍ୟବସାୟ । ଏ ବ୍ୟବସାୟରେ ଶତ ବ୍ୟର୍ଥତାରେ ମଧ୍ୟ ମନ ସ୍ଥିର ରଖିବାକୁ ହେବ । ମୁଁ ପ୍ରତାରକ । ତଥାପି ମୁଁ ବିବାହିତ । ସ୍ତ୍ରୀକୁ ଯେ ମୁଁ ମନରୁ ଭଲ ପାଏ, ତା' ନୁହେଁ; କିନ୍ତୁ ସେମିତି ଭଲ ପାଇବାର ଅଭିନୟ କରେ । ନ କଲେ ବ୍ୟବସାୟ ଚଳିବ ନାହିଁ । କାରଣ ଏ ବ୍ୟବସାୟର ଲକ୍ଷ୍ୟ ନାରୀର ପ୍ରେମ ପାଇବା, ତାକୁ ପ୍ରେମ ଦେବା ନୁହେଁ । ଏହାହିଁ ମୋର ଧାରଣା । ଅତଏବ ମୁଁ ଏ ପ୍ରତାରଣାରେ ଆଦୌ ବ୍ୟର୍ଥ ହୋଇ ପଡ଼ିନି । ବହୁ ନାରୀର ସଙ୍ଗସୁଖ ମୁଁ ହାସଲ କରିଛି । ଅବଶ୍ୟ ସେଥିପାଇଁ ଅନେକ ଖରଚ ପଡ଼ିଛି, ଅନେକ ବିପଦ ଆସିଛି; କିନ୍ତୁ ବ୍ୟବସାୟ କଲେ ସେସବୁ···

ଏତିକି କହି ମୁଁ ମୋର ଅଭିଜ୍ଞତା ଶେଷ କଲି । ସମସ୍ତେ ନୀରବ ରହିଲେ । କିଙ୍କରବାବୁଙ୍କ ବିସ୍ମୟ ଦୃଷ୍ଟିରୁ ତାଙ୍କୁ ତାଙ୍କର ଅଭିଜ୍ଞତା ବିଷୟରେ ପଚାରିବାକୁ କାହାର ବୋଧହୁଏ ଇଚ୍ଛା ହେଉନଥାଏ । ସେ କିନ୍ତୁ ନିଜେ କହିଲେ "ଦେଖନ୍ତୁ, ବ୍ରହ୍ମବାବୁ ପ୍ରେମରୁ ପାଇଛନ୍ତି ଜୀବନର ଆନନ୍ଦ, ଗାଲି ଦେଇଦେବାର ଆନନ୍ଦ, ଧନୁର୍ଦ୍ଧରବାବୁ ପାଇଛନ୍ତି ଜଗତରେ ନିଜର ଶକ୍ତି ପ୍ରତିପତ୍ତିର ପ୍ରସାର, ଧନଞ୍ଜୟ-ବାବୁ ପାଇଛନ୍ତି ଜୀବନର ପ୍ରାପ୍ତ ପ୍ରେମର ପୁଞ୍ଜି ବୃଦ୍ଧି ମାନେ ପାଇବାର ସୁଖ, କିନ୍ତୁ ମୁଁ ପାଇଛି ନିଜର ଦାସତ୍ୱ ।"

ତଥାପି ସମସ୍ତେ ନୀରବ ଦେଖି ସେ କହିଲେ, ଆପଣମାନେ ମୋତେ ମୋ ଅଭିଜ୍ଞତା ବିଷୟରେ କିଛି ପଚାରୁ ନାହାନ୍ତି କାହିଁକି ? ବୋଧହୁଏ ମୋର ପାଗଳ

କେଶ ଦେଖି ଲୋକେ ମୋତେ ବୁଢ଼ା ଭାବୁଛନ୍ତି; କିନ୍ତୁ ମୋର ବୟସ ବର୍ତ୍ତମାନ କେତେ କୁହନ୍ତୁ ତ ?

ମୁଁ କହିଲି, ହାଁ ପଚାଶ ହେବ ।

କଙ୍କରବାବୁ କହିଲେ; କିନ୍ତୁ ଆପଣମାନେ ବିଶ୍ୱାସ କରିବେ ନାହିଁ ଯେ ମୋର ବୟସ ମାତ୍ର ତିରିଶ ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଗୁହାଁରିଲୁ । ସେ କହିଲେ, ମୋର ଦାନ୍ତ ଝଡ଼ିଯିବାର ଓ ବାଳ ପାଚିଯିବାର କାରଣ କ'ଣ ଜାଣନ୍ତି ?

କ'ଣ ? ସମସ୍ତେ ଉତ୍କଣ୍ଠାସହ ପଚାରିଲୁ ।

ସେ ନିର୍ବିକାର ଭାବରେ କହିଲେ, ଶୁଣି ଆଶ୍ଚର୍ଯ୍ୟ ହେବେ । ପ୍ରେମ ଏହାର କାରଣ ।

ବ୍ରହ୍ମାଦେବବାବୁ ହସି ପଚାରିଲେ, ତାଙ୍କର ପ୍ରେମ କ'ଣ ଆପଣଙ୍କ ଜୀବନରେ ଏତେ ବଡ଼ର କାରଣ ହୋଇଥିଲା ? ତା'ହେଲେ ତ ଏକ ସମ୍ପୂର୍ଣ୍ଣ ନୂଆ ତଥ୍ୟ ଦେଉଛନ୍ତି ଆପଣ ଜୀବନରେ !

— ହଁ, ବରଫର ପିଠା ହୋଇଯାଇଛି ଗଲେ ।

ଧନୁର୍ଦ୍ଧରବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, ଆଁ ! ! ଏକ୍‌ଦମ୍ ପିଠା ଭଳି ପ୍ରେମ । ଧନଞ୍ଜୟବାବୁ, ଆପଣ ତ ପ୍ରେମର ବ୍ୟବସାୟୀ, ଆପଣ ବି ବୋଧହୁଏ ଏତେ ପ୍ରେମ ପୁଞ୍ଜି କରିନାହାନ୍ତି । କଙ୍କର ବାବୁ କ'ଣ ପ୍ରେମର ଦୋକାନ ବ୍ୟବସାୟ ଖୋଲିବେ କି ?

— ନା, ନା । ଏ ପ୍ରେମର ପିଠା ନୁହେଁ ଯେ ବ୍ୟବସାୟ କରିବି । ଏ ସବୁ ବରଫର ପିଠା, ଦୁଃଖର ପିଠା । ଏ ମୋ ମୂଳ ଧନ, ମୋ ଉପାର୍ଜ୍ଜିତ ।

ସମସ୍ତେ ହସି ଉଠିଲେ । କଙ୍କର କହିଲେ, ତେବେ ଶ୍ରବଣ କରନ୍ତୁ । ମୁଁ ଥିଲି ଦଶ ବରଷର । ମୋର ପାଞ୍ଚବର୍ଷ ବୟସରେ ପିତା ପ୍ରାଣତ୍ୟାଗ କରିଥିଲେ । ମୋର ବିଧବା ମାତା ଗ୍ରାମରେ ଧାନ କୁଟି ମୋତେ ବାଲ୍ୟଶିକ୍ଷା ଦେଇଥିଲେ । ଗ୍ରାମରେ ବୃତ୍ତି ପାଇ ମୁଁ ଆସିଲି କଟକରେ ଉଚ୍ଚ ଶିକ୍ଷାଲାଭ କରିବାକୁ । କଟକରେ ଘର ଭିକ୍ଷା ମାଗି ମୁଁ ପଢ଼ିବାକୁ ଲାଗିଲି । ସେହି ସମୟରେ ଗୋଟିଏ ଧନୀ

ପରେ ଭଲରେ ମୋତେ ଅନୁମତି ମିଳିଲା । ସେଠାରେ ମୋର କର୍ତ୍ତବ୍ୟ ହେଲା ଧନୀଙ୍କ ଏକମାତ୍ର କନ୍ୟା ସୁଶୀଳାକୁ ପାଠ ପଢ଼ାଇବା । ଆନନ୍ଦରେ ରହିଲି; କିନ୍ତୁ ହାୟ, ରହିବାର ଅଳ୍ପଦିନ ପରେ ମୁଁ ପ୍ରେମରେ ପଡ଼ିଲି । ମୋର ବୟସ ସେତେବେଳକୁ ବାଇଶ ଏବଂ ସୁଶୀଳାର ବୟସ ଷୋହଳ । ବର୍ତ୍ତମାନ ମୋତେ ଦେଖିବାକୁ ଏମିତି ଦିଶୁନା, ସେତେବେଳେ ମୋର ସ୍ୱାସ୍ଥ୍ୟ ଓ ଶ୍ରୀ ଥିଲା । ପ୍ରେମରେ ପଡ଼ିଲି, ଯାହାକୁ କହନ୍ତି, ମୁଣ୍ଡ ଟେକି ପଡ଼ିଲି । କଲେଜ ପଢ଼ା ପଢ଼ିବାକୁ ଆଉ ମନ ହେଉନାହିଁ । ସବୁବେଳେ ଖାଲି ସୁଶୀଳାର ଚିନ୍ତା । ବୟସ ଅଳ୍ପ ହେଲେ କ'ଣ ହେବ, ସୁଶୀଳା ମୋର ମନର ଭାବ ବୁଝି ପାରିଥିଲା । ଯାହା କହନ୍ତି, ନାରୀର ଗୋଟାଏ ସ୍ୱାଭାବିକ ବୁଦ୍ଧି ଅଛି, ଯାହା ପୁରୁଷର ନାହିଁ । ମୋର ମନକଥା ଜାଣିପାରି ସୁଶୀ ମଧ୍ୟ ତା'ର ମନର ଭାବ ପ୍ରକାଶ କଲା । ଆନନ୍ଦରେ ମୁଁ, ମୋର ମନେହୁଏ, କେତେଦିନ ବେହୋସ ହୋଇ ରହିଲି । ସୁଶୀର ମା' ବ୍ୟସ୍ତଥାଆନ୍ତି ଠାକୁର ପୂଜାରେ । ପିତା ବ୍ୟସ୍ତଥାଆନ୍ତି ବ୍ୟବସାୟରେ । ଧନୀର ଏକମାତ୍ର ସନ୍ତାନ ହିସାବରେ ସୁଶୀ ପାଇଥିଲା ଅବାଧ ସ୍ୱାଧୀନତା । କ୍ରମେ ଅବସ୍ଥା ଏପରି ଜଟିଳ ହେଲା ଯେ ଦୁହେଁ ଦୁହିଁଙ୍କୁ ନଦେଖିଲେ ରହିପାରୁନାହିଁ । ଆଇ. ଏ. ପରୀକ୍ଷା ନିକଟେଇ ଆସିବାରୁ ସୁଶୀ କହିଲା, ଏଥର ଥାଉ । ତୁମେ ଭଲକରି ପାଠ୍ ନକଲେ ଉତ୍ତୀର୍ଣ୍ଣ ହୋଇ ପାରିବନାହିଁ !

—ସେତେବେଳେ ମୋର ଚେତା ପଶିଲା । ଲାଗିପଡ଼ିଲି ପଢ଼ାରେ । ଉପାୟ ନାହିଁ । ବୃତ୍ତି ନେଇ ଆଇ. ଏ. ପାଶ୍ କଲି ମଧ୍ୟ । ଯେଉଁଦିନ ପରୀକ୍ଷାଫଳ ବାହାରିଲା, ସେଦିନ ସୁଶୀର ଆନନ୍ଦ କହିଲେ ନସରେ । ସେଦିନ ସେ ଗୋଟିଏ ବଡ଼ ଭୋଜି ଆୟୋଜନ କଲା । ସମସ୍ତେ ଖାଇସାରି ଯେତେବେଳେ ଚାଲିଗଲେ··· ବର୍ତ୍ତମାନ୍ ସ୍ପଷ୍ଟ ମନେପଡ଼ୁଛି···ଆଃ··· । ସେଦିନ ଥିଲା ପୂର୍ଣ୍ଣିମା । ଆକାଶରେ ସେଦିନ ରୁପେଲି କିରଣର ବନ୍ୟା । ସୁଶୀ ମୋତେ ଭିତରକୁ ଡାକି ନେଇ ହଠାତ୍ ମୋ ବେକରେ ଗୋଟିଏ ମଲ୍ଲୀଫୁଲର ହାର ପିନ୍ଧାଇଦେଲା । ମୁଁ ଧୀରେ ତାକୁ ମୋ ଛାତିକୁ ଆଉଜାଇ ନେଲି । ତାପରେ···

ଶଙ୍କରବାବୁ ହଠାତ୍ ନୀରବ ରହି ଶୂନ୍ୟକୁ ଅନାଇ ପୁଣି ଆରମ୍ଭକଲେ, ଏହାପରେ ସୁଖରେ ଗଲା ପୁଣି ଦୁଇବର୍ଷ । ଜୀବନରେ ସୁଖର ଦିନଗୁଡ଼ିକ ମନୁଷ୍ୟର ଶେଷ ଜୀବନର ପୁଞ୍ଜି ପରା । ମନୁଷ୍ୟ ସେଇଠି ଭାରି କୃପଣ । ଟିକିଏ ସାମାନ୍ୟ

କଥା ହେ ବୁଝିବାକୁ ଦେଲିନା । ବି. ଏ. ପରୀକ୍ଷା ପୁଣି ଆସିଲା । ଘର ଛାଡ଼ିବାକୁ ଲାଗିଲା । ଭାବିଲି କ'ଣ ହେବ ବି. ଏ. ପାସ୍ କରି । ଏଇତ ମୋର ମୂର୍ଖ; କିନ୍ତୁ ସ୍ତ୍ରୀ କହିଲା, ବି. ଏ. ଭଲକରି ପାଶ କରିଲେ···

—ପୁଣି ଦିନ ବିତି ଲାଗିଲା । ପ୍ରଥମ ଶ୍ରେଣୀରେ ଅନର୍ସ ନେଇ ବି. ଏ. ପାଶ କଲି । ସତେବେ ସ୍ତ୍ରୀଅଡ଼କୁ ଚାହିଁଲି । ସେଦିନ ମଧ୍ୟ ସ୍ତ୍ରୀ ମୋ ବେକରେ ଫୁଲମାଳ ପିନ୍ଧାଇ ଦେଇଥିଲା । କିନ୍ତୁ······

କିନ୍ତୁ······

—କିନ୍ତୁ କ'ଣ ? ଆମେ ସମସ୍ତେ ଏକାସାଙ୍ଗେ ପଚାରିଲୁ ।

—କିନ୍ତୁ, ସ୍ତ୍ରୀ କହିଲା ମୁଁ ଧନୀ ନହେଲେ ବିବାହ ଅସମ୍ଭବ । ମୁଣ୍ଡରେ ମୋର ବଜ୍ରପାତ ହେଲା । ମୁଁ ବସିପଡ଼ିଲି । ଉପାୟ କ'ଣ । ଜ୍ଞାନ ବୁଦ୍ଧି ଅଛି; କିନ୍ତୁ ସ୍ତ୍ରୀର ଧନ ତୁଳନାରେ ତା'ର ପରିମାଣ ବା କେତେ ! ସେଦିନ ରାତିରେ ମୋର ନିଦ ହେଲାନାହିଁ । କେବଳ ଚିନ୍ତା କ'ଣ କଲେ ଅଳ୍ପଦିନରେ ଧନୀ ହୋଇପାରିବି । ଦୁଇରାତି ଅନିଦ୍ରାରେ କଟାଇବା ପରେ ମୁଁ ଦୌଡ଼ିଲି ବ୍ୟବସାୟ ମଣ୍ଡଳକୁ । ଅଧିକାଂଶ ମୋତେ ଉପଦେଶ ଦେଲେ କାଠ ବ୍ୟବସାୟ କରିବାକୁ । ପରଦିନ ସ୍ତ୍ରୀର ପିତାଙ୍କଠାରୁ କିଛି ଋଣ ନେଇ ପୁଣ୍ଡୁଳା ବାନ୍ଧି ଦୌଡ଼ିଲି କେନ୍ଦୁଝର ଜଙ୍ଗଲକୁ । ଭାଗ୍ୟକୁ ଦୁଇଟିବର୍ଷ ଭିତରେ ମୁଁ ହେଲି ଲକ୍ଷପତି······ଅବଶ୍ୟ, ସ୍ୱୀକାର କରୁଛି, ବନ୍ଧୁ ଅସତ୍ ଉପାୟରେ; କିନ୍ତୁ ଉପାୟ ନାହିଁ । ମୋତେ ଅଳ୍ପଦିନରେ ଧନୀ ହେବାକୁ ହେବ । ଦୁଇବର୍ଷ ପରେ ଫେରିଲି·· ସତେବେ ସ୍ତ୍ରୀର ମୁହଁକୁ ଚାହିଁଲି । କିନ୍ତୁ···

- ପୁଣି କିନ୍ତୁ, ସମସ୍ତେ ଅଧୀର ଭାବରେ ପଚାରିଲୁ ।

ଶଙ୍କରବାବୁ ଅସହାୟ ଭାବରେ କହିଲେ, କିନ୍ତୁ···କିନ୍ତୁ···ବାନ୍ଧୁ ସ୍ତ୍ରୀ ଚାହିଁଲା ମୋ ଗୋଡ଼ଅଡ଼କୁ ।

ଗୋଟାଏ ବଡ଼ ଘଟଣା ଘଟିଗଲାଭଳି ମୁଁ ନାଶ୍ୱାସମାର କହିଲି, ଓହୋ, ବୁଝିଲି ନମସ୍କାର କରିବାକୁ ନିଶ୍ଚୟ । ନାରୀର ମନ ଆପଣ ଠିକ୍ ଜାଣନ୍ତି ନାହିଁ । ସେମାନେ ମୁହଁ ଖୋଲି କିଛି କୁହନ୍ତି ନାହିଁ, ଇଙ୍ଗିତରେ ସବୁ କୁହନ୍ତି ।

ଶଙ୍କରବାବୁ କିନ୍ତୁ ସେହିପରି ଅସହାୟ ଭାବରେ କହିଲେ, ଅରେ-ନା, ନା, ସେଗୁଡ଼ାକ ବାଜେକଥା, ପୋଥି ବାଇଗଣ । ନାରୀ ଇଙ୍ଗିତରେ କୁହେ ସତ,

କିନ୍ତୁ ଯାହା କୁହେ ଇଙ୍ଗିତରେ, ତାହା ଗମ୍ଭୀର କଥା । ନମସ୍କାର କରିବାକୁ ସୁଶୀ ମୋ ଗୋଡ଼ଆଡ଼କୁ ଝୁଙ୍କିନଥିଲା । ଯେତେ ଲୁଚାଇଲେ ବି ମୋର ଚୋଡର ଗୋଡ଼ ତା ନଜରରେ ପଡ଼ିଥିଲା । କି ତୀକ୍ଷ୍ଣ ନାରୀର ଦୃଷ୍ଟି !! ଓଃ !! ଦୁଇ ବର୍ଷ ଭିତରେ ରକ୍ତ ନାନା ଶାରୀରିକ ଅତ୍ୟାଗ୍ରହ ଓ ମହା ଜାମୁଣ୍ଡାରେ ମୋର ବେକ ବାତଜ୍ୱର ହିଁ ତାପରେ 'ପଦବୃଦ୍ଧି' । ଏହି ଦେଖନ୍ତୁ । ଗୋଡ଼ରୁ ଲୁଗା ଟେକି ସେ ଦେଖାଇ ପୁଣି ଲୁଗା ଘୋଡ଼ାଇଦେଇ ସେ କହିଲେ କିନ୍ତୁ, ମୁଁ ତା'ର ମନୋଭାବ ବୁଝିପାରି କହିଲି, ସୁଶୀ, ତୁମେ ଭାବନାହିଁ । ବର୍ଷକ ଭିତରେ ଏହାର ଚିହ୍ନ ବି ରହିବ ନାହିଁ ଲଜ୍ଜା ଓ ବେଦନା ନେଇ ସେଦିନ ଫେରିଲି । କଟକରେ ଚିକିତ୍ସା ଆରମ୍ଭ କଲି । ଅନେକ ଅର୍ଥ ବ୍ୟୟପରେ ମୋର ଗୋଡ଼ଫୁଲା କେତେକ କମିଗଲା ପୁଣି ଫେରିଲି ସୁଶୀ ପାଖକୁ । ଏଥର ବିବାହର ପ୍ରସ୍ତାବ କଲି । କିନ୍ତୁ······

—ଆଉ ପୁଣି କିନ୍ତୁ !!! ଏ 'କିନ୍ତୁ'ର କଣ ଶେଷ ନାହିଁ, ମୁଁ କହିଲି ।

—ନା ବୋଧହୁଏ । ପୁଣି ଆଉ ଗୋଟିଏ କିନ୍ତୁ ବାହାରିଲା । ସୁଶୀ ଚାହିଁଲା ମୋର···

ସମସ୍ତେ ଉତ୍କଣ୍ଠାର ସହିତ ପଚାରିଲୁ, କେଉଁଠିକି ?

—ମୋର ମୁଣ୍ଡକୁ । ବାତଜ୍ୱର ପାଇଁ ଅନେକ ଆର୍ସେନିକ୍ ଇଞ୍ଜେକ୍ସନ ନେବା ପରେ ମୋ ମୁଣ୍ଡରେ ଆଉ ଗୋଟିଏ ବି ବାଳ ରହିଲାନାହିଁ । ମାରିବାରେ ସେଦିନ ଫେରିଲି ପୁଣି ଗୋଟିଏ ନୂଆ ଯନ୍ତ୍ରଣା ନେଇ; କିନ୍ତୁ ମନରେ ଗୋଟିଏ ଜିଦ୍ ଚାପିବସିଲା । ସୁଶୀକୁ ପାଇବାକୁ ହିଁ ହେବ । ଯେତେ ଖର୍ଚ୍ଚ ପଡ଼ୁ । କେଶର ଚିକିତ୍ସା ଆରମ୍ଭ ହେଲା । ବହୁ ଅର୍ଥ ବ୍ୟୟ ପରେ ମୁଣ୍ଡର ସହିତ କିଛି ବାଳ ଉଠିଲେ ସତ; କିନ୍ତୁ ରଙ୍ଗ ବଦଳାଇ ଉଠିଲେ । ହାୟରେ ପ୍ରକୃତିର ନିୟମ । ମୋ ପକ୍ଷରେ ତା ଟିକିଏ ବି କୋହଳ ହେଲାନି । ଯାହାହେଉ ଫେରିଲି ସୁଶୀ ପାଖକୁ । କିନ୍ତୁ··· ।

ହାୟ, ହାୟ, ତଥାପି କିନ୍ତୁ ? ନାରୀ ଛଳନାମୟୀ ଜାଣିସୁଦ୍ଧା ମୁଁ ଧର୍ଯ୍ୟହରା ଗର୍ଜିଉଠିଲି ନାଟକୀୟ ଭଙ୍ଗୀରେ ।

ହାଏ, ମୁଁ ମରୁଭୂମିରେ ବୃକ୍ଷ ଲଗାଇ ପାରିଲି ସତ; କିନ୍ତୁ ବେଦାନ୍ତ ଚିବାଇଗଲି । ଗୋଟିଏ ବି ଦାନ୍ତ ବି ଉପୁଡ଼ିଲା ନାହିଁ । ମୁଁ ବର୍ତ୍ତମାନ ବେଦାନ୍ତ ସର୍ବଜ୍ଞ । ସର୍ବଜ୍ଞ କହୁଛି କାରଣ ବେଦାନ୍ତ ହେବା ପରେ ଚରମ ଜ୍ଞାନ ପାଇଛି ଯେ ତ୍ରିଭୁବନର ଅନ୍ୟଙ୍କୁ ବୁଝିବାର ଚେଷ୍ଟା ବୃଥା । ଏତେଥର ଚେଷ୍ଟା କରିଛି ମୁଁ ମୋର ମୂର୍ଖକୁ ବୁଝିବାକୁ; କିନ୍ତୁ ସେ ବୁଝିଛି ଘୋଡ଼ାକୁ, ମଣ୍ଡିକୁ ଏବଂ ଠେଣେ । ଏଥର ସେ ମୋ ମୂର୍ଖକୁ ବୁଝିଲା ସତ; କିନ୍ତୁ ମୋର ମୂର୍ଖ ତା'ର ମନରେ ଯେଉଁ ଭାବ ଉପୁଜାଇଲା ତାହା ପ୍ରେମ ନୁହେଁ, ଘୃଣା, ହାସ୍ୟ । ଫଳ କଷ୍ଟ ନେଇ ଫେରିଲି । ବାହାରେ ଆସି କିଛିକ୍ଷଣ ନିର୍ଜନରେ ଛିଡ଼ା ହୋଇ ଜୀବନର ପଦଗୁଡ଼ିକ ଓଲଟାଇଲି । ଦୁଃଖ ବା ବେଦନା ପରିବର୍ତ୍ତେ ମୋତେ ଭାରି ହସ ମାଡ଼ିଲା । ଜାଣେନା, ଏ ହସ ଅଶ୍ରୁ ବେଦାନ୍ତ ନା କ'ଣ । ସେଠୁ ଫେରି ସିଧା ଆସିଲି ମୋର ଜଙ୍ଗଲକୁ । ବ୍ୟବସାୟ ଛାଡ଼ିଲି, ସୁଖର ଆଶା ଛାଡ଼ିଲି, ମୋର ବର୍ତ୍ତମାନ ଏକମାତ୍ର ସାଥୀ··· ।

ଶଙ୍କରବାବୁ ମଦର ଶୂନ୍ୟ ପାତ୍ରଟିକୁ ଟେକି ଦେଖାଇଲେ ।

ଧନଞ୍ଜୟ ହସି ହସି କହିଲେ, ଗୋଟିଏ ଶର ଲକ୍ଷ୍ୟଭ୍ରଷ୍ଟ ହୋଇଛି ସିନା, ଧନୁରେ ଆଉ ଶର ଯୋଖନ୍ତୁ ।

ଶଙ୍କରବାବୁ ମଧ୍ୟ ହସି କହିଲେ, ଧନୁ ଅବସ୍ଥାଟି ଦେଖୁଛନ୍ତି, ଆଉ ଶର ମାରିବା ଏଥିରେ ଚଳିବ ନାହିଁ । ଏ ବର୍ତ୍ତମାନ ଖାଲି ଚୁଲିକୁ ଯୋଗ୍ୟ ।

ବୁଦ୍ଧଦେବବାବୁ ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, ଓଁ ପୂର୍ଣ୍ଣମଦଃ, ପୂର୍ଣ୍ଣମିଦମ୍, ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ । ତାହା ମଧ୍ୟ ପୂର୍ଣ୍ଣ, ଏହା ମଧ୍ୟ ପୂର୍ଣ୍ଣ । ପୂର୍ଣ୍ଣରୁ ପୂର୍ଣ୍ଣ ଉଦ୍‌ଗତ ହୁଏ । ପୂର୍ଣ୍ଣରୁ ପୂର୍ଣ୍ଣକୁ ଗ୍ରହଣ କଲେ ପୂର୍ଣ୍ଣହିଁ ଅବଶିଷ୍ଟ ଥାଏ । ଓଁ ତ୍ରିବିଧ ତାପର ଶାନ୍ତି ହେଉ ।

ଗାର୍ଡ଼ ସାହେବ ପାଟିକରି ଡାକିଲେ, ଆସନ୍ତୁ, ଆସନ୍ତୁ, ଗାଡ଼ି ଛାଡ଼ିବ ।

ଆମେ ସବୁ ଦଉଡ଼ିଲୁ । ଏହା ପରେ କାହାରି ସହିତ କାହାରି ଆଉ ଦେଖା ହୋଇନ ।

ମହାତ୍ମା

ଜିତେନ୍ଦ୍ର ତାଙ୍କର ନାଁଟି ସାର୍ଥକ କରିଥିଲେ । ଯେଉଁ ପିତାମାତାର ଆଦର୍ଶରେ, ଯେଉଁ ପରିବାରରେ, ତାଙ୍କର ଜୀବନ ଗଢ଼ି ଉଠିଥିଲା, ତାହା ମଧ୍ୟ ଏହାର ସମ୍ପୂର୍ଣ୍ଣ ଉପଯୋଗୀ ।

ଜିତେନ୍ଦ୍ର 'ସିଦ୍ଧାନ୍ତ ସରସ୍ୱତୀ' ନାମରେ ପରିଚିତ । ଏ ଉପାଧି ସେ କୌଣସି ପରୀକ୍ଷା ଦେଇ ହାସଲ କରିନଥିଲେ । ଅର୍ଥଶାସ୍ତ୍ର, ଇତିହାସ, ଗଣିତ, ସାହିତ୍ୟ ଆଦି ସହିତ ସଂସ୍କୃତ ସାହିତ୍ୟରେ ଅବଶ୍ୟ ତାଙ୍କର ଅଗାଧ ପାଣ୍ଡିତ୍ୟ ଅଛି; କିନ୍ତୁ ସେ କଦାପି ଅନ୍ୟର ମତରେ ଚାଳିତ ହୁଅନ୍ତିନାହିଁ । ସେ କୌଣସି ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଏବଂ ସବୁଦିଗ ବିଚାରକରିବା ପରେ ଯେଉଁ ସିଦ୍ଧାନ୍ତ ସେ କରନ୍ତି, ତାହାହିଁ ସେ ବ୍ୟକ୍ତ କରନ୍ତି । ଗୋଟିଏ ବିଷୟ ସମସ୍ତେ ଲକ୍ଷ କରି ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଏତେ ଅଗାଧ ପାଣ୍ଡିତ୍ୟ ଥାଇ ମଧ୍ୟ ଏବଂ ଏତେ ବୁଦ୍ଧି ଥାଇ ମଧ୍ୟ ନିଜର କୌଣସି ମତ ନିର୍ଭୁଲ ବୋଲି ସେ କେବେହେଁ ଗର୍ବ କରନ୍ତିନାହିଁ । ତାଙ୍କର ତର୍କ କରିବାର ପନ୍ଥା ଅତି ସୁନ୍ଦର । ସମସ୍ୟା ଯେତେ ଗୁରୁତର ହେଉ ନା କାହିଁକି, ବିଚାର୍ଯ୍ୟ ବିଷୟ ଯେତେ ଜଟିଳ ହେଉ ନା କାହିଁକି, ନିରୁଦ୍‌ବେଗ ଓ ଧୀର ସ୍ଥିର ଭାବରେ ସେ ସମସ୍ତଙ୍କର ମତ ଶୁଣି ନିଜର ଅନୁଭୂତି ଓ ଜ୍ଞାନ ଦ୍ୱାରା ସମ୍ଭବ ଅସମ୍ଭବ ଆଲୋଚନା କରି ସେ ସିଦ୍ଧାନ୍ତ ଆଡ଼କୁ ଧୀରେ ଧୀରେ ଯେତେବେଳେ ଅଗ୍ରସର ହୁଅନ୍ତି, ତାହା ସତେ ରୋମାଞ୍ଚ ଆଣେ । ସେଠାରେ ଏକୁହିଁ ବୋଧ ହୁଏ ବୁଝାହୋଇଛି, 'ସମତ୍ୱଂ ଯୋଗ ଉଚ୍ୟତେ' । ସେ ଯେତେବେଳେ ତାଙ୍କର ନିଜସ୍ୱ ମତ ବ୍ୟକ୍ତ କରନ୍ତି, ସେତେବେଳେ ମନେହୁଏ ସତେ ଯେପରି ଅଙ୍କ କଷି ସେ ଦେଖାଇଦେଲେ ଯେ କେବଳ ସେହି ମତହିଁ ଠିକ୍ । କିନ୍ତୁ ତଥାପି କେବେହେଁ ତାହାକୁ ଅନ୍ୟ ଉପରେ ଚପିବାକୁ ସେ ଲେଶ

ମଧ୍ୟ ଚେଷ୍ଟା କରନ୍ତିନାହିଁ । ତାଙ୍କର ଅନ୍ତରଙ୍ଗ ବନ୍ଧୁମାନେ ତାଙ୍କୁ ତେଣୁ 'ସିଦ୍ଧାନ୍ତ ସର୍ବସ୍ୱ' ବୋଲି ଡାକୁଥିଲେ । ଜିତେନ୍ଦ୍ରଙ୍କର ଶୈଶବରୁ ନିଜସ୍ୱ ଯେତେ ଚିନ୍ତା ଥିଲା, ଏ ଜଗତରେ ସେତେ ନିରପେକ୍ଷ ଓ ବୁଦ୍ଧିଭୂତ ହେଉଥିଲା ।

କେହି କେହି କହନ୍ତି ଏ ତାଙ୍କର ଆବାଲ୍ୟ ସାଧନାର ଫଳ । ବ୍ରହ୍ମଚର୍ଯ୍ୟର ଫଳ । କାମ, କ୍ରୋଧ, ଲୋଭ ଆଦି ଛଅଟି ରିପୁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ପରାଜିତ ହୋଇଗଲେ । ଆମେ ମନର ଆବେଗ ଅନୁସାରେ ପ୍ରଥମରୁ ସିଦ୍ଧାନ୍ତ କରି ତାକୁ ସମର୍ଥନ କରିବାକୁ ଯୁକ୍ତି ବାଢ଼ୁ, କିନ୍ତୁ ଜିତେନ୍ଦ୍ର କୌଣସି ମତଦ୍ୱାରା ପ୍ରଭାବିତ ନ ହୋଇ ଅନୁସନ୍ଧାନ ଓ ଯୁକ୍ତି ଦ୍ୱାରା ଗୃହୀତ ହୁଅନ୍ତି । ତାଙ୍କର ମନର ଦୁଆର ସବୁବେଳେ ଖୋଲା ଥିବାରୁ କୌଣସି ମତ ସେଠି ଆବଦ୍ଧ ରହି ଜଟିଳତା ସୃଷ୍ଟି କରିପାରେନାହିଁ । ଅନେକେ ପୁଣି କହନ୍ତି ସେ ବାହା ହୋଇ ନାହାନ୍ତି, ପିଲାଝିଲା ନାହାଁନ୍ତି, ସଂସାରର ଜଞ୍ଜାଳ ନାହିଁ, ତେଣୁ ସର୍ବଦା ସେ ମୁକ୍ତ । ଏକଥା ହୁଏତ ଠିକ୍ । ଜିତେନ୍ଦ୍ର ନିଜକୁ ଗଢ଼ିଛନ୍ତି ଯେଉଁ ଆଦର୍ଶରେ, ସେଥିରେ ବିବାହକୁ ସେ ସ୍ଥାନ ଦେଇନାହାନ୍ତି । ଖାଲି ବିବାହ କାହିଁକି କୌଣସି ନାରୀ ପ୍ରତି ଆକୃଷ୍ଟ ହେବାକୁ ସେ ଚରମ ଅଭଦ୍ରତା ମନେ କରନ୍ତି । ଏ ଆକର୍ଷଣ ଯେ ସବୁ ମୋହର ମୂଳ, ତାହା ସେ ଅନୁଭବ କରିଛନ୍ତି ତାଙ୍କର ଚୌଦ ବର୍ଷ ବୟସରୁ । ବାଲ୍ୟକାଳରୁ ତାଙ୍କର ଏକମାତ୍ର ଲକ୍ଷ୍ୟ ସବୁର ମୂଳରେ ଯେଉଁ ସତ୍ୟ ଅଛି ତାହାର ଅନୁସନ୍ଧାନ କରିବା । ତାଙ୍କ ମତରେ ସେ ଆଦର୍ଶର ଏକମାତ୍ର ଅନ୍ତରାୟ ହେଉଛି ମନର ଆବେଗ । ମନର ଆବେଗରୁ ପ୍ରେମର ଉତ୍ପତ୍ତି ହୋଇପାରେ, ତ୍ୟାଗର ଉତ୍ପତ୍ତି ହୋଇପାରେ; କିନ୍ତୁ ସତ୍ୟର ସନ୍ଧାନ ମିଳେନାହିଁ । ସେ କହନ୍ତି ଯେ ବୁଦ୍ଧ ଚୈତନ୍ୟ ଆଦି ମହାତ୍ମାମାନେ ଯେଉଁ ଜ୍ଞାନ ଦେଇ ଯାଇଅଛନ୍ତି, ତାହା ସତ୍ୟ ଜ୍ଞାନ ନୁହେଁ, କାରଣ ସେ ଜ୍ଞାନର ଉତ୍ପତ୍ତି ସେମାନଙ୍କର ମନର ଆବେଗରୁ । ତେଣୁ ସେ ଜ୍ଞାନରେ ଏକଦର୍ଶୀତା ଦେଖିବାକୁ ମିଳେ । ସେମାନଙ୍କର ଜ୍ଞାନ ତେଣୁ ଆବେଗମୟ ।

ସମସ୍ତ ଆବେଗ ସେ ଦମନ କରି ସତ୍ୟର ଅନୁସନ୍ଧାନ କରି ବୁଲୁଛନ୍ତି । ଏହି ଅନୁସନ୍ଧାନ ପାଇଁ କେବଳ ସେ ବହୁ ଶାସ୍ତ୍ର ପଢ଼ିଛନ୍ତି, ନିଜର ଜ୍ଞାନ ପାଇଁ ନୁହେଁ ବା ସେ ଜ୍ଞାନରେ ସେ ଅନୁଭବ କରିବା ପାଇଁ ନୁହେଁ । ତାଙ୍କର ଏକମାତ୍ର ଆବେଗ, ଯଦି ଏହାକୁ ଆବେଗ କୁହାଯାଏ, ସତ୍ୟ ଆବିଷ୍କାର

କରିବା । ବୟସ ତାଙ୍କର ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି; କିନ୍ତୁ ଏ ଆଦର୍ଶରୁ କେବେହେଲେ ଟଳି ନାହାନ୍ତି । ଏ ଆଦର୍ଶରେ ତାଙ୍କର ଖାଣ୍ଟି ଆବେଗ ନୁହିଁ ଭଗବାନଙ୍କ ସ୍ଥାନ ମଧ୍ୟ ନାହିଁ । ସେ ଭଗବାନଙ୍କର ଅସ୍ତିତ୍ୱ ବିଷୟରେ ସିଦ୍ଧାନ୍ତରେ ନ ପହଞ୍ଚିବା ପର୍ଯ୍ୟନ୍ତ ନାସ୍ତିକ ।

ସେଦିନ ସେ ତାଙ୍କର ଅଭ୍ୟାସାନୁଯାୟୀ ସାନ୍ଧ୍ୟ ଭ୍ରମଣରେ ଯାଉଁ ଯାଉଁ ମନେ ମନେ ତର୍କ କରି ଚାଲିଛନ୍ତି—ସତ୍ୟ ସହିତ ମାନବ ସମାଜର ସମ୍ବନ୍ଧ କ'ଣ ? ସତ୍ୟ ନିରୂପଣ କରିବା ସମସ୍ତଙ୍କର କାମ୍ୟ ହେବା ଉଚିତ କି ନା ? ହଁ, ମାନିଲି ଉଚିତ । ଆଚ୍ଛା ତେବେ ପନ୍ଥା କଣ ? ମାନି ନିଆଯାଉ ମୋର ପନ୍ଥା ହିଁ ଠିକ୍ । ତେବେ ମାନବ ସମାଜର କଅଣ ଦଶା ହେବ ଯଦି ସମସ୍ତେ ମୋର ଆଦର୍ଶକୁ ଅନୁସରଣ କରନ୍ତି ? ସତ୍ୟ ତା ହେଲେ କଅଣ ମନୁଷ୍ୟ ସୃଷ୍ଟିକୁ ପୃଥିବୀରୁ ଲୋପ କରିଦେବ ? ଯଦି ବା ସତ୍ୟର ରୂପ ନିରୂପଣ ନ କରିବା ପର୍ଯ୍ୟନ୍ତ ମନୁଷ୍ୟ ବଞ୍ଚି ରହିବା ପାଇଁ ବିବାହ କରେ, ତେବେ ଆବେଗପ୍ରାଣ ଜୀବନର ସ୍ଥାନ କେଉଁଠି ଅଛି କି ? ନିଶ୍ଚୟ ନାହିଁ; କାରଣ ପୁରୁଷ ଓ ନାରୀର ମିଳନର ମୂଳରେ ତ ଅଛି ଆବେଗ । ଆବେଗରହିତ ସଂସର୍ଗ ତ ଛଳନା । ଅତଏବ ଏଥିରୁ ଏହାହିଁ ପ୍ରତିପାଦିତ ହୁଏ ଯେ ସୃଷ୍ଟିର ମୂଳରେ ଅଛି କେବଳ ଆବେଗ, ବେଦନା, ଯାତନା । ଏହି ଆବେଗ, ବେଦନା, ଯାତନାକୁ ଏଡ଼ାଇ ମନୁଷ୍ୟ ଯେଉଁ ଜ୍ଞାନ ଲାଭକରେ ତା ସହିତ ଆବେଗ, ବେଦନା ଓ ଯାତନାରୁ ଯେଉଁ ଜ୍ଞାନ ଜନ୍ମେ ତାର ସମ୍ବନ୍ଧ କଅଣ ? କେଉଁଟି କାମ୍ୟ ? ଧରି ନିଆଯାଉ ଯେ ସୃଷ୍ଟିର ଉଦ୍ଦେଶ୍ୟ ଯେତେବେଳେ ଆବେଗ, ବେଦନା, ଯାତନା ଦେବା, ସେତେବେଳେ ସେଥିରୁହିଁ ଯେଉଁ ଜ୍ଞାନ ଜନ୍ମେ ତାହାହିଁ ଏକମାତ୍ର ସତ୍ୟ; କିନ୍ତୁ ତେବେ ସେଥିରୁ ଏହାହିଁ ପ୍ରତିପାଦିତ ହୁଏ ନାହିଁକି ମନୁଷ୍ୟ ଏହି ଆବେଗ, ବେଦନା, ଯାତନା ଆଦିରୁ ଉପରକୁ ଚେଷ୍ଟାକରିବା ଅନୁଚିତ । ତା ଯଦି ହୁଏ, ତେବେ ଏକ ବିଷବୃକ୍ଷ ସୃଷ୍ଟିହେଲା !!

ତାଙ୍କର ଚିନ୍ତାଧାରା ବାଧା ପାଇଲା । ତାଙ୍କର ଜଣେ ବନ୍ଧୁଙ୍କର ପୁତ୍ର ତାଙ୍କର ସ୍ତ୍ରୀ ସହିତ ବୁଲି ବୁଲି ଜିତେନ୍ଦ୍ରଙ୍କୁ ଦେଖି ସଭକ୍ତି ପ୍ରଣାମକଲେ । ଅନ୍ୟମନସ୍କ ଭାବରେ ପ୍ରତି ନମସ୍କାର କରି ଜିତେନ୍ଦ୍ର ଅପଲକ ଦୃଷ୍ଟିରେ ବନ୍ଧୁ ପୁତ୍ରଙ୍କ ସ୍ତ୍ରୀ ଆଡ଼େ ଅନାଇ ଭାବିଲେ, ଏହି ସୁନ୍ଦର, କୋମଳ, ଊର୍ମିମୟ ଶରୀର ଏ

କଅଣ କାମ୍ୟ ନୁହଁ ? ଉତ୍ତର ପାଇବା ପୂର୍ବରୁ ଅଜ୍ଞାତରେ ତାଙ୍କର ହାତ ଆଗେଇ ଯାଇ ସ୍ପର୍ଶ କଲା ବନ୍ଧୁ ପୁତ୍ରଙ୍କର ସ୍ତ୍ରୀଙ୍କର ଶରୀର । ହଠାତ୍ ସେ ସେଠାରେ ବିଦ୍ୟୁତର ଅନୁଭବ କରି ଚମକି ପଡ଼ିଲେ । ନିଜର ଅନୁଚିତ କର୍ମକୁ ଦେଖି ହଠାତ୍ ତାଙ୍କର ମୁହଁ କଳିଆ ପଡ଼ିଗଲା । ସେହି ବିଦ୍ୟୁତରେ ହାତ ଟାଣିନେବାକୁ ସେ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ଦବାଇ ଦେଲେ ଅନ୍ୟ ଦୁହିଁଙ୍କେ ଏମାନେ କିଛି ବୁଝି ନପାରି କେବଳ ଅବାକ୍ ହୋଇ ଚାହିଁ ରହିଲେ । କିନ୍ତୁ କ୍ଷିପ୍ର ଗତିରେ ଆଗେଇ ଚାଲିଗଲେ । ସେଇ ବିଦ୍ୟୁତଶକ୍ତି କିନ୍ତୁ ତାଙ୍କର ଶରୀରରେ ଯେପରି ଲାଗି ରହିଲା । ସମସ୍ତ ଚେଷ୍ଟାସତ୍ତ୍ୱେ ସେଟିକୁ ସେ ଶରୀରରୁ ଛାଡ଼ିଦେଇ ପାରିଲେ ନାହିଁ ।

କିଛି ବାଟ ଯାଇ ସେ ଛିଡ଼ାହେଲେ । ଅନ୍ୟ ଥରେ ସ୍ପର୍ଶ କରିବାକୁ ତାଙ୍କର ପ୍ରବଳ ଇଚ୍ଛା ସେ ଦମନ କରିପାରିଲେ ନାହିଁ । କିଏ ଯେପରି ଦୁର୍ଜୟ ଶକ୍ତିରେ ତାଙ୍କୁ ଧକ୍କା ମାରୁ ମାରୁ ଫେରାଇ ଆଣିଲା ।

ସେ ପାଟି କରି ଡାକିଲେ, ଧୀରେନ୍ ଶୁଣ, ଶୁଣ ! ଏପରି ବ୍ୟସ୍ତ ହୋଇ ପାଟି କରି ଡାକିବାର କାରଣ ବୁଝି ନ ପାରି ଧୀରେନ୍ ବାବୁ ଓ ତାଙ୍କ ସ୍ତ୍ରୀ ସ୍ତମ୍ଭିତ ହୋଇ ଛିଡ଼ାହେଲେ ।

ଜିତେନ୍ଦ୍ର ଫେରି କଅଣ କହିବେ ଭାବି ନ ପାରି ପଚାରିଲେ, ହଁ ଧୀରେନ୍, ତୁମ ବିବାହ ହୋଇଛି ?

ଧୀରେନ୍ ବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, ଆଜ୍ଞା, ଆପଣ ତ ମୋ ବାହାଘରକୁ ଯାଇଥିଲେ ! ଏ ତ ମୋ ସ୍ତ୍ରୀ !

—ଆରେ ହଁ, ହଁ, ଆଜିକାଲି ସବୁ ଭୁଲିଯାଉଛି । ବୁଢ଼ା ହେଲି, ଆଉ କଅଣ ? ଏ ତୁମ ସ୍ତ୍ରୀ ।

—ହଁ ସୁମିତ୍ରା, ନମସ୍କାର କରନା !

ସୁମିତ୍ରା ଦେବୀ ନମସ୍କାର କରି ନୀରବରେ ଛିଡ଼ା ହେଲେ ।

ଜିତେନ୍ଦ୍ର ତାଙ୍କର ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରି ହାତ ହଟାଇ ନେଉଥିବାବେଳେ ଅଜାଣତରେ ସୁମିତ୍ରା ଦେବୀଙ୍କ ଗାଲ ସ୍ପର୍ଶ କଲେ । ସୁମିତ୍ରା ଦେବୀ ନିଜର ଦେହକୁ ଘୁଞ୍ଚାଇ ନେଇ ମୁହଁ ବୁଲାଇ ଛିଡ଼ା ହେଲେ । ଜିତେନ୍ଦ୍ର ଆଉ ଥରେ ଚେଷ୍ଟା କରିବାକୁ ହାତ ବଢ଼ାଇଥିଲେ । ସୁମିତ୍ରା ଦେବୀ ଘୃଣାରେ ଧୀରେନ୍ ବାବୁଙ୍କ ହାତ ଧରି ପ୍ରାୟ ଚିତ୍କାର କରି କହିଲେ, ଗୁଲ, ବଣ୍ଡ ଆସିଲା । ସେମାନେ ଚାଲିଗଲେ । ଜିତେନ୍ଦ୍ରଙ୍କର ଏତେବେଳେ ହୋସ୍ ଆସିଲା । ତାଙ୍କ ଅଜ୍ଞାତରେ ଦୁଇବୁନ୍ଦା ଲୁହ ତାଙ୍କ ଆଖିରୁ ଝରିପଡ଼ିଲା । ଗୋଟାଏ ଅଜ୍ଞାତ କ୍ରୋଧ ବାରମ୍ବାର ଫୁଟି ଆସିଲା । ନିଜ ଗାଲ ଚଟକାକୁ ଯାଇ ନିଜେ ବାରମ୍ବାର ଥରି ଉଠିଲେ । କିଛିକ୍ଷଣ ଅନାଇ ରହି ... ଏ ... ନିଷ୍ଠୁର ଚକାଇ ସେ ଚେଷ୍ଟା କଲେ ଭୁଲିବାକୁ । ... ଙ୍କର ମନ ତାଙ୍କୁ ... ପ୍ରକାର ଦେଖାକୁ ଲାଗିଲା ... ଛିଃ, ବରବର୍ଣ୍ଣର ... ଧନକ ଶୁଣ୍ଠି ... ଗଲା । "ମୁଁ ... ।" ... ସେ ଜିତେଶାଣ ଭୁଲିଗଲେ ଭୁଲି ପାରିଲେ ନାହିଁ; ତଥାପି ସେ ମୁଦୁନ୍ତି ସେ ଭୁଲି ନ ପାରିଲେ ନାହିଁ ।

ଘରଠାରୁ ଅଳ୍ପ ଦୂରରେ ଗୋଟିଏ କୀର୍ତ୍ତନ ଦଳ ତାଙ୍କୁ ଅତିକ୍ରମ କରି ଚାଲିଗଲା । କରୁଣ ସ୍ୱରରେ କୀର୍ତ୍ତନୀଆ ଗାଉଥିଲା ରାଧାଙ୍କ ବିରହ ଗାଥା । କୀର୍ତ୍ତନଆର କରୁଣ ସ୍ୱର ଓ ମୃଦଙ୍ଗର ମୂର୍ଚ୍ଛନା ତାଙ୍କର କ୍ରୋଧ ଆହୁରି ବଢ଼ାଇଦେଲା । ସେ ଆବେଗ ସମ୍ଭାଳି ପାରିଲେନାହିଁ । କିଏ ଯେପରି ତାଙ୍କୁ ଠେଲି-ଦେଲା କୀର୍ତ୍ତନ ଆଡ଼େ । ଜିତେନ୍ଦ୍ରଙ୍କୁ ସମସ୍ତେ ଜାଣନ୍ତି ଘୋର ନାସ୍ତିକ ବୋଲି । କୀର୍ତ୍ତନ ଭିତରେ ହଠାତ୍ ତାଙ୍କୁ ଗାଇବାର ଦେଖି ସମସ୍ତେ ଚିତ୍କାର କରି ଉଠିଲେ 'ହରିବୋଲ, ହରିବୋଲ, ହରିବୋଲ' । ମୃଦଙ୍ଗ, କରତାଳ, ଘଣ୍ଟା ଓ ହରିବୋଲର ଧ୍ୱନିରେ ତାଙ୍କର କ୍ରୋଧ ଏତେ ପ୍ରବଳ ହୋଇ ଉଠିଲା ଯେ ସେ ହତଚେତାସ୍ ହୋଇ ତଳେ ପଡ଼ିଗଲେ । କୀର୍ତ୍ତନଆମାନେ ଭାବିଲେ ଯେ ଜିତେନ୍ଦ୍ର ହରି ପ୍ରେମରେ ପାଗଳ ହୋଇ ଚୈତନ୍ୟଙ୍କ ଭଳି ବେହୋସ ହୋଇଗଲେ । ବସ୍ତୁତଃ ତାହାହିଁ ଠିକ୍ । ଜିତେନ୍ଦ୍ର ହରି ପ୍ରେମରେ ପାଗଳ । ତାଙ୍କ କାନରେ ଅନେକ କ୍ଷଣ ହରି ହରି କହିବା ପରେ ଜିତେନ୍ଦ୍ର ବାବୁ ଆଖି ଖୋଲି ଚାହିଁଲେ । ଅବିରଳ ଦୁଇଧାର ଲୁହ ତାଙ୍କ ଆଖିରୁ ଝରିବାକୁ ଲାଗିଲା । କିଛିକ୍ଷଣ ସେ ଉଚ୍ଚସ୍ୱରରେ କାନ୍ଦି ଉଠିଲେ । କୀର୍ତ୍ତନ ଗାଇବାକୁ ସେ ଚେଷ୍ଟା କଲେ; କିନ୍ତୁ ତାଙ୍କର

ତ୍ରତ ଥରି ଉଠିଲା । କିଛିକ୍ଷଣ ପରେ ସେ ଗାଇଲେ 'ମରତ, ମରବ, ସଖି ନିଶ୍ଚୟ ମରବ...' ଗୀତ ଟିର ସମସ୍ତ ବେଦନା ସେ ପେଟରେ ବୁଝିପାରିଲେ । ନିଜକୁ ସେ ରାଧାଙ୍କି ମନେକଲେ । ହରିପ୍ରେମ ବିରହର ବ୍ୟଥା ।

ସେଦିନ ସମସ୍ତ ଜୀବନ ପରେ ଏ ସମ୍ବାଦ ଘୋଷିତ ହେଲା । ଜିତେନ୍ଦ୍ର ଚିହ୍ନିଲେ । ମନ ତାଙ୍କର ଅନୁତାପ ଓ ଘୃଣାରେ ଭରି ଉଠିଲା; କିନ୍ତୁ ତାହା ମୁହୂର୍ତ୍ତକ ପାଇଁ । ପର ମୁହୂର୍ତ୍ତରେ ସେଇ କୋହ, ସେଇ ଆବେଗ ତାଙ୍କ ହୃଦୟ ଭିତରୁ ଉଠିଆସିଲା । ଆଖିରୁ ନେତ୍ରପଥ ଅଶ୍ରୁ ଅବିରଳ ଝରିବାକୁ ଲାଗିଲା । କିଛିକ୍ଷଣ ପରେ ସେ ପୁଣି ବେହୋସ ହୋଇଗଲେ । ଏଥିରେ ସେ ଅଦ୍ଭୁତ ବେଦନା ମିଶ୍ରିତ ଆନନ୍ଦ ପାଇବାକୁ ଲାଗିଲେ । ତାଙ୍କର ମନ ସବୁବେଳେ ସେଇ ମାଦକତା ଅନୁଭବ କରିବାକୁ ଚାହିଁଲା । କ୍ରମେ କ୍ରମେ ଜିତେନ୍ଦ୍ରଙ୍କ ହରିପ୍ରେମ ହୃଦିଆଡ଼େ ପ୍ରବୃତ୍ତିତ ହେଲା ।

ଜିତେନ୍ଦ୍ର ସବୁ ଛାଡ଼ି ଦେଇ ମଠରେ ରହିଲେ ମଠାଧୀଶରୂପେ । ତାଙ୍କର ନାମ ପରିବର୍ତ୍ତନ କରି ସେ ରଖିଲେ ନିସ୍ତାରନନ୍ଦ ସ୍ୱାମୀ । ତାଙ୍କର ଅଦ୍ଭୁତ ହରିପ୍ରେମ ଦେଖି ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କର ଶିଷ୍ୟ ହେଲେ । ମାଦକତା ଟିକିଏ କଟିଗଲେ ତାଙ୍କର ମନ ଫେରି ଆସୁଥିଲା ତାଙ୍କର ପୂର୍ବାବସ୍ଥାକୁ । ସେତେବେଳେ ସେ ଖାଲି ଅନୁତାପରେ ଦଗ୍ଧ ହେଉଥିଲେ । ଏହି ଅବସ୍ଥାକୁ ଏଡ଼ାଇବା ପାଇଁ ସେ ନିଜକୁ ସବୁବେଳେ କୀର୍ତ୍ତନ ଓ ହରିଗୁଣ କୀର୍ତ୍ତନରେ ବୁଡ଼ାଇ ରଖିଲେ ।

ଲୋକେ ଦଳ ଦଳ ହୋଇ ଦେଖିବାକୁ ଧାଇଁଲେ । ହରିନାମ କୀର୍ତ୍ତନ କରୁ କରୁ ନିସ୍ତାରନନ୍ଦ କପରି ବାରମ୍ବାର ମୂର୍ଚ୍ଛା ହେଉଛନ୍ତି ଏ ଦୃଶ୍ୟ ଦେଖି ଲୋକେ ମଧ୍ୟ କାନ୍ଦ ପକାଉଥିଲେ । ସମସ୍ତେ ସେପରି ଏ ବେଦନାର ମାଦକତା ପାନ କରିବାକୁ ଉତ୍ସୁକ ।

ଆଜିକାଲି ନିସ୍ତାରନନ୍ଦ ପ୍ରାୟ ହରି ପ୍ରେମରେ ବେହୋସ ହୋଇ ପଡ଼ିଥାଆନ୍ତି । ତାଙ୍କର ଶିଷ୍ୟ ଓ ଶିଷ୍ୟା ଅନେକ । ସେମାନେ ଆଜିକାଲି ତାଙ୍କୁ ଜୀବନ୍ତ ଦେବତା ରୂପେ ପୂଜା ଆରତି କରନ୍ତି ।

ବହୁଦିନ ପରେ ଆଜି ସେ ନିଜ ଆସନରେ ବସିଛନ୍ତି । ଶିଷ୍ୟ ଶିଷ୍ୟା-ମାନେ କେତେ ସୁନ୍ଦର କରୁଛନ୍ତି । କେହି ମର୍ଦ୍ଦନ କରୁଛନ୍ତି । କେହି ଚନ୍ଦନ ଫୁଲ ଦେଇ ଚରଣରେ ସଜାଇ ଦେଉଛନ୍ତି । ଠାକୁର, ଆଜି ଅପେକ୍ଷାକୃତ ଶାନ୍ତ । ସେ ଭାବୁଛନ୍ତି, ଏ ମୋର ମୃତ୍ୟୁ ଅସୁଖ ? ମୁଁ ଯେଉଁ ପଥ ଖୋଜୁଥିଲି, ତାହା କଅଣ ମିଳିବ ?

ପୂଜା ସମୟ ହେଲା । ଘଣ୍ଟା, କରତାଳ ବାଜି ଉଠିଲା । ପ୍ରଧାନ ଶିଷ୍ୟ ଡାକିଲେ, ମୁଁ ଆରତି କରେ ନିତ୍ୟ ସେବକ ସ୍ୱାମୀ...ଇତ୍ୟାଦି । ବିଷ୍ଣୁ ରାମାନନ୍ଦ ସିଂହାସନରୁ ଉଠି ନାଚିବାକୁ ଲାଗିଲେ ଓ ପ୍ରେମରେ ମତ୍ତ ହୋଇ ଉଦ୍‌ଭ୍ରାନ୍ତ ଭାବେ ନାଚିବାକୁ ଲାଗିଲେ । କିଛି ସମୟ ପରେ ସେ ଶିଷ୍ୟ ଶିଷ୍ୟାଙ୍କୁ ଘେରି ଦୃଢ଼ଭାବରେ ଆଲିଙ୍ଗନ କରି ଉଦ୍ଦାମ ଚୁମ୍ବନ ଦେବାକୁ ଲାଗିଲେ । ତା ପରେ ସେ ମୂର୍ଚ୍ଛା ଗଲେ ।

ଶିଷ୍ୟମାନେ ଚିତ୍କାର କରି ଉଠିଲେ, ହରିବୋଲ, ହରି...ହରି... ଦେଲି, ହରି...ଇ...ଇ...ଇ ବୋଲି ।

ମାନବ ଓ ଦାନବ

ଗଭୀର ରାତ୍ରିର ନିସ୍ତବ୍ଧ ଅନ୍ଧକାର ବିଦୀର୍ଣ୍ଣ କରି ଶୁଭିଲା ସେହି ଦାନବୀୟ ଅଟ୍ଟହାସ୍ୟ ହିଃ—ହିଃ—ହାଃ—ହାଃ—ହେଃ—ହୋଃ—ହୋଃ, ଲହରିକି ଲହରିରେ ଗୁହାକୁ ଗୁହା ସେ ସବୁ ପର୍ବତ ବନାନୀର ପ୍ରଶାନ୍ତ ନୀରବତାକୁ ପ୍ରକମ୍ପିତ କରିବାକୁ ଲାଗିଲା।

ମୁଁ ଓ ସୁନ୍ଦର ମହାନ୍ତି ଉଭୟ ବନ୍ଧୁକ ଧରି ଟର୍ଚ୍ଚ ଆଲୁଅ ଜାଳି ଜାଳି ଧୀରେ ଧୀରେ ଅଗ୍ରସର ହେଉଥିଲୁ ନରଖାଦକ ବାଘର ଅନୁସନ୍ଧାନରେ। ସେ ଅଟ୍ଟହାସ୍ୟ ଆମକୁ ଧକ୍କା ମାରି ଅଟକାଇ ଦେଲା। ଭୟରେ ଆମେ ଦୁହେଁ ପାଟିକୁ ତାଳି ଲାଗି ସ୍ତବ୍ଧ ହୋଇ ରହିଲୁ। ଆଲୁଅ ଜଳାଇ ରଖିବାର ସାହସ ହେଲା ନାହିଁ।

ଅଟ୍ଟହାସ୍ୟ ପର୍ବତମାଳାର କନ୍ଦରେ କନ୍ଦରେ ପ୍ରତିଧ୍ୱନିତ ହୋଇ ମିଳାଇ-ଗଲା। ସମସ୍ତ କୋଳାହଳର ଆଦି ଓ ଅନ୍ତ ସେଇ ମହାନୀରବତାରେ। ଚିରଅନ୍ତ ପୁଣି ନିସ୍ତବ୍ଧ, ସ୍ଥିର। ଭୟାବହ ସେ ନିସ୍ତବ୍ଧତା।

ହଠାତ୍ ପୁଣି ଗୋଟାଏ କରୁଣ ଆର୍ତ୍ତନାଦ, ହୃଦୟବିଦାରକ କରୁଣ ଆର୍ତ୍ତନାଦ। ଆମେ ଦୁହେଁ ଭାରତବିଖ୍ୟାତ ଶିକାରୀ। ବର୍ଷକରୁ ଆଠମାସ ଆମେ ଥାଉଁ ଜଙ୍ଗଲରେ। ଭାରତର ପ୍ରତ୍ୟେକ ଜଙ୍ଗଲ ସହିତ, ପ୍ରତ୍ୟେକ ପଶୁଜାତି ସହିତ ଆମେ ଘନିଷ୍ଠ ଭାବରେ ପରିଚିତ; କିନ୍ତୁ ଏପରି ଅଦ୍ଭୁତ ଆର୍ତ୍ତନାଦ ଆମେ ଶୁଣି ନ ଥିଲୁ। ପୁତ୍ର-ବିୟୋଗବିଧୁରା ମାତାର କ୍ରନ୍ଦନ ସହିତ ଆଗ୍ନେୟଗିରିର ଗର୍ଜନ ମିଶାଇଲେ ସେ ଆର୍ତ୍ତନାଦର ତୁଳନା ହୋଇପାରେ।

ଅର୍ଦ୍ଧରାତ୍ର ହେଲେ ପୁଣି ସେମାନେ ବନ୍ଧୁକ ମାରନ୍ତି । ଅକସ୍ମାତ୍ ହେଲେ ହରିଣ ଆମ ଦୁହିଁଙ୍କ ଅତି ନିକଟ ଦେଇ ଦୌଡ଼ି ପଳାଇଗଲେ । ତାପରେ ପୁଣି ପାଲ ହରିଣ ଓ ତା' ପଛରେ ପ୍ରାୟ ହ'ଟ ବାଘ ମଧ୍ୟ ଦୌଡ଼ି ଚାଲିଗଲେ । ଆମେ ନିକଟରୁ ଗୋଟାଏ ଗନ୍ଧ ଉପରକୁ ଉଠିଲା । ଅଜ୍ଞାତ ଭୟରେ ଆମର ହୃତ୍ ଥରୁଥାଏ । ମୁଁ ଆଲୁଅ ଜଳାଇବାକୁ ଯାଉଥିଲି, ପ୍ରଭାତ ବାଧା ଦେଇ କହିଲା ଚୁପ୍ କରି ବସି ରହିବାକୁ, ପ୍ରଚଣ୍ଡ ଶୀତରେ ମଧ୍ୟ ଆମ ଦେହରୁ ଝାଳ ବୋହୁଥାଏ ।

କେତେକ୍ଷଣ ଏପରି ବସିଥିଲୁ ମନେ ନାହିଁ । ହଠାତ୍ ଦେଖିଲୁ ଅଦୂରରେ ଗୋଟାଏ ବୁଦା ଭିତରେ ଦୁଇଟି ନିଆଁ ଜୁଳା । ପ୍ରତ୍ୟେକ ଜୁଳା ଗୋଟିଏ ସାନ ଫୁଟବଲ ଆକାରର । ପରେ ଦୁଇଥର ନିଆଁ ପିଣ୍ଡୁଳା ଦୁଇଟି ଏପାଖ ସେପାଖ ହୋଇ ଆମ ଆଡ଼କୁ ମୁହାଁଇ ସ୍ଥିର ହୋଇ ରହିଲା ।

ସେ ନିଆଁ ପିଣ୍ଡୁଳା ଦେଖି ଆମ ଦୁହିଙ୍କର ଦେହରୁ ପାଣି ବୋହିବାକୁ ଲାଗିଲା । ଆମେ ଦୁହେଁ ଥରିବାକୁ ଲାଗିଲୁଁ । ଯେଉଁ ଡାଳରେ ଆମେ ଦୁହେଁ ବସିଥିଲୁ ତାହା ଭୂମିଠାରୁ ଅବଶ୍ୟ ଆଠ ହାତ ଉଚ୍ଚରେ ହେବ; କିନ୍ତୁ ବେଶି ମୋଟ ନ ଥିବାରୁ ତାହା ଉପରେ ଆମର ସ୍ଥିତି ଦୃଢ଼ ନ ଥିଲା । ଆମେ ଅନ୍ୟ ଗୋଟିଏ ଗୋଟିଏ ଡାଳ ଦୃଢ଼ଭାବରେ ଧରି ବସିଥିଲୁ; କିନ୍ତୁ ସେ ଅଦ୍ଭୁତ ନିଆଁ ପିଣ୍ଡୁଳା ଦେଖି ଆମେ ଏତେ ଥରିବାକୁ ଲାଗିଲୁଁ । ସେ ପ୍ରତ୍ୟେକ ମୁହୂର୍ତ୍ତରେ ପଡ଼ିଯିବାର ଭୟ ହେଉଥାଏ, ଅନ୍ୟ ଡାଳ ଉପରେ ଆମର ବାହୁବେଷ୍ଟନୀ ଶିଥିଳ ହୋଇ ଆସୁଥାଏ । ପ୍ରବଳ ଭୟହେତୁ ଆମର ଚିନ୍ତାଶକ୍ତି ହରାଇ ବସିଥାଉଁ ।

ଏହି ସମୟରେ ନିଆଁ ପିଣ୍ଡୁଳା ଦୁଇଟି ଥରେ ଅଳ୍ପ ସମୟ ପାଇଁ ଲିଭିଯାଇ ପୁଣି ଜଳି ଉଠିଲା ଏଥର ପୂର୍ବଠାରୁ ଅଧିକ ଉଜ୍ଜ୍ୱଳ ଭାବରେ । ଏଥର ଆମେ ପାଗଳ ହୋଇଗଲୁ । ପ୍ରଭାତ ଆଉ ସମ୍ଭାଳି ନ ପାରି ଅନ୍ଧାଧୁନ୍ଧିଆ ଗୁଳି ଫୁଟାଇ ଦେଲା । ନିଆଁ ପିଣ୍ଡୁଳା ଦୁଇଟି ପୁଣି ଲିଭିଗଲା । ଯେଉଁ ବୁଦାଟି ଭିତରୁ ସେ ନିଆଁ ଦିଶୁଥିଲା ସେ ବୁଦାଟି ଖସ ଖସ ଶବ୍ଦରେ ଥରି ଉଠିଲା ଏବଂ ତା'ପରେ କିଏ ଯେପରି ଅତି ଧୀର ପଦକ୍ଷେପରେ ଚାଲିଗଲା ।

ଝିଙ୍କି ଉଠି ପରେ ଆମେ ଟିକିଏ ସ୍ୱସ୍ଥତା ଅନୁଭବ କଲୁ । ପକେଟରୁ ରୁମାଲ ବାହାର କରି ମୁହଁ ହାତ ପୋଛୁ ପୋଛୁ ଆମେ ବଞ୍ଚକରେ ଗୁଞ୍ଜି ଝିଙ୍କିଲୁ । ପ୍ରଥମରେ ମୋ କାନରେ ବାଜିଲା, ରମା; ଏତିକିବେଳେ ବ୍ରେକ୍ ଦେଇଥିବା ନା ତ ଏଠୁ ମାଇଲ ଦୂରରେ···

ପ୍ରଶ୍ନରେ କଥା ଶେଷ ହୋଇ ନାହିଁ, ପୁଣି ସେଇ ଶବ୍ଦ, ହୋଃ—ହୋଃ—ହୋଃ—ହୋଃ । ଏଥର ଅତି ନିକଟରେ, ମନେ ହେଲା ଯେମିତି ବୁଦା-ଭିତରୁ କି ଗୁମ୍ଫ ରୁ ପ୍ରତିଧ୍ୱନି ଏ ଶବ୍ଦ । ମନେ ହେଲା ଯେମିତି କାନପରଦା ଫାଟିଗଲା । ସେ ଶବ୍ଦର ପ୍ରତ୍ୟେକ ତରଙ୍ଗ ଆମକୁ ଧକ୍କା ଦେଉଥିବା ପରି ହେଉଥାଏ । ତାଳକୁ ଦୁଇହାତରେ ଜାପୋଟି ଧରି ବସି ବସି ଆମ ଦୁଇଜଣଙ୍କର ବଣି କି ତଳ ଦେଉଥିଲା

ଉଃ ସେ କି ସ୍ମୃତି !! ଆମର ସେତେବେଳେ ଟିକିଏ ହେଲେ ବି ମାନସିକ ବା ଶାରୀରିକ ଶକ୍ତି ନ ଥାଏ । ଯାହା କରୁଥାଉ ବା ଶୁଣୁଥାଉ ବା ଦେଖୁଥାଉ ତାହା କେବଳ ପ୍ରବୃତ୍ତି ହେତୁରୁ । ଏକଦମ୍ ପାଗଳ ହୋଇ ନ ଥାଉ, ଯାହା ଦେଖୁଥାଉ ବା ଶୁଣୁଥାଉ ତାକୁ ବିଚାର କରିବାର କ୍ଷୀଣ ଶକ୍ତି ଥାଏ । ଆଉ ସେଇ ବିଚାରଶକ୍ତି ହୋଇଥାଏ ଅତି ପୀଡ଼ାଦାୟକ । ଏକଦମ ପାଗଳ ହୋଇ ଯାଇଥିଲେ ବରଞ୍ଚ ହୋଇ ଭଲ ହୋଇଥାଆନ୍ତା ସେତେବେଳେ !! ଏବେ ବି ଦୁର୍ବିସହ ଭାବରେ ଭୟାବହ ସେ ଚେଷ୍ଟିତ ।

ଭଗବାନ୍ ବୋଲି ଯଦି କେହି ସତରେ ଥାଆନ୍ତି (ଯେଉଁମାନେ ଅଛନ୍ତି ବୋଲି କହୁଛନ୍ତି ସେମାନଙ୍କ କଥା ଯଦି ସତ ହୁଏ,) ଏବଂ ଘାସପତ୍ରଟିଏ ହଲିବାଠାରୁ ଯାବତୀୟ ଘଟଣାର ନିୟନ୍ତା ଯଦି ସେ ହୁଅନ୍ତି, ତେବେ ତାଙ୍କ ବିଷୟରେ ମୋର କିଛି ଖେଦୋକ୍ତି ଏଠି କହି ରଖେ । ଆପଣ ଯଦି କେବଳ ନିଛକ ଘଟଣାଟି ଶୁଣିବାକୁ ବ୍ୟଗ୍ର ହେଉଥାଆନ୍ତି, ତେବେ ଏତକ ବାଦ୍ ଦେଇ ପାରନ୍ତି; କିନ୍ତୁ ଘଟଣାବଳୀରୁ ଯଦି କିଛି ତତ୍ତ୍ୱ ନିରୂପଣ କରିବାକୁ ବ୍ୟଗ୍ରତା ଥାଏ, ତେବେ ମୋ କଥା ବିଚାର କରି ପରେ ଦେଖିବେ । ବୁଦ୍ଧ, ଯୀଶୁଖ୍ରୀଷ୍ଟ, ମହମ୍ମଦ, ଚୈତନ୍ୟ, ପରମହଂସ, ବିବେକାନନ୍ଦ, ରବୀନ୍ଦ୍ରନାଥ, ଗାନ୍ଧିଜୀ ଆଦି ମହାପୁରୁଷ-ମାନେ (ସେମାନେ ହିଁ କେବଳ ବିପ୍ଳବୀ —ରାଜନୈତିକ, ଯୁଦ୍ଧବିଶାରଦ ବା ଶିଳ୍ପପତି ନୁହନ୍ତି—କାରଣ ସେମାନେ ମଣିଷ ମନକୁ ଏକ ନୂଆ ବାଟରେ ପକାଇ

ପାଇଛନ୍ତି) କହନ୍ତି ଭଗବାନଙ୍କ ଉପଲବ୍ଧି ଜୀବନର ଚରମ ଉଦ୍ଦେଶ୍ୟ; କାରଣ କେବଳ ସେଇଥିରୁ ସବୁଠାରୁ ଉତ୍କୃଷ୍ଟ, କିନ୍ତୁ ମୁଁ କହେ: ଅତ୍ୟନ୍ତ ପରିତାପର ବିଷୟ ଯେ ଏଣୁ, ଅନ୍ୟ ବୋଲି ମନେ ହୁଏ । ଭଗବାନଙ୍କର ସ୍ଥାନ-କାଳ-ପାତ୍ର-ଜ୍ଞାନ ନାହିଁ । ଅଥଚ; କୁରୁକ୍ଷେତ୍ର ଭଳି ମହାଯୁଦ୍ଧବେଳେ କଠିନ ଚିନ୍ତା ଭିତରେ ଯେ ବକ୍ତୃତା ଦିଏ ଦେଇଥିଲେ, ତାଙ୍କ ପକ୍ଷରେ ଏହା ବିଚିତ୍ର ନୁହେଁ ।

ଆମେ ଯେତେବେଳେ ଏପରି ଭୟାନକ ପରିସ୍ଥିତିର ଶିକାର ହେଉ, ସେତେବେଳେ ଆଉ ଏକ ବିପଦ ଭଗବାନଙ୍କ ନିକଟରୁ ଆସି ପହଞ୍ଚିଲା । ଆମେ ଯେଉଁ ଡାଳକୁ ଆଶ୍ରୟ କରି ବସିଥାଉ ତାହା ଉପରେ, ଆମର ନିକଟ ଆଗରେ, ଦୁଇଟି କୁତୁକୁତିଆ ପୋକଭଳି କଉଣି ଅତୀବ ଉଜ୍ଜ୍ୱଳ ବସ୍ତୁ ଉଡ଼ୁଛି! ଦୁର୍ଭାଗ୍ୟବଶତଃ, ମୁଁ ଆଗରୁ କହିଛି କ୍ଷୀଣ ସ୍ୱଭାବର ଲୋକ ତ ଭୟରେ ଚିନ୍ତାଶକ୍ତି ହରାଇ ଥାଏ । ମନେ ମନେ ବିଚାରକରି ଦେଖିଲି ଯେ ଏହି ଦୁଇଟି କୁତୁକୁତିଆ ପୋକ କଦାପି ହୋଇ ନ ପାରେ; କାରଣ ସେ ଦୁଇଟିଯାକର ପରସ୍ପରର ଦୂରତ୍ୱ ସର୍ବଦା ସମାନ ରହିଛି । ତେବେ ନିଶ୍ଚୟ କିଛି ଜୀବ ! ସେତେବେଳକାର ପରିସ୍ଥିତିରେ ସାମାନ୍ୟ ଗୋଟିଏ ପିମ୍ପୁଡ଼ି ଚଢ଼ିଗଲେ ମହାବିପଦ ବୋଲି ମନେ ହେଉଥାଏ । ସେଥିରେ ପୁଣି ଏ ଏକ ଜୀବ ଯାହାର ଦୁଇ ଆଖି ଯୋଡ଼ିକ ଜାଜ୍ୱଲ୍ୟମାନ !!

ପ୍ରଭାକର ଭୟରେ ଚିତ୍କାର କରି କହିଲା; ମୁଁ ଜାଣେ, ଏ ଟାରାଣ୍ଟୁଲା, ଟାରାଣ୍ଟୁଲା ! ହେ ଭଗବାନ୍ !! ପ୍ରଭାକର ପ୍ରାଣିବିଜ୍ଞାନରେ ଉଚ୍ଚତର ଛାତ୍ର ଥିଲା । ତାହାର ଜ୍ଞାନୋଦୟରେ ସେ ନିଜେ କେବଳ ଭୟ ପାଇଲାନାହିଁ, ମୋତେ ବି ଭୟାତୁର କରିଦେଲା । ଟାରାଣ୍ଟୁଲା କଅଣ ମୁଁ ଜାଣିଥିଲେ ବି ପଚାରିଲି, ସେ କ'ଣ ଜୀବ, କଅଣ ମାରାତ୍ମକ ସେ ? ଜ୍ଞାନ ଆହରଣ କରିବା ପାଇଁ ମୋର ଏ ପ୍ରଶ୍ନ ନ ଥିଲା; ଏ କଥା ପ୍ରଭାକର ବୁଝିବା ଉଚିତ ଥିଲା । ଅଥବା, ମଣିଷ ଯେତେ ବିପଦରେ ପଡ଼ିଲେ ମଧ୍ୟ ଅନ୍ୟଠାରୁ ସେ ଧନ-ମାନ-ଜ୍ଞାନରେ ବଡ଼, ଏହା ପ୍ରମାଣ କରିବାର ସୁଯୋଗ ପାଇଲେ ତାହାର ପୂର୍ଣ୍ଣ ବିନିଯୋଗ କରେ ।

ପ୍ରଭାକର ମୋତେ ବୁଝାଇବାକୁ ଲାଗିଲା; ଟାରାଣ୍ଟୁଲା ଏକ ପ୍ରକାଣ୍ଡ ବଡ଼ ବିଷାକ୍ତ ବୁଢ଼ିଆଣୀ । ସେ କାମୁଡ଼ିଲେ ବିଷର ପ୍ରକୋପରେ ମଣିଷ ନାଚି ନାଚି ମରେ ।

କଚ୍ଛପ ର ଖୋଳରୁ ମୁଣ୍ଡ ଯାଇଛି, ଏବେ ଆଉ କୌଣସି ଅଙ୍ଗ ନ ଥାଏ । କେବଳ କାନ୍ଧରୁ ଝୁଲୁଥାଏ ଲମ୍ବା ବେକଟିଏ । ଟାରାଣ୍ଟୁଲା ଧୀରେ ଧୀରେ ଆଗେଇ ଆସୁଥାଏ, ତା'ର ଜ୍ୱଳନ୍ତ ଦୃଷ୍ଟି ଆମ ଆଡ଼େ ସ୍ଥିର ରହି । ତେବେ କଉଣ ଏପରି ପରିସ୍ଥିତିରେ ଆମକୁ ନେବାକୁ ଡାକିବ । ଭଗବାନଙ୍କର ଏ କଉଣ ଷୁର ପରିହାସ ନୁହେଁ ? ତେବେ ମୁଁ ତାଙ୍କୁ କୋମଳମୟ, ଆର୍ତ୍ତତ୍ରାଣ କହିବି କାହିଁକି ?

'ଆତଙ୍କନାଶନ ତୋ ନାମ,
ବାରେ ତୁ ଦୁଷ୍ଟ ବକ୍ରନେତ୍ରା',

ଗଜ କୁମ୍ଭୀର ଦାଉରେ, ପଡ଼ିଥିଲାବେଳେ —'ହା' ବୋଲି ଡାକିଲାବେଳେ ସ୍ତୁତି କଲା, ସେତେବେଳେ ଭଗବାନ୍ କୁଆଡ଼େ ସୁଦର୍ଶନ ଚକ୍ର ପେଷି ତାକୁ ଆଦେଶ ଦେଲେ—"ଚକ୍ର ତୁ ଅତି ବେଗେ ଯିବୁ,
କୁମ୍ଭୀର ଦେହରେ ପଡ଼ିବୁ;
ଛିଣ୍ଡିବ ଖଣ୍ଡ ଖଣ୍ଡ ହୋଇ,
ମୋ ଗଜ ଦେବୁ ମୁକୁଳାଇ ।"

ଆଉ ତାହା ମଧ୍ୟ କୁଆଡ଼େ ଘଟିଥିଲା ବୋଲି ଅତିବଡ଼ ଜଗନ୍ନାଥ ଦାସ ଲେଖିଛନ୍ତି; କିନ୍ତୁ ଏ ଆତଙ୍କ-ନାଶନ, ନା ଆତଙ୍କବର୍ଦ୍ଧନ ନାମ ? ହଁ, ଆପଣ କହିପାରନ୍ତି, ଆମେ ଯାଇଥିଲୁ କ୍ରୀଡ଼ାସ୍ଥଳରେ ନିରୀହ ଜନ୍ତୁବଧ କରି ସେମାନଙ୍କର ମୃତ୍ୟୁଯନ୍ତ୍ରଣାରେ ଉଲ୍ଲସିତ ହେବାକୁ, ତେଣୁ ଆମର ଏହା ପ୍ରାପ୍ୟ । ସେ ଶିକ୍ଷା ଅନ୍ୟ ପରିସ୍ଥିତିରେ ଏବଂ ଏମିତି ବୁଝେଇ ନ ଦେଇ ସିଧାସଳଖଭାବରେ ଦେଇଥିଲେ ଅଧିକ ବୁଦ୍ଧିମତ୍ତାର ପରିଚୟ ମିଳନ୍ତା ଓ ଶିକ୍ଷା ନିଶ୍ଚିତ ଫଳପ୍ରଦ ହୁଅନ୍ତା । ଅନେକ କହନ୍ତି ପୂର୍ବଜନ୍ମର ପାପରୁ ଏ ଜନ୍ମରେ ଅନେକ କୁଷ୍ଠାଦି ନାନା ରୋଗରେ ଯନ୍ତ୍ରଣା ପାଆନ୍ତି । ହେଲେ କହିଲେ କି ମନ ମାନେ କି ?

ଟାରାଣ୍ଟୁଲା ଧୀରେ ଧୀରେ ଆଗେଇ ଆସୁଥାଏ । ଚରମ ହତାଶାରେ କୁଆଡ଼େ ମଣିଷ ନିରୁପାୟଭାବରେ ହସେ । ପ୍ରକୃତରେ ବୋଧହୁଏ ସେଇ ହସ ହସିଲି । ଆଜ୍ଞା ମଣିଷ କି ବୋଧହୁଏ ସେତେବେଳେ ଦାର୍ଶନିକ ହୋଇଯାଏ; କାରଣ ମୁଁ ଭାବୁଥାଏ, ଏତେ ବୀଭତ୍ସ, କଦାକାର, ଭୟଙ୍କର ଜୀବର ସୃଷ୍ଟିର କି ଉଦ୍ଦେଶ୍ୟ ଥାଇ ପାରେ । ଭଗବାନ, କଉଣ ପାଇଁ ଏସବୁ ସୃଷ୍ଟି କରୁଛନ୍ତି ।

କିଏ ଏପରି ସନ୍ଧ୍ୟାଗୀତ କଳ୍ପନା କରି ପାରନ୍ତି ସେ ନିଶ୍ଚୟ ସେପରି ନ ହୋଇଥିବେ କାହିଁକି ? କିନ୍ତୁ କିଏ ସେପରି ମୋର ମନରେ ଥାଇ ଉତ୍ତର ଦେଲା, ତା ଧନ୍ଦି କର, କେତେବ ମହିମ କଳ୍ପନା ଗୁଣ ଲେଖକ, କଥାକାର, କିମ୍ବା କବି ? ସେ ମଣିଷ ଅର୍ଥ, ଯଶ, ମାନ, ପ୍ରତିପତ୍ତି ପାଇଁ, କେଉଁ କାମ ନ ପାଇଁ ମଣି, କେତେ ଝୁଟ୍ ତଥ୍ୟ ନ କରୁଛି, କେତେ ବିଷାକ୍ତ ଚିନ୍ତା ଉଦ୍ଭାବନ ନ କରୁଛି, କେତେ ଚଣ୍ଡା ଉଦ୍ଭାବନ ନ କରୁଛି, ଅନ୍ୟକୁ କେତେ ନଚେଇ ନାଚଉ ନ ମାରୁଛି ? କିଏ ?! ଏହାର ଉତ୍ତର ଦିଅ !! କିଛି ଉତ୍ତର ଦେଇ ପାରିଲି ନାହିଁ, ଅନ୍ତତଃ ଆଜିକାଲିକାର ପରିସ୍ଥିତି ଏ ଅଭିଯୋଗ ପ୍ରମାଣ କରୁଛି । ବଡ଼ ବଡ଼ କଥା କହି ସବୁ ସୁଖ ମାରି ନେଇ ଅନ୍ୟକୁ ଘୋର ସ୍ୱାର୍ଥତ୍ୟାଗୀ ହେବାକୁ ଉପଦେଶ, ନ ହେଲେ ମାଡ଼ !! ଭାବୁ ଭାବୁ ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଥିଲି । ହଠାତ୍ ଆଖି ପଡ଼ିଗଲା ଝାଉଁଙ୍ଗୁଳ ଉପରେ । ଦେଖିଲି ଆମର ଅତି ନିକଟରେ ସେ ।

ଦଶମୀର ଶୁଭ ସେତେବେଳକୁ ଉଇଁ ସାରିଥାଏ । ପ୍ରତ୍ୟେକ ଗଛର ପତ୍ର ପତ୍ରରେ ଅଜସ୍ର ମୁକ୍ତାବିନ୍ଦୁ ଝଲସୁଥାଏ । ଗୋଟାଏ କୋଇଲି ହଠାତ୍ କେଉଁଠୁ ଛୁଟି ଏ ଦୃଶ୍ୟ ଦେଖି ଆନନ୍ଦରେ ଅଧୀର ହୋଇ ଗାଇବାକୁ ଲାଗିଲା କୁହୁ କୁହୁ କୁ-ଉ-ଉ-ହୁ । ଆଉ ଗୋଟାଏ ପକ୍ଷୀ 'ପେପୁ କାହାଁ ହେ,, ପିଉ କାହାଁ ହେ' କହୁ କହୁ ଉଡ଼ିଗଲା, ସେଇ ଅଦେଖା ଅପହଞ୍ଚର ଶାନ୍ତ ଅନ୍ୱେଷଣରେ ବୋଧହୁଏ । ଦୂରରୁ ଅତି କ୍ଷୀଣକଣ୍ଠରେ ଅଥଚ ସ୍ପଷ୍ଟ ଭାବରେ ଭାସି ଆସିଲା ଉଦାତ୍ତ ସ୍ୱରରେ ଗୀତ—

କୋଟି ସୂର୍ଯ୍ୟ ନିଭାଶମ୍, ଲଲାଟେ
କସ୍ତୁରୀ ତିଲକମ୍, ପଦ୍ମନାଭମ୍ ସୁନ୍ଦରମ୍···

ଗୋଟାଏ ଭୁଁ ଭାଁ ପକ୍ଷୀ ଆମର ମୁଣ୍ଡ ଉପର ଡାଳରୁ କହି ଉଠିଲା, ହୁମ୍, ହୁଁ ଉଁ ଉଁ ଉଁ ଉଁ ହୁଁଃ···

ଝାଉଁଙ୍ଗୁଳର ଧୀର, ସ୍ଥିରପ୍ରତ ଭାବରେ ଧୀର, ଚାଲି ଥମକି ଗଲା । ତା'ର ସାଭଗ୍ର ଉଜ୍ଜ୍ୱଳ ଦୃଷ୍ଟି କିନ୍ତୁ ଆମ ଉପରେ ସ୍ଥିର ରହିଲା । ଆମେ ମଧ୍ୟ ମନ୍ତ୍ରମୁଗ୍ଧଭାବରେ ଅନାଇ ରହିଲୁ ତା ଆଡ଼େ ଅପଲକ ଦୃଷ୍ଟିରେ, କଷ୍ଟରେ ଆଖିରୁ ପାଣି ଝରୁଥିଲେ ମଧ୍ୟ ।

ଚମକ ପଡ଼ିଲା ପ୍ରକାରର ଧୀର ଅଙ୍ଗୁଳି ସ୍ପର୍ଶରେ । ଦ୍ରୁଗାଞ୍ଚ ହାତଠାରୁ ଦେଖାଇଦେଲ୍ ସେଇ ବୁଦାଆଡ଼େ । ପୁଣି ସେଇ ଅଗ୍ନିପିଣ୍ଡ ଯୋଡ଼ିକ ! ! ଏଥର ସେ ଯୋଡ଼ିକ ଧୀରେ ଧୀରେ ଉଠିବାକୁ ଲାଗିଲା, ଏବଂ ଉଠୁ ଉଠୁ ଆମ ଆଡ଼କୁ ଧୀରେ ଧୀରେ ଆଗେଇବାକୁ ଲାଗିଲା ।

ନଆଁ ପେଣ୍ଡୁ ଯୋଡ଼ିକ ଯେତେବେଳେ ଭୂମି ଉପରୁ ହାତେଅଠ ପ୍ରା ଉଚ୍ଚରେ, ସେତେବେଳେ ଆମେ ବୁଝିପାରିଲୁ ଯେ ସେ ଦୁଇଟି ଏକ ଅଦ୍ଭୁତ ଜୀବର ଦୁଇଟି ଆଖି । ଅସ୍ପଷ୍ଟ ଜହ୍ନ ଆଲୁଅରେ ସେ ଜୀବର ଅସ୍ପଷ୍ଟ ରୂପରେଖ ଦିଶୁଥାଏ । ଆଉ କିଛି ଦେଖି ନ ପାରିଲେ ମଧ୍ୟ ତା'ର ଦେହଯାକ ଯେ ବଡ଼ ବଡ଼ ବାଳରେ ପୂର୍ଣ୍ଣ ତା' ସ୍ପଷ୍ଟ ଅନୁମାନ କରିପାରୁଥିଲୁ ।

ଆଉ ଦୁଇତିନ ହାତ ଆଗେଇ ଆସିବା ପରେ ସେ ଏଥର ବୋଧହୁଏ ଦଣ୍ଡାୟମାନ ହେଲା । ସେତେବେଳେ ସେ ଥାଏ ଆମଠୁ ପ୍ରାୟ ଚାରି ପାଞ୍ଚ ହାତ ଦୂରରେ । ତା'ର ସେଇ ପ୍ରକାଣ୍ଡ ଅକ୍ଷିଯୋଡ଼ିକ ପ୍ରାୟ ଆମ ସାମନାରେ, ଅତି ନିକଟରେ । ହାତଯୋଡ଼ିକ ତା'ର ଦୁଇଟି ପ୍ରକାଣ୍ଡ ତାଳଖମ୍ବ ପରି କାନ୍ଧରୁ ଝୁଲୁଥାଏ । ଯେ କୌଣସି ମୁହୂର୍ତ୍ତରେ ସେ ଆମକୁ ଧରି ପିମ୍ପୁଡ଼ି ଭଳି ଦଳି ଦେଇପାରେ ।

ଠାରଣ୍ଟଲା ସେତେବେଳେ ତା'ର ଉଜ୍ଜ୍ୱଳ ନୀଳାଭ ଆଖି ଯୋଡ଼ିକ ଆମ ଉପରେ ନିବଦ୍ଧ ରଖି ଆଉ ଟିକିଏ ଘୁଞ୍ଚି ଆସିଲା । ଉପରକୁ ତଳକୁ ଓ ବାମକୁ ଡାହାଣକୁ ତା'ର ଗୋଲ ଗୋଲ ଅକ୍ଷିଯୋଡ଼ିକ ଦି ଘୁରିଥର ବୁଲାଇ ଆମ ଉପରେ ପୁଣି ସ୍ଥିରକଲା । ହୁଁ-ହୁଁ । ପକ୍ଷୀଟା ପୁଣି ଗର୍ଜିଲା ହୁଁ, ହୁଁ, ହୁଁ, ହୁଁ । ଆମର ଠିକ୍ ମନେ ହେଲା ବଦମାସ୍ ବିଶ୍ୱାସଘାତକ ପେଚା ଯେମିତି ଏଇ ଦୁଇ ଅଦ୍ଭୁତ ଜୀବକୁ ଉତ୍ସାହ ଦେଉଥାଏ ଆମକୁ ମାରି ଦେବାକୁ । ମନେ ମନେ ପ୍ରତିଜ୍ଞା କଲି, ଏଥିରୁ ଯଦି ନିସ୍ତାର ପାଏ ତେବେ ମୋର ଜୀବନର ଏକମାତ୍ର ବ୍ରତ ହେବ ପେଚାବଂଶ ଧ୍ୱଂସକରିବା । ମନରେ ଗଣ୍ଡ ମନ୍ତ୍ର କି ଜାଣେ ।

ଅଗ୍ନିକନ୍ଦୁକାକ୍ଷ ଜୀବ ପାଦ ପକାଇ ଆଗେଇ ଆସିଲା । ତା'ର ପ୍ରତି ପଦକ୍ଷେପରେ ଆମ ଦେହ ଥରି ଉଠିଲା । ତା'ର ଆଖି ଆମ ଆଖିଠାରୁ କେବଳ କେତେ ଇଞ୍ଚ ଛଡ଼ା ମାତ୍ର । ତା'ର ନିଃଶ୍ୱାସ ଆମ ମୁଣ୍ଡ ଉପରେ ପଡ଼ୁଥିବାରୁ

ଆମ ଦେହଟି ଉତ୍ପାଟିତ ମୂଷିକାର ଉଡ଼ିବାକୁ ଲାଗିଲା । ଚାରିଆଡ଼ୁ ସେମାନେ ଆମଠାରୁ ଦୁଇତିନି ଫୁଟ ଛଡ଼ାରେ ମାତ୍ର । ଆମେ ସ୍ପଷ୍ଟ ଦେଖିଲୁ ସେ ତା'ର ହାତମୁହଁ ଦାନ୍ତ ମୁଣ୍ଡଟିକୁ ସମାନ ଗୋଡ଼ ଦୁଇଟିରେ ଘଷୁଥାଏ । ଆମକୁ କାମୁଡ଼ିବା ଆଶାରେ ଦାନ୍ତ ଚୋବାଉଥାଏ ବୋଧହୁଏ । ସେ ହାଏ ଅଦ୍ଭୁତ ଚରିତ୍ର ଚରିତ୍ର ଦେଖେଇ ହେଉଥାଏ ।

ଏହି ସମୟରେ ନିକଟରେ ମହିଷକଣ୍ଠର ଆହ୍ୱାନ ଶୁଣାଗଲା, ସୁକଣ୍ଠକ ! ଛିଃ, ଆସ ସଖା, ଏ କିଏ !!

ଉଃ ! କି ଅଦ୍ଭୁତ ସେ ଚେହେରା । ଏମାନେ ଆମଙ୍କୁ ମିଳିଲା ଏକ ଅସ୍ପୃଶ୍ୟ ହବ ! କିଏ ଏ !! ଦେବ ନା ମାନବ !!! ଦେବତା ଯଦି ହୁଏ, ତେବେ ଆମର କର୍ତ୍ତବ୍ୟ କରିବା ଉଚିତ, କପର ହିବାରେ ଅଭିବାଦନ କରିବା ଉଚିତ । ମନ୍ତ୍ରୀ ବା ସେକ୍ରେଟେରୀ ବା କଲେକ୍ଟରଙ୍କ ସମ୍ମାନରେ କପରି ଗୋଡ଼ ଭାଙ୍ଗି, ହାତଯୋଡ଼ି (ମାନସିକ ଓ କାୟିକ) ଛିଡ଼ାହେବାକୁ ହୁଏ ଏବଂ ନ ହେଲେ କି ପରିସ୍ଥିତି ଘଟେ, ତାହା ଆମେ ଉତ୍ତମରୂପେ ଶିକ୍ଷା ପାଇଛୁ ଏବଂ ସେଥିରେ ଆମେ ଅଭ୍ୟସ୍ତ; କିନ୍ତୁ ଦେବତାଙ୍କ ପାଖରେ କିପରି ସେହିପରି ବ୍ୟବହାର କରିବାକୁ ହେବ ?

ଏଥର ଅତି ନିକଟରେ ଡାକ ଆସିଲା, ଆସ ବନ୍ଧୁ ସୁକଣ୍ଠକ, ଆସ ମୋ ସହିତ ଖେଳିବ । ଏମାନେ ତୁମର କଥା ବୁଝିପାରିବେ ନାହିଁ !!

ପୁଣି ଗଗନ ପବନ ମନ୍ଥନ କରି ସେଇ ଅଟ୍ଟହାସ୍ୟ । ହୋଃ—ହୋଃ—ହାଃ—ହାଃ—ହାଃ—ହଃ—ହାଃ—ହାଃ—ଫଡ଼ ଫଡ଼ କରି ଉଡ଼ିଆଇ ଆସି ହାତଗୋଡ଼ ନଖରେ ଝାମ୍ପି ନେଇଗଲା ଗୋଟାଏ ପେଚା । ଛାଃ, ଦୁଷ୍ଟ କୁଟିଳଙ୍କହାତରେ ମନ ଭରିଗଲା ।

ସେ ଅଟ୍ଟହାସର ଧକ୍କାରେ ଆମେ ତଳେ ପଡ଼ିଗଲୁ । ପଡ଼ିଗଲା ପୂର୍ବରୁ ଆମର ଯେତିକି ଜ୍ଞାନ ଥିଲା, ସେଥିରେ ଦେଖିଲୁ ଜଣେ ମନୁଷ୍ୟ ସୁକଣ୍ଠକନାମକ ସେଇ ବିଭତ୍ସ ଜୀବର ହାତ ଧରି ଗାଇ ଗାଇ ଯାଉଛି—

"ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତଃ,

× × ×

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

ତା'ପରେ କଅଣ ଘଟିଲା ଆମେ ଜାଣୁନା ।

× × ×

ପରଦିନ ସକାଳେ ଆମେ ଯେତେବେଳେ ଉଠିଲୁ, ଦେଖିଲୁ ଆମେ ଏକ କୁଡ଼ିଆ ଭିତରେ ଶୋଇଛୁ । ଆଖି ମଳି ଉଠି ଆମେ ପୂର୍ବକଥା ସ୍ମରଣ କରିବାକୁ ଚେଷ୍ଟାକଲୁ । କିନ୍ତୁ କିଛି ମନେପଡ଼ିଲା ନାହିଁ । କେବଳ ଦୂରରୁ ଭାସି ଆସିଲାପରି କାନରେ ଶୁଭିଲା, ଯଦା ଯଦା ହି...... । ପ୍ରବୀର ହାତ ଯୋଡ଼ି ନମସ୍କାର କଲା । ତାହାର ପ୍ରତିଧ୍ୱନିରୁ ସେ କି ନୂତନତ୍ୱ ପାଇଲା କେଜାଣି, ନିରୀଶ୍ୱର ଓ ବସ୍ତୁବାଦୀ ବୈଜ୍ଞାନିକ ପ୍ରବୀରକୁ ମୁଁ ଅଜ୍ଞାତର ଉଦ୍ଦେଶ୍ୟରେ ନମସ୍କାର କରିବାର ଦେଖି ଖଲ ଖଲ କରି ହସିଲି ।

ବାହାରକୁ ଆସି ଆମେ ଦେଖିଲୁ ଆମେ ଯେଉଁଠି ଅଛୁ ତା'ର ଚାରିପଟେ ନିବିଡ଼ ଜଙ୍ଗଲ । ସେ ଜଙ୍ଗଲ ଭିତରକୁ ଦଳ ଦଳ ହୋଇ ଯୁବକମାନେ ଯାଉଥାଆନ୍ତି ଟେଣ୍ଟା, ବଲ୍ଲମ, ଖଣ୍ଡା, କଟୁରି ଆଦି ଅସ୍ତ୍ର ଧରି ଓ ଢୋଲ ମହୁରି ବଜାଇ, ମଝିରେ ମଝିରେ ଗୋଟାଏ ହିଂସ୍ର କଲକଲା ଧ୍ୱନି କରି ସେମାନେ ଡେଇଁ ଥାଆନ୍ତି ।

ଏଇ ସମୟରେ ଦୂରରୁ ଶୁଭିଲା, ଭାଇମାନେ ମୋର ଫେରି ଆସ ! ଫେରିଆସ !

ଅନାଇ ଦେଖିଲୁ ଏକ କମନୀୟକାନ୍ତି ଯୁବକ । ମୁହଁରେ ତାଙ୍କର ସ୍ନିଗ୍ଧ ହାସ୍ୟ, ହସ୍ତରେ କମଣ୍ଡଳୁ, ଅଙ୍ଗରେ କୌପୀନ ବ୍ୟତୀତ ଆଉ କିଛି ନାହିଁ ।

ଯୁବକମାନେ ଅଟକି ଛିଡ଼ାହେଲେ । ମନରେ ସେମାନଙ୍କର ଦ୍ୱିଧା । କ୍ରମେ କ୍ରମେ ଗୋଟି ଗୋଟି ହୋଇ ସେମାନେ ଫେରିଲେ ଯୁବକଆଡ଼େ । ନବାଗତ ଯୁବକଙ୍କୁ ଦେଖି ସେମାନେ ପଚାରିଲେ, କାହିଁକି ଡାକିଲ ତୁମେ ? ତୁମେ କିଏ ?

କୁଆଡ଼େ ଯାଉଛ ଭାଇମାନେ ? ଯୁବକ ପଚାରିଲେ ।

ଆମେ ଯାଉଛୁ ଗୋଟାଏ ଦାନବକୁ ମାରିବାକୁ

ମନର ଦାନବକୁ ଆଗେ ମାର, ତା’ ପରେ ବାହାରର ଦାନବ ମରିବ, ଯୁବକ ସ୍ନିଗ୍ଧ ଅଥଚ ଦୃଢ଼କଣ୍ଠରେ କହିଲେ

ଆମେ ସେ ସବୁ ବୁଝୁନା, ସେ ସବୁ ବାଜେ କଥା, ଆମେ ତାକୁ ଆଜି ମାରିବୁ···ମାରିବୁ···ତା’ର ମାଂସ ଆମେ ଖଣ୍ଡ ଖଣ୍ଡ କରି ଖାଇବୁ, ତା’ର ରକ୍ତରେ ଗାଧୋଇବୁ । ବଡ଼ ଶିକାର ମିଳିବ ଆଜି ଯୁବକମାନେ ଅସ୍ତ୍ର ସବୁ ନେଇ କଳକଳା ନାଦ କରି ନାଚିବାକୁ ଲାଗିଲେ ।

ସେ ତ କା’ର କ୍ଷତି କରିନାହିଁ···ଯୁବକ କହିଲେ ।

ତୁମେ ତାକୁ ଦେଖିଛ ? କେଉଁଠି ସେ ?

ବାଃ ପ୍ରତି ବର୍ଷରେ ଦେଖୁଛି ତାକୁ । ଚାଲ, ତାକୁ ମାରି ଏଇ ଗାଁର ଆଜି ଗୋଟିଏ ପୂଜା କରିନେବା, ଯୁବକ ହିଂସ୍ର ହାସ୍ୟ କରି କହିଲେ ।

ସେଇ ହିଂସ୍ର ଅସୁରକୁ ???! ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ସମସ୍ୱରରେ ।

ନିଶ୍ଚୟ, ଦୃଢ଼ତା-ବ୍ୟଞ୍ଜକ ସ୍ୱରରେ ଯୁବକ କହିଲେ ।

ଆମେ ଦୁହେଁ ସେତେବେଳକୁ ଅନ୍ୟମାନଙ୍କ ସହିତ ଯୋଗ ଦେଇଥାଉ । ମୁଁ ପଚାରିଲି, ସେ ହିଂସ୍ର ପଶୁ, ଆପଣଙ୍କ ଗୀତାରେ ତ ଭଗବାନ୍ କହିଛନ୍ତି ଶତ୍ରୁକୁ ଜୟ କରିବାକୁ ।

ଯୁବକଙ୍କ ଆଖି ଛଳଛଳ ହୋଇଗଲା । ସେ କହିଲେ, ବନ୍ଧୁ, ଏ ଭ୍ରାନ୍ତ ଧାରଣା···।—ଅର୍ଜ୍ଜୁନଙ୍କ ହିଂସା, ଦ୍ୱେଷ, ମୋହ, ଦର୍ପ, ଅହମିକା ଦୂର କରାଇ ସମ୍ପୂର୍ଣ୍ଣରୂପେ ଜ୍ଞାନୋଦୟ କରାଇ ଭଗବାନ୍ ଶ୍ରୀକୃଷ୍ଣ, ତାଙ୍କ ପାଦତଳେ ମୋର କୋଟି କୋଟି ନମସ୍କାର, କହିଲେ, ସଖା ଏଥର ତୁମେ ଯୁଦ୍ଧ କର ବା ନକର ତୁମ ଇଚ୍ଛା । ଆପଣ ଆଗେ ମନର ଦାନବମାନଙ୍କୁ ଜୟ କରନ୍ତୁ, ପରେ ବାହାରର ଦାନବ କଥା ଭାବିବେ । ଆଜି ଅସୁର ବା କିଏ ଭାଇମାନେ; "ଈଶ୍ୱରସ୍ୟ ପ୍ରସ୍ତାରମ୍ ଅନେକରୂପମ୍ ।" ନାନା ରୂପରେ ସେ ଭିତରେ ଓ ବାହାରେ ଅଛନ୍ତି ।

ତାଙ୍କରି ସବୁ ଭୂତଙ୍କୁ ମୋର କୋଟି କୋଟି ନମସ୍କାର । ସ୍କୁଲ ଛାତ୍ରମାନେ, ଆମେ ତାଙ୍କୁ ଏ ଗାଁର ପୂଜ୍ୟ କରନ୍ତେନା, ଆମରି ଜଣ ଜଣେ ସେ ।

ମୁଁ ମନେ ମନେ କହିଲି, ଏଥିକୁ ଚାଟେକାମି ।

ଜନତାଙ୍କ ଭିତରୁ କେହି ଜଣେ ଉତ୍ସାହୀ ହୋଇ ପଚାରିଲା, ତା କି ସମ୍ଭବ ହୋଇପାରେ ?

ଯୁବକଙ୍କ ଆଖି ଦୁଟି ଛଳଛଳ ହୋଇଗଲା, ସେ କହିଲେ, ଭଗବାନ୍ ଶ୍ରୀକୃଷ୍ଣ ମଦନଦହନ ନୁହନ୍ତି, ମଦନମୋହନ । ଏଣୁ ମୋହନଦାସ ଗାନ୍ଧି ମଧ୍ୟ ଏକଥା ପ୍ରମାଣ କରି ଯାଇଛନ୍ତି । ଭିତରେ କିଛି ନଥିଲେ ଲକ୍ଷେ ଛଳନା କଲେ ତା' ଅସମ୍ଭବ । ହେ ଅମୃତର ପୁତ୍ରମାନେ, ଧନ, ମାନ, କ୍ଷମତା, ପ୍ରତିପତ୍ତି ତୁମର ମାନବତ୍ୱର ବିକାଶ କରିବ ନାହିଁ, ଦାନବତ୍ୱ ବୃଦ୍ଧିପାଇବ । ହେ ଅମୃତର ପୁତ୍ରମାନେ, ତୁମେ କହ ଆମେ ଅମୃତର ପୁତ୍ର ।

କଏ ଯେମିତି ଆମର କଣ୍ଠରେ ଥାଇ ଆମକୁ କୁହାଇଲେ; ଆମେ ଅମୃତର ପୁତ୍ର, ଆମେ ଅମୃତର ପୁତ୍ର । କଣ୍ଠରୁ ସେ କଥା ବାହାରିବା ପରେ ଦେହର ପ୍ରତି ଲୋମକୂପରେ ଏକ ଅପୂର୍ବ ଶିହରଣ, ଅଦ୍ଭୁତ ଆନନ୍ଦମୟ ସାହସର ସଞ୍ଚାର ହେଲା । ଆମେ ବାରମ୍ବାର ସେ କଥା କହି ଆନନ୍ଦରେ ଉଚ୍ଛଳିବାକୁ ଲାଗିଲୁ ।

ଯୁବକ ହେଇପରି ଧ୍ୟାନମଗ୍ନ । ଅଧରରେ ତାଙ୍କର ସ୍ମିତହାସ୍ୟ ସ୍ଥିରପ୍ରଜ୍ଞ ଭଳି ଝରୁଥାଏ ।

ଜଳସ୍ତମ୍ଭ

ତର୍କ ଉଠିଥିଲା ଭଗବାନଙ୍କ ଅସ୍ତିତ୍ୱ ବିଷୟରେ । ଅମର ସାନ୍ଧ୍ୟ ଚକ୍ରରେ ବଣମଣିଷଠାରୁ ଆରମ୍ଭ କରି ମଙ୍ଗଳଗ୍ରହର ଜୀବ ଏବଂ ଭୂତଠାରୁ ଆରମ୍ଭ କରି ଭଗବାନ ପର୍ଯ୍ୟନ୍ତ ସମସ୍ତଙ୍କ ବିଷୟରେ ଠିକନଶି ଆଲୋଚନା ହୁଏ । ଏମାନଙ୍କ ବିଷୟରେ କାହାରି ପ୍ରତ୍ୟକ୍ଷ ଅଭିଜ୍ଞତା ନାହିଁ କିନ୍ତୁ ତାପାଇଁ ଠିକନଶି ଆଲୋଚନାରେ କିଛି ବାଧା ପଡ଼ୁନାହିଁ । ଏ ଚକ୍ରରେ ଯେଉଁମାନେ ଯୋଗଦିଅନ୍ତି ସେମାନଙ୍କ ଭିତରେ ଉନ୍ନତ ନାସ୍ତିକ ଓ ଉନ୍ମାଦ ଭକ୍ତ ମଧ୍ୟ ଅଛନ୍ତି । ମୋ କଥା ଶୁଣନ୍ତୁ । ମୋ ମତରେ ମୃତ୍ୟୁପରେ ଅମରତା ପାଗଳ ମନୁଷ୍ୟର କାଳ୍ପନିକ ସୃଷ୍ଟି ହେଉଛି ଭୂତ ଓ ଭଗବାନ; କିନ୍ତୁ ମୁଁ ଟିକିଏ ଦୁର୍ବଳ । ଭକ୍ତମାନଙ୍କର ମାଡ଼ ଭୟରେ ମୋର ମତ ମୁଁ ପ୍ରକାଶ କରିପାରେନା ।

ବିଜୟବାବୁ ଖବରକାଗଜ ଗୋଟିଏ କୋଣକୁ ଫିଙ୍ଗିଦେଇ କହିଲେ, ହେଁ ମଣିଷ ଗର୍ବ କରୁଛି ଯେ ସେ ଜ୍ଞାନର ଚରମ ସୀମାକୁ ଯାଇଛି । ସବୁ ଜ୍ଞାନ ତ ମାରଣାସ୍ତ୍ର ତିଆରି କରିବା ପର୍ଯ୍ୟନ୍ତ, ସେଥିରେ ଗର୍ବ କେତେ ! ତୈତ୍ତିରୀୟ ଉପନିଷଦରେ ଅଛି, ଅନ୍ନମୟ ଆତ୍ମା । ତା ଭିତରେ ପ୍ରାଣମୟ ଆତ୍ମା । ତା ଭିତରେ ମନୋମୟ ଆତ୍ମା । ତା ଭିତରେ ବିଜ୍ଞାନମୟ ଆତ୍ମା । ତା ଭିତରେ ଯାହା ହେଲା ଆନନ୍ଦମୟ ଆତ୍ମା । ଆରେ ବାପ, ସେ ଆନନ୍ଦର ନାହିଁ, ଖଣ୍ଡିକଟା ଜ୍ଞାନର ଏତେ ଗର୍ବ କାହିଁକି କର ? ସେ ଆନନ୍ଦ କେବଳ ପରମବ୍ରହ୍ମ ଚିହ୍ନିଲେ ପାଇବ ।

ମୁଁ ପ୍ରତିବାଦ କରିବାକୁ ଯାଉଥିଲି; କିନ୍ତୁ ଉପରେ ଚଣ୍ଡିରୁ କେବଳ ଘଡ଼ଘଡ଼ ଶବ୍ଦ ବାହାରିଲା । ସୁକାନ୍ତବାବୁ କହିଲେ, ଦେଖ ତୁମ ଭଗବାନ

ପରମ ବ୍ରହ୍ମ । ମଣିଷ କଳ୍ପିବାକୁ ନାହିଁ, ଏ ହେଲା ଚରମ ସତ୍ୟ । କହୁକହୁ ହେଲେ···ଆରେ ! ଏ କଅଣ ?

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲୁ ସନ୍ନ୍ୟାସୀ ନେତ୍ରଧାରା ଦୁଆର ମୁହଁରେ ଛିଡ଼ା ହୋଇଛନ୍ତି । ଆମେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଦେଖିଲୁ ଆଖି ତା'ର ଜଳ ଜଳ, ଅଧର ଈଷତ୍ କମ୍ପିତ । ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ସେ କହିଲେ, ଭାଇମାନେ, ଭଗବାନ ଅଛନ୍ତି, ଅଛନ୍ତି ।

ଏଥର ଆମେ ଆଶ୍ଚର୍ଯ୍ୟର ଚରମସୀମାକୁ ଗଲୁ । କହନ୍ତି କଣ ସେ ! ଯିଏ ଘୋର ନାସ୍ତିକ, 'ବୃଷଳୀ ଅଧ ସୁରପାନ' ପାଖରେ ଯିଏ ଆକଣ୍ଠ ବୁଡ଼ି ରହିଥିଲେ ସେ କହୁଛି, ଭଗବାନ ଅଛନ୍ତି ।

ମୁଁ କହିଲି, ଭଗବାନ୍ ଥାଆନ୍ତୁ, ଆମର ଆପତ୍ତି ନାହିଁ; କିନ୍ତୁ ତୁ କେଉଁଠି ଥିଲୁ ଏତେଦିନ ? ଆମେ ତ ଶୁଣିଥିଲୁ ତୁ ଯୁଦ୍ଧରେ ଯୋଗଦେଇଥିଲୁ ଏବଂ ତୋର କୋର୍ଟ ମାର୍ଶାଲ ହୋଇଥିଲା, ସାତଦିନ ଛୁଟି ନେଇ ଖବର ନଦେଇ ଗାଁରେ ମାସେ ରହିଯାଇଥିଲୁ ବୋଲି ।

—ହଁ, କୋର୍ଟ ମାର୍ଶାଲ ହୋଇଥିଲା । ବର୍ଷାଦିନରେ ପାଞ୍ଚଦିନ ଛୁଟି ନେଇ ଆସି ଅନେକ ଦିନ ରହିଯାଇଥିଲି । ଦିନେ ହଠାତ୍ ଓ୍ୱାରେଣ୍ଟ ଆସି ପହଞ୍ଚିଲା । ଧରାହୋଇ ଗଲି ପୁନା । ଯାଇ ଶୁଣିଲି ମୋର ବିଚାର କରିବେ ବ୍ରିଗେଡ଼ିଅର ସ୍ୟାଣ୍ଡେଜ୍ । ତାଙ୍କ ନା ଶୁଣି ତ ମୋର ପିଳେଇ ପାଣି । ତାଙ୍କର ନା'ଟି ଯେମିତି ଗୁଣଟି ଠିକ୍ ସେମିତି । ଭୀଷଣ ରାଗୀ, ଭାରି ନିଷ୍ଠୁର । ଥରେ ଧାଡ଼ିଏ ହଳଦିଆ ଫୁଲଗଛ ଲଗାଇବାକୁ ସେ ଆଦେଶ ଦେଲେ । ମଞ୍ଜି ପୋତା ହେଲା, ଗଛ ଉଠି ଫୁଲ ଫୁଟିଲା; କିନ୍ତୁ ଧାଡ଼ିଟିରେ ଫୁଟିଲା ଗୋଟିଏ ନେଳିଫୁଲ । ବାସ୍, ମଞ୍ଜି ଲଗେଇବା ସିପାଇକୁ ହେଲା କୋର୍ଟ ମାର୍ଶାଲ । ସାଙ୍ଘାତିକ ମଣିଷ । ଆଖି ଦିଓଟି ବଡ଼ ବଡ଼, ସଦାବେଳେ ରକ୍ତବର୍ଣ୍ଣ । ପ୍ରକାଣ୍ଡ ହଳେ ନିଶ ମୁନିଆ ହୋଇ ଦୁଇଟି ଖଣ୍ଡା ଭଳି କାନ ପର୍ଯ୍ୟନ୍ତ ଲମ୍ବିଛି । ଛୁଟିରୁ ଫେରିବାମାତ୍ରେ, ଦେଖାକଲି ।

ସ୍ୟାଣ୍ଡେଜ୍ ଗର୍ଜିଉଠିଲେ, ସାତଦିନ ଛୁଟି ନେଇ ଏତେଦିନ କୁଆଡ଼େ ଥିଲୁ ?

ହୃଦୟରେ ବୋଧହୁଏ ପାଗଳ ହୋଇ ଯାଇଥିଲି । ମୁହଁରୁ ବାହାରିଲା କାଳିଦାସଙ୍କ ଶ୍ଳୋକ, କଣ୍ଠାଶ୍ଳେଷ ପ୍ରଣୟିନୀ…

ବନ୍ଦନାଦ ଶୁଭିଲା, ହ୍ୱାଟ୍ସ୍ ଦାଟ୍ । ଉପ୍‌କା ମାନେ କ'ଣ ହେଉ ।

ଶ୍ଳୋକର ମାନେ ବୁଝାଇ କହିଲି, ବର୍ଷାଦିନ, ମୋର ନବବିବାହିତା ସ୍ତ୍ରୀ ମୋତେ ଛାଡ଼ିଲାନାହିଁ ।

ସ୍ୟାଭେଜ୍‌ଙ୍କ ମୁହଁ ହଠାତ୍ ମ୍ଳାନ ହୋଇଗଲା । ସେ ପଚାରିଲେ, ଭଉଜା ଡିଡ୍ ମାନ୍‌ଡି ହେଉ ? (ସ୍ତ୍ରୀର କଥା ତୁମେ ମାନ ?)

ଜୀ. ଶିଓର୍ ।

ଏକ୍ସେଲ୍ୟାଣ୍ଟ, ଯାଓ କାମ୍ ମେ ଜଏନ୍ କରୋ ।

କେତେ ହାଏ ନିଷ୍ଠୁର ଆବରଣ ତଳେ କି କୋମଳ ହୃଦୟ ଯେ ତାଙ୍କର ଥିଲା ! ଠିକ୍ ନଡ଼ିଆ ପରି ଅନ୍ତରରେ ସ୍ନେହପ୍ରେମ, ବାହାରେ ନିଷ୍ଠୁରତା ।

ମୁଁ ପଚାରିଲି, ଥିଲା ? ମାନେ ସେ କଅଣ ମୃତ ? ଦୀର୍ଘ ନିଃଶ୍ୱାସ ପକାଇ ଦେବବ୍ରତ କହିଲା, ହଁ ମୃତ; କିନ୍ତୁ ସେ ମୃତ୍ୟୁ କି ଆଶ୍ଚର୍ଯ୍ୟ, କି ନୈସର୍ଗିକ ! ମୃତ୍ୟୁ ତ ନୁହେଁ, ନିର୍ବାଣ ସେ । ତୁମ୍ଭେମାନେ ଜଳସ୍ତମ୍ଭ ଦେଖିଚ ? ଦେଖିନା । ମୁଁ ନିଜ ଆଖିରେ ଦେଖିଚି । ସେତେବେଳେ ଥିଲି ଢାକା ସହରଠାରୁ କିଛି ଦୂରରେ । ଦିନେ ଉପରଓଳି ହଠାତ୍ ଗୋଟାଏ ଗୁମ୍ ଗୁମ୍ ଶବ୍ଦ ଶୁଣି ଆମେ ସମସ୍ତେ ଆତଙ୍କିତ ଭାବରେ ହତିଆର ଧରି ତମ୍ବୁ ଭିତରୁ ବାହାରି ପଡ଼ିଲୁ । ଜାପାନୀମାନେ ଆସିଗଲେ ନିଶ୍ଚୟ । ଶବ୍ଦଟା ଶୁଭୁଥିଲା କେତେବେଳେ ନିକଟରେ ସ୍ପଷ୍ଟ, କେତେବେଳେ ଦୂରରେ ଅସ୍ପଷ୍ଟ । ଆକାଶ ପରିଷ୍କାର । କେବଳ ଦୂରରେ ଖଣ୍ଡେ କଳାମେଘ ଉଡ଼ିଆଇ ଆସୁଛି, ଠିକ୍ ଯେମିତି ଭଗବାନ୍ ଶ୍ରୀକୃଷ୍ଣ ଗରୁଡ଼ ପିଠିରେ ପୃଥିବୀକୁ ଆସୁଛନ୍ତି । କିଛିକ୍ଷଣ ନିରୀକ୍ଷଣ କରିବା ପରେ ଦେଖିଲି ଦୂରରେ ଯେଉଁଠି ନଦୀ ବୋହି ଯାଉଛି ସେ ନଦୀ ଭିତରୁ ଟକ୍ ଟକ୍ ହୋଇ ଗୋଟାଏ ଗୋଲାକାର ସ୍ତମ୍ଭ ଭଳି କଅଣ ବଙ୍କେଇ ବଙ୍କେଇ ଉପରକୁ ଉଠୁଚି ସେ କଳାମେଘ ଆଡ଼େ । କିଛିକ୍ଷଣ ପରେ ସେଇ କଳାମେଘ ସହିତ ମିଶିଗଲା ସେ ଧବଳ ଜଳସ୍ତମ୍ଭ । କି ଅପୂର୍ବ ସେ ଦୃଶ୍ୟ ! ଠିକ୍ ରାଧାକୃଷ୍ଣଙ୍କ ମିଳନ । ସ୍ୟାଭେଜ୍‌ଙ୍କ ମନ ଥିଲା ଏହି ଜଳସ୍ତମ୍ଭ ପରି ।

ସେଇ ଘଟଣା ପରେ କେ ଜାଣେ କାହିଁକି ସେ ମୋତେ ଖୁବ ସ୍ନେହ କରିବାକୁ ଲାଗିଲେ । ରାତିଭୋଜନ ପରେ ଆମେ ଦୁହେଁ ପଡ଼ିଆରେ ଦୁଇଟି ଆରାମ ଚୌକିରେ ବସି ଅନେକ କ୍ଷଣ ଗଳ୍ପ କରୁ ।

ଦିନେ ଆଲୋଚନା କରୁ କରୁ ସେ କହିଲେ, ହେବ୍ରାଟ୍, ମନୁଷ୍ୟ ଗର୍ବ କରୁଛି ଯେ ପ୍ରକୃତିକୁ ଜୟ କରିପାରିଛି ଆଜି ବୋଲି । ଆରେ, ପ୍ରକୃତି କେଉଁଠି ବାହାରେ ଅଛି, ଅଛି ନିଜ ଭିତରେ । ଯେ ପର୍ଯ୍ୟନ୍ତ ନିଜର ହିଂସା, ଲୋଭ, କ୍ଷମତାଲାଳସା ଜୟ କରି ନ ପାରିବ ସେ ପର୍ଯ୍ୟନ୍ତ ପ୍ରକୃତି ତୁମକୁ ନାକରେ ଦଉଡ଼ି ଦେଇ ବୁଲାଉଥିବ ।

ସ୍ୟାଣ୍ଡେଲଙ୍କ ମୁହଁରୁ ଏକଥା ଶୁଣି ସେ ଦିନ ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ମୁଁ ଜାଣିଥିଲି ସେ ଘୋର ନାସ୍ତିକ । କୌତୁକ କରିବାପାଇଁ ମୁଁ କହିଲି, ସାର୍, ଭଗବାନଙ୍କ କୃପା ନ ହେଲେ ମନୁଷ୍ୟ ପ୍ରକୃତି ଜୟ କରି ପାରିବ ନାହିଁ । ମନୁଷ୍ୟ ଆଜି ଭଗବାନଙ୍କୁ ଭୁଲି ନିଜ କ୍ଷୁଦ୍ର କ୍ଷମତାରେ ଉନ୍ମତ୍ତ ।

ସ୍ୟାଣ୍ଡେଲ୍ ହଠାତ୍ ଗମ୍ଭୀର ହୋଇଗଲେ । ମୁହୂର୍ତ୍ତକ ପାଇଁ ଆଖି ତାଙ୍କର ଉଜ୍ଜ୍ୱଳ ହୋଇ ଉଠିଲା । ସେ ଆଉ କିଛି ନ କହି ଧୀରେ ଧୀରେ ଘରକୁ ଉଠିଗଲେ । ମୁଁ ହତବାକ୍ ହୋଇ ଚାହିଁ ରହିଲି ।

ପରଦିନ ସକାଳ ନ ହେଉଣୁ ଚପରାସି କହିଲା, ସାର୍ ମେମ୍‌ସାହେବ ସଲାମ୍ ଦେଇଛନ୍ତି ।

ଆଶ୍ଚର୍ଯ୍ୟ ହୋଇ ଦୌଡ଼ିଲି । ଶ୍ରୀମତୀ ସ୍ୟାଣ୍ଡେଲ୍ କହିଲେ, ହେବ୍ରାଟ୍ ଆଜି ମୋର ଭାରି ଆନନ୍ଦର ଦିନ । ଆଜି ମୁଁ ଭୋଜି ଦେଉଛି । ସମସ୍ତଙ୍କୁ ତୁମେ ସମ୍ବାଦ ଦିଅ ।

ସମସ୍ତଙ୍କୁ ସମ୍ବାଦ ଦେଲି, କିନ୍ତୁ ଏତେ ଆନନ୍ଦର କାରଣ କଅଣ ବୁଝି ପାରିଲିନାହିଁ । ପ୍ରାୟ ଦିନ ଗୋଟାକବେଳେ ସମସ୍ତେ ସମବେତ ହେଲୁ । ସକାଳୁ ସ୍ୟାଣ୍ଡେଲ୍ ବାହାରି ଯାଇଥିଲେ ଡିଉଟିକୁ । ଫେରି ଭୋଜିର ଆୟୋଜନ ଦେଖି ଆଶ୍ଚର୍ଯ୍ୟ ହୋଇ ସେ ଏହାର କାରଣ ପଚାରିଲେ ।

ଶ୍ରୀମତୀ ଆନନ୍ଦରେ କାନ୍ଦି ପକାଇ କହିଲେ, ଆଜି ମୋର ଚରମ ଆନନ୍ଦର ଦିନ । ଏହି ଶୁଭ ମୁହୂର୍ତ୍ତପାଇଁ ମୁଁ ଅପେକ୍ଷା କରୁଥିଲି ।

ସ୍ୟାଣ୍ଡ୍ରିଜ୍ ବେଶୀ କଥା ଭଲ ପାଆନ୍ତି ନାହିଁ । ହସିକି ହୋଇ ସେ କହିଲେ, ଶୈଳକୃଷ୍ଣ, ମୋର ବେଳ ନାହିଁ ତୁମର ସାହିତ୍ୟ ଶୁଣିବାକୁ ।

ଶ୍ରୀମନ୍ତ ଲଢ଼ି ପୋଛି କହିଲେ, କାଲି ରାତିରେ ତୁମେ ନେଶା ଅବସ୍ଥାରେ କହିଚ, ହେ ଈଶ୍ୱର !

ସ୍ୟାଣ୍ଡ୍ରିଜଙ୍କ ମୁହଁରେ ହଠାତ୍ ବିଷାଦର ଛାୟା ଦେଖାଦେଲା । ଅଜାଣତରେ ତାଙ୍କ ଗୋଡ଼ ଥରି ଉଠିଲା । ମୋତେ ଧରି ପକାଇ ସେ କହିଲେ, ଶୈଳକୃଷ୍ଣ, ଏ ମୋର ଚରମ ଅସାବଧାନତା । ଯାହାକୁ ମୁଁ ଏତେଦିନ ଲୁଚାଇ ରଖିଥିଲି ସେ·· ସେ···ଦଗାବାଜ ବନ୍ଧୁ ଭଳି ଆଜି ମୋତେ । ମୁଁ···ମୁଁ···

ସେ ଆଉ କହି ପାରିଲେ ନାହିଁ କଷ୍ଟ କହିବାକୁ ଯାଇ ଓଠ ତାଙ୍କର ଥରି ଉଠିଲା । ଉତ୍କଣ୍ଠିତ ହୋଇ ସେ ଚାଲି ଗଲେ । ସ୍ୟାଣ୍ଡ୍ରିଜ୍ ପ୍ରେମରେ ଉତ୍କଣ୍ଠିତ ।

ସୈନ୍ୟ ଛାଉଣୀରୁ ସମ୍ବାଦ ଆସିଲା, ମିତ୍ର ପକ୍ଷର ବିପୁଳ ବିଜୟ । ହିରୋସିମା ନଗରୀ ଏଟମ୍ ବୋମାରେ ଧୂଳିସାତ୍ ।

ପିତା ଓ ପୁତ୍ର

ପ୍ରତିଦିନ ସନ୍ଧ୍ୟା ପରେ ବଟକୃଷ୍ଣ ସାନ ଘଣ୍ଟି ଘରଟିରେ ସାନ୍ଧ୍ୟଆଡ୍ଡା ଜମେ । ଏଥିରେ ଯୋଗ ଦିଅନ୍ତି ଦେଶର ବୃଦ୍ଧ ଡେପୁଟି ହରିମାଧବ, ଅବସର ପ୍ରାପ୍ତ ମନସ୍ତତ୍ତ୍ୱର ଅଧ୍ୟାପକ ପ୍ରସନ୍ନ. ବୃଦ୍ଧ କାଠ ବ୍ୟବସାୟୀ ରାଧାମୋହନ ଘଡ଼େଇ ଓରଫ ମଦନ, ବୃଦ୍ଧ ମୋକ୍ତାର ରାମ ଏବଂ ବଟକୃଷ୍ଣ ନିଜେ । ବଟବାବୁ ଅବସର ପ୍ରାପ୍ତ କିରାଣି । ମୃତ୍ୟୁ ନିକଟ ଏବଂ ଅତି ନିକଟରେ ହାସ୍ୟ ରସାତ୍ମକ । ଜନ୍ମବେଳୁ ଯା ମୁହଁରେ ରୂପା ଚାମୁଚ, ମୃତ୍ୟୁବେଳକୁ ତାକୁ ହୁଏତ ଡାକ୍ତର ଛୁଆଏ ଗୁହ୍ୟଦ୍ୱାର ବାଟେ, ତା ନିଗି ଛୁଞ୍ଚି ମୁନରେ । ମୃତ୍ୟୁର ସମ୍ପର୍କ କିନ୍ତୁ ବୃଦ୍ଧମାନଙ୍କ ମଧ୍ୟରେ ଆତ୍ମୀୟ ହୋଇ ଯାଇଥାଏ । କାଠ ବ୍ୟବସାୟୀ ନିମ୍ମୁଣ୍ଡିଆ ମଦନ ଡେପୁଟି ହରି ବାବୁଙ୍କ ସମୁଦି, କିରାଣି ବଟବାବୁ ଅଧ୍ୟାପକ ପ୍ରସନ୍ନବାବୁଙ୍କ ଭାଇ ଏବଂ ମୋକ୍ତାର ରାମବାବୁ ସମସ୍ତଙ୍କର ସ୍ତ୍ରୀଙ୍କର ଭାଇ ହେଉ କାହାର କାହାର ସହିତ କାହାର ବା ଲୌକିକ ସମ୍ପର୍କ ନାହିଁ । ଏ ସାନ୍ଧ୍ୟ ଅଡ୍ଡାରେ ପୃଥିବୀର ଏପରି କୌଣସି ସମସ୍ୟା ବା ବିଷୟ ନାହିଁ ଯାହା ଆଲୋଚିତ ନ ହୁଏ । ଆଲୋଚନାରେ ସମସ୍ତେ ନିଜ ନିଜର ମତ ପ୍ରକାଶ କରନ୍ତି । ପ୍ରସନ୍ନବାବୁ ଛାତ୍ରମାନଙ୍କୁ ବୁଝାଇବା ଢଙ୍ଗରେ ମଝିରେ ମଝିରେ ମନସ୍ତତ୍ତ୍ୱର ଥିଓରି ବ୍ୟାଖ୍ୟାନ କରନ୍ତି । ସବୁ ଆଲୋଚନା ଶେଷ ହୁଏ ନିଜ ନିଜର ବିଗତ ଜୀବନର ସ୍ମୃତି ହୃଷ୍ଟ ରବେ । ସେ ସ୍ମୃତି ଯେପରି କେଉଁ ପୂର୍ବ ଜନ୍ମର ସୁଖ ସ୍ମୃତି ।

ମଦନର ଏମାନେ ସମସ୍ତେ ଗ୍ରାହକ ଅନେକ ଅନେକ ବର୍ଷ ଧରି । ମଦନ ପ୍ରତ୍ୟହ ସନ୍ଧ୍ୟା ସମୟରେ ନିଜ ପାଉଣା ଅଦାୟ କରିବାକୁ ଆସେ । ହରିବାବୁ କହନ୍ତି, ସମୁଦି, ଆଃ ହା, ଆଜି ମାଗିଲ ? ଆଜି ପରା ଗୁରୁବାର ଠା, ଲକ୍ଷ୍ମୀବାର ଠା, ଟଙ୍କା ଘରୁ ବାହାରିବ ନାହିଁ । ମଦନ ପାଉଣା ମାଗିଲେ ଏମାନଙ୍କର ପ୍ରତ୍ୟହ ଗୁରୁବାର ହୁଏ ଏବଂ ପ୍ରତ୍ୟହ ଅନ୍ୟ ସମସ୍ତେ ତାହା ଦୃଢ଼ ଭାବରେ ସମର୍ଥନ କରନ୍ତି । ବଟବାବୁ ଘରୁ କ୍ୟାଲେଣ୍ଡର ଆଣି ଦେଖାଇ କହନ୍ତି, ଆମେ ସମସ୍ତେ

ଯଦି ମିଛ କହୁଛୁ, ତେବେ ତୁମେ ନିଜ ଆଖିରେ ଦେଖ । ଜ୍ୟୋତିଷଙ୍କ ବୁଦ୍ଧିରେ ଲକ୍ଷ୍ମୀ ହରବାବୁ ମଦନ ପାଇଁ ଗୋଟିଏ କାଲେଣ୍ଡର ପ୍ରସ୍ତୁତ କରିଛନ୍ତି । ସେଥିରେ ତାରିଖ ବଦଳୁଥିଲେ ମଧ୍ୟ ବାରଟି ପ୍ରତ୍ୟେକ ଦିନ ଗୁରୁବାର । ମଦନ ବିରକ୍ତ ହେବାର ଅଭିନୟ କରି କୁହେ, ନାହିଁ ବାବୁ, ଆଜି ନ ହେଲେ ମୁଁ ଏଠୁ ଉଠିବି ନାହିଁ । ପ୍ରସନ୍ନ ବାବୁ ମଦନର ଚେହ୍ନା ଛତାଟି ଛଡ଼ାଇନେଇ କହନ୍ତି, ହଉ ତେବେ ବସ, ଉଠି ଯାଇ ପାରିବ ନାହିଁ କହୁ । ମଦନର ସ୍ୱରରୁ ମନେ ହୁଏ ସେ ଯେପରି ନିରୁପାୟ ଭାବରେ ସଭାରେ ଯୋଗ ଦିଏ । ଶୀତ ଦିନରେ ମଦନ ହାଡ଼ାଏ ହିହଡ଼ା କାଠ ସାଙ୍ଗରେ ଆଣିଥାଏ । ସେ କହେ କାଠ ବିକି ସାରି ଯାହା ବଳିଚି ଫେରିଲା ଘରକୁ ନେଉଚି । ପ୍ରସନ୍ନ ବାବୁ ଛତା ଓ କାଠ ଛଡ଼ାଇ ନେଇ ବସନ୍ତି । ହରି ବାବୁ କାଠରେ ନିଆଁ ଲଗାଇ ଚୁଲି ପ୍ରସ୍ତୁତ କରିବାରେ ଲାଗି ପଡ଼ନ୍ତି ।

ସେ ଦିନ ଥିଲା ଏହିପରି ଗୋଟିଏ ଶୀତର ସନ୍ଧ୍ୟା । ମଦନର ସଭା ଯୋଗଦାନ ପର୍ବ ଶେଷ ହୋଇଯାଇଚି । ହରିବାବୁ ଧୂନି ଜାଳିବାରେ ଲାଗିଛନ୍ତି ଓ ଛତା କାଠପାଇଁ ଆଖି ପାଣି ପୋଛୁ ପୋଛୁ ମଦନ ଉପରେ ଗାଳିବର୍ଷଣ କରୁଛନ୍ତି । ପ୍ରସନ୍ନ ବାବୁ ମଧ୍ୟ ମଦନ ଉପରେ ଗାଳିବର୍ଷଣ କରୁଛନ୍ତି; କାରଣ ଏମାନେ ସମସ୍ତେ ମିଳି ଯେଉଁ ଦାମିକା ଛତାଟି କିଛି ଦିନ ତଳେ ଉପହାର ଦେଇଥିଲେ ମଦନ ତାହା ନିଜ ପୁଅକୁ ଦେଇଦେଇଚି ଏବଂ ଗୁଣବନ୍ତ ପୁଅ ମଧ୍ୟ ତାହା ହଜାଇ ଦେଇଚି । ଦାମ ବାବୁ କୁଆଡ଼େ ଯୌବନରେ ବଡ଼ ଗାୟକ ଥିଲେ । ତାର ପ୍ରମାଣ ଦେବା ପାଇଁ ସେ ଚେଷ୍ଟା କରୁଛନ୍ତି । ତାଙ୍କର କଣ୍ଠରୁ ସାତଟିଯାକ ସୁର ଏକାସାଙ୍ଗରେ ଠେଲା ପେଲା ହୋଇ ବାହାରିବାର ଚେଷ୍ଟା କରୁଛନ୍ତି । ଦାମ ବାବୁ ବାରମ୍ବାର ଗଳା ଖଙ୍କାରି ପୁଣି ଚେଷ୍ଟା କରୁଚନ୍ତି ।

ମଦନ ଆଉ ସମ୍ଭାଳି ନ ପାରି ଖେଁ ଖେଁ କରି ହସି ପକାଇ କହିଲା, ଅଜ୍ଞା ଏଟା କି ସୁର କି ?

ହରିବାବୁ ନିଆଁକୁ ଫୁଙ୍କୁଥିଲେ । ସେ ମଧ୍ୟ କହିଲେ, ବନ୍ଧୁହେ, ତୁମ ଗୀତଟା ଟିକିଏ ବନ୍ଦ କର, ନିଆଁଟା ଲଗିଯାଉ ଆଗେ ।

ଦାମ ବାବୁ କହିଲେ, ଏଇ ତୁଚ୍ଛିଆ ଟାପର କରୁଚ ପିଲା, ଯେତେବେଳେ ବୟସ ଥିଲା ସେତେବେଳେ ଏ ଗଳା ପାଇଁ କେତେ ପ୍ରେମରେ ପଡ଼ିଥିଲେ । ଭବାନୀକୁ ପଚାରିବ । ସେ ତ ଆମ ଗାଁ ଝିଅ ଚିହ୍ନିଥିବ ।

ମଦନ କହିଲା, ଆଜ୍ଞା, ସେ ଗଲା କଥା ନୁହଁ, ଭୁବନେଶ୍ୱରରେ କହିଲି ପର···

ରାମ ବାବୁ ଓ ଅନ୍ୟମାନେ ଉତ୍ସୁକ ଭାବରେ ପଚାରିଲେ, ଭୁବନେଶ୍ୱର କଥା କଅଣ ?

ମଦନ କହିଲା, ଗଲବର୍ଷ ଅଶୋକାଷ୍ଟମୀକୁ ଭୁବନେଶ୍ୱର ଯାଇଥିଲି । ଯେଉଁ ସ୍ତ୍ରୀର ପିଲାଝିଲା ନ ଥାଏ, ସେଠି କୁଣ୍ଡରୁ ପାଣି ନେଇ ଗାଧୋଇଲେ ପିଲାଝିଲା ହୁଏ । ଗୋଟିଏ ପ୍ରାୟ ସତୁରି ବର୍ଷର ବୁଢ଼ା ତାର ପ୍ରାୟ କୋଡ଼ିଏ ବର୍ଷୀ ଭାରିଯା ନେଇ ସେଇ କୁଣ୍ଡକୁ ପାଣି ଆଣିବାକୁ ଯାଇଥିଲା । ସେଠି ତ ଅନେକ ଛତରା ଟୋକା ଚାରିଆଡ଼େ ଘେରି ଥାଆନ୍ତି । ଜଣେ ଭିତରୁ ପାଟି କରି କହିଲା, ସେ ପାଣି କାମ ନୁହଁ । ଅ-ହା, ସେ ଝିଅଟି ଲାଜରେ ସଢ଼ିଗଲା । ସେଇ ଯେ ମୁହଁ ତଳକୁ ପୋତିଲା, ଆଉ ଉଠାଇ ନାହିଁ ସେ, ଦେଖି ଭାରି କଷ୍ଟ ଲାଗିଲା ମୋତେ । ସେଇମିତି ପ୍ରେମ କଅଣ ରୀତରେ ହୁଏ, ମର୍ଦ୍ଦାନା ଚେହେରା ଥିଲେ···

ପ୍ରସନ୍ନ ବାବୁ କହିଲେ, ଠିକ୍ କହୁଛ ସମୁଦ୍ର । ବନ୍ତ ବାବୁଙ୍କ ଭଳି ତାଳପତ୍ର ସିପେଇକୁ ଭଲ କିଏ ପ୍ରେମ କରିଥିବ କହିଲ ?

ବଟ ବାବୁ କହିଲେ, ଆରେ ଏଇ ତାଳପତ୍ର ଦେହର ଢେଣେ ଫୁଲି ଉଠିଥିଲା ପ୍ରେମରେ ।

ପ୍ରସନ୍ନବାବୁ କହିଲେ, ଠିକ୍ କହୁଛ ଦାଦା । ହେଲେ ତାର କାରଣ କଅଣ ଜାଣ ? ତାର କାରଣ ଅବାଧ ମିଳାମିଶା । ଏକ ଦିଗରେ ଅବାଧ ମିଳାମିଶା ଏବଂ ଅନ୍ୟଦିଗରେ ଅବାଧଯୌନ କ୍ରିୟା ପ୍ରତି ନୈତିକଦଣ୍ଡ । ଆଜିକାଲି ନାରୀମାନେ ନାନା କୃତ୍ରିମ ଉପାୟରେ ଦେହର ଯୌନ ଆକର୍ଷଣ ଶତଗୁଣ ବଢ଼ାଇ ପୁରୁଷର ଦେହକୁ ଦେହ ଘଷି ଛୁଆଁ ହେଲେ । ଦୁହିଙ୍କର କାମନା ଜାଗ୍ରତ ହେଉଛି; କିନ୍ତୁ ସମାଜ, ଆଇନ, ଯୁଗ ଯୁଗର ସଂସ୍କାର ଖଣ୍ଡା ଧରି ଛିଡ଼ା ହୋଇଛି ଆଉ ଆଗେଇବାକୁ ମନାକରି । ଫଳରେ ପୁରୁଷ ଓ ନାରୀମାନେ ଉତ୍ତେଜିତ ହୋଇ ସମାଜରେ ବିଚରଣ କରୁଛନ୍ତି । ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ, ଏହା ଫଳରେ ନାରୀ ପ୍ରତି ପ୍ରେମ ପରିବର୍ତ୍ତେ ବ୍ୟର୍ଥତାରୁ

ଘୃଣା ଜନ୍ମୁଚି ଏବଂ ଗୋଟିଏ ମିଥ୍ୟା ତପସ୍ୱୀ ଆଦର୍ଶ ଜାତ ହେଉଛି । ଯୌନ ବିକୃତି ବଢ଼ୁଛି । ନାନା ଅଶାନ୍ତି, ବିପ୍ଳବ, ବିଦ୍ରୋହ ଏସବୁ ବିକୃତିରୁ ଜାତ । ଜାଣ, ପାଶ୍ଚାତ୍ୟ, ଦେଶରେ ଏଇଥିପାଇଁ ସମଲିଙ୍ଗିକ ମୈଥୁନ ବୈଧାନିକ କରିବା ପାଇଁ ଗୁପ୍ତ ଆନ୍ଦୋଳନ ଚାଲିଛି । ନାରୀମାନେ ଆନ୍ଦୋଳନ କରୁଛନ୍ତି, ସ୍ତ୍ରୀମାନେ ଗାଉନ ତଳେ ଅନ୍ୟ କିଛି ପିନ୍ଧିବେ ନାହିଁ । ସେଠି ପ୍ରତ୍ୟେକ ଦୁଇ ମିନିଟରେ ଗୋଟିଏ ନାରୀଧର୍ଷଣ । ପ୍ରତ୍ୟେକ ଛଅ ସେକେଣ୍ଡରେ ଗୋଟିଏ ଡକାୟତି ବା ଚୋରି ଏବଂ ପ୍ରତ୍ୟେକ ମିନିଟରେ ଗୋଟିଏ ଛୁରାମାଡ଼ । ନାରୀଠାରୁ ଯେତିକି ଦୂରରେ ଥିଲେ କାମ ପ୍ରେମରେ ପରିଣତ ହୁଏ, ତାଠାରୁ ଅଧିକ ଦୂରରେ ଏବଂ ଅଧିକ ନିକଟରେ ରହିଲେ କାମ ବିକୃତି ରୂପ ଧାରଣ କରେ ।

ବଟ ବାବୁ କହିଲେ, ଆମ ବୟସବେଳେ କିନ୍ତୁ ଏପରି ଅବସ୍ଥା ନ ଥିଲା । ମୁଁ ତ……

ସମରେନ୍ଦ୍ର ଅର୍ଥପୂର୍ଣ୍ଣ ଭାବରେ ପଚାରିଲେ, ପ୍ରେମ କରି ?

ବଟ ବାବୁ ଲଜ୍ଜିତ ଭାବରେ କହିଲେ, ହଁ ।

ପ୍ରସନ୍ନ ବାବୁ ଆନନ୍ଦିତ ଭାବରେ କହିଲେ, ବାହାରେ ଖୁଡ଼ୀ । କୁହ କୁହ; ତମ ପ୍ରେମ କଥା ଆଜି କୁହ ।

ବଟ ବାବୁ ଘର ଛାତକୁ ଟିକିଏ ଅନାଇ ଗଳାଖଙ୍କାର ଆରମ୍ଭ କଲେ……

…ମୋ ବାପା ଥିଲେ ହାଇ ପଣ୍ଡିତ; କିନ୍ତୁ ତାଙ୍କର ଇଚ୍ଛାଥିଲା ମୁଁ ଅନେକ ପାଠ ପଢ଼ି ବଡ଼ଲୋକ ହେବି । ସେ ଅମୁକଙ୍କ ପିତାରୂପେ ଅମର ହେବେ । ହେଲେ ତାଙ୍କ ଇଚ୍ଛାକୁ ମୋର ଶକ୍ତି ନ ଥିଲା ! ବାପାଙ୍କର ମୁଁ ଏକ-ମାତ୍ର ସନ୍ତାନ । ସେ ତାଙ୍କ-ଇଚ୍ଛା ପୂରଣ କରିବାକୁ ମୋତେ କାବୁଡ଼ି ଧରି ଥାଆନ୍ତି । ବାପାଙ୍କ ମନରେ ଆଘାତ ଦେବାକୁ ମୋ ମନ ବଳୁ ନ ଥାଏ । ରାତି ଦିନ ଲାଗି ପାଠ ପଢ଼ୁଥାଏ; କିନ୍ତୁ ମୋର ଶକ୍ତି ବା କେତେ ! ଶୀଘ୍ର ଶୀଘ୍ର ପାଶ କରିଯିବି ବୋଲି ବାପା ବି ମୋତେ ଖୁବ୍ ଅଳ୍ପ ବୟସରେ ଉଚ୍ଚ ଶ୍ରେଣୀରେ ନା' ଲେଖାଇ ଦେଇଥାଆନ୍ତି । ତେର ବର୍ଷ ବେଳକୁ ମାଟ୍ରିକ ଫାଷ୍ଟ କ୍ଲାସ । ରାତି ଦିନ ପଢ଼ି ପଢ଼ି ପରୀକ୍ଷା ଠିକ୍ ଦୁଇଟି ଦିନ ଥାଏ, ହେଲି ଜର । ସେ ବର୍ଷ

ଆଉ ପରୀକ୍ଷା ଦେଇ ପାରିଲି ନାହିଁ । ଏମିତି ତିନୋଟି ବର୍ଷ ପରୀକ୍ଷା ଦେଇପାରିଲି ନାହିଁ । ଚତୁର୍ଥ ବର୍ଷ କୌଣସି ମତେ ଜବରରେ ପରୀକ୍ଷା ଦେଇ ପାସ୍ କରିଗଲି । ପାସ ଖବର ଶୁଣି ବାପାଙ୍କ ଦୁଇ ଆଖିରୁ ଖାଲି ଲୁହ ଝରିଲା । ପରିଶ୍ରମ ପରେ ମୋ ଦେହ ଏକଦମ୍ ଶୁଖି ଯାଇଥିଲା । ତେଣୁ ତାଙ୍କୁ କହିଲି, ମୁଁ ଆଉ ପଢ଼ିପାରିବି ନାହିଁ; କିନ୍ତୁ ବାପା କିଛି ଶୁଣିଲେ ନାହିଁ, କଲେଜରେ ନା' ଲେଖାଇ ଦେଲେ । ବାଧ୍ୟ ହୋଇ ପଢ଼ିଲି; କିନ୍ତୁ ଆଉ ଏ ପରୀକ୍ଷା ବେଳକୁ ଧରି ନେଇଛି ଜର । ବାପା ମଧ୍ୟ କିଛି କହିପାରନ୍ତି ନାହିଁ । କାରଣ ଦେଖନ୍ତି ତ ମୁଁ ପରିଶ୍ରମ କରୁଛି; କିନ୍ତୁ ତାଙ୍କ ମନ ଯାହା ହୁଏ ମୁଁ ବୁଝି ପାରୁଥାଏ···

ପ୍ରସନ୍ନ ବାବୁ ପଚାରିଲେ, ଆଚ୍ଛା ବଡ଼ ବାବୁ ପଢ଼ା ଛାଡ଼ିବା ପରେ ଆଉ କେବେ ଏମିତି ଜର ହୋଇଥିଲା ଆପଣଙ୍କୁ ?

— ନା, ଆଶ୍ଚର୍ଯ୍ୟ ।

ଏ କଅଣ ବୁଝିଲେ ? ବାପାଙ୍କ ଆଦର୍ଶ ତୁମ କ୍ଷମତା ବାହାରେ ହୋଇ ତୁମେ ନିଜେ ସେ ଆଦର୍ଶ ହାସଲ ପଥରେ ବାଧା ସୃଷ୍ଟି କରୁଥିଲ, ତୁମ ଅଜ୍ଞାତରେ ଅବଶ୍ୟ । ଏପରି ବାଧା ସୃଷ୍ଟି କରୁଥିଲ ଯେଉଁଥିରେ ତୁମ ଦୋଷ ନ ରୁହେ ।

—ତୁମ ଶାସ୍ତ୍ର ଅନେକ ଅଦ୍ଭୁତ କଥା କୁହେ । ଛାଡ଼ ସେ କଥା । ତା ପରେ କଅଣ ହେଲା ଶୁଣ । ଯେଉଁ ବର୍ଷ ମୁଁ ଶେଷ ପରୀକ୍ଷା ଦେବି ସେ ବର୍ଷ ବୟସ ପାଖ୍ ମୋର କୋଡ଼ିଏ । ପରୀକ୍ଷା ଚିନ୍ତାରେ ଦେହ ମୋର ଶୁଖି କଳାକାଠ ପଡ଼ି ଯାଇଥାଏ । ପରୀକ୍ଷା ଥାଏ ଆଉ ଅଳ୍ପ ଦିନ; କିନ୍ତୁ ବହିରେ ଆଦୌ ମନ ଲାଗୁ ନ ଥାଏ । ବହି ଖୋଲିବା ମାତ୍ରେ ମନଟା କେମିତି ଉଦାସ ହୋଇ ଯାଉଥାଏ । ସବୁ ବୃଥା ମନେ ହେଉଥାଏ । ଛାତି ଭିତରଟା ଫାଙ୍କା ଫାଙ୍କା ଲାଗୁଥାଏ । ବିନା କାରଣରେ ଖାଲି କାନ୍ଦ ମାଡ଼ୁଥାଏ । ଠିକ୍ ଏଇ ସମୟରେ ~~ଆମ ଘରକୁ~~ ଲାଗି ଗୋଟିଏ ଭଡ଼ା ଘରରେ ରହିଲେ ବାପାଙ୍କର ବାଲ୍ୟବନ୍ଧୁ ଯୁଗଳ ବାବୁ, ତାଙ୍କ ବାପା ।

ଘର ଆଡ଼କୁ ପୁଣି ଟିକିଏ ଚାହିଁ ଯଥାସମ୍ଭବ ଆସ୍ତେ ବଡ଼ ବାବୁ କହିଲେ, ତାଙ୍କ ବୟସ ସେତେବେଳେ ଥିଲା ଚଉଦ । ଦେଖିବାକୁ ସୁନ୍ଦରୀ ନ ଥିଲେ; କିନ୍ତୁ ସେତେବେଳେ ଆଖି କାନ ଆଦିକୁ ତ ଅଚ୍ଛନ୍ନ କରି ରଖିଥାଏ ଗୋଟିଏ ମାଦ

କାମନା । ପ୍ରେମ ପାଇଁ ତ ମନ ବ୍ୟାକୁଳ । ସେଇ ରୂପ ଯେତେବେଳେ ଅସହ୍ୟ ଭଳି ମନେ ହେଲା । ଆଜି ପଢ଼ିବ କଅଣ । ବହି ଖୋଲିଲା ବେଳକୁ ତ ସେଇ ରୂପ, ସେଇ ହସ, ସେଇ ବୁଲି ଆଖି ସାମନାରେ ଖେଳିଗଲା । କେତେ ଯେ କବିତା ଲେଖିଚି, ମନେ ଲେଖିବାକୁ ଚେଷ୍ଟା କରିଚି । ଆରେ ଭାଇ, ଦିନେ ସେ କବିତା ଖାତାଟି ବାପାଙ୍କ ହାତୁଗଣ୍ଠିରେ ପଡ଼ିଗଲା । ପ୍ରକାଣ୍ଡ ମୋଟା ଖାତା, କବିତାରେ ପୂର୍ଣ୍ଣ । ବାପା ତାକୁ ଧରିନେଇ ତ ବସିଚନ୍ତି, ଆଖିରୁ ପାଣି ଗଡ଼ି ଯାଉଚି । ମୁଁ ଘରଭିତରକୁ ଯେମିତି ପଶିଗଲି, ଖାତା ରଖିଦେଇ କହିଲେ, ତୁ ଏସବୁ ତ ଲେଖି ଖାତା ଭରତି କରି ଦେଉଚୁ, ତା ବେଳକୁ ତ ଜମା ଅଧୁନାହିଁ ! ମୁଁ ତ ଫେଲ୍ ଚଲିଥାଏ ମାରି ଦଉଡ଼ି । ତିନି ଦିନ ବାପାଙ୍କୁ ଦେଖା ଦେଇନାହିଁ ତା ପରେ । ସେ ଯାହା ହେଉ, ପଢ଼ାରେ ଆଉ ମନ ଲାଗିଲା ନାହିଁ । ମନ ଭାରି ଅଥୟ ହେବାକୁ ଲାଗିଲା । ମନ ହେଉଥାଏ ମନ ଖୋଲି ତାଙ୍କୁ ସବୁ କହି ଦେବାକୁ; କିନ୍ତୁ ସାହସ ବଳୁ ନ ଥାଏ । ସେ କଅଣ ମୋ ପରି ଅସୁନ୍ଦରକୁ ଭଲ ପାଇବେ ? ମୋର କି ଗୁଣ ଅଛି ଯେ ମୋତେ ବିବାହ କରିବାକୁ ରାଜି ହେବେ ? ଏମିତି ନାନା ଚିନ୍ତା ଭିତରେ ମନ ପଡ଼ି ଦେହ ଆହୁରି ଦିନକୁ ଦିନ ଖରାପ ହେବାକୁ ଲାଗିଲା । ରୋଜ ଲୁଚି ଦର୍ପଣ ସାମନାରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୁଏ; କିନ୍ତୁ ନିଜ ଚେହେରା ଦେଖି ନିଜ ଉପରେ ଭାରି ଘୃଣା ହୁଏ, ବାପା ବୋଉଙ୍କ ଉପରେ ଭାରି ରାଗ ହୁଏ । ସେମାନେହିଁ ଏହା ପାଇଁ ଦାୟୀ । ଆଖି କୋଠରଗତ ହେଲା, ଗାଲ ପଶିଗଲା । ଘରୁ ବାହାରିବାକୁ ଲାଜ ମାଡ଼ିଲା । ତାଙ୍କୁ ଖାଲି ଦୂରୁଁ ଦେଖୁଥାଏ । ଟିକିଏ ଭଲ ଖାଇ ଯେ ଚେହେରାଟା ଭଲ କରିବି ତା ପାଇଁ ପଇସା ନାହିଁ, କି ବାପାଙ୍କ ସେ ଆଡ଼କୁ ଦୃଷ୍ଟି ନାହିଁ ।

ଚେହେରା ଏମିତି ଦିନକୁ ଦିନ ଶୁଖି ଯିବାରୁ ବାପା ବୋଉଙ୍କ ଚିନ୍ତା ହେଲା । ଦିନେ ରାତିରେ ଶୁଣିଲି ବୋଉ ବାପାଙ୍କୁ କହୁଚି, ଶୁଣୁଚ, ବିଠୁକୁ ଦେଖିଲଣି ଆଜିକାଲି ? ପୁଅଟା ଖଟି ଖଟି କଳାକାଠ ପଡ଼ିଗଲାଣି ?

ବାପା କହିଲେ, ନା ହୋ ନା, ସେ କିଛି ନୁହଁ । ବୟସ ଦୋଷ, ଟିକିଛଡ଼ା ବଢ଼ୁଚି । ଏ ବୟସରେ ସେମିତି ହୁଏ । ପଢ଼ି ପାଶ୍ କରୁ, ବଡ଼ ଚାକିରି କରୁ, ଦେଖିବ ।

ବୋଉ କହିଲା, ନା, ଏ ବୟସ ନୁହଁ । ପୁଅଟା ତ ମୋତେ ଖାଇବାକୁ ପାଉନି । ଟିକିଏ ଦୁଧ ଖାଆନ୍ତା । ସେ କ୍ଷମତା ତ ନାହିଁ । ଅଣ୍ଟାରେ ତ ନାହିଁ ଧନ । ଯେତିକି ହେଲା ସେତିକି ଥାଉ ।

କ୍ଷମତା କଥାରେ ବାପାଙ୍କ ପୌରୁଷକୁ ବାଧିଲା । ସେ ଚଢ଼ି ଉଠି କହିଲେ, ବୁଝିଲୁ ବଡ଼ ବୋଉ, ମୋ ବାପା ଥିଲେ ଖୁବ ଦରିଦ୍ର; କିନ୍ତୁ ତାଙ୍କର ଇଚ୍ଛା ଥିଲା ମୁଁ ବଡ଼ ହେବି । ମୁଁ ସିନା ତାଙ୍କ ଇଚ୍ଛା ପୂରଣ କରି ପାରିଲି ନାହିଁ; କିନ୍ତୁ ଧନ ପାଇଁ ବାପା କେବେହେଁ ପଛେଇ ନାହାନ୍ତି । ମନ ଥିଲେ ଧନ ଆସିବ । ମୁଁ ମୋର ସବୁ ବନ୍ଧକୀ କରି ପୁଅକୁ ବଡ଼ କରିବାକୁ ପ୍ରସ୍ତୁତ ଅଛି; କିନ୍ତୁ ଝିଅଟାକୁ କିଏ ଚାହିଁଛି ? ନ ହେଲେ ତୁମ ହାତ ଧରି ଥାଆନ୍ତି···

ସେଦିନ କଥାଟା ସେତିକିରେ ରହିଲା । ବାପା ବୋଉ କିନ୍ତୁ ଘୋର ଚିନ୍ତାରେ ପଡ଼ିଲେ ମୋ ସ୍ୱାସ୍ଥ୍ୟ ପାଇଁ । ମୁଁ ମଧ୍ୟ ମୋ ଦେହଟା ପାଇଁ ବଡ଼ ଭାବେଣିରେ ପଡ଼ିଲି । ପୁଅ ଦେହଟା ଯେତେ ଖରାପ ହେଉ ବାପା ମାଙ୍କୁ ସୁନ୍ଦର । ତାଙ୍କୁ ଯେତେବେଳେ ଆଖିକୁ ଖରାପ ଦିଶିଲାଣି ନ ଜାଣି କେତେ ଖରାପ ହୋଇଛି । ଦେହଟା ଟିକିଏ ଭଲ ହେଲେ ସିନା ଯା ହୁଅନ୍ତା । ଦେହଟା ତ ବିକାଶ ଲଭିବା ପଛେ ଥାଉ ଚଢ଼େଇ ପଢ଼େଇ ମାଙ୍କଡ଼ ଆଡ଼କୁ ଗତି କରିବାରେ ଲାଗିଲା ।

ପରୀକ୍ଷା ଆଗେଇ ଆସିଲା । ମାତ୍ର ଛଅଟି ଦିନ ଯେତେବେଳେ ଅଛି ସେତେବେଳେ ହେଲା ଜର, ଭାରି ଜର । ବାପା ତ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ । ଯାହା ସଞ୍ଚିଥିଲେ ସାମାନ୍ୟ ବଡ଼ ବଡ଼ ଡାକ୍ତର ଡାକି ସାରିଲେ । ବ୍ୟାକୁଳ ଭାବରେ ଭଗବାନଙ୍କୁ ଡାକୁ ଥାଆନ୍ତି ପରୀକ୍ଷା ଦୁଇ ଦିନ ଆଗରୁ ଜର ଛାଡ଼ିଯିବା ପାଇଁ । ମୋ ଦେହ କଥା ଭାବି ଭାବି ବୋଉକୁ ମଧ୍ୟ ଜର ହେଲା । ଏତିକିବେଳେ ଆମ ଦୁହିଙ୍କ ସେବା କରିବାକୁ ଲାଗିଲେ ସେ । ପରୀକ୍ଷା ସରିଲା ବେଳକୁ ଜର ଛାଡ଼ିଲା । ସେତେବେଳେ ମୁଁ ଶଯ୍ୟାଶାୟୀ । ବୋଉ କହିଲା, ନା, ପୁଅ ଆଉ ପଢ଼ିବ ନାହିଁ । ବାପା ହତାଶ ଭାବରେ କହିଲେ, ଥାଉ, ଯାହା କପାଳରେ ନାହିଁ ମିଛରେ ବାଡ଼େଇ କଷ୍ଟ ହେଲେ କଅଣ ହେବ ।

ସତ କହୁଛି ବାପାଙ୍କ କଥା ଶୁଣିବା ମାତ୍ରକେ ଦେହରେ ଅନେକ ବଳ ପାଇଲି । ବାପାଙ୍କର ଏମିତି କ୍ଷମତା ନ ଥିଲା ଯେ ପଥ୍ୟ ପାଇଁ କିଛି

ଫଳ ଆଣିବ । ଏଥିପାଇଁ ବାପା ବୋଉ ଯେ କାନ୍ଦନ୍ତି କେତେ ଜାଣେ କହିବ ।

କହୁ କହୁ ବଡ଼ ବାବୁଙ୍କ ଆଖି ଦୁଇଟିରେ ଝରିଗଲା । ଆଖି ପୋଛୁ କହିଲେ, ବାପା ବୋଉ ଆଜି କେହି ନାହାନ୍ତି ବର୍ତ୍ତମାନ; କିନ୍ତୁ ତାଙ୍କ କଥା ମନେ ପଡ଼ିଲେ ମନଟା ଭାରି ଉଦାସ ବିକଳ ହୋଇ ଉଠେ । ମନରେ ଭାରି ଅନୁଶୋଷ ହୁଏ କାହିଁକି ବାପାଙ୍କ ଇଚ୍ଛାଟା ପୂରଣ କରି ପାରିଲି ନାହିଁ । ତୁମ ଭାଇ ଯାହା କହ ପ୍ରସନ୍ନ ବାବୁ, ପିତା ମାତାଙ୍କ ପ୍ରେମ ଏ ଜଗତରେ ସବୁ ପ୍ରେମଠାରୁ ଅନାବିଲ । ବିଶେଷତଃ ବୋଉର ।

ରାମ ବାବୁ ପଚାରିଲେ, ତା ପରେ ?

—ତା ପରେ, ପଢ଼ା ତ ଛାଡ଼ିଲି ପ୍ରତ୍ୟେକ ଦିନ ଖବର କାଗଜ ପଢ଼ି ଚାକିରି ଖୋଜେ ଓ ଦରଖାସ୍ତ ଲେଖେ । କଲେକ୍ଟରଙ୍କୁ ନେଇଯାଇ ବାପା ଦରଖାସ୍ତ ସୁପାରିଶ କରାନ୍ତି । ବାପା ତାଙ୍କର ସାମାନ୍ୟ ଆୟରୁ ପ୍ରତ୍ୟେକ ମାସରେ ଦୁଇଟି ଟଙ୍କା ଖବର କାଗଜ ପାଇଁ ବ୍ୟୟ କରନ୍ତି । ସେତିକି ନୁହଁ, ଯୁଦ୍ଧ ପାଇଁ ପ୍ରତ୍ୟେକ ମାସରେ କୋଡ଼ିଏଟି ଟଙ୍କା ଚାନ୍ଦା ଦେବେ ବୋଲି ମଧ୍ୟ ଗଭର୍ଣ୍ଣରଙ୍କୁ ଦରଖାସ୍ତ କଲେ । ଉଦ୍ଦେଶ୍ୟ, ବଡ଼ ବଡ଼ ଇଂରାଜୀ ସାହେବଙ୍କ ଅନୁଗ୍ରହ ପାଇଲେ ପୁଅର ବଡ଼ ଚାକିରି ହେବ । ଦେଶ ତା ପରେ ସ୍ୱାଧୀନ ହେଲା । ସେ ଚାନ୍ଦାର ମୂଲ୍ୟ କିଛି ରହିଲା ନାହିଁ; କିନ୍ତୁ ସେ ତ୍ୟାଗର ମୂଲ୍ୟ ? ବଡ଼ ବାବୁ ପୁଣି ଆଖି ପୋଛିଲେ ।

ବାପା ନିତି କଚେରୀ ଫେରି ବୋଉକୁ ମୋ ଦେହ କଥା ପଚାରନ୍ତି ଓ ଚିନ୍ତାରେ ଦୁହେଁ ବସନ୍ତି । ଏହିପରି କିଛି ଦିନ ଗଲାପରେ ମୋର ସ୍ୱାସ୍ଥ୍ୟ ବାପା ବୋଉଙ୍କର ନୂତନ ଉଦ୍‌ବେଗ ସୃଷ୍ଟି କଲା । ଏଥର ମୋର ସ୍ୱାସ୍ଥ୍ୟର ଅବନତି ପାଇଁ ନୁହଁ, ଉନ୍ନତି ପାଇଁ । ଦୁଇଟି ମାସ ଭିତରେ ମୋର ସ୍ୱାସ୍ଥ୍ୟର ଉନ୍ନତି ମୁଁ ନିଜେ ଦେଖି ଆଶ୍ଚର୍ଯ୍ୟ ହୋଇଗଲି ।

ବୋଉ ଆଶ୍ଚର୍ଯ୍ୟ ହୋଇ ଦିନେ ରାତରେ ବାପାଙ୍କୁ କହିଲା, ବଡ଼କୁ ଦେଖିଲଣି ?

ବାପା ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ମୁଁ ଯାହା ସନ୍ଦେହ କରୁଥିଲି ସତ ହେଲା ।

କୋଉ କଥା ? ବୋଉ ଅସ୍ପଷ୍ଟ ସ୍ୱରରେ ପଚାରିଲା ।

ବାପା ଚିଡ୍ ଚିଡ୍ କହିଲେ, ସବୁ ଏ ପୁଅଟାର କାଣ୍ଡ । ପୁଅକୁ ଖୁଆଇ ପିଆଇ ହାତ କରିବାକୁ ଯାଇଛି ତୁମେ ତ କେତେଥର କହିଛ ବଡ଼ ଡାକ୍ତର ଘରେ ଜଳଖିଆ ଖାଇ ଆସିଛି । ସେଇ ଫଳ ପାଅ ।

ବୋଉ କହିଲା, ତୁମେ ତ ଖାଇବାକୁ ଦେଇ ପାରୁ ନା, ଯାହା ଦେଉ ପୁଅ ମୋର ଖାଇ ବଞ୍ଚି ଅଛି ।

ବାପା ହଠାତ୍ ଉତ୍ତେଜିତ ହୋଇ ବୋଉକୁ ମାରିବାକୁ ଉଠିଲେ ।

ବୋଉ ପାଟିକରି ଉଠିଲା, କଉଣ ମାରିବ କି ମୋତେ ?

ମୁଁ ସବୁ ଶୁଣୁଥିଲି, ଦଉଡ଼ି ଯାଇ ବାପାଙ୍କ ହାତରୁ ବାଡ଼ିଟା ଛଡ଼ାଇ ନେଇ କହିଲି, ଆରେ···ଆରେ···ଶାନ୍ତ । କହୁଥିଲି ବଳି ଆସିଲା ଗଳାରେ । କଉଣ କରିବ ପ୍ରସନ୍ନ ବାବୁ ! ତୁମ ମନସ୍ତତ୍ତ୍ୱ କଉଣ କହୁଛି ବୁଝ ତ । ଭାବିଥିଲି ବୋଉ ଭାରି ଖୁସି ହେବ ମୋ କଥାରେ, ଆଉ ବାପା ଭାରି ରାଗିବେ; କିନ୍ତୁ ଗପ ଶେଷ ପଡ଼ରକୁ ଜଡ ଛାଡ଼ି ଦିବାପରେ ଶୁଣିଲି ବୋଉ କହୁଛି, ଦେଖିଲ ପୁଅ କଥାକୁ ! ଯାହା ତୁମେ କହୁଥିଲ ସତ । ଏ ପୁଅ କଉଣ ଆମକୁ ପୋଷିବ ? ଆଜି ନୁହଁ ଆଜି ନୁହଁ, ବଡ଼ ଲୋକଙ୍କ ଘରୁ, ଚାଲ ଆମର ଗାଁରେ ବସିବା, ତୁମ ପିଲାସିନ ବେଳ ତ ହେଲାଣି । ବାପାକୁ ହାତ ଉଠାଏ ଯିଏ ସେ କି ମଣିଷ ହବ । ଏମିତି ବାପ ପୁଣି ! ବୋଉ ଭଉଁ ଭଉଁ ହୋଇ କାନ୍ଦ ପକାଇଲା ।

ବାପା ହସି କହିଲେ, ନା ହୋ ନା, ପୁଅ କଥା ଦେଖି ମୋ ମନ ଭାରି ଖୁସି । ପୁଅଟା ମୋତେ ହାତ ଉଠାଇ ନାହିଁ, ମୋ ହାତରୁ ବାଡ଼ିଟା କାଢ଼ି ନେଇଛି । ଜୀବନରେ ମୁଁ ତୁମକୁ ସୁଖ ଦେଇ ପାରିଲି ନାହିଁ । ଆଜି କେତେ ଦିନ ବଞ୍ଚିବି ବା; କିନ୍ତୁ ମୋ ଅନ୍ତେ ପୁଅ ତୁମକୁ ଫିଙ୍ଗିଦେବ ନାହିଁ । ଯିଏ ବୋଉ ପାଇଁ ବାପାକୁ ଏତିକି କଥା କହିପାରେ ସେ କେବେହେଁ ବାହା ହୋଇ ବୋଉକୁ ଠେଲିଦେଇ ପାରିବ ନାହିଁ । ମୁଁ ଜାଣେ ଆଜି ନିଶ୍ଚିନ୍ତ ହେଲି । ପୁଅ ମୋର ବଞ୍ଚିଥାଉ ।

ଅନେକକ୍ଷଣ ଦୁହେଁ ନୀରବ ରହିବା ପରେ ବାପା କହିଲେ, କିନ୍ତୁ ପୁଅ ଏମିତି କାହିଁକି ବାହାହେବ ? ମୁଁ ଝିଅଟିକୁ ଡାକି ସଫା ସଫା କହିବି କାଲି ।

ବୋଉ କହିଲା, ପୁଅ ତ ମାସେସାରା ଘରେ ଚିନାବଳା ଭଳି ଖାଉ ନାହିଁ, କ କମିଆ ଜାଣେ ତୁମ ସାଙ୍ଗ କେଜାଣି !

ପରଦିନ ଦୁର୍ଭାଗ୍ୟକୁ ହେଉ ବା ସୌଭାଗ୍ୟ ହେଉ ଯୁଗଳ ବାବୁ ଆମ ଘରକୁ ସକାଳୁ ଆସିଲେ । ବାପା ତ ତାଙ୍କୁ ଦେଖି ଅଗ୍ନିଶର୍ମା । କହିଲେ, ଯୁଗଳ ତୁ ଏଡ଼େ ମାତ ମୁଁ ଜାଣି ନ ଥିଲି । ଘରେ ବଡ଼ିଲ ହୋଇ ରଖି···ଜଳଟିଆ ଖୋଇ···'

ଯୁଗଳ ବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ କଅଣ କହୁଚୁ ତୁ ! ମୁଁ ତ ଦିନେ ହେଲେ ତାକୁ ଖାଇବାକୁ କହି ନାହିଁ । ବରଂ ଅନେକ ନିଇତି ଆମ ଘରକୁ ଯାଏ; କିନ୍ତୁ ତା ଫଳ ଏଇ ଦେଏଖ୍ । ଯୁଗଳ ବାବୁ ବାପାଙ୍କ ହାତକୁ ଖଣ୍ଡେ କାଗଜ ବଢ଼ାଇ ଦେଲେ । ବାପା ସେ ଖଣ୍ଡ ପଢ଼ି କିଛି ବୁଝିପାରିଲେ ନାହିଁ ।

ଯୁଗଳ ବାବୁ କହିଲେ, ତୁମ ପୁଅରନ୍ନ ଲେଖିଛନ୍ତି, ଆପୋଷ୍ଣର ତୁମେ, ମୁଁ ଯେ ବାମନ । ମୋ କନ୍ୟାରନ୍ନ ତା ତଳେ ଲେଖିଚନ୍ତି, ଆଶା ଫଳିବ ନେହ, ନୃତ୍ୟ ଉଚ୍ଛନ୍ନ । ଆହା କି ହୃଦୟର ପାଦ ଯୋଡ଼ା ହୋଇଛି !

—କଥା କଅଣ କି, ମୁଁ କବିତା ଲେଖିବାକୁ ଯାଇ ବହୁ କଷ୍ଟରେ ପ୍ରଥମ ଧାଡ଼ିଟି ଲେଖି ଭୁଲି ଯାଇଥିଲି । ଫେରି ଦେଖିଲି ସେ କାଗଜ ଖଣ୍ଡକ ନାହିଁ । ବର୍ତ୍ତମାନ ତାର ଉତ୍ତର ପାଇ ମୋ ମନ ତ କୁଣ୍ଢେମୋଟ ହୋଇଗଲା । ମୁଁ ତ ଆନନ୍ଦରେ ଆରପାଖ ଘରେ ନାଚିବାକୁ ଲାଗିଲି ।

ଯୁଗଳ ବାବୁ କହିଲେ, ଆହୁରି କାଣ୍ଡ ଶୁଣ । ମୋ ପୁଅ ଆଉ ତୋ ପୁଅ ଅନେକ ମାସେ ହବ ପ୍ରେତର ଆହାର ଖାଉଛନ୍ତି । ଆମ ଘରକୁ ଲାଗି ଯେଉଁ କୋଠା ଅଛି ସେଠି ଜଣେ ବଙ୍ଗାଳି ଜମିଦାରର ପୁଅ ଥାଏ । ତାର ବାପାର ମାସେ ହବ କାଳ ହୋଇଯାଇଚି । ସେ ରୋଜ ଗାଧୋଇସାରି ପ୍ରେତ ଅହାର ରଖିଦେଇ ଆସେ । ଅତି ସୁନ୍ଦର ଅରୁଆ ଚାଉଳ ଭାତ, ମେଞ୍ଚାଏ ଖାଣ୍ଟି ଗୁଅଘିଅ, ଦହି, ନାନା ଫଳ, ସନ୍ଦେଶ ଇତ୍ୟାଦି । ଏମାନେ ନିଇତି ତାକୁ ଖାଇ ଆସନ୍ତି ।

ବାପା ହାଁ କରି ଚାହିଁ ରହିଲେ । ବୋଉ ଘର ଭିତରେ କାନ୍ଦି ପଡ଼ିଲା ।

ବାପା କହିଲେ, ମୁଁ କହୁଚି ବଡ଼ ଦେହ ଏତେ ସୁନ୍ଦର ହେଲା କେମିତି ?

ବୋଉ ଘର ଭିତରୁ କାଢ଼ି କହିଲା, ତୁମେ ବୁଢ଼ା ହୋଇ ଶୁଣୁଚ ନଅଣ, ଜଳଦି ପଣ୍ଡିତ ଡାକ, ପୂଜା କରୁ ।

ସାତଦିନ ପୂଜା ଚାଲିଲା । ସେଥିରେ ଗୁଡ଼ିଏ ଅର୍ଥ ନଷ୍ଟ ହେଲା । ପୂଜା ପରେ ବୋଉକୁ ମୋ ମନକଥା କହିଲି । ବୋଉ ଯାଇ ତାଙ୍କ ଘରେ ପ୍ରସ୍ତାବ କଲେ । ମୋ ଦେହଟା ଦିନ ପନ୍ଦରଟାରେ ଫୁଲିଗଲା ।

ପ୍ରସନ୍ନବାବୁ କହିଲେ, ବୁଝିଲି ତିନୋଟି କାରଣରୁ ତୁମର ସ୍ୱାସ୍ଥ୍ୟ ଭଲ ହେଲା । ଅସମ୍ଭବ ଆଦର୍ଶରୁ ମୁକ୍ତି, ଖାଦ୍ୟ ଓ ପ୍ରେମ···

ହରିବାବୁ କହିଲେ, ବର୍ତ୍ତମାନ କାହିଁକି ପୁଣି ତାଳପତ୍ର ହେଲ ? ପ୍ରେମ କଅଣ କମିଗଲାଣି କି ?

ବଡ଼ବାବୁ କହିଲେ, ନାନା ଦୁଶ୍ଚିନ୍ତା ମୋ ପୁଅଟା ପାଇଁ । ଆଜି ପାଠ ପଢ଼ିଲା ନାହିଁ । ମାଟ୍ରିକ ପାଶ କରିବା ପରେ ମୋରପର ଗୋଟିଏ ମାହ୍ଲମସ କରଣୀ । ପ୍ରେମରେ ପଡ଼ି ତାକୁ ରେଜିଷ୍ଟ୍ରି କରି ବାହା ହୋଇସାରିଚି । କଅଣ କରିବି; ବାଧ୍ୟ ହୋଇ ତାକୁ ଘରକୁ ଆଣିଲି; କିନ୍ତୁ ଶାନ୍ତି ନାହିଁ । ଘର ଅଧାତ ହେଲା ପୁଅଟା । କେତେ ଆଶା କରିଥିଲି, ଗୋଟିଏ ବୋଲି ପୁଅ । ଯାଉ, ସବୁ ତାଙ୍କର ଇଚ୍ଛା !

କଟେସ୍ତୁ ପୁଏ୪

ବଜାଇବନ୍ତ ଦୁଇପକ୍ଷଙ୍କର ଟାଟ କଣିବାଠାରୁ ଆରମ୍ଭ କରି ମୃତ୍ୟୁଦେଷ୍ଟି ପର୍ଯ୍ୟନ୍ତ ସବୁଠି ସଂଗ୍ରାମ । ପ୍ରତ୍ୟେକ ଜୀବନ ପାଇଁ ସଂଗ୍ରାମ କରୁଛନ୍ତି; କିନ୍ତୁ ଗୋଟାଏ ଗୋଟାଏ ଲୋକ ଥାଆନ୍ତି, ଜୀବନ ଯେଉଁମାନଙ୍କ ପକ୍ଷରେ ଗୋଟାଏ ପରିହାସ ସଂଗ୍ରାମକୁ ଯେଉଁମାନେ ଏଡ଼ାଇ ଯାଆନ୍ତି । ମାଡ଼ିବାକୁ ଆସିଲେ କୁହନ୍ତି, ମାରନା ମୁଁ ମଲିଣି । ଆମ କାହ୍ନୁବାବୁ ଏହି ଧରଣର ଲୋକ । ଆମ କଚେରୀରେ କାହ୍ନୁବାବୁ ଆବାଳବୃଦ୍ଧ ସମସ୍ତଙ୍କର ଥଟ୍ଟା । ଯିଏ ଆଜି ହି ବ୍ଲକଘରେ ଯୋଗ ଦେଇଛି' ଅଳ୍ପ ସମୟ ଭିତରେ ସେ କାହ୍ନୁବାବୁଙ୍କର ନାତି ହୋଇଯାଏ, ଥଟ୍ଟା ପରିହାସ କରେ । କାହ୍ନୁବାବୁ ଚୌକି ଛାଡ଼ି ଉଠିଗଲେ ତାଙ୍କର କଚ୍ଛା ଧରି ଟାଣି ଦିଏ କିମ୍ବା ତାଙ୍କ ପିଠିରେ 'ଗଧ' ଲେଖି ଦିଏ । କାହ୍ନୁବାବୁ ସେଥିରେ କ୍ଷୁଣ୍ଣ ନ ହୋଇ ଆମୋଦ ପାଆନ୍ତି । ତାଙ୍କପ୍ରତି କାହାରି ଆକ୍ଷେପ ନ ଥାଏ । କାରଣ ସେ ନିଜର ଦକ୍ଷତା ଦେଖାଇ କାହାରି ପଦୋନ୍ନତି ପଥରେ କଣ୍ଟକ ନୁହନ୍ତି । ଚାକିରି ତାଙ୍କର ପ୍ରାୟ ତିରିଶ ବର୍ଷରୁ ହେଲାଣି; କିନ୍ତୁ ସେ ଯେଉଁଠି ପ୍ରଥମେ ଆରମ୍ଭ କରିଥିଲେ ଆଜି ବି ସେଇଠି । ତାଙ୍କର କର୍ତ୍ତବ୍ୟ ପ୍ରତି ଅବହେଳା ଓ ଅପାରଗତା ଯୋଗୁଁ କେତେଥର ବାର୍ଷିକ ଦରମା ବୃଦ୍ଧି ବନ୍ଦ ରଖା ହୋଇଛି, କେତେଥର ସେ ସସପେଣ୍ଡ ହୋଇଛନ୍ତି, କେତେ କେତେ ଗାଳି ଖାଆନ୍ତି, ତଥାପି ସେ ସେଇ ଦରପୋଡ଼ା କାଠ । ନିଜର ଆର୍ଥିକ ଅବସ୍ଥା ଉନ୍ନତି କରିବାରେ କୌଣସି ଚେଷ୍ଟା ନାହିଁ । କୌଣସି ମତେ ସେ ଅଶିଟି ଟଙ୍କାରେ ଚଳାଇ ନିଅନ୍ତି । ସଂସାର ଭିତରେ ସ୍ତ୍ରୀ ଓ ଗୋଟିଏ ପୁଅ । ସ୍ତ୍ରୀକୁ ପାଖରେ ରଖିବାର କ୍ଷମତା ତାଙ୍କର କଦାପି ହୋଇନାହିଁ । ପୁଅଟି ଗାଁରେ ରହି ପାଠ ପଢ଼େ ଏ ବର୍ଷ ମାଟ୍ରିକ ପାସ୍ କରିଛି । ତାକୁ ନିଜ କାମରେ ମୁତୟନ କରି ପାରିଲେ ସେ ଚାକିରିରୁ ଅବସର ନେବେ, ଏହା ତାଙ୍କର ଆଶା ।

ବ୍ରିଫ୍‌କେସ୍ କଲବନ୍ଦନ୍ ସେ ଟେବୁଲ କୋଠ ଓ ତାହା ଉପରେ ଖଣ୍ଡେ ଝାଡ଼ନ ମଇଳା କପଡ଼ର ପିଠି ଝୁଲି ଝୁଲି ଆସନ୍ତି । ଘରୁ ବାହାରି ଜୁହାର ହେଲା ଦେଖି ତାଙ୍କର ଲାଗେ ଘଣ୍ଟାଏ ଅଧଘଣ୍ଟାଏ । ତା'ପରେ ରାସ୍ତାରେ ଯେତେ ମହିଳା ବା ଭଦ୍ରଲୋକ ଦେଖନ୍ତି ଅଛନ୍ତି, ପ୍ରତ୍ୟେକଙ୍କୁ ଜୁହାର କରିବାରେ ଅନ୍ତତଃ ପଚିଶିମିନିଟ ଲେଖାଏ ଲାଗିଯାଏ । ଅଫିସରେ ପହଞ୍ଚିବା ବେଳକୁ ହୋଇଯାଏ ଦଶ ବାରଟା । ଇତି ମଧ୍ୟରେ ସାହେବଙ୍କର ଦୁଇ ତିନଥର ଡକରା ସରି ଯାଇଥାଏ । ଅଫିସରେ ପହଞ୍ଚି ଗୋଟାଏ ଦୀର୍ଘଶ୍ୱାସ ପକାଇ ଚୌକିରେ ବସିବା ବେଳକୁ ସାମନାରେ ଟେବୁଲ ଉପରେ ନାଲି ପେନ୍‌ସିଲରେ ଲେଖା ଗୋଟିଏ କାଗଜ ଦୃଷ୍ଟି ଆକର୍ଷଣ କରେ । ସେ ଖଣ୍ଡିକ ହେଡ୍‌କ୍ଲର୍କଙ୍କ ଆଦେଶ ପତ୍ର, କାହ୍ନୁବାବୁ ପହଞ୍ଚିବା ମାତ୍ରେ ସାହେବଙ୍କୁ ଦେଖା କରିବେ । ଏହା ନିତ୍ୟନୈମିତ୍ତିକ ବ୍ୟାପାର । କାହ୍ନୁବାବୁ ସେ ଖଣ୍ଡିକ ଦେଖି ନ ଦେଖିଲା ପରି ଗୃହରରେ ମୁଣ୍ଡ ଝାଳ ବୋହୁଛି; ରୁମାଲ ସଞ୍ଚାଳନ କରି ଟିକିଏ ବସି ହଜ ହଜ ହୋଇ ଉଠନ୍ତି । ସାହେବଙ୍କ ଚପରାସି ବା ହେଡ୍‌କ୍ଲର୍କ ନିଜେ ଆସି ତାଙ୍କୁ ଉଠାଇ ନେଇ କହନ୍ତି, ଏଥିନ୍ତୁ ସାହେବ ସଲାମ ଦେଇଛନ୍ତି ।

କାହ୍ନୁବାବୁ ଆଉ ଗୋଟିଏ ଦୀର୍ଘଶ୍ୱାସ ପକାଇ ପାଟିରୁ ପାନ ବାହାର କରି ଫୋପାଡ଼ି ଦେଇ କୋଟଟା ଟିକିଏ ସଜାଡ଼ି ଦେଇ ଧୀରେ ଧୀରେ ଉଠିଯାଆନ୍ତି ସାହେବଙ୍କ ଦପ୍ତରକୁ । ସେଠି ପ୍ରାୟ ଅଧଘଣ୍ଟାଏ ଧରି ଗାଳିମିଶ୍ରିତ ଉପଦେଶ ବାଣୀ ନିର୍ବିକାର ଚିତ୍ତରେ ମୁଣ୍ଡପୋତି ଠିଆ ହୋଇ ଶୁଣି ଅନେକଗୁଡ଼ିଏ କାମ କରିବାର ତାଲିକା ଧରି ଫେରି ସିଧା ଚାଲିଯାଆନ୍ତି ରେକର୍ଡ ଘରକୁ । ରେକର୍ଡ ଘରଟି ଅନ୍ଧାରୁଆ । ସେ ଘରକୁ ପ୍ରାୟ କେହି ଯାଆନ୍ତିନାହିଁ । ଖୁବ୍ ଉଚ୍ଚ ଘର, ବଡ଼ ବଡ଼ ଆଲମାରିରେ ଭର୍ତ୍ତି । ସବୁ ପୁରୁଣା ନଥିପତ୍ର ରେକର୍ଡ ଏହି ଘରେ ଥାଏ । ସବା ପଛ ଆଲମାରିରେ କେତେଗୁଡ଼ିଏ ରେକର୍ଡ ଘୁଞ୍ଚାଇ ଗୋଟିଏ ମଣିଷ ଶୋଇବା ଭଳି ସ୍ଥାନ କରାହୋଇଛି । ତା ଉପରେ ପଡ଼ିଛି ଖଣ୍ଡିଏ ଛିଣ୍ଡା ମସିଣା । କେତେଗୁଡ଼ିଏ ମୋଟା ଖାତା ସ୍ତୂପାକାର କରି ତକିଆ ଭଳି ରଖା ହୋଇଛି । କାହ୍ନୁବାବୁ ସାହେବଙ୍କ ପାଖରୁ ଗାଳି ଖାଇ ଆସିବା ପରେ ସେଗୁଡ଼ିକ ହଜମ୍ କରିବା ପାଇଁ ସେଇଠି ଶୋଇପଡ଼ନ୍ତି । ତାଙ୍କର ଏ ଗୁପ୍ତ ଶୟନ ଶିବିର ତାଙ୍କର କେତେଜଣ ବିଶ୍ୱାସୀ ନାତି ଛଡ଼ା ଆଉ କେହି ଜାଣନ୍ତି ନାହିଁ । ଇତି ମଧ୍ୟରେ ଚାରିଆଡ଼େ ତାଙ୍କୁ

ଖୋଜା ଚାଲିଥାଏ । ତାଙ୍କର କେଉଁ ନାତି କୁଆଡ଼େ, ସେ ଦେଉଛନ୍ତି ଅମୁକ ଅଫିସକୁ କଅଣ କାମରେ; କିଏ କହୁଛି ଯାଉଛନ୍ତି ତମୁକ୍ ଅଫିସକୁ କଅଣ ନଥି ଆଣିବା ପାଇଁ, ହେଡ୍‌କିରାଣି ବାବୁ ଚଷମା ଉପର ବାଟେ କହୁଛନ୍ତି କାହ୍ନୁବାବୁଙ୍କ ଖାଲି ଚୌକିକୁ ବଡ଼ ବଡ଼ ଆଖିରେ ଅନାଇ ଟେବୁଲ କୋଣରେ ପାଖରେ ବନ୍ଧା ହୋଇଥିବା ପୁଳାଏ କାଗଜରୁ ଖଣ୍ଡେ ଟାଣିଆଣି ରାଗରେ କ୍ଷିପ୍ରେ କଅଣ ଲେଖି ପକାଇ ଡାକନ୍ତି ଚପରାଶିକୁ ।

—ଆଜ୍ଞା :

—ଯାଓ, ସାହେବଙ୍କୁ ଏଇଟା ଦେଇ ଆସ, ଯାଅ ।

ବୁଢ଼ା ଚପରାଶି ଅନୁର ନେଇ ଲାଇବାରେ ବ୍ୟସ୍ତ ପଡ଼େ । ସେ କାହ୍ନୁବାବୁଙ୍କର ଘର ବନ୍ଧୁ । ଦୁହେଁ ଗୋଟିଏ ବ୍ଲକରେ ପାଞ୍ଚଟଙ୍କା ଭଡ଼ାରେ ରହନ୍ତି । ଘର କଲାହାଣ୍ଡିଠାରୁ ଦୁହେଁ କେବେହେଁ ସ୍ତ୍ରୀ ପୁତ୍ର ସହ କଟକରେ ରହି ନାହାନ୍ତି କିମ୍ବା ଛୁଟି ନେଇ କେବେହେଁ ଘରକୁ ଯାଇନାହାନ୍ତି । ବର୍ଷକୁ ଥରେ ମାତ୍ର ପୂଜା ଛୁଟିରେ ଯଦି ଯିବାକୁ ଅନୁମତି ମିଳେ, ତେବେ ଯାଆନ୍ତି । ଗାଁ ତାଙ୍କର କଟକଠାରୁ ବହୁ ଦୂରରେ, ଯିବା ଆସିବା ପାଇଁ ଅନ୍ତତଃ ପନ୍ଦରଟି ଟଙ୍କା ଆବଶ୍ୟକ ହୋଇପଡ଼େ । ଏତେ ଟଙ୍କା କେବେହେଁ ଏକା ସାଙ୍ଗରେ ଜୁଟେ ନାହିଁ, ଜୁଟିଲେ ମଧ୍ୟ ଛୁଟି ମିଳିବା ତାଠାରୁ ଅଧିକ ଦୁଃସାଧ୍ୟ ହୋଇପଡ଼େ । ଅଗତ୍ୟା ମୁହଁମାଡ଼ି ସେମାନେ କଟକରେ ପଡ଼ିଥାଆନ୍ତି ସେଇ ଗୋଟିଏ ଅଣଓସାରିଆ ସନ୍ତସନ୍ତିଆ କୁଡ଼ିଆଟିରେ ।

ଏଇ ହେଲା କାହ୍ନୁବାବୁଙ୍କର ନିତ୍ୟନୈମିତ୍ତିକ ଜୀବନ । ଏହାର ବ୍ୟତିକ୍ରମ କଦାପି ହୋଇନାହିଁ । ଥରେ ଅତ୍ୟନ୍ତ ବିରକ୍ତ ହୋଇ ହାକିମ ତାଙ୍କୁ ବୁଝାଇ ବାଟକୁ ଆଣିବାକୁ ଚେଷ୍ଟା କରିଥିଲେ, ଦେଖନ୍ତୁ କାହ୍ନୁବାବୁ, ସମୟ ଥିଲା, ଯେତେବେଳେ ଇଂରେଜ ଶାସନ ଚାଲିଥିଲା, ସେତେବେଳେ ହୁଏତ ଆପଣଙ୍କ କର୍ତ୍ତବ୍ୟ ପ୍ରତି ଅବହେଳା କ୍ଷମଣୀୟ ଥିଲା; କିନ୍ତୁ ଦେଶ ବର୍ତ୍ତମାନ ସ୍ୱାଧୀନ ହୋଇଛି । ଆମେ ଯଦି ଏତେବେଳେ କାମରେ ଫାଙ୍କି ଦେଉଁ, ତେବେ ଆମେଇ ମରିବା, ଏଇଟା କଅଣ ବୁଝିପାରୁ ନାହାନ୍ତି ! କାହ୍ନୁବାବୁ ନୀରବରେ ଛିଡ଼ାହୋଇ ରହିଲେ । ତାଙ୍କର ଏହାହିଁ ସ୍ୱଭାବ, ଯେତେ ଗାଳି ଦିଅ ବା ଯେତେ ଉପଦେଶ ଦିଅ ବା ଯେତେ ପ୍ରଶ୍ନ ପଚାର ସବୁଥିରେ ସେ ନୀରବ । ହାକିମ ତାଙ୍କର ନୀରବତାରେ ଆହୁରି ରାଗିଯାଇ ଟେବୁଲ ଉପରେ କଲମ କଚାଡ଼ି କହିଲେ, ଏ କଅଣ

ଢଙ୍ଗ ଆପଣଙ୍କର ? ପଚାରିଲେ ଉନ୍ନତି ହଅନ୍ତି ନାହିଁ କାହିଁକି ? ହାକିମଙ୍କ ଅନ୍ତରରୁ ଟିକିଏ କୋମଳ ହେଲା । କାହ୍ନୁବାବୁ କହିଲେ, ଆଜ୍ଞା, ବୁଝୁନାହିଁ କି, ସବୁ ବୁଝୁଛି । କିନ୍ତୁ କାମକୁ ମୋଟେ ଇଚ୍ଛା ହେଉନାହିଁ, କଣ କରିବି ।

— କାହିଁକି ?

— ମୁଁ କାମକଲେ ଦେଶର ଉନ୍ନତି ହେବ, ଦେଶର ଉନ୍ନତି ହେଲେ ଆମର ଉନ୍ନତି ହେବ ଏ କଥା ମୁଁ ବୁଝୁଛି; କିନ୍ତୁ ସାର୍, ମୋର ଜୀବନଟା ଚାଲିଲା, ଟିକିଏ ସାମାନ୍ୟ ସୁଖ କରି ପାରିଲିନାହିଁ । ଦିନକପାଇଁ ପିଲାପିଲି ପାଖରେ ରହି ଆନନ୍ଦ ପାଇ ପାରିଲିନାହିଁ......

ହାକିମ ନୀରବ ରହିଲେ । କିଛିକ୍ଷଣ ପରେ କହିଲେ, ହଉ ଯାଆନ୍ତୁ । ପେନ୍‌ସନ୍ କେବେ ନେବେ ?

— ଆଉ ଅଳ୍ପଦିନ ଅଛି ସାର୍ । ପୁଅ ଏଠି କଚେରିରେ ରହିବା ପାଇଁ ଖଣ୍ଡେ ଦରଖାସ୍ତ କରିଛି । ଦୟାକରି ପଢି ଆପଣ ତାକୁ କାମରେ ଲଗାଇ ଦିଅନ୍ତେ ତେବେ ପେନ୍‌ସନ୍ ନେଇ ମୁଁ ଚାଲିଯାଆନ୍ତି ।

— ହଉ ଯାଆନ୍ତୁ ।

ହାକିମଙ୍କ ପିତା କିରାଣୀ ଥିଲେ । ସେ କି କଷ୍ଟରେ ତାଙ୍କୁ ଓ ତାଙ୍କର ଭାଇମାନଙ୍କୁ ପାଠ ପଢ଼ାଇ ମଣିଷ କରିଛନ୍ତି, ସେ ଜାଣନ୍ତି ।

କାହ୍ନୁବାବୁଙ୍କ ପୁଅ ଅସ୍ଥାୟୀ ଚାକିରି ପାଇ ରହିଲେ; କିନ୍ତୁ କାହ୍ନୁବାବୁ ଆଉ କିଛିଦିନ ଚାକିରିରେ ରହିବା ପାଇଁ ପୁଣି ଦରଖାସ୍ତ କଲେ । ହେଡ କିରାଣୀ ସେ ଦରଖାସ୍ତ ଉପରେ କାହ୍ନୁବାବୁଙ୍କ ବିପକ୍ଷରେ ଗୁଡ଼ାଏ ଲେଖି ମତଦେଲେ ଯେ କାହ୍ନୁବାବୁଙ୍କ ଭଳି ଅକର୍ମଣ୍ୟଙ୍କୁ ଚାକିରିରେ ଆଉ ରଖିବା ଅନ୍ୟାୟ ହେବ ।

ହାକିମ ଦରଖାସ୍ତ ପଢ଼ି ଆଶ୍ଚର୍ଯ୍ୟ ହୋଇ କାହ୍ନୁବାବୁଙ୍କୁ ଡକାଇଲେ । ବୁଢ଼ା ଚପରାସି ଧଳୁ ଡକାଇବାର କାରଣ ବୁଝିପାରି କାହ୍ନୁବାବୁଙ୍କୁ ତାଙ୍କର ଶିବିରରୁ ଉଠାଇ ସାହେବଙ୍କ ପାଖକୁ ପଠାଇଲେ । କାହ୍ନୁବାବୁ ତରବର ହୋଇ ମୁହଁ ଧୋଇ ସାହେବଙ୍କ ପାଖରେ ହାଜର ହୋଇ ଛିଡ଼ାହେଲେ ।

— କି କାହ୍ନୁବାବୁ ଇଏ କଣ ? ଏ ଦରଖାସ୍ତ କଅଣ !

କାହ୍ନୁବାବୁ ମାନିବ ।

—ଅଢେଣ ଦେବ କହୁଥିଲେ ଯେ ପୁଅ ଘୃକାର କାଲ ଅବସର ନେବେ । ଫେର ଏ କଅଣ !

—ଅଜ୍ଞ, ତା ତ ହବଥିଲ; କନ୍ତୁ ମନ ବଳାଲ ନାହିଁ !

—ନା, ନା, ଅଢେଙ୍କ ବୟସ ଅନେକ ହେଲଣି । ଘୃକର ବ ଘୃକଣ ବର୍ଷରୁ ବେଶୀ ହେଲଣି । ଏଥର ଘରେ ବସି ଧର୍ମ କର୍ମରେ ମନ ଦିଅନ୍ତୁ । ପୁଅ ତ ଘୃକର ପାଇଲା । ଏଥର ପୁଅଙ୍କୁ ବାହାଦେଇ ଆନନ୍ଦରେ ବୋହୂ ନେଇ ଘରେ ରହନ୍ତୁ । ଆଉ ଲୋଭ କାହିଁକି ? —ଅଜ୍ଞା, ଏ ଲୋଭ ନୁହେଁ, ଅବସର ନେଲେ ଅଳ୍ପ କେତୋଟା ଦିନରେ ମରିଯିବି, ଘରେ ତ ଜମି ବାଡ଼ି ନାହିଁ ଯେ ଗୃହବାସ କରି କାଳ କଟିଯିବ, କଅଣ କରିବ ?

—କାହିଁକି, ଏତେ ଦିନ ଏକା ଏକା କାଳ କଟାଇଲେ, ଏଥର...

—ଅଜ୍ଞା, ସେଉଁ ବୟସରେ ତା ହବାର କଥା ତ ହେଲନାହିଁ । ଆଉ ଏ ବୟସରେ...ସାର୍, ସତ କହୁଚି, ହବାହ କରିଚି ସତ...କନ୍ତୁ କନ୍ତୁ...

—କଅଣ କନ୍ତୁ ।

—ସାର୍ ଏତେଦିନ ଅଲଗା ଏକା ଏକା ରହି ରହି ଏ ଜୀବନଟା ଅଭ୍ୟାସରେ ପଡ଼ି ଗଲଣି । ସ୍ତ୍ରୀ ତ ଅପରିଚିତା ଜଣେ ନାରୀ...ତା ସହିତ ବା ମୋର ସମ୍ପର୍କ କଅଣ ଅଛି, ଆଜ ପର୍ଯ୍ୟନ୍ତ କେବଳ ମାସକୁ ଥରେ ମନିଅର୍ଡର ରସିଦରେ ତାର ଟିପଚିହ୍ନ ଦେଖିବା ଛଡ଼ା ତା ସହ ଦୁଇଥର ଜାଲ ହୋଇଚି । ଥରେ କେବଳ ଏଇ ପୁଅର ଅନ୍ନପ୍ରାସନ୍ନକୁ ଦିନେ ଯାଇଥିଲି, ଆଉ ସ୍ୱରୂପ ଜିଉର ପୂଜା ଛୁଟିରେ ତନଦିନ ପାଇଁ ଗାଁକୁ ଯାଇଥିଲି । ଏତିକି ତ ସମ୍ପର୍କ । ସରକାର ଆଉ ବେଶୀ ସମ୍ପର୍କ ରଖିବାକୁ ଦେଇନାହାନ୍ତି ।

ହାକମ ବୁଝିପାରିଲେ ପ୍ରସଙ୍ଗଟା କମେ କାହ୍ନୁବାବୁଙ୍କ ମନ ଦେହକୁ ପ୍ରବେଶ କରୁଚି । ସେଇଠି ସେ ପ୍ରସଙ୍ଗ ବନ୍ଦ କରି, ଆଉ ବର୍ଷେ ଘୃକର ସମୟ ବଢ଼ାଇ ଚିଠି ଲେଖିଦେଲେ ଉପର ମହଲକୁ ।

× × ×

ଏହାର ଅଳ୍ପଦିନ ପରେ କାହ୍ନୁବାବୁ ପୁଣି ଦୁଇ ଖଣ୍ଡ ଦରଖାସ୍ତ ନେଇ ଛୁଆଇଦେଲେ ହାକିମଙ୍କ ପାଖେ । ଉପରେ ମାରବରେ ଦରଖାସ୍ତ ଦିଓଟି ସାହେବଙ୍କୁ

ବିଡ଼ାଇ ଦେଇ ସେ ହୁଡ଼ାହୋଇ ରହିଲେ । ହାକିମ ଉତ୍ସାହ ଭର୍ତ୍ତି ପଡ଼ି କହିଲେ, ବେଶ, ବେଶ୍, ଅଜୟର ବାହାଘର କରୁଚ ନା, କେଉଁଠି ହେଉଚି ?

—ଆଜ୍ଞା, ଆମ ଚପରାସି ଧନୁର ଝିଅ ସହିତ ।

—ଭଲ, ଭଲ; କିନ୍ତୁ ତିନ ଦିନରୁ ବେଶି ଛୁଟି ଦେଇପାରିବି ନାହିଁ । ବଡ଼ି ସମସ୍ୟା । ଆଉଆଡ଼େ ହାହାକାର, ଭୀଷଣ କାମ ପଡ଼ିଚି । କେବଳ ତୁମପାଇଁ ମୁଁ ତିନିଦିନ ଦେଇପାରେ ।

—ହଉ ସାର, ଯାହା ଆପଣଙ୍କର ଦୟା ।

ଅଜୟର ବିବାହ ହୋଇଗଲା । ବୋହୂକୁ ଶାଶୁ ପାଖରେ ଛାଡ଼ି ଅଜୟ, ଧନୁ ଓ କାହ୍ନୁବାବୁ ତିନଦିନ ପରେ ଚତୁର୍ଥଦିନ ସକାଳରେ ଯୋଗ ଦେଲେ ।

ଏହାର ପ୍ରାୟ ବର୍ଷକ ପରେ ଦିନେ କାହ୍ନୁବାବୁ ଚିଠି ପାଇଲେ ତାଙ୍କର ଗୋଟିଏ ନାତି ହୋଇଚି । ସେଦିନ କାହ୍ନୁବାବୁଙ୍କର ଆନନ୍ଦ ଦେଖେ କିଏ । ଆନନ୍ଦରେ ସେ ସେଦିନ ସମ୍ବାଦଟି ଚାରିଆଡ଼େ କହି ବୁଲିଲେ । ହାକିମଙ୍କୁ ମଧ୍ୟ କହି ଆସିଲେ । ହାକିମ ସମ୍ବାଦଟି ଶୁଣି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ । କାହ୍ନୁ-ବାବୁ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ସାର୍ ଅଜୟକୁ ଓ ମୋତେ ଆଉ ଗୋଟିଏ ଦିନ ଛୁଟି ଦେବାକୁ ହେବ ସାର୍, ଥରେ ବଂଶଧରକୁ ଦେଖି ଆସିବା ପାଇଁ ।

—ହଉ ଯାଆନ୍ତୁ ।

ଅଜୟ ଏ ପର୍ଯ୍ୟନ୍ତ ଏ ସମ୍ବାଦ ପାଇନାହିଁ । କାହ୍ନୁବାବୁ ହାକିମଙ୍କ ପାଖରୁ ଛୁଟିର ଅନୁମତି ଆଣି ଅଜୟ ପାଖକୁ ଗଲେ । ଅଜୟ ସେତେବେଳେ ତାର ଚୌକିରେ ନ ଥିଲା । ଧନୁକୁ ପଚାରିବାରୁ ଧନୁ କହିଲା, ହେଁ, ହେଁ, ଜୋଇଁ ଠିକ୍ ତୁମରି ପରି, ସେ ପରା ତୁମ ଜାଗାରେ ଶୋଇଚି । ତୁମେ ସେ ଜାଗାକୁ ଯିବା ପୂର୍ବରୁ ସେ ଟିକିଏ ସେଠି କର ଲେଉଟାଇ ଦିଏ ।

ଦୁହେଁଯାକ ହୋ ହୋ ହସି ଗଲେ ଶୟନ ଶିବିରକୁ । ଅଜୟକୁ ଠେଲି ଉଠାଇ କାହ୍ନୁବାବୁ କହିଲେ, ଚାଲ ବସାକୁ ଯିବା ।

ଅଜୟ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କାହିଁକି ? ଏତେବେଳେ ?

—ଚାଲ, ବସାରେ କହିବି । ଏ ଆନନ୍ଦପୂର୍ଣ୍ଣ ସମ୍ବାଦଟି ଧୀରେ ସୁସ୍ଥେ କହିବା ତାଙ୍କର ଉଦ୍ଦେଶ୍ୟ ।

ବସାକୁ ଯିବା ବାଟରେ କାହ୍ନୁବାବୁ ବଜାର ସୌଦା କଲେ । ଫେରନ୍ତା ବେଳକୁ ବସାରେ ପହଞ୍ଚି କାହ୍ନୁବାବୁ ପୁଅକୁ କହିଲେ, ନେ, ଚୂଡ଼ା ଟିକେ କିଣି ଆଣିଛି, ନେ ତୁ ଖାଇଦେଇ ଜିନିଷପତ୍ର ସବୁ ବନ୍ଧାବନ୍ଧ କରି ରଖିଥା ମୁଁ ବଜାରକୁ ଯାଉଛି, ତୋ ବୋଉପାଇଁ ଗୁଣ୍ଡାଖୁ କିଣି ଆଣିବାକୁ ଭୁଲିଯାଇଛି ।

—କିନ୍ତୁ ଏ ଛୁଟି : ଏତେ ଜିନିଷ ପତ୍ରର ! କଥା କଅଣ ?

—ନେ, ଏ ଚିଠି ପଢ଼ । ସବୁ ସଜାଡ଼ି ରଖିଥା । ମୁଁ ଏଇନେ ଆସୁଛି । ବଜାରକୁ ଯାଇ କାହ୍ନୁବାବୁ ଗୁଣ୍ଡାଖୁ, ନାତି ପାଇଁ ରଙ୍ଗୀନ ଜାମା, କଣ୍ଢେଇ କିଣି ଫେରି ଦେଖିଲେ ଅଜୟ ଚିଠିଟି ଧରି ସେମିତି ବସିଛି ଖଟ ଉପରେ । ଆଖିରୁ ତାର ଦୁଇଧାର ଲୁହ ଗଡ଼ିଯାଉଛି, ତାର ହୋସ ନାହିଁ ।

କାହ୍ନୁବାବୁ ତାକୁ ଠେଲି ଦେଇ କହିଲେ, କିରେ ଇଏ କଅଣ, ଗାଡ଼ି ଆସିବାକୁ ଆଉ ମୋଟେ ଅଧ ଘଣ୍ଟାଏ ଅଛି, ତୁ ବସିଛୁ । ଜିନିଷପତ୍ର ସେମିତି ପଡ଼ିଛି ! କିରେ କାନ୍ଦୁଛୁ କିଆଁ ?

—ବାପା, ଏ ନାତି ହେବାରେ ତୁମେ ମନରେ ଆନନ୍ଦ ପାଉଛ କେମିତି ?

—କାହିଁକି, କଅଣ ହେଲା ?

—ବାପା, ମୁଁ ତେବେ ଖୋଲି କହୁଛି । ବାହାହେବା ପରେ ଥରେ ମାତ୍ର ମୁଁ ଗୋଟିଏ ରବିବାରରେ ସେ ଗାଁକୁ ଯାଇଥିଲି; କିନ୍ତୁ ସେତେବେଳେ ସେ ମାସ୍ତୁ ହୋଇଥିଲା । ଏ ପୁଅ ତେବେ ହେଲା କେମିତି ?

—ଓହୋ, ଏଇ କଥା । ରାମ, ରାମ । ଆମର ଏତେ ଧଇଲେ ଚଳେ କିରେ, ତୁ କେମିତି ହୋଇଥିଲୁ ? ମୁଁ ମୋ ଜୀବନରେ ପରା ମୋଟେ ତିନି ଚାରିଥର ଗାଁକୁ ଯାଇଛି, ପ୍ରତିଥର ବି ସେମିତି କିଛି ଗୋଟାଏ ଅସୁବିଧା ଥାଏ । ଆମେ ଚାକିରିଆ ଲୋକ, ଆମର ଏତେ ଧଇଲେ ଚଳେ । ପୂର୍ବକାଳେ କଥାରେ ହେଉଥିଲା ? ନିଜ ସ୍ତ୍ରୀର କେଉଁଆଡ଼ୁ ସନ୍ତାନ ହେଲା ସେଥିରେ କୌଣସି ମୂନ ମୁଣ୍ଡ ଖେଳାଉ ନଥିଲେ । ଆନନ୍ଦରେ ତାକୁ ପାଳୁଥିଲେ ।

—ବାପା, ତେବେ ମୁଁ ବି ଏମିତି ଜନ୍ମ ହୋଇଥିଲି ?

—ଆରେ ହଁ, ହଁ । ଛାଡ଼୍ ଉଠ, ବେଳ ହୋଇଗଲାଣି । କିଏ କାହାର ପୁଅରେ ! କେହି କା ପୁଅ ନୁହେଁ । ପିତା ସ୍ୱବଠାନ୍ତି ଅପଲ । ସେଦିନ ଦେଖିଲି କଦମ୍ବବାବୁ ଚୋଟାଏ ଘେଟିଟା ପୁଅକୁ କାନ୍ଧରେ ବସାଇ ଧାଉଁଛନ୍ତି ଡାକ୍ତରଖାନା । ଅନ୍ତୁର୍ଣ୍ଣ ହୋଇ ପଚାରିଲି, କିହୋ, ବାହାଦୂର ପୁଅ ହୋଇ ସାରିଲାଣି, ଆମକୁ କହିନା । କହିଲେ, ନା ନ ମୋ ପୁଅ ନୁହେଁ ମାନେ ମୋ ପୁଅ ଯେ, ଯାକୁ ବାହା ହୋଇଛି ତା'ର ପୁଅ । ଅନ୍ତୁର୍ଣ୍ଣ ହୋଇ ପଚାରିଲି, ମାନେ ! ସେ ସେମିତି ହସି କହିଲେ, ମାନେ ତା'ର ଅବିବାହିତା ଅବସ୍ଥା'ର ପୁଅ ଏ । ମୋହ ମୁଦ୍‌ଗର ପଢ଼ିନୁ, କା ତବ କାନ୍ତା କସ୍ତେ ପୁତ୍ରଃ, ସଂସାରୋୟମ୍ ଅତୀବ ବିଚିତ୍ରଃ… । ଉଠ୍ ଉଠ୍ ।

—ହଁ ବାପା, ସଂସାର ଆଜି ମଣିଷ ଅତି ବିଚିତ୍ର । ଭୁଲ ପିତା । ପୁଅ ପାଇଁ କିଅଣ କରିବି ଦେଖେ ।

ଗୋଟିଏ ଇନ୍‌କୁଆରୀ

ଗୋଟିଏ ଇନ୍‌କୁଆରୀ କରିବାକୁ ବାହାରିଛୁ ହରିପୁରକୁ । ହରିପୁର ହେଉଛି ଗୋଟିଏ ପର୍ବତ କୋଳରେ । ତାର ପୂର୍ବସୀମାକୁ ଲାଗି ରହିଛି ପର୍ବତମାଳା, ନରଣପୁର, ହରିଷ, ମହାନ୍ତିପୁର, ଜଳଦା, ମଙ୍ଗଳପୁର ଇତ୍ୟାଦି । ଗାଁମାନଙ୍କ ସୀମାଦେଇ ପର୍ବତର ପ୍ରାଚୀର ଲମ୍ବିଯାଇ ମିଶିଛି ଗୋରୁଖିଆ ପର୍ବତ ସହିତ । ଉଚ୍ଚ ପର୍ବତ ନୁହେଁ । ହେଲେ ଘୋର ଜଙ୍ଗଲ ।

ହରିପୁର ଗାଁ ସୀମାରେ ଦୁଇଟି ପର୍ବତ ପାଖାପାଖି ହୋଇ ଛିଡ଼ା ହୋଇଛନ୍ତି, କେତେ ଯୁଗର ଲୋକେ ତା ଉପରକୁ ଚଢ଼ିଛନ୍ତି କାଠ କାଟିବାକୁ, ସେମାନଙ୍କର ପାଦଚିହ୍ନ ନାହିଁ; କିନ୍ତୁ ଅନେକଙ୍କର ଇତିହାସ ରହିଯାଇଛି ସେଇ ପର୍ବତ ଦୁଇଟିର ଦେହରେ । ଅକ୍ଷଣାର ଗୋପି ବାପା ଯାଇଥିଲା କାଠ କାଟିବାକୁ, କାଠ ଖୋଜୁ ଖୋଜୁ ସେ ଦେଈଁଙ୍କ ଅଧିଷ୍ଠାନ ଆଡ଼କୁ ଚାଲି ଯାଇଥିଲା । ଦେଈଁ ତାକୁ ବାଘ ରୂପରେ ଦେଖା ଦେଇଥିଲେ । ବାସ୍ ସେଇଠି ଶେଷ, ଗୋଟିଏ ଝାଡ଼ା ପରେ । ପ୍ରାପ୍ତ ବୟସ ପୁରୁଷ ଅଗେ ଯଦି ବି ଯାଇଥିଲା ସେ ଜାଗାକୁ । ସେ ଥିଲା ଅମାନିଆ, ନାସ୍ତିକ ଠାକୁର ଠାକୁରାଣୀ ମାନୁ ନ ଥିଲା । ଯେମିତି ଯାଇଛି ସେ ଜାଗାକୁ ଠାକୁରାଣୀ ତାକୁ ଲଟାରେ ବାନ୍ଧି ଦେଲେ, ଲଟାରେ ଗୁଡ଼େଇ ଗୁଡ଼େଇ ହୋଇ ସେ ମଲା । ତା ବଂଶରେ ମଧ୍ୟ କେହି ଦୀପ ଦେବାକୁ ରହିଲେ ନାହିଁ । ଏ ପର୍ଯ୍ୟନ୍ତ ତା ଡିହଟି ରହିଛି, ସପନଝାଡ଼, ଗାଁ ମୁଣ୍ଡରେ । ଖାଲି ଗୋଟାଏ ଅଧାକାନ୍ଥି ରହିଛି, ଆଉ ରହିଛି କେତେଗୁଡ଼ାଏ ଖପର । ସେ ଡିହ କେହି ମାଡ଼ନ୍ତି ନାହିଁ ।

ରାତି ଅଧରେ ଅନେକେ ପର୍ବତ ଆଡ଼ୁ ଗୋଟାଏ କୁହାଟ ଶୁଣିଛନ୍ତି, ହେ-ଏ-ଏ-ଏ-ଏ ହେଃ, ହେଃ, ହେଃ, ହାଃ, ହାଃ, ହାଃ । ଗାଁରେ କେହି ଅନ୍ୟାୟ

ଅବସ୍ଥାର କରିଲେ ଏମନ୍ତ କୃତାର୍ଥ ସ୍ମୃତି । କୃତାର୍ଥ ଶୁଣିଲେ ଗାଁର ଲୋକେ ଚୁକ୍ତି ପାରନ୍ତି କେଶ୍ରି ଅନ୍ୟାୟ କରିଛନ୍ତି । ବାଜା ବାଜେ, ଠାକୁରାଣୀଙ୍କ ପୂଜା ହୁଏ, ଭୋଗ ଲାଗେ, ବଳି ପଡ଼େ, ଭଳଭଳି ଲାଗେ । ତା' ପରେ ବସେ ସଭା, ଯିଏ ଅନ୍ୟାୟ କରିଥାଏ, ସେ ନିଜେ ନିଜେ ଦୋଷ ସ୍ୱୀକାର କରେ । ଯାହା ଉଚିତ ଦଣ୍ଡ ବୋଲି ସଭା ସ୍ଥିର କରେ ସେ ଦଣ୍ଡ ସେ ପାଏ ।

ସେ ଯୁଗ ଚାଲିଗଲା । ସେତେବେଳେ ଗାଁରେ ଗୋଟିଏ ପାଠଶାଳା ବି ନ ଥିଲା । ଗାଁ ଅବଧାନେ ପିଲାମାନଙ୍କୁ କେତେମାସ ଦୋହା ପଢ଼ିବା ଶିଖାଇ ପାରିଲେ ହେଲା । "ନମଇ ନୃସିଂହ ଦେବ, ଅନାଦି ପରମ କାରଣ" ବୋଲିବା ପର୍ଯ୍ୟନ୍ତ ଶିକ୍ଷା ହୋଇଗଲେ ଢେର ହେଲା । ତା' ପରେ କାନ୍ଧରେ ଜୁଆଳି ପକାଇ ବଳଦ ଲାଙ୍ଗୁଡ଼ ମୋଡ଼ି "ହେଟ୍ ହେଟ୍ କୋ ଖଲାଭିତ୍ତି" କହି କହିକା ମୁଢ଼ି କି ଚୂଡ଼ା ଖୋବାଇ ଖେଳାଇ ପୂର୍ବ ବୁଦ୍ଧିରେ ଚଳନ୍ତୁ ।

ସେ ଯୁଗ ବି ଚାଲିଗଲାଣି । ବର୍ତ୍ତମାନ ଗାଁରେ ଗୋଟିଏ ମାଇନର ସ୍କୁଲ୍ । ସେ ଏଣିକି ହାଇ ସ୍କୁଲ୍ ହେବାକୁ ଯାଉଛି । ଗାଁର ଗୋଟିଏ ପାଣବୁଅ ବି. ଏ. ପାସ୍ କରି ବଡ଼ ଚାକିରି କଲାଣି । ତାଙ୍କରି ଆଜ ସେ କୁଆଁଣିଆ ଚାଳଘର ନାହିଁ । ଦ୍ୱିତଳା ପକ୍କା ଘର ବି ହେଲାଣି । ପଞ୍ଚବାର୍ଷିକ ଯୋଜନାଦ୍ୱାରା ଗାଁର ଅନେକ ଉନ୍ନତି ହେଲାଣି ।

ଗୋଟିଏ ପ୍ରଧାନ ଯୋଜନା ହେଉଛି, ଦୁଇଟି ପର୍ବତ ମଝିରେ ବନ୍ଧ ପକାଇ ଜଳଭଣ୍ଡାର ତିଆରି କରିବା । ଗୁଡ଼ାଏ ଟଙ୍କାର ଯୋଜନା । ଜଳଭଣ୍ଡାରଟି ସୃଷ୍ଟି ହେଲେ ଗୁଡ଼ାଏ ଜମି ଆବାଦ ହୋଇପାରିବ ।

କାମ ଆରମ୍ଭ ହେଲାଣି ଆଜକୁ ତିନିବର୍ଷ ହେବ; କିନ୍ତୁ ସେ ଆରମ୍ଭରେ ହିଁ ରହି ଯାଇଛି । ଆଗେଇ ପାରୁନି । ଯୋଜନାକାର୍ଯ୍ୟ ଆରମ୍ଭ ହେବା ଦିନରୁ ଗାଁରେ ତିନିଦଳ ସୃଷ୍ଟି ହୋଇଛି । ପ୍ରତ୍ୟେକ ଦଳ ଚାହୁଁଛି କାମଟି ସିଏ ହାତକୁ ନେବ । ଟଙ୍କା ଖର୍ଚ୍ଚ ହେବ ଅନେକ ଗୁଡ଼ାଏ । ପ୍ରତ୍ୟେକ ଦଳ ଅନ୍ୟ ଦଳର ଗୁଣ ଖୋଳି, ଦୋଷ ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଏସ୍. ଡି. ଓ. ପର୍ଯ୍ୟନ୍ତ କେତେ ଯେ ବେନାମୀ ସ୍ୱନାମୀ ଦରଖାସ୍ତ ଗଲାଣି ତାହାର ଇୟତ୍ତା ନାହିଁ । କେହି ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଦରଖାସ୍ତ, ତାରବାର୍ତ୍ତା ପଠାଇଛନ୍ତି । ପ୍ରତ୍ୟେକଙ୍କ

ତତ୍ପରତାରେ ବଡ଼ା ବଡ଼ା ଦରଖାସ୍ତ ବନ୍ଧା ହୋଇ ପହଞ୍ଚିଲଣି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି କମିଶନର, କଲେକ୍ଟର ଏସ୍. ଡି. ଓ. ଜିଲ୍ଲା ଇଞ୍ଜିନିୟର୍ ଯେତେ ଆସି ଇନ୍‌କ୍ୱାଏରୀ କରି ଗଲେଣି । କିନ୍ତୁ ଫଳ ଫଳି ନାହିଁ । କାମ ଯେଉଁଠି ସେଇଠି । କଥାଟା ସେତିକିରେ ରହିନାହିଁ, ମୁଣ୍ଡ ଫଟାଫଟି ପର୍ଯ୍ୟନ୍ତ ଯାଇଛି । ଏବେ ତ ଦେହରୁ ଉଭୟପକ୍ଷ ଲୋକ ଯାଇ ଏହି ଜିଲ୍ଲାଦରବାରରେ ପଡ଼ିଛି ।

ଗୋଟିଏ ଦଳର ନେତା ନାନା ଉପାୟ କରି ପୁଣି ଇନ୍‌କ୍ୱାଏରୀ ଆରମ୍ଭ କରାଉଛନ୍ତି । ମୁଁ ବାହାରିଛି ଇନ୍‌କ୍ୱାଏରୀ କରି । ସାଙ୍ଗରେ ଓଭରସିୟର୍, ଏ. ଡି. ଓ. ରେଭେନ୍ୟୁ ଆଦି ନେଇ । ଏ ଥର ଅଭିଯୋଗ ହେଉଛି, ବନ୍ଧରେ ମୋଟେ ମାଟି ପଡ଼ିନାହିଁ । ଯେଉଁ ଗାଡ଼ି ସବୁ କେତେ ଅଚଳ ମାସ ହୋଇ ପଡ଼ିଛି ସେ ତା'ର ଟଙ୍କା ଦିଆଯାଇଛନ୍ତି, ପୁଣି ସେହି ଗାଡ଼ିବୁଡ଼ିକୁ ଟିକିଏ ଟିକିଏ ରଙ୍ଗ ଦେଇ ନୂଆ କରି ନେଇ କିଛି ପ୍ରାୟ ତିନି ହଜାର ଟଙ୍କା ଆତ୍ମସାତ୍ କରିଛନ୍ତି ଅନ୍ୟ ଦଳର ଲୋକେ । ସେ ଟଙ୍କାରେ ଅମୁକର ଝିଅର ବାହାଘର ହୋଇଛି, ତମୁକର ପିଣ୍ଡା ପକା ହୋଇଛି ଇତ୍ୟାଦି ।

ସକାଳୁ ହୋଇ ବାହାରୁ ବାହାରୁ ବାଜିଲା ପ୍ରାୟ ତିନିଟା । ଏଠାରୁ ମାଇଲ ରାସ୍ତା ଯିବାକୁ ହେବ ମଟରରେ । ତା'ପରେ ଜଳଖିଆ ଦେଇ ଚାଲିବାକୁ ହେବ ଚାରି ମାଇଲ୍ । ମଟରରୁ ଓହ୍ଲାଇ ଆମେ ବାହାରିଲାବେଳକୁ ସୂର୍ଯ୍ୟ ଗୋଲୁଖିଆ ପର୍ବତଚୂଡ଼ା ଉପରକୁ ଗଡ଼ିବାକୁ ଆରମ୍ଭ କଲେଣି ।

ଯେଉଁଠି ଆମ ମଟର ରହିବା କଥା, ସେଠି ଅପେକ୍ଷା କରି ରହିଥିଲେ ଛନ ମହାନ୍ତି, ଯିଏ କି ଏ ଇନ୍‌କ୍ୱାଏରୀ କରାଇଛନ୍ତି । ତାଙ୍କ ସହିତ ଥିଲେ ପ୍ରାୟ ପଚିଶ ତିରିଶ ଲୋକ । ଆମେ ପହଞ୍ଚିବା ମାତ୍ରକେ ଭୂମିଷ୍ଠ ନମସ୍କାର କରି ହାତ ଯୋଡ଼ି ସମସ୍ତେ ଠିଆହେଲେ ।

ବାହାରିଲୁ । ଛନ ମହାନ୍ତି ଓ ତାଙ୍କର ଲୋକେ ଆଗେ ଆଗେ ଚାଲିଲେ ବାଟ ଦେଖାଇ । ବିଲ ହିଡ଼େ ହିଡ଼େ ଆମେ ଚାଲିଛୁ । ଦୁଇ କଡ଼ରେ ଧାନ ବିଲ । ଧାନ ଗଛ ସବୁ ଅଣ୍ଟାଏ ଉଚ୍ଚର ହେଲେଣି । ଫୁଲ ଧରିଛି । ଚାରିଆଡ଼େ ଖାଲି ସବୁଜ । ସେ ସବୁଜିମା ମିଶିଯାଇଛି ଦୂର ଦିଗବଳୟର ନୀଳିମାରେ । ମଝିରେ ମଝିରେ ଗୋଟାଏ ଗୋଟାଏ ଝାମ୍ପି ଦିଶୁଛି । ସେ ଝାମ୍ପି ମଝିରେ ମଝିରେ ଅଳ୍ପ

ସମସ୍ତ ଟାଣି ନେଉଛି ବୃଷ୍ଟି ତଳୁ ଟାଣୁଛି । ତା' ତଳେ ଯେଉଁ ଗାଁମାନେ ଅଛନ୍ତି, ସେମାନେ ନିର୍ବିକାର ଭାବରେ କଅଁଳ କରି ଶୁଖିଛନ୍ତି । ଆମ ପ୍ରାନ୍ତ ବି ଭେଦ ନାହିଁ । ଜଳରୁ କୋଠାଏ ଅଦ୍ଭୁତ ସୁଗନ୍ଧ ଆସୁଛି । ସେ ସୁଗନ୍ଧର ତୁଳନା ଦେବା ଅସମ୍ଭବ ।

ପଚାରିଲି, ଏଇଟା କି ବାସନା ହୋ ।

କିଏ ଜଣେ ଉତ୍ତର ଦେଲା, ଆଜ୍ଞା ଧାନଫୁଲର ।

ଧାନଫୁଲର ଏମିତି ବାସନା ! ଚମତ୍କାର !

ଛନ ମହାନ୍ତି କଥାରେ ଟିକିଏ ଧରି କହି ଚାଲିଲେ, ଆଜ୍ଞା, ଏ ବର୍ଷ ଧାନ ସବୁ ମରିଯିବ ସେଠା ଜମି ଏଗୁଡ଼ାକ । ବନ୍ଧଟା ହୋଇଥିଲେ ମୁଠାଏ ମୁଠାଏ ପାଣି ପାଇଥାନ୍ତେ ଚଷଗୁଡ଼ାକ । ଦେଖନ୍ତୁ ଆଜ୍ଞା ଟିକିଏ ଦୃଷ୍ଟି ପକାନ୍ତୁ । ଧାନ ମୂଳ ସବୁ ଶୁଖି ଗଲାଣି । ଫୁଟୁଳା ମାଟି ଆଜ୍ଞା, ପାଣି ଧରି ରଖିବ କାହିଁ ! ଏତେବେଳେ ଯିନା ପାଣି ଦରକାର ।...

ଅଜିକୁ ଚଉଁଗୁଳଣ ବର୍ଷ ହେବ ଭାତ ଖାଉ ମୁଁ ମଣିଷ; କିନ୍ତୁ ଏ ପର୍ଯ୍ୟନ୍ତ ବୁଝିପାରିଲି ନାହିଁ କେତେବେଳେ ଧାନ ଲୋଡ଼େ ପାଣି, କେତେବେଳେ ବା ପବନ, କେମିତି ବଢ଼େ ସେ କଅଁଳ ତା'ର ନିୟମ ।

ଛନ ମହାନ୍ତି କହି ଚାଲିଛନ୍ତି, ଆଜ୍ଞା, ମୁଁ ଏ ସବୁ ଜଞ୍ଜାଳକୁ ପଶେ ନାହିଁ । ମୁଁ ଭଲ କି ମୋ ଘର ଭଲ । ପିଣ୍ଡା ବାହାରକୁ ଗୋଡ଼ କାଢ଼େ ନାହିଁ ଆଜ୍ଞା । ହେଲେ ବନ୍ଧ ଟଙ୍କା ଏମିତି ବରବାଦ ହେଉଛି ଦେଖି ମୋ ଛାତି ଫାଟିଯାଉଛି ଏତେ ଅନ୍ୟାୟ ! ଉଃହୋ ! ଆଁ ଏଁ !!

ସେ ଖାଲି ପାଟିରେ କଥା କହୁ ନ ଥାଆନ୍ତି । ତାଙ୍କ ଆଖି, ମୁଣ୍ଡ, ସବୁ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ କଥା କହୁଥାଆନ୍ତି ।

ହରିପୁର ଗାଁରେ ପହଞ୍ଚିବାବେଳକୁ ବେଳବୁଡ଼ ସମୟ । ଗାଁ ଭିତର ଦେଇ ଯିବାବେଳେ ଛନ ମହାନ୍ତି ଘର ଘର ଗୋଟାଏ ଡାକ ଦେଇ ଯାଉଥାଆନ୍ତି; ଏ ଗଙ୍ଗା, ଏ ବାଉରି, ଏ ସପନା, ଆସ ଆସ ସବୁ ଅତି ଶୀଘ୍ର ବନ୍ଧ ଉପରକୁ । ସାହେବ ଡାକେ ଜଲେଣି ।

ବନ୍ଧ ଉପରକୁ ଚାଲିବେଲକୁ, ସେଠି ମଧ୍ୟ ଲୋକେ ମୂଇତକ ଛୁଡ଼ା ହୋଇଛନ୍ତି । ଆମକୁ ଦେଖି ସମସ୍ତେ ଆଭୁମି ନମସ୍କାର କଲେ ଓ ଛନ ମହାନ୍ତି ଅନ୍ତକୁ ଚରଣ ଛୁଇଁଲେ ।

ତା'ପରେ ଅତି ଚିନ୍ତାଜନକ ଗୋଟାଏ କାଣ୍ଡ ଘଟିଗଲା । କେଉଁ କୁଆଡ଼ୁ ନାହିଁ, ଦୁଇଟା ତେଲ ଆସି ଚଢ଼ିଲା ଛନ ମହାନ୍ତି ଉପରେ । ତା'ପରେ ମୋତେ ଦେଖି ତନିଦଳ ପେଙ୍କେଟେଲି ହେଲେ । ତା' ସଙ୍ଗତ ଗୁରୁ ଖୋଳାଖୋଳି, କାହା ଦୁଆର କାହା ପଶ୍ଚିମ ଟାପ୍ରଣରୁ ଅଛି, କାହାର ଉଲଟି ଡବାକୁ ପୁର୍ବକୁ ପୂଜା କରୁଛି, କିଏ ଉଦୁଲି ଟଙ୍କା ଖାଇଯାଉଛି, କିଏ ପଞ୍ଚଦୂତ ଧାନ ଗୋଲରୁ ଧାନ ନେଇ ଯାଉଛି, କିଏ ପଞ୍ଚପୂତ ଟିକସ ଖାଇଯାଉଛି, କିଏ କେଉଁ କଳଘଟରେ ଗୋଟାଏ ଠେଠାରୁ ନୋଟଟଙ୍କା ଘୁଷ୍ ନେଉଛି, କିଏ ବନ୍ଧ କାମରେ ଟଙ୍କା ଚୋରି କରିଦେଉଛି, କିଏ ଗୋଟାଏ ଧୋବଣୀକୁ ରକ୍ଷିତା କରି ରଖିଛି, ଅନେକ କଥା । ଠେଙ୍ଗା ସବୁ ମୁଣ୍ଡ ଉପରେ ବୁଲୁଛି ।

ମୁଁ ଉପାୟ ନ ପାଇ ପ୍ରାଣପଣରେ ସମସ୍ତଙ୍କୁ ବୁଝାଇବାକୁ ଚେଷ୍ଟା କରୁଥାଏ । ଜଣେ ଡେପୁଟି ଏମିତି ଏକ ଘଟଣାରେ ପ୍ରାଣ ଦେଇଛନ୍ତି, ଲୋକେ ତାଙ୍କୁ ମାରି ବାଡ଼ରେ ପୋତି ଦେଇଛନ୍ତି । କଥାଟା ମନେ ପଡ଼ିଯିବାରୁ ଗୁଣ୍ଡରୁ ଝାଳ ଗୋଟା ଖସିପଡ଼ିଲା, ଝାଳ ବୋହିଗଲା ସାରା ଦେହରୁ ।

କୌଣସିମତେ ବାହାରିଆସିଲି । କହି ଆସିଲି ହାତ ଯୋଡ଼ି, ଆପଣମାନେ ଶାନ୍ତ ନ ହେଲେ ମୁଁ ଇନ୍‌କୁଆରୀ କରିବି ନା···ହିଁ··· ।

ମୋ କଥା କେହି ଶୁଣିଲେ କି ନା ଜାଣେନା । ମୁଁ କିନ୍ତୁ ଗୁଣ୍ଠିପିଟି ହୋଇ ବାହାରି ଆସିଲି । ସେମାନେ ସେହିପରି ପେଲାପେଲି ହେଉ ଥାଆନ୍ତି ।

ମୁଁ ଚାଲି ଆସିଲି ଗାଁ ମୁଣ୍ଡକୁ । ଦେଖିଲି ପାହାଡ଼ ଦେହରେ ଗୋଟିଏ ଘଞ୍ଚ କୁଞ୍ଜ । ତା'ରି ଭିତରେ ପଶିଗଲି ଆତ୍ମଗୋପନ କରିବାକୁ ।

ଚାରିଆଡ଼େ ବେଲୁନ, ସାହାଡ଼ା, ବକୁଳ, ଅମୃ, ଆଦି ଗଛ ସବୁ ଲଗାଲଗି ଛନାଛନ ହୋଇ ଛୁଡ଼ା ହୋଇଛନ୍ତି । ଭେଦ ଜନ ନାହିଁ । ପରସ୍ପର ପରସ୍ପରକୁ ଆଲିଙ୍ଗନ କରି ନୀରବ ଭାଷାରେ ଯେପରି କଥାବାର୍ତ୍ତା କହୁଛନ୍ତି, ଆଉ ମୁଁ ରୁହ

ମୁକ୍ତକ ବସୁଛନ୍ତି । ମନ୍ଦିରେ ଗୋଟିଏ ପଥର ଚଟାଣର ଗୋଟିଏ ପାଖରେ କେତେଗୁଡ଼ିଏ ବେଦୀ ତିଆରି ହୋଇଛି । ପ୍ରତ୍ୟେକ ବେଦୀରେ ଗୋଟିଏ ଆବକ୍ଷା ଖାବ ଆ ଦେଖା ମେଞ୍ଚା ପଥର ସିନ୍ଦୂର ଚନ୍ଦନ ଲାଗି ଲେପ୍ତ ହୋଇରହିଛନ୍ତି । ଏହିପରି ଅନେକ ବେଦୀ । ପ୍ରତ୍ୟେକ ବେଦୀ ପାଖରେ ମାଟି ତିଆରି କେତେ ହାତୀ, କେତେ ଘୋଡ଼ା । ହାତୀମାନଙ୍କ ଉପରେ ହାଉଦା ପଡ଼ିଛି, ସେ ହାଉଦାରେ ପୁଣି କେତେ କୃତ୍ରିମ ହୋଇଛି । ହାଉଦା ଉପରେ ସିଂହାସନ । ଘୋଡ଼ାମାନଙ୍କ ମୁହଁ ଗୋଲ ଓ ଫମ୍ପା । ଘୋଡ଼ାଗୁଡ଼ିକ ମଧ୍ୟ ଗୋଲ ଓ ଫମ୍ପା; କିନ୍ତୁ ପ୍ରତ୍ୟେକଙ୍କ ଗୋଡ଼ରେ ଗହଣା ଓ ପ୍ରତ୍ୟେକଙ୍କ ମୁଣ୍ଡରେ ସିନ୍ଦୂର ଚନ୍ଦନ ।

ଗୋଟିଏ ବୁଢ଼ା ଗୋଟିଏ ଚହିଁବାରେ ଜାଗାଟି ଝାଡୁଥିବ । ମୋତେ ଦେଖି ଉଠିକି ହୋଇ ଦାନ୍ତ ନକୁଟି ଛିଡ଼ାହେଲ । ଏହି ବୁଢ଼ା କିନ୍ତୁ ଦ ପାଟି ଦାନ୍ତ ଅଛି । ଦାନ୍ତଗୁଡ଼ିକ ହଳଦିଆ । ଆଖିରେ ନେଞ୍ଜରା । ପିନ୍ଧିଛି ଗୋଟିଏ ତେଲଚିକଟା ଗାମୁଛା । ଗାମୁଛାର ଦୁଇ ପାଖର ଧଡ଼ି ଓ ଧଡ଼ିକୁ ଲାଗି ଦୁଇଇଞ୍ଚ ସରିକି ଜମା । ଗାମୁଛାର ବାକି ଅଂଶ ନାହିଁ କହିଲେ ଚଳେ ।

ପଚାରିଲି, ଇଏ କି ଠାକୁରାଣୀ ହେ ।

ବୁଢ଼ାଟି ଆକାଶକୁ ଚାହିଁଲା, ତା'ପରେ ଠାକୁରାଣୀମାନଙ୍କ ଆଡ଼େ ମୁହଁ କରି ଜୁହାର ହୋଇ କହିଲା, ଆଜ୍ଞା, ଦଶ ଭଉଣୀ ଏମାନେ···

—ନା' କଅଣ ଏମାନଙ୍କର ?

—ଆଜ୍ଞା, ଇଏ ହେଉଛନ୍ତି ବଡ଼ ବାହୁଣୀ, ତାଙ୍କ କଡ଼ରେ ତାଙ୍କ ପୁଅ···

—ଏମାନଙ୍କୁ ଏପରି ଅଲଗା ହୋଇ ରଖାହୋଇଛି କାହିଁକି ?

ଆଜ୍ଞା, ଏ ସବୁ ବାହୁଣୀ । ଏଙ୍କ ପାଖରେ ଛେଳି ଲାଗିବ ନାହିଁ, ଭେଳ ଲାଗିବ ନାହିଁ । ସବୁ ଅଲଗା ପୂଜା ଏଙ୍କର । ସେଇଥିପାଇଁ ତାଙ୍କ ଆସ୍ଥାନ ଅଲଗା···

ବାହୁଣୀ ଦେବୀ ବୋଲି ଯାହାକୁ ବୁଝାଗଲା ସେ ଆଉ କିଛି ନୁହେଁ ଗୋଟିଏ ପଥର ଛେଳି, ତଳକୁ ଓସାରିଆ, ଉପରକୁ ଗୋଜିଆ । ମୋଟ ପ୍ରାୟ ଇଞ୍ଚେ ହେବ, ଶଙ୍କୁକୋଣିଆ ।

ପଚାରିଲି, କିଏ ସେ, ମୂର୍ତ୍ତି କାହିଁ ? ଏ ତ ପଥର ଟେକାଟାଏ । ବୁଢ଼ାଟି ଜିଭ କାମୁଡ଼ି ବ୍ୟଙ୍ଗ ଭାବରେ ମୋତେ କିଛିକ୍ଷଣ ଚାହିଁ କହିଲା, ଅଜ୍ଞା, ଦେଖନ୍ତୁ, ଏଇ ତାଙ୍କ ହାତ, ଏ ଦେଖୁନାହାନ୍ତି ତାଙ୍କ କେଶ ମୁକୁଳା ହୋଇ ଉଡ଼ୁଛି ।

ସେ ସବୁ କିଛି ଦେଖି ପାରିଲି ନାହିଁ । କଅଣ ଗୋଟାଏ ଗାର ଅବଶ୍ୟ ଦିଶିଲା; କିନ୍ତୁ ତାକୁ ହାତ ନ କହି ଗୋଡ଼ ବା ଗୋଡ଼ ନ କହି ପାଟି କହିଲେ କିଛି କ୍ଷତି ହେବ ନାହିଁ, କିନ୍ତୁ ବୁଢ଼ା ପକ୍ଷରେ ସେ ହାତ ଛଡ଼ା ଆଉ କିଛି ନୁହେଁ । ଯାହାକୁ ହାତ ବୋଲି କହୁଛି, ତାକୁ ଖାଲି ଆଖିରେ ଦେଖିଲେ ଚିହ୍ନିବା ଅସମ୍ଭବ । କେତେ କଳ୍ପନା କଲେ ବା ଜାଣିହେବ ଅସମ୍ଭବ କଳ୍ପନା ଶକ୍ତି ଏମାନଙ୍କର !!

ତା'ପରେ, ବୁଢ଼ା କହିଚାଲିଲା, ଏ ହେଉଛନ୍ତି ମଙ୍ଗଳା, ତାଙ୍କ ପାଖକୁ ଢଣ୍ଡିଆ ମଙ୍ଗଳା । ବସ୍ତିରେ ଘଣ୍ଟି ଘାଗୁଡ଼ି ଟିକି ବୁଲି ବାହାରନ୍ତି । ଏଙ୍କ ହାବୁଡ଼ାରେ ପଡ଼ିଗଲେ ରକ୍ଷା ନାହିଁ । ତାପରେ ଅଛନ୍ତି ମା ବୁଗାଳି ଓ ତାଙ୍କ ପାଖକୁ ହରିହର ବୁଗାଳି । ଏ ଦି ଭଉଣୀ ଭାରି ସାଙ୍ଗ, ଏକା ସାଙ୍ଗରେ ବୁଲି ବାହାରନ୍ତି, ଏକା ସାଙ୍ଗରେ ଖାଆନ୍ତି । ଏ ଦି ଭଉଣୀଙ୍କ ନାଁ'ରେ କାଠ କାଟି ଗଲେ ବାଘ ବି ବାଟ ଛାଡ଼ି ଦେବ, ଖାଲି ଦେଖା ଦେବ ସିନା କଣ୍ଟକ ଆସିବ ନାହିଁ । ତା'ପରେ, ଦେଖନ୍ତୁ ପାଟମୁଣ୍ଡେଇ, ସୁନ୍ଦର ଓଉଗ । ଏମାନଙ୍କ ବୟସ ହେଲାଣି, ଏମାନେ ଆଉ ବୁଲି ବାହାରନ୍ତି ନାହିଁ, ଖାଲି ଗାଁ'ର ଦୁର୍ଭାଗ୍ୟ ହେଲେ କୁହାଟ ଛାଡ଼ନ୍ତି ।

ସେତେ ଠାକୁରାଣୀଙ୍କ ନାଁ କହିଲା ସବୁ ଗୋଟିଏ ଗୋଟିଏ ପଥର ଟେକ । କେଉଁଠି ବା ବୁରକଶିଆ, କାହାର ଆକାର ନିର୍ଣ୍ଣୟ କରିବା ଅସମ୍ଭବ । ସେମାନଙ୍କ ଭିତରୁ ପୁଣି, ଏ ବୁଢ଼ା ଜାଣେ, କାହାର ବୟସ ହେଲାଣି, କାହାର ବାଳ ମୁକୁଳା, କିଏ ଏକାଠି ଶୁଅନ୍ତି ।

—ଆଉ ଅଜ୍ଞା, ଇଆଡ଼େ ଦେଖନ୍ତୁ, ଏ ହେଉଛନ୍ତି ପଶ୍ଚିମା ମା । ଇଏ ପୂର୍ବେ ଏଠି ନ ଥିଲେ ପଶ୍ଚିମ ଆଡ଼ୁ ଆସିଲେ ।

—କେବେ ? ପଚାରିଲି ।

—କେବେ କେଜାଣି ? ଆଜକୁ କେତେ କି ପାଞ୍ଚଶହ ବର୍ଷ ହେବ କଏ ଜଳଜା କରିଯାଇଛ । ଗାଁରେ ମଡ଼କ ପଡ଼ିଥିଲା । ମା' ବାହ୍ମଣୀ ସମ୍ଭାଳି ପାରିଲେ ନାହିଁ, ଏଙ୍କୁ ଡାକି ଆଣିଥିଲେ । ଲୋକେ ଦେଖିଛନ୍ତି ଆଜ୍ଞା, ଅଧରାତେ, ଗୋଟିଏ ବଡ଼ ଆଲୁଅ ପଶ୍ଚିମ ଆଡ଼ୁ ମାଡ଼ି ଆସୁଥାଏ, ସେଇଦିନୁ ସେ ଏଠି ରହି ଯାଇଛନ୍ତି । ଆଉ ଯାଇନାହାନ୍ତି ।

ବଣ ଉପରୁ କୋଳାହଳ ଶୁଭି ଆସୁଥାଏ । ମଝିରେ ମଝିରେ ଗୋଟାଏ ଦଳ ଠେଲି ନେଉଥାଏ ଆଉ ଗୋଟିଏ ଦଳକୁ ଥୋଉଥାଏ ବାଟ ଓ ମୁକ୍ତି ସେ ଦଳ ଆଉ ଦଳକୁ ଘଉଡ଼ାଇ ନେଉଥାଏ ।

—ଅଉ ଦେଖନ୍ତୁ ଆଜ୍ଞା, ଏ ହେଉଛନ୍ତି ଖଡ଼ଗେଇ । ଏଙ୍କର ମାନ୍ଦ ନ ହେଲେ ଘର ଚଳେ ନାହିଁ । କିଛି ନ ହେଲେ ଶୁଖୁଆ ଟିକିଏ ଦରକାର । ଇଏ ଗାଁ ଗାଁ ବୁଲନ୍ତି ନଈକୂଳ ବାଟରେ, ଆଉ ଦୁର କରନ୍ତି । ଇଏ ହେଉଛନ୍ତି, ଦଶନଦେଈ ବୁଢ଼ୀ ମା । ସବା ବଡ଼ ଭଉଣୀ ଏ । ତାଙ୍କ ଆସ୍ଥାନ ଦେଖନ୍ତୁ ସବା ଶେଷରେ । ଏ ଅସ୍ଥାନ ସେ ଜଗି ରହିଥାନ୍ତି । ତାଙ୍କ ପାଖରେ ଦେଖନ୍ତୁ ଖୁଣ୍ଟ ପୋତା ହୋଇ ରହିଛି । ଅନ୍ୟ ଦେବୀ କେହି ଆସିଲେ ବୁଢ଼ୀମା ସେ ଖୁଣ୍ଟ ପାରି କରି ଦିଅନ୍ତି ନାହିଁ । ବାଟ ଓଗାଳନ୍ତି । "କିଏ ତୁମେ ? କାହିଁକି ଆସିଛ ?" ପଚାରି ତାଙ୍କ ହାଲ୍ ଚାଲ୍ ବୁଝି ବିଦା କରି ଦିଅନ୍ତି ।

କାହିଁକି ? ପଚାରିଲି ।

—ଆଜ୍ଞା, କେତେ ରକମର ଦେବ ଦେବୀ ବୁଲୁଛନ୍ତି ଏଇଆଡ଼େ । କିଏ ଗାଁ ଭିତରେ ଭଲ; କିଏ ବା ଓଲଟା, ଝାଡ଼ାବାନ୍ତି କରନ୍ତି, କିଏ କା ଗାଁରେ ପଶି କଳି ଲଗାଇ ଦିଅନ୍ତି । ବୁଢ଼ୀମା ସେ ସଭିଙ୍କି ଛାଡ଼ନ୍ତି ନାହିଁ ଗାଁ ଭିତରକୁ । ଯଦି ବଳୁଆ କେହି ଆସନ୍ତି, ତେବେ ବୁଢ଼ୀମା ତାଙ୍କୁ ଭୋଗରାଗ ଦେଇ ବୁଝାଇ ଶୁଝାଇ ବିଦା କରିଦିଅନ୍ତି । କୌଣସି ବିପଦ ଗାଁକୁ ଆସିବାରେ ଆଠଦଶ ଦିନ ଆଗରୁ ଏ ଗାଁ ଗାଁ ବୁଲି କୁହାଟନ୍ତି, ଏ ଘରବାଲା ହୁସିଆର ରହ । ଖାଲି ଏତିକି କହନ୍ତି ।

ତୁମେ ଶୁଣିଛ ? ପଚାରିଲି ।

ହଁ ଅଜ୍ଞା । ତେବେ ଆଜକାଲି ଅନେକ ସେ ଡାକ ଶୁଣିପାରୁ ନାହାନ୍ତି ? ଲୋକମାନଙ୍କ ଭିତରେ ହିଂସା, ଲୋଭ ବଢ଼ି ଚାଲିଛି ନା, ଅଜ୍ଞ ସେ ଡାକ ଶୁଣିପାରୁ ନାହାନ୍ତି ।

ତୁମ ବୟସ କେତେ ? ପଚାରିଲି ।

—ପାଞ୍ଚକୋଡ଼ି ।

ତୁମେ ଏଠି କଅଣ କର ?

ମୋ ଘର ଏଇଠି ଅଜ୍ଞା, ମୁଁ ମା'ମାନଙ୍କର ଅସ୍ଥାନ ମାର୍ଜନା କରେ ।

ଗୁରିଆଡ଼ ସେତେବେଳକୁ ଅନ୍ଧାର ହୋଇଗଲାଣି । ଶୀତଦିନ କୁହୁଡ଼ି ଧୂଆଁ ଗଛଉପରେ ଜମିଗଲାଣି । ବନଉପରେ କୋଳାହଳ ଥମିନାହିଁ । ସେମାନେ ସମସ୍ତେ ମୋ ଆଡ଼କୁ ଅନାଇଛନ୍ତି ।

ମୁଁ ସେମାନଙ୍କୁ କହିଲି, ଅଜି କିଛି ହେବନାହିଁ । କାଲି ସକାଳୁ ଦେଖାଯିବ । ସମସ୍ତେ ଚାଲିଗଲେ । ମୋର ରହିବା ବନ୍ଦୋବସ୍ତ ସେଇ ବୁଢ଼ା ଘରେ ହେଲା ।

ଖାଇସାରି ମୁଁ ଶୋଇବାକୁ ଗଲି । ରାତି ପ୍ରାୟ ଅଧ ହେଲାଣି ! ନିଦ ମାଡୁ ନ ଥାଏ ।

ବୁଢ଼ା ପିଣ୍ଡାରେ ଶୋଇଥାଏ ।

ଡାକ ପକାଇଲି, ହଇହୋ, ବର୍ତ୍ତମାନ ତ ଦେଖୁଛ · ଗାଁ ଭିତରେ ଏତେ ଅନ୍ୟାୟ ଚାଲିଛି । କାହିଁ ତୁମ ଦର୍ଶନଦେଇ ବୁଢ଼ୀ ବା ଅନ୍ୟ କେହି ତ କୁହାଟ ଛାଡ଼ୁ ନାହାନ୍ତି ।

—କିଏ କହିଲା ଅଜ୍ଞା, ସେ କଥା । ମା'ମାନେ ଡାକୁଛନ୍ତି, କେହି ଶୁଣିପାରୁନାହାନ୍ତି । ସତକୁ ସମୁଦ୍ର ଫଳେ । (କଥାଟାର ଅର୍ଥ ମୁଁ ଏପର୍ଯ୍ୟନ୍ତ ବୁଝିପାରି ନାହିଁ) ଭନେ ଯେତେବେଳେ ଅନ୍ୟାୟ ଏକଦମ୍ ବଢ଼ିଯିବ, ସେତେବେଳେ ସବୁ ଶେଷ । ପୁଣି ଆରମ୍ଭ ।

ତା'ପରେ ବୁଢ଼ା ହଠାତ୍ ଚମକି ପଡ଼ି ମୁହଁରେ ଅଙ୍ଗୁଳିଦେଇ କହିଲା, ଚୁପ୍ ଚୁପ୍ ହୋଇ ଶୁଣନ୍ତୁ, ମା' ପଶ୍ଚିମା କୁହାଟୁଛନ୍ତି । ବୁଢ଼ା ସାଷ୍ଟାଙ୍ଗ ପ୍ରଣିପାତ କରି ପଡ଼ି ରହିଲା । କହିଲା, ରକ୍ଷାକର ମା ଏ ଗାଁକୁ······ରକ୍ଷା କର ମା ।

ମୁଁ କନ୍ତୁ କହୁ ଶୁଣିପାରିଲି ନାହିଁ । ଛଡ ମହାନ୍ତ ପିଣ୍ଡା ଆରପଟେ ବଶାଇଥିଲେ ଘାଟି କରିଲେ, କାହିଁକି ଟୋକେ ମିଛରେ କଳର ବଜର ହେଉଛ ? ସାହେବଙ୍କୁ ଶୋଇଦେଉ ନାହଁ । ଠାକୁରାଣୀଙ୍କ କୁହାଟ ଶୁଣୁଛ ଇସ୍ସ··· ଡ୍ୟାମ୍ ।

ମୁଁ ଭାବୁଛି, The fear of god is the beginning of knowlege ବଚନଟିର ତାତ୍ପର୍ଯ୍ୟ କଅଣ ? ହେଉଛି, କାହାର ଅଚ୍ଛିର ସମ୍ପର୍କ ନଥିବା ଭିତରର ନିଃସଙ୍ଗ ଏକା ମଣିଷଟି ଏବଂ ବନ୍ଧୁ ଅଛିତ ଅନୁଭବୁଥିବା ବାହାରର ସାମାଜିକ ମଣିଷଟି କଅଣ ପରସ୍ପର ବିରୋଧୀ ?

କାଠ ପଣ୍ଡା

ରେଳଗାଡ଼ିର ପ୍ରଥମ ଶ୍ରେଣୀରେ ଉଠି ଯାତ୍ରାକରିବା ମୋ ଜୀବନରେ ସେଇ ପ୍ରଥମ । ପିଲାବେଳୁ ବାପାଙ୍କ ସହିତ ଅନେକ ଥର ମୁଁ ରେଳଗାଡ଼ିରେ ଯାଇଛି; କିନ୍ତୁ ସବୁବେଳେ ତୃତୀୟ ଶ୍ରେଣୀରେ । ଠେଲି ପେଲି ମାଲପତ୍ର ଉଠାଇ ଆମେ ଉଠୁଁ ଏବଂ ଡବାଭିତରେ ଚୁଡ଼ାହୋଇ ଯାଉଁ । ଗୋଡ଼ ବନ୍ଧନରେ ଛୁଡ଼ା ହୋଇ ହୋଇ । ପ୍ରଥମ ଶ୍ରେଣୀ ଡବାର ଯାତ୍ରୀମାନଙ୍କୁ ମୁଁ ଭୟ ଓ ଆଶ୍ଚର୍ଯ୍ୟ ଭାବରେ ଚାହିଁ ରହୁଥାଏ କେବଳ । ଜୀବନରେ ଥରେ ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ସେତେବେଳେ ଥିଲା ମୋର ଗୋଟାଏ ଆଦର୍ଶ । ସରକାରୀ ଚାକିରି କରି ମଧ୍ୟ ବହୁତ ଦିନ ମୁଁ ପ୍ରଥମ ଶ୍ରେଣୀରେ ଯିବାର ଯୋଗ୍ୟ ହୋଇ ନ ଥିଲି ।

ଯେଉଁ ଦିନ ଯୋଗ୍ୟହେଲି, ତାହାର ଅଳ୍ପଦିନ ପରେ ବଦଳି ହେଲି ଅନ୍ୟ ଜାଗାକୁ । ପ୍ରଥମ ଶ୍ରେଣୀ ଟିକଟ ଯେତେବେଳେ କିଣିଲି, ସେତେବେଳେ ମନରେ ଗୋଟାଏ ଅଦ୍ଭୁତ ପୁଲକ ଓ ରୋମାଞ୍ଚ ଜାତହେଲା । ମନରେ ଭୟ ଓ ବାହାରେ ଗୋଟାଏ ବେପରୁଆ ଭାବ ଫୁଟାଇ ଉଠିଲି ପ୍ରଥମ ଶ୍ରେଣୀ ଭିତରକୁ । ମନରେ ଭୟ ଥାଏ, କିଏ ଜାଣେ ଟିକଟ ଥିଲେ ମଧ୍ୟ ମୋତେ କେହି ବାହାର କରିଦେଇ ପାରନ୍ତି, ହୁଏତ କୌଣସି ନିୟମ ଅନୁସାରେ । ଟିକଟ ନମ୍ବରଟି ଡାଇରିରେ ଟିପି ରଖିଲି, ସରକାରଙ୍କୁ ବିଲ୍ ଦେଲାବେଳେ ନମ୍ବରଟି ଦେବାକୁ ପ୍ରମାଣ ସ୍ୱରୂପ । ଅପମାନ ଲାଗିଲା ଅବଶ୍ୟ; କିନ୍ତୁ ଏ ଅପମାନ ଆମେ ନିଜେଇ ବରଣ କରିଛୁ । ତୃତୀୟ ଶ୍ରେଣୀରେ ଯାଇ ପ୍ରଥମ ଶ୍ରେଣୀର ଖର୍ଚ୍ଚ । ଆଦାୟ କରୁଥିବାରୁ ସରକାର ଏ ଅପମାନଜନକ ନିୟମ କରିଛନ୍ତି ।

ଧାନ ଡବାଟିଏ । ତଳେ ଗୋଟିଏ ବର୍ଥ୍ ଓ ତା' ଉପରକୁ ଗୋଟିଏ ବଙ୍କ୍ । ବଙ୍କ୍ ଉପରେ ଶୋଇ ଥାଆନ୍ତି ଜଣେ ଭଦ୍ରଲୋକ ଏବଂ ବର୍ଥ୍ ଉପରେ ମଧ୍ୟ । ସେମାନେ କଂଘାଡ଼ି ନାଦରେ ଶୋଇ ଥାଆନ୍ତି କି ଚେଇଁ ଶୋଇଥାନ୍ତି ଜାଣିବାର ଉପାୟ ନାହିଁ । ସେମାନଙ୍କୁ ଡାକିବାକୁ ସାହସ ହେଉନାହିଁ । ଛିଡ଼ା ହୋଇ ରହିଲି ମଝିବାଟରେ ।

ପର ଷ୍ଟେସନରେ ଉଠିଲେ ଜଣେ ଭଦ୍ରଲୋକ । ତାଙ୍କର ପୋଷାକ ପରିଚ୍ଛଦରୁ ସ୍ପଷ୍ଟ ମନେ ହେଉଥାଏ, ସେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ତାଙ୍କର ମାଲପତ୍ରରେ ମଧ୍ୟ ଲେଖା ତାଙ୍କର ନାମ ଓ ପଦବୀ । ଭଦ୍ରଲୋକ ମିଷ୍ଟର ଦାସ । ସେ ଉଠି କାହାରିକୁ କିଛି ନ କହି ବର୍ଥରେ ଶୋଇଥିବା ଭଦ୍ରଲୋକଙ୍କୁ ଆଦେଶଦେବା ଭଙ୍ଗୀରେ କହିଲେ, ହୁଁ, ଉଠନ୍ତୁ ଉଠନ୍ତୁ ।

ବର୍ଥର ଭଦ୍ରଲୋକ ଆଖି ମେଲି ଥରେ ଚାହିଁଲେ ସତ; କିନ୍ତୁ ଉଠନ୍ତୁ ଆଦେଶର କୌଣସି ପ୍ରତିକ୍ରିୟା ହୋଇଥିବା ଭଳି ଜଣାଗଲା ନାହିଁ । ମିଃ ଦାସ କହିଲେ, ଉଠନ୍ତୁ, ନ ହେଲେ ଆପଣଙ୍କୁ ଘୋଷାରି ମୋତେ ଉଠାଇବାକୁ ହେବ । ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି ବୋଲି ନିଉଟନ୍ ଯେଉଁ ପ୍ରାକୃତିକ ନିୟମ ଆବିଷ୍କାର କରିଥିଲେ, ବର୍ଥଶାୟିତ ଭଦ୍ରଲୋକ ତାହା ଭୁଲ୍ ବୋଲି ପ୍ରମାଣ-କଲେ ।

ମିଃ ଦାସ ଘୋଷାରି ଉଠାଇଦେବା ପାଇଁ ତାଙ୍କର ହାତ ସ୍ପର୍ଶ କଲେ । ସ୍ପର୍ଶ କରିଛନ୍ତି ମାତ୍ର । ତା'ପରେ··· ।

ପ୍ରଚଣ୍ଡ ପ୍ରତିକ୍ରିୟା !! ସାମାନ୍ୟ ଟିକିଏ ସୁଇଚ୍ ଟିପି ଯେମିତି ବିଦ୍ୟୁତ ଶକ୍ତିକୁ ମୁକ୍ତ କରାଯାଏ ସେମିତି । ଏଇ ଅଳ୍ପ ସମୟ ମଧ୍ୟରେ ସାମାନ୍ୟ କେତୋଟି କ୍ରିୟାର ଯେ ଏତେ ପ୍ରତିକ୍ରିୟା ସୃଷ୍ଟି ହୋଇ ସଞ୍ଚିତ ହୋଇଥିଲା ମୁଁ ଆଶା କରି ନ ଥିଲି ।

ଜ୍ୟାମୁକ୍ତ ଧନୁପରି ବର୍ଥଶାୟିତ ଭଦ୍ର ଲୋକ ଡେଇଁ ପଡ଼ିଲେ । ଧୀରେ ଗୋଟିଏ ସିଗାରେଟ ଲଗାଇ ଥରେ ଟାଣି ମୁହଁରୁ ଧୂଆଁ ବାହାରକଲେ କିଛିକ୍ଷଣ । ତା'ପରେ··· ।

ମୁଁ କେବଳ ଶୁଣିବାକୁ ପାଇଲି ଗୋଟାଏ ଶବ୍ଦ । ଗୋଟାଏ ଟିଣରେ କେତେଗୁଡ଼ାଏ ଗୋଡ଼ି ପୂରାଇ ହଲାଇଲେ ଯେମିତି ଶବ୍ଦ ବାହାରେ ସେମିତି । ମଝିରେ ମଝିରେ ଅବଶ୍ୟ ଗୋଟାଏ ଦୋଟାଏ ଇଂରାଜୀ କଥା କାନକୁ ଆସୁଥିଲା । କିନ୍ତୁ ସ୍ପୀକରର ଉଚ୍ଚାରଣକୁ ବୁଝି ପାରୁ ନ ଥିବାରୁ ଇଂରାଜୀ କଥା ସବୁ ଆଦୌ ବୁଝିପାରୁ ନଥିଲି ଏବଂ ସେ ଉଚ୍ଚାରଣକୁ ମଧ୍ୟ ମୁଁ କେବେହେଁ ପଢ଼ିନାହିଁ । କେବଳ ଶେଷକୁ ଶୁଣିଲି ସେ କହୁଛନ୍ତି, ଜାଣନ୍ତି ଆପଣ ମୁଁ କିଏ ? ମୁଁ ...... । ପଦଟିକି କହି ସେ ତା'ର ପ୍ରତିକ୍ରିୟା ଲକ୍ଷ୍ୟ କରିବାକୁ ନୀରବ ହେଲେ ।

ମୁଁ ଚମକି ପଡ଼ିଲି ସେ ପଦଟି ଶୁଣି । ଭାବିଲି ପର ଷ୍ଟେସନରେ ଓହ୍ଲାଇଯିବି ମୋର ଟିକେ ପରିଚିତ ତୃତୀୟ ଶ୍ରେଣୀ ଡବାକୁ; କିନ୍ତୁ ଏଇ ସୁବିଧାରେ ଦରକାରବେଳେ କାମରେ ଆସିବ । ନିୟମାନୁସାରେ ଟିକିଏ ଖୋସାମଦ କରିବାର ମଧ୍ୟ ଲୋଭ ହେଲା; କିନ୍ତୁ ପୁଣି ସେତିକି କରିବାକୁ ମଧ୍ୟ ଭୟ ହେଲା ।

ମିଃ ଦାସ କିନ୍ତୁ ସେ ପଦଟା ଶୁଣି ହସିଲେ । ଗମ୍ଭୀର ସ୍ୱରରେ କହିଲେ, ଆପଣ ଜାଣନ୍ତି ମୁଁ କିଏ ? ମୁଁ...... ।

ସେ ପଦଟା ଶୁଣି ମୋର ହୃତ୍କମ୍ପ ଜାତହେଲା । ମନେହେଲା ଭାଗ୍ୟ ଖରାପ ଯୋଗରେ ମୁଁ ଯାତ୍ରା ଆରମ୍ଭକରିଛି ।

ଦୀର୍ଘଶାୟିତ ଭଦ୍ରଲୋକ ସିଗାରେଟରେ ଗୋଟିଏ ଘଞ୍ଚ ଶୋଷଣ ହେବା ପରେ କହିଲେ, ଶ୍ରେଃ ଏଇଥି ପାଇଁ ଏତେ । ସରକାରର ଗୋଟାଏ ନଗଣ୍ୟ ବିଭାଗ, ତାହାର ପୁଣି···ଆପଣ ! ମୋତେ ହସେଇଲେ ଆପଣ ! ଭଦ୍ରଲୋକ କିନ୍ତୁ ହସିଲେ ନାହିଁ, ରୋଷକଷାୟିତ ନେତ୍ରରେ ଚାହିଁ ରହିଲେ ।

ଓଃହୋ, ଉଷୁଣିଆ ବିଭାଗରେ ଚାକିରି ବୋଲି ଏତେ ତେଜ ଆପଣଙ୍କର ନା ? ମିଃ ଦାସ କହିଲେ ।

ତା'ପରେ ବ୍ୟକ୍ତିର ବଡ଼ମାନରୁ ବିଭାଗର ବଡ଼ମାନକୁ ପ୍ରବେଶକଲା ଦୁହିଁଙ୍କ ମଧ୍ୟରେ କଳହ ।

ସେ ବିଷୟରେ କୌଣସି ସିଦ୍ଧାନ୍ତ ହେବା ପୂର୍ବରୁ (ଅବଶ୍ୟ କୌଣସି ସିଦ୍ଧାନ୍ତ ପାଇଁ ସେମାନେ ବ୍ୟଗ୍ର କରୁ ନ ଥିଲେ ।) କଳହ ପ୍ରବେଶ କଲା

ପ୍ରଦେଶର ବଡ଼ମାଷ୍ଟରଙ୍କୁ (ଅର୍ଥଶାସ୍ତ୍ରିତ ଉତ୍କଳୀୟ ଓ ମିଃ ଦାସ ଭିନ୍ନ ଭିନ୍ନ ପ୍ରଦେଶର ଲୋକ ।) ଏହି ସ୍ତରରେ ପହଞ୍ଚିବା ପରେ ବିବାଦ ଅଙ୍କ ମୌଳିକ ନ ରହି ଶାରୀରିକ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା । ମିଃ ଦାସ ଚୌକିଟିଏ ସିଟ ବେଠ ଲଗାଇବାକୁ ଯାଉଥିଲେ । ତାଙ୍କୁ ରୋକିଦେଇ ଟେବିଲ କ୍ଲଥ ବାହାର କରି ସେଥିରେ ଅଗ୍ନି ସଂଯୋଗ କରି ଅଗ୍ରସର ହେଲେ ଉତ୍କଳୀୟ ମୂର୍ତ୍ତି ଧରି ।

ମୁଁ ତ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡ଼ାହୋଇ ରହିଲି । ଥରେ ଭାବିଲି ଜୀବନ ଦର୍ଶନ ବୁଝାଇ ଏମାନଙ୍କୁ ଶାନ୍ତ କରିବି । ଆରମ୍ଭ କଲି, ପରମେଶ୍ୱରଙ୍କ ସୃଷ୍ଟିରେ··· । ମୋର ଓ: ପ୍ରା: ସ୍କୁଲରେ ପଢ଼ିବା ସମୟରେ ହେଡ଼ପଣ୍ଡିତ ମହାଶୟ ଶିଖାଉଥିଲେ, ଯେ କୌଣସି ରଚନା, ଗାଈ ହେଉ ବା ଦେଶ ହେଉ ବା ପୋଷ୍ଟଗଣ୍ଡ ହେଉ ବା ଗ୍ରୀଷ୍ମ ଋତୁ ହେଉ, ଆରମ୍ଭ କରିବା ସମୟରେ ଉପକ୍ରମଣିକାରେ ପରମେଶ୍ୱରଙ୍କଠାରୁ ଆରମ୍ଭ କରିବ ଏବଂ ତା'ର ଯେଉଁ ଫର୍ମୁଲା ସେ କରି ଦେଇଥିଲେ, ସେଇ ଫର୍ମୁଲା ଅନୁସାରେ ଆରମ୍ଭ କଲି ।

କିନ୍ତୁ "ପରମେଶ୍ୱର" ଶୁଣିବା ମାତ୍ରକେ ଦୁଇଜଣଯାକ କହି ଉଠିଲେ, ଷ୍ଟପ୍ ଦ୍ୟାଟ ନନ୍‌ସେନ୍‌ସ । "କୃଷ୍ଣ ନାମ ଆଜଠାରୁ ମୋ ଶ୍ରବଣେ ନ ଶୁଣାଇବଟି କେହି ଗୋ" ଭଙ୍ଗୀରେ ନୁହେଁ, ତୀବ୍ର ଘୃଣାରେ ଉତ୍‌କ୍ଷିପ୍ତ ହୋଇ ।

ମନେ ମନେ ଦୁହିଁଙ୍କୁ "ପାଷାଣ୍ଡ" କହି ଝରକା ବାହାରେ ଅପସୃତ ଦିଗକୁ ପ୍ରବାହମାନା ପୃଥିବୀର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚେଷ୍ଟା କଲି । କିଆରି ସବୁ, ଧାନଗଛ, ପୋଖରୀ, ତାଳ ଗଛ, ପାହାଡ଼ ସବୁ ଗୋଟିଏ ସ୍ରୋତରେ ପଡ଼ି ଦଉଡ଼ିଛନ୍ତି ଅପସୃତ ଦିଗକୁ ।

ସେମାନଙ୍କର କଳହ ସେତେବେଳେ ଗଜମାଣ୍ଡସ୍ତରକୁ ପ୍ରବେଶ କରିଥାଏ । କାରଣ ସେମାନଙ୍କ ପୃଷ୍ଠପୋଷକ ମନ୍ତ୍ରୀମାନେ ସେତେବେଳେ [illegible] ହୋଇ ସାରିଲେଣି । ମଝିରେ ମଝିରେ ରେଳଗାଡ଼ି ଝନ୍‌ଝନ୍ ଶବ୍ଦରେ କମ୍ପି ଉଠୁଥାଏ । ସେମାନେ ମଧ୍ୟ କମ୍ପି ଉଠୁଥାଆନ୍ତି ତା' ସହିତ । କଣେଇ ଦେଖିଲି ଦୁଇ ଦିଗରୁ ଦୁଇ ହଳ ହାତ ପରସ୍ପରର ନାକ ପର୍ଯ୍ୟନ୍ତ ଯାଉଥାଏ ଓ ଫେରୁଥାଏ । ଅବଶ୍ୟ ନିଃଶବ୍ଦରେ । ଡର ମାଡ଼ୁଥାଏ; କିନ୍ତୁ ଭାରି ମଜା ବି ଲାଗୁଥାଏ ।

ରେଳଗାଡ଼ିର ଗତି ଧୀରେ ଧୀରେ କମିଆସିଲା ।

ମିଃ ଦାସ ଯେଉଁ ଆଜ ବଜାରଦରରେ ନ ମାନି ଅନ୍ୟର ବଛଣା ବର୍ଥ୍‌ର ଅଧିକାରୁ ଉଠାଇ ଦେଇ ନିଜ ବିଛଣା ପକାଇ ଦେଇ କୋଣ ପଡ଼ିଲେ । ଅନ୍ୟ ଜଣକ ଏଥିରେ ଆପତ୍ତି ନ କରି ନୀରବ ରହିଲେ । ହଠାତ୍ ଏ ପରିବର୍ତ୍ତନର କାରଣ ନ ବୁଝିପାରିଲେ ମଧ୍ୟ ଆଶ୍ୱସ୍ତ ହେଲି ।

ପାନ୍, ବିଡ଼ି, ସିଗାରେଟ୍...

ଲଞ୍ଚ ପ୍ଲାଟ୍...ସାର୍ ?

ନୋଃ ।

ସେ ଷ୍ଟେସନରେ ଉଠିଲେ ଜଣେ ପ୍ରୌଢ଼ ଭଦ୍ରଲୋକ । ଦୁଗ୍ଧ ଧବଳ ଧୋତି, ପଞ୍ଜାବି ଓ ଚଦର ପିନ୍ଧା ସୁନ୍ଦର ମୂର୍ତ୍ତିଟିଏ । ସ୍ନିଗ୍ଧ ହସ । ଦେଖିବା ମାତ୍ରକେ ଭକ୍ତି ଜାତହେଲା ।

ଭଦ୍ରଲୋକ ଥରେ ମୁରୁକି ହସି ଚାରିଆଡ଼କୁ ଚାହିଁଲେ । ତା'ପରେ ନୀରବରେ ମୋ ପାଖରେ ଛିଡ଼ା ହୋଇ ରହିଲେ । କିଛିକ୍ଷଣ ପରେ ଗୁଣୁ ଗୁଣୁ କରି ସୁନ୍ଦର ସ୍ୱରରେ ଗାଇବାକୁ ଲାଗିଲେ ଗୀତାର ଗୋଟିଏ ଶ୍ଳୋକ ।

ଗୀତାର ଶ୍ଳୋକ ଶୁଣି ମୋର ଭକ୍ତି ଆହୁରି ବଢ଼ିଗଲା ।

ଝ୍...ଅ...ଅ...ଅ...କ୍, ଜସ୍ ଜସ୍ ଜସ୍...

ତା'ପରେ ଝଅ ଅକ୍ ଜସ୍ ଜସ୍ ଜସ୍...

ତା'ପରେ ଝକ୍ ଜସ୍ ଜସ୍

ତା'ପରେ ଧପ୍ ଧପ୍ ଧପ୍, ଝଣ ଝଣ ଝଣ ଧପ୍ ଧପ ଧପ୍ ଧପ ଧପ ଧପ...(ଦ୍ରୁତ ତାଳରେ)

ଗାଡ଼ି ପୁଣି ଚାଲିବାକୁ ଆରମ୍ଭ କଲା ଅଦ୍ଭୁତ ଭାଷାରେ ସଙ୍ଗୀତ ଗାଇ । ଗୀତା ଶ୍ଳୋକ ଶୁଣିବା ପରେ ମୋର ମନ ଦାର୍ଶନିକ ଚିନ୍ତାରେ ଭରି ଉଠିଥିଲା । ମନେ ମନେ ଭାବିଲି, ଗାଡ଼ିର ଏ କଅଣ ଭାଷା ନୁହେଁ ? କି ଭାଷା ଏ ? ବାହାରିକୁ ଅନାଇ ରହି ଭାବିବାକୁ ଲାଗିଲି...

···କୋଟି କୋଟି ସୂର୍ଯ୍ୟ ଘୂରି ବୁଲୁଛନ୍ତି (କାହାକୁ କେନ୍ଦ୍ର କରି ?)। ପୁଣି ଗୋଟିଏ ଗୋଟିଏ ସୂର୍ଯ୍ୟ ଚାରିପଟେ ଅସଂଖ୍ୟ ଗ୍ରହ ତାରା ବୁଲୁଛନ୍ତି। ସେମିତି ଗୋଟିଏ ସୂର୍ଯ୍ୟ ଚାରିପଟେ ବୁଲୁଛି ଆମ ମୃତ୍ତିକା, ମହାଶୂନ୍ୟରେ, ମହାକାଳରେ କୋଟି କୋଟି ବର୍ଷ ଧରି ! ସେଥିରେ ପୁଣି କେତେ ଦେଶ ଭିତରୁ ଆମ ଦେଶ। ସେଥିରେ ଆମ ପ୍ରଦେଶ, ସେଥିରେ ଗୋଟିଏ ସ୍ଥାନ, ସେ ସ୍ଥାନରେ ଗୋଟିଏ ରେଳଗାଡ଼ି, ସେ ଗାଡ଼ିରେ ଗୋଟିଏ ଡବା, ସେ ଡବାରେ କେତୋଟି ପ୍ରାଣୀ ଅମ୍ଳ ଗାଳିମାରେ ବ୍ୟାପୃତ।

ଝିକ୍ ଝିକ୍ ଝିକ୍, ଢାଃ ଢାଃ ଢାଃ···ରେଳଗାଡ଼ି ଚଳି ପଡ଼ିଲା।

କିଛିକ୍ଷଣ ପରେ ଡବା ଭିତରକୁ ଦୃଷ୍ଟି ଫେରିବାରୁ ଦେଖିଲି ଏକ ଅଦ୍ଭୁତ ଦୃଶ୍ୟ !

ନବାଗତ ବର୍ଣ୍ଣିତ ଭଦ୍ରଲୋକଙ୍କ ଗୋଡ ଘଷି ଦେଉଛନ୍ତି !!

ଭକ୍ତିରେ ମୁଣ୍ଡ ନଇଁଗଲା।

ବର୍ଣ୍ଣିତ ଭଦ୍ରଲୋକ କିଛିକ୍ଷଣ ଶୋଇ ରହିଲେ ଏବଂ ଆରାମ ଲାଗିବାରୁ ଅନ୍ୟ ଗୋଡ଼ଟି ବଢ଼ାଇ ଦେଇ, କଡ଼ ମୋଡ଼ି ଶୋଇଲେ। କିଛିକ୍ଷଣ ପରେ କିନ୍ତୁ ହଠାତ୍ ଚମକି ପଡ଼ି ସେ ଉଠି ବସି ଆଶ୍ଚର୍ଯ୍ୟ ଭାବରେ ଦୁହିଁ ଗୋଡ଼ ଉଠାଇ ନେଇ ନମସ୍କାର କରି କହିଲେ, ଏ କଅଣ କରୁଛନ୍ତି ଆପଣ ?

ନବାଗତ ବ୍ୟସ୍ତ ହୋଇ କହିଲେ, ଆ ହା ହା, ନା ନା ନା, ଆପଣ ଶୋଇ ରହନ୍ତୁ, ମୁଁ ଗୋଡ଼ ଘଷି ଦେଇ ଆପଣଙ୍କର ସେବା କରେ। ସେ ସୁଯୋଗ ମୋତେ ଦଅନ୍ତୁ ଆପଣ।

ନା, ନା, ନା ··

ହିଁ ହିଁ ହିଁ···

ତା'ପରେ ସେଇ ପ୍ରଶ୍ନ, ଆପଣ କିଏ ?

କଅଣ ମିଳିବ ମୋର ପରିଚୟରୁ, ନବାଗତ ସବିନୟେ କହିଲେ।

ଆପଣଙ୍କର ପରିଚୟ ପାଇବାକୁ ମନ ବ୍ୟାକୁଳ ହେଉଛି, କରୁଣମିନତି ବର୍ଣ୍ଣିତ ଭଦ୍ରଲୋକଙ୍କର। ମୁଁ ମଧ୍ୟ ମନେ ମନେ ସେ ମିନତିରେ- ଯୋଗଦେଲି।

ମୁଁ ଦେଖୁଛି…

ମୁଁ ଶୁଣିଲି ଚମକିତ ହୋଇ ଯେ ସେ ନା' ସ୍ୱାମୀ । ଏଇ ଦେଶର ସୁନାମଧନ୍ୟ… । ଯାହାଙ୍କର ଦର୍ଶନ ବିଷୟକ ପ୍ରବନ୍ଧଗୁଡ଼ିକ ସାରା ପୃଥିବୀରେ ଖ୍ୟାତି ଅର୍ଜନ କରିଛି ! ଧନ୍ୟ ମୋର ଆଜିର ଯାତ୍ରା !!

ବର୍ଥସ୍ଥ ଭଦ୍ରଲୋକ ଏଥର ବ୍ୟସ୍ତ ଭାବରେ ଉଠିଆସି ସେହି ନବାଗତଙ୍କର ଚରଣ ସ୍ପର୍ଶ କଲେ ।

ତା'ପରେ, ସେ ବର୍ଥରୁ ନିଜର ବିଛଣା ଉଠାଇ ନେଇ ତଳେ ଥୋଇ ଦେଇ, ନବାଗତଙ୍କର ବିଛଣା ନେଇ ସଯତ୍ନେ ବର୍ଥ ଉପରେ ବିଛାଇଦେଲେ ଏବଂ ନବାଗତଙ୍କୁ ଅତି ବିନମ୍ରର ସହିତ ଅନୁରୋଧ କଲେ ବର୍ଥ୍ ଉପରେ ଶୋଇବାକୁ ।

ନବାଗତ ସଜ୍ଜନ ଅନୁରୋଧ ଏଡ଼ି ନ ପାରି ଉଠି ଶୋଇଲେ ଓ ନାନା ଶ୍ଳୋକ ଗାଇବାକୁ ଲାଗିଲେ । ମଝିରେ ମଝିରେ ତା'ର ଅର୍ଥ ବୁଝାଇବାକୁ ଯାଇ ସେ ନିଜ ଦେଶର ଦୁରବସ୍ଥା ପ୍ରତି କଟୁ ମନ୍ତବ୍ୟ ଓ ଅନ୍ୟ ଦେଶର ସାଧୁତାର ପ୍ରଶଂସା କରିବାକୁ ଲାଗିଲେ । ସେଥିରେ ତାଙ୍କ ପ୍ରତି ମୋର ସମ୍ମାନ ଆହୁରି ବଢ଼ିଗଲା ।

କିଛିକ୍ଷଣ ପରେ…

ନବାଗତ ପୌଢ଼ ଭଦ୍ରଲୋକ ସୁଖ ନିଦ୍ରାରେ ଘୁଙ୍ଗୁଡ଼ି ମାରୁଛନ୍ତି । ବର୍ଥ୍ ଉପରେ ଦୁଇ ପ୍ରବାସୀ ମଧ୍ୟ ପରସ୍ପର ଆଡ଼କୁ ମୁଣ୍ଡ କରି ଶୋଇଛନ୍ତି । ବର୍ଥସ୍ଥ ଭଦ୍ରଲୋକ ଡବାଟିର ଚଟାଣ ଉପରେ ବିଛଣା ପାରି ଶୋଇଲେଣି । ମୁଁ ଦ୍ୟାପ ଛିଡ଼ାହୋଇ ରହିଛି । ଗୋଡ଼ ବିନ୍ଧୁଛି ଅନେକ ବେଳ ଛିଡ଼ାହୋଇ ରହିଥିବାରୁ ।

●

ନିମନ୍ତ୍ରଣ

ଚିଠି ଚନ୍ଦ୍ର ନେଲା !

ରବୀନ୍ଦ୍ର ଚିଠିଟି ରେଣୁ ହାତକୁ ବଢ଼ାଇ ଦେଲେ । ରେଣୁ ଚିଠିଟି ପଢ଼ି ମୁଣ୍ଡରେ ହାତ ଦେଇ ଚୌକିଟିରେ ବସି ପଡ଼ିଲେ ଏବଂ ଆଗେ ଆଗେ ଚମକ ଉଠି-ପଡ଼ିଲେ । ଗୋଟିଏ ବଡ଼ ଦୁର୍ଘଟଣାରୁ ସେ ଅଳ୍ପକେ ବଞ୍ଚିଲେ । ଘରେ ଏହି ଗୋଟିଏ ମାତ୍ର ଚୌକି । ବହୁଦିନ ଧରି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବିରୁଦ୍ଧରେ ଯୁଦ୍ଧ କରି ସେ କ୍ଷତ ବିକ୍ଷତ । ସେ ଆଜି ମନୁଷ୍ୟକୁ ପୃଥିବୀର ସେ ଅଦୃଶ୍ୟ ଶକ୍ତିରୁ ବଞ୍ଚାଇ ରଖି ଆରାମ ଦେବାକୁ ନାରାଜ । ଜାଣେଣି କାହାପାଇଁ ବ୍ୟବହାର କଲେ ଅଧିକତର ଲାଭପ୍ରଦ ଏବଂ ନିରାପଦ ହୁଅନ୍ତା; କିନ୍ତୁ ଘରେ ଚୌକି ଥିବାର ଯେଉଁ ଗର୍ବ ବା ସନ୍ତୋଷ ସେ ରେଣୁକୁ ଦେଉଛି, ତାହା ଯେ କୌଣସି ଚୌକିଦାରର ଗର୍ବ ବା ସନ୍ତୋଷଠାରୁ ଊଣା ନୁହେଁ । ଏହି ଟିକିଏ ମାନସିକ ଦୁର୍ବଳତା ପାଇଁ ରେଣୁ ବହୁ କଷ୍ଟରେ ଯୋଡ଼ାଯାଡ଼ି କରି ଚୌକିର ଚୌକିତ୍ୱ ବଜାଏ ରଖିଛି । ବସିବାକୁ ଗଲେ ପ୍ରଥମେ ଖୁବ ମନୋଯୋଗ ସହ ଚୌକିର ତତ୍କାଳୀନ ଶାରୀରିକ ଅବସ୍ଥା ପରୀକ୍ଷା କରି ଅତି ସନ୍ତର୍ପଣରେ ଶରୀର ଭାରର କେତେକ ଅଂଶମାତ୍ର ରଖିବାକୁ ହୁଏ । ରେଣୁ ଚିଠିଟି ପଢ଼ି ହଠାତ୍ ଦୁର୍ଭାବନାରେ ସବୁ ଭୁଲି ଯାଇଥିଲେ ।

ଚିଠିଟି ଆସିଛି ତାର ସାନ ଭଉଣୀ ମଲ୍ଲିକା ପାଖରୁ । ଭଉଣୀ ବିବାହ କରିଛି ଖୁବ ଧନୀ ଘରେ । ତାର ସ୍ୱାମୀ ଧନଞ୍ଜୟ ବାବୁ ଧନୀର ଏକମାତ୍ର ପୁତ୍ର ଏବଂ ଉଚ୍ଚପଦସ୍ଥ କର୍ମଚାରୀ ମଧ୍ୟ । ବିବାହ ବାର୍ଷିକରେ ମଲ୍ଲିକା ରେଣୁ ଓ ରବୀନ୍ଦ୍ରକୁ ନିମନ୍ତ୍ରଣ ପଠାଇଛି । ଖାଲି ନିମନ୍ତ୍ରଣ ନୁହେଁ, ବହୁ ଅନୁନୟ ବିନୟ କରି ଯିବାକୁ ମଧ୍ୟ ଲେଖିଛି । ଏହା ପୂର୍ବରୁ ସେମାନେ ଅନେକ ଥର ନିମନ୍ତ୍ରଣ ପାଇଅଛନ୍ତି । ଆନନ୍ଦ ପରିବର୍ତ୍ତେ ଏ ନିମନ୍ତ୍ରଣ ଦେଇଛି ମାନସିକ ଯାତନା । ପ୍ରତ୍ୟେକ ଥର ବହୁ

ଆଲୋଚନା ପରେ ଗୋଟିଏ ବିଶ୍ୱାସଯୋଗ୍ୟ କାରଣ ଦର୍ଶାଇ ମାନସିକ ଯାତନା ଏଡ଼ାଇ ନ ପାରିଲେ ମଧ୍ୟ ନିମନ୍ତ୍ରଣ ଏଡ଼ାଇବାକୁ ସମର୍ଥ ହୋଇଛନ୍ତି । ସେଥିର ଅଧିକ ଦୁଶ୍ଚିନ୍ତାର କାରଣ ହୋଇଛି ଧନଞ୍ଜୟ ବାବୁ କିଛିଦିନ ପରେ ନିଜେ ମଟର ନେଇ ଆସିବେ ନେବାକୁ । ରବୀନ୍ଦ୍ର ଓ ରେଣୁ ଥାଆନ୍ତି ତେଲଙ୍ଗା ବଜାରର ଗୋଟିଏ ସଂକୀର୍ଣ୍ଣ ଗଳିର ଶେଷ ମୁଣ୍ଡରେ, ଗୋଟିଏ କ୍ଷୁଦ୍ର ଘର ଭଡ଼ା ନେଇ । ଘରର କ୍ଷୁଦ୍ରତା, ଗଳିର ସଂକୀର୍ଣ୍ଣତା ବା ସ୍ଥାନଟିର ଅସ୍ୱାସ୍ଥ୍ୟକାରିତା ସହିତ ଘର ଭିତର କୌଣସି ସଂପର୍କ ଘରର ମାଲିକ ରଖିନାହିଁ । ଧନଞ୍ଜୟ ବାବୁ ଥାଆନ୍ତି ଚୌଧୁରୀ ବଜାରରେ ନିଜର ପ୍ରାସାଦୋପମ ଅଟ୍ଟାଳିକାରେ ।

ରେଣୁ ଚୌକିର ପ୍ରତ୍ୟାଖ୍ୟାନ ଗୌରବରେ ସହ୍ୟ କରି ପାରିଲାନାହିଁ । କ୍ଷଣ ପରରେ ସେ ଚୌକିକୁ ଟେକିଏ ଗୋଇଠା ମାରିବାକୁ ଯାଉଥିଲା । ରବୀନ୍ଦ୍ର ଆତଙ୍କିତ ହୋଇ ତାକୁ କୋଳକୁ ଭିଡ଼ିନେଇ କହିଲା, ଏହିକ୍ଷଣି ସେମାନେ ଆସି ପହଞ୍ଚିବେ ଯେ । ବସିବାକୁ ଦେବ କଅଣ ? ଅଗତ୍ୟା ରେଣୁ ମୁଣ୍ଡରେ ହାତ ଦେଇ ତଳେ ବସି ପଡ଼ି କହିଲା, 'ଟିକିଏ ଆରାମ କରି ଦୁଶ୍ଚିନ୍ତା କରିବାର ଉପାୟ ନାହିଁ ଏ ଘରେ । ହେ ଭଗବାନ୍ ··କାହିଁକି···ଛୁ । ଅନେକ କ୍ଷଣପରେ ରବୀନ୍ଦ୍ରକୁ ସେ ପୁଣି କହିଲା, ଅଉ ଭାବୁଚ କଅଣ । ବସା ଛାଡ଼ି ପଳାଇଯିବା ଛଡ଼ା ଆଉ ଉପାୟ ନାହିଁ; କିନ୍ତୁ ସେଥର ଧନଞ୍ଜୟ ବାବୁଙ୍କ ଘରକୁ ଏହିପରି ପଳାଇ ଯାଇ ଯେତେ ଖର୍ଚ୍ଚ ହେଲା ଏବଂ ଯାହା ଅପମାନ ପାଇଲି ତ ଜାଣ । କଅଣ କରିବ କହ । ଆଉ ସମୟ ନାହିଁ ଯେ ।

ରବୀନ୍ଦ୍ର ହସି କହିଲା, ମୁଁ କହେ, କାହିଁକି ? ଏତେ ଲଜ୍ଜା କାହିଁକି ? ହୁଅନ୍ତୁ ନା ସେ ଧନୀ । ନିଜର ଅବସ୍ଥା ପ୍ରତି ଏତେ ଘୃଣା କାହିଁକି । ମୁଁ କହୁଚି, ଚାଲ ଏଥର ଯିବା । ତୁମର ଏ ଦୁର୍ବଳତା କେବଳ ନିଜକୁ ପୋଡ଼ୁଛି ସିନା କାହାରି କିଛି କ୍ଷତି କରୁ ନାହିଁ । ଧନୀମାନେ ତ ଶୋଷକ ।

ଉଚ୍ଚ ସ୍ୱରରେ ରେଣୁ କହିଲା, 'ତୁମର ସାମ୍ୟବାଦ ଝଷପ୍ଟରେ ବକ୍ତୃତା ରଖ ।'

ମ୍ଳାନ ସ୍ୱରରେ ରବୀନ୍ଦ୍ର କହିଲା, ରାଣି ! ତମେ ବୁଝିବ ନାହିଁ ପୁଞ୍ଜିବାଦ ଉପରେ ସୁଶୃଙ୍ଖଳ ଭାବରେ ଖାଲି ଦୁନିଆର ଦାରିଦ୍ର୍ୟ ବଢ଼ାଉ ନାହିଁ, ଦରିଦ୍ରର

ଲୋଭ ମୋତେ କଢ଼ାଇ ତାର ଆତ୍ମାକୁ ମଧ୍ୟ ମାରିଦେଇଛି । ଏ ସଭ୍ୟତାର ଏହା ହିଁ ସବୁଠାରୁ ପୀଡ଼ାଦାୟକ । ଏ ଦୁର୍ବଳତାକୁ ତୁମେ କଢ଼ିବାକୁ ଦେଉନାହିଁ । ରେଣୁର ହାତ ଧରି ସେ ଉଠାଇ ହସି କହିଲା, କ୍ଷୁଦ୍ର ହୃଦୟଦୌର୍ବଲ୍ୟମ୍···

ରେଣୁ ବିଦ୍ରୂପର ହସ ହସି ଗାଇଲା, ମୋ ହାତ ଧରି ତୁମେ ନେଇ ଚାଲ ସଖା ମୁହିଁ ଯେ ପଥ ଚିହ୍ନେ ନା···କିନ୍ତୁ ଲୁଚ !!! ରେଣୁ ପୁଣି ମୁଣ୍ଡରେ ହାତ ଦେଇ ବସି ପଡ଼ିଲା ।

କାହିଁକି ତୁମର ସେହି ସଫା ଶାଢ଼ୀ, ଯାହାକୁ ପିନ୍ଧିଲେ ତୁମକୁ···

—ହୁଏତ ଅପ୍ରଶସ୍ତ ଭଲ ହୁଏ; କିନ୍ତୁ ଏପରି ଶାଢ଼ୀ ତ ମଲ୍ଲିକାର ଦାସୀମାନେ ବି ପିନ୍ଧନ୍ତି ନାହିଁ ।

—ଧନଲୋକ ଏବଂ ତାଙ୍କର ଦାସୀ ବୃନ୍ଦର କପଡ଼ା ଶାଢ଼ୀ ଲୁଗା ପିନ୍ଧନ୍ତି, ତାହା ଅନୁସନ୍ଧାନ କରି ସେହି ଅନୁସାରେ ନିଜର ଶାଢ଼ୀ ଲୁଗାରେ ଖର୍ଚ୍ଚ କରିବ ନା କଅଣ ! ରେଣୁ ଆଉ ସମ୍ଭାଳି ପାରିଲା ନାହିଁ । ତା ଆଖିରୁ ଅଶ୍ରୁ ଆବରଳ ଝରିବାକୁ ଲାଗିଲା । ରବୀନ୍ଦ୍ର ଗୋଟିଏ ଚୁମ୍ବନ ଦେବାକୁ ଯାଉଥିଲା । ରେଣୁ ଠେଲିଦେଇ କହିଲା, କାହିଁକି ଯେ ବାପା ମୋ ବେକରେ ପଥର ବାନ୍ଧିଲେ; କି ସୁଖ ମୁଁ ପାଉଛି···ଖାଲି ଦର୍ଶନ ଶୁଣୁଥିବ···

ରବୀନ୍ଦ୍ରକୁ ଏପରି ଅନେକ ଥର ଶୁଣିବାକୁ ହୋଇଛି । ଷାଠିଏଟି ଟଙ୍କାର କିରାଣୀ ସେ । ରେଣୁର ଆଶାନୁରୂପ ବ୍ୟୟ କରିବାକୁ ଗଲେ ଆୟ ଅନ୍ତତଃ ବୃତ୍ତିଅଙ୍କ ବର୍ଦ୍ଧିତ ହେବା ଦରକାର । ପିଲା ପଢ଼ାଇ ଓ ଅନ୍ୟାନ୍ୟ ନାନା ଉପାୟ କରି ସୁଦ୍ଧା ରବୀନ୍ଦ୍ର ଆୟ ମାସକୁ ତିନି ଅଙ୍କକୁ ଅଣିପାରେନାହିଁ । ତାର ସମସ୍ତ ଆୟ ରେଣୁର ମନ ମୁତାବକ ଖଣ୍ଡେ ଶାଢ଼ୀକୁ ନଅଣ୍ଟ । ରେଣୁର କଥାରେ ଅଘାତ ପାଇଲେ ବି ରବୀନ୍ଦ୍ର ହସି କହିଲା, ନାରୀର ଯୌନ ପ୍ରକୃତି ତାର ସମସ୍ତ ଦେହ ଓ ମନରେ ବିକ୍ଷିପ୍ତ । ସାମାନ୍ୟ ଗୋଟାଏ ଉପହାର, ଟିକିଏ ଭଲ କଥାରେ ମଧ୍ୟ ତାର ଯୌନ ପ୍ରବୃତ୍ତି ଚରିତାର୍ଥ ହୁଏ । ତୁମର ଆଶା ଓ ଆକାଂକ୍ଷା ମୁଁ ପୂରଣ କରିପାରୁନାହିଁ । ମୁଁ ପରାଜୟ ସ୍ୱୀକାର କରୁଛି । ମୁଁ ବୁଝିପାରୁଛି ଏହିପରି ହତାଶାରେ କେତେଦିନ ରହିଲେ, ତୁମେ ହଠାତ୍ ପାଗଳ ହୋଇଯିବ । ଏହାର

କାରଣ ଲୋକେ ତାହା ଭାବନ୍ତୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି; କିନ୍ତୁ ଉପାୟ କଅଣ ।

ତେବେ ବିବାହ କଲ କାହିଁକି ? ରେଣୁ ତାର ସ୍ୱରରେ ବିସ୍ମୟ ମିଶାଇ କହିଲା ।

କିନ୍ତୁ ସେତିକିବେଳେ ଜୀବନରେ ତୁମର ଓ ମୋର ଗଜ ଯୋଡ଼କ ହେଉଥିଲା । ତୁମର ବାପା ଜିଦ୍‌ଧରି ବସିଲେ ଏ ବିବାହ ପାଇଁ—ମୋର ବୋଉ ଆପତ୍ତି କଲେ ।

—କାହିଁକି ତୁମର ଆପତ୍ତି ଥିଲା ଶୁଣେ ?

—ତୁମରି ଆକାଂକ୍ଷା ସହିତ ମୋର କ୍ଷମତା ଖାପ ଖାଇବ କି ନା ମୋର ଯଥେଷ୍ଟ ସନ୍ଦେହ ଥିଲା ।

—ସନ୍ଦେହ ଯଦି ଥିଲା, ତେବେ ଦୃଢ଼ କରି ବିବାହ ନ କରିବା ଉଚିତ ଥିଲା ।

—କିନ୍ତୁ ସୌଭାଗ୍ୟ ବା ଦୁର୍ଭାଗ୍ୟରୁ ତୁମକୁ ଯେଉଁଦିନ ଦେଖି ଭଲପାଇଲି ଏବଂ ପ୍ରଥମ ଦେଖାରେହିଁ···ବାସ୍ । ମନର ସେହି ଦୁର୍ବଳ ଅବସ୍ଥାରେ ମୋର କ୍ଷମତାକୁ ମୁଁ ବହୁଗୁଣ କରି ଦେଖିଲି । ମୋର କ୍ଷମତା ଅବଶ୍ୟ ଅନେକ ଗୁଣ ବଢ଼ିଛି; କାରଣ ମୁଁ ବର୍ତ୍ତମାନ ଲେଖକ···ଯାହା ହେବା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି···କିନ୍ତୁ··· ସେ କଥା ବର୍ତ୍ତମାନ ଥାଉ । ସେମାନେ ବର୍ତ୍ତମାନ ଆସିଯିବେ । ମୋ କଥା ମାନ । ନିଜର ପରିଚୟ ଓ ସୌନ୍ଦର୍ଯ୍ୟକୁ ଶାଢ଼ୀରେ ରଖନା । ମୟୂରଭଞ୍ଜଙ୍କ ବାପୁସର କଥା ଜାଣିଛ ?

—ମୁଁ କଦାପି ସେ ଶାଢ଼ୀ ପିନ୍ଧି ଯିବି ନାହିଁ । ଆଉ ପିନ୍ଧି ବା ସେ ଶାଢ଼ୀ ପିନ୍ଧି ହାତ ନାକ କାନରେ କଅଣ ପିନ୍ଧିବି ! ରେଣୁ ହଠାତ ଭାବରେ କହିଲା ।

ରବୀନ୍ଦ୍ର ଏଥର ମୁଣ୍ଡରେ ହାତ ଦେଇ ବସିବାକୁ ଯାଉଥିଲା ଚୌକି ଉପରେ, ଚମକି ଉଠି ପଡ଼ିଲା । ଏ ସମସ୍ୟା ତାର ବୁଦ୍ଧିର ବାହାରେ । ସନ୍ଧ୍ୟା ହେବାକୁ ଆଉ ବେଶୀ ବେଳ ନାହିଁ । ଏକ୍ଷଣି ଧନଞ୍ଜୟ ଆସିଯିବ । ସେ ଅସହାୟ ଭାବରେ ରେଣୁ ଆଡ଼କୁ ଅନାଇ ରହିଲା । ରେଣୁର ଅଧରରେ ଟିକିଏ ହସ ଖେଳିଗଲା । ରବୀନ୍ଦ୍ରର ମୁଣ୍ଡରେ ହାତ ବୁଲାଇ ବୁଲାଇ ସେ କହିଲା, 'ତୁମେ ମୋ କଥା ଏଥର ମାନ । ପଡ଼ୋଶୀ ଘରର ଦୁର୍ଲଭ ବାବୁଙ୍କ ସ୍ତ୍ରୀ ମୋତେ ଭାରି ଭଲ ପାଆନ୍ତି । ମୁଁ

ଯାଉଛି ନେଇ ଶାଢ଼ୀ ଓ ଗହଣା କେତେଗୁଡ଼ାଏ ମାଗି ଆଣିଛି । ତୁମେ କାହିଁକି ଯେ ଏଥିରେ ଆପତ୍ତି କର, ମୁଁ ବୁଝିପାରେନା ।'

ରବୀନ୍ଦ୍ର ଏଥର ହସିକି ଚାହିଁ କହିଲେ, 'କେତେବାର କହିଛି ମୁଁ ସ୍ଥିର କରିଛି...'

ଏମିତି ସମସ୍ତେ କରନ୍ତି । ରେଣୁ ଅଧୀର ସ୍ୱରରେ କହିଲା ।

ରବୀନ୍ଦ୍ର କିଛିକ୍ଷଣ ନୀରବରେ ରହିଲେ । ରେଣୁ ଉତ୍ସାହ ପାଇ କହିଲା, 'ଏ ମଧ୍ୟ ତୁମର ଚିନ୍ତା ଏବଂ ଦାମ୍ଭିକତା ଯେ ଦୁନିଆରେ ଆଉ କାହାରି ସାହାଯ୍ୟ ନେବ ନାହିଁ ।'

ତୁମର ଯାହା ଇଚ୍ଛା କର । ଏଥର ନିମନ୍ତ୍ରଣ ରକ୍ଷା ନ କରିବା ମୋତେ ଭଲ ଲାଗୁନାହିଁ ।

ଦୁର୍ଲଭ ବାବୁ ଘର ଘଣ୍ଟାରେ ଠଂ ଠଂ ଛ'ଟା ବାଜିଲା । ରେଣୁ ବ୍ୟସ୍ତ ହୋଇ ତାଙ୍କ ଘରକୁ ଦୌଡ଼ିଗଲା ଏବଂ କିଛି ସମୟ ପରେ ଆଣିଲା ଖଣ୍ଡେ ବହୁମୂଲ୍ୟ ବନାରସୀ ଶାଢ଼ୀ ଓ ଅନେକଗୁଡ଼ାଏ ଗହଣା । ରବୀନ୍ଦ୍ର ପୂର୍ବପରି ଚଉକିରେ ମୁହଁ ପୋତି ବସି ରହିଥିଲେ । ରେଣୁ ନୃତ୍ୟର ଛନ୍ଦରେ ଦୌଡ଼ି ଆସି ରବୀନ୍ଦ୍ରକୁ ଠେଲି ଦେଇ କହିଲା, କାହିଁକି ମିଛରେ ଭାବୁଚ । ଦେଖ ଏ ଶାଢ଼ୀ ମୋତେ କେମିତି ମାନୁଚି । ପ୍ରଶଂସା ଆଶାରେ ରେଣୁ ଶାଢ଼ୀଟି ତାର ଉନ୍ନତ ବକ୍ଷ ଦେହରୁ ଲମ୍ବାଇ ଦେଲା । ରବୀନ୍ଦ୍ର ଶୂନ୍ୟ ଦୃଷ୍ଟିରେ ଚାହିଁରହି କହିଲେ, 'ବାଃ, ବେଶ୍ ।'

ଦୁଆରେ ମୋଟର ଆସିବାର ଶବ୍ଦ ଶୁଣାଗଲା । ରେଣୁ ଚମକି ପଡ଼ି ଉନ୍ମୋଚିତ ଶାଢ଼ୀଟି ଗୋଟିଏ ଟ୍ରଙ୍କ ଭିତରେ ଏବଂ ଗହଣାଗୁଡ଼ିକ ଗୋଟିଏ ବାକ୍ସ ଭିତରେ ରଖିଦେଲା ।

ରବୀନ୍ଦ୍ର ସେହିପରି ଶୂନ୍ୟ ଦୃଷ୍ଟିରେ ଚାହିଁ ରହି କହିଲେ, 'କୁନି ଉଠିଲଣି' ତାକୁ କଅଣ କରିବ ?

ତାକୁ ଦୁର୍ଲଭ ବାବୁଙ୍କ ଘରେ ରଖିଦେଇ ଯିବା । ରେଣୁ ବ୍ୟସ୍ତ ହୋଇ କୁନିକୁ ଶୁଆଇ ଦେବାକୁ ଗଲା । କୁନିର ବୟସ ବର୍ଷେ । ସେ ଟିକିଏ କାନ୍ଦି ପୁଣି ଶୋଇପଡ଼ିଲା ।

ଧନଞ୍ଜୟ ବାବୁଙ୍କ ସ୍ୱର ବାହାରେ ଶୁଣାଗଲା; କଟକରେ ଏମିତି ନାଗା ବ ଛନ୍ତି !! ସାବଧାନ, ସେଠି ନର୍ଦ୍ଦମାଟା । ଏଠି ଏମାନେ ଥାଆନ୍ତି କଟକରେ !!!

—ଆସନ୍ତୁ, ଅପା ଶୁଣିବ । ମଲ୍ଲିକା ବାଧାଦେଇ କହିଲା ।

—ରବୀନ୍ଦ୍ର ବାବୁ ।

—ଅପା ।

—ରେଣୁ ଦୌଡ଼ି ଘର ବାହାରି ଆସିଲା ।

ମଲ୍ଲିକା ଅଧୀର ସ୍ୱରରେ କହିଲା, 'କହେ ଅପା, ତୋ କାମ ସରିନାହିଁ !! ଶୀଘ୍ର କାମ ସାର ଆଜି ବହୁତ କେତେ ଜାଗାକୁ ଯିବାକୁ ହେବ । ସମସ୍ତେ ଘର' ଭିତରକୁ ଗଲେ । ମଲ୍ଲିକା ପିନ୍ଧିଛି ଖଣ୍ଡେ ବହୁମୂଲ୍ୟ ଶାଢ଼ୀ । ଦେହର ସବୁ ସମ୍ଭବ ଅସମ୍ଭବ ସ୍ଥାନ ବହୁମୂଲ୍ୟ ଗହଣାରେ ପୂର୍ଣ୍ଣ । ଗୋଡ଼ରେ ହାଇ ହିଲ୍ ଜୋତା । ଧନଞ୍ଜୟ ବାବୁ ପିନ୍ଧିଛନ୍ତି ବହୁମୂଲ୍ୟ ଧୋତି ଓ ପଞ୍ଜାବୀ । ହାତରେ ଧରି ହୋଇଛି ଟୋପି । ରେଣୁ ମ୍ଳାନ ଭାବରେ ଥରେ ରବୀନ୍ଦ୍ରକୁ ଚାହିଁଲା । ରବୀନ୍ଦ୍ର ଟିକିଏ ହସିଲା । ଧନଞ୍ଜୟ ବାବୁ ଚୌକି ଉପରେ ବସି ପଡ଼ିଲେ । ରେଣୁ ଦୌଡ଼ିଯାଇ ଚୌକି ପଛରେ ଛିଡ଼ା ହୋଇ ରହିଲା ।

—ଅପା, ତୁ ଆଉ ଛିଡ଼ା ହନା, ଜଲଦି ଯା ।

—ହଉ ଯାଉଛି । ଟିକିଏ ବସ୍ । ଘୋଡ଼ାରେ ଚଢ଼ି ଆସିଚୁ ନା କଅଣ ।

—ବେଳ ନାହିଁ । କଲିକତାରୁ ସନ୍ଦେଶ ଆସିଲା କି ନା, ମାଣିକ ପାଟଣାରୁ ଦହି ଅସିଲା କି ନା, ପୁଣି କଲେକ୍ଟର ଓ ଚିଫ୍ ସେକ୍ରେଟେରୀଙ୍କ ସ୍ତ୍ରୀମାନଙ୍କୁ ଆଣିବାକୁ ହେବ । ମଲ୍ଲିକା ରେଣୁକୁ ଠେଲିବାକୁ ଲାଗିଲା । ଶୀଘ୍ର ଲୁଗାପଟା ପିନ୍ଧି ଆସିବାକୁ । ରେଣୁ ଉପରେ ଆଖି ବଡ଼ ବଡ଼ କରି ବ୍ୟାକୁଳ ଭାବରେ ରବୀନ୍ଦ୍ର ଆଡ଼େ ଅନାଇ ରହିଲା । ରବୀନ୍ଦ୍ର ଟିକିଏ ହସି ଚୌକିଟିକୁ ଧରି ଛିଡ଼ାହେଲା ।

ରେଣୁ ଅଳ୍ପ ସମୟପରେ ଶାଢ଼ୀ ବଦଳାଇ ଗହଣା ପିନ୍ଧି ଆସିଲା ।

—ଅପା, ତୋତେ ଆଜ କି ସୁନ୍ଦର ଦିଶୁଛୁ । ଏ ଗହଣା, ଶାଢ଼ୀ କେବେ କଲୁ ?

—ମନେ ନାହିଁ । ସେ କଣ ଆସିଛନ୍ତି । ଜରିତ ଶାଢ଼ୀ ଗହଣା !

—ବାଃ, ପଇଡ ଅଛି ଏକେଲ ମାନିବାକୁ ହେବ । କେଡ଼େ ସନ୍ନ୍ୟାସୀ, ବିବାହ ହେବାକୁ ତ ମନା କରୁଥିଲ । ଏ କଅଣ !

ରବୀନ୍ଦ୍ର କିଛି ସମୟ ଅବାକ୍ ହୋଇ ରହିଁ କହି କହିଲ, ତୁମମାନଙ୍କର ଦେଖିଁ ମୁଗ୍ଧଲା ରୂପ ! ମୁଁ ତ ଗ୍ରାହ୍ୟ······

—ବୁଝିଲ ତ ଏଥର

—ମନେ ମନେ

—ହଉ ଯାଅ, ଲୁଟ ଛୁଡ଼ି ଅସ

ରବୀନ୍ଦ୍ର ଚୌକିଟି ଛାଡ଼ି ବସି ଯାଉଥିଲ । ରେଣୁ ଶୀଘ୍ର ଯାଇ ଚୌକି ପଛରେ ଛିଡ଼ା ହେଲ ।

ରବୀନ୍ଦ୍ର ଅନ୍ୟ ଘରକୁ ଯାଇ ନିଶ୍ଚଳ ଭାବରେ ଛିଡ଼ା ହୋଇ ରହିଲ । ରେଣୁର ଶାଢ଼ୀ ଗହଣାକୁ ଝାଡ଼ ଖୁଆଇ ସେ ପିନ୍ଧିବ କଅଣ ! ଲୁଗା ଧୋବା ଏ ପର୍ଯ୍ୟନ୍ତ ଦେଇ ନାହିଁ । ସବୁ ଠାରୁ ଭଲ ଅଛି ତା'ର ଖଣ୍ଡେ ସଫା ମୋଟ ପଞ୍ଜାବୀ ଓ ଖଣ୍ଡେ ଅଧମଇଳା ଲୁଗା ।

ଟିକଏ ଏ ଘରକୁ ଆସିବ କି ? ରବୀନ୍ଦ୍ର ଅଧୀର ଭାବରେ ରେଣୁକୁ ଡାକିଲ ।

ତୁମେ ଯାହା ପାଉଛ ଶୀଘ୍ର ପିନ୍ଧି ଅସ । ରେଣୁ ନ ଯାଇ କହିଲ । ରେଣୁ ଆସି ନ ପାରିବାର କାରଣ ବୁଝିପାର ପୁଣି ଘରେ ପଶିଲ ଏବଂ ସେହି ସଫା ମୋଟ ପଞ୍ଜାବୀ ଓ ଅଧମଇଳା ଲୁଗା ପିନ୍ଧି ବାହାରି ଆସିଲ । ରେଣୁ ତଳକୁ ମୁହଁ ପୋତି ଛିଡ଼ାହେଲ ।

ସମସ୍ତେ ବାହାରିଲେ । ମଲ୍ଲିକା ପଚାରିଲ, ଅପା, କୁନ ?

—ଇଲେ ବୋଉ, ତା କଥା ମନେ ନାହିଁ । ଟିକଏ ଅପେକ୍ଷା କର ମୁଁ ତାକୁ ଦୁର୍ଲଭ ବାବୁଙ୍କ ସ୍ତ୍ରୀଙ୍କୁ ଦେଇ ଆସେ ।

—ସେ ଉଠିଲେ ତ ତୋ ଛଡ଼ା ଆଉ କାହା ପାଖରେ ରହିବ ନାହିଁ । ତାକୁ ନେଇ ଚାଲନ୍ତୁ !

—ନା ସେ ଏଇକଥି ଅନେକ ବେଳ ଯାଏ ଶୋଇବ । ଉଠିଲେ ସିଏ ତାଙ୍କୁ ପଠାଇ ଦେବାକୁ କହି ଆସିବ । ତା ଦେହ ଖରାପ ଅଛି । ନହେଲେ ଭଲ ହେବ ନ ।

ସମସ୍ତେ ମଠରରେ ବସିଲେ । ଆଜି ମଲ୍ଲିକାର ବିବାହ ବାର୍ଷିକୀ । କଟକର ସବୁ ଧନୀ ମାନୀ ବ୍ୟକ୍ତି ନିମନ୍ତ୍ରିତ । ଘରଟି ବିଜୁଳି ଆଲୁଅ ଓ ବହୁମୂଲ୍ୟ ପଦାର୍ଥରେ ସଜା ହୋଇଛି । ରେଣୁ ଭାବେ ତାର ନିଜର ଛୋଟିଆଟି ବିବାହ ବାର୍ଷିକ ଗଲାଣି, ଗୋଟିଏ ସାମାନ୍ୟ ଉପହାର ଟିକେ ସେ ରବୀନ୍ଦ୍ର ପାଖରୁ ପାଇନାହିଁ । ଗୋଟିଏ ଦୀର୍ଘ ନିଶ୍ୱାସ ତାର ଅଜାଣତରେ ବାହାରି ଆସିଲା ।

ଗୋଟିଏ ଘରେ ଗୋଟିଏ ବଡ଼ ଟେବୁଲ ଉପରେ ଅତିଥିମାନେ ଦେଇଥିବା ନାନା ଜାତିର ବହୁମୂଲ୍ୟ ଉପହାର ସଜା ହୋଇ ରହିଛି । ମଲ୍ଲିକା ସବଙ୍କ ଉପହାରଗୁଡ଼ିକ ରେଣୁକୁ ଦେଖାଉଛି । ରବୀନ୍ଦ୍ର ନିରବରେ ସେମାନଙ୍କୁ ଅନୁସରଣ କରୁଛି । ହଠାତ୍ ଘରର ଫାଟକ ପାଖରେ ଉଚ୍ଚ ସ୍ୱରରେ ଶିଶୁର କ୍ରନ୍ଦନ ଶୁଣାଗଲା । ରେଣୁ ଚମକି ପଡ଼ି କହିଲା, ବୋଉଲେ, କୁନ ଉଠିଛି ।' ଖାଇଲା ସେ ମୋତେ । ମୋତେ ନ ଦେଖିପାରି ନିଶ୍ଚୟ ତାର ରାଗ ବଢ଼ିଛି ।

ରେଣୁ ବାହାରକୁ ଦୌଡ଼ି ଆସିଲା । ଦୁର୍ଲଭ ବାବୁଙ୍କ ସ୍ତ୍ରୀ ରେଣୁକୁ କୁନକୁ ଦେଇ ଚାଲିଗଲେ ।

କିନ୍ତୁ କୁନ କୌଣସି ପ୍ରକାରେ ମା' କୋଳରେ ରହିଲା ନାହିଁ । ଥରେ ମାତ୍ର ମା ଆଡ଼କୁ ଚାହିଁ ଉପରେ ଆଖି ବୁଜି ଦେଇ ଅଧିକ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲା ଏବଂ ବ୍ୟାକୁଳ ଭାବରେ କାହାକୁ ଖୋଜିବାକୁ ଲାଗିଲା । ରବୀନ୍ଦ୍ର କୁନକୁ କୋଳକୁ ନେବାକୁ ଚେଷ୍ଟାକଲା; କିନ୍ତୁ ବାପା ପାଖକୁ ମଧ୍ୟ ଯିବାକୁ ନାରାଜ । ଏ ଅଦ୍ଭୁତ କ୍ରନ୍ଦନ ଶୁଣି ଘରର ସମସ୍ତେ ସେଠି ରୁଣ୍ଡ ହେଲେ । କୁନ କେବଳ ଉପରେ ସମସ୍ତଙ୍କୁ ଥରେ ଚାହେଁ ଏବଂ କାହାକୁ ଯେପରି ନ ପାଇ ଅଧିକ ଜୋରରେ କାନ୍ଦିବାକୁ ଆରମ୍ଭ କରେ । ରେଣୁ ଯେତେ ଚେଷ୍ଟା କରେ ନିଜକୁ ଦେଖାଇବାକୁ, କୁନ ଆଉ ଫେରି ଥରେ ବି ମୁହଁ ଚାହେଁ ନାହିଁ । ମଲ୍ଲିକା ତାକୁ କୋଳକୁ ନେଇ ନାନା ପ୍ରକାର ଖେଳଣା ଦେଇ ଭୁଲାଇବାକୁ ଚେଷ୍ଟା କରେ । ମୂଲ୍ୟବାନ୍ ଖେଳଣା ସବୁ କୁନ ଅନାଦରରେ ଫିଙ୍ଗିଦିଏ । ଗୋଟିଏ

ଦାସୀ ଛଟପଟ କରି କହିଲା, 'ତାର ଏ ସବୁ ଖେଳରେ ପସନ୍ଦ ହେଉନି ।' ରେଣୁ ରାଗରେ ତାକୁ ଚାହିଁ ରହିଲା । ଦାସୀ ମୁହଁ ମୋଡ଼ି ଚାଲିଗଲା । ମଲ୍ଲିକା କୁନକୁ କୋଳକୁ ନେଇ ଘରର ନାନା ମୂଲ୍ୟବାନ ପଦାର୍ଥ ଦେଖାଇ ଭୁଲାଇବାକୁ ଚେଷ୍ଟା କଲେ । କୁନ ଅବଜ୍ଞାରେ ସେ ସବୁ ଥରେ ଦେଖେ ବି ନାହିଁ । ତାର ସୁନ୍ଦର ଆଖିଯୋଡ଼ିକ କେବଳ ଅଧୀର ଭାବରେ କାହାକୁ ଖୋଜେ । କ୍ରମେ କ୍ରମେ କୁନର କ୍ରନ୍ଦନ ଅସହ୍ୟ ହେବାକୁ ଲାଗିଲା । ମନେହେଲା ତାର ହୃଦ୍‌ଯନ୍ତ୍ର ହଠାତ୍ ବନ୍ଦ ହୋଇଯିବ । ରେଣୁ ଆତଙ୍କରେ କୁନକୁ କୋଳକୁ ଟାଣିନେଲା ।

ଗୋଟିଏ ଦାସୀ କହିଲା, 'ସେ ତ' ବୋଉକୁ ଚିହ୍ନି ପାରୁନି ମା ।'

ରେଣୁ ଧମକ ଦେଇ କହିଲା, ଚୁପ୍ କର । ଚିହ୍ନିବ ନାହିଁ କାହିଁକି ? କଅଣ ଗୋଟାଏ ଜିଦ୍ ଧରିଛି ସେ ।'

ଦାସୀ କହିଲା, 'ମା' ମୁଁ କହୁଛି ତୁମେ ଶାଢ଼ୀ ବଦଳାଇ ଝଟ୍‌ରେ ଅଧାମଇଳା ଶାଢ଼ୀ ପିନ୍ଧ, ଗହଣାଗୁଡ଼ିକ ଖୋଲି ପକାଅ । ସେ ତୁମକୁ ଚିହ୍ନିବ ।'

ରେଣୁ ଲଜ୍ଜା ଓ କ୍ରୋଧରେ ତାକୁ ଅନାଇ ରହିଲା । ତାର ସମସ୍ତ କ୍ରୋଧ ପଡ଼ିଲା କୁନ ଉପରେ । ଗୋଟିଏ ଚାପୁଡ଼ାରେ କୁନ ଏକଦମ୍ ନୀରବ ହୋଇଗଲା । ତାର ହାତ ଗୋଡ଼ ସବୁ କଠିନ ହୋଇଗଲା । ହାତ ମୁଠାକରି ସେ ରେଣୁର କୋଳରେ ଢଳି ପଡ଼ିଲା । ରେଣୁ ଅଧୀର ହୋଇ ଚିତ୍କାର କରି ଉଠିଲା ଇଲୋ ବୋଉ ମୁଁ କଅଣ କରିବି, ଏ କଅଣ ହେଲା ।

ସମସ୍ତେ ଦୌଡ଼ି ଯାଇ ପାଣି ଆଣି କୁନର ମୁହଁରେ ଛିଞ୍ଚିଲେ । ଅଳ୍ପ ସମୟ ପରେ କୁନ ଆଖି ମେଲି ରେଣୁ ଆଡ଼େ ଚାହିଁଲା ଏବଂ ପୁଣି ଅତି ଭୟରେ ଆଖି ବନ୍ଦକରି କାନ୍ଦିବାକୁ ଲାଗିଲା । ସେହି ଦାସୀ କହିଲା, 'ତୁମେ ମା' ହୋଇ ଏତିକି ବୁଝିପାରୁନ, ସେ ତୁମକୁ ଚିହ୍ନିପାରୁନି । କେବେ ତୁମକୁ ଏ ସବୁ ପିନ୍ଧିବାର ଦେଖିନାହିଁ ବୋଲି ।'

ଅଗତ୍ୟା ତାହା ହିଁ କରିବାକୁ ହେଲା; କିନ୍ତୁ ମଲ୍ଲିକା ଘରେ ଅଧମଇଳା ଶାଢ଼ୀ ମିଳିଲାନାହିଁ । ରବୀନ୍ଦ୍ର ଘରକୁ ଯାଇ ରେଣୁର ଖଣ୍ଡେ ଶାଢ଼ୀ ଆଣିଲା । ରେଣୁ ଲଜ୍ଜା, କ୍ରୋଧ ଓ ଅଭିମାନ ଦମନ କରି ଖଣ୍ଡ ଖଣ୍ଡ କରି ଗହଣା କାଢ଼ି

ତାର ଅଧମଇଳା ଶାଢ଼ୀ ଚିରିଲା । ମଲ୍ଲିକା ରେଣୁକୁ ଦେଖାଇ କହିଲା, 'ଦେଖା ତୋ ବୋଉ—ଦେଖ 'କୁନ ମା' କୋଳକୁ ଯାଇଁ ମୁହଁ ଲୁଚାଇଦେଲା । ସମସ୍ତେ ହସିଉଠିଲେ !

ରେଣୁ ଦେଖି ସେ ତାଙ୍କୁ ମୁହଁ ଫେରାଇ ଚାହିଁଲା, ଆଉ ଅନାଇଲା ନାହିଁ । ମଲ୍ଲିକାର ଉଦ୍ଧତପଣରେ ସେ ଟିକିଏ ଖାଇ ଶୀଘ୍ର ଘରକୁ ଫେରିଆସିଲା ଏବଂ କୁନିକୁ ଫେରାଇ ଦେଇ ସତେଜ ଖଟ ଉପରେ ଶୋଇପଡ଼ିଲା । ରବୀନ୍ଦ୍ର ସନ୍ଧ୍ୟାରୁ ଫେରିବା ଆଗରୁ ଦେଖିଲା ତାର ସମସ୍ତ ଦେହ ଥରିଉଠୁଛି । ସେ ସ୍ନେହରେ ତା ପିଠିରେ ହାତ ବୁଲାଇବାକୁ ଲାଗିଲା । କୁନି ଗୁଡ଼ିଏ ପ୍ରୀତି ମା' କୋଳରେ ମୁହଁ ଲୁଚାଇ ନିର୍ଭୟରେ ଶୋଇ ରହିଲା । ଅନେକ କ୍ଷଣ ପରେ ରେଣୁ ଉଠି ରବୀନ୍ଦ୍ରକୁ ଚାହିଁଲା ଏବଂ କୁନିକୁ କୋଳକୁ ଟାଣିନେଇ ହସି କହିଲା, 'ଏତେ ଦିନ କାହିଁକି ଛଳନା ଛାଡ଼ିଦେଲୁ ନାହିଁ । ଭଲ ହୋଇଛି, ଠିକ୍ ହୋଇଛି ।'

ଆଗନ୍ତୁକ

ଗଙ୍ଗାଧରଙ୍କ ବୈଠକଖାନାରେ ପ୍ରତ୍ୟହ ଯେପରି ସାନ୍ଧ୍ୟ ସମ୍ମିଳନୀ ବସେ, ଆଜି ମଧ୍ୟ ସେମିତି ବସିଛି । ତେବେ ଆଜି ଟିକିଏ ସହଳ ବସିଛି । ସହଳ ବସିବାର ବିଶେଷ କାରଣ ଅଛି । ଗଙ୍ଗାଧର ବିବାହ କରିବା ଦିନୁ ଦୁଇଟି ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ତ୍ରୀ ପ୍ରତ୍ୟେକ ମାସର ୨୮ ତାରିଖ ଦିନ ନିୟମିତ ଭାବରେ ଋତୁସ୍ନାନ କରିଆସୁଥିଲେ । ପ୍ରତ୍ୟେକ ଋତୁସ୍ନାନ-ବେଳେ ଗଙ୍ଗାଧର ଆକ୍ଷେପ କରି କହନ୍ତି, ଉଃ, ପ୍ରକୃତିର କି ନିର୍ମମ ନିୟମାନୁବର୍ତ୍ତିତା; କିନ୍ତୁ ନ'ମାସ ପୂର୍ବେ ହଠାତ୍ ପ୍ରକୃତି ଦୟାକରି ସେ ନିୟମ ଭଙ୍ଗ କଲେ । ତା'ପରେ ପ୍ରଥମ ମାସଟି ସ୍ୱାମୀ ସ୍ତ୍ରୀ ଦୁହେଁ ବିଶ୍ୱାସରେ କାଟିଲେ; କିନ୍ତୁ ଯେତେବେଳେ ସ୍ତ୍ରୀ ଦିନେ ସକାଳୁ ଉଠି କହିଲେ 'ବାନ୍ତି ବାନ୍ତି ଲାଗୁଛି' ସେତେବେଳେ ଗଙ୍ଗାଧର ଆନନ୍ଦରେ ବିହ୍ୱଳତାରେ ପଡ଼ି ଗଡ଼ିଗଲେ । ପୁଣି ଦିନେ ଯେତେବେଳେ ଦେଖିଲେ ସ୍ତ୍ରୀ ମାଟି ଖାଉଛନ୍ତି, ସେ ଆନନ୍ଦରେ ସେମିତି ଗଡ଼ଯାଇ ରଘୁବଂଶର ଶ୍ଲୋକଟି ଆବୃତ୍ତି କଲେ; "କୌଶଲ୍ୟା ଗର୍ଭବତୀ ଥିବା ଅବସ୍ଥାରେ ମାଟି ଖାଉଥିବାର ଦେଖି ଦଶରଥ ମନେ ମନେ ଭାବୁଥାନ୍ତି, ଏ ସନ୍ତାନ ଦିନେ ଅଖଣ୍ଡ ମୃଣ୍ମୟୀ ପୃଥିବୀର ଅଧୀଶ୍ୱର ହେବ ଜାଣି କୌଶଲ୍ୟା ସନ୍ତାନ ଜନ୍ମ ପୂର୍ବରୁ ମାଟି ସହିତ ପରିଚୟ କରାଇ ଦେଉଛନ୍ତି ।" ଦିନକୁ ଦିନ ସ୍ତ୍ରୀଙ୍କ ସୌନ୍ଦର୍ଯ୍ୟ ବଢ଼ିବାକୁ ଲାଗିଲା ଏବଂ ତା ସହିତ ଗଙ୍ଗାଧରଙ୍କ ଆନନ୍ଦ । ଡାକ୍ତର ପରୀକ୍ଷା କରି ପରାମର୍ଶ ଦେଲେ ବିଶ୍ରାମ, ଦୁଧ ଓ ଅଣ୍ଡା । ଘରେ ଗୋଟିଏ ଗାଈ ଓ ପାଞ୍ଚୋଟି କୁକୁଡ଼ା ପାଳିତ ହେଲେ ସେଇଦିନୁ ।

ଆଜି ଦିନ ୪ଟା ବେଳେ ସ୍ତ୍ରୀଙ୍କ ସାମାନ୍ୟ ଯନ୍ତ୍ରଣା ଆରମ୍ଭ ହେବା ସାଙ୍ଗେ ସାଙ୍ଗେ ଗଙ୍ଗାଧର ବନ୍ଧୁମାନଙ୍କୁ ସୁସମ୍ବାଦଟି ଦେଇ ଡାକି ଆଣିଲେ, କେତେବେଳେ କଅଣ ଦରକାର ପଡ଼ିପାରେ ସେଇଥିପାଇଁ ।

ଅଧ୍ୟାପକ ପାଟଜୋଶୀ ନେମୀ ଅର୍ଦ୍ଧ-ନିମୀଳିତ ନୟନରେ କହିଲେ, 'ଅହେ ଗଙ୍ଗାଧର, ପତଞ୍ଜଳି ତାଙ୍କ ଯୋଗଶାସ୍ତ୍ରରେ 'ପ୍ରତ୍ୟକ୍ଷାନୁମାନାଗମାଃ ପ୍ରମାଣାନି', କହିଛନ୍ତି । ଅର୍ଥାତ୍ କୌଣସି ବିଷୟରେ ସତ୍ୟତା ନିରୂପଣ ପାଇଁ ତିନି ପ୍ରକାର ପ୍ରମାଣ ଅଛି । ପ୍ରତ୍ୟକ୍ଷଜ୍ଞାନ, ଅନୁମାନ ଏବଂ ଜ୍ଞାନୀଜନମାନଙ୍କ ସିଦ୍ଧାନ୍ତ । ଜଣେ ଆଧୁନିକ ପ୍ରାଣିତତ୍ତ୍ୱବିତ୍ କହନ୍ତି, Motherhood is a fact, Fatherhood is a theory only, ଅର୍ଥାତ୍ ମାତୃତ୍ୱ ପ୍ରତ୍ୟକ୍ଷୀଭୂତ ବିଷୟ; କିନ୍ତୁ ପିତୃତ୍ୱ ନିଛକ ଅନୁମାନ ମାତ୍ର । ପୁଣି ଆଧୁନିକ ଯୁଗରେ ସେ ଅନୁମାନ ମଧ୍ୟ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଅତଏବ ତୁମେ ଏ ଦୁର୍ବଳ ଆନୁମାନିକ ସତ୍ୟ ଉପରେ ନିର୍ଭର କରି କେତେ ଆନନ୍ଦିତ ହେଉଛ ?

ଲିଙ୍ଗରାଜ ତ୍ରିପାଠୀ ଏଥର ଶ୍ଳୋକ ବୋଲିଲେ, "କା ତବ କାନ୍ତା, କସ୍ତେ ପୁତ୍ରଃ, ସଂସାରୋଽୟମତୀବ ବିଚିତ୍ରଃ ।" ହେ ହେ ଗଙ୍ଗାଧର ତୁମର ଆନନ୍ଦ ହେବା ଉଚିତ ନୁହଁ, ଉଚିତ ନୁହଁ, ଉଚିତ ନୁହଁ । ତୁମେ ଏ ମୋହ·········

ଉଚିତ ନୁହଁ ? ଡାକ୍ତର ଦାଶ—ପ୍ରତିବାଦ କରି କହିଲେ, ଏବେ ତୁମ ଶାସ୍ତ୍ର କହେ କେଉଁ ? ବାଃ ବାଃ ରେ ମୋହମୁଦ୍‌ଗର ! ପ୍ରକୃତିର ଯେଉଁ ଦୁର୍ଲଂଘ୍ୟ ନିୟମାନୁସାରେ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପ୍ରଜନନ ପାଇଁ ଦୁର୍ବାର ଆବେଗ ଜାତ ହୁଏ, ଏ ଆନନ୍ଦ ସେଇ ନିୟମ ଅନ୍ତର୍ଭୁକ୍ତ । ଆଜି ତୁମେ କହିବ ମୋହ ! ପ୍ରକୃତିର ନିୟମକୁ ତୁମେ କଅଣ ଜାଣ ହେ ଲିଙ୍ଗରାଜ ତ୍ରିପାଠୀ, ସାହିତ୍ୟାଚାର୍ଯ୍ୟ, ବାଣୀଭୂଷଣ, ତର୍କରତ୍ନଙ୍କର ଇତ୍ୟାଦି ଇତ୍ୟାଦି ମିଥ୍ୟା ଓ ବାଜେ ଉପାଧିଧାରୀ ମାଣବକ ?

ଲିଙ୍ଗରାଜ ଟିକିଏ ରାଗିଲେ । ତେଣୁ 'ମାଣବକ' କଥାଟା ତାଙ୍କୁ ବାଧିଲା । ସେ ଚିତ୍କାର କରି କଅଣ ଗୋଟାଏ କହିବାକୁ ଯାଉଥିଲେ; କିନ୍ତୁ ନାଉଦେଶରୁ ସେ କଥାଟା କଣ୍ଠ ପାଖରେ ଅଟକିଗଲା । ସୂତିକା ଗୃହରୁ ଗର୍ଭଯନ୍ତ୍ରଣାର ଚିତ୍କାର ଶୁଭିବାକୁ ଲାଗିଲା ।

ଗଙ୍ଗାଧର ବିମର୍ଷଭାବରେ କହିଲେ, 'ଇସ୍, ମୋପାଇଁ କମଳା କେତେ କଷ୍ଟ ପାଉଛି ସତେ ! ହାୟ, ହାୟ, ମୁଁ ଏ କୁକର୍ମ କାହିଁକି କଲି ? ହେ ଭଗବାନ୍ ! ହେ ଡାକ୍ତର ଟିକିଏ କମାଇ ପାରିବ ନି ଏ ଯନ୍ତ୍ରଣା ?'

ପାଟଜୋଶୀ କହିଲେ, ହଇହୋ ଗଙ୍ଗାଧର, ଏହାକୁ ତୁମେ ପାପ କହୁଛ ? ଏ ଯନ୍ତ୍ରଣାପାଇଁ ଅନୁତାପ କରୁଛ ? ସବୁ ମୁକ୍ତିର ମୂଳରେ ଥାଏ ପ୍ରବଳ ଆଲୋଡ଼ନ,

ଆୟୋଜନ, ସବୁ ସୁଖର ମୂଳରେ ଥାଏ ସାଧନାର ଦୁଃଖ ଯନ୍ତ୍ରଣା, ସବୁ ସୁଶାସନ ନିର୍ଭର କରେ ଦଣ୍ଡ ଦେବାର ନୈତିକ ସାହସିକତା ଉପରେ । ତୁମେ ଜାଣ ବୃହସ୍ପତିଙ୍କ ଉପଦେଶ ଜାଣିନ ? ସତ୍ୟ ହେଉଛି ଦେହ ରୂପ ବୃକ୍ଷର ପୁଷ୍ପଫଳ; କିନ୍ତୁ ମିଥ୍ୟା ଦେହର ମୂଳ ଏବଂ ମିଥ୍ୟା ଦ୍ୱାରାହିଁ ଦେହରକ୍ଷା ହୋଇଥାଏ । କୃଷ୍ଣ ବାବୁଙ୍କ ଗୀତ ଶୁଣିନ—

"ପାପରୂପ କର୍ମ ଫଳେ,
ପୁଣ୍ୟରୂପ ସନ୍ତାନ ମିଳେ ।"

ଯେ ଆଗନ୍ତୁକ ଆସୁଛି, ସେ ପୁଣ୍ୟବାନ୍ ହେଉ । ଆସ ଆଗନ୍ତୁକ ଆସ......

ଡାକ୍ତର ଦାଶ ମ୍ଳାନଭାବରେ ହସି କହିଲେ, ମୁଁ ଆଗରୁ କହିଥିଲି ପ୍ରସୂତିକୁ ଦୁଧ ଓ ଅଣ୍ଡା ଖାଇବାକୁ ଦେବାକୁ; କିନ୍ତୁ......

ଗଙ୍ଗାଧର ବିମର୍ଷଭାବରେ କହିଲେ, 'ସେଇଥିପାଇଁ ତ ଗୋଟାଏ ଗାଈ ଓ ତିନୋଟି କୁକୁଡ଼ା ରଖିଲି । ଗାଈ ହେଲେ କିଛି ଦୟା କରୁଛି; କିନ୍ତୁ ପ୍ରାୟ ସବୁଦିନେ କେତେବେଳେ ଘରୁ ଫିଟି ତା ଛୁଆକୁ ସବୁ ଦୁଧ ପିଆଇଦେଉଛି ! ଗୋଟାଏ ପାଜି ଗାଈ କେଉଁଠୁ ଜୁଟିଲା ମୋ କପାଳକୁ । ପୁଣି ତିନୋଟା କୁକୁଡ଼ାରୁ ଗୋଟାଏ ଅଣ୍ଡା ଦେଉଥିଲା ଯେ, ଦୁଇଦିନ କମଳା ଖାଇଛି କି ନାହିଁ, ସାତଦିନ ସେଟା କୁଆଡ଼େ ଯାଉଛି ଯେ ଫେରୁଛି ସନ୍ଧ୍ୟାବେଳକୁ । ଆଜିକି କେତେ ଦିନ ହେଲାଣି ତା'ର ଦେଖାନାହିଁ......ମୋ କପାଳକୁ......

ଅଧ୍ୟାପକ ଦୀର୍ଘନିଃଶ୍ୱାସ ପକାଇ କହିଲେ, 'ଗଙ୍ଗାଧର' ଯେଉଁ ଦିନ ତୁମେ କୁକୁଡ଼ା ଆଣିଥିଲ, ମୁଁ ସେଇଦିନ କହିଥିଲି ଏଥିରୁ ଗୋଟିଏ ଉଦରସ୍ଥ କରିବାକୁ । ଆହା ପିତାମହ ଭୀଷ୍ମ ସତ୍ୟ ହିଁ କହିଥିଲେ, ମାଂସ ତୁଲ୍ୟ ସରସ ଖାଦ୍ୟ କିଛି ନାହିଁ, ଯୁଧିଷ୍ଠିର ମଧ୍ୟ ସେ କଥା ସ୍ୱୀକାର କରିଥିଲେ । ଅନୁଶାସନ ପର୍ବ ଦ୍ରଷ୍ଟବ୍ୟ ବନ୍ଧୁ......ବର୍ତ୍ତମାନ ହୁଏତ ସେ କୁକୁଡ଼ା ଆଉ କାହାର ଉଦରସ୍ଥ ହୋଇଛି ! ହାୟ, ହାୟ......

ଲିଙ୍ଗରାଜ ବାଧା ଦେଇ କହିଲେ, ପାତଞ୍ଜଳି, ତୁମେ କୃଶ ନୁହଁ କି ଦୁର୍ବଳ ନୁହଁ । ହୁଏତ ଇନ୍ଦ୍ର ସୁଷେଣ, ହୁଏତ କାର୍ତ୍ତିକ, ନଷ୍ଟପ୍ରୁ; କାରଣ ପ୍ରତ୍ୟେକ ବର୍ଷ

ଜନସଂଖ୍ୟା ଏକ ନୂଆଁ ମନ୍ଦିରରେ ମନ୍ଦିରରେ ଦୂର କରି ବସି ଅଛି, ଶୁଷ୍ମଦେବ କେବଳ ସେଇ ତିନି ପ୍ରକାର ଲୋକଙ୍କପାଇଁ ମାଂସାହାର ନାହିଁ ବୋଲି କହିଚନ୍ତି ଯେ ପରମାଂସଦ୍ୱାରା ନିଜ ମାଂସ ବୃଦ୍ଧି କରେ, ତା'ଠାରୁ ନିକୃଷ୍ଟ ଓ କ୍ଷୁଦ୍ର କେହି ନାହିଁ ! ସେ କହିଚନ୍ତି, ମାଂସ କେଉଁ ତତ୍‌ପର୍ଯ୍ୟ ମଂ ଅର୍ଥାତ୍ ମୋତେ ସଃ କି ସେ ପୂର୍ବଜନ୍ମରେ ଖାଇଚି, ତେଣୁ ତାକୁ ମୁଁ ଖାଇବ !!

ଡାକ୍ତର କିନ୍ତୁ ମାଂସ ପ୍ରସଙ୍ଗ ଏଡ଼ାଇ ଯାଇ ରହସ୍ୟ ପ୍ରକାଶ କରିବା ଭଙ୍ଗୀରେ କହିଲେ, ହିଁ, ହୁମ୍, ଟେଲିଗ୍ରାମ ନିଶ୍ଚୟ ଇଡ଼ି ଦିଏସ   ମୁଁ ଜାଣେ ଯେ ଓ ମିସେସ୍·····

ଛିଦ୍ରାନ୍ୱେଷଣ ତୁମର ବ୍ୟବସାୟ ନୁହଁ ଓ କ୍ରମେ ହେଲ, ଘାଟକ୍ରିକ କହିଲେ; କିନ୍ତୁ କିଛି କଥା କହୁନ କାହିଁକି ?

ଉହୁଁ, ସେ କଥା ହେବନାହିଁ । ଶୁଷ୍ମଦେବ ମନାକରିଚନ୍ତି, ନିଜର ଛିଦ୍ରଗୋପନ ଓ ପରର ଛିଦ୍ରାନ୍ୱେଷଣ ବିଷୟରେ କଦାପି ସରଳ ହେବନାହିଁ !

କମଳାର ଯନ୍ତ୍ରଣା କ୍ରମବୃଦ୍ଧି ହେବାକୁ ଲାଗିଲା । ଗଙ୍ଗାଧର ଡାକ୍ତରଙ୍କ ହାତ ଧରି ଅଧୀରଭାବରେ ପ୍ରସୂତି ଗୃହକୁ ଟାଣିବାକୁ ଲାଗିଲେ । ଡାକ୍ତର ବାଧା ଦେଇ କହିଲେ, 'ଅରେ ବ୍ୟସ୍ତ ହେବାର କିଛି ନାହିଁ, କଇ ଆଉ ଅଳ୍ପ ସମୟ ।'

ଲଙ୍ଗଗଜ ହାତ ଘଣ୍ଟାକୁ ଗୁହିଁ କହିଲେ, ବ୍ୟସ୍ତ ହୁଅନା ଗଙ୍ଗାଧର ! ଆଉ ତେତ୍ରାଳିଶ ମିନିଟ ଯାଉ ତା' ପରେ ପୁତ୍ର ଜନ୍ମିଲେ ରାଜଚକ୍ରବର୍ତ୍ତୀ ହେବ ! ଆଉ ମୁଁ ଗଣନା କରି ଦେଖିଚି ତୁମର ପୁତ୍ରଲାଭ ହେବ । ତା'ପରେ ସେ ଗାଇଲେ—

"କୁଳଂ ପବିତ୍ରଂ ଜନନୀ କୃତାର୍ଥା,
ବସୁନ୍ଧରା ପୁଣ୍ୟବତୀ ଚ ତେନ ।"

ଏଇ ପୁତ୍ର ସ୍ୱାସ୍ଥ୍ୟବାନ୍ ବିଦ୍ୟାବାନ୍ ହୋଇ ଜୀବନ ଯାପନ କରୁ, ପରମବ୍ରହ୍ମରେ ତା'ର ଚିତ୍ତ ଲୀନହେଉ ଏବଂ ତା'ର କୁଳକୁ ପବିତ୍ର କରୁ !!

ନା, ନା, ସେ ଅଶୀର୍ବାଦ ଚଳିବନାହିଁ ଏ ଯୁଗରେ; ଡାକ୍ତର ବାଧା ଦେଇ କହିଲେ, ଏ ପୁତ୍ର ଉଚ୍ଚ ରାଜକର୍ମଚାରୀ ହେଉ, ପଞ୍ଚବର୍ଷ ଯୋଜନା ପୂରା କରୁ, ଯୋଜନା ଛାଡ଼ିଦେଇ ଦେଇ ଯାଉ···

ଆଜ ଦୁର୍ନୀତିର ଦେଶ ପ୍ରସ୍ତୁତ କରୁ । କଳିଙ୍ଗରାଜ ବିରକ୍ତ ହୋଇ କହିଲେ, ପରମବ୍ରହ୍ମ ଆନନ୍ଦି ମନୁଷ୍ୟ ଜୀବନର ଲକ୍ଷ୍ୟ, କୋଟିପତି ହେବା ନୁହଁ କି ଉତ୍‌ପାଦନ ମନ୍ତ୍ରୀ ହେବା ନୁହଁ !

କାହିଁକି ? ଯୋଜନାର କି ଦୋଷ ? ଡାକ୍ତର ମଧ୍ୟ ତତୋଽଧିକ ବିରକ୍ତ ହୋଇ ପଚାରିଲେ ।

ପ୍ରଚୁର ଋଣ ଆଣି ଟଙ୍କା ଖର୍ଚ୍ଚ କରିବାର ଯେଉଁ ବାଧ୍ୟତାମୂଳକ ଯୋଜନା ତାହା ଦୁର୍ନୀତିମୂଳକ ଯୋଜନା, କଳିଙ୍ଗରାଜ ଅର୍ଦ୍ଧନିଃଶ୍ୱାସ ପକାଇ କହିଲେ । ଆଜି କି ବା ଯୋଜନା । ଆମେରିକାରେ, ବିଳାତରେ, ଏମିତି ହେଉଛି, ଅତଏବ ଅମର ବି କରିବା, ଦେଶ-କାଳ-ପାତ୍ରର କୌଣସି ବିଚାର ନ ରଖି ! ଆଜ, ଯୋଜନା ସଫଳ ହେଲେ ମଧ୍ୟ ତାହା ଯଦି ଲୋଭ, ହିଂସା, କ୍ରୋଧ ବଢ଼ାଏ, ତେବେ ଲାଭ ବା କଅଣ ସେ ଯୋଜନାରେ, ଦେଶର ନୈତିକ ବଳ ତ ଭାଙ୍ଗି ଯାଉଛି । ଦେଶର ନୈତିକ ବଳ ଭାଙ୍ଗିଲେ ବୈଦେଶିକ ମାନ୍ଙ୍କ କେବଳ ହାସ୍ୟାସ୍ପଦ ହେବା ଛଡ଼ା ଆଉ କିଛି ହେବନାହିଁ, ସମସ୍ତେ ବେଖାତିର କରିବେ ।

ଡାକ୍ତର କହିଲେ, 'ଭୀଷ୍ମଦେବ ତୁମର କହିଚନ୍ତି, ରାଜା ସଦାଚାରୀ ହେଲେ ପ୍ରଜାମାନେ ମଧ୍ୟ ତଦ୍ରୂପ ହୁଅନ୍ତି ଓ ଯେ ରାଜା ନିଜକୁ ସଂଯତ ନ କରି ଅନ୍ୟକୁ ଶାସନ କରନ୍ତି, ତାଙ୍କୁ ସମସ୍ତେ ଉପହାସ କରନ୍ତି । ସେ ଯେତେ ଶାନ୍ତି, ତ୍ୟାଗ, ସତ୍ୟ ବିଷୟରେ ବଡ଼ ବଡ଼ ବକ୍ତୃତା ଦେଉଥାଏ, ଲୋକେ ତାଙ୍କୁ ସେତେ ସନ୍ଦେହ କରୁଥାନ୍ତି ।

ପାଟଞ୍ଜଳ କହିଲେ, ନା, ନା, ଏ ଯୁଗ ବ୍ୟବସାୟୀ ହେଉ ଏବଂ ବ୍ୟବସାୟୀ ହୋଇ ଦେଶ ଶାସନ କରନ୍ତୁ । ଦେଶର ଧନ ବୃଦ୍ଧି ହେବ । ଅର୍ଜୁନ କହିଲେ, ଅର୍ଥରୁହିଁ ଧର୍ମ, କାମ ଓ ସ୍ୱର୍ଗ ଲାଭ ହୁଏ, ଅର୍ଥହିଁ ମୂଳ, ଅର୍ଥ ନ ଥିଲେ ମନୁଷ୍ୟର ଜୀବିକା ନିର୍ବାହ ମଧ୍ୟ ହୁଏ ନା···ଆମେରିକାରେ ଧନକୁବେରମାନେ ହିଁ··· ।

କଲୁ, କଳିଙ୍ଗରାଜ କହିଲେ, 'ସକ୍ରେଟିସ୍ ଏବଂ ଆମ ପିତାମହ ଭୀଷ୍ମ ମଧ୍ୟ କହିଚନ୍ତି, When traders become legislators, the ruin of a State is imminent.

ଏହି ସମୟରେ ଘରଭିତରୁ ଶଙ୍ଖ ହୁଳହୁଳି ଶବ୍ଦ ସବୁ ତର୍କ ବିତର୍କ ଛପାଇଦେଲା । ଗଙ୍ଗାଧରଙ୍କ ଛାତି ମେଲାହୋଇ ଦନ୍ତପଂକ୍ତି ବିକଶିତ ହେଲା । ସେ ଉଠି ପଳାଉଥିଲେ ଘରଭିତରକୁ । ଲିଙ୍ଗରାଜ ବାଧା ଦେଇ କହିଲେ; ବନ୍ଧୁ, ଆମେ ମରଣଶୀଳ ହେଲେ ମଧ୍ୟ ପ୍ରଜନନ ଆମକୁ କରିଛି ଅମର।

'ମଧୁବାତା ଋତାୟତେ
ମଧୁ କ୍ଷରନ୍ତି ସିନ୍ଧବଃ...''

ସୃଷ୍ଟିର ବୃହଦାଣ୍ଡେ ମଧୁ, ମଧୁ !!! ମଧୁ ଝରୁଛି !!! ଡାକ୍ତର କହିଲେ, ଏ ସନ୍ତାନ ତୁମର ନୁହେଁ ଗଙ୍ଗାଧର, ଅମୃତର, ଅମୃତର ପୁତ୍ର । ଏ ଆଗନ୍ତୁକ...

ଗଙ୍ଗାଧରଙ୍କ ଶାଳୀ ଶଙ୍ଖ ବଜାଇ ବଜାଇ ଦୌଡ଼ିଆସି କହିଲା, ବକ୍‌ସିସ୍ ଦିଅ, ପୁଅ ହୋଇଛି, କୁନି ପୁଅ । ବକ୍‌ସିସ ଦିଅ ।

ଗଙ୍ଗାଧର ହସି ହସି କହିଲେ, କହୋ, ତୁମକୁ କାହିଁକି ବକ୍‌ସିସ୍ ଦେବୁ, ପରିଶ୍ରମ କଲୁ ଆମେ, ତୁମେ ଆମକୁ ସେଥିରେ ସାହାଯ୍ୟ କରିଥିଲ କି ? ଦରକାର ବେଳେ ତ କିଛି ସାହାଯ୍ୟ କଲନାହିଁ...

ଯା ବଜାଅ, କହି ସେ ପୁଣି ଘରଭିତରକୁ ଦୌଡ଼ିଗଲେ ଶଙ୍ଖ ବଜାଉ ବଜାଉ ।

ଚାକର ରାମଚନ୍ଦ୍ର ଘରକୁ ବ୍ୟସ୍ତତାର ସହିତ ପଶି ଏକ ରୋମାଞ୍ଚକର ସମ୍ବାଦ ଦେଲା, ଆଜ୍ଞା, ଏ ଶଳା କୁକୁଡ଼ାକୁ ଦେଖିଲେଣି ! ଆମେ ଅଣ୍ଡା ଖାଇଗଲୁ ବୋଲି ଶଳା ବାଡ଼ି ପଛ ଜଙ୍ଗଲରେ ଅଣ୍ଡାସବୁ ଦେଇଥିଲା, ଏଇକ୍ଷଣି ଆଠଟି ଛୁଆଙ୍କୁ ଧରି ଘର ଭିତରକୁ ଆସୁଛି ।

ଆମେ ଦୌଡ଼ିଯାଇ ଦେଖିଲୁ, ଟେବର ସହିତ ହଲି ହଲି କୁକୁଡ଼ା ଆସୁଛି କାହାରିକୁ ଭ୍ରୂକ୍ଷେପ ନ କରି । ପଛରେ ତା'ର ଗୁଲୁ ଗୁଲୁ ହୋଇ ମା' ଦେହକୁ ଲାଗି ଆସୁଛନ୍ତି ଆଠୋଟି କୁକୁଡ଼ାଛୁଆ ।

ଗଙ୍ଗାଧର ଆନନ୍ଦାପ୍ଲୁତ ଆଶ୍ଚର୍ଯ୍ୟଭାବରେ କହିଲେ, ଇପ୍ସେ କଏ ଲେ ମାଆ !

ଲିଙ୍ଗରାଜ କହିଲେ, ସୃଷ୍ଟି ଅଦ୍ଭୁତ ! ଏମାନେ ବି ଆଗନ୍ତୁକ !!

କିନ୍ତୁ......?

କୁକୁଡ଼ା ଚାଷ

ଗୋବିନ୍ଦ ବାବୁଙ୍କ ଗ୍ରାଜୁଏଟ୍ ପୁଅ ବାପୁର ନୂଆ ଶିଙ୍ଗ ଉଠିଛି । ସେ ଯେଉଁଠି ପାଉଛି ଶିଙ୍ଗ ଲଗେଇ ତେଣେ ମାଟି ଖୋଳୁଛି । ସକାଳ ନ ପାହୁଣୁ ସେ ଖଣ୍ଡେ କାଗଜ ଧରି ଚିତ୍କାର କରି ପଢ଼ିବାରେ ଲାଗିଛି । ଅଳ୍ପ କେତେଦିନ ହେବ ସେ 'ଆ'କାର ଚିହ୍ନି ଶିଖିଛି ମାତ୍ର; କିନ୍ତୁ ତା'ର ଜ୍ଞାନ କେତେ ଦୂର, ସେ ଜ୍ଞାନ ପ୍ରୟୋଗକରିବା ଯୋଗ୍ୟ କି ନା ଏବଂ ପ୍ରୟୋଗକଲେ ଅନ୍ୟର କିଛି ଶାରୀରିକ ବା ମାନସିକ ଅସୁବିଧା ହେବ କି ନା ସେ ସବୁ ବିଷୟରେ ବିଚାର କରିବାର କାଣ୍ଡଜ୍ଞାନ ତାର ନାହିଁ । ବାପାଙ୍କୁ ସେ ଛବି ବହି କିଣି ଆଣିବାକୁ ଜିଦ୍ ଲଗାଇ ଥିଲା । ଗୋବିନ୍ଦ-ବାବୁ ଛବି ବହିର ଦାମ ତିନିଟଙ୍କାରୁ କମ୍ ନାହିଁ ଦେଖି କୁକୁଡ଼ା ଚାଷ ବିଷୟରେ ଗୋଟିଏ ସରକାରୀ ପ୍ରକାଶିତ ବହି ବହୁତ ଛବି ଥିବାରୁ ନିଜ ଅଫିସରୁ ଆଣି ଦେଇଛନ୍ତି । ବାପୁ ପାଟିକରି ସେ ବହି ପଢ଼ିଚାଲିଛି···

ଏ···ଏ···ହା ଏହା ସତ ସ···ସ···ଦ (ସ୍ୱତଃସିଦ୍ଧ) ଯ (ଯେ) ଅ···ବ··· ସୁ···ବ ଗଠନ, ଶ···ଙ୍ଖ···ରର (ଶରୀରର) ଭୁଁ···ଭୁଁ···ସ ବଢ଼ (ବୃଦ୍ଧି) ଏବ ହୁଁ···ହୁଁ···ଙ୍କ (ସ୍ୱାସ୍ଥ୍ୟରକ୍ଷା) ପାଇ (ପାଇଁ) ଖତ, ଡାଲି ଗନପରବା (ପନିପରିବା) ସାଗକ (ସାଗକୁ) ମାଛ, ମାସ (ମାଂସ), ଦଧ (ଦୁଧ) କମ (କମ୍ବା) ଅ···ଣା (ଅଣ୍ଡା) ଭ ଲ ଆ ଉ···ଜ୍ଞ···କ···ଟ···ଷ (ଉତ୍କୃଷ୍ଟ) ଖାଦ (ଖାଦ୍ୟ) ଦରକାର । ଆମ ଛୁଆ ପିଲାମାନଙ୍କର ଅବୟବ ଗଠନ ହିଁ ମାନସିକ ବିକାଶର ବିଶେଷ ବ୍ୟାଘାତ ଘଟେ, ବର୍ତ୍ତମାନ ସରକାର (ସର୍ବଶ୍ରେଷ୍ଠ) କ କକଡ଼ା (କୁକୁଡ଼ା) ପାଳିବା ଦରକାର । କକଡ଼ା ଅଣ୍ଡା ସର୍ବୋତ୍ତମ ବଳକାରକ ।

ବାପୁ କୁକୁଡ଼ା ଚାଷ ବିଷୟରେ ପଢ଼ିଚାଲିଛି ଅଧ୍ୟାୟରୁ ଅଧିକ ଉତ୍ସାହରେ । ଅର୍ଥ ହେଉ ନ ହେଉ, ଧ୍ୱନିରେ ସେ ମୁଗ୍ଧ ।

ସକାଳ ହୋଇଆସିଲାଣି, ସୂର୍ଯ୍ୟ ଫାଟିଲାଣି । ଦୂରେ ପୂର୍ବ ଦିଗ୍‌ବଳୟର ଗୋଲାପି ପାହାଡ଼ି ରେଖା ଉପରେ ଉଙ୍କି ମାରି ଗୋଲାପି ଆଭା ଧୀରେ ଧୀରେ ରଙ୍ଗୀନ

ହୋଇ ଉଠୁଛି । ତା ଉପରକୁ କିଛି ଦୂର ଅଳ୍ପ ହଳଦିଆ ଏବଂ ତା ଉପରକୁ ବାଇଗଣି । ତା ପରେ ଅସୀମ ଅନନ୍ତ ନୀଳାକାଶ । ପଶ୍ଚିମ ଆକାଶରେ ଶୁକ୍ଳ ଦଶମୀର ବୃଦ୍ଧ ଚନ୍ଦ୍ରର ଦେହ ଦିଶିଲାଣି; କିନ୍ତୁ ଅଗସ୍ତି ଏ ପର୍ଯ୍ୟନ୍ତ ଦପ୍ ଦପ୍ କରୁଛି । ଶୀତ ସକାଳର ଫୁଲବାଡ଼ିଏ ଥଣ୍ଡା ପବନ ଉତ୍ତରପଟ ଝରକା ପେଲି ଦେଇ ଘର ଭିତରକୁ ଧସେଇ ପଶି ଆସି କମ୍ପାଇଗଲା, ଥର ଥର, ମୋହନ ବାବୁ, କିନ୍ତୁ ଶୁଭଲେଖା ଟେବଲ ପର୍ଯ୍ୟନ୍ତ ଟାଣି ନେଇ ପୂର୍ବପରି ପଢ଼ିବାକୁ ଲାଗି ବସିଛନ୍ତି ।

ଆଜି ବିତିଛନ୍ତି ଜୀବନର ଦଶ । ବହୁ ଅଭାବ ଅନଟନ ମଧ୍ୟରେ ମଧ୍ୟ ମନଟି ତାଙ୍କର ପୂର୍ଣ୍ଣତା ଉଲ୍ଲେଖ ମାତ୍ର ଛାଡ଼ିନାହିଁ । ନବ ଗାର୍ହସ୍ଥ୍ୟ ଜୀବନରେ ତାଙ୍କର ପ୍ରଥମଚିନ୍ତା, ଦୁଶ୍ଚିନ୍ତା କଟିଗଲାଣି, ଆସନ୍ନପ୍ରସବା ପତ୍ନୀର ସ୍ୱାସ୍ଥ୍ୟ ଓ ପ୍ରସବ ସମସ୍ୟା । ଏଇଟି ତାଙ୍କର ଦେହର ପ୍ରଥମ ସନ୍ତାନ । ପ୍ରତ୍ୟେକ ଥର ପ୍ରସବ ପୂର୍ବରୁ ସ୍ତ୍ରୀଙ୍କର ସ୍ୱାସ୍ଥ୍ୟରକ୍ଷା ପାଇଁ ସେ କିଛି ନା କିଛି ଔଷଧ ଦେଇଥାଉଥିଲେ । ଅବସ୍ଥା ସେତେବେଳେ ଥିଲା ଅନ୍ୟରୂପ । ସେତେବେଳେ ସେ ଥିଲେ ନିଜ ଘରେ ଏବଂ ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ଅନ୍ୟ ଦୁଇ ଭାଇଙ୍କ ସାଙ୍ଗରେ । ଗାଁ ତାଙ୍କର ନିକଟରେ ଥିବାରୁ ଗାଁ ଜମିରୁ ଚାଉଳ ମଧ୍ୟ କିଛି ଆସୁଥିଲା; କିନ୍ତୁ ବଦଳି ପରେ ଘରଭଡ଼ା ଚାକରଟଙ୍କା ଦେଇ ଓ ଚାଉଳ କିଣି ଏକା ତାଙ୍କ ପକ୍ଷରେ ଖର୍ଚ୍ଚ ସମ୍ଭାଳିବା ଅସମ୍ଭବ ହୋଇପଡ଼ୁଛି । ତାଙ୍କର ଚିନ୍ତାଧାରା ଏଇ ସମସ୍ୟାର ଖିଅ ଧରି ଆରମ୍ଭ ହୋଇଥିଲା; କିନ୍ତୁ ନିଜକୁ ନିଜେ ପ୍ରଶ୍ନ ପଚାରି ତାର ଉତ୍ତର ଦେଇ-ଦେଇ ସେ ବର୍ତ୍ତମାନ ଯେଉଁଠି ପହଞ୍ଚିଛନ୍ତି, ତାହା ମୂଳ ଚିନ୍ତାଠାରୁ ବହୁଦୂରରେ । ପ୍ରଥମ ଥର ସେ କ୍ଷୋଭ, ଦୁଃଖ, ଅନ୍ୟର ସୁଖ ପ୍ରତି ଈର୍ଷା ମଧ୍ୟ ନାହିଁ । ଆଜି ତାଙ୍କର ଉଦାସୀ ଓ ଉଚ୍ଛଳ ଭାବ । ସେ ନିଃଶ୍ୱାସ ଲୁଚି ମନେ ମନେ କହୁଛନ୍ତି, ସେଇ ମହାନ୍ ପୁରୁଷଙ୍କୁ ଜାଣିବା ଜୀବନର ଏକମାତ୍ର ଲକ୍ଷ୍ୟହେବା ଉଚିତ ମୁଁ ମାନୁଛି; କିନ୍ତୁ କାହିଁକି ବାରେ ବାରେ ଦୁଃଖ, ଈର୍ଷା, କ୍ରୋଧ, ହିଂସା, ଲୋଭ, କାମନା ଆସି ସେଇ ମୋହନରୂପ ସାମନାରେ ଛିଡ଼ାହୋଇ ଦୃଷ୍ଟି ପଥରେ ବାଧା ଜନ୍ମାଉଛି ? କାହିଁକି ? କାହିଁକି ? ଛି, ଏ ଜୀବନକୁ ଧିକ୍ । କ୍ଷୁଦ୍ର କାମନା, ଅସମ୍ଭବ ଆଶା, ସମସ୍ତଙ୍କୁ ନିଜର ବାହାଦୁରୀ ଦେଖାଇବାର ଇଚ୍ଛା ହିଁ ବେଶି ଆକର୍ଷଣ କରି ନେଉଛି ଈର୍ଷା, ହିଂସା ଲୋଭ ଆଡ଼େ; ଅଥଚ ସବୁଠ ନିବିଡ଼ ଆନନ୍ଦ ପଡ଼ିରହିଛି ସେଆଡ଼େ ।

ତୁମର ଅଜ୍ଞାତରେ ତୁମର ମନ ସଂକୁଚିତ ହୋଇପିବ । ସେପରି ମନର ଭଗବାନ ପ୍ରତି ବିଶ୍ୱାସ କାହିଁ ? ସେ କେଉଁ ପାଇବ ମଣିଷର ଅନ୍ତରରେ ଆସ୍ୱାଦ ଯାହା ସେ ମନକୁ ବହିର୍ଜଗତକୁ ଟାଣି ଆଣି ନଜରବନ୍ଦ ମୋହ ସୃଷ୍ଟି କରେ, ଧନ୍ଦାଦ୍ୱାରା ହେଉ ବା ବାହ୍ୟ ରୂପ ଦେଇ ହେଉ !!

ଗୋବିନ୍ଦ ବାବୁ ପୁଣି ଗୋଟିଏ ଦୀର୍ଘ ନିଃଶ୍ୱାସ ତ୍ୟାଗ କରିଲେ, କେତେ ଧନୀଙ୍କ ବୁଝିଲି ଅନ୍ତର ଜେଲ୍ ଓ ମିଷ୍ଟର ଡାଇଓ୍ଵଙ୍କର କରୁଣ କାହାଣୀ । ଭଲ ମନ ମିଶି ଉଦାରତା ମହିଷ ଓକିଲ ଯେଉଁଠି ଯୁଗ କୁମାରୀଟିଏ ଚଢ଼ି ପାରିବେ ନାହିଁ, ଯୁଗ କୁମାରୀଟିଏ ଗଢ଼ି ପାରିଲେ ନାହିଁ । ତେବେ ତାହା କେଉଁଠି ସମ୍ଭବ ହୋଇଛି, ସେ ଥାଉ, ମୁଁ ସେଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କର ପ୍ରତି ବନ୍ଧୁତା ଲାଭ କରିବି ? ବରଂ ସେ ସବୁର ଅସ୍ତିତ୍ୱ ହେତୁରୁ ମନର ନାନା ଭାବନା ମୁଁ ତନ୍ମୟ ସତ୍ୟ ପାଇ ସେଇ ମହାନଙ୍କ ପରିଚୟ ଯଦି ପାଏ, ତେବେ ସେ ସବୁ କାମରେ ଲାଗିଲା ତେବେ ତାହା ହିଁ ହେଉ, ତାହା ହିଁ ହେଉ···

···ହେ ଭଗବାନ୍, ତୁମେ ସତ୍ୟ । ଆଖିରୁ ତାଙ୍କର ପୁଣି ପାଣି ଗଡ଼ି ପଡ଼ିଲା ।

···ହଁ ହଁ, ଆଖି ପାଣି ଝରି ପଡ଼ିବାଟା ବଡ଼ କଥା ନୁହେଁ, ଯଦିଓ ପ୍ରଥମେ ଭଲ । ନିଜ ଭିତରେ ଦେଖା ସମସ୍ତଙ୍କୁ ପ୍ରେମ କରି ପାରୁଛ ତ ? ସାମାନ୍ୟ ସୂତାର ଖିଅଧରି ମନ ତାଙ୍କର ଗହନ ବନ ଭିତରେ ପ୍ରବେଶ କରିଛି ତାଙ୍କ ଅଜାଣତରେ !

ଗୋବିନ୍ଦ ବାବୁ ଟିକିଏ ହସି ମନେ ମନେ ହଉ ସାବଧାନ ହେଉଛି କହି କଣ୍ଢେଇ ଦୁଇ ହାତେ ଉଠିଲେ ।

···ବାପୁ ହସପିଟାଲ୍‌କୁ କୁକୁଡ଼ା ଅଣ୍ଡା ଯୋଗାଇବା ପ୍ରଣାଳୀ ପଢ଼ିସାରି କୁକୁଡ଼ା ଛୁଆ ଜନ୍ମ ପାଳନ ବିଷୟରେ ପଢ଼ୁଛି ସମସ୍ତ ପଢ଼ାଟି ପ୍ରକମ୍ପିତ କରି । ବୋଉ ତାର ସେହି ପୁଅ ଉଠି ଆସି ତା ପାଖରେ ମୁଣ୍ଡରେ ହାତ ଦେଇ ବସିଲେ । ବାପୁ ଆଗ୍ରହଭରି ବୋଉକୁ ତାର ବହି ମଲାଟ ଛବି ଦେଖାଇଲା । ଛବିଟି ସତେ ମନୋରମ ହୋଇଛି । ତିରଙ୍ଗା ଚିତ୍ର । ଗୋଲାର୍ଦ୍ଧର ଗୋଟିଏ ଚିତ୍ର । ଗୋଲାର୍ଦ୍ଧରେ ଭାରତ ଓ ଭାରତ ଉପରକୁ ଏସିଆ ଓ ଇଉରୋପର କିଛି ଅଂଶ । ଭାରତର ମାନଚିତ୍ରଟି ଗାନ୍ଧିଜୀଙ୍କ ନେହା ଭଳି ଝୁଲୁଛି । ଗୋଲାର୍ଦ୍ଧର

ମସ୍ତକଠାରେ ଗୋଟିଏ ଭଦ୍ରମହିଳାର ଅଣ୍ଟା ପର୍ଯ୍ୟନ୍ତ ଚିତ୍ର, ଠିକ୍ ଯେମିତି ଗୋଲାର୍ଦ୍ଧ ଚନ୍ଦ୍ରଟିଏ ଉଇଁଆସୁଛି । ବସ୍ତ୍ରାଧରରେ ତା'ର ବଡ଼ଫୁଟା ହସ, ଅସ୍ଥିରେ ଅଙ୍ଗାର ଉଜ୍ଜ୍ୱଳତା । ବାଁ କାଖତଳେ ଗୋଟିଏ ଗଞ୍ଜା ସେ ଜାକି ଧରିଛି । ସେଟିଏ କୁକୁଡ଼ା ଜେରଲ ଉପରେ ଛୁଡ଼ା ହୋଇଛି । ତାର ପୁଚ୍ଛଟି ଦଳ୍ପୀ ଉପରକୁ । ଭଦ୍ରମହିଳାଟିର ଡାହାଣ ହାତଟି ଅତି ଆଦରରେ କୁକୁଡ଼ାର ପିଠି ଉପରେ ଥୁଆ ହୋଇଛି । କୁକୁଡ଼ାଟିର ଠିକ୍ ପୃଷ୍ଠ ତଳକୁ ଗୋଟିଏ ନାଲି ଅଣ୍ଡା ଶୂନ୍ୟରେ ଏବଂ ଅନ୍ୟ ଗୋଟିଏ ଧଳା ଅଣ୍ଡା ଦଳ୍ପୀ ଉପରେ । ଦଳ୍ପୀ ଉପରେ ଥିବା ଅଣ୍ଡା ଫାଟିଯାଇଛି ଏବଂ ସେଥିରୁ ଅସଂଖ୍ୟ ଛୁଆ ବାହାରି ଇତସ୍ତତଃ ବ୍ୟାପି ଯାଇଛି ।

ବାପୁ ଚିତ୍ରଟି ଦେଖି ଦେଖି ଆଶ୍ଚର୍ଯ୍ୟ ଓ ଉତ୍ସାହ ଭରି କହିଲା—ଏ ମାଉସୀ, କୁହଁ ବୋଉ ? ମୋତେ ଅନେଇଚ ମାଉସୀ !!

ବୋଉ ତାର ଛବି ଆଡ଼କୁ ନ ଚାହିଁ ଉଦାସ ଦୃଷ୍ଟିରେ ଦୂରପର ଶୂନ୍ୟକୁ ଚାହିଁ କହିଲେ, ହୁଁ··· । ସେ 'ହୁଁ' ବାପୁର ପ୍ରଶ୍ନର ଉତ୍ତର କମ୍ବା ତାଙ୍କର ମନର କୌଣସି ପ୍ରଶ୍ନର ଉତ୍ତର କମ୍ବା କୌଣସି ଜଟିଳ ସାଂସାରିକ ଅର୍ଥନୈତିକ ସମସ୍ୟାର ସମାଧାନଜ୍ଞାପକ, ତାହା ବୁଝିବା ଅସମ୍ଭବ ।

ଗୋବିନ୍ଦ ବାବୁ ଉଠି ଆସି ବସିଲେ ସ୍ତ୍ରୀଙ୍କୁ ଲାଗି ଓ ଛବି ଆଡ଼କୁ ଚାହିଁ । ଛବି ପାଇଁ ତାଙ୍କର ଆଗ୍ରହ ନାହିଁ । ସେଇ ସୂତ୍ରଧରି ସେ ତାଙ୍କର ବହୁଦିନର ଗୋଟିଏ ଆଶା ପୂରଣ କରାଇ ନେବାର ସୁଯୋଗ ପାଇ ମନେ ମନେ ଖୁସି । କଥାଟା ବାପୁ ମନ ଭିତରେ ପୂରାଇ ପାରିଲେ ହେଲା; କିନ୍ତୁ ସେ ଚେଷ୍ଟା କରିବା ଆଗରୁ ଥରେ ସ୍ତ୍ରୀଙ୍କର ମାନସିକ ଗତି ବୁଝିନେବା ଉଚିତ । ତାଙ୍କର ଶୂନ୍ୟ, ଉଦାସ ଚାହାଣିରୁ ମାନସିକ ଉତ୍ତାପର ପରିମାପ ମିଳୁନାହିଁ ସ୍ତଣ'କ୍ରିସ୍ତୁ ବର୍ତ୍ତମାନ କାର୍ଯ୍ୟକାରୀ ଅଛି କି ନା ସେ ବିଷୟରେ ମଧ୍ୟ ଘୋର ସନ୍ଦେହ; କାରଣ ଗୋବିନ୍ଦ ବାବୁଙ୍କର ଏତେବଡ଼ ଦେହଟି ଯେ ତାଙ୍କ ଶରୀରକୁ ଲାଗି ଥୁଆହେଲା, ସେଥିରେ କୌଣସି ଶାରୀରିକ ବା ମାନସିକ ପ୍ରତିକ୍ରିୟା ଦୃଷ୍ଟହେଲାନାହିଁ । ଗୋବିନ୍ଦ ବାବୁ ଆଶ୍ଚର୍ଯ୍ୟ ହବାରେ ଥରେ ସ୍ତ୍ରୀଙ୍କ ଆଖିକୁ ସାମନାସାମନି ଚାହିଁ ଆଖି ସାମନାରେ ଆଙ୍ଗୁଳି ହଲାଇଲେ । ତଥାପି କୌଣସି ପ୍ରତିକ୍ରିୟା ନାହିଁ, ଆଖିପତା ଟିକିଏ ହଲିଲା ବି ନାହିଁ । ଆଖି ଡୋଳା ପୂର୍ବପରି ସ୍ଥିର । କେବଳ ମୁଣ୍ଡରେ ଥିବା

ଡାହାଣ ହାତର କଡ଼ି ଆଙ୍ଗୁଳିଟି ନିଜଏ ଦଳିଲ । ଗୋବିନ୍ଦ ବାବୁ ଭାବିଲେ, ସେତିକ ଡେର୍ । ଆଉ ଠାଉ ଜାଣ ମା' ଜାଣେ !

ବାପୁର ମିଠି ଆଙ୍ଗୁଳି ଦେଖି ଦେଖି କହିଲେ, କଅଣ ପଡ଼ିଲୁ କି କରେ ? ଏ ଲୁଚକି କଅଣ କରେ ?

ବାପୁ ଦିଃସଲଖ କହିଲା, ବାପା, କୁକୁଡ଼ା କିଣିଦିଅ ମୁଁ ରଖିବି । ମାଉସୀ ମୋତେ କହିଲା କୁକୁଡ଼ା ରଖିବାକୁ ।

ମାଉସୀ କେତେବେଳେ କହିଲା ?

ଏଇକ୍ଷଣିଟା ପରା !

ମାଉସୀ କାହିଁ ?

ଏଇପରି, ବାପୁ ଛାତକୁ ଦୃଷ୍ଟି କହିଲା । ତା'ପରେ ଜିଦ୍ ଲଗାଇ କହିଲା, ମୁଁ ରଖିବି, ଟୁପୁ ଘରେ ଭାଲି କୁକୁଡ଼ା କିଣିଛନ୍ତି ଦୁଇଟା । ମୋତେ ଆଜି କିଣିଦିଅ ।

ଗୋବିନ୍ଦ ବାବୁଙ୍କୁ ଆଜ ପରିଶ୍ରମ କରିବାକୁ ପଡ଼ିଲାନାହିଁ କହୁ । ବାପୁ ମନରେ ତେବେ ଆଗରୁ ଯେଉଁ ପ୍ରସ୍ତୁତ ଅଛି । ବୀଜ ପଡ଼ିବା ସାଥେସାଥେ ଗଛ । ଗୋବିନ୍ଦ ବାବୁଙ୍କ ଅନେକ ଦିନର ଆଶା, ଆକାଂକ୍ଷା ଯେ କୁକୁଡ଼ା ରଖିବେ । ମନେ ମନେ କେତେ କଳ୍ପନା କରନ୍ତି - ଅଣ୍ଡାର ପୋଚ୍, ଆମ୍ଲେଟ୍, ତରକାରି ଖାଉଛନ୍ତି, ତାଙ୍କର ଅନେକ କୁକୁଡ଼ା ହୋଇଛି । ଦିନେ ଦିନେ ରବିବାରରେ ସେଥିରୁ ଗୋଟିଏ ମାରି ରୋଷ୍ଟ କରି ମୁସଲମ କରି ଖାଉଛନ୍ତି ।

କିନ୍ତୁ ହେଉ ସୁଯୋଗ ସୁବିଧା ଜଣ୍ଡି ସୁନ୍ଥୁଇଲେ ବି ସ୍ତ୍ରୀଙ୍କର ମାନସିକ ଉତ୍ତାପ ସାଙ୍ଗେ ସାଙ୍ଗେ ବଢ଼ିଯାଏ ଚରମକୁ । ନାକ ଥେକ ଫାଁଏ କରି ସେ କହନ୍ତି, ପଠାଣ ଘର କରିବାକୁ ବୁଢ଼ାଁ ତମେ ! ଏ ଘରର କୁଳଦେବତା ଲକ୍ଷ୍ମୀନାରାୟଣଙ୍କର ପୂଜା ନଇଷ୍ଟ ହୁଏ ମନେରଖ ।

ଗୋବିନ୍ଦ ବାବୁ ଚୈତନ୍ୟଦେବଙ୍କ ଠାଣିରେ ଡାହାଣ ହାତ ପାପୁଲି ଥେକ ମୁଣ୍ଡ ଟୁଙ୍ଗାର ବୁଲାଇବାକୁ ପାଟି ମେଲାକରିବା ମାତ୍ରେ ସ୍ତ୍ରୀ ତାଙ୍କର ରଣରଙ୍ଗିଣୀ ମୂର୍ତ୍ତିରେ କହିଉଠନ୍ତି, ମୁଁ ଜୀଇଁଥିଲା ଯାଏ ତା କଦାପି କରିବାକୁ ଦେବିନାହିଁ, ଦେବିନାହିଁ, ଦେବିନାହିଁ । ତିନିବାର ସତ୍ୟ କଲି ।

ଏହାପରେ ଗୋବନ୍ଦ ବାବୁଙ୍କର ହଠାତ୍ ଗୃହାଶ୍ରିତ ଦୀର୍ଘନିଃଶ୍ୱାସ ତ୍ୟାଗ ଓ ସପରିବାର ଗୃହତ୍ୟାଗ । ଏ ଏକାଙ୍କିକା ଅନେକବାର ଅଭିନୀତ ହୋଇ-ଯାଇଛି ।

ଆଜି କିନ୍ତୁ ଗୋବନ୍ଦ ବାବୁଙ୍କର ସବୁ କଳ୍ପନା ଫଳବନ୍ତ ହେବାର ସବୁ ଲକ୍ଷଣ ଦେଖାଦେଉଛି । ବାପୁ ଥରେ ଜିଦ୍ ଧରିଲେ ବାସ୍, ହରି ବ୍ରହ୍ମା ତ ଛାଡ଼, ଏବା ଗୁରୁ ସେମାନେ, ବାପୁବୋଉ ବା ବାପୁକୁ ଟଳାଇ ପାରିବେନାହିଁ । ମନେ ମନେ ହେଜନ୍ତି ଥରେ ଗୋବନ୍ଦବାବୁ ମାରିଦେଲେ ଓ କହିଲେ, ଭଗବାନ୍ ତୁମେ ଅଛ, ନିଶ୍ଚୟ ଅଛ, ମୋର କେବା ଚାକିରି ମନ ଯେପରି ମନାକରୁ ତମର ଅସ୍ତିତ୍ୱକୁ ! ଅପାର ଦୃଷ୍ଟିରେ ଅସାମଞ୍ଜସ୍ୟ ସମାନ୍ୟ ସାମାନ୍ୟ କଥାକୁ କାର୍ଯ୍ୟକାରଣ ସମ୍ବନ୍ଧରେ ବାନ୍ଧି କି ସୁନ୍ଦର ଭାବରେ ମୋର ଇଚ୍ଛା ପୂରଣ କରୁଚ ତମେ !! ବାପୁର ଛବି ବନ୍ଧି କରିବାର ଜିଦ୍ ଓ ମୋର କୌଣସି ଉଦ୍ଦେଶ୍ୟ ନ ରଖି, କେବଳ ଛବି ବନ୍ଧି ହିସାବରେ, 'କୁକୁଡ଼ା ବୃଷ' ଚିତ୍ର ଆଣିଦବାକୁ ଯୋଖି ଦେଇ ଆଜି ସକାଳୁ ମୋର ଇଚ୍ଛା ପୂରଣର ସୁନ୍ଦର ପରିସ୍ଥିତି ସୃଷ୍ଟି କରୁଚ ତୁମେ !!!

ଚୁପ୍, ବାପୁ ! ବୋଉ ଗର୍ଜି ଉଠିଲେ ।

ଗୋବନ୍ଦ ବାବୁ ହଠାତ୍ ବୁଝିପାରିଲେ ନାହିଁ, ଗର୍ଜନ କାହାଉପରେ । ଚମକି ପଡ଼ିଲେ; କିନ୍ତୁ ନା, ବାପୁଆଡ଼େ ଚାହିଁଛନ୍ତି ସେ ।

କିନ୍ତୁ ବାପୁ କି ସେଥିରେ ଡରିଯିବା ମଣିଷ ! ବୀର ପୁରୁଷର ପୁଅ ସେ ହେଁ···ହେଁ··· । ଗୋବନ୍ଦ ବାବୁ ମନେ ମନେ ବାପୁକୁ ଉତ୍ସାହିତ କଲେ, ଛାଡ଼ନା ବାପୁ, ତୁ ଚଳ ଜିଦ୍ !

ବୋଉକୁ ଶକତ୍ ଠେଲାଟାଏ ମାରିଦେଇ ବାପୁ ଉଠିଗଲା । ଗୋବନ୍ଦ ବାବୁ ହତାଶ ହେଲେ···ହ୍ୟାପ, ଶିଆଳକୁଆଁ କେବେ ସିଂହ ହେଲାଣି !

ହେଲଣି । ଏଇ ଯେ ବାପୁ ପ୍ରବେଶ କରୁଛି ଗୋଟିଏ କୁକୁଡ଼ାକୁ ବଗଲରେ ଟାଣି ଟାଣି ।

ଗୋବନ୍ଦ ବାବୁ ଓ ତାଙ୍କ ସ୍ତ୍ରୀ ଶୀତଳ ମୁଖ ଭୁଲିଯାଇ ଆଶ୍ଚର୍ଯ୍ୟ ଭାବରେ ସମସ୍ୱରେ ଚିତ୍କରିଲେ, କବେ ଏଟା କେଉଁଠୁ ଆଣିଲୁ ?

ମାଉସୀ ଦେବେ । କାଲି କହିଥିଲେ ଅଣ୍ଡା ଦବାକୁ । ଦୁହେଁ ବୁଝିଲେ ବାପୁ ଟୁପବୋଉକୁ କାଲି କହି କୁକୁଡ଼ାଟି ମାଗେଇଛି । ଟୁପବୋଉ ଅନ୍ଧାରର ଖୁଣ୍ଟ, ଥିଲାଘର ବୋହୂ, ବାପୁ ବୋଉର ଅଣ୍ଟା ଦପ୍ କରି ଜଳିଉଠିଲା । ସେ କେଉଁଠି କହିଲେ, ଏ ଟେକା ଦେବୁଟି ମୋ ମୁଣ୍ଡ ତଳକୁ କରିଦେବ । ଦେ ଫେରେଇ ଦେଇ ଆ ତାକୁ ।

ବାପୁ ହସି ହସି ତାକୁ ଥରେ ଚୁମା ଦେଇଲା ବୋଉର କଥାକୁ ଉତ୍ତର ନ କରି । କୁକୁଡ଼ାଟି କାହାରି ପ୍ରତି ଭ୍ରୂକ୍ଷେପ ନ କରି ସେଇ ବନ୍ଧା ଅବସ୍ଥାରେ ମଧ୍ୟ ଫୁର୍ତ୍ତିରେ ଖାଇସାରି ଜଣେଙ୍କି ଖାଇବା ଯୋଗ୍ୟ କି ନୁହଁ ପରୀକ୍ଷା କରୁଛି । ବାପୁବୋଉ ଠାଏକନା ଏକ ବ୍ୟୂହ ମାରି ବାପୁ ହାତରୁ ଦୌଡ଼ିଟି ଛଡ଼ାଇନେଲେ । ବାପୁ ପ୍ରଥମେ କାନ୍ଦ ଉଠିଲେ । ଏଥି ନୂଆର ପାଉଣ୍ଟା ହୋଇ ଯାଇଥିବାରୁ କାହିଁ କଣ-ନାହିଁ । ସେ ତେଣୁ ଉଠି ଜୋରରେ, କାନ୍ଦିଟି ସବୁ ଅଗଣାକୁ ଫୋପାଡ଼ିବାକୁ ଲାଗିଲା । ସେ ସବୁ ପ୍ରତି ଭ୍ରୂକ୍ଷେପ ନ କରି ବାପୁବୋଉ ଯେତେବେଳେ କୁକୁଡ଼ାଟି ଟାଣି ଟାଣି ଫେରାଇ ଦବାକୁ ବାହାରିଲେ, ବାପୁ ଅନ୍ୟ ପନ୍ଥା ଧରିଲା । ବୋଉର ପାଦ ଦୁଇଟି ଧରି କରୁଣ ସ୍ୱରରେ କହିଲା ।

ବାପୁବୋଉ ହସି ପକାଇ କହିଲେ, ହଉ ଯା ରଖ । ବାପୁ ଆନନ୍ଦରେ ନାଚି ନାଚି ଚାଲିଗଲା କୁକୁଡ଼ାକୁ ବାନ୍ଧିବାକୁ । ବାପୁବୋଉ ଟୁପବୋଉ ଘରକୁ ଗଲେ ବାପୁର ଆଚରଣ ପାଇଁ କ୍ଷମା ମାଗି କୁକୁଡ଼ାର ଦାମ ଦେଇଦବାକୁ ।
ଏହାପରେ କୁକୁଡ଼ାର ଗୋଟିଏ ସାନ ଘର ହୋଇଛି । ତା ପାଇଁ ଧାନ କିଣା ହେଇଛି । ତାକୁ ଏକା ଲାଗୁଛି ବୋଲି ଆଜି ଗୋଟିଏ କୁକୁଡ଼ା କିଣା ହୋଇବ ।

କିନ୍ତୁ ଅଣ୍ଡା କାହିଁ ! ମାସେ ହୋଇଗଲା ଅଣ୍ଡା କାହିଁ !! ରୋକଡ଼ ବାବୁ ଥରେ ବସିଯାଇ କୁକୁଡ଼ାର ଚରିତ୍ର ବିଷୟରେ ଖାସ୍ ମନ୍ତବ୍ୟ ଦେଲେ, କୁକୁଡ଼ା କୁଳରେ ଏ ଦୁଇଟା ଷଣ୍ଢ ଆସିଲେ ହ୍ୟାପ୍ ଆମ ଘରକୁ ।

କିନ୍ତୁ ନା, କୁକୁଡ଼ାମାନଙ୍କ ଦୋଷ ନୁହଁ, ଏକଥା ହେନେ ବୁଝି ପାରିଲେ ସେ । ବାପୁ ଯେ ତାକୁ ଗୋଡ଼େ ଚୋଡ଼େ ଜଗିଛୁ ! ଗଞ୍ଜା ଗୋଡ଼ାଇବା ମାତ୍ରକେ ବାପୁ ତାକୁ ଘଉଡ଼ାଇ ଦେଉଛି । ଏଥିକୁ ଉପାୟ ! ବାପୁକୁ ଏ ବିଷୟରେ କିଏ ବୁଝାଇବ, କେମିତି ବୁଝାଇବ, ବାପୁ ବୁଝିବେ ତ ?

ଗୋବିନ୍ଦ ହତାଶର ହସ ହସି ସେଁଙ୍କୁ କହିଲେ । ବାପୁବୋଉ ମୁହଁର ଧରି କହିଲେ, ଠିକ୍ ହୋଇଛି, ଅଣ୍ଡାଖିଆ ବାହାରିଗଲା ଏଥର । ତାପରେ ଗମ୍ଭୀର ହୋଇ କହିଲେ, ଭଲ ହୋଇଛି, ବାଳବୁଢ଼ା ଯାଉ ପିଣ୍ଡାରେ ବସୁଛନ୍ତି, ମୋର ନେଇକି ମୁଁ ଜଳିଜଳି ହେଲିଣି ।

ଏହି ସମୟରେ ଗୋଟିଏ ଗଞ୍ଜା ବାପୁର କୁକୁଡ଼ାକୁ ଗୋଡ଼ାଉ ଗୋଡ଼ାଉ ମାଡ଼ିଆସିଲା ଦାଣ୍ଡଘରକୁ । ବାପୁ ଗୋଡ଼ାଉଛି ଗଞ୍ଜା ପଛରେ ଠେଙ୍ଗା ମାରୁ ମାରୁ । ଗଞ୍ଜାର ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ବାପୁବୋଉ ବାପୁକୁ କୋଳକୁ ନେଇନେଲେ କିନ୍ତୁ ବାପୁ ବୋଉକୋଳରେ ଛଟିପିଟି ହୋଇ କହିଲା, ଛାଡ଼ିଦେ ମୋତେ, ମୋ କୁକୁଡ଼ାକୁ କାମୁଡ଼ିଦେବ ସେଠା ।

ବାପୁବୋଉ କହିଲେ, ଆରେ ଶୁଣିଲୁ ! ସେ ବଡ଼ କୁକୁଡ଼ା ଦେହରେ ଅନେକ ଛୁଆକୁକୁଡ଼ାର ଦେହ ଅଛି । ସେ କାମୁଡ଼ି ତୋ କୁକୁଡ଼ା ଧରିଲେ···ଏଁ ···ଏଁ ବୁଝିଲୁ ··(ଅପାଙ୍ଗରେ ଗୋବିନ୍ଦ ବାବୁଙ୍କ ଆଡ଼େ ଟିକିଏ ଚାହିଁ) ବୁଝିଲୁ ତୋ କୁକୁଡ଼ାଦେହକୁ ସେ ଫୋନସବୁ ଛଡ଼ାଇଦେବ । ତୋ କୁକୁଡ଼ା ଦେଉଛି ନିତି ଗୋଟାଏ ଅଣ୍ଡା ଦେବ, ଆଜି ସେ ଅଣ୍ଡାରୁ କେତେ କୁନିଛୁଆ ହେବେ ।

ବାପୁ ଛଟିପିଟି ହବା ବନ୍ଦ କରି କାନ ଡେରି ଶୁଣିଲା । କୋଳରୁ ଓହ୍ଲାଇ କୁକୁଡ଼ା ଆଡ଼େ ଚାହିଁଲା । ସେତେବେଳକୁ ଗଞ୍ଜା ଚାଲିଗଲାଣି ତାର ନିୟମ-ପାଳି ।

ବାପୁ ଯେତେବେଳେ ଦେଖିଲା ସତକୁସତ ଏହାର କଳ୍ପନାପରେ ତା'ର କୁକୁଡ଼ା ଅଣ୍ଡା ଦେଲା, ଭାରି ଖୁସିରେ ଯାଇ ସେ ବୋଉକୁ ଦେଖାଇଲା । ଏହାପରେ ସେ ଗଞ୍ଜାକୁ ଆଉ ବାଧା ଦେଲାନାହିଁ ।

ଗୋବିନ୍ଦ ବାବୁଙ୍କର ବର୍ତ୍ତମାନ ଅନେକ ଗୁଡ଼ିଏ କୁକୁଡ଼ା । ପ୍ରତିଦିନ ଅଣ୍ଡା ମଧ୍ୟ ଦୁଇ ଚାରିଟାରୁ କମ ନୁହେଁ । ଗୋବିନ୍ଦବାବୁ ଆନନ୍ଦରେ ଆମଲେଟ୍ ପୋଚ ଖାଉଛନ୍ତି; କିନ୍ତୁ କୁକୁଡ଼ା ରୋଷ୍ଟ ବା ତରକାରି ଖାଇପାରୁ ନାହାନ୍ତି । ବାପୁବୋଉର ସେଥିରେ ଘୋର ଆପତ୍ତି, ଯାହାକୁ ପାଳିଛି ମୁଁ ତାକୁ ମାରିବ ନା ! ରାକ୍ଷସୀ ହେବ କି !!

ଗୋବିନ୍ଦ ବାବୁଙ୍କର କିନ୍ତୁ ବିଶ୍ୱାସ ହେଲନାହିଁ । ବାପୁବୋଉ ଘରକୁ ଘର ହେଉଥିବା କଥା ଉଠୁଚନ୍ତି । ଘର ପିଲ୍ଲା ସେମାନେ ସେଇ ସେହି ପାଳି ଦେଉଛନ୍ତି । ବାପୁଙ୍କ ଆଉ କୁକୁଡ଼ା ଛୁଆ ଦେଖି ନେଇଥିଲେନାହିଁ । ଏହି ଦୁଇବର୍ଷ ସେଇ ବାପୁ ଦିନେ ଦିନେ କୁକୁଡ଼ାଘରକୁ ଯାଇ କୁକୁଡ଼ା ଦେଖାଦେବ ।

ବାପୁ ଏଣିକି ବର୍ଷ ଅନ୍ତରାଳ ହେଲା । କୁକୁଡ଼ାଘର ଗୁଡ଼ାକ ଅଛି କୁକୁଡ଼ା ଗୁଡ଼ିକ ନେଇ ଯିବାକୁ । ବାପୁବୋଉ ସେଦିନ ସକାଳୁ ବାହାରିଆସିଲେ କୁକୁଡ଼ା ଘରକୁ ଦେଖିବାପାଇଁ, ସେମାନେ ଅଛନ୍ତି କି ନା । ଗୋବିନ୍ଦବାବୁ ଖଟ ଉପରେ ଶୋଇ ନିଦ୍ରାରେ କିଛି ଶୁଣୁ ପାଟି ହେଲେ । ବାପୁବୋଉ ପାଦ ଟିପି ଟିପି ଆସି ଗୋବିନ୍ଦବାବୁଙ୍କୁ ହଠାତ୍ ଡାକି ଚୁପ୍ ଚୁପ୍ କହିଲେ, ଦେଖିବ ଆସ । ସ୍ତ୍ରୀଙ୍କ ଡାକିବା ଏତେ ଜରୁରୀ ଭାବ ଦେଖି ଗୋବିନ୍ଦ ଅନ୍ଧାରେ ଉଠିପଡ଼ିଲେ ।

ଗୋବିନ୍ଦ ବ୍ୟାପାର କଅଣ ବୁଝି ନ ପାରି ମଧ୍ୟ ସ୍ତ୍ରୀଙ୍କ ପଛ ପାଦ ଟିପି ଟିପି ସ୍ତ୍ରୀଙ୍କ ଅନୁସରଣ କଲେ । କୁକୁଡ଼ାଘର ପାଖରେ ଦେଖିଲେ ଗୋଟିଏ କୁକୁଡ଼ାଛୁଆ ମିଶି ତଳକୁ ହେଉଛି ଛୁଆ ହୋଇଛି । ଆଉ ଗୋଟିଏ ବଡ଼ କୁକୁଡ଼ା କାଠଗଦା ଉପରେ ବସିଛି, ଆଉ ଛନ ଛନ ହୋଇ ଛୁଆଙ୍କୁ ଚାହୁଁଛି । କଅଣ ଦେଖିବାର ଅଛି ଗୋବିନ୍ଦ ବାବୁ ବୁଝିପାରିଲେ ନାହିଁ ।

ବାପୁ ବୋଉ କହିଲେ, ଆହା, ଦେଖି ପାରିଲନାହିଁ । କୁକୁଡ଼ାଙ୍କର ଏମିତି ଭାବ ଅଛି କି ? ଏଇ କୁକୁଡ଼ାର ମା' ବର୍ଷାରୁ ଆସି ଏଇଠି ପିଣ୍ଡାରେ ଛିଡ଼ା-ହେଲା, ଆଉ କକ୍‌କରକ-ଆ···କରି ଡାକିଲା । ଏଇ ସାନଛୁଆଟି ବର୍ଷାରେ ଭିଜି ଭିଜି ଆସି ତା ପାଖରେ ଛିଡ଼ା ହେଲା । ଦୁହେଁ ଦୁହିଁଙ୍କୁ ଚାହିଁ ମୁହଁକୁ ମୁହଁ ଲଗାଇ ଅନେକ କ୍ଷଣ ଛିଡ଼ା ହେଲେ । କଅଣ କଥାବାର୍ତ୍ତା ହେଲାପରି ଲାଗିଲା । ନିଶ୍ଚୟ ମା' ତାର ଛୁଆକୁ ଗାଳିଦେଲା କାହିଁକି ବର୍ଷାରେ ଭିଜୁଛୁ ବୋଲି । ତା' ପରେ ଛୁଆ କଅଣ କହିଲା କେଜାଣି ମା' ତାକୁ ଦି ଥର ଚୁମା ଦେଇ ମୁହଁ ଘୁଞ୍ଚି ଗଲିଗଲା । ଛୁଆଟି ହେଉଛି ବେଳୁ ମୁହଁ ତଳକୁ କରି ଛିଡ଼ାହୋଇଛି ସେଠି, ଅଉ ବରଷାକୁ ଯାଉନାହିଁ । କି ସୁନ୍ଦର ମ ସତେ ! ତାଙ୍କର ମା'ମାନେ ବି ଛୁଆଙ୍କୁ ଏମିତି ପାଳନ୍ତି ! ନାଇଁନେ ମା' ମୋ କୁକୁଡ଼ା ମୁଁ କାହାକୁ ଦେବନାହିଁ । କହୁ କହୁ ତାଙ୍କର ଆଖି ଛଳ ଛଳ ହୋଇଗଲା ।

ସେ ଦିନ ବଡ଼ କୁକୁଡ଼ା ଆସେଇ ଲୁହଁ କହିଲେ, ଆଜି ଏ କାହିଁକି ଏତି କହିଛି ?

—ଆଜ୍ଞା, ଜାଣ ନାହିଁ, ଏଇ ଲୁଚିକା ଗୁରୁଆଜ୍ଞା ମାଟିକେଇ ଜମାଇଥିବ ସେ । ମାଟି ହେଇକି କହୁଥିଲା, ଏଣ୍ଡା ଖେବା ଜଗାଯିବେ ଏହା ଘଷି ନେଲେ ସେମିତି ଏଣ୍ଡା ନେବେ ନାହିଁ ନେଲେ ପୁଣି ଟାଙ୍କି କମ୍ପେଇ କରିବ, ଏଣ୍ଡା ନେଇ ପାରିକି, ଏଣ୍ଡା ନେବ ସେ ଖାଇବ ! କି ଆଶ୍ଚର୍ଯ୍ୟ ସତେ !

ସେ ଦିନ ବାପୁଙ୍କ ଆଖି ବି ଛଳ ଛଳ ହୋଇଗଲା । ସେ କହିଲେ, ଏଇ ତ ଈଶ୍ୱର ସୃଷ୍ଟି ଏମାନେ । ସକାଳୁ ଉଠିଲେ, ବୁଲିଗଲେ ବାହାରକୁ ଖାଦ୍ୟ ଖୋଜିବା ପାଇଁ । ଧାନଗଛ ବାଡ଼ିରେ ଖାଇ ହଜମ କରିବାକୁ ଜାଣିଲେ, ପ୍ରକୃତି ନଷ୍ଟ କରନ୍ତି ଚଉଷଠି ଓ ଝଡ଼ ନାହିଁ । ବରଂ ପୁଷ୍ଟିକର ଖାଦ୍ୟ ଯୋଗାଇଦେଇଛନ୍ତି; କିନ୍ତୁ ଏଣ୍ଡା ଦେଇପାରିଲେ ତାକୁ କିଏ କେଜାଣି କି ଖାଇଲେ ହେଉଥିବ ତାଙ୍କର ଭ୍ରୂକ୍ଷେପ ନାହିଁ । ଏହି ଆଅଜ୍ଞା ତେବେ ଅମ ଉପରେ କେତେ ଅସୁବିଧା ହୁଅନ୍ତା କୁହ ତ ?

ବୁଢ଼ୀ ଦେଖ ସବୁଠାରୁ ବଳକାରକ ଖାଦ୍ୟ ଯୋଗାଉ ଥିଲେ ବି ଏମାନେ କେତେ ଲଣ୍ଡୁ !!

—ଅଦ୍ଭୁତ ସତେ ! ଠିକ୍ ରାତି ତିନିଟାବେଳେ ବ୍ରାହ୍ମମୁହୂର୍ତ୍ତରେ ସବୁ କୁକୁଡ଼ାଙ୍କ ଡାକିଉଠିବେ, ଚେତ୍ ଧ···ଅ···ର, ଉଷା କ···ଅ···ର ! ବାପୁବୋଇ ହାତଯୋଡ଼ି ନମସ୍କାର କରି କହିଲେ ।

ଗୋବିନ୍ଦ ଛଳ ଛଳ ଆଖିରେ ଫେରି ଆସି ଖଟ ଉପରେ ଶୋଇ ଭାବିବାକୁ ଲାଗିଲେ ସୃଷ୍ଟିର ଅଦ୍ଭୁତ ନିୟମ । କିଛି ଠାଉ କରିପାରିଲେ ନାହିଁ । ଉପନିଷଦର ଗୋଟିଏ ଶ୍ଳୋକ ତାଙ୍କର ମନେପଡ଼ିଲା, "ଯସ୍ୟାମତଂ ତସ୍ୟ ମତଂ ମତଂ ଯସ୍ୟ ନ ବେଦ ସଃ, ଅବିଜ୍ଞାତଂ ବିଜାନତାଂ ବିଜ୍ଞାତମବିଜାନତାମ୍ ।" ଯେଉଁମାନେ ସମ୍ୟକ୍ ଜ୍ଞାନବାନ୍ ସେମାନେ ବ୍ରହ୍ମଙ୍କୁ ଜ୍ଞାତ ବୋଲି ମନେକରନ୍ତି-ନାହିଁ, ଯେଉଁମାନେ ସମ୍ୟକ୍ ଜ୍ଞାନବାନ୍ ନୁହନ୍ତି, ସେମାନେ ମନେକରନ୍ତି ବ୍ରହ୍ମ ଜ୍ଞାତ ।

ସେଦିନ ରବି ନପାଡୁଣୁ ଗୋବିନ୍ଦବାବୁଙ୍କ ନିଦ ଭାଙ୍ଗିଗଲା ତାଙ୍କର । ନେଇଗଲା ଘର ଦୁଆର ପାଖରେ କୁକୁଡ଼ାମାନଙ୍କର ଶୋଇବା ସ୍ଥାନରେ । ପ୍ରତିଦିନ ଏଠାରେ ଶୁଅନ୍ତି; କିନ୍ତୁ ଆଜି ତାଙ୍କ କଥା ସେ ପ୍ରଥମ ବୁଝି ପାରିଲେ, ବାପୁବୋଉଙ୍କୁ ଆସ୍ତେ ହଲାଇ ଉଠାଇ ଦେଇ କହିଲେ, ଶୁଣୁଛ, କୁକୁଡ଼ାମାନେ କହୁଛନ୍ତି, ବାଡ଼ି କବାଟ ଫିଟାଇ ଦିଅ, ଆମେ ବାହାରକୁ ଯିବୁ ନିଜ ନିଜ ଧନ୍ଦାରେ ।

ବାପୁବୋଉ କାନରେ କହିଲେ, ସତ ମ !!

ଦୁହେଁ କବାଟ ଫିଟାଇ ବାହାରକୁ ଆସିଲେ ବାଡ଼ିକବାଟ ଫିଟାଇ ଦେବାକୁ କୁକୁଡ଼ାଗୁଡ଼ିକ ସେମାନଙ୍କ ପଛେ ପଛେ ଦୌଡ଼ିଲେ । ଯେମିତି ବାଡ଼ି କବାଟ ଫିଟାଇଦେଲେ, ଗିଡ଼ଗିଡ଼ି ମାରି ସମସ୍ତେ ଦୌଡ଼ିଲେ ବାହାରକୁ ।

ଗୋବିନ୍ଦବାବୁ ଓ ବାପୁବୋଉ ମୁଗ୍ଧ ଭାବରେ ଅନାଇ ରହିଲେ ସେମାନଙ୍କୁ । ବାପୁବୋଉ ଆକାଶକୁ ଚାହିଁ ନମସ୍କାରକରି କହିଲେ, ହେ ଭଗବାନ୍ ..

ଗୋବିନ୍ଦବାବୁ କହିଲେ, ଉପରକୁ ବି ଚାହଁ । ଘାସକୁ ଦେଖ, କୁକୁଡ଼ାକୁ ଦେଖ । ଦେଇ ଦେଇ ଦେଖ ! ପିମ୍ପୁଡ଼ି ଧାଡ଼ି ଲାଗିଛି କାନ୍ଥରେ । ମା' ପିମ୍ପୁଡ଼ିମାନେ ମୁହଁରେ ଅଣ୍ଡାଟିମାନ ଧରି ତରତରହୋଇ ଧାଉଁଛନ୍ତି । ଦେଖ ମ, ଗୋଟାଏ ସାନ ବୁଢ଼ୀଆଣୀ ସେ ଧାଡ଼ି ପାଖରେ ଛକି ବସିଛି, ଆଉ ସୁବିଧା ପାଇବା ମାତ୍ରକେ ପିମ୍ପୁଡ଼ି ମୁହଁରୁ ଅଣ୍ଡାଟିଏ ଛଡ଼ାଇନେଇ ପଳେଇଯାଉଛି !! ଏ ସବୁ ତେବେ ଭଗବାନଙ୍କ ଲୀଳା । ବଡ଼ା ମୁସ୍କିଲିଆ କଥା !!

ଛାଡ଼ପତ୍ର

ଦିନଟା ଆଷାଢ଼ର ପ୍ରଥମ ଦିନ ନୁହେଁ । ରମାରଞ୍ଜନ ମଧ୍ୟ ଠିକ୍ କାନ୍ତ ନୁହନ୍ତି, ବୟସ ତାଙ୍କର ଚାଳିଶ । ସ୍ତ୍ରୀ ବିରହର ଯନ୍ତ୍ରଣା ମଧ୍ୟ ସେ ଅନୁଭବ କରୁ-ନାହାନ୍ତି । ଚିରମିଳନର ଯନ୍ତ୍ରଣା ସେ ବର୍ତ୍ତମାନ ଅଙ୍ଗେ ଅଙ୍ଗେ ଅନୁଭବ କରୁଥିଲେ । ରମାରଞ୍ଜନଙ୍କ ପିତା ଯେ କେଉଁ ଭାବ ପ୍ରବଣରେ ନାଁ ରଖିଥିଲେ 'ରମାରଞ୍ଜନ' ସେ କଥା ସେଇ ଜାଣନ୍ତି; କିନ୍ତୁ ବିବାହ ପରେ ତାଙ୍କର ବନ୍ଧୁମାନେ କହିଲେ, ନାଁଟି ତାଙ୍କର ସାର୍ଥକ ହେଲା । ବନ୍ଧୁ ମାନେ ହୁଏତ ତାଙ୍କର ମତ ଏ ପର୍ଯ୍ୟନ୍ତ ବଦଳାଇ ନାହାନ୍ତି, ରମାରଞ୍ଜନ ବିବାହ କରିବାର ଦୁଇବର୍ଷ ଭିତରେ—ଠିକ୍ କହିବାକୁ ଗଲେ ତାଙ୍କର ପ୍ରଥମ ସନ୍ତାନ ଜନ୍ମପରେ—ଅନୁଭବ କଲେ, ତାଙ୍କର ସେ ନାଁ ଆଜି ତାଙ୍କୁ ଉପହାସ କରୁଛି । ତଥାପି ଘଡ଼ଘଡ଼ିର କଡ଼ କଡ଼ ଶବ୍ଦ, ବିଜୁଳିର ମୁହୁର୍ମୁହୁ ଝଲକ ଏବଂ ବରଷାର ଅବିରାମ ଝର ଝର ଝମ୍ ଝମ୍ ସଙ୍ଗୀତ ଆଜି ଟିକିଏ କାନ୍ତଭାବ ଆଣିଦେଲା । ପଡ଼ିଶା ଘରର ଯୁବତୀ ବଧୂ ଗ୍ରାମୋଫୋନ୍‌ରେ ରେକର୍ଡ ଲଗାଇଚନ୍ତି —'ଏମନ ଦିନେ ତାରେ ବଲା ଯାୟ, ଏମନ ଘନ ଘୋର ବରଷାୟ' । ଏପରି ଦିନରେ କାହାକୁ କିଏ କଅଣ କୁହେ, ଜାଣିବାକୁ ଆଗ୍ରହାନ୍ୱିତ ହୋଇ ରମାରଞ୍ଜନ ପଡ଼ିଶା ଘରଆଡ଼ ଝରକା ଖୋଲିଦେଇ ଛିଡ଼ାହୋଇଚନ୍ତି କି ନାହିଁ ଏଣେଆଡ଼ୁ ଶୁଭିଲା, ଶୁଣୁଚ ହୋ, ଏ ବରଷାରେ ମନ ଇସ୍କୁଲରୁ ଆସି ମନା କରୁକରୁ ଖେଳିବାକୁ ପଳେଇଚି, ତୁମେ ତ କିଛି କହିବନି । ବୁଢ଼ାର ଟୋକାଟ ବାଇଗଣ ସେର ପାଞ୍ଚ'ଣା ଜାଗାରେ ଛ'ଅଣା ଦେଇ ଆଣିଚି । ମଲା ! କୁଆଡ଼େ ଅକାଶଟାକୁ ଚାହିଁଚ ନା ? ହା ମୋ କପାଳ···?

କପାଳରେ କରାଘାତର ପ୍ରଚଣ୍ଡ ଶବ୍ଦ ଶୁଣି ରମାରଞ୍ଜନ ବାବୁ କିଛିକ୍ଷଣ ଅଖି ବୁଜି ଛିଡ଼ା ହେଲେ ଏବଂ ମନେ ମନେ କହିଲେ ହାୟ ଭଗବାନ୍ ! ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ଶାନ୍ତଭାବରେ ପଚାରିଲେ, କଅଣ କହୁଥିଲ ରମା ?

ରମାରଞ୍ଜନ 'ରମା' [illegible] ସମ୍ବୋଧନ କରନ୍ତି, [illegible] ଯେପରି କୌଣସି [illegible] ନ [illegible] ଥାଉଚି; କିନ୍ତୁ ତୁମ [illegible] କହିବି, [illegible] ମୁଁ ତୁମକୁ [illegible] କହିବି ମୋ ନା' [illegible] ନାହିଁ । [illegible] ତା' ଛଡ଼ା ପୁଅ [illegible], [illegible] ତୁମେ ମୋତେ 'ମନ ଚୋର' ଡାକିବ

ରମାରଞ୍ଜନ [illegible], [illegible]

— କିନ୍ତୁ [illegible] ତୁମର ଏ କାନବାଳି [illegible]

ରମାରଞ୍ଜନ ବାବୁ [illegible], ତୁମ କଥାଗୁଡ଼ିକ ମୋ [illegible] କରୁଛି; କିନ୍ତୁ ମୋ କଥାଗୁଡ଼ାକ [illegible] ଅନ୍ୟବାଟେ ଅନର୍ଥ ବାହାରେ, ଏଇ କଥା ଚିନ୍ତା କରୁ···

ଆଉ କିଛି ନ କହି [illegible] ଚାଲିଗଲେ ରମାରଞ୍ଜନ ତାହାଙ୍କ ପଡ଼ୋଶୀ ପ୍ରେମମୟ ଘରକୁ । ପ୍ରେମମୟ ତାଙ୍କର ଅଭିନ୍ନ ବନ୍ଧୁ । ବର୍ତ୍ତମାନ ମନସ୍ତତ୍ତ୍ୱର ଅଧ୍ୟାପକ । କ୍ଲବର ଚୋହିଏ ତାହାଙ୍କ ସେ ।

ପ୍ରେମମୟବାବୁଙ୍କ ବୈଠକଖାନାରେ ଛୋଟ [illegible] ଆରାମ-ଚୌକିରେ ଦେହ ଢାଳିଦେଇ ସେ ଅନ୍ତି, ରେମ, ନୁଆ କାଲିଠାରୁ ଥାଳଏ ପକୁଡ଼ି ଚୋରି କରିବାକୁ ଅଭିଯାନ । ସନ୍ଧ୍ୟାକୁ ଆଣିବା ପାଇଁ ଦାୟୀ କିଏ ନା ।

— କରେ ସନ୍ଧ୍ୟା ପ୍ରତ ଚୋରି ଅଛ କେତ୍ୱସ୍ତା ପାଞ୍ଚଟି ? ନା ଦେଖେଇ ଦେଉଛ ନିଜର ଉଦାସୀନତା । ମୁଁ ତ ତୁମ ଦୁଇଜଣଙ୍କ ଗୁଣଚେଲେ ଦେଖି ଗୁଡ଼ପଣର ବନ୍ଦୋବସ୍ତ···

ରମାରଞ୍ଜନ ଆରାମଚୌକିରୁ ଉଠିପଡ଼ି ହଠାତ୍ ପୂର୍ଣ୍ଣପ୍ରାଣ ସମର୍ଥନ ଦେଇ ଆଗ୍ରହ ସହକାରେ କହିଲେ, 'ସ୍ତ୍ରୀକୁ ଗୁଡ଼ପଣ ଦେବୁ ? ଦେ ଭାଇ, ଦେଇଦେ । କାରଣ ସକାଳଟା ଉର ନା ଚୁ' ।

ଚିତ୍ରମନ୍ୟୁ ହସି କହିଲେ, ଓଃ ସେହା ବୁଝିଲି, ସ୍ତ୍ରୀ ସହିତ କଳିଅକର ଅଛି୍···

ରମାକାନ୍ତ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ନା ପ୍ରେମ ! ଆଉ ତାକୁ ଜାଣିନାହିଁ । ସେ କଥା ବୃଥା କଳ୍ପନା । ଦିନଏ ବି ସରସତା ପାଇନାହିଁ ମୋ ଦାମ୍ପତ୍ୟ ଜୀବନରେ । ଯଦି ବନ୍ଧୁ ବା ଶ୍ରଦ୍ଧା ଥାଆନ୍ତି, ସତ କହୁଛି, ସ୍ତ୍ରୀଜାତି ଦେଇ ଆଉ ଗୋଟିଏ···ମାନେ, ଆଉ ଗୋଟିଏ··· । ସବୁବେଳେ ଓଳି ଗଳିର୍ ଗଳିରେ, ମହିଷ ଆଉ କେତେ ସହିବ କହିଲୁ··· ?

ଚିତ୍ରମନ୍ୟୁ ହସି କହିଲେ, ସ୍ତ୍ରୀଜାତି ଦେଇଛୁ, ନା ? ସେଥିରେ ଗୋଟାଏ କଥା କହୁଛି ଶୁଣ । ଜଣେ ଧନୀ ଭଦ୍ରଲୋକ ଥରେ ତୀର୍ଥଯାତ୍ରା କରିବାକୁ ଦୂର ଦେଶକୁ ବାହାରିଲେ । ଯିବାବେଳେ ତାଙ୍କ ସ୍ତ୍ରୀଙ୍କୁ କହିଲେ, ଦେଖ, ମୁଁ ଦୂର ବିଦେଶକୁ ଚାଲି ଯାଉଛି । କେବେ ଫେରିବି, ଫେରିବି କି ନାହିଁ, କିଏ କହିବ । ମୋର ଅବର୍ତ୍ତମାନରେ ମୋର ଅନୁପସ୍ଥିତିରେ ତୁମେ ନିଜକୁ ଚଳାଇ ନେଇପାରିବ । ଯଦି ନପାରି ନ ପାର, ତେବେ ଗୋଟିଏ ଉପାୟ ମୁଁ କହିଯାଉଛି, ତାହା ପାଳନ କରିବ । ଏଇ ଯେ ସାମନାରେ ସର୍ବସାଧାରଣ ପାଇଖାନା ଦେଖୁଛ, ସେଠିକି ଯେତେ ଲୋକ ଯାଆନ୍ତି, ତାଙ୍କ ଭିତରେ ଯାହାର ସବୁଠୁଁ ପୁରୁଣା ଛତ୍ର ଦେଖିବ, ତାହାର ସାହାଯ୍ୟନେବ । ଏହା କହି ଭଦ୍ରଲୋକଜଣ ତୀର୍ଥଯାତ୍ରାରେ ଗଲେ । ଅନେକ ଦିନ ବିତିଗଲା । ସ୍ତ୍ରୀ ଆଉ ନିଜକୁ ଚଳାଇ ପାରିଲେନାହିଁ । ସ୍ୱାମୀଙ୍କ ନିର୍ଦ୍ଦେଶ ମାନି ସେ ଦିନେ ସକାଳେ ଝରକା ପାଖରେ ବସି ପାଇଖାନା ଯାଉଥିବା ଲୋକମାନଙ୍କୁ ନିରୀକ୍ଷଣ କରିବାକୁ ଲାଗିଲେ । ସେମାନଙ୍କ ଭିତରେ ଜଣକର ଛତ୍ରିଟି ଅତି ପୁରୁଣା, ତିନି ଚାରି ଜାଗା କଣା ହୋଇ ପାଣି ଝରୁଛି, ଛତ୍ର ପଡ଼ ଅନେକ ଜାଗାରେ ତେପା ହୋଇଯାଇଛି । ତାଙ୍କୁ ହିଁ ମନେ ମନେ ମନୋନୀତ କରି ସେ ଚାକର ପଠାଇ ତାଙ୍କୁ ଡକାଇଲେ ଏବଂ ତାଙ୍କୁ ନାନା ସୁଖାଦ୍ୟ ଦେଇ ଆପ୍ୟାୟିତ କରି ପ୍ରକାରାନ୍ତରେ ସ୍ୱାମୀଙ୍କ ନିର୍ଦ୍ଦେଶ ଓ ନିଜର ମନୋଭାବ ପ୍ରକାଶ କରିବାକୁ ମନସ୍ଥ କଲେ; କିନ୍ତୁ ନିଜର କୌତୂହଳ ଦମନ କରି ନ ପାରି ସେ ପ୍ରଥମେ ହିଁ ପଚାରିଲେ ମହାଶୟ, ଗୋଟିଏ କଥା ଜାଣିବାକୁ ମୋର ଭାରି ଆଗ୍ରହ ହେଉଛି । ଯଦି କିଛି ମନେ ନ କରିବେ ତ ପଚାରିବ ।

ଭଦ୍ରଲୋକ ଅଭ୍ୟସ୍ତ ହେବାରୁ ସେ କହିଲେ, ଅଜ୍ଞ, କହିବେ କି, ଆପଣଙ୍କ ତରୁଣୀ ସ୍ତ୍ରୀ ଘରେ ଜାଗା କଣ ଓ ଅନେକ ଜାଗା ହେଉ। ସେଥିପାଇଁ କି ତାଙ୍କୁ ବଦଳାଇ ଆଜି ଗୋଟିଏ ନୂଆ କହିଁକି ବ୍ୟବହାର କରୁନାହାନ୍ତି ?

ଭଦ୍ରଲୋକ କିଛିକ୍ଷଣ ନୀରବ ରହି ଟିକିଏ ହସିଲେ ଏବଂ କହିଲେ, ବୁଝିଲ୍, ମା' ଆଜିକି ପନ୍ଦର ବର୍ଷ ହେବ ଏହି ଗଣ୍ଡ ଅଗାରେ ନିଜର ନଗ୍ନତା ପ୍ରକାଶ କରି ଆସୁଛି । କେଉଁ ଗୋଟାଏ ଗଣ୍ଡ ଅଗରେ ନିଜର ନଗ୍ନତା ପ୍ରକାଶ କରିବାକୁ ପ୍ରୀତି ହେଉନାହିଁ ।

ଏଥର ବଉଦ ଆଉରି ସ୍ତ୍ରୀ ସ୍ୱାମୀଙ୍କ ନାଁରେ ମୁଣ୍ଡ ଆଡ଼େଇ ବୁଲିଚି ଚଳକୁ ମୁହଁ ପୋତିଲେ ।

ପ୍ରେମମୟ ବନ୍ଧୁ ରମାରଞ୍ଜନଙ୍କ ମନ ଉପରେ ଅଧିକ ପ୍ରଭାବ ପାଇଁ ଟିକିଏ ସ୍ୱାଭାବିକ ହୋଇ କହିଲେ, ରମାରଞ୍ଜନ ଆଜିକି ଦଶ ବର୍ଷ ହେବ ତୁ ଯେଉଁ ଗାମଛାରେ ନିଜର ନଗ୍ନ ପରିଚୟ ଦେଇଆସିଛୁ, ଆଜି ତା' ଛିଣ୍ଡା! ଆଜି କେଉଁ ନୂଆ ଲୋକ ତୋର ପ୍ରକୃତ ପରିଚୟ ପାଇ ପାରିବ କି ? ଆଜି କଣ କି ଗାମଛାରେ ତୁ ତୋର ସ୍ୱରୂପକୁ ଆଉଥରେ ମୂଳରୁ……

ରମାରଞ୍ଜନ ଏଥର ତୀବ୍ର ପ୍ରତିବାଦ କରି କହିଲେ, ନା, ନା, ପ୍ରେମ ! ଏ କଥନ ଅସହ୍ୟ । ଯାହା ସହିତ ମନର ପ୍ରେମ ନାହିଁ, ତାହା ସହିତ ଜୀବନଯାପନ ବନ୍ଧ ହୋଇ ରହିବା ଯେ କି ବିଡ଼ମ୍ବନା, କି ଦାରୁଣ ଯନ୍ତ୍ରଣା, ତୁ ବୁଝି ପାରୁନାହିଁ ।

ପ୍ରେମମୟ ହେହିପରି ହସି ହସି କହିଲେ, ମନ, ମନ, ମନ । ବୁଝିଲୁ ରମା ! ମନଭଳି ଏପରି ପିଚ୍ଛିଳ ଜିନିଷ ନାହିଁ । ସ୍ୱାମୀ ସ୍ତ୍ରୀର ବନ୍ଧନକୁ ମନ ଉପରେ ଛାଡ଼ିଦେବା ଆଦୌ ଉଚିତ ନୁହେଁ । ମନ ତ ଅନେକ କିଛି ଖୋଜେ । ମନ ଯେମିତି ଗୋଟିଏ ଜିନିଷକୁ ଆଗ୍ରହରେ ଖୋଜେ, ସେମିତି ପାଇବା ପରେ ଅନାୟାସରେ ତାକୁ ଫିଙ୍ଗିଦେଇପାରେ । ତୁ କଅଣ କହୁଚୁ, ସ୍ୱାମୀ ସ୍ତ୍ରୀର ଯେଉଁ ସମ୍ବନ୍ଧ ଉପରେ ସମସ୍ତ ସମାଜ, ସନ୍ତାନ ସନ୍ତତିର ଶିକ୍ଷା ସଂସ୍କୃତି ସବୁ ନିର୍ଭରକରେ ତାକୁ ମନର ଭଲପାଇବାପରି ପିଚ୍ଛିଳ କଥାଟା ଉପରେ ଛାଡ଼ିଦେବା ଉଚିତ ? ତୁ ମୋତେ ମରହଟ୍ଟୀ ବା ଅନ୍ୟ ଯାହାକିଛି କହ, ମୁଣ୍ଡରେ ଟୋପି ପିନ୍ଧିବା ଓ ଛାଡ଼ିବା ଭଳି ବିବାହ ଗୁଡ଼ପରିର ସୁଆଙ୍ଗକୁ ମୁଁ ଆଦୌ ପସନ୍ଦ କରେନାହିଁ । ଆରେ ଏ

ହେଉଛି ସ୍ୱାମୀ ସ୍ତ୍ରୀର ତିନିଗୋଡ଼ିଆ ଦୌଡ଼, ଥ୍ରି ଲେଗେଡ୍ ରେସ୍, ବୁଝିଲୁ ? ଗୋଟିଏ ଗୋଡ଼ ସ୍ୱାମୀର ଓ ଗୋଡ଼ ସ୍ତ୍ରୀର ଅଲଗା ଅର୍ଥାତ ସ୍ୱାଧୀନ; କିନ୍ତୁ ଦୁଇଜଣଙ୍କର ଆଉ ଦୁଇଟା ଗୋଡ଼ ଏକାଠି ସୂତାରେ ବନ୍ଧା ଯେ ଆଉ ଅଲଗା ହୋଇ ପାରିବେ ନାହିଁ । ଏହି ବନ୍ଧା ଗୋଡ଼ ଦୁଇଟି ସମାଜ କୃତ, ନିଷ୍ଠା କୃତ, ଧର୍ମ କୃତ, ଏହି ବନ୍ଧା ଗୋଡ଼କୁ ଯିଏ ଯେତିକି ଭଲ ଭାବରେ ଚଳାଇ ପାରିବ, ତାର ସୁଖ ସେତିକି ।

ରମାରଞ୍ଜନ ତଥାପି ମୁଣ୍ଡ ହଲାଇ କହିଲେ, ନା, ନା, ପ୍ରେମ, ମୁଁ ତୋର ଯୁକ୍ତି ବୁଝିଛି । ତଥାପି ମନ ମାନୁନାହିଁ ।

ପ୍ରେମମୟ ଏଥର ଗମ୍ଭୀର ହୋଇଗଲେ ଏବଂ କିଛିକ୍ଷଣ ପରେ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ କହିଲେ, "ତେବେ ତୋତେ ଆଉ ଗୋଟିଏ କଥା କହୁଛି ଶୁଣ । ଏଟା ଆଗପରି ଗଳ୍ପ ନୁହଁ । ଏକଦମ୍ ସତ ଘଟଣା । ତୁ ଇସ୍ ବାବୁଙ୍କ ନା ଶୁଣିଚୁ ?"

ଆଶ୍ଚର୍ଯ୍ୟ ହୋଇ ରମାରଞ୍ଜନ କହିଲେ, "'ଇସ୍' କଅଣ ଜଣଙ୍କ ନା ?"

—"ଓହୋ, ତୁ ତେବେ ଆମ ମିହିର କଥା ଶୁଣିନୁ । ଆରେ, ଆମ ମିହିର ମ । ଯିଏ ଇତିହାସରେ ଏମ. ଏ. ପାଶ କରିବାପରେ ସେକ୍ରେଟେରିଏଟରେ କିରାଣୀ କାମ କରୁଛି ।"

—ଆରେ ମିହିର ! ଆମ ସାଙ୍ଗରେ ଯିଏ ପଢୁଥିଲା ପାଟଣାରେ ? ତାର ନା, ଇସ୍ କେବେଠୁଁ ହେଲା ? କାହିଁକି ହେଲା ?

—ସେ ଗୋଟାଏ ଇତିହାସ । ସେଇ କଥା ତ କହିବାକୁ ଯାଉଛି । ତାକୁ ଆଜିକାଲି ସମସ୍ତେ ଇସ୍ ବାବୁ ବୋଲି ଡାକନ୍ତି; କାରଣ ଅଳ୍ପ ଦୁ'ଚାରି ବର୍ଷ ହେବ ତାର ଗୋଟିଏ ମୁଦ୍ରାଦୋଷ ହୋଇଛି କଥାରେ କଥାରେ ଇସ୍ କହିବା— ସେ ଫାଇଲଟା ତ ସାର୍ ଇସ୍ ମୁଁ ସୁରଞ୍ଜନ ଦେବ ଦେଇ ସାରିଛି ଇସ୍ ?...ଏମିତି ।

ଆଶ୍ଚର୍ଯ୍ୟ ହୋଇ ରମାରଞ୍ଜନ ପଚାରିଲେ, "ପଢ଼ିଲାବେଳେ ତ ଏ ମୁଦ୍ରାଦୋଷ ତାର ନ ଥିଲା ? ହଠାତ୍... ଏମିତି ହେବା କଅଣ ? ତୋର ମନସ୍ତତ୍ତ୍ୱ ଏ ସମ୍ପର୍କରେ କଅଣ କହେ ?"

—ବହୁ ବର୍ଷପରେ ଆଜ ସନ୍ଧ୍ୟାରେ ହଠାତ୍ ତା ସହିତ ମୋର ଦେଖା । ମୁଁ କଲେଜରୁ ଫେରୁଥିବା ବେଳେ । ତୁ ଆଶ୍ଚର୍ଯ୍ୟ ହେବୁ ଶୁଣି, ଯେଉଁ ମିହିର ଦିନେ ଥିଲାବେଳେ ହଷ୍ଟେଲରେ ହସ ଖେଳ, ଫୁର୍ତ୍ତି, ଫାଜିଲ୍, ବେପରୁଆ, ସେ ଆଜି ହୋଇଗଲାଣି ଗମ୍ଭୀର, ଚିନ୍ତିତ । ମୋତେ ଦେଖି ଟିକିଏ ହସି ସେ କହିଲା, କେମିତି ଅଛୁ ? ଇସ୍ । ତା ର କଥା ଶୁଣି ମୁଁ ଶିଶୁମତ ରାଗିଯାଇ କହିଲି, କାହିଁ ମୋତେ ଦେଖି ଏତେ ବିରକ୍ତ କାହିଁକି ? ତାର ମୁହଁରେ ବ୍ୟଥା ଫୁଟିଉଠିଲା । ସେ ବ୍ୟଥିତ ସ୍ୱରରେ କହିଲା, ନା ଭାଇ ଅନେକ ଦିନ ପରେ ତୋତେ ଦେଖି କେତେ ଆନନ୍ଦ, ମୁଁ କଅଣ କହିବି । ଚିନ୍ତିଲି ତେବେ 'ଇସ୍' କାହିଁକି କହିଲୁ ? ସେ କଥାକୁ ଟାଳି ମାରି କହିଲା, 'ଇସ୍' କହିଲି ନା କଅଣ ? ଭାଇ ଛ' ସାତ ବର୍ଷ ହେବ ଏ ଦେଶଟିଏ ମୁଦ୍ରାଦୋଷ ହୋଇଛି । ଟିକିଏ ବ୍ୟଥିତ ସ୍ୱରରେ ହସି ସେ ପୁଣି କହିଲା, "ତୁ ଜାଣୁନା ବୋଧେ ମୋର ନା ଆଜିକାଲି 'ଇସ୍ ବାବୁ' । ମୋର ମନସ୍ତାତ୍ତ୍ୱିକ କୌତୂହଳ ଜାଗିଲା; ସନ୍ଧ୍ୟାକୁ ଡାକ ନେଇ ମିହିରକୁ ନାନା ପ୍ରଶ୍ନ ପଚାରି ଯେଉଁ ଉତ୍ତରସବୁ ପାଇଲି, ତାହାହିଁ କହିବି । ନଦୀ ଯେତେବେଳେ ପାର୍ବତ୍ୟ ଦେଶରେ ବହୁଥାଏ, ସେତେବେଳେ ସେ ଥାଏ ଚଞ୍ଚଳ, ଆବେଗମୟ । ପାହାଡ଼ ପର୍ବତ ଟେକି ସେ ବହି ଚାଲେ ସମତଳଭୂମି ପାଇଁ । ନଦୀ ଯେତେବେଳେ ସମତଳଭୂମିରେ ବହେ ତାକୁ ଉର୍ବର କରେ, ଆମେ ନଦୀର ସେହି ଅବସ୍ଥାକୁ ପ୍ରାଧାନ୍ୟ ଦେଉ, କିନ୍ତୁ ଭାବ ଦେଖିଲେ, ନଦୀର ଆବେଗମୟ ପ୍ରଥମ ଜୀବନ ଉପରେ ସବୁ ନିର୍ଭର କରେନାହିଁକି ? ସବୁ ନିର୍ଭର କରେ ନଦୀ ପାର୍ବତ୍ୟ ଦେଶରୁ କେତେ ପାଣି ଓ ପଥର ମାଟି ତା ସହିତ ସମତଳ ଭୂମିକୁ ଆଣୁଛି । ମିହିରର ଯୌବନର ତା ଆବେଗମୟ ଜୀବନ କେବଳ କଠିନ ପଥର ଉପରେ ବହିଛି । ସମତଳ ଭୂମିକୁ ଓହ୍ଲାଇବା ପରେ, ଅର୍ଥାତ ଦାମ୍ପତ୍ୟ ଜୀବନ ତାଙ୍କ ନିଷ୍ଫଳ ହୋଇଛି ।

—ମିହିରର ସ୍ତ୍ରୀ ଲବଙ୍ଗ ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ ହେଲେ କଅଣ ହେବ ମିହିର ତାକୁ ଭଲ ପାଇପାରିଲା ନାହିଁ; କିନ୍ତୁ ବୁଝ ନା ଯେ ମିହିର ଆଉ କାହାକୁ ଭଲପାଏ; କିନ୍ତୁ ଭଲ ପାଇବାପାଇଁ ଯେଉଁ ଆବେଗ, ସେ ଆବେଗ ହିଁ ତାର ମରି ଯାଇଛି । ଇସ୍! ବୋଲି ମିହିର ତାର ସ୍ତ୍ରୀ ପ୍ରତି କୌଣସି ତ୍ରୁଟି କରିନାହିଁ । ସେ ଯାହା ହେଉ ଏ ମୁଦ୍ରା ଦୋଷଟି ତାର କିପରି ହେଲା ସେଇ କଥା ହିଁ କହୁଛି—

"ଛ' ସାତ ବର୍ଷ ତଳେ ମିହିର ତାର ଝିଅକୁ ବାହା ଦେଇ ବିଦାୟ ଦେଲା-ବେଳେ ଯୌବନ ଲୁଟିତ ଅନ୍ତରର ମାସେ ଅଛି, ଟିକିଏ ବୁଲି ଆସିଲେ ଦୁଅନ୍ତା । ଲବଙ୍ଗ

ମିଶ୍ରର ପାଖରେ ଛିଡ଼ାହୋଇ କହିଲା, ଶୁଣୁଚ, ଛୁଟି ତ ଆଉ ମାସେ ଅଛି । ତୁମେ ଟାଣ୍ଡି ଟିକିଏ ବାହାରେ ବୁଲିଆସ । ଶଶୁରଙ୍କ ଅସ୍ଥି ଅନେକ ଦିନରୁ ତ ରହିଚି, ଗୟାରେ ଦେଇଆସିବ । ଆଉ କଲିକତା ପାଟନା ଆଦି ଟିକିଏ ବୁଲି ଅସିବ । ତୁମ ଦେହ ବି ଭଲ ରହୁନାହିଁ ।

ମିଶ୍ରର ଦୀର୍ଘନିଃଶ୍ୱାସ ପକାଇ କହିଲେ, 'ମନ କରୁନାହିଁ ଲବଙ୍ଗ; କିନ୍ତୁ ମୁଁ ଏକା ଯିବି ବା କିପରି, ଆଉ ଗଲେ ବା ଟଙ୍କା କାହିଁ ?'

ଲବଙ୍ଗ ଟିକିଏ ହସି କହିଲା, ମୋ କଥା ଛାଡ଼ । ମୁଁ ଯିବି ବା କେଉଁଠି ? ଝିଅ ସମ୍ଭାଳି ରହିବି । କେତେ କାମ ଅଛି । ମୋ ଯିବା କଥା ଛାଡ଼ । ଟଙ୍କା କଥା ଭାବନାହିଁ । ବାହାଘରେ ଯାହା କିଛି ଟଙ୍କା ବଳିଥିଲା, ତାକୁ ନେଇ ଯାଅ' ମୋ ଗଣ ।

ମିଶ୍ରର ଲବଙ୍ଗର ଏ ପ୍ରସ୍ତାବରେ ଆଉ ଆପତ୍ତି କଲେନାହିଁ । ତିନି ଚାରି ବର୍ଷ ହେବ ତାର ମନ ଓ ଶରୀର ବିଶେଷ ଭାବରେ ଭାଙ୍ଗି ପଡ଼ିଥିଲା । କିଛି ଦିନ ପାଇଁ ସ୍ଥାନ ପରିବର୍ତ୍ତନ ତାର ବିଶେଷ ଦରକାର ହୋଇପଡ଼ିଥିଲା; କିନ୍ତୁ ସେଥିପାଇଁ ସାମର୍ଥ୍ୟ ତ ଦରକାର, ଦୁଇଟାର ମିଳନ ଘଟାଇବା ଅସମ୍ଭବ ।

ମିଶ୍ରର ନିଜର କପାଳକୁ ନିନ୍ଦା କରିବ ଥିଲେ । ଲବଙ୍ଗର ଏ ପ୍ରସ୍ତାବରେ ଆପତ୍ତି ନ କରି ସେ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ।

ମିଶ୍ରର ସିଧା ଟିକଟ କାଟିଲେ ପାଟନା । ତାର ସାରସ ଜୀବନରେ ଯେତେ ଟିକିଏ ସୁଖ ସେ ପାଇଚି, ତାହା ଏଇ ପାଟନାରେ କି ନା, ତେଣୁ ପ୍ରଥମେ ପାଟନା ଯିବାକୁ ତାର ଭାରି ଇଚ୍ଛାହେଲା ।

ପାଟନାରେ ପହଞ୍ଚି ଦିନେ ଗଙ୍ଗାକୂଳରେ ବୁଲୁ ବୁଲୁ ସେ ଭାବୁଥିଲେ, ଏଇ ସେ ଗଙ୍ଗା ନଦୀ ! ଆର୍ଯ୍ୟ ସଭ୍ୟତା ଦିନରୁ କେତେ ସ୍ମୃତି ଏହା ସହିତ ଜଡ଼ିତ । ଆର୍ଯ୍ୟ ସଭ୍ୟତାର, ଭାରତ ଇତିହାସର ନଦୀ କହିଲେ ଚଳେ । ଭାରତ ଇତିହାସରେ ଏହାର ସ୍ଥାନ କେତେ ଉଚ୍ଚରେ, କେତେ ପବିତ୍ର ଏଇ ନଦୀ ତେଣୁ । ସାମାନ୍ୟ ହେଲେହେଁ ମୋ ଜୀବନର ସୁଖ ସ୍ମୃତି ସହିତ ଏ ନଦୀ ମଧ୍ୟ ଜଡ଼ିତ । ଏଇ ସେ ରାଣୀଘାଟ । ଯେଉଁଠି···

ମିହିର ବୁଲ୍‌ବୁଲ୍ ଘର୍ଣ୍ଣୀଘାଟ ପାଖରେ ପହଞ୍ଚି ଚମକି ଛିଡ଼ାହେଲା । କିଛିକ୍ଷଣ ଗଙ୍ଗା ବକ୍ଷକୁ ଅନାଇ ସେ ଟିକିଏ ହସିଲା । ନିଜ ଉତାର ସେ ଟଙ୍କା ଟାଣି ଭିତରକୁ ଯାଇ ବସିଲା ।

—ସନ୍ଧ୍ୟାବେଳେ ! ଏ ଟିକେ ନା କହନ୍ତେ ! ରମା ଚେନ୍ନ ଚହଁକିଲେ ।

—ନା, ନାରେ । ତୋର ଦ୍ରୋ ବର୍ମା କଥା ମନେ ନାହିଁ ?

—ହଁ, ଇତିହାସ କ୍ଲାସ୍‌ରୀ । ମିସ୍ଟର୍ ବର୍ମାଙ୍କ ଝିଅ । ସେ କି ଅପୂର୍ବ ସୁନ୍ଦରୀ ହୋଇ ଥିଲା । ବର୍ତ୍ତମାନ କୁଆଡେ ସେ ପାଟନା କଲେଜରେ ଇତିହାସ ଅଧ୍ୟାପିକା ହୋଇଛି ?

—ହଁ । ପଢ଼ିବାବେଳେ ସେ ଥରେ ଗଙ୍ଗାରେ ପହଁରୁ ପହଁରୁ ଏଇ ବୁଣୀଘାଟ ପାଖରେ ବୁଡ଼ି ଯାଉଥିଲା । ମିହିର ତାକୁ ରକ୍ଷା କରିଥିଲା, ମନେ ନାହିଁ ତୋର ?

—ଆରେ, ହଁ, ହଁ ।

—ସେଇ କଥା ତାର ମନେ ପଡ଼ିଗଲା । ତାର ଖିଆଲ ରହିଲାନାହିଁ ସେ କଣ କରୁଛି ।

—ଆମେ ସମସ୍ତେ ଭାବଥିଲୁ ଏ ସୌଭାଗ୍ୟ ଖୁବ କମ୍ ଯୁବକଙ୍କ ଭାଗ୍ୟରେ ଘଟେ । ଏହାପରେ ନିଶ୍ଚୟ ଦୁହେଁ ପ୍ରେମରେ ପଡ଼ିବେ; କିନ୍ତୁ ସେ ବଡ଼ଲୋକ ଝିଅ, ସେ କାହିଁକି ମିହିରକୁ ଚାହିଁବ ।

— ତାପରେ କଣ ହେଲା କୁହ । ତା ପରଦିନ ମିହିର ଯାଇଥିଲା କଲେଜ ଆଡ଼େ ବୁଲି ଦେଖିବାକୁ ଓ ନିଜର ଅଧ୍ୟାପକମାନଙ୍କ ସହିତ ଦେଖା କରିବାକୁ । ଅନେକ ସମସ୍ତେ ପ୍ରାପ୍ତ ଅବସର ଗ୍ରହଣ କଲେଣି । ତାହାଙ୍କୁ ଦେଖା ନ ପାଇ ମିହିର ଫେରୁଥିଲା । ଏହି ସମୟରେ ଅଧ୍ୟାପକଙ୍କ କମନରୁମରୁ ଜଣେ ଅଧ୍ୟାପିକା ମିହିରକୁ ଡାକିଲେ । ମିହିର ଆଦୌ ତାକୁ ଚିହ୍ନିପାରିଲା ନାହିଁ । ମିହିର ଆଶ୍ଚର୍ଯ୍ୟ ହୋଇ ବୁଲି ରହି ପଚାରିଲା, ମୋତେ ଡାକୁଛନ୍ତି ?

ଭଦ୍ର ମହିଳା ହସି କହିଲେ, ହଁ, ଆଶ୍ଚର୍ଯ୍ୟ ହେଉଛନ୍ତି ?

ମିହିର ଅଧିକ ଆଶ୍ଚର୍ଯ୍ୟ ଓ ଅପ୍ରସ୍ତୁତ ହୋଇ କହିଲା, "ନା, ମୁଁ... ଆପଣଙ୍କୁ..."

ଭଦ୍ର ମହିଳା କେବଳ କହିଲେ, 'ଆସନ୍ତୁ ମୋ ସହିତ ।'

ଯନ୍ତ୍ରଚାଳିତ ପରି ମିହିର ଭଦ୍ର ମହିଳାଙ୍କ ଅନୁଗମନ କଲା । ଭଦ୍ର ମହିଳା ନିଜ ମଟର ପାଖରେ ଛିଡ଼ାହୋଇ ଦୁଆର ଖୋଲିଦେଇ ଅନୁରୋଧ କଲେ, ବସନ୍ତୁ । ମିହିର ସେଇପରି ଆଶ୍ଚର୍ଯ୍ୟ ଭାବରେ ବସି ବାହାରକୁ ଅନାଇ ରହିଲା ।

ମଟର ବାଲୀଘାଟ ପାଖରେ ପହଞ୍ଚିଲା । ମଟରରୁ ଓହ୍ଲାଇ ଭଦ୍ର ମହିଳା ପଚାରିଲେ, ଏ ସ୍ଥାନ ମନେପଡ଼ୁଛି ଆପଣଙ୍କର ?

ମିହିର ଏଥର ଚିହ୍ନି ପାରିଲା ଭଦ୍ରମହିଳା କିଏ । ସେ କଥାର କୌଣସି ଉତ୍ତର ଦେଇପାରିଲା ନାହିଁ । ଗୋଟିଏ ଅପୂର୍ବ ଆନନ୍ଦ ତାର ମନରେ ଖେଳି-ଗଲା । ତାର ଓଠ ଟିକିଏ ଥରିଉଠିଲା । ମୁହଁକୁ ତଳକୁ ପୋତି ସେ ଛିଡ଼ା ହେଲା । ପଦ୍ମା ଦେଖିଲା, ଦୁଇ ବୁନ୍ଦା ପାଣି କେବଳ ଝରିପଡ଼ିଲା । ଆଉ କିଛି ନ କହି ପଦ୍ମା କହିଲା, ମୋ ଘରକୁ ଚାଲ ।

ମିହିର ବ୍ୟଥିତ ସ୍ୱରରେ କହିଲା, ନା, ନା, ମି...ମି...

ପଦ୍ମା ହସି କହିଲା, ନା, ମିସେସ୍ ଏ ପର୍ଯ୍ୟନ୍ତ ହୋଇନାହିଁ । ମିସ୍ ପଦ୍ମା ଅଛି । କେବେ ତୁମକୁ ମିସ୍ ପଦ୍ମା କହିବାକୁ ଦେବିନାହିଁ । ପଦ୍ମା ବୋଲି ଡାକ ।

—ଆପଣ...

—ଆପଣ ନୁହେଁ, 'ତୁମେ' ପଦ୍ମା କହିଲା ।

ମିହିର ଛିଡ଼ା ହୋଇ ରହିଲା ସେମିତି । ପଦ୍ମା ମିହିରର ହାତ ଧରି ଉଠି ତାକୁ ମଟରରେ ବସାଇ ନିଜ ଘରକୁ ଗଲା । ମଟରରେ ଅତୀତ ଜୀବନର ନାନା କଥା, ନାନା ଘଟଣା ବିଷୟ ଦୁହେଁ କହିଲେ । ପଦ୍ମା ପଚାରିଲା, ବିବାହ କଲେଣି ?

—ହଁ, ମୁଁ ବର୍ତ୍ତମାନ ଚାରୋଟି ସନ୍ତାନର ପିତା । ବଡ଼ ଝିଅକୁ ବାହା ଦେଇ ଖର୍ଚ୍ଚ କରି ବାହାରିଛି । ତୁମେ କାହିଁକି ବାହା ହୋଇ ନା ?

ଏ ପ୍ରଶ୍ନରେ ପଦ୍ମା ଗୋଟିଏ ଦୀର୍ଘ ନିଶ୍ୱାସ କେବଳ ପକାଇଲା ।

ମିହିର କମ୍ପିତ ସ୍ୱରରେ କହିଲା, କ୍ଷମା କରିବ, ମୁଁ ଅଜାଣତରେ ଆପଣଙ୍କୁ···ତୁମକୁ କଷ୍ଟ ଦେଇଛି ।

ପଦ୍ମା କରୁଣ ସ୍ୱରରେ କହିଲେ, "ତୁମର କିଛି ଦୋଷ ନାହିଁ, ସବୁ ଦୋଷ ମୋର । ମୋର ଜୀବନଟା ହିଁ ବୃଥା । ବୃଥା ଏ ଜ୍ଞାନ, ବୃଥା ମୋର ଧନ, ବୃଥା ଏ ମାନ ଯଶ···ଛିଃ···

ଘର ଛାଡ଼ିବାକୁ ଯାଉଁ ଯାଉଁ····· ମିହିର ପଚାରିଲା, କିନ୍ତୁ ବିବାହ କରିବାରେ ବାଧା କଅଣ ଥିଲା ତୁମର ?

ପଦ୍ମା ମିହିରର ହାତ ଧରି କହିଲେ, "ମୋର ଅଭିମାନର ଅଭିମାନ, ମୋର ଧନ । ସେ ଥିଲେ ପଣ୍ଡିତ, ଉଚ୍ଚ ସମ୍ଭ୍ରାନ୍ତ ଛାତ୍ର, ମୋର ସହପାଠୀ । ସେ କିଏ ଜାଣ ?

—ନା, କମଳାପ୍ରସାଦ ପଣ୍ଡିତ ସେତେବେଳେ···

—ତୁମେ ଆଦୌ ଅନୁମାନ କରିପାରିବ ନାହିଁ ସେ କିଏ ସେ । ସେ ତୁମେ···

ମିହିରର ଦେହ ଥରିଉଠିଲା ।

ପଦ୍ମା କହିଲେ, ଖାଲି ସେତେବେଳେ ତୁମେ ଟିକେ ଅଧିକ ସାହସ କରି କହିଥାଆନ୍ତ, ତା'ହେଲେ ବୋଧହୁଏ ମୋର ଜୀ··· । ପଦ୍ମା ଆଉ କହିପାରିଲେ ନାହିଁ ।

ମିହିର ମଥା ଗାଡ଼ି ପକାଇଲା । ତାର ମନେ ହେଲା 'ଇସ୍' ଟିକକ ପାଇଁ ସେ କି ସୁଖରୁ ବଞ୍ଚିତ ହୋଇଛି ।' ତା' ମୁହଁରୁ କେବଳ ପଦଏ କଥାରେ ଫୁଟି-ଉଠିଲା ସମସ୍ତ ଅନୁତାପ 'ଇସ !'

ଦୁହେଁ ଅନେକ କ୍ଷଣ ତଳକୁ ମୁହଁ ପୋତି କାଟିଲେ । ପଦ୍ମା ଅନେକ କ୍ଷଣ ପରେ ମୁହଁ ଟେକି କରୁଣ ସ୍ୱରରେ ହସି କହିଲା, 'ପୁଣି ନୂତନ ଭାବରେ ଜୀବନ ଯାତ୍ରା ଆରମ୍ଭ କଲେ ହୁଅନ୍ତା କି ? ତୁମେ ଭାବିବ ଯେ ମୁଁ କେଉଁ ନିଷ୍ଠୁର, ତୁମର ଏତେ ଦିନର ସଂସାର ଭାଙ୍ଗିଦେବାକୁ ବସୁଛି; କିନ୍ତୁ ସେ ଉଦ୍ଦେଶ୍ୟରେ ତୁମେ ଭାବନାହିଁ । ମୋର ସମସ୍ତ ଧନ ମୁଁ ତୁମର ସ୍ତ୍ରୀ ପରିବାର ପାଇଁ ଦେବି···ବିବାହ କରିବାକୁ ମଧ୍ୟ କହୁନାହିଁ ତୁମକୁ···କେବଳ···କେବଳ···'

ମିହିର ହଁ କରିବାକୁ ଯାଉଥିଲା; କିନ୍ତୁ ତାର ମନେ ପଡ଼ିଗଲା ଲବଙ୍ଗର ସେହି କରୁଣ ମୁହଁ । ସେ ତ କିଛି ଭଲ ପାଇପାରିନି କିନ୍ତୁ ଲବଙ୍ଗ କେବେହେଁ ଆପତ୍ତି କରିନାହିଁ । ଉପରନ୍ତୁ ସେ ନିଜର ସମସ୍ତ ସୁଖ ତ୍ୟାଗକରି ଲାଗିପଡ଼ିଛି ମିହିରର ସୁଖଶାନ୍ତି ପାଇଁ ।

ମିହିରର ଲବଙ୍ଗ ପ୍ରତି ହଠାତ୍ ଅପୂର୍ବ ଆବେଗ ଜାତହେଲା । ତାର ମନେହେଲା ସେ ଯଦି ଚୋଗ୍ଲକଟି ଉଡ଼ି ଲବଙ୍ଗ ପାଖରେ ପହଞ୍ଚିପାରନ୍ତା, କେତେ ଆନନ୍ଦିତ ହୁଅନ୍ତା ସେ··· ମୋତେ ଦେଖି ନିଶ୍ଚୟ ହସି ପକାନ୍ତା ।

ମିହିର କହିଲା, 'ନା, ତା ଅସମ୍ଭବ ମିସ୍ ପଦ୍ମା । ଯା ଯାଇଛି, ତା ଯାଉ । ଜୀବନର ପ୍ରବାହରେ ତା ଖିଏ କୁଟା ସଙ୍ଗେ ସମାନ । ନିଜର ସୁଖପାଇଁ ମୁଁ ସବୁ ତ୍ୟାଗ କରିପାରିବି ନାହିଁ । ଯାହା ଯାଇଛି ତାହା ଖୁବ୍ କାମ୍ୟ, ମାନୁଛି; କିନ୍ତୁ ଯାହା ପାଇଛି ସେ ମଧ୍ୟ କମ୍ ନୁହେଁ ।'

ମିହିର ଏତିକି କହି ଘରୁ ବାହାରିଆସିଲା । ସେଇଦିନ ସେ ଫେରିଲା ଘରକୁ । କଲିକତାରୁ ଲବଙ୍ଗ ପାଇଁ ଭଲ ଶାଢ଼ୀ, ସୁନ୍ଦର ଗହଣା କିଣି ଘରକୁ ଫେରିଲା । ଘରେ ପହଞ୍ଚି ଲବଙ୍ଗକୁ ଦୃଢ଼ ଆଲିଙ୍ଗନ କରି କାନ୍ଦି ପକାଇଲା ସେ ।

କିନ୍ତୁ ସେଇ ଦିନଠୁ ତାର ଗୋଟାଏ ମୁଦ୍ରାଦୋଷ ରହିଗଲା, କଥାରେ କଥେ 'ଇସ୍' ।

ଘଡ଼ିକୁ ଅନାଇ ରମାରଞ୍ଜନ କହିଲେ, 'ଇସ୍ ଅନେକବେଳ ହୋଇଗଲାଣି, ମନେହେଉଛି ନିଶ୍ଚୟ ଚନ୍ଦ୍ରାମିର ପଡ଼ିଥିବ । ଯାଏଁ ଭାଇ !'

ଇଚ୍ଛା ପୂରଣ

ଭଗବାନ୍‌ଙ୍କ ଦପ୍ତରରେ "ଇଚ୍ଛାପୂରଣ" ବିଭାଗ ପ୍ରଥମେ ଗଢ଼ିବ ଗ୍ରହ ଉପଗ୍ରହ ସୃଷ୍ଟି ବିଭାଗ ।

ତା'ପରେ ଜୀବସୃଷ୍ଟି ବିଭାଗ । ହଜାର ହଜାର ଡିଜାଇନର ବସି ନାନା ଡିଜାଇନର ଜୀବମାନଙ୍କର ଚିତ୍ର ଅଙ୍କନ କରୁଛନ୍ତି । ସେଗୁଡ଼ିକ ସେ ବିଭାଗର କର୍ତ୍ତା ଅନୁମୋଦନ କରିବା ପରେ ଭଗବାନଙ୍କ ପାଖରେ ପେଶ୍ କରାଯାଉଛି ତାଙ୍କର ଶେଷ ଅନୁମୋଦନ ପାଇଁ ।

ଜୀବସୃଷ୍ଟି ବିଭାଗ ପରେ ଜୀବ ଲୋପ ବୃଦ୍ଧି-ସ୍ଥିତି-ବିଭାଗ । ଏଠି ମଧ୍ୟ ହଜାର ହଜାର ଦେବତାମାନେ ବସି କେଉଁ କେଉଁ ଶ୍ରେଣୀର ଜୀବ କିପରି ଭାବରେ ଲୋପ କରାଯିବ ବା ବୃଦ୍ଧି କରାଯିବ ତାହା ସ୍ଥିର କରି ଭଗବାନ୍‌ଙ୍କୁ ଜଣାଉଛନ୍ତି ।

ଶେଷୋକ୍ତ ବିଭାଗ ପରେ ପଡ଼ିବ ଇଚ୍ଛାପୂରଣ ବିଭାଗ । ଏମାନଙ୍କ ଛଡ଼ା ଆହୁରି ହଜାର ହଜାର ବିଭାଗର ଉପବିଭାଗ ଅଛି ।

ଦପ୍ତରର ଅନ୍ୟାନ୍ୟ ବିଭାଗଗୁଡ଼ିକ ତୁଳନାରେ ଇଚ୍ଛାପୂରଣ ବିଭାଗଟିର ପ୍ରାଧାନ୍ୟ କମ୍ । ହେଲେ ଏ ବିଭାଗର କର୍ମଚାରୀମାନେ ସବୁଠୁ କାର୍ଯ୍ୟବ୍ୟସ୍ତ ଏବଂ ବିଭାଗଟି ମଧ୍ୟ ଦିନସାରା ଖୋଲାଥାଏ । ଏ ବିଭାଗର ଗୋଟିଏ ଉପବିଭାଗରେ କେବଳ ମନୁଷ୍ୟମାନଙ୍କର ଇଚ୍ଛାପୂରଣ ବିଷୟ ବିଚାର କରାଯାଏ । ଏ ଉପବିଭାଗର କାର୍ଯ୍ୟବିଧି ନିୟମ ଅନୁସାରେ ପ୍ରତ୍ୟେକ ମନୁଷ୍ୟ ପ୍ରତ୍ୟେକ ଦିନର ଇଚ୍ଛାଗୁଡ଼ିକ ଉକ୍ତ ଉପବିଭାଗର କର୍ମକର୍ତ୍ତା ନିଜର ମତାନୁଯାୟୀ ଆବଶ୍ୟକତାନୁସାରେ ସଜାଇ ଭଗବାନଙ୍କଠାରେ ପ୍ରତ୍ୟେକ ମୁହୂର୍ତ୍ତରେ ପେଶ୍ କରନ୍ତି । ଭଗବାନ୍ ଉକ୍ତ ପର୍ଯ୍ୟାୟକୁ ଅନୁମୋଦନ କଲେ କେଉଁ ଇଚ୍ଛା କେବେ ଏବଂ କିପରି ଭାବରେ ପୂରଣ କରିବାକୁ ହେବ ଆଦେଶ ଦିଅନ୍ତି । ଉପବିଭାଗୀୟ କର୍ମକର୍ତ୍ତାଙ୍କ ଇଚ୍ଛାଗୁଡ଼ିକର

ଅନ୍ତର୍ନିହିତାନୁସାରେ ପର୍ଯ୍ୟାପ୍ତ ହେବାକୁ ଭଗବାନ୍ ଯେ ବହୁବେଳେ ଅନୁମୋଦନ କରନ୍ତି ନା ନାହିଁ । ବେଳେବେଳେ କୌଣସି ଗୋଟିଏ ଇଚ୍ଛା ବିଷୟରେ ଇଚ୍ଛାକାରୀ ବେଶି ଆନ୍ତରିକ ହେଲେ ମୁଖ୍ୟକର୍ତ୍ତା ମତ ଦେଲେହେଁ ଭଗବାନ୍ ତାହା ଅନୁମୋଦନ ନ କରି ଅନ୍ୟ ଗୋଟିଏ ଇଚ୍ଛା ବିଷୟରେ ଇଚ୍ଛାକାରୀ ବେଶି ଆନ୍ତରିକ ହୋଇ କହୁ ତାହା ପ୍ରଥମେ ପୂରଣ କରିଦିବାକୁ ଆଦେଶ ଦିଅନ୍ତି । ପୁଣି ବେଳେବେଳେ କୌଣସି ଗୋଟିଏ ଇଚ୍ଛା ବିଷୟରେ ଭଗବାନ ଆଦେଶ ଦିଅନ୍ତି ଯେ ଏହାର ପୂରଣ ମନୁଷ୍ୟର ସ୍ୱତନ୍ତ୍ର ଇଚ୍ଛାଶକ୍ତି ଦ୍ୱାରା ହେଉ ଜୀବ ତାହାର ପୂରଣ ପାଇଁ ଚେଷ୍ଟାକରିବା ଉଚିତ । ଏଥିରେ ଭଗବାନଙ୍କ ତରଫରୁ କାହା ପାଇଁ କୌଣସି ସାହାଯ୍ୟ ମିଳିବା ଉଚିତ ନୁହେଁ । ଭଗବାନଙ୍କ ବିଚାରରେ ମୁକ୍ତିମାର୍ଗୀ ବୃଦ୍ଧି ଇଚ୍ଛାଗୁଡ଼ିକୁ ବିଧାନପୂର୍ବକ ଧରାଇବାରେ ଦେବତା ଆଦିଙ୍କୁ ସ୍ୱର୍ଗୀୟ କର୍ମକର୍ତ୍ତାଙ୍କୁ ଅନେକ କାଳ ଲାଗେ । ତେଣୁ କୌଣସି କର୍ମକର୍ତ୍ତା ନୂତନ ନିଯୁକ୍ତ ହେଲେ ସେ କାର୍ଯ୍ୟରେ ବିଭ୍ରାଟ ଘଟିବା ସ୍ୱାଭାବିକ ।

ମନୁଷ୍ୟର ଇଚ୍ଛାପୂରଣ ବିଭାଗଗୁଡ଼ିକର ପୂର୍ବତନ ମୁଖ୍ୟକର୍ତ୍ତା ଅବସର ନେବାପରେ ବର୍ତ୍ତମାନ ଯିଏକି ସେ ପଦରେ ନୂତନ ନିଯୁକ୍ତ ହୋଇଛନ୍ତି । ଅନ୍ତର୍ଯ୍ୟାମୀ କ୍ଷମତା ମଧ୍ୟ ତାଙ୍କୁ ଦିଆହୋଇଯାଇଛି ।

ଭଗବାନ୍ ତାଙ୍କ ବସ୍ତୁ ଅଫିସ ଘରେ ଅନନ୍ତ-ଚୌକିରେ ବସି ଜୀବ ସୃଷ୍ଟି-ବିଭାଗର ଡିଜାଇନଗୁଡ଼ିକ ତନଖି ଦେଖୁଛନ୍ତି । ମନୁଷ୍ୟମାନେ ମୋଲେରିଆ ମଶା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିବାପରେ ଉକ୍ତ ମଶାମାନଙ୍କର ଡିଜାଇନ ସାମାନ୍ୟ ବଦଳାଇ ଯେଉଁ ନୂଆ ଡିଜାଇନ ତିଆରି ହୋଇଛି, ତାହା ବର୍ତ୍ତମାନ କାର୍ଯ୍ୟକାରୀ କରାଯିବ କି ନା ସେ ବିଷୟରେ ଭଗବାନ୍ ଚିନ୍ତା କରୁଛନ୍ତି । ଜୀବ ଲୋପ ଓ ବୃଦ୍ଧି-ବିଭାଗର ଜୀବ ସୃଷ୍ଟି ବିଭାଗୀୟ କର୍ତ୍ତାଙ୍କ ମତ ଯେ ମଶାର ବଂଶଲୋପ ସାଧନ କରିବା ମାନେ ମନୁଷ୍ୟଦ୍ୱାରା ଭଗବାନଙ୍କ ପରାଜୟ, ତେଣୁ ମଶାର ବଂଶଲୋପ ସାଧନ କଦାପି ଉଚିତ ନୁହେଁ । ଭଗବାନ୍ ଉକ୍ତ ମତ ପଢ଼ି ସ୍ମିତହାସ୍ୟ କଲେ । ସେ ହାସ୍ୟଦ୍ୱାରା କହିଦେଲେ, ପରାଜୟ କି ମୋର ଜୟ । ମୁଖ୍ୟକର୍ତ୍ତା ମତ ଦେଇଛନ୍ତି ଯେ ଉକ୍ତ ଶ୍ରେଣୀର ମଶାର ବଦଳରେ ମନୁଷ୍ୟର ରକ୍ତଶୋଷଣକାରୀ ଅନ୍ୟାନ୍ୟ ଜୀବର ନୂତନ ସୃଷ୍ଟି ହେଉ ଅଥବା ସେପରି

ଯେତେ ଜୀବ ଅଛନ୍ତି ସେଗୁଡ଼ିକର ବୃଦ୍ଧି କରାଯାଉ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ରସ ଅନ୍ନ ମାତ୍ରାରେ ଦିଆଯାଉ ।

ଏହି ସମୟରେ ଦିଲ୍ଲୀ ପାର୍ଲାମେଣ୍ଟର ଡି. ଡି. ଟି. ଓ କୃତ୍ରିମ ବିଷୟରେ ତୁମୁଳ ବାଦାନୁବାଦ ଭଗବାନଙ୍କ କର୍ଣ୍ଣଗୋଚର ହେଲା । ଭଗବାନ ନିତ୍ୟହାସ୍ୟ କରି ଫାଇଲଗୁଡ଼ିକ ରଖିଦେଇ ଆଦେଶଦେଲେ ଯେ ମନୁଷ୍ୟମାନଙ୍କର ଏହି ବିଷୟରେ ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା କରାଯାଉ ଏବଂ ଏମାନ ସୃଷ୍ଟିରେ ଜାତିରେ ମନୁଷ୍ୟର ବୃଦ୍ଧି ଆଜି ପର୍ଯ୍ୟନ୍ତ କେତେ ଅଗ୍ରସର ହୋଇଛି ସେ ବିଷୟରେ ଗୋଟିଏ ସବିଶେଷ ବିବରଣୀ ଦିଆଯାଉ ।

ଜୀବ ସୃଷ୍ଟି ଓ ଜୀବ ଲୋପ ଏବଂ ବୃଦ୍ଧି ବିଭାଗର କର୍ତ୍ତାମାନେ ସେମାନଙ୍କ ଫାଇଲ୍ ଅପ ନେଇ ଚାଲିଯିବା ପରେ ଐଚ୍ଛିକ ତାଙ୍କର ଫାଇଲ୍ ଅପ ଦାଖଲ କଲେ । ପ୍ରଥମେ ମଣ୍ଡଳ ଦୁର୍ଗାଚରଣବାବୁଙ୍କ ସେଦିନର ଇଚ୍ଛାଗୁଡ଼ିକ । ଐଚ୍ଛିକ ଅନ୍ତର୍ଯ୍ୟାମୀ ଅନେକ ବଳରେ ଦୁର୍ଗାଚରଣ ବାବୁଙ୍କ ସେଦିନର ଇଚ୍ଛାଗୁଡ଼ିକର ସେତିକି ସବିଶେଷ ବିବରଣୀ ଦେଇଛନ୍ତି, ତାହା ନିମ୍ନରୂପ ।

...ଦୁର୍ଗାଚରଣ ଜଣେ ମନୁଷ୍ୟ ଏବଂ ମନୁଷ୍ୟମାନଙ୍କ ଶାସନ ଦପ୍ତରରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ସେ ଜଣେ ଲେଖକ ମଧ୍ୟ । ମେଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ଆରୋଗ୍ୟ ଲାଭ କରି ଥିଲେହେଁ ସେ ଦୁର୍ବଳ ହୋଇ ପଡ଼ିଥିବାରୁ ବର୍ତ୍ତମାନ ଦୁଇଅଙ୍ଗୁଳିକା (ମନୁଷ୍ୟମାନଙ୍କ ଗଣନାରେ ଦୁଇମାସ) ଛୁଟି ନେଇ ଘରେ ବିଶ୍ରାମ କରୁଛନ୍ତି । କୌଣସି କାର୍ଯ୍ୟ ନ ଥିବାରୁ ତାଙ୍କର ଇଚ୍ଛାଗୁଡ଼ିକ ଅନେକ ଗୁଣ ବୃଦ୍ଧି ପାଇଛି । ସେଥିମଧ୍ୟରୁ କେତେଗୁଡ଼ିଏ ଇଚ୍ଛା ଅତି ହାସ୍ୟାସ୍ପଦ ଥିବାରୁ ସେଗୁଡ଼ିକର ଉଲ୍ଲେଖ କରିନାହିଁ, ଯଥା— ତାଙ୍କର ଗୋଟିଏ ଇଚ୍ଛା ଐଶ୍ୱରିକ ଶକ୍ତି ପାଇ ସେ ଶୂନ୍ୟରେ ଭ୍ରମଣ କରୁଛନ୍ତି । (ଭଗବାନ୍ ଏହିଠାରେ କହିଲେ, ଐଚ୍ଛିକ, ତୁମ୍ଭେ ସେ ଇଚ୍ଛାଗୁଡ଼ିକର ଉଲ୍ଲେଖ ନ କରି ଉଚିତ କରିଛ; କିନ୍ତୁ ତୁମ୍ଭେ ଉଲ୍ଲେଖ ନ କରିବାର କାରଣ ହାସ୍ୟାସ୍ପଦତା ଦେଖାଇବା ଉଚିତ ହୋଇନାହିଁ । କାରଣ ଅନେକ ସମୟରେ ଉକ୍ତ ପ୍ରକାର ହାସ୍ୟାସ୍ପଦ କାରଣଗୁଡ଼ିକ ହିଁ ମନୁଷ୍ୟ ବୁଦ୍ଧିର ବିକାଶ ଆଣିଦେଇଛି; କିନ୍ତୁ ସେ ପ୍ରକାର ଇଚ୍ଛା-

ଗୁଡ଼ିକର ଦର୍ଶନ କରିବା ମନୁଷ୍ୟର ସ୍ୱତନ୍ତ୍ର କ୍ଷମତାଭୁକ୍ତ ତାଲିକାରେ ମୁଁ ରଖିଛି । ତେଣୁ ସେହିମାନଙ୍କ ବୈଜ୍ଞାନିକ ସାହାଯ୍ୟ ଦରକାର ନାହିଁ ।)

·· ଅନ୍ୟ କଥାଗୁଡ଼ିକ ମୁଁ ତାଙ୍କର ସମସ୍ତ ଅନୁସାରେ ସଜାଇ ନେଇ ଦେଲି···

···ହଠାତ୍ ଉଠିବାକ୍ଷଣି ଦୁର୍ଗାଚରଣଙ୍କ ନିଦ ଭାଙ୍ଗିଲା । ଅନେକ ଗତ ସ୍ୱପ୍ନର ନିଜକୁ କେନ୍ଦ୍ରକରି ଅନେକ କଳ୍ପନା ସେ କରନ୍ତି । ଉପରେ ସେ ଖୁବ୍ ବଡ଼ ଲେଖକ ହୋଇଛନ୍ତି, ସାରା ପୃଥିବୀ ତାଙ୍କୁ ସମ୍ମାନିତ କରୁଛି, ସବୁ ପୁରସ୍କାର ସେ ପାଇଛନ୍ତି । ପୁଣି, କେବେ ସେ ପୃଥିବୀରେ ବଡ଼ ବୈଜ୍ଞାନିକ ହୋଇଛନ୍ତି, ତାଙ୍କର ଆବିଷ୍କାରଗୁଡ଼ିକରେ ସାରା ପୃଥିବୀ ଚମତ୍କୃତ ଇତ୍ୟାଦି ଭାବି ଭାବି ସେ କ୍ଲାନ୍ତ ହୋଇ ଶୋଇପଡ଼ିଥିଲେ ଅନେକ ରାତିରେ ।

···ସକାଳୁ ଉଠି ଦାନ୍ତ ଘଷୁ ଘଷୁ ପୁଣି ସେଇ କଳ୍ପନାଗୁଡ଼ିକ ସେ ଭାବି ବସିଲେ । ଖୁବ୍ ଖୁବ୍ ନିଜର କଳ୍ପିତ କ୍ଷମତାରେ ସେ ମୁଗ୍ଧ ହୋଇଗଲେ । ଦାନ୍ତ ଘଷିସାରି ପାଇଖାନାରେ ମଧ୍ୟ ସେହି ଭାବନା । ଗାଧୋଇ ସାରି ସେ ଜଳଖିଆ ଖାଇ ବସି ମଧ୍ୟ ସେଇଆ । ଆଜି ତାଙ୍କର ବରା ଖାଇବାକୁ ଇଚ୍ଛାହେଲା । ସାନ ପୁଅକୁ ପଠାଇଲେ ବରା ଆଣିବାକୁ । ପନ୍ଦର ମିନିଟରେ ମୋଡ଼ ଦୋକାନରୁ ଗରମ ବରା ପୁଅ ଆଣିଦେଲା ।

···ବରାଗୁଡ଼ିକ ଖାଇସାରି ତେଲିଆ ହାତ ପଦ୍ମପତ୍ରରେ ପୋଛୁ ପୋଛୁ ପିଲା-ବେଳକୁ ତାଙ୍କର ଛାତ୍ର ଅବସ୍ଥାର ଗୋଟିଏ ସ୍ମୃତି ହଠାତ୍ ମନେପଡ଼ିଲା । ସେତେବେଳେ ସେ ଥିଲେ ଦଶମ । ତାଙ୍କ ସହପାଠୀ ବନ୍ଧୁ ଖାନା ଥାଏ ନିକଟରେ ଗୋଟିଏ ବେଲ୍ଟପର ଘରେ । ସକାଳୁ ଉଠି ଗାଧୋଇ ସାରି ଦୁର୍ଗାଚରଣ ବୁଲିଯାଆନ୍ତି ଖାନା ଘରକୁ । ଦୁଇଟି ବରା ବୁଲି ବଜାରେ ଦେଇଯାଏ ଧାରସୂତ୍ରରେ । ସେଥିରୁ ଗୋଟିଏ ଖାଆନ୍ତି ଖାନା ଓ ଆଉ ଗୋଟିଏ ଦୁର୍ଗାଚରଣ । ଖାଇସାରି ଦୁଇଜଣଯାକ ପଦ୍ମପତ୍ରରେ ହାତ ପୋଛୁ ପାଣି ଗିଲାସେ ଗିଲାସେ ପିଇ ଯେତେବେଳେ ବସନ୍ତି, ସେତେବେଳେ ସେମାନଙ୍କର ଭାବରୁ ମନେହୁଏ ଯେପରି ନାନା ଉପାଦେୟ ଆହାର ସେବନ କରନ୍ତି ।

···ଅଜି ବର ଖାଉଥାନ୍ତି ସ୍ୱର୍ଗତ ନେତାଙ୍କ ଫଟୋଗ୍ରାଫ୍ ସେଇ ମୁକ୍ତି ମୁହୂର୍ତ୍ତର ଛବି ମନରେ ନାଚିଲା। କିନ୍ତୁ ସେଦିନ ପ୍ରାୟ ଦାଖର୍ଷ ଦେଖି ଦେଖା ହୋଇ-ଥାନ୍ତି। ମୁହୂର୍ତ୍ତର ଛବି ତାଙ୍କର ନେତୃତ୍ୱ କଥା ଜାଗିଲା, ଯେଉଁ ଆଗରେ ଦେଖା ସ୍ୱପ୍ନଟା କି!

···ପର ମୁହୂର୍ତ୍ତରେ କିନ୍ତୁ ଦୁର୍ଗାଚରଣଙ୍କ ମନେ ପଡ଼ିଗଲା ସେଇ ଉଦ୍ବେଳମୟ ଉତ୍ସବର ଘଟନା ସବୁ — ଦଳଗତ ହୋଇ ଯେଉଁ ଉଠିଥିଲେ ଖଣ୍ଡ ଉଚ୍ଚଳିଲ୍, ସେ ସବୁ ଝିଅଙ୍କୁ।

ଏହା ପରେ ଏକଥ ଚିନ୍ତା ଦୁର୍ଗାଚରଣ ଛୋଟା ତାଙ୍କ ମନ ଭିତରେ ଜାଗିଲା ସେ ସେଗୁଡ଼ିକ ହଠାତ୍ ଲିପିବଦ୍ଧ କରିବା ମୋ ପକ୍ଷରେ ଅସମ୍ଭବ ହୋଇ ଉଠିଛି। ତାହା ହେଲେ ଯଥାସମ୍ଭବ ମୁଁ ସେଗୁଡ଼ିକ ଜନାନ୍ତିକରେ ଦେଉଛି।

···ଖଣ୍ଡ ଉପରେ ନେତାଜୀଙ୍କ ପ୍ରଥମେ ସେ ସ୍ୱପ୍ନଟିକୁ ଲାଗିଲେ, ସେ କେତେ ବଡ଼ ନେତା ହୋଇଛନ୍ତି। କେବଳ ରାଜନୈତିକ ନେତା ନୁହେଁ, ଆଧ୍ୟାତ୍ମିକ ନେତା ବି। ତାଙ୍କର ଆଧ୍ୟାତ୍ମିକତା ବଳରେ ଭଗବାନଙ୍କୁ ସେ ପ୍ରତ୍ୟକ୍ଷ ଭାବରେ ପାଇଛନ୍ତି ଏବଂ ଭଗବାନଙ୍କୁ ପ୍ରାର୍ଥନାକରି ସେ ତାଙ୍କଦ୍ୱାରା ସବୁ କାର୍ଯ୍ୟ କରାଉଛନ୍ତି। (ଭଗବାନ୍ ସ୍ମିତହାସ୍ୟ କଲେ) ପ୍ରାର୍ଥନା ବଳରେ ସେ ଚୀନା ସୈନ୍ୟଙ୍କୁ ଭାରତ ସୀମାରୁ ହଟାଇ ଦେଇଛନ୍ତି।

ତା'ପରେ ସେ ମନେ ମନେ କହିଲେ, ନା ପୁଣି ମୂଳରୁ ଭାବିବି। ଭାବିବାକୁ ଲାଗିଲେ—ମୁଁ ଜଣେ କର୍ମଚାରୀ ହୋଇ ମଧ୍ୟ ବଡ଼ ଲେଖକ ହୋଇଛି। କେବଳ ଓଡ଼ିଆ ଭାଷାରେ ନୁହେଁ, ଭାରତର ସବୁ ଭାଷାରେ ମୁଁ ବଡ଼ ବଡ଼ ଲେଖା ପ୍ରକାଶ କରୁଛି ଏବଂ ସମସ୍ତେ ପଢ଼ି ମୁଗ୍ଧ ହେଉଛନ୍ତି। (ଓଡ଼ିଆ ଛଡ଼ା ସେ ଆଉ କୌଣସି ଭାଷାର ଆଦ୍ୟ ଅକ୍ଷର ସୁଦ୍ଧା ଜାଣି ନାହାନ୍ତି) ମୋର ଲେଖାଗୁଡ଼ିକ ଭାରତରେ ଉଚ୍ଚ ପୁରସ୍କାର ଲାଭକରିଛି ଏବଂ ପୃଥିବୀରେ ମଧ୍ୟ ଶ୍ରେଷ୍ଠ ପୁରସ୍କାର ପାଇଛି। ଯେଉଁଠାକୁ ଯାଉଛି, ସେଠି ଲୋକେ ମୋତେ ଦେଖି ଆଶ୍ଚର୍ଯ୍ୟ ଓ ମୁଗ୍ଧ ହେଉଛନ୍ତି। ଯେବେ ମୁଁ ରେଳଗାଡ଼ିରେ ଯାଉଛି, ମୋତେ କେହି ଚିହ୍ନି ପାରୁ-ନାହାନ୍ତି; କିନ୍ତୁ କେତେକ ଯୁବକ ଯୁବତୀ ମୋର ଲେଖା ବିଷୟରେ ଆଲୋଚନା କରୁଛନ୍ତି ଏବଂ ଖୁବ ପ୍ରଶଂସା କରୁଛନ୍ତି। ସେମାନେ ଜାଣି ନାହାନ୍ତି ଯେ ମୁଁ

ଅଛି । ତା'ପରେ ମୁଁ ଆତ୍ମପ୍ରକାଶ କଲି । ନା, ସେଠା କରିବା ଅନୁଚିତ ହେବ ।

…କିଛି ସେ ଧନକୁ ଉପାର୍ଜନରେ ଅନେକ ନିଜକୁ ଆବିଷ୍କାର କରିବେ, ତାହାର ଆୟୁ ଦ ସାର ସେ ଚିନ୍ତା ତ୍ୟାଗକରି ସେ ଅନ୍ୟ ଚିନ୍ତା କରିବାକୁ ଲାଗିଲେ ।

…ଏହି ସମୟରେ ତାଙ୍କର ସ୍ତ୍ରୀ ତାଙ୍କର ପାନ ପୂଜକୁ ଆଣି ତାଙ୍କ ନିକଟରେ ରଖିଦେଇ କହିଲେ, ଚୂନ୍ କାଳି ଖାଲି ହୋଇଛି; ଅନେକ ପୁଅଟା ଏଣୁ ତେଣୁ ଖାଉଥାଆନ୍ତି, କାହାରି ବାରିବାକୁ ଶୁଣ ନେଉନାହିଁ; ଟିକେ ଭଲ ପାଇବା, ସେମାନେ ଖାଇପାଆନ୍ତୁ ସବୁ । ଦୁର୍ଗାଚରଣ ରାଗିଯାଇ କହିଲେ, ତୁମର ଗାଈବାଛୁଟା କଥାର ଚିନ୍ତା କରିବାଠୁ ବେଶି ମୂଲ୍ୟବାନ ହେଲା ? ମୁଁ ବର୍ତ୍ତମାନ କେତେ ବଡ଼ ଚିନ୍ତା କରୁଛି, ଆଉ ତୁମେ ସବୁ ଗୋଳମାଳ କରୁଛନ୍ତି : ଏହିଠି ସ୍ତ୍ରୀ ପାଇ କେବଳ କେତେ…ଦ୍ୟାଗ…। ସ୍ତ୍ରୀ ପୁଅକୁ ଧରି ଫେରିଗଲେ ଚିନ୍ତିତ ହୋଇ ଓ କହିଲେ, ସେତେବେଳେ ଡେଙ୍ଗ ଚିନ୍ତା ।

…ଦୁର୍ଗାଚରଣ ପୁଣି ଭାବିବାକୁ ଲାଗିଲେ, ମୁଁ ସ୍ୱକରିବରେ ଦକ୍ଷତା ଦେଖାଇ ବହୁତ ଉନ୍ନତି କରିଛି ଏବଂ ଅନେକ ଦରମା ପାଉଛି । ପ୍ରକାଣ୍ଡ କୋଠା କରିଛି । ଏଇଠି ସେ ଭାବିବାକୁ ଲାଗିଲେ କେଉଁଠି ଜମି କିଣି କୋଠା କରିବେ । କଟକରେ ତ ବର୍ତ୍ତମାନ ସହର ଭିତରେ ଆଉ ଜାଗା ନାହିଁ । ତାଙ୍କର ପୁରୁଣା ପୈତୃକ ବାସ ଭୂମିଟି ଅତି ସାନ । ସେଠି ତାଙ୍କ ଇଚ୍ଛାନୁସାରେ ବଡ଼ କୋଠା କରିହେବ ନାହିଁ । ଏ ସ୍ଥାନ ଛାଡ଼ି ଆଉ ଦୂରକୁ ମଧ୍ୟ ଯିବାକୁ ଇଚ୍ଛା ହେଉ-ନାହିଁ । କାରଣ ଯେଉଁମାନଙ୍କ ପ୍ରତି ତାଙ୍କର ଈର୍ଷା ଅଛି, ସେମାନଙ୍କୁ ପ୍ରତିଦିନ ଐଶ୍ୱର୍ଯ୍ୟ ଦେଖାଇ ତାଙ୍କର ଈର୍ଷା ଉଦ୍ରେକ କରସ୍ଟ ପାରିବେନାହିଁ । ତା ହେଲେ… । ଏହା ପରେ କୋଠା ଭିଆଇବା ନକ୍ସା ଓ ହିସାବ କିଛି କରୁ ସେ ଆଉ ଅନୁକୂଳ ନ ପାଇ ତାହା ତ୍ୟାଗକରି ପୁଣି ମନେ ମନେ କହିଲେ, ନା ମୂଳରୁ ପୁଣି ଭାବିବାକୁ ହେବ ।

…ସେ ଭାବି ବସିଲେ, ତା ପରେ ମୁଁ ମଧ୍ୟ ଜଣେ ବଡ଼ ବୈଜ୍ଞାନିକ ହୋଇଛି । ମୋର ଗବେଷଣାରେ ମୁଁ ଆଇନ୍‌ଷ୍ଟାଇନଙ୍କଠାରୁ ବଡ଼ ହୋଇଛି ।

ଅଙ୍କଦ୍ୱାରା ବୁଝାଇ ଦେଇଛି ଭଗବାନଙ୍କ ଅସ୍ତିତ୍ୱ ଅଛି (ଭଗବାନ୍ ସ୍ମିତହାସ କଲେ)। ଏଠାରେ କହିରଖେ ଯେ ଅଙ୍କଶାସ୍ତ୍ରଠାରୁ ବହୁତ ଦୂରରେ ଦୁର୍ଗାଚରଣେ। ଅଙ୍କ ଦେଖିଲେ ତାଙ୍କୁ ଜ୍ୱର ଆସେ।

......ମୁଁ ମଧ୍ୟ ସନ୍ତରଣଦ୍ୱାରା ପ୍ରଶାନ୍ତ ମହାସାଗର ଅତିକ୍ରମ କରିବି।

...ନାଃ, ନାଃ, ଏସବୁ ଅଦ୍ଭୁତ କଥା ଭାବି ଲାଭ ନାହିଁ। କେବଳ ମୁଁ ଜଣେ ବିଶ୍ୱପ୍ରସିଦ୍ଧ ଲେଖକ ଓ ଜଣେ ବଡ଼ ଆଧ୍ୟାତ୍ମିକ ଓ ରାଜନୈତିକ ନେତା ହୋଇଛନ୍ତି। ଏକାଧାରରେ ସବୁ ହୋଇଛନ୍ତି; କିନ୍ତୁ ଏସବୁ ହେବାକୁ ହେଲେ ଭଗବାନଙ୍କ ସାହାଯ୍ୟ ଦରକାର। ଭଗବାନଙ୍କର ଅସ୍ତିତ୍ୱ ସ୍ପଷ୍ଟ ମଧ୍ୟରେ ଅନୁଭବ ନ କଲେ ତାଙ୍କୁ ପାଇପାରିବି ନାହିଁ। ଅତଏବ ପ୍ରଥମେ ମୋତେ ଭଗବାନଙ୍କ ପ୍ରତି ପ୍ରେମ ଜନ୍ମାଇବାକୁ ହେବ...ଅଚ୍ଛା...ଭଗବାନଙ୍କ ଅସ୍ତିତ୍ୱରେ ମୋର ବିଶ୍ୱାସ ଥାଉ ବା ନ ଥାଉ, ସେ ଯଦି ଅଛନ୍ତି, ତେବେ କାହିଁକି ମୋ ମନରେ ତାଙ୍କ ପ୍ରତି ପ୍ରେମ ଦେଉନାହାନ୍ତି? ହେ ଭଗବାନ୍, ମୋତେ ଜଣେ ବଡ଼ ଲେଖକ ଓ ନେତା କରିଦିଅ, ମୁଁ ରାମା, ଶ୍ୟାମା, ହାମା ପରି ଜୀବନ ଚାହେଁ ନା...

ଭଗବାନ୍ ପଚାରିଲେ, ଐଚ୍ଛିକ ବସ୍ତୁଟିର ବୟସ କେତେ?

—ପଇଁତ୍ରିଶ?

ଭଗବାନ୍ ସ୍ମିତହାସ କରି କହିଲେ, ଆହା, ତମମାନଙ୍କର ବୁଦ୍ଧି ଏ ପର୍ଯ୍ୟନ୍ତ ପରିପକ୍ୱ ହୋଇନାହିଁ। ମୋତେ ସେ ପାଇବାକୁ ଚାହୁଁଛୁ କେବଳ ନିଜକୁ ବଡ଼ କରି ଅନ୍ୟ ଆଗରେ ଦେଖାଇବ ବୋଲି। ସେ ଇଚ୍ଛା-ପୂରଣ କରିବାର ଉପାୟ ତା'ର ସ୍ୱତନ୍ତ୍ର କ୍ଷମତାଭିତ୍ତି। ବଡ଼ ହେବା, ସେଇ ବାଟେ ସେ ପଥ ବର୍ତ୍ତମାନ। ତୁମ ରିପୋର୍ଟରେ ତା ଠିକ୍ ଭୂମିର ଧୂଆଁ ଘୋଡ଼ାଇବାକୁ ଚେଷ୍ଟା କଲେ ହେଁ ସ୍ପଷ୍ଟ ବୁଝାପଡ଼ୁଛି। ନା, ନା, ଏମିତି ରିପୋର୍ଟ ମୋତେ ଦେବ ନାହିଁ କଦାପି। ମାନୁଛି ଏ କଥା ଯେ ପ୍ରତ୍ୟେକେ ବଡ଼ ହେବାର ସଂଘର୍ଷରେ ସମଗ୍ର ମାନବଜାତିର ଧ୍ୱଂସ ନିଶ୍ଚିତ ହେବ, ଯଦୁବଂଶ ଧ୍ୱଂସ ଭଳି; କିନ୍ତୁ ସେଥିରେ ଯାଏ ଆସେ କେତେ, ଅଚ୍ଛା, ତୁମେ କେଉଁ ଇଚ୍ଛାକୁ ପ୍ରାଧାନ୍ୟ ଦେଉଛ?

—ମୁଁ ଦୁର୍ଗାଚରଣର ଲେଖକ ହେବା ଓ ରାଜନୀତିରେ ପ୍ରବେଶ କରିବାର ଇଚ୍ଛାକୁ ପ୍ରାଧାନ୍ୟ ଦେଉଛି।

—କାହିଁକି ?

—ସବୁ ଇଚ୍ଛାଗୁଡ଼ିକ ମଧ୍ୟରେ ଏ ଦୁଇଟି ଇଚ୍ଛାକୁ ମୋ ଭାବମୂର୍ତ୍ତି ଧ୍ୟାନ କରୁଛି ଏବଂ ବ୍ୟାକୁଳଭାବରେ କଲ୍ପନା କରୁଛି । କେଣୁ ଏ ଇଚ୍ଛା ଦୁଇଟି ଅତି ଅନ୍ତରଙ୍ଗ ।

ଭଗବାନ୍ ପୁଣି ମିତ୍ରଭାବ କରି କହିଲେ, ତୁମେ ଭୁଲ୍ କରିଛ । ଯାଅ ମୋର ଭକ୍ତ, ଅନ୍ତତଃ ତୁମେ ତାଙ୍କ ବନ୍ଧୁ ଯିବାକୁ କଟକ ପଠାଅ ଏବଂ ଦୁର୍ଗାଚରଣ ସହିତ ସାକ୍ଷାତ କରାଅ । ଆଜି ଶୁଣ, ସମଗ୍ର ମାନବ ଜାତିର ସମୂହିକ ଇଚ୍ଛା ଓ ପ୍ରତ୍ୟେକ ମଣିଷର ନିଜସ୍ୱ ବ୍ୟକ୍ତିଗତ ଇଚ୍ଛା ବର୍ତ୍ତମାନ କେଉଁ ଦିଗକୁ ଆଡ଼ିତ ଓ ପରସ୍ପର ଭିତରେ କି ସମ୍ପର୍କ ଅଛି, ସେ ବିଷୟରେ ଗୋଟିଏ ପୂର୍ଣ୍ଣାଙ୍ଗ ରିପୋର୍ଟ ଦିଅ ।

ମୈତ୍ରକ ଆଦେଶ ପାଇ ଗୃହଗଲେ ।

ଦୁର୍ଗାଚରଣ ଭାରି ଭାରି କ୍ଲାନ୍ତ ହୋଇପଡ଼ିଲେ । ମନରେ ତାଙ୍କର ଅବସାଦ ଆସିଲା । ଏତେ ଅସମ୍ଭବ କଳ୍ପନା କରୁଛନ୍ତି ବୋଲି ନିଜ ପ୍ରତି ଘୃଣା ମଧ୍ୟ ହେଲା । ସେ ଉଠି ଟିକିଏ ବୁଲି ଆସିବାକୁ ବାହାରିଲେ । ସବୁ ବାହାରିଛନ୍ତି କି ନା ଦେଖିବେ ତାଙ୍କର ବନ୍ଧୁ ଯିବା ଯାଉଛି । ଦୁହେଁ ଦୁହିଁଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ ।

ଦୁର୍ଗାଚରଣ ପଚାରିଲେ, କେଉଁରେ ତୁ କୁଆଡ଼େ ?

—ମୁଁ ବର୍ତ୍ତମାନ ଭୁବନେଶ୍ୱରରୁ ଆସିଲି, ବାପା ଜରୁରି ଖବରଦେଲେ ଆସିବାକୁ ।

ଇସ୍, ପଞ୍ଚ ବର୍ଷପରେ ଦେଖା, ନୁହେଁ ? ଆଜି ସକାଳେ ତୁମ ଖାଉ ଖାଉ ତୋ କଥା ମନେ ପଡ଼ୁଥିଲା ! ଏବେ କେତେବର୍ଷ ମୁଁ ତ କଟାଇଲି ଦୂର ମୁଲକରେ ! ତୋର ଖବର ରଖିନାହିଁ । ଆଜି ସକାଳେ ଭାବୁଥିଲି ତୋ ସହିତ ଦେଖା ହୁଅନ୍ତା କି ?

ଦୁହେଁ ଦୁହିଁଙ୍କୁ ଆନନ୍ଦରେ କୁଣ୍ଢାଇ ପରସ୍ପରଠାରୁ ବିଦାୟ ନେଲେ ।

ଦୁର୍ଗାଚରଣ ବୁଲି ଯାଉ ଯାଉ କବିଙ୍କର କଥାଟି ମନେ ପଡ଼ିଲା···

Lord I know not
what to ask of thee
Thou only knowest
what I need.
Thou lovest me
better than I know how to love myself.
Smite me or heal me
depress me or raise me up,
I adore all thy purposes
without knowing them;
I do not know to pray.
Pray thyself in me.

(ମୁଁ କଅଣ ଲୋଡ଼ିବି ଜାଣେନା । ତୁମେ ଜାଣ ମୋର କଅଣ ଦରକାର । ମୁଁ ମୋତେ ଯେତେ ଭଲପାଏ, ତେଠୁ ତୁମେ ମୋତେ ବେଶି ଭଲପାଅ । ଦୁଃଖ ଦିଅ ବା ସୁଖଦିଅ, ନଇଁ ଦିଅ ବା ଉଠାଇ ଦିଅ, ତୁମର କି ଉଦ୍ଦେଶ୍ୟ ସେଥିରେ ନିହିତ ଅଛି ନ ଜାଣିଲେ ବି ଜାଣେ ସେ ଉଦ୍ଦେଶ୍ୟ ମହତ୍ । ମୁଁ ପ୍ରାର୍ଥନା କରି ଜାଣେନା । ତୁମେ ମୋ ଭିତରେ ଥାଇ ପ୍ରଭୁ ପ୍ରାର୍ଥନା କର)

ଧ୍ୱନି

ମଣିଷର ଭିତରେ ଦୁଇଟି ମନ ଅଛି । ଗୋଟିଏ ଦେହଜମନ ଓ ଅନ୍ୟଟି ଦେହାଶ୍ରିତ ମନ । ଦେହଜ ମନ ଦେହକୁ ନେଇ ଚଳିଥାଏ । ଧନ, ଜନ, ମାନ, ଭୂସମ୍ପତ୍ତି, ସୁଖ, ସମ୍ଭୋଗ ପଛରେ ଦୌଡ଼ିଥାଏ । ସେଥିପାଇଁ କେତେ ଲୋଭ, ହିଂସା, ଛଳନା, ଚାଲ୍ ଜୁଆଚୋରିର ଆଶ୍ରୟ ନିଏ । ସେତେବେଳେ ତା'ର ଦେହାଶ୍ରିତ ମନ ସେ ସବୁ ଭିତରେ କେଉଁଠି ଲୁଚିଯାଏ ସତ ତଥାପି ମଣିଷର ମସ୍ତିଷ୍କରେ ଏ ଦେହକୁ ନେଇ ସର୍ବସ୍ୱ ପରିବ୍ୟାପ୍ତ, ସର୍ବସ୍ୱ ଯାହାର ଆଖି ବିଦ୍ୟମାନ୍ ସେହି ମହାନ୍ ଶକ୍ତି ଅନ୍ତରକୁ ଠାଣିନିଏ । ସେତେବେଳେ ମଣିଷ ନିଜର ଇନ୍ଦ୍ରିୟ-ପରିବେଷ୍ଟିତ କ୍ଷୁଦ୍ର ସଙ୍କୀର୍ଣ୍ଣ ଗଣ୍ଡି ଗ୍ରନ୍ଥି ବାହାରକୁ ଦୃଷ୍ଟି ପକାଏ । ସବୁଯାକୁ ସୁନ୍ଦର ଦିଶେ । ଯାହାକିଛି ବି ଅପୂର୍ବ ସୃଷ୍ଟି ବୋଲି ମନେ ହୁଏ । ସେତେବେଳେ "ମୁରଲି ତାର ନାମ ଧରି, ଡାକଇ ଆସ ବେଗକରି ।" ସେ ମୁରଲି ସ୍ୱନ ଶୁଣି 'ମନ ହୁଅଇ ଛନ୍ନ ଛନ୍ନ, ବ୍ୟାପାରେ ନ ଲାଗଇ ମନ' । ସର୍ବଦା ସଂଯୁକ୍ତ ତୁଲ୍ୟନାମ-ବିଶିଷ୍ଟ ଦୁଇଟି ପକ୍ଷୀ ଗୋଟିଏ ବୃକ୍ଷକୁ ଆଶ୍ରୟ କରି ଅଛନ୍ତି, ସେମାନଙ୍କ ମଧ୍ୟରୁ ଗୋଟିଏ ବିବିଧ ଆସ୍ୱାଦଯୁକ୍ତ ଫଳ ଭକ୍ଷଣକରେ, ଅପରଟି ଭକ୍ଷଣ ନ କରି କେବଳ ଦର୍ଶନ କରେ । ଦେହାଶ୍ରିତ ମନ ଯାହାର ଅଧିକ ପ୍ରବଳ, ସେ ହୋଇଛି ପ୍ରକୃତ ନେତା, ପ୍ରକୃତ ବିପ୍ଳବୀ, ବୁଦ୍ଧ, ଖ୍ରୀଷ୍ଟ, ଚୈତନ୍ୟମାନଙ୍କ ଭଳି ।

ଏ କଅଣ କୌଣସି ଗଳ୍ପର ବିଷୟବସ୍ତୁ ହୋଇପାରେ ? ନା ନୈତିକ ବା ଧାର୍ମିକ ? ସାହିତ୍ୟ କଅଣ କେବଳ ଦେହଜ-ମନର ତୃପ୍ତି ଆଣିବାପାଇଁ ? ଅଥବା କେବଳ ଦେହଜ-ମନର ତୃପ୍ତି ଯେଉଁ ସାହିତ୍ୟ ଦିଏ, ସେ କଅଣ 'ସାହିତ୍ୟ' ? ଆଜି ସକାଳୁ ଭଗବାନ୍ ବାବୁଙ୍କ ମନରେ ଯେଉଁ ସବୁ ଭାବ ଉପୁଜିଲା ସେ କଅଣ ସାହିତ୍ୟ-ଦୃଷ୍ଟିରୁ ଗୋଟିଏ କ୍ଷୁଦ୍ର ଗଳ୍ପ ନୁହେଁ ?

ଶୀତଦିନର ଗୋଟିଏ ରମଣୀୟ ପ୍ରଭାତ ? ଭଗବାନ୍ ବାବୁ ଗୃହର ଖଟରେ ଶୋଇଶୋଇ ଉଠିବାକୁ ଚାହାଁଲେ । ମନଟା ତାଙ୍କର ହଠାତ୍ ଉଦାସ ହୋଇଗଲା । ପହିଲା ସୂର୍ଯ୍ୟକରଣ ଟେରେଇ ପଡ଼ିଛି । ସବୁଜ ଘାସ ଉପରେ ଶିଶିରବିନ୍ଦୁ ଗୁଡ଼ିକରେ ସୂର୍ଯ୍ୟକରଣ ପ୍ରତିଫଳିତ ହୋଇ ସେଗୁଡ଼ିକୁ ଏକ ଅପୂର୍ବ ବସ୍ତୁରେ ପରିଣତ କରିଛି । କାଉମାନଙ୍କ କା କା ରବ ଦେଇ ଉଡ଼ି ଯାଉଛନ୍ତି । ଦୂରରେ ଗୋଟିଏ ଟୋକେଇ ଅନବରତ କହି ଚାଲିଛି କୃଷ୍ଣ କାହିଁ ଗୋ…କୃଷ୍ଣ କାହିଁ ଗୋ…ଅତି ବ୍ୟାକୁଳ ଭାବରେ । ପଡ଼ିବାବାଲମାନେ ତର ତର ହୋଇ ଧାଉଁଛନ୍ତି ଡାକ ଡାକ, ଅକ୍ଷୁ…ଅକ୍ଷୁ । ମ୍ୟୁନିସିପାଲିଟି ମଇଳା ଗାଡ଼ି । ଚାଲିଛି ଏକତ୍ର ଚିତ୍କାର କରି ଘଟର ଘଡ଼ ଘଡ଼ କେଁ ଏଁ ଏଁ ଧଡ଼— ଘଟର ଘଡ଼ ଘଡ଼ କେଁ ଏଁ ଏଁ ଧଡ଼ । ଗୋଟିଏ ଟୋକା ଧୀରେ ଧୀରେ ଚାଲିଛି, ନିଃଶେ ଶେକରି

ଭଗବାନ୍ ବାବୁଙ୍କ ମନ ଆଜି ଘର ଭିତରେ ରହିଲାନାହିଁ । ନିଜର ଅଜାଣତରେ ବେଞ୍ଚ ତାଙ୍କର ଆଗେଇଗଲା । ମନ ତାଙ୍କର ଚାହୁଁଥାଏ ସବୁ ଦେଖିବାକୁ, ସବୁ ଶୁଣିବାକୁ । କେତେଥର ଏସବୁ ଦେଖିଛନ୍ତି, ଶୁଣିଛନ୍ତି । ଆଜି କିନ୍ତୁ ଆଉ ଥରେ ନୂଆକରି ଦେଖିବାକୁ ଶୁଣିବାକୁ ଇଚ୍ଛା ହେଲା ।

ବୁଲି ବୁଲି ସେ ଆସି ପହଞ୍ଚିଗଲେ କଙ୍କର ବାବୁଙ୍କ ଘର ସାମନାରେ କୌଣସି ଉଦ୍ଦେଶ୍ୟରେ ନୁହଁ, ଯଦୃଚ୍ଛାକ୍ରମେ । କଙ୍କର ବାବୁ ତାଙ୍କର ବାଲ୍ୟବନ୍ଧୁ । ଅନେକ ଦିନ ହେବ ତାଙ୍କ ସହିତ ଦେଖା ହୋଇନାହିଁ । ନାନା ସାଂସାରିକ ଜଞ୍ଜାଳ ଭିତରେ ପଡ଼ି କଙ୍କର ବାବୁ ଘଣ୍ଟି ହେଉଛନ୍ତି । ଘରରୁ କଚେରି । କଚେରିରୁ ବଜାର ହୋଇ ଘର । ସେଇ ଗୁଳାରେ ତାଙ୍କର ମନ ଓ ଦେହ ଚାଲିଛି ତ ଚାଲିଛି । କିଛିଦିନ ତଳେ ତାଙ୍କର ଗୋଟିଏ ପୁଅ ମରିଯାଇଛି । ସେ ଶୋକରୁ ସେ ଏ ପର୍ଯ୍ୟନ୍ତ ମୁକ୍ତ ହୋଇପାରି ନାହାନ୍ତି । ଭଗବାନ୍ ବାବୁ ତାଙ୍କର ଖବର ନେବାପାଇଁ ତାଙ୍କ ଦୁଆର ମୁହଁରେ ଛିଡ଼ାହେଲେ । କଙ୍କର ବାବୁଙ୍କ ଘର ଭିତରେ ଓ ବାହାରେ ସେତେବେଳେ ନାନା ପ୍ରକାର କୋଳାହଳ । ଭଗବାନ୍ ବାବୁ ପ୍ରତ୍ୟେକ ଶବ୍ଦଟିକୁ ଅଲଗା ଭାବରେ ଶୁଣିବାକୁ ଲାଗିଲେ ।

ଘର ଭିତରେ କଙ୍କର ବାବୁଙ୍କ ସ୍ତ୍ରୀ ମୃତ ପୁତ୍ରର ଗୁଣ ବାହୁନି କାନ୍ଦୁଛନ୍ତି, ମୋତେ ଛାଡ଼ି ତୁ ଚାଲିଗଲୁରେ ମୋ ଗୁଣମଣି; ତୋତେ ଛାଡ଼ି ମୁଁ କେମିତି

ଥିବାରେ··· । ହଠାତ୍ କାହାଣୀ ବନ୍ଦକରି ସେ ପାଚିକାର ବୃଦ୍ଧସଣୀକୁ ଗାଳି ଦେବାକୁ ଲାଗିଲେ, ହୋଇପାରେ ହେମ, ତୋତେ କେତେଥର କହିଛି ଯେ ବାସନକୁ ମାଜିବା ପରେ ଭଲ ପାଣିରେ ଧୋଇ ରଖିବୁ ? ଆଉ କଅଣ ତୋ ଗୋଡ଼ତଳେ ପଡ଼ି ରହିବ ?

ହେମ ମଧ୍ୟ ପାଚିକାର କହିଲା, "ରଖୁଛି ମା' ରଖୁଛି, ପାଟିଟା କରୁଛ କାହିଁକି ?"

ତା'ପରେ ଦୁଇଜଣ ଏକାସାଙ୍ଗରେ ଉଜଡ଼ଦ୍ୱାରା ପରସ୍ପରକୁ ବୁଝାଇବାକୁ ଚେଷ୍ଟାକଲେ ।

ଶଙ୍କର ବାବୁଙ୍କ ବଡ଼ ଝିଅଟି ସପ୍ତମ ଶ୍ରେଣୀ ଛାତ୍ରୀ । ସେ ଚିତ୍କାର କରି ପଡ଼ା ମୁଖସ୍ଥ କରୁଛି, ଗ୍ରୀନ୍‌ଲେଣ୍ଡର ଅଧିବାସୀମାନଙ୍କୁ ଏସ୍କିମୋ ଏସ୍କିମୋ ଏକ୍‌ସିମୋ ଏକ୍‌ସିମୋ କହନ୍ତି ଉଁ···ଉଁ···ହୁଁ ସେମାନଙ୍କୁ ବର୍ଷସାରା ଶୀତ ସହିବାକୁ ପଡ଼େ । ବୋଉ ଦେଖିଲୁ କୁନାକୁ । ଚୁପ୍ କର୍ ବଦ୍‌ମାସ ଏକଶିଙ୍ଗା ।

ଶଙ୍କର ବାବୁଙ୍କ ତିନିବର୍ଷର ପୁଅଟି ମୁଣ୍ଡ ତଳକୁ କରି କାନ୍ଥ ଉପରକୁ ଗୋଡ଼ ଟେକିଦେଇ ସମସ୍ତଙ୍କ ଦୃଷ୍ଟି ତାହା ଆଡ଼କୁ ଆକୃଷ୍ଟ କରିବାପାଇଁ ଚିତ୍କାର କରୁଛି । ସର୍କସ୍ ଦେଖ, ସର୍କସ୍ ଦେଖ··· ।

ବାଡ଼ି ଦୁଆର ମୁହଁରେ ଗୋଟିଏ ଗଞ୍ଜା କୁକୁଡ଼ା ଓ ଦୁଇଟି ମାଈ କୁକୁଡ଼ା ମଇଳାଗଦାରୁ ଖୁମ୍ପି ଖୁମ୍ପି ଆହାର ଖୋଜୁଛନ୍ତି । ମଝିରେ ମଝିରେ ଗଞ୍ଜାଟା ବେକ ଅଣ୍ଟାଇ ଡାକ ଦେଉଛି, ଚକ୍ଷୁର···ଅ···ଅ ରକ୍ଷାକର । ତା'ର ଡାକରେ ଆକାଶ ଯେପରି ଚିରି ହୋଇଯାଉଛି, ତାର ପ୍ରେୟସୀ ବି ଥରି ଯାଉଛନ୍ତି !

ଗୋଟିଏ ମାଈ କୁକୁର ପଛରେ ପାଞ୍ଚଟା ଅଣ୍ଡିରା କୁକୁର ଗୋଡ଼ାଉଛନ୍ତି । ମଝିରେ ମଝିରେ କୁକୁରଟି ଲାଙ୍ଗୁଡ଼ ଯାକି ଦେଇ ପଛକୁ ଲେଉଟି ପଡ଼ି ସମସ୍ତଙ୍କୁ ଖେଙ୍କ ହୋଇ ଭୁକୁଛି ଓ ସାଙ୍ଗେ ସାଙ୍ଗେ ଅଣ୍ଡିରା କୁକୁରମାନଙ୍କ ଭିତରେ ଲାଗି ଯାଉଛି ତୁମୁଳ ଯୁଦ୍ଧ । ପରସ୍ପର ଭିତରେ କାମୁଡ଼ା କାମୁଡ଼ି କରି ତୁମୁଳ ଶବ୍ଦ ସୃଷ୍ଟି କରୁଛନ୍ତି ସେମାନେ । ଇତିମଧ୍ୟରେ କୁକୁରଟା ପଳାଇଛି ଅଣ୍ଡିରାଗୁଡ଼ାକ ନିଜ ଭିତରେ ଝଗଡ଼ା ବନ୍ଦକରି ପୁଣି ଗୋଡ଼ାଉଛନ୍ତି ତା ପଛରେ ।

ଭଗବାନ୍ ବାବୁଙ୍କ କୋଳ ଛୁଆଟି କାନ୍ଦ କାନ୍ଦ ଧଇଁ ସଇଁ ହୋଇ-ପଡ଼ିଲାଣି ।

ଗୋଟିଏ ଭିକାରି ଏତେ ସକାଳୁ ଆସି ଜୁଟିଗଲାଣି । ସେ ପାଟିକରି ଡାକୁଛି ମା···ଆ···ଧର୍ମ କର, ଗଣ୍ଡେ ଭିକ ଦିଅ, ଦଶ ଦୁଆର ଯିବି, ଏତେ ଡେରି କଲେ ଚଳିବ···

ଗୋଟିଏ ଫେରିବାଲା ଡାକି ଡାକି ବୁଲିଗଲା, ଗରମ ସିଙ୍ଗଡ଼ା, ଅଲୁଚପ୍, ପକୁଡ଼ି, ରସଗୋଲା ଛେନାଗଜା···

ଦୁଇଜଣ ମାମଲତକାର ଛୁଟିଛନ୍ତି ଓକିଲଘରକୁ । ଜଣେ ହାତ ହଲାଇ ଅନ୍ୟ ଜଣକୁ କହୁଛି, ସର୍ବନାଶ କରିଦେବି ତାହାର, ଭାଇ ନୁହଁ ଭଗାରି ।

ଦୂରରେ ଗୋଟିଏ ରେଳଗାଡ଼ି ପୋଲ ପାରିହେବା ପୂର୍ବରୁ ଗାଁ ଗାଁ ଗର୍ଜନ କରି ଉଠିଲା ।

ପାଖ ଘରର ବୈଠକଖାନାରୁ ତର୍କ ଶୁଭୁଛି···ଦୁର୍ନୀତି ପାଣି ସୁଅପରି । ତାହା ତଳୁ ଉପରକୁ ଯାଏନାହିଁ, ଉପରୁ ତଳକୁ ବହେ । ଚପରାସୀ ଘୁଷଖିଆ ଘୁଷ୍ ନେଲେ ବୋଲି ହାକିମ ଘୁଷ୍ ନିଏ ନାହିଁ ଯେ, ହାକିମ ଶହେଟଙ୍କା ଘୁଷ୍ ନେବାରୁ ଚପରାସୀ ଘୁଷଖିଆ ହୁଏ । ଚପରାସୀ ଘୁଷ୍ ନେବାର ଅର୍ଥନୈତିକ କାରଣ ଥାଇପାରେ; କିନ୍ତୁ ହଜାର ହଜାର ଟଙ୍କା ପାଇ ସୁଦ୍ଧା ଯେଉଁମାନେ ଦୁର୍ନୀତି-ପରାୟଣ, ସେମାନେ କେବଳ ଅପରାଧୀ ମନୋବୃତ୍ତି ପାଇଁ ।

କଙ୍କର ବାବୁଙ୍କ ପାଟି ଶୁଭୁଛି । ସେ ଗୀତା ପଢ଼ୁଛନ୍ତି—

···ପଶ୍ୟାମି ଦେବାଂସ୍ତବ ଦେବ ଦେହେ,
ସର୍ବାଂସ୍ତଥା ଭୂତବିଶେଷସଂଘାନ୍;
ବ୍ରହ୍ମାଣମୀଶଂ କମଳାସନସ୍ଥମ୍
ଋଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।
ଅନେକବାହୂଦରବକ୍ତ୍ରନେତ୍ରଂ
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍;
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ
ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପମ୍···

ଦୂରରୁ ଶୁଭୁଛି, ଅଲ୍ଲହ୍ ଇଲ୍ଲହା ଇଲ୍ଅଲ୍ଲାହ୍ ।

ଭଗବାନ୍ ବାବୁ ପ୍ରତ୍ୟେକ ଧ୍ୱନିକୁ ଅଲଗା ଅଲଗା ଶୁଣିବାକୁ ଲାଗିଲେ । ତାଙ୍କର ମନରେ ପ୍ରଶ୍ନ ଜାଗିଲା, ଏ ପ୍ରତ୍ୟେକ ଧ୍ୱନିର ଉତ୍ସ କଅଣ ଭିନ୍ନ ଭିନ୍ନ ? ଉତ୍ତରର ସନ୍ଧାନ କରୁ କରୁ ସେ ଏପରି ଏକ ସ୍ତରରେ ପହଞ୍ଚିଲେ, ଯେଉଁଠି ମନେ ହେଲା ପ୍ରତ୍ୟେକ ଧ୍ୱନିର ଉତ୍ସ ସେଇଠି । ପ୍ରତ୍ୟେକ ଧ୍ୱନିର ଆଉ ପ୍ରତ୍ୟେକତ୍ୱ ରହିଲା ନାହିଁ । ସବୁ ଗୋଟେଇ ମିଶେଇ ଯାଇ ଏକ ଅପୂର୍ବ ଓଁ ଝଙ୍କୃତ ହେବାକୁ ଲାଗିଲା ଧୀର ଉଦାତ୍ତ ସ୍ୱରରେ ।

ଭଗବାନ୍ ବାବୁ ମୁରୁକି ହସି ଶୂନ୍ୟକୁ ଚାହିଁ ନମସ୍କାର କରି ପୁଣି ଚାଲିବାକୁ ଆରମ୍ଭ କଲେ ।

ଏ କଅଣ ଗୋଟିଏ ଗଳ୍ପ ହେଲା ?

ବହୁମୁଖୀ

ପ୍ରାତସମୁତ୍ଥାୟତବ ପ୍ରିୟାର୍ଥଂ. ସଂସାର ଯାତ୍ରାମନୁବର୍ତ୍ତୟିଷ୍ୟେ···ଅଃ··· ଆଃ···ବୋଉଲେ, ମା ତାରା, ତାରା, ତାରା···ହରିହେ ଦୀନବନ୍ଧୋ···ହେ ଜନ, ଜନ, ମିନ ଆରେ ଉଠ ସକାଳ ହେଲଣି । ଉଠିଲ···ଦଣ୍ଡବତ କର ସବୁ । ପରଶୁରାମ ବାବୁ ରାତ୍ର ନ ପାହୁଣୁ ବଡ଼ପାଟିରେ ଭଜନ ଗାଆନ୍ତି, ଭଙ୍ଗ୍ କମ୍ପାଇ

କାର୍ତ୍ତିକ ଶୀତ ସକାଳଠାରୁ ପିଲାଗୁଡ଼ାଙ୍କୁ ଉଠାଉଚ । କଅଣ ପିଲା ପଢ଼ାକୁ ଯିବେ···ଶୋଇ ଥାଆନ୍ତୁ, କମ୍ବଳ ଘୋଡ଼ି ହୋଇ···

ତୁମେ ବୁଝନାହିଁ ରାଣୀ ! ସକାଳୁ ଉଠି ଥରେ ଭଗବାନଙ୍କୁ ଡାକିବା-ମାନେ ଶରୀର ଓ ମନ ପାଇଁ ଔଷଧ ଖାଇବା ସଙ୍ଗେ ସମାନ···ଦିନ ଯାଉଚି ଆଉ ଭଗବାନ ମନେ ପଡ଼ିବେ ନାହିଁ···

ପିଲାଙ୍କ ପାଇଁ ତୁମେ ଡାକିଦେଲେ ଚଳିଯିବ । ଶୋଇ ଥାଆନ୍ତୁ ଟିକିଏ ଆରାମରେ···ଉଠାଅ ନା···

ରାଣୀ, ପିଲାବେଳୁ ଏସବୁ ଅଭ୍ୟାସ କରିବା ଉଚିତ । ସଙ୍ଗୀତ, ସାହିତ୍ୟ, ଚିତ୍ରାଙ୍କନପରି ଜୀବନଯାତ୍ରା ମଧ୍ୟ ଗୋଟାଏ କଳା । ସବୁ କଳାର ଦୁଇ ଗୋଟି ଦିଗ ଅଛି—ଅଭ୍ୟାସ ଓ ପ୍ରେରଣା । ପ୍ରେରଣା ଆସେ ପରେ; କିନ୍ତୁ ତା ପୂର୍ବରୁ ଅଭ୍ୟାସ ନ ଥିଲେ ପ୍ରେରଣାକୁ ରୂପ ଦେଇ ହୁଏନା । ତେଣୁ ପ୍ରେରଣା ଆସିବା ପୂର୍ବରୁ ଗଳା, ବାଦ୍ୟଯନ୍ତ୍ର, ଭାଷା ବା ତୂଳୀ ସାଧି ରଖିବା ଉଚିତ । ଗୃହସ୍ଥାଶ୍ରମ ପୂର୍ବରୁ ସେଥିପାଇଁ ବ୍ରହ୍ମଚର୍ଯ୍ୟ ଦରକାର···

ତୁମର ନଇତ ସକାଳୁ ଉଠେ ବକୁଚା ନ ହେଲେ କଅଣ ପାଇଖାନା ପରିଷ୍କାର ହୁଏନା । ତୁମ ନୀତିକଥା ଶୁଣି ଶୁଣି ମୁଁ ପାଗଳ ହୋଇଯିବି, ଏଇ କହିଦେଲି ତୁମେ ସବୁ··· ରାଣୀ ବିରକ୍ତ ଭାବ ଜଣାଇଲେ ।

ଅଳସତା, ଜଡ଼ତା ଅଚେତ୍ୟ ମନୋବୃତ୍ତିର ପ୍ରଧାନ ଲକ୍ଷଣ···ତୁମେ ଭବିଷ୍ୟତରେ ଦେଶରେ ବିପ୍ଳବ ହେବ ଏମା କଥା···ସେତେବେଳେ ଜନ୍ମ ନେଇ ଗୁଣ୍ଡା କମ୍ୟୁନିଷ୍ଟ ବନ୍ଧୁ ଯାଇଥିବ···

କେନ୍ଦ୍ରରେ ତ ଅଫିସ ଗୁଣ୍ଡାମାନେ, କମ୍ୟୁନିଷ୍ଟ ବନ୍ଧୁପିଟା ଦୁର୍ଘଟନାରେ ତୁମେ ଅଗ୍ନିର ପୂଜନ···

ଘଣ୍ଟି, ଅର୍ଥ କଷ୍ଟ ସବୁ ? ଠକ୍କା ଠକ୍କା କରି ଦିନେ ତୁମେ ପାଗଳ ହୋଇଯିବ । କାହିଁକି ଏତେ ଲୋଭ !!

ଲୋଭ ? ସ୍ୱାକୁ ଲୋଭ କୁହ ? ତା ହେଲେ ବଞ୍ଚିବାର ଇଚ୍ଛା ବି ଲୋଭ ? ରାଣୀ ମୁହଁ ଫୁଟି ବୁଲିଗଲା ।

ପରଶୁରାମ ବାବୁ ଟେବୁଲ ମୁଣ୍ଡ ପୋଡି କିଛିକ୍ଷଣ ଚଉକି ଉପରେ ବସି ଗୋଟିଏ ଗାଢ ନିଃଶ୍ୱାସ ଛାଡ଼ିଲେ ଏବଂ ଉଠି ପୂର୍ବ ଦିଗର ଝରକା ଖୋଲିଦେଲେ । ତରୁଣ ଅରୁଣ ଧୀରେ ଧୀରେ ଆତ୍ମପ୍ରକାଶ କରୁଛି । ସୂର୍ଯ୍ୟଙ୍କୁ ନମସ୍କାର କରି ପରଶୁରାମ ବାବୁ କହିଲେ···ଜବାକୁସୁମ ସଙ୍କାଶଂ··· । ସେ ମନରେ ଗୋଟିଏ ଅପୂର୍ବ ଦାର୍ଶନିକ ଶାନ୍ତି ଅନୁଭବ କଲେ ଆଉ ଭାବିବାକୁ ଲାଗିଲେ···କାହିଁକି ଏ ସମ୍ମାନ, ପ୍ରକୃତିର ଖେଳ କଣ···ଏଇ ସୂର୍ଯ୍ୟ, ଯାହାର ଆଭ୍ୟନ୍ତରୀଣ ଉତ୍ତାପ ଲକ୍ଷ ଲକ୍ଷ ଡିଗ୍ରୀ, ଯାହାର ଓଜନ ଆମର ଏଇ ବିଶାଳ ପୃଥିବୀର କୋଟି କୋଟି ଗୁଣ, ତାର ମଧ୍ୟ ପ୍ରତି ସେକେଣ୍ଡରେ ଚାଳିଶ ଲକ୍ଷ ଟନ୍ ହିସାବରେ ଶକ୍ତି କମୁଛି··· ହୁଏତ ଦିନେ ଶେଷ ରବିର ଘଡ଼ ଭଳି ସେ ମଧ୍ୟ ନିଷ୍ପ୍ରଭ ହୋଇ ଯାଇବ··· କି ମହାନ୍ କି ଅଦ୍ଭୁତ ଏଇ ସୃଷ୍ଟି···କୋଟି କୋଟି ମାଇଲ ଦୂରରେ ସୂର୍ଯ୍ୟପ୍ରମାଣ ମହାକାୟ ଅଗ୍ନିପିଣ୍ଡ ଯାହାକୁ କହନ୍ତି ଷ୍ଟାର ନେବୁଲା···ଏ ଜଗତ ଦୈବାତ୍ ସୃଷ୍ଟି ନା କେହି ଗୋଟାଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏହାକୁ ସୃଷ୍ଟି କରିଛି···ମନୁଷ୍ୟ ରୂପକ କୀଟର ସ୍ଥାନ ଏ ସୃଷ୍ଟିରେ କେଉଁଠି ? ···ଦୈବାତ୍ ପଞ୍ଚଭୂତର ମିଳନରୁ ଏହି କୀଟର ସୃଷ୍ଟି, ନା ଏହାର ସୃଷ୍ଟିରେ ସୃଷ୍ଟିର ଚରମ ଉଦ୍ଦେଶ୍ୟ ନିହିତ ଅଛି ?··· ଆତ୍ମାର ସ୍ୱାଧୀନ ସତ୍ତା ଅଛି, ନା ଏହା ଜଡ଼ ପଦାର୍ଥର କେବଳ ସଚେତନ ଅବସ୍ଥା ?···

ନାନା ବିକ୍ଷିପ୍ତ ଦାର୍ଶନିକ ଚିନ୍ତାରେ ତାଙ୍କର ମନ ପୀଡ଼ାରେ ଅବଶ ହୋଇ ଆସିଲା, ଦମ୍ ବନ୍ଦ ହୋଇଯିବା ଭଳି ଲାଗିଲା । ସେ ତୁରନ୍ତ ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରିଦେଇ ନିଃଶ୍ୱାସ ମାରି ସୂର୍ଯ୍ୟ ଆଡ଼କୁ ଅନାଇ ରହିଲେ ଅନ୍ୟ ଦୃଷ୍ଟିରେ । ଏଣ୍ଡୁଅ ଦୌଡ଼ ଦୌଡ଼ କଅଁଳାଣ୍ଡ ପର୍ଯ୍ୟନ୍ତ ଯାଏ । ପରଶୁରାମ ବାବୁଙ୍କ ଚିନ୍ତାଶକ୍ତି ବିଶ୍ୱାସରେ ଆଶ୍ରୟ କରିବାକୁ ଚାହେଁ ।

ଖବରକାଗଜ ବାଲା ଝରକା ବାଟେ ଖବରକାଗଜ ଫିଙ୍ଗିଦେଇଗଲା । ଖବରକାଗଜ ଗୋଟାଇ ନେଇ ପଢ଼ିବାକୁ ଲାଗିଲେ···କୋରିଆ ଯୁଦ୍ଧ···ତୃତୀୟ ମହାଯୁଦ୍ଧ ଆସନ୍ନ···ଘରଚର ଖାଦ୍ୟାଭାବ···

—କିରେ ପଶୁ, ଖବର କଅଣ ? ବନ୍ଧୁ ବୀରେନ୍ ସକାଳବୁଲା ସାରି ଫେରୁଛି ।

—କିରେ ବୀରେନ୍ ଏତେ ସକାଳୁ ?

—ବୁଲି ଯାଇଥିଲି । ଆଜିର ଖବର କଅଣ ?

—କୋରିଆ, ତୃତୀୟ ମହାଯୁଦ୍ଧ, ଏଇ ସବୁ···

—ସତେ ମ ! କୋରିଆରେ, ଚୋଟିଏ କ ପାଇଁ ଲାଗିଛି ମ···

—ବୁଝିଲୁ, ସବୁ ନିର୍ଭର କରେ ଦେଶର ଅର୍ଥନୀତି ଉପରେ । ଆମେରିକା ସମଗ୍ର ପୃଥିବୀରେ କ୍ଷମତା ବିସ୍ତାର କରିବାକୁ ଚାହେଁ । କାହିଁକି ବା ଦେଶକୁ ଶିଳ୍ପ ପ୍ରଧାନ କର ? ଶିଳ୍ପପ୍ରସାର କରି କରି ନିଜର ଆବଶ୍ୟକତାଠାରୁ ବହୁଗୁଣ ବେଶି ଦ୍ରବ୍ୟ ପ୍ରସ୍ତୁତ କରିବାକୁ ତୁମେ ବାଧ୍ୟ । ତା ପରିଁ ତେଣୁ ବଜାର ଲୋଡ଼ା । ବଜାରକୁ ନିଜ ଅଧୀନରେ ସବୁ ଦିନ ରଖିବାପାଇଁ ସୈନ୍ୟ ଲୋଡ଼ା···ଖାଲି ସେତିକି ନୁହେଁ ସେହି ବଜାର ଯେପରି ଚିରଦିନ ଅନୁନ୍ନତ ରହେ, ତା ପ୍ରତି ମଧ୍ୟ ଦୃଷ୍ଟିଦେବାକୁ ହେବ···ଚାଲିଲା ଏମିତି ଗୋଟାଏ ଖେଳ, ଗୋଲକ ଧନ୍ଦା···ହେଲା ମହାଯୁଦ୍ଧ···

—ଛାଡ଼ ସେ ସବୁ ବଡ଼ ବଡ଼ କଥା···ମୋ ମୁଣ୍ଡରେ ସେ ସବୁ ପଶେ ନାହିଁ । ଆମ ଦେଶର ମାତ୍ର ବର୍ତ୍ତମାନ କୁଆଡ଼େ ଚାଲିଛି···?

—ଆମ ଦେଶର ନୀତି ଏ ପର୍ଯ୍ୟନ୍ତ ଠିକ୍ କରୁ ସୃଷ୍ଟି ହୋଇନାହିଁ । ବିଦ୍ରୋହ ନ ହେଲେ ନୀତି ଜନ୍ମ ହୁଏନାହିଁ···ବର୍ତ୍ତମାନ କେବଳ ଗୋଟିଏ ମାତ୍ର ନୀତି ହେଉଛି ସ୍ୱାର୍ଥ । ଏଇ ସ୍ୱାର୍ଥପରତା ଯେତେବେଳେ ଚରମକୁ ଯିବ, ସେତେବେଳେ ବିଦ୍ରୋହ ଗ୍ରୁଏଁ ଗ୍ରୁଏଁ ହେବ···ତା ପରେ ଜନ୍ମ ନେବ ନୀତି···

—କିନ୍ତୁ ନେତାମାନେ ଯେ ଏତେ ବକ୍ତୃତା ଦେଉଛନ୍ତି ? ଏତେ ଆଦର୍ଶ ଦେଖାଉଛନ୍ତି ?

ପରଶୁରାମ ବାବୁ ହସି କହିଲେ, ଧନୀମାନଙ୍କର କଥା, ରାଜନୈତିକ ନେତାମାନଙ୍କର ଆଦର୍ଶ ଏବଂ ଅଫିସରେ ଉପରବାଲାମାନଙ୍କ ଆଶ୍ୱାସବାଣୀ — ଏ ତିନୋଟିରେ ଯେ ଭୁଲେ, ସେ ଦିନେ ଖାଲରେ ପଡ଼େ ।

—ଅଚ୍ଛା ପରଶୁ, ଦିନେ କଅଣ ସବୁ ଲାଲ ହୋଇଯିବ ? ବୀରେନ୍ ତୁନି ତୁନି ପଚାରିଲେ ।

—ଲାଲ ? ଓ, ବୁଝିଲି । ହୋଇ ପାରେ···ତେବେ ଲାଲ ରଙ୍ଗଧର ଆସ୍ତେ ଆସ୍ତେ ଆଜି କୌଣସି ରଙ୍ଗର ସ୍ୱପ୍ନ ମାତ୍ର ଆସି ପାରେ···ଉପର ରଙ୍ଗଟାରେ ବିଶ୍ୱାସ କଲେ ଚଳେନାହିଁ···ନିର୍ମଳ ଧଳା ତଳେ ତ କଳା ଦେଖିବାକୁ ମିଳୁଚି ବର୍ତ୍ତମାନ । ହେଁ···ହେଁ···

—ହେଁଃ···ହେଁ···ଠିକ୍ କହୁଚୁ ଭାଇ । ସରକାର ଯଦି ମୁଠାଏ ଦ'ବେଳା ଖାଇବାକୁ ଦେବାକୁ ସକ୍ଷମ ହୁଅନ୍ତା, ଆଉ ପିନ୍ଧିବାକୁ ଏଖଣ୍ଡ ତ···

—ସେ ବିଷୟରେ ଭାଇ ମୋର ମତ ହେଉଛି ସରକାରକୁ ଖାଲି ଦୋଷ ଦେଲେ ଚଳିବନାହିଁ । ସରକାର ତ ଖାଦ୍ୟ ଦ୍ରବ୍ୟ ପାଇଁ କମ୍ ଖର୍ଚ୍ଚ କରୁନାହିଁ··· ଦୋଷ କେଉଁଠି ରହୁଚି··· ଆମର ଅସାଧୁତା···ଲୋକଙ୍କ ଭିତରେ ଧନୀ ହେବାର ପ୍ରବୃତ୍ତି···ଅପରାଧ ସ୍ପୃହାର ବୃଦ୍ଧି···ତା ଛଡ଼ା ଜନସଂଖ୍ୟା ଯଦି ଏହିପରି ବଢ଼ି ଚାଲେ, ତେବେ ଉପାୟ ନାହିଁ··ସବୁଆଡ଼େ ମନୁଷ୍ୟର ସଂଯମ ଛନ୍ଦ ଭୁଷୁଡ଼ି ପଡ଼ୁଚି । ସାମ୍ୟ, ଅର୍ଥନୈତିକ ସମତା, କେବଳ ଏଥିରୁ ଆମକୁ ଉଦ୍ଧାର କରି ପାରେ ।

ଘର ଭିତରୁ ଝିଅ କଣ୍ଠରେ ଶୁଭିଲା ରାଜନୀତି ସରିଲା ? ଏଥର ଗୃହନୀତି ଆଡ଼କୁ ଟିକଏ ନଜର ଦିଅ··ବାଇଗଣ ବାଲାକୁ ଡାକ ଟିକଏ ।

—ଯା ଭାଇ ଯା, ମୁଁ ଦାନ୍ତ ଘଷି ନାହିଁ···ଏ ବାଇଗଣ, ଓଜନ କେଜିକେ?

—ଦଶ ଅଣା ।

ଦଶ ଅଣା ? କାହିଁକିରେ ବାପ···

ଗୁଜଳ ତ ଟଙ୍କାକୁ ଦେଢ଼ ସେର ହେଲା···ଆମେତ ଫେର ବଞ୍ଚିବୁ ।

—ଆଜ ଆମେ ? ପାଞ୍ଚଅଣା ନବୁ ତ ଦେଇଯା ।

ପାଞ୍ଚଣା !! ଘର ଖାଇବା ବାଳ । ଠୋକେଇ ଧରି ସେ ଗୁଳିଲା ।

—ଏଇ, କଅଣ କହିଲୁ, କଅଣ କହିଲୁ । ଘର ବଡ଼ି ବଡ଼ି କଥା କହୁଚୁ ଯେ ।

—କହିବ ନି । ଆଜ୍ଞ, ତୁମେ କହିବ ପାଞ୍ଚଅଣା···ଆମକୁ ଅପମାନ ନାହିଁ ଟବ୍ର ।

—ଆଜ ତୁ ଯା କହିବୁ ବେଦର ଗାର ?

—ପଇସାଏ ଅଧଲାଏ କମ କରିବ ପିନା···ଏକଦମ ଅଧେ । କେବେ ଖାଇଚ ?

—ଫେର କହୁଚୁ ଦେଖିବୁ···ପରଶୁରାମ ବାବୁ ମାରିବାକୁ ହାତ ଉଠାଇଲେ ।

—ଯା ଯା ରେ । ବାବୁ ଦେଖଉଚି···ଚୂନା ଜନ୍ତୁନ ଘରେ ବାବୁ···

ଠୋକେଇ ଉଠାଇ ସେ ଗୁଳିଗଲା ।

ରାଣୀ ଘର ଭିତରୁ ଡାକିଲା, ଶୁଣ ଆସ !

କ୍ରୋଧ, କ୍ଷୋଭ ଅପମାନରେ ନିର୍ବାକ୍ ହୋଇ ପରଶୁରାମ ବାବୁ କିଛିକ୍ଷଣ ସେଠି ଛିଡ଼ାହୋଇ ରହିଲେ । ସେ ଭାବିବାକୁ ଲାଗିଲେ···କ୍ଷମତା ! ଏଇ ଜଣେ କ୍ଷମତା···ଯଦି ମୁଁ କ୍ଷମତା ପାଆନ୍ତି···ଏମାନଙ୍କୁ ନିଷ୍ପେଷିତ କରିବା ମୁଁ ଉଚିତ···କୁକୁରକୁ ମୁଣ୍ଡ ଦେଲେ···

ଆସିଲ, ଘରଭିତରୁ ଆହ୍ୱାନ ଉଚ୍ଚରେ ହୋଇଉଠିଲା ।

ପରଶୁରାମ ବାବୁ ଫେରୁଥିଲେ । ଗୋଟିଏ ବଡ଼ ଉଦର ଓ ଦୁଇଟି ଚନ୍ଦ୍ର ପ୍ରମ ଲଟକଥିବା ଅଷ୍ଟିଚର୍ମସାର ଗୋଟିଏ ଶବ ତାଙ୍କର ଦୃଷ୍ଟି ଆକର୍ଷଣ

ଜଲ୍ । ପରଶୁରାମ ବାବୁ ଅବାକ୍ ହୋଇ ଛୁଆ ହୋଇ ରହିଲେ । ଅର୍ଦ୍ଧନଗ୍ନ ଅସ୍ଥିଚର୍ମସାର ଏହି ନାସ୍ତି...ଏହାର ସୃଷ୍ଟି କରିବାର ଅଧିକାରତ ଦୂରେ ଥାଉ, ବଞ୍ଚିବାର କି ଅଧିକାର ଅଛି ? ଏହି ପ୍ରଶ୍ନ ତାଙ୍କ ମନରେ ଆଉ ଗୋଟିଏ ପ୍ରଶ୍ନ ଉଠାଇଲା...ସେମିତି କହିଲେ ମୋର କଅଣ ବଞ୍ଚିବାର ଅଧିକାର ଅଛି ? ପ୍ରଶ୍ନଟା ନିଜକୁ ଟିକିଏ ମାରିବାରୁ ସେ ପୁଣି ଭାବିଲେ ବଞ୍ଚିବାର ଅଧିକାର ବିବେଚନା କରିବା ପୂର୍ବରୁ ଜନ୍ମର ଦାୟିତ୍ୱଟା ତ ଦେଖିବାକୁ ହେବ...ସେଥିପାଇଁ ଦାୟୀ ମୁଁ ବା ସେ ନୁହେଁ...ନାସ୍ତି ହାତ ବଢ଼ାଇ ସେମିତି ଛୁଆ ହୋଇଥାଏ । —ଶୀତରେ ସେ କମ୍ପୁଛି, ଆଖିରୁ ପାଣି ବହିଯାଉଛି, ପିଲାଟିଏ ଜବର୍ଦ୍ଦାର ଯୋଗୀଙ୍କ ଭଳି ଦୁଧ ଖାଇ ବୁଲୁଛି । ପରଶୁରାମ ବାବୁ ପାଦ ଚିପି ଚିପି ଘର ଭିତରକୁ ଆସିଲେ, ଟ୍ରଙ୍କ ଖୋଲି ନିଜର ଗୋଟିଏ ଲୁଗା ବାହାର କଲେ, ପକେଟରୁ ଗୋଟିଏ ଆଠଣି କାଢ଼ି ସେମିତି ପାଦ ଚିପି ଚିପି ଯାଇ ତାକୁ ଦେଇ ହାତଠାରି ଶୀଘ୍ର ଚାଲିଯିବାକୁ କହିଲେ ।

ଆସିଲ, ଟିକିଏ ଦୟାକର ବଜାରକୁ ଯାଅ, ଗୃହିଣୀର କଣ୍ଠରେ କ୍ରୋଧ-ଜଡ଼ିତ ମିନତି ।

ପରଶୁରାମ ବାବୁଙ୍କ ମନେ ପଡ଼ିଗଲା ପଇସାବାଲା କଥା...'ତୁମେ ଜାଣନା ମୋର ଦୁଇବେଳା' — ହାତ କଚମଚ କରି ସେ ଗାଳିଦେଲେ । ଛି କୁକୁରର କଅଣ ଗଲା ! ତାଙ୍କର ଅପମାନିତ ପୌରୁଷ ସ୍ତ୍ରୀକୁ ମୁହଁ ଦେଖାଇବାକୁ ଲଜ୍ଜା-ବୋଧକଲା । ଟେଣ୍ଡ୍ରା ବଡ଼ ଖଣ୍ଡେ ଉଠାଇ ସେ ସିଧା ପାଇଖାନାକୁ ଗଲେ । ଏଇଟା ତାଙ୍କର ଦୁର୍ଗ । ସବୁ ଚିନ୍ତା ସେ ଏଇଠି କରନ୍ତି ମଧ୍ୟ । ବଡ଼ ଟାଣୁ ଟାଣୁ ସେ ଭାବିବାକୁ ଲାଗିଲେ—'ନାଃ ଅର୍ଥର ଦରକାର...ତା ନ ହେଲେ ମୋତେ ଜଣେ ସାମାନ୍ୟ ପଇସାବାଲା...ମନେପଡ଼ିବା ମାତ୍ରେକେ ତାଙ୍କର ସୁପ୍ତ କ୍ରୋଧ ଜାଗି ଉଠିଲା ।...ନା, ଦମନ...ଚାଲୁ ଗୁଳି...ଲୁଟ, ବୃଷ୍ଟି, ମୁକ୍ତି, ସାଧୁ, କଷଣୀ ସମସ୍ତଙ୍କ ଉପରେ ଗୁଳିଗୁଳି...ଯେଉଁମାନଙ୍କର ବଞ୍ଚିବାର ହକ୍ ଅଛି, କେବଳ ସେହିମାନେ ହିଁ ବଞ୍ଚନ୍ତୁ ।

—କଅଣ ଶୋଇଲ କି ସେଠି ? ତରକାରୀ ଦେଖ ? ଟିକିଏ ଦୟାକରି ମାର୍କେଟ ଯାଅ...କିଛି ନାହିଁ ଯେ ।

ପରଶୁରାମ ବାବୁ କିଛି ଉତ୍ତର ନ ଦେଇ ସେମିତି ବସି ରହି ଭାବିବାକୁ ଲାଗିଲେ···ଖାଲି ନାହିଁ···ନାହିଁ···ନାହିଁ···ଦାମ୍ପତ୍ୟରେ ନାରୀ କଏ କୁହେ ନାରୀ କୋମଳ···, ଦୟା କ୍ଷମା ତାଙ୍କ ଚରିତ୍ରରେ···ନିର୍ମମ ଏମାନେ । ପଳିବା ସ୍ପୃହା ଏମାନଙ୍କ ରକ୍ତରେ ଅଛି କିନା ସେଥିପାଇଁ ଏମାନେ ବାହାରକୁ ଯେମିତି ସରଳ, ଭିତରକୁ ସେମିତି ଜଟିଳ, ବାହାରକୁ ଯେମିତି କୋମଳ, ଭିତରେ ସେମିତି ନିର୍ମମ, କଠିନ । ଓଃ, କି ଦାମ୍ପତ୍ୟରେ ଚତୁର ମଣିଷ ଏମାନଙ୍କୁ ମୁହଁ ଦବାର ନୁହଁ ସତ···ନ ଜାଣି କେଉଁଣ ପୂର୍ବକାଳର ଋଷିମାନେ କହିଯାଇଛନ୍ତି

—ଆସିଲି ଅ ଅ ଉ

କିଲି ଅ ଅ ଅ, ପରଶୁରାମ ବାବୁ ବାହାରେ ଆସିଲେ । ଶୀଘ୍ର ଦାନ୍ତ ଘଷି ଅଳ୍ପ ଧନ୍ଦ ସେ ବଜାରକୁ ବାହାରିଲେ ।

କିନ୍ତୁ ବଜାରରୁ ପୁଣି ଫେରିବାକୁ ହେଲା । ତାଙ୍କର ଖିଆଲ ନଥିଲା ଯେ ବଜାର ପଇସା ସେ ଦାନ କରି ଦେଇଛନ୍ତି । ଭୟ ଓ ଦୁର୍ଭାବନାରେ ସେ କିଛିକ୍ଷଣ ମାରବରେ ଦାଣ୍ଡ ଦୁଆରମୁହଁରେ ଛିଡ଼ାହୋଇ ରହିଲେ । ସାହସ ବାନ୍ଧି ସେ ଘର ଭିତରକୁ ପଶି ପାଟି କରି କହିଲେ 'ଅଚ୍ଛା କେମିତି ତୁମେ··· ବଜାର ପଇସାଟା ମନରେ କରି ଦେଇପାରିଲ ନାହିଁ···କେତେ ସମୟ ନଷ୍ଟ ହେଲା ମୋର ।

—ଇସ୍ ସମୟ ନଷ୍ଟ ! ଫେରି ତୁମର !! ହଁ, ଗାଈଜଗାକର ଚିନ୍ତା ଯେତେବେଳେ କରିବାକୁ ହେଉଚି ତୁମକୁ, ସମୟର ଦାମ୍ ତୁମ ପାଖରେ ଅନେକ; କିନ୍ତୁ ଦାନ କରିବାରେ ପୁଣ୍ୟ ତୁମର, ଅଜ ମୁଁ ପାପ କରିଚି, ଏ ସଂସାର ଚଳାଇଚି ମୁଁ । ତା ନ ହେଲେ ମୋତେ ଲୁଚାଇ ଏମିତି ଦାନ କରନ୍ତ ନାହିଁକି, ପୁଣି ଅଜିକାର ବଜାର ଖର୍ଚ୍ଚ ଯାକ । ପୁଣ୍ୟତ ତୁମେ ନେଲ, ଏଇକ୍ଷଣି ପୁଣି ବଜାର କେମିତି ହେବ ସେ ଚିନ୍ତାରେ ମୁଁ ମରେ, ତୁମର ଯାଏ କେତେ, ଆସେ କେତେ ।

ପରଶୁରାମ ବାବୁ କାଠପରି କିଛିକ୍ଷଣ ଛିଡ଼ାହୋଇ ରହିଲେ । ଇସ, ସବୁ ଏମାନଙ୍କ ଦୃଷ୍ଟିରେ ପଡ଼େ । ପରଶୁରାମଙ୍କ ତଳିପାରୁ ତାଳୁଯାଏ ଜଳିଗଲା; କିନ୍ତୁ ପୁଣି ଭାବିଲେ, ଝଗଡ଼ା କ'ଣ କରିବ ସବୁ ରସ ଶୁଖାଇ ଦେଇଛି ତା'ର ।

ହସି ହସି ରାଣୀ ପାଖକୁ ଲାଗି ଆସି ତାଙ୍କ ଚିବୁକରେ ହାତ ମାରି କହିଲେ, ଛିଃ ରାଣୀ, ସବୁକଥାକୁ କଦର୍ଥ କରନା । ତୁମକୁ ମାଗିଥିଲେ ତୁମେ ଅତି କଷ୍ଟରେ ପଇସାଟିଏ ଦେଉଥାନ୍ତ । ମୋ ଦୋଷ ହୋଇଛି ମୁଁ ମାନୁଛି । ଯେବେ ଜାଣି ପାରିଥିଲ, ତେବେ ବଜାରକୁ ଯିବା ଆଗରୁ ଦେଇଥା ଦେଲ ନାହିଁ ମୋତେ, ମିଛରେ ମୋ ସମ୍ମୁ···

ରାଣୀ କିନ୍ତୁ ଗର୍ଜନ କରି କହିଲେ, ଦରକାର ହେଉଥିଲ ଆଉଥରେ ଯିବ ବଜାର, ଆରେ କଅଣ···

ଅସହାୟ ସ୍ୱରରେ ପରଶୁରାମ ବାବୁ ପଚାରିଲେ, ତା'ହେଲେ, ଏଇଆ ମୋ କାମ ?

—ଆଉ କି କାମ ଅଛି ତୁମର···ଖାଲି କାଗଜ ବକବା ଛଡ଼ା କଅଣ କରି ପକାଉଛ ତୁମେ କାହାର ? ଯାଅ, ବେଶି ବକ ବକ ହୁଅନା ।

ପରଶୁରାମ ବାବୁ ମନଦୁଃଖରେ ପଇସା ନେଇ ଚାଲିଗଲେ । ବଜାର ପାଇଁ ଆଠଅଣା ମାତ୍ର ପଇସା । ସେଥିରେ ମାଛ, ପିଆଜ, ଆଳୁ ଆଦି ଯାବତୀୟ ଜିନିଷ ଆଣିବାର ତାଲିକା । ପ୍ରତ୍ୟେକରୁ ପଇସାଟିଏ ଦ'ପଇସା କମାଇବା ପାଇଁ ଅଧଘଣ୍ଟାଏ ମର୍ମାନ୍ତକ ଯୁଦ୍ଧ କରି ସେ ଫେରିଲେ ପ୍ରାୟ ଦୁଇଘଣ୍ଟା ପରେ । ଦୁଲ୍ କରି ଥଳିଆ ରଖିଦେଇ ସେ ତେଲ ଢଗାର ମାରି ଗାଧୋଇବାକୁ ଦୌଡ଼ିଲେ । ଶୀତରେ ପାଣି ଛୁଉଁକନା ବଡ଼ତେ ଲାଗିଲା । ଖଟରେ ଛୁଡ଼ା ହୋଇ ଆରାମ କରିବା ବେଳ ନାହିଁ । ଦୁଇ ଲୋଟା ପାଣି ଢାଳି ହୋଇ ସେ ଲୁଗା ପିନ୍ଧି ପିଢ଼ା ପକାଇ ବସିଗଲେ ଦୁଇ ମିନିଟ ଭିତରେ ।

ରାଣୀ ଖାଲି ଭାତ ଓ ଡାଲି ଆଣି ସାମନାରେ ଥୋଇ ଦେଲେ । ପରଶୁରାମ ବାବୁଙ୍କ ଲୋଭ ନିମିଷକେ ଲୁଚିଗଲା ଖାଦ୍ୟ ସାମଗ୍ରୀ ଦେଖି; କିନ୍ତୁ ନଖାଇ ଉପାୟ ନାହିଁ । କିଛି କହିବାର ମଧ୍ୟ ଉପାୟ ନାହିଁ । ନୀରବରେ ସେତକ ଯଥାସମ୍ଭବ ଜଲଦିକୁ ଏଡ଼ାଇ ତଳକୁ ଠେଲିଦେଇ ସାଇକଲ ବାହାର କଲେ ।

ଟଙ୍କା ସରିଲାଣି···ଯୋଡ଼ାଏ ଟଙ୍କା ଆଣିବ, ରାଣୀ ଡାକ କହିଲେ ଘରଭିତରୁ ।

—ପାଞ୍ଚ ତାରିଖରୁ ଟଙ୍କା ଶେଷ ତୁମର ? ମାରିବ କି ମୋତେ !

—ହିସାବ ନିଅ, ସବୁତ ଲେଖା ଅଛି ।

— ହୁଁ, ହିସାବ, ହିସାବ…

—"ବାପା, ମଟର ଆଣିବ" ମିନି କହିଲା ।

ଦୂରେ ଗ୍ରାମ ଠକି ଠକି ବାଜୁଥିଲେ ।

ଦ୍ୱାରକାପୁରେ ଶ୍ରୀହରି—ଅ—ଅ—ହି

ସକଳ ଯାଦବ ବସା—ଅ—ଅ—ଇ

ଯୋଗୀ ପ୍ରବୋଧ କରି ଛିଡ଼ାହେଲା ।

—ଯାବେ, ଦ୍ୱାରକାପୁରେ ଶ୍ରୀହରି କଅଣ କଲେ ତୋ ବାପର କଅଣ ଗଲା, ମୋର କଅଣ ଗଲା ? ଯାଃ ।

—ବାବୁ, ଭଗବାନଙ୍କ ନାଁରେ ଏମିତି କହୁଛ ?

—ଭଗବାନ୍ ? କି ଭଗବାନ୍ ବେ… ଯାଃ… ଯା…

ସାଇକେଲରେ ଉଠିବା ସାଙ୍ଗେ ସାଙ୍ଗେ ଘଣ୍ଟାକୁ ଜୋରରେ ମାରିଲା ବେଗରେ ସାଇକେଲ୍ ଚଳାଇଲେ । ଆଉ ମନେ ମନେ ନିଜକୁ କହିଲେ, ଚଳାଇବା ଜୋରରେ…

—ଇସ୍, ଦଶଟା ବାଜିଗଲା, ଅଫିସ ଘଡ଼ିକୁ ଅନାଇ ସେ ନିଜ ଚୌକିରେ ବସିଲେ ।

ସାହେବଙ୍କ ସଲାମ୍ ଦେଇଛନ୍ତି, ଚପରାଶି ଶୁଭ ସମ୍ବାଦଟି ଦେଇ ଛିଡ଼ାହେଲା ।

ଅଫିସ ଆସିବା ସାଙ୍ଗେ ସାଙ୍ଗେ 'ସଲାମ'ର ଅର୍ଥ ସେ ଜାଣନ୍ତି । ଟିକିଏ ହସି, ସଲାମ ସାଦରରେ ଗ୍ରହଣ କଲା—ଭଳି, କିନ୍ତୁ ସେ ଉଠିଲେ । ମୁହଁରୁ ତାଙ୍କର ଅଡ଼ଡ଼ା ଖସି ପଡ଼ିଲା ।

ଘଣ୍ଟା ପରେ ସେ ଧୀରେ ଟେବୁଲ ପାଖରେ ଛିଡ଼ାହେଲେ ଅପରାଧୀ ଭଳି ତଳକୁ ମୁଣ୍ଡ ପୋତି । ଗାଳିକୁ ସେତେ ଡରନ୍ତିନି ନୂଆ ସାହେବଙ୍କ ବକ୍ତୃତା ପାଇଁ ସେତେ ଡର ତାଙ୍କର । ଦେଶ, କର୍ତ୍ତବ୍ୟ, ତ୍ୟାଗ, ଶୃଙ୍ଖଳା, ସରଳ ଜୀବନ-ଯାପନ, ଉଚ୍ଚ ଚିନ୍ତା ଆଦି ବିଷୟରେ ଅଧଘଣ୍ଟାଏ ଧରି ଲମ୍ବା ବକ୍ତୃତା ତାଙ୍କୁ ମର୍ମାହତ ଓ ହତୋତ୍ସାହ କରିଦିଏ ।

ବର୍ତ୍ତମାନ ଘଣ୍ଟାରେ କେତେଟା ବାଜିଲା ? ନରସିଂହ ଗମ୍ଭୀର ସ୍ୱରରେ ପିଠେବ ପ୍ରଶ୍ନ କଲେ ।

ଆଜ୍ଞା , ପରଶୁରାମ ବାବୁ କମ୍ପିତ ସ୍ୱରରେ ବିଳମ୍ବ ହେବାର କାରଣ କହିବାକୁ ଯାଉଥିଲେ ।

ମୁଁ କିଛି ଶୁଣିବାକୁ ଚାହେଁନା । ରୋଜ ତ ଏମିତି ଗୋଟିଏ ଗଳ୍ପ କୁହନ୍ତି । ଯାହା ପଚାରୁଛି ତାର ଉତ୍ତର ଦେଇପାରନ୍ତୁ । ଘଣ୍ଟାକୁ ଅନାଇ କୁହନ୍ତୁ ବର୍ତ୍ତମାନ କେତେଟା ବାଜିଛି । ହାକିମଙ୍କ କ ଧୀର ଅଥଚ ଦୃଢ଼ ସ୍ୱର ।

କଏ ଦେଇଛି ଏ ଦୃଢ଼ତା ? ବାଲ୍ୟକାଳରୁ ଅର୍ଜିଥିବା ଧର୍ମଧନ ? ପରଶୁରାମ ହସନ୍ତି । ସମୟ ତାଙ୍କୁ ଭଲଭାବରେ ଜଣା ଅଛି; ତଥାପି ଘଣ୍ଟାକୁ କିଛିକ୍ଷଣ ଚାହିଁ ସେ କହିଲେ 'ଦଶଟା ବାଜିଲାଣି ।'

—ଅଫିସ ଆରମ୍ଭ କେତେବେଳେ ?

—ସାଢ଼େ ଦଶଟା…କିନ୍ତୁ…

—ଚୁପ୍ । ତା' ହେଲେ କେତେ ଡେରି କରି ଆସିଛନ୍ତି ?

ଶୈଶବରେ ଏ ପ୍ରଶ୍ନର ଉତ୍ତର ଠିକେ ଠିକେ ଦେଇଥିଲେ ସେ ପ୍ରଶଂସା ପାଇ ଆସିଛନ୍ତି; କିନ୍ତୁ ଏ ବୟସରେ ଉତ୍ତର ଦେବାକୁ ଯାଇ ତାଙ୍କର ହେଉଛି ଅତି କଠିନ । ଏ ଅପମାନ ଏଡ଼ିବାକୁ କୌଣସି ଉପାୟ ନ ପାଇ ସେ ନୀରବରେ ଛିଡ଼ା ହୋଇ ରହିଲେ ସାହେବଙ୍କ ମୁହଁକୁ ବଲ ବଲ କରି ଅନାଇ ।

—ଆପଣଙ୍କ ମୁଣ୍ଡରେ କଅଣ ସାମାନ୍ୟ ବୁଦ୍ଧି ନାହିଁ…ଏଇ ସାମାନ୍ୟ ମନସାଙ୍କ ଖଣ୍ଡେ କରିପାରୁ ନାହାନ୍ତି !!

ପରଶୁରାମ ବାବୁ ମନେ ମନେ ଉତ୍ତର ଦେଲେ ଅଛି ଏବଂ ପରକୁ ଦେବାକୁ ବଳକା ବୁଦ୍ଧି ମଧ୍ୟ ଅଛି; କିନ୍ତୁ ମୁହଁରେ ସେ ଉତ୍ତର ଦେଲେ, ଆଜ୍ଞା, ବାର ମିନଟ ।

—କାହିଁକି ? ଏମିତି ହେଲେ ଠକେଇ କଅଣ ଜୀବନ କଟାଇ ଦେବେ ?

ପରଶୁରାମ ବୁଝିପାରିଲେ ଏଥର ବକ୍ତୃତା ଆରମ୍ଭ ହେବାର ସୁବିଧା ଆସିଗଲା । ବକ୍ତୃତା ଶୁଣିବାକୁ ତାଙ୍କର ଭୟ ଓ ଘୃଣା ଉଭୟ ହୁଏ । ଏଡ଼ିବାପାଇଁ ସେ କହିଲେ, ଆଜ୍ଞା, ପିତା ପୁତ୍ରର ସବୁ ଦୋଷ କ୍ଷମା କରେ । ସ୍ୱର ପ୍ରକାର ପିତା

ମଧ୍ୟରୁ ଅନ୍ନଦାତା ପିତା ହିଁ ପ୍ରଧାନ । ଆପଣ ଅନ୍ନଦାତା, ଖାଲି ମୋର ନୁହେଁ, ଅନେକଙ୍କର । ତେଣୁ ବିଷୟରେ ମୋର ଉପାୟ ନାହିଁ । ମୋର ସ୍ତ୍ରୀ ଆପଣଙ୍କ ଦୟା ବିଷୟରେ ଅଗାଧ ବିଶ୍ୱାସ ··ସେ···

ସାହେବଙ୍କ ମୁହଁରୁ କ୍ରୋଧର ଭାବ ଦୂରିଗଲା । ସେ ସେହିପରି ତଳକୁ ମୁହଁ ପୋତି କହିଲେ, ଯାଆନ୍ତୁ ଏଥର ଠିକ୍ ସମୟରେ ଆସିବାପାଇଁ ଚେଷ୍ଟା କରିବେ ।

ପରଶୁରାମ ବାବୁ ଆସି ନିଜ ଚୌକିରେ ତଳକୁ ମୁହଁ ଗୋଞ୍ଜି ବସିଲେ ।

କଣ ହେଲା, ଗାଳି ଖାଇ ଆସିଲ ? ଠାକୁର ହରିବାବୁ ପଚାରିଲେ ।

ନା, ଗାଳି ଦେଇ ଥାଆନ୍ତା; କିନ୍ତୁ ହୃଦୟରେ ଭୂକମ୍ପ ହେଲା । ପରଶୁରାମ ବାବୁ କଥାଟା ଦାର୍ଶନିକ ଭଳି କହିଲେ ।

—ଖୋସାମଦରେ ତ ତୁମେ ପାଶ କରିଛ ଗୋଟିଏ କଳା । ମୁଁ ପାରେ ନି କିନ୍ତୁ; କିନ୍ତୁ ଏଇ ଗୁଣଟା ହାସଲ କରିବା ଆଜିକାଲି ଦରକାର ।

—ସମସ୍ତେ କହନ୍ତି, ମୁଁ ଶୁଣିଚି, ମୁଁ ଖୋସାମଦ ପାରେନାହିଁ···ମୁହେଁ ମୁହେଁ ନ୍ୟାୟ କଥା କହି ପକାଏ; କିନ୍ତୁ ସମସ୍ତେ ଖୋସାମଦ କରନ୍ତି ମୁଁ ଜାଣେ । ନ କରି ଉପାୟ ନାହିଁ ।

—ନାହିଁକି ? ଛିଃ···ନିଜସ୍ୱ ନାହିଁ

—ନା, ଅର୍ଥ ନ ଥିଲେ···

—ଖୋସାମଦ କରିବାକୁ ହେବ ?

—ଆରେ, ଏଥିରେ ଦୁଃଖିତ ହେବାର କଅଣ ଅଛି ? ଆମେ ହେଲୁ ବେଦର ଋଷି । ଅଗ୍ନି ସୂକ୍ତ, ବରୁଣ ସୂକ୍ତ, ଇନ୍ଦ୍ର ସୂକ୍ତ, ଏମିତିକି ଉଷା ଦେବୀ ସୂକ୍ତ, ଯାହାକୁ ଯେତେବେଳେ ଖୋସାମଦ କରିବା ଦରକାର, ଏକଦମ୍ ଚୂଡ଼ାନ୍ତ ଖୋସାମଦ କରିବୁ···

—ଧନ ପାଇଁ ? ଛିଃ—

—ଆରେ, ଋକ୍ ବେଦର ଅଜୀଗର୍ତ୍ତଙ୍କ ପୁତ୍ର ଶୁନଃଶେଫ କହିଛନ୍ତି, ପକ୍ଷୀମାନେ ଯେପରି ନିଜର ନିବାସ ସ୍ଥାନକୁ ଧାବମାନ ହୁଅନ୍ତି, ମୋର କ୍ରୋଧ

ବହୁତ ଚିନ୍ତା ସମୂହ ଯେଉଁପରି ଧନପ୍ରାପ୍ତି ପାଇଁ ଧାବିତ ହେଉଅଛନ୍ତି । ଅତଏବ ହେ ବରୁଣ ! ମୋତେ ଧନ ଦିଅ···ସ୍ୱଗିଲେ ଚଳିବନାହିଁ ।

—ବେଦରେ ଯେଉଁ ଧନ କଥା କହୁଛନ୍ତି, ସେ ତୁମର ଏଇ ତୁଚ୍ଛ ଧନ ନୁହଁ—'ବାଲ୍ୟକାଳରୁ ଧର୍ମ ଧନ ମୁଁ ସଞ୍ଚିବ ଏ ଜୀବନ ଅନିଶ୍ଚିତ', କେଜାଣି କାହାର ଆଜ ମୃତ୍ୟୁ କାଳ ହୋଇଯିବ ଉପସ୍ଥିତ, — ହରିବାବୁ କହିଲେ ।

ପରଶୁରାମ ବାବୁ ହସି ହସି କହିଲେ, କେଜାଣି କାହାର ଆଜ ମୃତ୍ୟୁ କାଳ ହୋଇଯିବ ଉପସ୍ଥିତ ବୋଲି ଧର୍ମ ଧନ ଲୋଡ଼ା ନୁହଁ ଭାଇ ! ଯୁବକର କହିବା ପାଇଁ ସଙ୍ଗେ ଯଥାସାଧ୍ୟ ଗୋଟିଏ ଜୀବନ ବୀମା କରି ମାସକୁ ମାସ ପ୍ରିମିୟମ୍ ଦେଇଯିବା ଉଚିତ । ଗୀତାର, ବେଦର, ଉପନିଷଦର ସବୁ ବାଜେ ଶ୍ଳୋକମାନ ଅଝଟ କରି ଲାଭ କଅଣ । ସାଫ୍ କଥା, ବେଦଠାରୁ ଖାଲି ମୋତେ ଧନ ଦିଅ, ମୋ ପେଟକୁ ମାର ।

—ହେଲେଇ ବା । ଧନ କଅଣ ସବୁ, ମାନ ସମ୍ମାନ ନାହିଁ । ସେ ଦିନ ବିଶ୍ୱନାଥନ୍‌ର କଅଣ ହେଲା···ଆମ ନୂଆ କିରାଣୀ ବିଶ୍ୱନାଥନ୍ । ଜାଣି ନା କି ? ଶୁଣ ତେବେ । ବିଶ୍ୱନାଥନ୍ ଉଚ୍ଚୁଆ ହେଲେ କଅଣ ହେବ, ପେଣ୍ଟ କୋଟ୍ ପିନ୍ଧି ସୁଟ୍ ବୁଝିବାକୁ ଟିକିଏ ଚେଷ୍ଟା କରେ । ପଅର ଦିନ ସେ ଧଳା ପେଣ୍ଟ ଉପରେ କଳା କୋଟ ପିନ୍ଧି ଆସିଥିଲା । ସାହେବ ସେ ଦିନ ପାଞ୍ଚଟା ସାଙ୍ଗେ ସାଙ୍ଗେ ଯେଉଁ ଫାଇଲ୍ ମଗାଇ ପଠାଇଲେ ସେ ଫାଇଲ୍ ବିଶ୍ୱନାଥନ୍ କରେ । ସାହେବଙ୍କର ଆମ ପ୍ରତି, କିରାଣୀଙ୍କ ପ୍ରତି ଯେଉଁ ଘୃଣା ତ ଜାଣ । ସେଦିନ ଆମେ ବିଶ୍ୱନାଥନ୍‌କୁ ଠେଲି-ଦେଲୁ ସାହେବ ପାଖକୁ । ତାପରେ ବିଚିତ୍ର ଗଳ୍ପ । ସାହେବ ତାକୁ ଆଗରୁ କେବେ ଦେଖିନାହାନ୍ତି । ବିଶ୍ୱନାଥନ୍‌ର ଚେହେରା ତ ସୁନ୍ଦର, ପିନ୍ଧିଛି ଉତ୍ତମ ଭଲ ପୋଷାକ । ସାହେବ ତାକୁ ଦେଖି କହିଲେ ବସନ୍ତୁ ବସନ୍ତୁ, ମୁଁ ଆପଣଙ୍କୁ କି ସାହାଯ୍ୟ କରିପାରେ । ବିଶ୍ୱନାଥନ୍ ଆସ୍ତେ ଉପୁପାଇ ଚୌକିରେ ବସି ଫାଇଲଟି ଧୀରେ ବଢ଼ାଇଦେଲା । ସାହେବ ତାକୁ କିରାଣୀ ବୋଲି ଜାଣି ପାରି ଗାଳି ଦେଇ କହିଲେ, ଉଠନ୍ତୁ, ଉଠନ୍ତୁ ଭାଗ୍, ଭାଗ୍ । ବିଶ୍ୱନାଥନ୍ ବାପୁଡ଼ା କାନ୍ଦୁଣୁ ମାନ୍ଦୁଣୁ ହୋଇ ଫେରିଲା । ସେ ଆଉ ପେଣ୍ଟ କୋଟ ପିନ୍ଧୁନାହିଁ ।

ସମସ୍ତେ ହସି ଉଠିଲେ । ପରଶୁରାମ ବାବୁ ତଳକୁ ମୁହଁ ପୋତ କରି ରହିଲେ । ମୁହଁରେ 'ଅର୍ଥ, ଅର୍ଥ,' କହିଲେ ମଧ୍ୟ ଏ ଖୋସାମଦ ପାଇଁ ନିଜ ଉପରେ ତାଙ୍କର ଘୃଣାହେଲା ଏ ଆତ୍ମଗ୍ଲାନିପାଇଁ । ଖଣ୍ଡେ କାଗଜ ଟାଣି ଆଣି ସେ ଇସ୍ତଫା ପତ୍ର ଲେଖିବାକୁ ବସିଲେ । ଆଖି ଆଗରେ ଭାସିଗଲା ତାଙ୍କର ତନ୍, କନ୍, ମିନର ଡାଇଭ୍ରୀକ୍ଲୁଷ୍ଟ କଙ୍କାଳ, ସକାଳର ସେଇ ଉପୁଜ ଭଳି । କାଗଜଟି ଚିରି ଚିରି କରି ଫିଙ୍ଗିଦେଇ ସେ କାମରେ ମନଦେଲେ । ତଳକୁ ମୁହଁ ପୋତି ସେ କାମ କରି ଚାଲିଲେ ।

ମୁହଁ ଯେତେବେଳେ ଉଠାଇଲେ ସେତେବେଳେ ଘଡ଼ିରେ ଠଂ ଠଂ ପାଞ୍ଚଟା ବାଜିଲା ।

—ସାହେବ ଗଲେଣି ?

—ଯିବାକୁ ଉଠୁଛନ୍ତି ।

ସାହେବଙ୍କ ମଟର ଭର୍ ଭର୍ କରି ଚାଲିଗଲା ।

ପରଶୁରାମ ବାବୁଙ୍କ ମନେ ପଡ଼ିଗଲା ମଟର କଥା । ଆଜି ଗୋଟିଏ ମଟର ନହେଲେ ମିଳ ରହିବନି । ଦୁଇମାସ ହେଲା ସେ ନଈ ମଟର ପାଇଁ କହୁ ଆସିଛି ।

ସାଇକଲ୍ ଧରି ସେ ବାହାରି ପଡ଼ିଲେ ।

ଏଇ ମଟରଟା ଦାମ୍ କେତେ ?, ଗୋଟିଏ ଦୋକାନକୁ ଯାଇ ସେ ପଚାରିଲେ ।

—ସାଢ଼େ ସାତଟଙ୍କା ।

—ଏଁ ! ! ଅଚ୍ଛା ଏଇଟା ଦାମ ?

—ପାଞ୍ଚ ଟଙ୍କା ।

—ବାପରେ ! ଅଚ୍ଛା ଏଟା ଦାମ୍ ।

—ସେଟା ଆପଣ କିଣି ପାରିବେ ନାହିଁ ।

—ହଉ; କହନ୍ତୁ ଶୁଣେ ।

—ଦଶ ଟୋଟି ମୁଦ୍ରା, ଦୋକାନୀ କହିଲା ।

ମଟର ପରେ ମଟର ପରଶୁରାମ ବାବୁ ଦେଖି ଚାଲିଲେ । ମଟର ସେଠି ଗଦା ହୋଇଗଲା । ଦୋକାନୀର ବିରକ୍ତି କ୍ରମେ କ୍ରମେ ବଢ଼ିବାକୁ ଲାଗିଲା ।

—ଅଚ୍ଛା ଦୟାକରି ସେଇଟା ଦେଖାନ୍ତୁ··· ଟିକିଏ ଦୟାକରି···

—ଆପଣ ନେବେ ନାହିଁ ଜାଣେ··· କାହିଁକି ମିଛରେ···

—ନ ନେଲେ ବି ଗରାଖକୁ ଆପଣ ଦେଖାଇବା ଉଚିତ ।

ଦୋକାନୀ ବିରକ୍ତ ହୋଇ ଚାଲିଗଲା ମୋଟର ଆଣିବାକୁ । ସିଡ଼ିରେ ଉଠି ଆଲମାରି ଉପରୁ ମଟରଟି ଆଣିବା ଭିତରେ ପରଶୁରାମ ବାବୁ ଗୋଟିଏ ସାନ ମଟର ଜାମା ତଳେ ଲୁଚାଇଦେଲେ । ଦୋକାନୀ ମଟରଟି ଆଣି ସାମନାରେ ଥୋଇଲା ।

—କେତେ ଦାମ୍ ?

—ବାର ଟଙ୍କା ଦଶଅଣା ।

ମୋଟରଟି କିଛିକ୍ଷଣ ଏ ପାଖ ସେ ପାଖ କରି ଦେଖି ପରଶୁରାମ ବାବୁ କହିଲେ, ଏଇଟି ମୋର ପସନ୍ଦ ହୋଇଚି; କିନ୍ତୁ ମୋ ପାଖରେ ଏବକ୍ଷଣି ଏତେ ଟଙ୍କା ନାହିଁ । କିଛିକ୍ଷଣ ପରେ ମୁଁ ନେଇଯିବି । ନା, ନା, ଏକୁ ଅଲଗା ରଖନ୍ତୁ; ଲୁଚେଇ ଅଲଗା ରଖନ୍ତୁ; ଆଉ କେହି ନେଇଯିବେ । ନମସ୍କାର ।

—ହୁଁଃ ଜାଣେ ଆପଣଙ୍କ ନବାକଥା, ଦୋକାନୀ ବିଦ୍ରୂପ ଭଙ୍ଗୀରେ କହିଲା ।

ପରଶୁରାମ ବାବୁ କିନ୍ତୁ ସବୁ ଅପମାନ ସହ୍ୟ କରିବାକୁ ବର୍ତ୍ତମାନ ପ୍ରସ୍ତୁତ । ସାଇକଲରେ ଉଠି ସେ ଦୌଡ଼ିଲେ ଘର ଆଡ଼କୁ ।

—ବାପା, ମୋଟର ଆଣିଚ, ମିନୁ ଦୌଡ଼ି ଆସିଲା ।

—ହେଁ, ହେଁ, ଏଇନେ ତ ମଟର ।

ମିନୁ ମୋଟରଟି ନେଇ ଦୌଡ଼ି ପଳାଇଲା । ପରଶୁରାମ ବାବୁ ତୃପ୍ତିର ସହିତ ତାକୁ ଅନାଇଁ ରହିଲେ ।

ବାବୁ ଦୌଡ଼ିଆସି ପଚାରିଲା, ମୋ ମେଜିକ୍ ଆଣିଛ ?

—କଲେ, ତୋର ପୁଣି କଣ ମେଜିକ୍ ?

—ସେଇ ଯେ ମୂଷା, ଚାବି ଦେଇଦେଲେ ଆପେ ଆପେ ବୁଲୁଥାଏ ।

—ଓଃ, ହୋ, ବୁଝିଲି, ଫେରିବାଲାର ସ୍ବର ଅନୁକରଣ କରି ସେ କହିଲେ, ଇଣ୍ଡିୟାନ୍ ମେଜିକ୍, ଇଣ୍ଡିୟାନ୍ ମେଜିକ୍, ନ ଖାତା ନ ପି'ତା, ଉପର ଭିତ ଚଲତା ।

ସୋ ମେଜିକ୍ ତ ଲେ ମା ଘ'ରେ ଘ'ରେ ମୁଁ ବ ।

ପରଶୁରାମ ବାବୁ ଆଣ୍ଠେଇ ଦୁଇ ହାତ ତଳେ ଲଗାଇ ବାବୁ ସ୍ବରୂପରେ ଥରେ ବୁଲି ଆସିଲେ । ବାବୁ ମୂଷା କଥା ଭୁଲି ଯାଇ ଆନନ୍ଦରେ ହାତ ତାଳି ମାରି ଖପ୍ କରି ବାପା ପିଠିରେ ଚଢ଼ି ବସିଲା ।

ରାଣୀ ତାଳରେ ପାଣି ଆଣି ପରଶୁରାମ ବାବୁଙ୍କ ଗୋଡ଼ ଧୋଇ ଗାମୁଛାରେ ପୋଛି ଦେଲେ । ରାଣୀର ଏ ହଠାତ୍ ପରିବର୍ତ୍ତନରେ ପରଶୁରାମ ବାବୁ ଉପରେ ଗୋଡ଼ ଟାଣି ଆଣୁଥିଲେ, କିନ୍ତୁ ପାରିଲେନାହିଁ । ଗଭୀର ଉତ୍ସାହ ଭରି ସେ ଗୋଡ଼ ବଢ଼ାଇ ଦେଲେ । ରାଣୀ ତାଙ୍କୁ ଖଟ ଉପରେ ବସାଇ କୋଳକୁ ଟାଣି ନେଲେ । ସକାଳେ ସେ ପରଶୁରାମ ବାବୁଙ୍କ ସ୍ତ୍ରୀ ଥିଲେ, ବର୍ତ୍ତମାନ ସେ ମା । ସକାଳୁ ତାଙ୍କ ମନଟା ଖାଇ ଦେଉଥିଲା···ବାରମ୍ବାର ସେ ଭାବୁଥିଲେ··· କାହିଁକି ମୁଁ ତାଙ୍କୁ କଟୁକଥା କୁହେ···ମାଇପି ଜାତି ସତେ ଖରି···ଆଉ କହିବି ନାହିଁ··· ଏତେ ପରିଶ୍ରମର ଧନ ସବୁ ସେ ମୋ ପାଖେ ସନ୍ନ୍ୟାସୀ ଭଳି ଅଜାଡ଼ି ଦେଉଛନ୍ତି··· ଟିକିଏ କଥାରେ ମୁଁ ତାଙ୍କୁ ସୁଖ ଦେଇପାରୁ ନାହିଁ···

ବାବୁ ପାଖରେ ଆସି ଛିଡ଼ାହେଲା ।

—କଲେ ବାବୁ, ଏ ଜାମା ଚଳିବ କେମିତି ? ଆଉ ମାସରେ ଏତେ ଭଲ ଜାମା ପାଞ୍ଚ ଟଙ୍କା ଦେଇ କିଣି ଦେଇଛ । ଏ ଜାମାକୁ କାହିଁକି ପିନ୍ଧାଇଲ ତୁମେ, କେଉଁଠିକି ଗଲେ ଅଇଲେ ପିନ୍ଧାନ୍ତା ସିନା ।

—ମୁଁ କଅଣ କରିବ । ସେଇ ଜାମା ପିନ୍ଧିବାକୁ ସେ ଆଜି ଅଳି ଲଗେଇଲା ପିନ୍ଧିବା ସାଙ୍ଗେ ସାଙ୍ଗେ ଚିରି ଗଲା ।

—କହିଲେ, ଚିହ୍ନିଲୁ ନାହିଁକି ?, ପରଶୁରାମ ବାବୁ ରାଗରେ ମାରିବାକୁ ଯାଉଥିଲେ ।

ଧନ ଘୁଞ୍ଚିଯାଇ କହିଲା, ମୁଁ କଅଣ କରିବି, ମୋ ପୁଅର ଜାମା ନାହିଁ । ଶୀତରେ ଥରୁଛି । ବାପା, ଏଇ ଜାମାରେ ତା ଜାମା କଲେ କେମିତି ଦିଶିବ ତାକୁ ଦେଖିବ ?

ରାଣୀ ଓ ପରଶୁରାମ ବାବୁ ଦୁହେଁ ହସି ଉଠିଲେ ।

ଆସ ଖାଇବ, ରାଣୀ ପରଶୁରାମ ବାବୁଙ୍କ ହାତଧରି ଉଠାଇଲା ।

—ବୋଉ, ମୁଁ ଖାଇବି ବାପା ସାଙ୍ଗରେ,

—ମୁଁ ଖାଇବି ।

—ମୁଁ···ମୁଁ···ଖାଇବି···

ଧନ, ମିନ, କନ ସମସ୍ୱରରେ ଚିତ୍କାରକରି ଉଠିଲେ ।

—ଆସ, ସଭିଏ ଆସ···

—ନା, ନା, ତୁମେ ଖାଇ ଯା ତୁମ ଥାଳରେ ମୁଁ ତାଙ୍କୁ ଖୋଇଦେବି । ତୁମକୁ ଖାଇବାକୁ ଦେବେନି ସେମାନେ ।

ରାଣୀ ଆଜି ଅନେକ ପ୍ରକାରର ଖାଇବା ପ୍ରସ୍ତୁତ କରିଛି । ସଜ୍ଜିତ ନାନା ପ୍ରକାରର ଖାଦ୍ୟ ଦେଖି ପରଶୁରାମଙ୍କ ମୁହଁରୁ ଲାଳ ଝରିଆସିଲା । ଏତେ ପଇସା ଆସିଲା କୁଆଡ଼ୁ ପଚାରିବାକୁ ତାଙ୍କର ସାହସ ହେଲାନାହିଁ । ଦେଖାଯିବ ମାସ ଶେଷ ବେଳକୁ । ଖାଇବାବେଳେ ସେ ଚନ୍ଦ୍ରାକର ନବ ଭଅଣ···। କଟକିଆ ଅଂଚଳର ଏ ଗୋଟାଏ ପ୍ରଧାନ ଗୁଣ ବା ଦୋଷ ଯା କହନ୍ତୁ ।

ଆସରେ ପିଲେ···କିନ୍ତୁ ସେ ଆଉ ଜୋର କରି ଡାକିପାରିଲେ ନାହିଁ ।

—ନା, ଥାଅ ସବୁ । ବାପା ଖାଇ ଯାଆନ୍ତୁ, ତୁମ୍ଭେ ଖାଇବ ।

ନା ଆସନ୍ତୁ । ତେବେ ଏଗୁଡ଼ାକ ଖାଇଲେ ତାଙ୍କ ପେଟ ଖରାପ ହେବ । ହଉ ପରେ ତାଙ୍କୁ ଖୋଇଦେବି···

ପରଶୁରାମ ବାବୁ ପେଟେ ଖାଇ ନିଶ୍ଚିନ୍ତ ହୋଇ ଶୋଇଲେ । ରାତି ବାରଟା । ପରଶୁରାମ ବାବୁଙ୍କର ନାଦ ଗର୍ଜିତ । ରାଣୀ ଭାବରେ ଶୋଇଛି । ସେହି

ଝୋଟ୍ରୀ ପରଶୁରାମ ବାବୁଙ୍କ ଆଖିକୁ ସବୁଠୁ ଭଲ ବାଗେ ନେଇ ଟେନ୍ତ୍ରୀ ପିନ୍ଧି ନେଇଛି । ଦୁ ଗୋଲ ସ୍ତନର ପଡ଼ାଝଠାରେ ଘନ ଜସ୍ତ ଆହ୍ୱାନ । ପରଶୁରାମ ଏ ଆହ୍ୱାନର ଜବାବ ଦେବେ ନିଶ୍ଚୟ । ଜବାବ ପାଇ ରାଣୀର ବକ୍ଷ ଥରି ଉଠିଲା···

—ନା···ନା···ଥାଉ···ହେଇ ଜନ ନେଉଛି ଦେଖିଲ ।

—ହୁଁ ଦେଖୁଛି ତ । କଣ କହୁଚ ରାମ ?

—ତାକୁ ଏଇ ପଞ୍ଚମୀଠୁଁ ମୋଟେ ନଅଟ ମାସ ଟପିଲା ।

—ଆରେ ଯାଆମ, ଭଗବାନ ଜନମ ଦେଇଛନ୍ତି, ସେ ଚଳାଇବେ । ଆମର ଖର୍ଚ୍ଚ ଲାଭ କଅଣ !

ରାଣୀ ହାର ଯିବାକୁ ବାଧ୍ୟହେଲା । ଜନ କନ୍ଦ ଉଠିଲା । ରାଣୀ ତାକୁ ଛୁଆଇ ଦେବାକୁ ଗଲା । ପରଶୁରାମ ବାବୁ ରାଗିଯାଇ କହିଲେ, ଜାହ୍ନୁଆଉ ସେ···

ଉଠିଲା ବେଳକୁ ସୂର୍ଯ୍ୟଦେବ ଜମାନ୍ତ ଶାଳ ଚୂଲାରୁ ସଦ୍ୟ ନିର୍ଗତ ତାଜଆ ଭଳି ଆକାଶରେ ଶୋଭା ପାଉଚନ୍ତି । ପୂର୍ବ ପଟ ଝରକା ଖୋଲି ଦେଇ ପରଶୁରାମ ବାବୁ ସୂର୍ଯ୍ୟଦେବଙ୍କୁ ନମସ୍କାର କରି କହିଲେ, ପ୍ରାତଃ ସମୁତ୍ଥାୟ ତବ ପ୍ରିୟାର୍ଥଂ ସଂସାର ଦ୍ୱାଶାମ୍ ଅନୁବର୍ତ୍ତିଷ୍ୟେ ।

ଶ୍ଲୋକଟି ଗାଇସାରିବା ପରେ କିନ୍ତୁ ତାଙ୍କର ଆଜି ମନେ ହେଲା···କସ୍ୟ ପ୍ରିୟାର୍ଥଂ ? କାହାର ତୁଷ୍ଟି ସାଧନ ପାଇଁ ?

ଧଡ଼ିଭାଇର ସହିତ ଗୋଟିଏ ରାତ୍ରି

ବୈଜ୍ଞାନିକମାନେ କହନ୍ତି ଯେଉଁ ପଦାର୍ଥର ପରମାଣୁ ଗୁଡ଼ିକର ବୈଦ୍ୟୁତିକ ପ୍ରଭାବ ପରସ୍ପର ସହିତ ସଂଘର୍ଷିତ ହୁଅନ୍ତି, ସେହି ପଦାର୍ଥ ଦୃଢ଼ ଏବଂ ଯେଉଁ ପଦାର୍ଥର ପରମାଣୁଗୁଡ଼ିକର ବୈଦ୍ୟୁତିକ ପ୍ରଭାବ ମଧ୍ୟରେ ସେପରି ସଂଘର୍ଷ ନାହିଁ ତାହା ହୁଗୁଳା, ପାଣି, ବାଷ୍ପ ଆଦି ଯେମିତି । ଶିକ୍ଷାବିତ୍‌ଗଣ କହ- ସମସ୍ତଙ୍କ ଧଡ଼ିଭାଇ—ହୁଗୁଳା ଚରିତ୍ରର ଲୋକ । ବୟସ୍କ ଏବଂ ସମାଜର କଡ଼ା ସମାଲୋଚକମାନେ କହନ୍ତି ଲଫଙ୍ଗା ।

ମୋ ସହିତ ଧଡ଼ିଭାଇର ପରିଚୟ ଜୀବନର ଶୁଭମୁହୂର୍ତ୍ତରେ କି ଅଶୁଭ ମୁହୂର୍ତ୍ତରେ ହୋଇଥିଲା ତାହା ମୁଁ ବର୍ତ୍ତମାନ କହିପାରିବି ନାହିଁ । ଚତୁର୍ଥାବସ୍ଥାରେ ପହଞ୍ଚି ଯେତେବେଳେ ପଛକୁ ଚାହିଁବାର ସମୟ ଆସିବ, ସେତେବେଳେ ମୋର ଜୀବନର ମୂଲ୍ୟ ମୁଁ ଦେବି, ବର୍ତ୍ତମାନ ଏହି ବୟସରେ କହିପାରୁନି । ବର୍ତ୍ତମାନ ଯାହାକୁ ମୁଁ 'ନିରର୍ଥକ', 'ନଷ୍ଟ' ଭାବୁଛି ସେତେବେଳେ ହୁଏତ ତାହା ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ଦେଖାଯାଇ ପାରେ ।

ବର୍ତ୍ତମାନ କିନ୍ତୁ ମୋତେ ଲାଗୁଛି ମୋର ଜୀବନ ନଷ୍ଟ ହୋଇଗଲା ଏବଂ ଏହି ନଷ୍ଟର କାରଣ ମୂଳତଃ ଧଡ଼ିଭାଇ । ବୟସରେ ସେ ମୋଠୁ ବଡ଼ । ଗାଁ ମାଇନର ସ୍କୁଲରୁ ଆସି ଯେଉଁଦିନ କଲେଜିଏଟ ସ୍କୁଲରେ ନାମ ଲେଖାଇଲି, ସେହିଦିନ ତା ସହିତ ପରିଚୟ । ସେ ଦିନ ମୋ ମନ କୁତୂହଳରେ ଭରି ଉଠିଥିଲା । ଘଟଣାଟି ମୁଁ ଭୁଲିପାରିବି ନାହିଁ ।

ମଫସଲିଆ ବୋଲି ମୋତେ ସମସ୍ତେ ଥଟ୍ଟା କରନ୍ତି । ମୁଁ ବସୁଥାଏ ଶ୍ରେଣୀର ସବା ପଛରେ । ଗରମ ଦିନ । ଦିନ ଦଶଟା ବେଳୁ ପଡ଼ୁଥାଏ ଅସହ୍ୟ ଗରମ । ପ୍ରଥମେ ଥାଏ ସଂସ୍କୃତ କ୍ଲାସ । ପଣ୍ଡିତ ମହାଶୟ ଜଣ ଜଣ କରି ନାମ ଡାକ-

ହେଉଥାଆନ୍ତି ଏବଂ ଆମେ ପ୍ରେଜେଣ୍ଟ ସାର୍ କହୁଥାଉ । ପ୍ରତ୍ୟେକ ନାମ ଡାକିବା ବେଳେ ପଣ୍ଡିତ ମହାଶୟ ଚଷମା ଉପରୁ ଆଖି ଟେକି ଥରେ ଦେଖି ନେଉଥିଲେ ଅନ୍ୟ-କେହି ଅନ୍ୟ ପାଇଁ 'ପ୍ରେଜେଣ୍ଟ ସାର୍' କହୁଛି କି !

ଶିବନାରାୟଣ କର, ପଣ୍ଡିତ ମହାଶୟ ଡାକିଲେ ।

ସମସ୍ତେ ନୀରବ ।

ଶିବନାରାୟଣ, ସ୍ୱର ଉଚ୍ଚ ହୋଇ ଆସିଲା ।

ସମସ୍ତେ ତଳକୁ ମୁହଁ ପୋତି ବସିଲେ ।

ଶିବ, ପଣ୍ଡିତ ମହାଶୟଙ୍କ ବଜ୍ରନାଦ ପରି ସ୍ୱର କାନ୍ଥରେ ବାଜି ପ୍ରତି-ଧ୍ୱନିତ ହୋଇଉଠିଲା । ଆମେ ସମସ୍ତେ ପ୍ରମାଦ ଗଣିଲୁ । ପଢ଼ା ଆରମ୍ଭ ନ ହେଉଣୁ ତ ଏମିତି, ପରେ କି ଦୁର୍ଯୋଗ ଅଛି ସେ କଥା କଳ୍ପନା କରି ସମସ୍ତେ ଆତଙ୍କିତ ହୋଇ ଉଠିଲେ ।

ମୁଁ ମନେ ମନେ ଭାରି ବିରକ୍ତ ହୋଇ ଉଠିଲି ଏହି ଅପରିଚିତ ଶିବ ପ୍ରତି । ଦ୍ୱେଷକଷାୟିତ ଆଖିରେ ଚାରିଆଡ଼କୁ ଚାହିଁ ପଣ୍ଡିତ ମହାଶୟ ଅନ୍ୟ ନାମ ସବୁ ଡାକି ଖାତା ବନ୍ଦ କଲେ । ଏହି ସମୟରେ ପଣ୍ଡିତ ମହାଶୟଙ୍କ ପଛଆଡ଼େ ଦୁଆରି ପାଖରେ ଛିଡ଼ା ହେଲେ ଜଣେ ଭଦ୍ରଲୋକ ଗୁରୁଗମ୍ଭୀର ଭାବରେ । ଅବିନ୍ୟସ୍ତ ବଡ଼ ବଡ଼ ବାଳ । ପିନ୍ଧିଛନ୍ତି ଖଣ୍ଡେ ମଇଳା ଲୁଗା ଏବଂ ଖୁବ୍ ମୋଟା ଗରମ କୋଟ ।

ଏ ଅସହ୍ୟ ଗରମରେ ଏତେ ମୋଟ ଗରମ କୋଟ ପିନ୍ଧିବାର ଦେଖି ମୋଟାଛୁ ଜଣେ ବଡ଼ ମଫସଲିଆ ଭାବି ମୁଁ ପଛ ବେଞ୍ଚରୁ ଖେଁ ଖେଁ କରି ହସିପକାଇଲି ।

କିଏ ହସିଲା ? ସଙ୍ଗେନେ ପଣ୍ଡିତ ମହାଶୟ ଚାରିଆଡ଼େ ଚାହିଁଲେ । ମୋର ଝାଳ ବୋହିଗଲା ।

ସାର୍ ମୁଁ, ଭଦ୍ରଲୋକଟି କହିଲେ । ମୁଁ ଆଖିରେ ସମ୍ଭ୍ରମ ଓ କୁଣ୍ଠା ଭରି ତାଙ୍କୁ ଚାହିଁଲି ।

ପଣ୍ଡିତ ମହାଶୟ ପଛକୁ ଚାହିଁ ମାର୍ବଲର ଟେବୁଲର ଦରଜା ଖୋଲିଲେ । ତା ଭିତରୁ ବାହାରିଲା ଗୋଟିଏ ବେତ । ଲମ୍ବା ବୁଢ଼ କିନ୍ତୁ ବେଶ୍ ସୁପୁଷ୍ଟ । ନୀଚା ବ୍ୟବସାୟର ଲୋକେ ବେତର ନାନା ପ୍ରକାର ବ୍ୟବହାର ଅବସ୍ଥାରେ କରିଛନ୍ତି

କିନ୍ତୁ ଶିକ୍ଷା ବିଭାଗ ବୋଧହୁଏ ଆବିଷ୍କାର କରିଛି ଏହାର ଏକ୍ସ ନମ୍ବର ବାହାରିଛି ।

ଭଦ୍ରଲୋକ ସେମିତି ହସି ଛୁଆ ହୋଇଥାଆନ୍ତି ।

ଏତେବେଳେ ଆପଣ ଆସିଲେ ? ପଣ୍ଡିତ ମହାଶୟ ଖୁବ୍ ସରଳଭାବରେ ପଚାରିଲେ । ମାନ୍ୟସୂଚକ ଶବ୍ଦର ବ୍ୟବହାର ଶୁଣି ମୁଁ ଭିତରେ ଆଖି ବୁଜି ଦେଲି ।

ଆଜ୍ଞା ହଁ । ଉତ୍ତର ମଧ୍ୟ ସେହିପରି ସରଳ ।

ପଣ୍ଡିତ ମହାଶୟ ଆଉ ବାହାନୁବାଦ ନକରି ମିନିଟ୍‌କୁ ପ୍ରାୟ ଶହେ ପ୍ରହାର ବେଗରେ ପିଟି ଚାଲିଲେ । ମୁହଁରେ କୌଣସି ବିକୃତି ନାହିଁ, ରାଗ ବା ଘୃଣାର କୌଣସି ଚିହ୍ନ ନାହିଁ, ଅଯଥା ଶାରୀରିକ ଶ୍ରମ ନାହିଁ, ବୃଥା ବାକ୍ୟବ୍ୟୟ ନାହିଁ, ନୀରବରେ, ନିଖୁତଭାବରେ ପଣ୍ଡିତ ମହାଶୟ କାର୍ଯ୍ୟ ସମ୍ପନ୍ନ କରିବାକୁ ଲାଗିଲେ । ପ୍ରହାରକ ଯେପରି ନିର୍ବିକାର, ପ୍ରହାରିତ ମଧ୍ୟ ଠିକ୍ ସେହିପରି ।

ମୁଁ ଟିକିଏ ଡେରିରେ ବୁଝିଲି । ଏତେବେଳେ ବୁଝିଲି ପ୍ରହାରିତ ଆଉ କେହି ନୁହଁ, ସ୍କୁଲକୁ ଆସିବା ବେଳୁ ସହପାଠୀମାନଙ୍କ ମୁହଁରୁ ଯେଉଁ ଧଡ଼ିଭାଇ କଥା ମୁଁ ଶୁଣିଛି, ସେଇ ଧଡ଼ି ଭାଇ ।

ମାଡ଼ରେ କୋଟରୁ ଧୂଳି ଉଡ଼ିଯାଉଛି । ଟିକିଏ 'ଉଃ ଆଃ' ନାହିଁ । ନିର୍ବିକାର । ପଣ୍ଡିତ ମହାଶୟ ଅଳ୍ପଟିକେ ଦମ ନେଲେ । କିଛି ସମୟ ଦମ ନେଇ ସେ ପୁଣି କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିଲେ, ଅଟକି ସେ କୋଟ କଲର ପରୀକ୍ଷା କରିବାକୁ ଲାଗିଲେ ।

—ଏ କୋଟ କାହାର ?

—ସାଆନ୍ତ ବାପାଙ୍କର ।

—ତୁମେ ତାଙ୍କର ପିନ୍ଧି ଆସିଚ ?

—ସାଆନ୍ତ ବାପା ମୋତେ ଦେଇ କହି ଯାଇଥିଲେ ଦରକାରବେଳେ କର୍ମରେ ଆସିବ ।

ଗୋଟିଏ ମୃଦୁ କଳରବ କ୍ଲାସରେ ଖେଳିଗଲା ।

କୋଟ କାଢ଼, ପଣ୍ଡିତ ମହାଶୟ ଗର୍ଜି ଉଠିଲେ ।

—ତା ପାରିବନାହିଁ । ମୋତେ ନଙ୍ଗଲା କରିବା ଚଳେ ହେଡମାଷ୍ଟରଙ୍କ ଅନୁମତି ଅଣେନ୍ତୁ ।

ଥରେ ଘୁରଅଡ଼କୁ ବୁଲିଁ ପଣ୍ଡିତ ମହାଶୟ ଗୋଟିଏ ପ୍ରଚଣ୍ଡ ଚଣ୍ଢିଅରେ ଶିବକୁ ଠେଲି ଦେଇ କହିଲେ, ଯାଅ ଚଢ଼ ବେଞ୍ଚ ର ଛିଡ଼ାହୁଅ ।

ଶିବ ସେହିପରି ନିର୍ବିକାର ଭାବରେ ଆସି ମୋ ପାଖେ ଛିଡ଼ାହେଲା ।

ସେହିଦିନୁ, କାହିଁକି ଜାଣେନା, ମୁଁ ଧଡ଼ିଆର ପ୍ରତି ଆକୃଷ୍ଟ ହେଲି । ଏହା ପରେ ମୋ ପାଠ ପଢ଼ା ଆଉ ହୋଇନାହିଁ । କେବେହିଁ ଫେଲ ହୋଇନି ଅବଶ୍ୟ, ଖୁବ୍ ଭଲ ପୁଅ ବୋଲି ବୋଧହୁଏ । ଧଡ଼ିଆର ତାର ସବୁ ଦୁଷ୍କର୍ମର ସାଥୀ ହିସାବରେ ମୋତେ କାହିଁକି ବାଛିନେଲା ସେଇ ଜାଣେ ।

ସର୍କସ ଆସିଚି । ଗ୍ରେଟ୍ ରଏଲ୍ ସର୍କସ । ଦେଖି ଯିବାକୁ ଭାରି ଇଚ୍ଛା । ସବୁଠୁ କମ୍ ଟିକଟ ଆଠଅଣା,ଆଠ ଅଣା !!! ହତାଶଭାବରେ ତମ୍ବୁକୁ ଚାହିଁରହିଲି । ନାଭିମୂଳରୁ ଗୋଟିଏ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା । ବାପାଙ୍କୁ ପଇସା ମାଗିଲେ ଖାଲି ଶାରୀରିକ ପୀଡ଼ା ପାଇବ କମ୍ବା ସାର୍ ଆଶୁତୋଷ; ବିଦ୍ୟାସାଗରଆଦି କପରି କଷ୍ଟରେ ବଡ଼ ଲୋକ ହୋଇଚନ୍ତି ସେ ବିଷୟରେ ଦୀର୍ଘ ବକ୍ତୃତା ଶୁଣିବାକୁ ହେବ ।

—କିଛି ପରୁଆ କରନା । କାଲି ସକାଳୁ ମୁଣ୍ଡରେ ତେଲ ନ ଲଗାଇ ଗାଧୋଇବୁ, ବୁଝିଲୁ, ଧଡ଼ିଆର କୁହେ । ଧଡ଼ିଆର କହିବା ମତେ କାମ କରେ । ସନ୍ଧ୍ୟାବେଳେ ଧଡ଼ି ଭାଇ ଆସି ଦୂରରୁ ହୁଇସିଲ ମାରି ଡାକିଲା । ଅତି ସନ୍ତର୍ପଣରେ ଘରୁ ବାହାରିଲି ।

ମୋତେ ଆପାଦମସ୍ତକ ଥରେ ଚାହିଁ ଧଡ଼ିଆର କହିଲା, ଠିକ୍ ଅଛୁ । ନା, ଏ କମିଜ ଚଳିବନାହିଁ, ଖଣ୍ଡେ ମଇଳା କମିଜ ପିନ୍ଧି ଆ ।

ପୁଣି ଯାଇ ଖଣ୍ଡେ ମଇଳା କମିଜ ପିନ୍ଧି ଆସିଲି ।

—ଠିକ୍ ଅଛୁ । ଲୁଗା ମୋଡ଼ିକି ପିନ୍ଧ୍ ।

ଲୁଗା ଦୋହରାଇ ଲୁଙ୍ଗି ଭଳି ପିନ୍ଧିଲି । ଦୁହେଁ ବାହାରିଲୁ ଆଗେ ଧଡ଼ି ଭାଇ ପଛେ ପଛେ ଚାଲିଲି ।

ଏଇ; କୋନ୍ ହେଷ୍ଟ? ସର୍କସ ତମ୍ବୁର ଫାଟକ ପାଖରେ ବୁଢ଼ଦଣ୍ଡାସ୍ୱ ଜଗୁଆଳ ଧଡ଼ଭାଇକୁ ଟେକ୍ନା ମାରି ଦେଖିଲ । ଭୟରେ ପଳାଇଯିବାକୁ ବସିଲି; କିନ୍ତୁ ଉପାୟ ନାହିଁ । ଧଡ଼ିଭାଇ ମୋର ଖାତୁ ସ୍ୱଭାବ ଜାଣି କମିଜ ଧରି ଅଟକାଇଛି ।

ଲାଇଟଙ୍କା ଟମ୍ ଡୋନେଭ୍ୟାନ ହେଷ୍ଟ୍ ଧଡ଼ଭାଇ ନିର୍ଭୟରେ ଅପୂର୍ବ ଭଙ୍ଗୀରେ କହିଲ ।

ଜଗୁଆଳ କହିଲ, ଯାଓ, ସଲଡ ଟମ୍ ମାରେଗା ।

କମ୍ବା ହୁଏତ ସିନେମା ଆସିଛୁ । ବୁମେରିଆ ଟ୍ରିକ୍ ସିନେମା ।

—ଆଇସ୍ରେ, ଅଇସ୍ରେ, ଲଙ୍କାଦହନ, ଚାର୍ ଚାର୍ ପଇସା ।

ଚାରି ପଇସା ବା ପାଇବ କୋଉଁଠୁ !

—କିନ୍ତୁ ପରୁଆ କରନା, ଆ ମୋ ସାଙ୍ଗରେ । ଧଡ଼ଭାଇ କହିଲ । ସ୍ୱରେ ।

ବଦମାସ, ଚାରିଆଡ଼େ ଲୋକ ଜଗାଇଛନ୍ତି, କହି ଧଡ଼ଭାଇ ଟିକଏ ଚିନ୍ତିତ ହେଲ ।

ତାପରେ କଅଣ ଭାବି ଚଟୁ ବଡ଼ ବଡ଼ ଡିନି ଗୋଟି ଢେଲା ଉଠାଇ ଏଣେ ତେଣେ ଚାହିଁ ସେ ଦୁମ୍ ଦୁମ୍ କରି ଦୂରରୁ ତମ୍ବୁ ଉପରକୁ ଫିଙ୍ଗିଦେଲ ।

'କୋନ୍ ହେଷ୍ଟ, କୋନ୍ ହେଷ୍ଟ' ଚିତ୍କାର କରି ବେଗରେ ଆଖ ପାଖର ଜଗୁଆଳ ଦୌଡ଼ଗଲେ ଘଟଣା ସ୍ଥଳକୁ ।

ଏଇ ସୁଯୋଗରେ ଧଡ଼ଭାଇ ମୋତେ ଭିଡ଼ିନେଇ ତମ୍ବୁ ଭିତରକୁ ଗଳିଗଲ ।

ଯଥାକଥା ମୁଁ ଆଇ. ଏ. ପର୍ଯ୍ୟନ୍ତ ଆସିଲି । ଧଡ଼ଭାଇ ମ୍ୟାଟ୍ରିକ୍ ଥାର୍ଡ କ୍ଲାସରୁ ପଢ଼ା ଛାଡ଼ିଛି; କିନ୍ତୁ ମୋ ସାଙ୍ଗ ଛାଡ଼ି ନାହିଁ । ଆଜକାଲି ମଝିରେ ମଝିରେ ବିରକ୍ତ ହୁଏ ତା ଉପରେ । ନିଜର ଜୀବନ ନଷ୍ଟ କରିଛି, ମୋର ମଧ୍ୟ କରିବ ।

ଆ: ଏ: ପରୀକ୍ଷା କାଲିଠୁଁ ଆରମ୍ଭ । ସାରାବର୍ଷ ଧଡ଼ଭାଇ ପାଠ ପଢ଼େଇ ଦେଇନି ।

ରାତି ଜାଗି ପାଠ ପଢ଼ୁଛୁ । ରାତି ନେଉଁଳବେଳେ ପ୍ରାୟ ଚାରିଟା । ଘଣ୍ଟାଏ । ଦୂରରେ ହଷ୍ଟେଲ ଘଣ୍ଟାରେ ବାଜିଉଠିଲା ଝୁଣସିଲ୍ ।

କବାଟ କିଳିକା ଲଗେଇ ଦେଇ କୋଠରୀରେ ମନୋନିବେଶ କଲି ।

ଠକ୍ ଠକ୍ ଠକ୍ । କବାଟରେ ଟିକିଏ ମୃଦୁ ଆଘାତ ହେଲା ।

ନା, ପଢ଼ିହେବନି, ଯା । ଦେଖା କାହିଁ, ବିରକ୍ତି ପ୍ରକାଶ କରି କହିଲି ।

ଶୁଣି ଯା ଥରେ, ରାମକୃଷ୍ଣ ପରମହଂସ ଦେବ ବୋଧହୁଏ ବିବେକାନନ୍ଦଙ୍କୁ ଏପରି ସ୍ୱରରେ ଡାକି ନ ଥିବେ ।

କବାଟକୁ ଖୋଲିଲି । କିଏ ଜଣେ ନିଜ ଆକାରରେ ପୂର୍ଣ୍ଣଚନ୍ଦ୍ର ବନ୍ଧୁବର ହିରଣ୍ମୟ କରଣ ଅକାଳେ ଉଦିତ । ଗୁରୁଜନଙ୍କ ମାରକ ନିଷ୍ପ୍ରଭ ।

—ଦେଖିଲୁ କେମିତି ଚନ୍ଦ୍ର । ଏମିତି ରାତିରେ କାହିଁକି ଘରେ ରହିବା କଥା । ଚାଲନ୍ତୁ, ବୁଲିଆସି, ଆକାଶଗଙ୍ଗା ତଳେ ପରିକ୍ରମା କରିବା ।

ଦମକାଏ ଥଣ୍ଡା ପବନ କୁଆଡ଼ୁ ଆସି ଟେଲିଗ୍ରାଫ ତାର ଝଣ ଝଣ କରି ଚାଲିଗଲା । ମୋର ମନର ସବୁ ତାର ମଧ୍ୟ ଝଣ ଝଣ କରି ଉଠିଲା । ଗୋଟାଏ ପେଚା 'ହୁ; ହୁ' କରି ଦୁଇ ତିନି ଥର ମୋ ମୁଣ୍ଡ ଉପରେ ବୁଲି ନଈକୂଳ ଆଡ଼େ ଚାଲିଗଲା । ଗୋଟାଏ ଚେମଣିଆ ବାରମ୍ବାର ଠିକ୍ ମୋ ଆଖି ପାଖରୁ ଫେରିଯିବାକୁ ଲାଗିଲା ।

କହିଲି, ଚାଲ୍ ।

ସାବାସ୍, କହି ଧଡ଼ହଡ଼ ମୋ କାନ୍ଧରେ ହାତ ରଖିଲା ।

କୁଆଡ଼େ ? ମୁଁ ହସି ପଚାରିଲି ।

—ଆଗେ ଚାଲ୍, ଡାକ୍ତର ଦୋକାନକୁ ।

—ଡାକ୍ତର ଦୋକାନ ! ! କାହାର କଣ ହୋଇଛି ?

—ଜଣକର ଚାରି ପାଞ୍ଚ ଦିନହେଲା ଜ୍ୱର ଜର । ଚାଲ୍ ।

ଡାକ୍ତର ଦୋକାନରେ ପଇସା ଦେଇ ଔଷଧ କିଣି ଧଡ଼ହଡ଼ ଚାଲିଲା ଗୋଟାଏ ଝୁଲାରୁଆ ଗଳି ଆଡ଼େ ।

ସିଆଡ଼େ କାହିଁକି ? ମୁଁ ଭୟ ଓ ଘୃଣାରେ ପଚାରିଲି ।

ଗୁଲେନା, ସେ ବାଟରେ ଚଲେ କଅଣ ତୋର ହେଉଛି ବୁଝିବି ' ଉଃ ଗୁଡ଼ାଏ······ଆ

ସେ ଗୋଟିଏ ଜଣ୍ଡ ଶିଂଗ୍ରି ଘର ପାଖରେ ଛୁଡ଼ାଦେଲା ଧଡ଼ଛୁଇ ଡାକିଲା, ମାଲଣ୍ଡ ମାଲଣ୍ଡ !

ପାଖ ଘରୁ ଭାସି ଆସୁଥିବା ମାତାଲମାନଙ୍କ ଚିତ୍କାର ସହିତ ନାଚି ଗାଉଥିବା କଣ୍ଠର ଅବାଧ ଗାନ । କଏ ଜାଣିଲେ ମୋତେ ଦେଖିବ ଏଣୁ ଲଜ୍ଜାରେ ତାଙ୍କୁ ମୁହଁ ଫେରାଇ ଛୁଡ଼ାଦେଲା ।

ମାଲଣ୍ଡା; ମାଲଣ୍ଡା, ଧଡ଼ଛୁଇ ପୁଣି ଡାକିଲା ।

କୋନ୍ ହେସ୍ ରେ, ପାଖଘରୁ ଗୋଟାଏ ମାତାଲ ଚିତ୍କାର କରି ଉଠିଲା ।

ଝଣ୍ଟି କବାଟ ଖୋଲି ଗୋଟିଏ ଶୀର୍ଣ୍ଣକାୟା ନାରୀ ବାହାରି ଆସିଲା । ଧଡ଼ଛୁଇକୁ ଅନାଇ କୃତଜ୍ଞତାରେ ସେ କେବଳ ଗୁହାରି କଲା । ଧଡ଼ଛୁଇ ଔଷଧ ବଢ଼ାଇ ଦେଇ କହିଲା, ଡାକ୍ତର କାଲି ଆସିବାକୁ କହିଛି । ଦେଖେ ।

ଆଜି, ରହିବ ନାହିଁ ଟିକିଏ ? ନାରୀଟି କମ୍ପିତ କଣ୍ଠରେ ପଚାରିଲା ।

—ନା, ଆଜି କାମ ଅଛି । ଆଉ ରହିବା ଦରକାର ନାହିଁ । ବେଳ ଭଲ ହୋଇଗଲଣି ।

ଛିଃ, ଧଡ଼ଛୁଇ ତେବେ ଏଠିକି ମଧ୍ୟ ଆସେ । ଏମିତି ଲୋକ ମୋର ପୁଣି ବନ୍ଧୁ !! ନିଜ ପ୍ରତି ଭାରି ଘୃଣା ହେଲା ।

କିଛି ବାଟ ଆସିବା ପରେ ମୁଁ ପଚାରିଲି, ଧଡ଼ଛୁଇ ତୁମେ ଏଠିକି ମଧ୍ୟ ଆସ ?

—ଆସିଲେ କଅଣ ହେଲା ?

—ଲଜ୍ଜା କରୁନାହିଁ ? କେହି ଯଦି ଜାଣନ୍ତି ବା ଦେଖନ୍ତି ?

—ଓ ! ଏଇଥିପାଇଁ ଲଜ୍ଜା, କେହି କାଲେ ଦେଖି ଦେବେ···ନା ଦେଖିଲେ କିଛି ନାହିଁ । ବେଶ୍ ଆଦର୍ଶ ଏକା ତୋର । ତେବେ ମୋର ଏଠାକୁ ଆସିବାର ଉଦ୍ଦେଶ୍ୟ ଅଲଗା । ଦିନେ ରାତିରେ ଅନ୍ୟ ଏକ ଘରୁ ବାହାରି ଆସିବା ସମୟରେ ମାଲଣ୍ଡ କହିଲା, ତାକୁ ଭରି ଜର, କେହି ତାକୁ ପଚାରୁନାହାନ୍ତି, ବଡ଼ ଖରାପ ବେଗ ହୋଇଛି···ଏତିକି କହି ସେ କାନ୍ଦି ପକାଇଲା । ସେଦିନଠୁ ମୁଁ ତାକୁ ବେଗ ମୁକ୍ତ

ଦେଖିବାର ଖବର ନେଉଛନ୍ତି । କାଲି ସନ୍ଧ୍ୟାବେଳେ ଏମାନଙ୍କୁ ମୋ' ଭଳି ଲଫଙ୍ଗା ପ ଠେଲିଲେ...ଅନ୍ୟ ଖୁବ ଦେଖ ।

ଆମେ ଆସେଉ ବୁଲିକି ! ଜଣେ ଭଦ୍ରଲୋକଙ୍କୁ ଦେଖି ଧଡ଼ଖାଇ କହିଲେ, ଆରେ ଦଣ୍ଡପାଣି ବାବୁ, ନମସ୍କାର, ଏତେ ରାତିରେ ତରତର ହୋଇ କୁଆଡ଼େ ବାହାରିଛନ୍ତି..."

—ଆଜ୍ଞା କହନ୍ତୁ ନାହିଁ, କୁହିଆ ଜାଣିଛନ୍ତି ନା, ମୋ ଜଣେ ଅଛନ୍ତି ବଜାରରୁ ମନ୍ତ୍ରି ନବାବଙ୍କୁ । ଏକଦମ ବୁଲି ଦେଇଥିଲା...ଘର ଫାଟକ ଫେରି ଫେରି...

—ଏତେ ବେଳକୁ ମନ୍ତ୍ରି, ଛଟକାଟି ? ଟେଣ୍ଡାଇ ପଚାରିଲେ ।

—ନିଶ୍ଚୟ ଛଟକା । ମନ୍ତ୍ରି ପଦ୍ମ ନ ପାଇଁ ମୁଁ ଦେଖି ଜାଣେ । ଆଚ୍ଛା ଚାଲେଁ ଯାଉ, ବେଳ ହୋଇଗଲା ।

ହୁଁ ଆପଣଙ୍କର ସେଇ ଗୁଣ୍ଡା ଲୋକମାନଙ୍କ କଥା କଣ ହେଲା ? ଧଡ଼ଖାଇ ତାଙ୍କୁ ବାଧାଦେଇ ପଚାରିଲେ ।

ଦଣ୍ଡପାଣି ବାବୁ ସଉଦା ବୁଜୁଳାଟି ବାଁ ହାତରୁ ଡାହାଣ ହାତକୁ ବଦଳାଇ କହି ଚାଲିଲେ, କର୍ମକ୍ଷେତ୍ରରେ ତାଙ୍କର ଅସୀମ ସାହସ କଥା...କପରି ସ୍ଥଳରେ ସେ ମୁହେଁ ମୁହେଁ ସବୁହେବଙ୍କୁ ଜବାବ ଦିଅନ୍ତି...ଅନ୍ୟାୟ ବରଦାସ୍ତ କରିପାରନ୍ତି ନାହିଁ...ତାଙ୍କର ସାଧୁତା ପାଇଁ ସେ କପରି କଷ୍ଟ ପାଉଛନ୍ତି... ଇତ୍ୟାଦି, ଇତ୍ୟାଦି । ପ୍ରାୟ ଅଧ ଘଣ୍ଟାଏ ଧରି ବକି ଚାଲିଲେ ।

—ସତେ ଆପଣ ବଡ଼ ଖାଣ୍ଟି ଲୋକ; କିନ୍ତୁ ମାଛଟା ପଚି ନୁହଁତ ?

—ଇସ୍ ଏତେବେଳ ହୋଇଗଲା, ଯାଏଁ ଯାଉ...

—ହଁ, ଯାଆନ୍ତୁ । ଆଚ୍ଛା ଆପଣଙ୍କ ଘରବାଲା ସହିତ ସେଇ ମକଦ୍ଦମା କଣ ହେଲା ? ଧଡ଼ଖାଇ ପୁଣି ବାଧାଦେଇ ପଚାରିଲେ ।

ଦଣ୍ଡପାଣି ବାବୁ ପୁଣି ଅଧଘଣ୍ଟାଏ ବକି ଚାଲିଲେ ସେ ଇତିହାସ ।

—ବାଃ, କି ସାହସୀ ଲୋକ ଆପଣ ସତେ ! କିନ୍ତୁ ମୋର ମନେହେଉଛି ମାଛଟା ପଚି ।

—ଆରେ ନା, ଦେଖ ନା । ଇସ୍ ଘଣ୍ଟାଏ ଡେରି ହୋଇଗଲା...ସେ ହିସାବରେ...

—ଯାଆନ୍ତୁ, ଯାଆନ୍ତୁ । ହଁ, ମୁଁ ଶୁଣିଥିଲି ଆପଣଙ୍କୁ କୁଆଡ଼େ ବଦଳି କରି ଦେଇଛନ୍ତି ? ଧଡ଼ଖାଇ ପୁଣି ତାଙ୍କୁ ଅଟକାଇ ଦେଲା ।

—ଖୁବ ଜଲବାନ । ଏ ଦଣ୍ଡପାଣିକୁ···ବୁଝିଲ···, ଦଣ୍ଡପାଣି ପୁଣି ଅଧଘଣ୍ଟାଏ ସେ ଇତିହାସ କହି ଚାଲିଲେ । ଧଡ଼ଖାଇ ସତେ ଯେପରି କେତେ ମୁଗ୍ଧ ହୋଇ ଶୁଣୁଛନ୍ତି !

—ଚମତ୍କାର; କିନ୍ତୁ ମାଛଟି କିଣିଥିଲୁ ପରା ··

ଦଣ୍ଡପାଣିବାବୁ ଆଜ କିଛି ନ କହି ପ୍ରାୟ ଦୌଡ଼ି ପଳାଇଲେ । ଧଡ଼ଖାଇ କିଛିକ୍ଷଣ ହସି କହିଲା, ଲୋକଟା ମନ୍ଦ ନୁହଁ; କିନ୍ତୁ ସ୍ତ୍ରୀ ଉପରେ ଖୁବ ଅତ୍ୟାଚାର କରେ । ତାଙ୍କ ଆଜି କିଛି ଗଲା ଖାଇ ସ୍ତ୍ରୀ ପାଖରୁ···

'ଉଃ, ଏ କିଏଣ ଗୋଟାଏ ଭ୍ରମର···, ହଠାତ୍ ଲାଗିଲା ସତେ ମୋତେ ।

—ଆରେ, ଗୋଟାଏ ମଜଳ···ଚାଲ୍

ଆଗେଇ ଚାଲିଲୁ ।

ଚୌଧୁରୀ ବଜାର, ଗୋପାଳଜୀମଠ ପାଖହୋଇ ଖୋଲାସାହି ସବୁ ପ୍ରାୟ ବାରଟା । ଖୁବଆଡ଼େ ନିସ୍ତବ୍ଧ । ଗୋଟିଏ ବୁଢ଼ୀ ବାହାରକୁ କାହିଁକି ବାହାରିଛି । ହଠାତ୍ ଗୋଟାଏ ସାଇକଲ ଧକ୍କା ଲାଗିଲା ବୁଢ଼ୀ ଉପରେ ।

ମରଗିଆରେ···ଆଲ୍ଲା···, ବୁଢ଼ୀ ଚିତ୍କାର କରି ଉଠିଲା ।

ଏତେ ଜୋରରେ ସାଇକଲ ଚଳାଇବା ଦରକାର କଣ ? ଧଡ଼ଖାଇ ବୁଢ଼ୀଟିକୁ ଉଠାଇ ଧୂଳି ଝାଡ଼ିଝୁଡ଼ି ଦେଇ କହିଲା ।

ଯୁବକଟି ଭୟରେ ଥରୁ ଥରୁ କହିଲା, ବାପା ହଠାତ୍ ଅଜ୍ଞାନ ହୋଇ ପଡ଼ିଛନ୍ତି, ଡାକ୍ତର ଡାକିବାକୁ ଦୌଡ଼ୁଥିଲି···, ଯୁବକଟି ପ୍ରାୟ କାନ୍ଦି ପକାଇଲା ।

— ଶୀଘ୍ର ପଳାନ୍ତୁ । ଯୁବକଟି ସାଇକଲ ଉଠାଇ ପଳାଇଲା ।

କିନ୍ତୁ ବୁଢ଼ୀର ଚିତ୍କାର ବନ୍ଦ ହେଲାନାହିଁ । ଧଡ଼ଖାଇ ତା ହାତରେ ଗୋଟିଏ ଟଙ୍କା ଧରାଇଦେଇ କହିଲା, ମାଉସୀ, ଯା ବଜାର ହେଲାଣି···

କିନ୍ତୁ ଆଖପାଖର ଟୋକାଏ ଦଉଡ଼ି ଆସିଲେ ଠେଙ୍ଗା ବାଡ଼ି ଧରି ।

—କାହିଁ ଗିଲା···ବଦମାସ ।

ଧଡ଼ଭାଇ ହଠାତ୍, ଧମେ ହାତକୁ, ମାରେ ଟାଣିକୁ କେଶ୍ଵ ଯୁବକଙ୍କି ଯେଉଁଆଡ଼େ ଟାଣିଥିଲ, ତାହାର ଓଲଟାଆଡ଼େ ଦୌଡ଼ିଲ । ପଛରୁ ପଛରେ ମୁଁ ଦୌଡ଼ିଲି, ଅନ୍ୟ ସମସ୍ତେ ବି ଦୌଡ଼ିଲେ ।

ଅନେକ ବାଟ ଅତିକ୍ରମ କଲାପରେ ଧଡ଼ଭାଇ କହିଲେ, ଯା ଛୁଟା, ମିଳିଚା ତୋ···

ଲୋକମାନଙ୍କର ଅଜ୍ଞ କାଳୁ ନିଶ୍ଚିତ ଅଭାବ ନାହିଁ । ଧଇଁ ସଇଁ ହୋଇ ସେମାନେ ଫେରିଲେ ।

ଧଡ଼ଭାଇର ଉପସ୍ଥିତ ବୁଦ୍ଧିରେ କାବୁ ହୋଇ ମୁଁ ରହିଲି ।

ଛତରବଜାର, ଶଙ୍କରପୁର, ମାଲତୀପାଟଣା । ରାତି ଦୁଇ ବାଜିଥିଲା ।

ହେ ବନବାପା···ଭଲେ ମୋ ନେଇଯାଅ, ହେ ଧବଳେଶ୍ୱର···

ଦୂରରୁ କାହାର କରୁଣ ଧ୍ୱନି ଭାସି ଆସିଲା । ଚାରିଆଡ଼େ ଅନ୍ଧକାର । ଡର ଲାଗୁଚି । ପ୍ରତ୍ୟେକ ଘର ସେପରି ଝାଉଁଶି ଯାଇଥିବା ପରି ମନେହେଲା ।

ଧଡ଼ଭାଇ, ଏ କଅଣ ? କଡ଼କୁ ଲାଗିଯାଇ ପଚାରିଲି ।

—ଉତ୍ତର୍ ନା କଅଣ ? ଚାଲ ଦେଖିବା ସେଠି କଅଣ ହେଲା ।

ଗୋଟିଏ ସୁନ୍ଦରୀ ଯୁବତୀଙ୍କୁ ଘେରି ଅନେକ ଲୋକ । ଧଡ଼ଭାଇ ଓ ମୁଁ ମାରଦରେ ସମସ୍ତଙ୍କ ପଛରେ ଛିଡ଼ାହେଲୁ । ଯୁବତୀଟି ନିଶ୍ଚୟ ମଫସଲରୁ ଆସିଚି । ନାକରେ ଦଣ୍ଡି, ହାତରେ ଖଡ଼ୁ । ଝାଳ ଶାଢ଼ୀଟିକୁ ଫୁଟି ବାହାରୁଛି ଯୌବନର ଶୋଭା । ଗୁରୁଅଡ଼ୁ ଲୋଲୁପ ଦୃଷ୍ଟି । ମୁହଁରେ ସମସ୍ତଙ୍କର କୃତ୍ରିମ ସମବେଦନା । ଯୁବତୀଟି କାନ୍ଦି କାନ୍ଦି କହିଲା ତାର କରୁଣ କାହାଣୀ । ଗମା ବାପା, ତାର ସ୍ୱାମୀ, ସମ୍ଭବତ ସେ ଧବଳେଶ୍ୱର ଯାଉଚି । ତାକୁ ଭୋକ ହେବାରୁ ତାର ସ୍ୱାମୀ ତାକୁ ସେଇଠି ବସାଇ ଯାଇଛି ପାଣି ଆଣି ପ୍ରାୟ ଘଣ୍ଟାଏ ହେବ । ସେମାନେ କୋଉଁ ଗାଁରୁ ପଚାରିଲେ କାହାରି ନାହାନ୍ତି । ଯୋ ମନ ଇଚ୍ଛା ହେଉଚି, ସେ କୁଆଡ଼େ ଗଲେ ଟିକେ ଦେଖନ୍ତ, ଯୁବତୀଟି ମିନତି ଜଣାଇଲା ଲୁବ୍ଧ ଜନତା ପ୍ରତି ।

ଗୋଟିଏ ଲୋକ ଭିଡ଼ ଭିତରୁ ବାହାରି ଆସି କହିଲା, କାନ୍ଦନା କାନ୍ଦନା, ମୋ ସାଙ୍ଗେ ଆ, କାଲି ସକାଳୁ ଖୋଜିଦେବ ।

ଧନବାନ ବୃଦ୍ଧକୁ କଲ୍ୟାଣ କରନ୍ତୁ ପ୍ରଭୁ । ଆଗେ ତାଙ୍କୁ ଠିକ୍ ଦେଖେଇ ଅନେକ, ଯୁବକଟି ଓଠରେ ହାସି ଭରିଲା ।

ମୋ ପାଖରୁ ଟଙ୍କା ଜମେ କହିବ, ଆଜିର ଅନାହୂତ ଜଣେ ... ଉଡ଼ିଗଲା । କି କି କହୁଛ କଥା । ବୁଝିଲି ଅନ୍ତରଙ୍ଗ ଭାବରେ ଏଠି ନାଟକୀୟ ଲୀଳା ଚାଲିଛି । ଧଡ଼ଭାଇଙ୍କୁ ହାସି ମୁଁ ବାହାରି ଯିବାକୁ ବସିଲି ।

ଧଡ଼ଭାଇ କିଛି ନିଶ୍ଚୁପ ।

ଦେଖ କିଏ କହିଲ, କାହାଣୀ, ଆ ନିଅ ସେଇକୁ…

ଏହା ପରେ ହଠାତ୍ ଦୁଇଜଣ ଯୁବକଙ୍କ ଭିତରେ ଲାଗିଲା ବାକ୍ୟୁଦ୍ଧ । ଜଣକ ଦୁଇଜଣ ହୋଇଗଲେ । ସେଠାରୁ ଜଣେ ପାଖ ଟାଣିରୁ ବାହାରି ଧାଡ଼ିଏ ପିଠି ଦେଲା ପଳାଇଲା । ଲାଗୁରେ ଆମାଁ ଦେଖିଲି ଧଡ଼ଭାଇ ପାଖରେ ନାହାଁ । ଟହଳ ଭିତରୁ ବାହାରି ଆସି ଅସହାୟ ଭାବରେ ଦେଖିଥିଲେ ବୃଦ୍ଧିକା ।

ଏହି ସମୟରେ ଜଣେ ମୋଟାଲୋକ ଟହଳ ଆଡ଼ୁଙ୍କ ଆସି କହିଲେ, ଲେ, କି ଏଟା !! ଗମାକାଟା ଲୁଆଡ଼େ ଗଲ ? ମଲ, ମନେ କହୁଛ ପାରୁ ନାହିଁ କି ? ମୁଁ ସବୁ ଜୁମ ଦରଆ ; ଆ, ଆ ମୋ ସାଥିରେ…, ଭଟିଆ ଛାଡ଼ ମୋ ଅଡ଼େ ଲୁହଁ ଭସିଲା । ବୁଝିଲି ଧଡ଼ଭାଇ । ଇସ୍, ଧଡ଼ଭାଇ ମଧ୍ୟ ଏତେ କଦର୍ଯ୍ୟ !!

ଯୁବକଟି ଏତେବେଳଯାଏ ଘଟୁଥିବା ଥରଥର । ଏତେବେଳେ ସେ ବୁଝି ପାରିଥିଲା ଏ ସାଉଣ୍ଡ ଲେଖାର କାରଣ । ଠିକ୍ ସାହସ ପାଇ ସେ ଧଡ଼ଭାଇ ପାଖରେ ଛୁଟିଗଲା । ଧଡ଼ଭାଇ ମୋଟେ ଆଖିଠାର ଆଡ଼କୁ ଲୁଚାଇ । ଜଣେ ପାଟି କରି କହିଲା, ଅରେ, ମଣ୍ଡପିଠ ବେଡ଼ଥା, ଚିଡ଼ିଆ ଚଳିଲ୍ । ଅନ୍ୟ ଜଣେ ଦୌଡ଼ି ଆସି ଧଡ଼ଭାଇଙ୍କ ହାତ ଧରି କହିଲା, ଛାଡ଼ ତାଙ୍କୁ; ଠୋ ମାଲ୍ ।

ଧଡ଼ଭାଇ ଭୟବିହ୍ୱଳ ସ୍ୱରରେ କହିଲା, ଏ ଶୁଣ ଆମ ଗାଁ ଝିଅ ବାବୁ… ମୁଁ……

ରଖରେ, ଗାଁ ଝିଅ ଫିଅ,ଆମେ ଜାଣୁନା, ଲୋକଟା ଧଡ଼ଭାଇଙ୍କୁ ଟୋଟାଏ ପ୍ରଚଣ୍ଡ ଧକ୍କା ମାରିଲା ।

ଧଡ଼ଭାଇ ହାତରେ ଛୁରୀ ଚକ୍ ଚକ୍ କରି ଉଠିଲା । ତା ପରେ କଅଣ ହେଲା ମୁଁ ଜାଣେନା । ଦେଖିଲି ଧଡ଼ଭାଇ ଗହଳି ଭିତରେ ବାଡ଼ ଡୁକୁଳିବାରେ

ଲାଗିଛୁ । ମୁହୂର୍ତ୍ତକ ପାଇଁ ମୋ ପାଖକୁ ଆସି କହିଲା, ନେଇ ଷ୍ଟେସନ ପଳା, ମୁଁ ଦେଉଛି ।

ପୁଡ଼ିଆଟିକୁ ଟାଣି ନେଇ ମୁଁ ଷ୍ଟେସନ ଆଡ଼େ ଦୌଡ଼ିଲି । ଷ୍ଟେସନରେ ପହଞ୍ଚି ମୁଁ ଥକ୍କା ମାରି ବସିପଡ଼ିଲି ।

କିଛିକ୍ଷଣ ପରେ ଧଡ଼ିଭାଇ ଫେରିଲା । ମୁଣ୍ଡରେ ତାଙ୍କର ପଟି ବନ୍ଧା ହୋଇଛି । ପଟି ଭେଦକରି ରକ୍ତ ତାହାର କାନ ପାଖରେ ଜମିଯାଇଛି । ଧଡ଼ିଭାଇ ମୋତେ ଦେଖି ନିଶ୍ଚିନ୍ତ ହୋଇ ଡାକିବାକୁ ଲାଗିଲେ, ଆବେ ସମା କୋପା ବେ । ଅନେକ ଥର ଡାକିବା ପରେ ଦୂରରୁ ଶୁଭିଲା, ଓ...ଓ...ଓ ।

—ଆ'ବେ ଜଲଦି...

ସମା କୋପା ଆସିଲା । ସମସ୍ତ ଘଟଣା ଶୁଣି ସେ ଧଡ଼ିଭାଇ ଗୋଡ଼ ଧରିବାକୁ ଯାଉଥିଲା । ଧଡ଼ିଭାଇ ତାକୁ ଥକ୍କା ମାରି କହିଲେ, ଏଇଠି ଥା ସକାଳ ହେଲେ ଯିବୁ । ସ୍କୁଲ୍‌ରେ ।

—ଧଡ଼ିଭାଇ ତୁମେ ଏତେ ମହତ୍ ! ମୁଁ ନ କହି ରହିପାରିଲି ନାହିଁ ।

—ମହତ ନା ଅଜ କଲୁ ।

ଷ୍ଟେସନ ଗ୍ରାଉଣ୍ଡ ସ୍କୁଲ କଲେଜ ଆଡ଼େ । ରାତି ତିନଟା । ରାସ୍ତାର ଦୁଇ କଡ଼ରେ ଶୋଇଛନ୍ତି ଅଖା ଘୋଡ଼ି ହୋଇ ଅସଂଖ୍ୟ ଭିକ୍ଷୁକ ।

ଜଣେ ବୃଦ୍ଧ ତାଙ୍କ ଭିତରେ ବୁଲୁଛନ୍ତି । ପ୍ରତ୍ୟେକଙ୍କ ପାଖରେ ଛିଡ଼ା ହୋଇ ଏଣେତେଣେ ଚାହିଁ ସେ ନଇଁପଡ଼ି କଅଣ ଯେପରି ଗୋଟାଇ ନେଉଛନ୍ତି । ନିଶ୍ଚୟ ବଦମାସ୍ । ଧଡ଼ିଭାଇଙ୍କ ଭଳି ମୋ ମନରେ ମଧ୍ୟ ପରୋପକାର ଇଚ୍ଛା ଜାଗିଲା । ଦୌଡ଼ିଗଲି ତାକୁ ଧରିବାକୁ । ବୃଦ୍ଧ ଦୌଡ଼ିବାକୁ ଆରମ୍ଭ କଲା । ଧଡ଼ିଭାଇ ମୋତେ ଅଟକାଇ କହିଲେ, ସବୁ ସାଇଲୁ, ଆରେ ବୋକା, ବଦମାସ୍ ନୁହଁ, ଜଣେ ଅଦ୍ଭୁତ ଲୋକ । ମୁଁ ମଧ୍ୟ ପ୍ରଥମେ ତୋ ପରି ଭାବିଥିଲି; କିନ୍ତୁ ଦେଖିଲି ସେ ପ୍ରାୟ ଏମିତି ଆସି ପ୍ରତ୍ୟେକଙ୍କ ପାଖରେ ଗୋଟିଏ ଲେଖାଏଁ ଆଠଅଣି ରଖିଯାଆନ୍ତି ନୀରବରେ । ସେ କିଏ; କିନ୍ତୁ ମୁଁ ଜାଣେନା । ବହୁତ ଅନୁନୟ କଲେ ମଧ୍ୟ ସେ ପରିଚୟ ଦେଲେ ନାହିଁ ।

ଅଭିଭୂତ ହୋଇ ଅନାଇଁ ରହିଲି ।

—ଚାଲ, ସେଠି କିଏ କାନ୍ଦୁଛି ଦେଖିବା, ଧଡ଼ିଭାଇ ମୋତେ ଉଠେଇ ନେଇଗଲେ ।

ଗୋଟିଏ ଭିକ୍ଷୁକ ଶବ ପାଖରେ ଚାରି ଝିଅ ବସି କାନ୍ଦୁଛି । ଧଡ଼ିଭାଇ ତାଙ୍କୁ ବୁଝାଇ ତାର କ୍ରନ୍ଦନ ବନ୍ଦକଲେ । ଅନ୍ୟାନ୍ୟ ଭିକ୍ଷୁକମାନଙ୍କୁ ଡାକିଲେ । ଟେକି ବୋହିନେବାକୁ କେହି ରାଜି ହେଲେନାହିଁ ।

ଧଡ଼ିଭାଇ ଗୋଟିଏ ବାଉଁଶ ଆଣି ଶବଟିକୁ ବାନ୍ଧି ବାନ୍ଧି କହିଲେ, ଗୋଡ଼ ନାଙ୍କୁ ଧର୍ । ଦୁଇଜଣ ଶବଟିକୁ ବୋହି ବଜ୍ରକବାଟି ବାଟ ଦେଇ ଖାନ୍‌ନଗର ଶ୍ମଶାନ ଆଡ଼େ ଚାଲିଲୁ । ଏପରି ପରିସ୍ଥିତିରେ କେବେ ପଡ଼ିନାହିଁ । ଡର ଲାଗୁଥାଏ । ସବୁ ଭୂତ ପ୍ରେତ ଯେପରି ମୋ ସାଙ୍ଗେ ସାଙ୍ଗେ ଚାଲିଛନ୍ତି । ସେମାନଙ୍କର ନିଃଶ୍ୱାସ ମୁଁ ପିଠି କାନ୍ଧରେ ଅନୁଭବ କରିବାକୁ ଲାଗିଲି; କିନ୍ତୁ ଉପାୟ ନାହିଁ ।

ବାବା କବାଟ ଖୋଲ, ଶ୍ମଶାନରେ ଶବ ଥୋଇ ଧଡ଼ିଭାଇ ଡାକିଲେ ।

ଶ୍ମଶାନର ବାବାଜୀ ଛାତି ଖୋଲି ବାହାରିଲେ । ଲଣ୍ଠରେ ସେ ରୂପ ଦେଖି ମୁଁ ଡରିଗଲି ।

କିଏ ? ବାବାଜୀ ବିକଟ ସ୍ୱରରେ ପଚାରିଲେ ।

—କେଜାଣି କିଏ ? ଭିଖାରୀଟିଏ ! ନଅ ଟଙ୍କା, କାଠ ଦିଅ ।

ଓ, ଧଡ଼ିଭାଇ, ମନ୍ଦ କହୁନା, ବାବାଜୀ ଉତ୍ଫୁଲ୍ଲ ହୋଇ କହିଲେ ।

ଲଣ୍ଠ ଆଣି କାଠ ଘର ଖୋଲି ବାବା କହିଲେ, ନଅ କାଠ । ସଜାଡ଼ି ଦେବ ?

—ସଜାଡ଼ି !

ବାବା ଗଞ୍ଜେଇ ଦଳିବାକୁ ଲାଗିଲେ ।

ଛଟା ସଜାଇ ଜାଣୁ ? ଧଡ଼ିଭାଇ ମୋତେ ପଚାରିଲେ ।

—ନାହିଁ, କେବେ କରିନାହିଁ ।

—ହୁଁ, କେଉଁଠି କିଛି ନେବେ କି ? ଦେଖ, ମୁଁ କେମିତି କରୁଛି । ଶୁଖି ନିଅ । ପ୍ରଥମେ ଚୁଲି କରିବାକୁ ହେବ । ବେଶି ଗାତ ନୁହେଁ, ତା'ହେଲେ କାଠ ଭିଜି ଜଳିଯିବ, ଟିକେ ପ୍ରସ୍ତୁତ କି ।

କୁଲି ଖୋଜି ଧଡ଼ିଆଡ଼ି କାଠ ସଜାଡ଼ିବାକୁ ଲାଗିଲେ ।

ଏମିତି ମଶାଣି ଦେଖି ଜଳିବାକୁ ଦେଖି ଦେଖି ଲାଗେ । ଏଥରେ ଚବି କରି ନିଜ । ଜବି ଖୁଲି ନିଆଁ ଧରିଲ ବେଳେ କରୁ ନ । ଏବେ ଆଗେ ଆଗେ କରିବ । ସ୍ୱାକୁ ଡଗି ଗନ୍ଧି ଜଳାଇବାକୁ ହେବ । କାଠ ବେଶି ଲଗେ । ତେବେ ତିନି ଦଳ କରିବାକୁ ଅନେକ ପରିଶ୍ରମ କମ୍ ପଡ଼େ, କାଠ ମଧ୍ୟ କମ୍ ଲାଗେ ।

—ଏଥର ଜୋରିଏ ନିୟମ ଅଛି ନା କଅଣ ? ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

—ବାଃ ନାହିଁ ? କେଉଁଠି ପବନ ଆସୁଛି ଦେଖିବାକୁ ହେବ । ପବନ ଦେଖି ନେଲେ କାଠ ଧୁ ଧୁ ଜଳିଯିବ । ପୁଣି ଜଳାଇବାବେଳେ ପଡ଼ ବେଶି ଧୂଆଁ ହୁଏ, ତେବେ ଏବେ କାଳିଆ ପଡ଼ିଯିବ ପୋଡ଼ିବାକୁ ଭାରି କଷ୍ଟହେବ । ପୁଣି ମୁଣ୍ଡ ଫଟାଇ ଦେଖିଛ କଳା ଛଡ଼ାଇଦେଲେ ଜଳିବ ।

ପ୍ରଥମେ ଦୁଇଟି ବଡ଼ ମୋଟା କାଠ ଆଣି ଚୁଲି [illegible] ଧଡ଼ିଆଡ଼ି କରିଲ, ଏଥର ଉପରେ ସବୁ ଝିଅରମାନେ [illegible] ଏ ଯେମିତି ଜଳିଯିବ ଜଳି ନ ଯାଏ । ତା ହେଲେ ସବୁ ଛଡ଼ା ଉପରେ ପଡ଼ିବ ତଳେ । ମୁଣ୍ଡି ଉଠାଅନ୍ତି, ଶବକୁ ଅଲଗା ରଖନ୍ତି, କାଠ ସଜାଅନ୍ତି, ପୁଣି ତା ଉପରେ ଦେଖୁ ଥାଆନ୍ତି··· ।

ଚିତା ସଜାଇ ଧଡ଼ିଆଡ଼ି ଶବକୁ ଥୋଇ ତା ଉପରେ [illegible] ଉପରେ ଦୁଇ ଖଣ୍ଡ କାଠ ଥୋଇ ଦୁଇଟି ମୋଟା [illegible] ପାଖରୁ ଓଜନଦେଲେ । ତା'ପରେ କୁଟା ଆଣି ବାହାର ପଟରେ [illegible] ନିଆଁ ଲଗାଇ ଚିତାର ଚାରିପାଖ ତିନିଥର ବୁଲି [illegible] କୁଟକୁ ଚୁଲିରେ ଦେଲେ ସେ ସାନ ସାନ କାଠ [illegible]

ବାବାଜୀଙ୍କୁ କହିଲା ଉତ୍ତରପଟେ ଲୁଗା ମେଲାଇ ଧରିବାକୁ । ମୁଁ ଓ ବାବାଜୀ ଲୁଗା ମେଲାଇ ଧରି ପବନ ଅଟକାଇଲୁ । ଚିତା ଜଳିଲା ।

—ଇସ୍, ବାବା, ନିଆଁ ରଙ୍ଗ ଠିକ୍ ଅଛି !

—ଠିକ୍ ଅଛି, ଆଉ, ବାବାଜୀ ଅନ୍ୟମନସ୍କଭାବେ ଭଳି କହିଲେ ।

—ବୁଝିଲୁ, ନିଆଁର ରଙ୍ଗ ଓ ଶିଖାରୁ ଜଣାପଡ଼ିବ ଚିତା ଦହନ ସମ୍ପୂର୍ଣ୍ଣ କରିବ କି ନାହିଁ ।

—କେମିତି ?

—ଚିତା ଯଦି ଧୂ ଧୂ ହୋଇ ଜଳେ, ନିଆଁର ଶିଖା ବେଶି ଉପରକୁ ଉଠେ, ତା'ହେଲେ ଭାରି ଖରାପ । କାଠ ଅଧା ଜଳିଯିବ ଶବ ପଡ଼ିରହିବ । ନିଆଁ ଯଦି ବେଶୀ ଉପରକୁ ନ ଉଠେ, ରଙ୍ଗ ଯଦି ହଳଦିଆ ହୁଏ, ତେବେ ଭଲ ।

ଚିତାରୁ ଟିକିଏ ନିଆଁ ଆଣି ବାବାଜୀ ଚିଲମରେ ନିଆଁ ଲଗାଇଲେ । ତା'ପରେ ଗୋଟିଏ ସୁଦୀର୍ଘ ଟାଣ ଦେଇ ଚିଲମ ଧଡ଼ିଭାଇ ହାତକୁ ବଢ଼ାଇ ଦେଲେ ।

ଚିତା ଗରମରେ ମୋତେ ଆରାମ ଲାଗିଲା । ସକାଳକୁ ଥଣ୍ଡା ବେଶି ପଡ଼ୁଥିଲା । ଆଖିପତା ମୋର ଲାଗିଗଲା ।

—ତୁ ଶୋଇପଡ଼୍, ଶୁଅ ଏଇଠି, ଧଡ଼ିଭାଇ ମୋ ଦେହ ଆଉଁସି କହିଲା ।

ଶୋଇବାକୁ ଡର ମାଡ଼ୁଥାଏ । ବୁଢ଼ିଆଣ୍ଡେ ବିଲୁଆ କୁକୁରଙ୍କ ଚିତ୍କାର । ଶବର ନିଃଶ୍ୱାସ ଯେପରି ମୁଁ ଶୁଣିବାକୁ ପାଉଥାଏ ।

ଡର ମାଡ଼ୁଛି, ବାଧ୍ୟ ହୋଇ ଧଡ଼ିଭାଇଙ୍କ କାନରେ କହିଲି ।

—ପାଗଳ କହେ, ଶ୍ମଶାନରେ ଡର କଅଣ ? ସହର ଭିତରେ ଯେତେ ଡର । ଡର ଏଠି କାହିଁକିରେ ? ଶୁଅ ମୋ କୋଳରେ ।

ଧଡ଼ିଭାଇଙ୍କ କୋଳରେ ମୁଣ୍ଡ ରଖି ଶୋଇପଡ଼ିଲି ।

ଯେତେବେଳେ ଉଠିଲି ପୂର୍ବ ଆକାଶରେ ସୂର୍ଯ୍ୟ ଫାଟିଲାଣି । ଅପୂର୍ବ ସେ

ଦୁଃଖ । କେତେଥର ଅନେକ ଦୁଃଖ ଦେଖିଛି; କିନ୍ତୁ ତୁଳନାରେ ଏହାର ଦୁଃଖ ମହାନ୍ ମନେ ହେଲା

ଚୋର ନୁହଁ କଭ ଅପରିଚିତ । ଧଡ଼ଧଡ଼ ନିଆଁ ଭିତରେ ପାଉଁଶ ଖେଞ୍ଚ କେଉଣ ଖୋଜୁଛି ।

କେଉଣ ବୋଇତି ଧଡ଼ଧଡ଼ କି, ନମ୍ରତୋ ।

—ସବୁ ଜଳିଗଲେ, କିନ୍ତୁ ମୋ ଅଙ୍କ ଖାତାଟା ଯେପରି ହେବାକୁ ଛାଡ଼ିବ ନାହିଁ । ସେଇଟା କେଉଁଠି ଅଛି ଦେଖୁଛି ।

—କେମିତି ଚାଲିବ ଏତେ ଟିକିଏ ଡାଳ ଏ ନିଆଁ ଭିତରୁ ?

—ଦେଖିବୁ ଅଃ ।

ବାଉଁଶରେ ସେ ନିଆଁ ଖେଞ୍ଚିବାକୁ ଲାଗିଲେ ।

—ସବୁ ନୁହଁ ଜଳିଯାଇ ଯାଇଛି । କିନ୍ତୁ ସେ ଟିକିକି କେଉଁଠି ଥିବ ନେଇ ବସିବ ।

କେଞ୍ଚୁ କେଞ୍ଚୁ ଟିକିଏ ନେଇ ନିଆଁ ଦେଖି ସେ କହିଲେ, ଇତର, ଏଇଠି, ରହମ କୁଆଡେ ଯିବୁ । ସବୁ ଶେଷକରିଯିବ ।

ସବୁ ଶେଷ କରି ଧଡ଼ଭାଇ ଦାର୍ଶନିକ ଭଳି ବଡ଼ି ଟାଣିବାକୁ ଲାଗିଲା ।

ଆଜ ମୋର ବି. ଏ. ପରୀକ୍ଷା । କିଛୁ ପଢ଼ିନାହିଁ ।

—❖—

ପକ୍ଷାଘାତ

ଦୁର୍ଯ୍ୟୋଧନ ବାବୁ ବର୍ତ୍ତମାନ ସବୁବେଳେ ବାହାର ବାରଣ୍ଡାରେ ପଡ଼ିଥିବା ଖଟଉପରେ କାନ୍ଥକୁ ଡେରି ହୋଇ ପଡ଼ିଥାଆନ୍ତି । ପିଠିଅଡ଼େ ତାଙ୍କର ଗୋଟାଏ ତେଲଚକଟା ତକିଆ । ବଲ ବଲ କରି ଆକାଶକୁ ଚାହିଁ ସେ ଧାନ ପାକୁଳ କରୁ ଥାଆନ୍ତି । କଥା କହିବାର ଶକ୍ତି ନାହିଁ, କି ଉଠିବାର ମଧ୍ୟ ଶକ୍ତି ନାହିଁ । ପକ୍ଷାଘାତ-ରୋଗୀ ସେ । କେତେବେଳେ କାହାର ଇଚ୍ଛା ହେଲେ ଖଣ୍ଡେ ପାନ ଦେଇଯାଏ, ତକିଆଟାକୁ ସଜାଡ଼ି ଦେଇ ଯାଏ ବା କଟନ ଟିକିଏ କରିଦେଇ-ଯାଏ । ଘରର ସମସ୍ତେ ତାଙ୍କ ଉପରେ ବର୍ତ୍ତମାନ ବିରକ୍ତ । ତାଙ୍କ ପରିବାରର ଅନ୍ୟମାନଙ୍କ ସହିତ କ୍ଷୀଣ ଦୈହିକ ସଂଯୋଗ ଥିଲେହେଁ, ମାନସିକ ସଂଯୋଗ ଆଦୌ ନାହିଁ । ଏ ଯୁଗର ହଠାତ୍ ଧନୀ ଓ ପାଶ୍ଚାତ୍ୟ ସଭ୍ୟତାର ପୂଜାରୀ-ପରିବାର ଘରେ କୌଳିକ ଦେବତାର ଅବସ୍ଥା ଯେପରି ବହିଷ୍କୃତ ନୁହେଁ, ପରିତ୍ୟକ୍ତ ।

ପଞ୍ଚାବନ ବର୍ଷ ବୟସରେ ପେନ୍‌ସନ୍ ନେବାର ଠିକ୍ ତିନିଦିନ ପରେ ଏ ଅବସ୍ଥା ତାଙ୍କର ଘଟିଲା । ପୂର୍ଣ୍ଣ ତିରିଶ ବର୍ଷ ଧରି ସେ ଚାକିରି କରି ପେନ୍‌ସନ ନେଲେ । ଚାକିରି ତାଙ୍କର ଆରମ୍ଭ ଖୁବ୍ ତଳରୁ, କିନ୍ତୁ ଶେଷ ଯେତେବେଳେ କଲେ, ସେତେ-ବେଳେ ଥିଲେ ସେ ଅତି ଉଚ୍ଚ ଆସନରେ । କ୍ଷମତା, ପ୍ରତିପତ୍ତି, ସମ୍ମାନ ଓ ଅର୍ଥ ସେ ଚାକିରି ଜୀବନରେ ପାଇଥିଲେ ପ୍ରଚୁର । ତଥାପି ପେନ୍‌ସନ ଯେତେବେଳେ ନେଲେ, ସେତେବେଳେ ସେ କାନ୍ଦି ପକାଇଲେ । ପେନ୍‌ସନ ନେବା ପରମୁହୂର୍ତ୍ତ-ଠାରୁ ତାଙ୍କ ସହିତ ଅଲିଣ୍ଡ, ସାନ୍ତୁ ବା ଅଧି ମଲାଙ୍କର ଯେପରି କୌଣସି ପ୍ରଭେଦ ନାହିଁ ଏହିପରି ତାଙ୍କର ମନେହେଲା । ଯେଉଁ କଚେରୀରେ ସେ ବର୍ଷ ବର୍ଷ ଧରି ହାକିମି କରି ଆସିଛନ୍ତି, ସଲାମ ପାଇ ଆସିଛନ୍ତି, ଆଜି ସେ କଚେରୀକୁ ଗଲାବେଳେ କେହି ଟିକିଏ ଉଠି ଛିଡ଼ାହେଲେ ନାହିଁ, ତାଙ୍କ ଆଡ଼କୁ ଫେରି ଚାହିଁଲେ ବି ନାହିଁ । ଅଥଚ କେହି କେହି ଜାଣିଶୁଣି ତାଙ୍କୁ ଅସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ହଠାତର

କଲେ ତା ନୁହେଁ । ତିନିଶ ଟଙ୍କା ଥିବ କୋଉ କାଳରେ ଦେଖା ଯାଇଥିବ ଜଡ଼ିତ । ତା ବାହାରେ ମଧ୍ୟ ଉଦ୍ଧାର କିଛି ନ ଥିବ । ଆଜି ସେହି ଦେଖା ଯିବା ମଧ୍ୟ କେବଳ ମାତ୍ର [illegible] । [illegible] ଅଦ୍ଭୁତ ଘଟଣା ଘୁରି ସେହି ଘଟଣା ଦେଖିଲେ, ମନ ତାଙ୍କର ବ୍ୟାକୁଳ ହୋଇ ଉଠିଲା, ଧାଡ଼ାଧାଡ଼ି କରି ଉଠିଲେ । "ମୁଁ ଏତେବେଳେ କଣ ବର୍ତ୍ତମାନ ? କେଉଁଠି ଭଲର ମହାଚକ୍ର ବର୍ତ୍ତମାନ ? ମୋର ସମସ୍ତ [illegible] ଅଛି, [illegible] ପ୍ରାପ୍ତି ? ବ୍ୟାକୁଳ ଭାବରେ ସେ ପ୍ରଶ୍ନ କରି ବସିଲେ [illegible] ଥମି [illegible] ଟଳ ଟଳ ହୋଇଗଲେ । [illegible] ପ୍ରଶ୍ନ ଉତ୍ତର ଡାକିଲେ, ସାହେବ ଅଦମ୍ [illegible] ହେଲା । [illegible] କରି ଉଠିଲେ, କେହି ନାହିଁ । ସେତେବେଳେ [illegible] ଅବସନ୍ନପ୍ରାପ୍ତ [illegible] କର୍ମଚ୍ୟୁତ । ଅତଏବ କେହି ନାହିଁ [illegible], ଆଉ କେହି [illegible] ଦେଖା କରିବାକୁ, ସମ୍ମାନ ଦେବାକୁ । ସେ [illegible] ।

ଦୁଇ ଦିନ ଭିତରେ ସେ [illegible] ଶୁଣିଗଲେ । [illegible] ଦିନ ଖରାବେଳେ ସେ କଚେରୀକୁ ଯିବାବେଳେ ଗୋଡ଼ ଝିଙ୍ଗିଯିବାରୁ ପଡ଼ିଗଲେ । ଉଠିବାକୁ ଚେଷ୍ଟାକଲେ । ଗୋଡ଼ରେ ବଳ ନାହିଁ । ପାଟିକରି ଡାକିବାକୁ ଚେଷ୍ଟା କଲେ, କିନ୍ତୁ ପାଟି ଖୋଲିଲା ନାହିଁ । ବୁଝିପାରିଲେ ଯେ ହଠାତ୍ ପକ୍ଷାଘାତ ତାଙ୍କୁ ଆକ୍ରମଣ କଲା । ଦୁଇ ଓଠ ତାଙ୍କର ଥରି ଉଠିଲା, ଆଖିରୁ ତାଙ୍କର ଝର ଝର ହୋଇ ଲୁହ ବୋହି [illegible] ଦେଲା । ଘଣ୍ଟାକ ପରେ ତାଙ୍କର ସବୁ ସଞ୍ଚି-ନେଇଥିବା ଅର୍ଥ [illegible] ଖର୍ଚ୍ଚ [illegible] । ଏକଦମ୍ କାଙ୍ଗାଳ କରିଦେଇଛି । ଯିଏ ଦିନେ ମାସକୁ ତିନି ହଜାର ଟଙ୍କା ପାଉଥିଲେ, ସେ ଆଜି ଦ୍ୱାର-ଦ୍ୱାର ବୁଲୁଛନ୍ତି ।

ଘରେ ତାଙ୍କ ସେତେବେଳେ କେହି ନ ଥାନ୍ତି । ସ୍ତ୍ରୀ ତାଙ୍କର ଦ୍ୱିତୀୟ ପକ୍ଷର—ବୟସରେ [illegible] ପନ୍ଦର ବର୍ଷ । [illegible] ସେ ଥିଲେ ଅତି ବ୍ୟସ୍ତବ୍ୟସ୍ତ, ମଫସଲ [illegible] । ଏବେ [illegible] ଖୋଜିବାବେଳେ ବି ସେ [illegible] ରହିଥିଲେ [illegible], ଖଣ୍ଡ [illegible] । ଦୁର୍ଯ୍ୟୋଧନ ବାବୁଙ୍କ ତାଙ୍କୁ ସେବା କରିଲେ, [illegible] ମନରେ । ଅଳଙ୍କାର ସେ ଖୁବ୍ ଅଳ୍ପ ସମୟ ପାଇଁ [illegible] ରହନ୍ତି । [illegible] ବୁଲୁଥାନ୍ତି ଏଠି ସେଠି ଏବଂ ଅନେକ

ବାଙ୍କରେ ହୋଇଚିକିଲେ ସେ ଶୁଣନ୍ତି ସେପଟରେ ଅନେକ ମିଛ ଓ ସତ କଥା ବାବୁଙ୍କ ଘର ଭିତରୁ ଶୁଭୁଥାଏ । କିଏ କହୁଛନ୍ତି, ସେମା ଫିଙ୍ଗା ବୋଧହୁଏ, ନାଗର ପ୍ରଭୃତି ଅଭିଯୋଗ କରାଯିବା ଅନୁଚିତ, ଅନେକ ଜାଣିଲେ ତାହା ତତ୍ପରେ ନିରାକା ଅବସ୍ଥା । ଏହାର ଅର୍ଥ କେତେକ୍ଷଣ ମାଣ୍ଡିକମାନେ ଚଢ଼ାଇ କନ୍ତୁ ହିରେ ଦୁର୍ଯ୍ୟୋଧନ ମଲ୍ଲିକ ତାଙ୍କର ଏହି ସବୁ ଚରିତ୍ରର ବାଦାନୁବାଦ ହେଲା । ସେ କହିଲେ, କିଏ କହୁଥିଲା ସେମାନେ ବାଳକମାନଙ୍କୁ, ସନ୍ତାନଙ୍କ ମଙ୍ଗଳ ମିଳିବାକୁ, ମନ ଖାଲିଖାଲି ଶୁଣେ ? କର୍ତ୍ତମାନ ବାଳିକା ସେମାନେ ଭାଗ୍ୟବଳ ଗ୍ରାମରେ ? ବୁଝେ ବୁଢ଼ା, ମୁଁ ବୁଢ଼ୀ । ସେମାନେ ଏହି କେବଳ ପୁତ୍ରାର୍ଥେ ଜନ୍ମ ହୋଇ ଥାଆନ୍ତି, ଜଣା ଜାଣି, କେଉଁ ଥାଆନ୍ତା । ଜୁହେସେଲ ସେମାନେ ଜନ୍ମ…… ଲୋକେ ବୁଢ଼ା, କିନ୍ତୁ ମୁଁ ବୁଝେଁ, ତୁମେତ କହୁଥିଲ, ନାଗର ଜଣ୍ଡା ଜଣା ଜାଣି ସମ୍ମାନ ମାତ୍ରଚଳାହିଁ ଦୁର୍ଯ୍ୟୋଧନ ବାବୁ ।

ସତ୍ୟ ନ ଜାଣିବା ଭଳି । ଜୀବନ ନଶ୍ୱର୍ଯ୍ୟ ପରିବର୍ତ୍ତନଶୀଳ ସତ; କିନ୍ତୁ ଜୀବନପ୍ରବାହ ନିରନ୍ତର, ଅମର । ପିତା ମାତା ଉତ୍ପାଦନ କରନ୍ତି ସନ୍ତାନ-ସନ୍ତତି । ପୁଣି ସେମାନେ ହିଁ ପିତାମାତା ହୋଇ ସନ୍ତାନ-ସନ୍ତତି ଉତ୍ପାଦନ କରନ୍ତି । ଜୀବନ ପରେ ଜୀବନ ଯାଏ; କିନ୍ତୁ ଜୀବନପ୍ରବାହ ନିରନ୍ତର ହିଁ ଚାଲିଥାଏ । ମନୁଷ୍ୟ ଅମର ହୁଏ । ପୁରୁଷ ଓ ସ୍ତ୍ରୀର ପ୍ରେମ ମଧ୍ୟରେ ନିହିତ ପ୍ରକୃତିମାନ୍ଥ । ପିତା ଅମର ହୁଏ ପୁତ୍ର ମାଧ୍ୟମରେ ।

କିନ୍ତୁ ଅମରତ୍ୱ କ'ଣ ? କେବଳ ଜୀବନ ପରେ ଜୀବନର ଦୈହିକ ସୃଷ୍ଟି ? ମୁଁ କ'ଣ ମୋର ପୁତ୍ରମାନଙ୍କ ମଧ୍ୟରେ ଅମର ହୋଇ ରହିବି ?

ସେ ଦିନ ଝିଅଟା ଚଳଅଁକୁ ଦେଖି ସେ ଭାବୁଥାନ୍ତି ସେହି କଥା । ମାନ-ବନ୍ଧନ ପ୍ରାଚୀର ଭେଦ କରିବାକୁ ସକ୍ଷମ ନୁହେଁ । ଅଭଖଣ୍ଡେ ଦେବାପାଇଁ ନିଜକୁ ଦାଦାଙ୍କୁ-ଝିଅଟା ଚେଷ୍ଟା ଅସୂଚାଙ୍କାର ପାଖକୁ ସେ, ସଂଙ୍କେତଦ୍ୱାରା ତାଙ୍କୁ ଡାକୁଥିବେ । ଅଞ୍ଚଳିକା ଦୁଇ ଘର କହୁଚନ୍ତି ସେ; କିନ୍ତୁ ପଡ଼ିଥାଆନ୍ତି ବୁଢ଼ାଲୋକ ଲାଗି ଦାଦାର ପିଣ୍ଡାରେ । ସ୍ତ୍ରୀ ପ୍ରାୟ ଏକଘଣ୍ଟା ହେବ ଉଜ୍ଜ୍ୱଳ ହେଉଛନ୍ତି ବାହାରକୁ ପିବାକୁ । ତାଙ୍କର ଘାଟଘରୁ ଭରିଆସୁଛି ତାଙ୍କ ଗୁଣୁ ଗୁଣୁ ଗାନ ଓ ଅଳଙ୍କାର ସ୍ୱନେ । କିଛିକ୍ଷଣ ପରେ ସେ ବୁଝିଗଲେ ସୌନ୍ଦର୍ଯ୍ୟ ମୁଣ୍ଡ ଉଠାଇ ଚାଲିଲେ, ସମସ୍ତ ମାଂସଳ ଅଙ୍ଗରେ ଲଳିତ ଦେଖାଇ । ତାଙ୍କଆଡ଼େ ଥରେ ଚାହିଁଲେ ବି ନାହିଁ ।

ଦୁର୍ଯ୍ୟୋଧନ ବାବୁଙ୍କ ଦେହ ଥରି ଉଠିଲା ଅସହ୍ୟ ମାନସିକ ଯନ୍ତ୍ରଣାରେ । ଚିତ୍କାର କରିବାକୁ ଚେଷ୍ଟା କଲେ; କିନ୍ତୁ ପାରିଲେ ନାହିଁ, କେବଳ ଗଁ ଗଁ ଶବ୍ଦ ନିର୍ଗତ ହେଲା ।

ଏହି ସମୟରେ ପ୍ରବେଶ କଲେ ତାଙ୍କ ବଡ଼ ପୁଅ । ଦୁର୍ଯୋଧନ ବାବୁ ମନେ ମନେ ଟିକିଏ ହସିଲେ ଓ ମନେ ମନେ କହିଲେ, ଆସିଗଲେ ନେତା !

ଦୁର୍ଯୋଧନ ବାବୁଙ୍କ ବଡ଼ପୁଅ ନେତା ହୋଇନାହାନ୍ତି; କିନ୍ତୁ ଦ୍ରୁତ-ଗତିରେ ଅଗେଇ ଚାଲିଛନ୍ତି ନେତା ହେବାକୁ । ନାନା ଅସତ୍ ଉପାୟରେ ସେ ପ୍ରଚୁର ଅର୍ଥ ଉପାର୍ଜନ କରିଛନ୍ତି, କରୁଛନ୍ତି । ନାନା ଚେଷ୍ଟା ଓ କୁଚକ୍ରାନ୍ତ ପ୍ରୟୋଗ କରି ସେ ଧାପେ ଧାପେ ଉଠି ଚାଲିଛନ୍ତି ନେତା ହେବାପାଇଁ ।

ସେ ଆସିଲେ ଓ ତାଙ୍କ ପଛେ ପଛେ ଆସିଲେ ଆଉ ଦୁଇଜଣ । କିଏ ଜଣେ ହାତରେ କ୍ୟାମେରା ଧରିଛନ୍ତି । ଦୁର୍ଯୋଧନ ବାବୁଙ୍କ ପ୍ରତି ଟିକିଏ ଝୁଙ୍କି ମୁହଁକୁ ହସି ଟେକି ରଖିବାକୁ ଲାଗିଲେ । ହଠାତ୍ ଏ ପରିବର୍ତ୍ତନ ଦେଖି ଦୁର୍ଯୋଧନ ଚମକି ପଡ଼ି-ଲେ ହେଁ କୃତଜ୍ଞତାରେ ତାଙ୍କ ଆଖିରୁ ପାଣି ଝରିପଡ଼ିଲା । ସେ ଯୋଡ଼ ହସି ଦେଉଥିବା ଅବସ୍ଥାରେ କ୍ୟାମେରାବାଲା ଜଣେ ଫଟ ଉଠାଇ ନେଲେ । ତା'ପରେ ସେ ହସି କହିଲେ, ମୁଁ ବର୍ତ୍ତମାନ ଆସୁଚି ବାପା, କିଛି କଷ୍ଟ ନାହିଁ ତ ।

ଦୁର୍ଯୋଧନ ବାବୁ ମୁଣ୍ଡ ହଲାଇ କହିଲେ 'ନା' । ସମସ୍ତେ ଚାଲିଗଲେ । ତେବେ ପିତୃଭକ୍ତିର ଫଟ ଉଠାଇବାକୁ ଆସିଥିଲେ ପୁଅ ।

ଏ ମୋର ପୁଅ; କିନ୍ତୁ ମୋର ଚରିତ୍ରର ଗୋଟାଏ ଦିଗର ମୂର୍ତ୍ତି ସେ । ମୁଁ ଯେବେ ଧନଲୋଭରେ ନାନା ଅସଦୁପାୟ ଆଚରଣ କରୁଥିଲି, ନାନା କୁଟମନ୍ତ୍ରଣାର ବ୍ୟବସାୟରେ ଦ୍ରୁତ ଉପରକୁ ଉଠି ଚାଲିଥିଲି, ଏ ପୁତ୍ର ମୋର ସେଇ ସମୟର, ମୋର ଗୁପ୍ତ ଚରିତ୍ରର ଏକ ପ୍ରକାଶ୍ୟ ମୂର୍ତ୍ତି । ଅତଏବ ତା'ର କିଛି ଦୋଷ ନାହିଁ । ମୋର ସମ୍ପୂର୍ଣ୍ଣ ଦୋଷ । ଦୁର୍ଯୋଧନ ବାବୁଙ୍କ ଆଖିରୁ ପୁଣି ପାଣି ଝରିପଡ଼ିଲା, ପୁଣି ସେ ଗଁ ଗଁ କରି ଉଠିଲେ । ଅସ୍ଥିରଭାବରେ ସେ ମୁଣ୍ଡ ଲୁଣ୍ଡା ତକିଆ ଉପରେ ଏପାଖ ସେପାଖ ଚଳାଇବାକୁ ଲାଗିଲେ ।

ଏହି ସମୟରେ ପ୍ରବେଶ କଲେ ତାଙ୍କର ମଝିଆଁ ପୁଅ ଟଳି ଟଳି, ହାତରେ ମଦ ବୋତଲ ଧରି । ବାପଙ୍କୁ ଦେଖି ସେ ସାଷ୍ଟାଙ୍ଗ ପ୍ରଣିପାତ କରି କାନ୍ଦ ପକାଇ କହିଲେ, ବାପା, ଆଜି ସକାଳୁ ମୁଁ, ବେଶି ନୁହଁ, ଗୋଟିଏ ମାତ୍ର ବୋତଲ ପିଇଛି । ଆଉ ଅଛି, ନେବେ ଟିକିଏ ନଅନ୍ତୁ, ଖୁବ ଆରାମ ଦେବ । ଦୁର୍ଯୋଧନ ବାବୁ ଯେମିତି ବଲ ବଲ କରି ଚାହିଁଥାନ୍ତି, ପୁତ୍ର ପିତାଙ୍କୁ ଅନୁରୋଧ କରୁଛନ୍ତି ଟିକିଏ ପିଇବାକୁ ମଦ । ଦୁର୍ଯୋଧନ ବାବୁ ମୁଣ୍ଡ ଠୁଙ୍କାରି କହିଲେ, ହଁ । ହାଃ ହାଃ ହାଃ ହାଃ—ପୁତ୍ର ଉଦଗାର କାଢ଼ି ହସୁ ହସୁ ଟଳି ଟଳି ଚାଲିଗଲେ ।

ଦୁର୍ଯ୍ୟୋଧନ ବାବୁ ଭାବିବାକୁ ଲାଗିଲେ, ଏ ମଧ୍ୟ ଆମର ଚରିତ୍ରର ଅଙ୍ଗ ଏକ ପ୍ରକାଶ୍ୟ ମୂର୍ତ୍ତି । ମୁଁ ମଧ୍ୟ ଦିନେ ଘରର ସମସ୍ତଙ୍କ ଆଗରେ ମଦ ପିଉଥିଲି ଏବଂ ମାତାଲ ହେଉଥିଲି । ମୁଁ ହିଁ ଦିନେ କହୁଥିଲି, ମଦ ପିଇବା କିଛି ଖରାପ ନୁହେଁ, ସବୁ ସଭ୍ୟଦେଶରେ ସମସ୍ତ ପରିବାର ବସି ମଦ ପାନକରନ୍ତି । ସେହି ମୁଁ ଆଜି ପୁତ୍ରରୂପରେ ଦେଖାଦେଇଛି, ମୋର ଚରିତ୍ରର ସେଇ ଦିଗଟି ମୂର୍ତ୍ତି ପାଇଛି ।

ଦୁର୍ଯ୍ୟୋଧନ ବାବୁ ଗଁ ଗଁ କରି ଉଠିଲେ ପୁଣି ହାତ ଉପରକୁ ଉଠାଇ; କାହାକୁ ଧରିବାକୁ ଚେଷ୍ଟା କଲେ; କିନ୍ତୁ ପାରିଲେ ନାହିଁ । ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ । ନିଜ ହାତରେ ନିଜର ବେକ ଚିପି ଆତ୍ମହତ୍ୟା କରିବାକୁ ଚେଷ୍ଟାକଲେ; କିନ୍ତୁ ପାରିଲେ ନାହିଁ ।

ଏତେ ବଡ଼ ଘର, କିନ୍ତୁ ଶୁନ୍‌ଶାନ୍ ଗୃହଅଙ୍ଗ, କେହି କେଉଁଠି ନାହାନ୍ତି । ସମସ୍ତେ ଯେ ଯା'ର ପ୍ରବୃତ୍ତି ମାର୍ଗ ଧରି କିଏ କୁଆଡ଼େ ଯାଇଛନ୍ତି, ଫେରିବେ ଅନେକ ବିଳମ୍ବରେ । ସେତେବେଳେ ପର୍ଯ୍ୟନ୍ତ ସେ ଏକା, ନିହାତି ଏକା । ଅନ୍ତରେ ବାହାରେ ଏକା ।

ମନ ଚାହିଁଲା ହାହାକାର କରିଉଠିଲା । ଦିନ ଥିଲା ଯେବେ ସେ ଦେହର ନାନା ଇନ୍ଦ୍ରିୟଜାତ ନାନା ଇଚ୍ଛାକୁ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ଦେଇଥିଲେ ଏବଂ ଚରିତାର୍ଥ କରିଥିଲେ । ଦେହଦ୍ୱାରା କୌଣସିଗୁଡ଼ିକେ ପ୍ରଭାବିତ ନ ହୋଇ ବୃତ୍ତିଚଳନ ଯେ ଥାଇପାରେ ସେ କଥା ସ୍ୱୀକାର କରୁ ନ ଥିଲେ । ଆଜି ସେ ଭାବୁଛନ୍ତି ପ୍ରଥମଟି ବ୍ୟକ୍ତି ଓ ସମାଜପକ୍ଷରେ ଅମଙ୍ଗଳଜନକ, ଧ୍ୱଂସକାରକ ଏବଂ ଦ୍ୱିତୀୟଟି ଉଭୟଙ୍କ ପକ୍ଷରେ ମଙ୍ଗଳକାରକ; କିନ୍ତୁ ସେତେଗୁଡ଼ିକ କହୁଛି କ ତଡ଼ି ଚଳପରେ ଆଉ କ ଉପାୟ ଅଛି । ସେ କୌଣସିମତେ, ବହୁ ଯନ୍ତ୍ରଣା ପାଇଲେ ମଧ୍ୟ, ଦୁଇ ହାତ ଯୋଡ଼ି ନମସ୍କାର କଲେ ।

ନମସ୍କାର କରନ୍ତୁ କାହା, ସେଇ ଏକମାତ୍ର ସହାୟ, ଆଜୀବନ ସାର୍ଥକତା, ଆଜି ସବୁ ବ୍ୟର୍ଥ, କହୁ କହୁ ପ୍ରବେଶ କଲେ ଦୁର୍ଯ୍ୟୋଧନ ବାବୁଙ୍କ ଜ୍ୟେଷ୍ଠ ପୁତ୍ର । ପିନ୍ଧିଛନ୍ତି ଗେରୁଆ ଖଣ୍ଡେ ଲୁଗା ଓ ଚଦର । ଖୁବ୍ ମେଧାବୀ ଛାତ୍ର ଥିଲେ ସେ; କିନ୍ତୁ କଲେଜରେ ପଢ଼ୁ ପଢ଼ୁ ସେ ସନ୍ନ୍ୟାସୀ ହୋଇ ଚାଲିଯାଇଥିଲେ । ସେ ଆଜିକି ପାଞ୍ଚ ବର୍ଷ ଆଗର କଥା । ସେତେବେଳେ ଦୁର୍ଯ୍ୟୋଧନ ବାବୁ ଓ ସମସ୍ତେ ସିଦ୍ଧାନ୍ତ କରିଥିଲେ ସେ କୁଳର କଳଙ୍କ । ଦୁର୍ଯ୍ୟୋଧନ ବାବୁ ସେଇଦିନୁ ଲଜ୍ଜାରେ ଜ୍ୟେଷ୍ଠ ପୁତ୍ରର ନାମ ମଧ୍ୟ କାହାରି ଆଗେ ଉଲ୍ଲେଖ କରନ୍ତି ନାହିଁ, କେହି ଉଠାଇଲେ ଲଜ୍ଜିତ, ଅପମାନିତ ମନେ କରନ୍ତି ।

ଆଜି କିନ୍ତୁ ସେ ସ୍ୱପ୍ନକୁ ଦେଖି ମନ ମନରେ ଅଶେଷ ବଳ ଓ ସାନ୍ତ୍ୱନା ପାଇଲେ; କିନ୍ତୁ ଆଶ୍ଚର୍ଯ୍ୟ ହେବାର କଥା, ସେ ସ୍ୱପ୍ନ ଦେଖାର କେତେ କାଳ ହେଲା। ସେତେବେଳେ ଜୀବନ ବାହାରେ ସବୁ ଶକ୍ତି-ପ୍ରବୃତ୍ତି ହରାଇଲେ ଗୋଟିଏ କ୍ଷୀଣ ସୂକ୍ଷ୍ମ ଚିନ୍ତା ଲୁକ୍କାୟିତ ଥିଲା!! କାହିଁ, ମୁଁ ତ ସେତେବେଳେ ତା'ର ସନ୍ଧାନ ପାଇନି । ଏଇ କେଉଁଠି ସେତେବେଳେ ଅଛନ୍ତି! ଛିଃ! ମୁଁ କି ଭୁଲ କରିଛି!

ଦୁର୍ଯ୍ୟୋଧନ ବାବୁଙ୍କ ସୁପୁତ୍ର ବାପାଙ୍କ ଦେହ ଆଉଁଷି ଦେଉଦେଉ କହିଲେ, "ବାପା ! ଶକ୍ତି, ପ୍ରବୃତ୍ତି, ଜୀବନ, ମାନ, ସମ୍ମାନ ପାଇବା ସବୁରୁ ବ୍ୟକ୍ତିଗତ ଗୌରବ ଭାବନାରେ; ତାହା ଯାହାର ଏଣିକାର ଇଚ୍ଛା ବା କ୍ଷମତା ନାହିଁ, ସେ ସାଧାରଣ ଲୋକଙ୍କ ଠାରେ ଶିଖିବା ଉଚିତ । ତା ନ ହେଲେ ସେ ଯେତେ ବୁଦ୍ଧିମାନ୍ ହେଲେ ବା କାହିଁକି ନିଜ ଦୋଷ ଅନୁଭବ କରିବ ।"

ଦୁର୍ଯ୍ୟୋଧନ ବାବୁଙ୍କ ଇଚ୍ଛା ହେଲା ସେ ପୁଅ ପାଖରେ ଜୀବନର ସବୁ ଦୋଷ, ସବୁ ଦୁର୍ବଳତା ଖୋଲି କହିଦେବାକୁ, କହିବାର ଚେଷ୍ଟାରେ ଓଠ ତାଙ୍କର ଥରି ଉଠିଲା । ଆଖିରୁ ତାଙ୍କର ପାଣି ବାହାରି ପଡ଼ିଲା । ଅସ୍ଥିରଭାବରେ ସେ ମୁଣ୍ଡ ହଲାଇବାକୁ ଲାଗିଲେ ।

ବାପାଙ୍କୁ ଆଉଁଷି ଦେଉ ଦେଉ ସେ କହିଲେ, ବାପା ! ଆପଣ ଯାହା କହିବାକୁ ଚେଷ୍ଟା କରୁଛନ୍ତି ମୁଁ ଜାଣେ । ଭୁଲ କିଛି ନାହିଁ, ଅନନ୍ୟ ଦୈନ୍ୟର ଶିଖାରୁ ଜାତ ଇଚ୍ଛାକୁ ପ୍ରାଧାନ୍ୟ ଓ ସ୍ୱାଧୀନତା ଦେବା ହିଁ ଅମୃତ । ଯେଉଁ ଅଦ୍ଭୁତ ନିୟମରେ ବା ଯାହାର ଇଚ୍ଛାରେ କୋଟି କୋଟି ବ୍ରହ୍ମାଣ୍ଡ ପ୍ରତି ମୁହୂର୍ତ୍ତରେ ସୃଷ୍ଟି ହୋଇ ପ୍ରତି ମୁହୂର୍ତ୍ତରେ ବିଲୟ ହେଉଛି, ତାଙ୍କ ଠାରୁ ହିଁ ଶୁଦ୍ଧ ଚିନ୍ତା । ଆପଣ ସେ ଚିନ୍ତା କରି ନାହାନ୍ତି ବୋଲି ବ୍ୟସ୍ତ ହୁଅନ୍ତୁ ନାହିଁ, ଭଗବାନ ମଧ୍ୟ ସମ୍ପୂର୍ଣ୍ଣ ଅଛି । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବେଳ ଅଛି ।

ଦୁର୍ଯ୍ୟୋଧନ ବାବୁ ପୁଣି ଥରେ ବହୁ କଷ୍ଟରେ ଦୁଇହାତ ଯୋଡ଼ି ନମସ୍କାର କଲେ ।

—:○:—

ମୁଦ୍ରଣ—[illegible] ପ୍ରେସ୍, ତେଲେଙ୍ଗାବଜାର, କଟକ-୯